୪୬

# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ଡିସେମ୍ବର ୫/୨୦୧୯ (୨୦ ପୃଷ୍ଠା) Sambalpur, Thursday, December 5 / 2019 ★★

୧୫୩ ଭାଗ ୩୪୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




**ଶସ୍ତା ଲୋକପ୍ରିୟତାକୁ ଦିଶାଙ୍କ ନା**
'ଭାରତ'ର ସଫଳତା ପରେ ଦିଶା ପଟାନିଙ୍କୁ କ୍ୟାରିୟର ଚିନ୍ତା ଘାରିଛି । ଏଣୁତେଣୁ ସିନେମାରେ ଅଭିନୟ କରି ଶସ୍ତା ଲୋକପ୍ରିୟତା ନେବାକୁ ଆଉ ପସନ୍ଦ କରୁନାହାନ୍ତି ସେ । ୧୬

୧୯ **କୋହଲି ପୁଣି ନମ୍ବର ୱାନ**
ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି ବୁଧବାର ପ୍ରକାଶିତ ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ପୁଣି ନମ୍ବରୱାନ ସ୍ଥାନକୁ ଫେରିଛନ୍ତି।



## ଜେଲ୍‌ରୁ ମୁକୁଳିଲେ ପି. ଚିଦାମ୍ବରମ

ନୂଆଦିଲ୍ଲୀ,୪।୧୨(ପି.ଟି.): ଆଇଏନ୍‌ଏକ୍ସ ମିଡିଆ ମନିଲଣ୍ଡରିଂ ମାମଲାରେ ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମଙ୍କୁ ସୁପ୍ରିମକୋର୍ଟ ଜାମିନ ମଞ୍ଜୁର କରିବା ପରେ ବୁଧବାର ରାତିରେ ସେ ଜେଲ୍‌ରୁ ମୁକୁଳିଛନ୍ତି। ବରିଷ୍ଠ କଂଗ୍ରେସ ନେତାଙ୍କୁ ଜାମିନରେ ଛାଡ଼ିଲେ ସେ ସାକ୍ଷୀଙ୍କୁ ପ୍ରଭାବିତ କରିବା ସହ ପ୍ରମାଣ ନଷ୍ଟ କରିପାରନ୍ତି ବୋଲି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କରିଥିବା ଅଭିଯୋଗକୁ ଅଦାଲତ ଅଗ୍ରାହ୍ୟ କରିଦେଇଥିଲେ। ଚିଦାମ୍ବରମ କିମ୍ବା ତାଙ୍କ ତରଫରୁ କୌଣସି ବ୍ୟକ୍ତି ସାକ୍ଷୀଙ୍କୁ ଧମକ ଦେବା କିମ୍ବା ସାକ୍ଷ୍ୟ ଦେବାରୁ ବିରତ



କରିବା ଭଳି ପ୍ରମାଣ ନାହିଁ ତେଣୁ ଇଡିର ଯୁକ୍ତି ଗ୍ରହଣୀୟ ନୁହେଁ ବୋଲି ଖଣ୍ଡପୀଠ କହିଥିଲେ। ୧୦୬ ଦିନ ହାଜତରେ ରହିବା ପରେ ୭୪ ବର୍ଷୀୟ କଂଗ୍ରେସ ନେତା ତିହାର ଜେଲ୍‌ରୁ ମୁକ୍ତ ହୋଇଛନ୍ତି। ଜେଲ୍ ବାହାରେ ବହୁସଂଖ୍ୟାରେ ଦଳୀୟ କର୍ମୀ ଓ ସମର୍ଥକ ଉପସ୍ଥିତ ରହି ତାଙ୍କୁ ଫୁଲମାଳ ଦେଇ ସ୍ୱାଗତ କରିଥିଲେ। ମାମଲା ସମ୍ପର୍କରେ ସେ ଗଣମାଧ୍ୟମକୁ ସାକ୍ଷାତକାର ଦେଇପାରିବେ ନାହିଁ କିମ୍ବା ସର୍ବସାଧାରଣରେ ମନ୍ତବ୍ୟ ରଖିପାରିବେ ନାହିଁ ବୋଲି ଅଦାଲତ କହିଛନ୍ତି। ☞ପୃଷ୍ଠା-୪

### ଗୁଜରାଟ ସରକାରଙ୍କ ଘୋଷଣା
## ସହରରେ ହେଲ୍‌ମେଟ ପିନ୍ଧିବା ଇଚ୍ଛାଧୀନ

ଅହମଦାବାଦ,୪।୧୨: ନୂଆ ମୋଟରଯାନ ଆଇନ, ୨୦୧୯କୁ ସାରା ଦେଶରେ କଡ଼ାକଡ଼ି ଭାବେ ଲାଗୁ କରିବା ପାଇଁ ଉଦ୍ୟମ ଚାଲିଥିବାବେଳେ ଭାଜପା ଶାସିତ ଗୁଜରାଟରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ବାଇକ୍ ଆରୋହୀଙ୍କ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ହେଲ୍‌ମେଟକୁ ରାଜ୍ୟର ସହରଗୁଡ଼ିକରେ ଇଚ୍ଛାଧୀନ କରାଯାଇଛି। ଫଳରେ ଯାହାଙ୍କ ଇଚ୍ଛାହେବ ସେ ପିନ୍ଧିବେ। ଇଚ୍ଛା ନ ହେଲେ ପିନ୍ଧିବେ ନାହିଁ। ଆଇନ ଉଲ୍ଲଂଘନକାରୀଙ୍କୁ ଜରିମାନା କୋହଳ କରିବା ପରେ ଗୁଜରାଟ ସରକାର ସହରୀ ବାଇକ୍ ଆରୋହୀଙ୍କ ପାଇଁ ନିୟମ ଆହୁରି କୋହଳ କରିଛନ୍ତି। ପୌରପାଳିକା ଓ ମହାନଗର ନିଗମ ଅଞ୍ଚଳରେ ବାଇକ୍ ଚଳାଉଥିବା ବ୍ୟକ୍ତି ନିଜ ଇଚ୍ଛା ମୁତାବକ ହେଲ୍‌ମେଟ ପିନ୍ଧିବେ ବୋଲି ବୁଧବାର କ୍ୟାବିନେଟ ବୈଠକରେ ସରକାର ନିଷ୍ପତ୍ତି ନେଇଥିବା ପରିବହନ ମନ୍ତ୍ରୀ ଆର୍.ସି. ଫାଲଦୁ ସୂଚନା ଦେଇଛନ୍ତି। ସହରାଞ୍ଚଳରେ ଲୋକେ ବାଇକ୍‌ରେ ବେଶି ଦୂରକୁ ଯାଉ ନ ଥିବାରୁ ଏପରି ନିଷ୍ପତ୍ତି ହୋଇଥିବା ସେ କହିଛନ୍ତି। ତେବେ ସହର ବାହାରକୁ କିମ୍ବା ଜାତୀୟ ଅଥବା ରାଜ୍ୟ ରାଜପଥରେ ଯିବାବେଳେ ହେଲ୍‌ମେଟ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି।

**ଆଜିର ସମ୍ପାଦକୀୟ**
ଶୁଦ୍ଧ ଶାକାହାରବାଦ ନ୍ୟାୟ ସଂଗ୍ରାମର ଅଂଶ

**ଆଜିର ମନ୍ତବ୍ୟ**
"ମୁଁ ଏକ ରବର ଷ୍ଟାମ୍ପ୍ କି ପୋଷ୍ଟ ଅଫିସ ନୁହେଁ।
-ଜଗଦୀପ ଧନଖର, ପଶ୍ଚିମବଙ୍ଗ ରାଜ୍ୟପାଳ


Vencobb Fresh CHICKEN — Taste the difference!
04.12.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 77 | 128 | 138 |
| DKL | 78 | 129 | 139 |
| BDK | 74 | 124 | 134 |
| BLS | 74 | 124 | 134 |
| ANG | 78 | 129 | 139 |
| BHM | 74 | 124 | 134 |

*Conditions Apply
Issued in the Interest of Consumers





ପୁରୀ ଗଣବଳାତ୍କାର ଘଟଣାର ପୀଡ଼ିତାଙ୍କୁ ନ୍ୟାୟ ଓ ମହିଳାଙ୍କ ସୁରକ୍ଷା ପାଇଁ କଠୋର ଆଇନ ଦାବିରେ (ବାମରୁ) ନବନିର୍ମାଣ ଯୁବଛାତ୍ର ସଂଗଠନ ଏବଂ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ବୁଧବାର ନବୀନ ନିବାସ ଘେରାଉ ଉଦ୍ୟମ ହୋଇଛି। ବିକ୍ଷୋଭ ବେଳେ ଶିଶୁଭବନ ଛକ ଓ ନବୀନ ନିବାସ ନିକଟରେ ପୋଲିସ ସହ ଧସ୍ତାଧସ୍ତି।

# ବିରୋଧୀଙ୍କ ସଣ୍ଢୁଆଶି ଆକ୍ରମଣ

ଭୁବନେଶ୍ୱର, ୪।୧୨(ବ୍ୟୁରୋ)

**ପୁରୀ ଗଣବଳାତ୍କାର ପ୍ରସଙ୍ଗ**
- ଭାଜପାର ନବୀନ ନିବାସ ଘେରାଉ ଉଦ୍ୟମ
- ମନ୍ତ୍ରୀଙ୍କ ବାସଭବନକୁ କଂଗ୍ରେସର ଟମାଟୋ ମାଡ଼

ପୁରୀ ପୋଲିସ କ୍ୱାର୍ଟର୍ସ ନାବାଳିକା ଗଣବଳାତ୍କାର ପ୍ରସଙ୍ଗକୁ କେନ୍ଦ୍ରକରି ରାଜ୍ୟ ସରକାରଙ୍କ ଉପରେ ସଣ୍ଢୁଆଶି ଆକ୍ରମଣ ଜାରି ରଖିଛନ୍ତି ବିରୋଧୀ କଂଗ୍ରେସ ଏବଂ ଭାଜପା। ଏହାକୁ ନେଇ ବୁଧବାର ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ନବୀନ ନିବାସ ଘେରିବାକୁ ଉଦ୍ୟମ କରାଯାଇଥିବାବେଳେ କଂଗ୍ରେସ ପକ୍ଷରୁ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସରକାରୀ ବାସଭବନ ଉପରକୁ ଟମାଟୋ ମାଡ଼ କରାଯାଇଛି।

ପୁରୀ ପୀଡ଼ିତାକୁ ନ୍ୟାୟ ଦାବି ଏବଂ ମହିଳାଙ୍କ ସୁରକ୍ଷା ପାଇଁ କଠୋର ଆଇନ ଆଣିବା ଦାବିରେ ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟମନ୍ତ୍ରୀଙ୍କ ଉତ୍ତର ଦାବି କରିଥିଲେ। ଏହା ନ ହେଲେ ନବୀନ ନିବାସ ଘେରାଉ କରିବାକୁ ଧମକ ଦେଇଥିଲେ। ତଦନୁଯାୟୀ କର୍ମୀମାନେ ଦଳୀୟ କାର୍ଯ୍ୟାଳୟରୁ ବାହାରି ନବୀନ ନିବାସ ଅଭିମୁଖେ ବାହାରିଥିଲେ। ହେଲେ ଶିଶୁ ଭବନ ଛକରେ ପୋଲିସ ସେମାନଙ୍କୁ ଅଟକାଇଥିଲା। ମୋର୍ଚ୍ଚାର ଅନ୍ୟ କର୍ମୀମାନେ ଦୁଇଭାଗରେ ବିଭକ୍ତ ହୋଇ ପଲାସପଲ୍ଲୀ ଏବଂ ବିମାନବନ୍ଦର ରାସ୍ତାରୁ ଆସି ନବୀନ ନିବାସ ଘେରିବାକୁ ଉଦ୍ୟମ କରିଥିଲେ। ହେଲେ ପୋଲିସ ସେମାନଙ୍କୁ ମଧ୍ୟ ଅଟକାଇ ଦେଇଥିଲା। ଏହି ସମୟରେ ପୋଲିସ ଏବଂ ଭାଜପା କର୍ମୀଙ୍କ ମଧ୍ୟରେ ପ୍ରବଳ ଧସ୍ତାଧସ୍ତି ହୋଇଥିବା ଲକ୍ଷ୍ୟ କରାଯାଇଥିଲା। ଏ ନେଇ ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ କହିଛନ୍ତି, ରାଜ୍ୟରେ ମହିଳାଙ୍କ ସ୍ଥିତି ସଙ୍ଗିନ ହୋଇପଡ଼ିଛି। ଏହାସତ୍ତ୍ୱେ ସେମାନଙ୍କ ସୁରକ୍ଷା ଦିଗରେ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ☞ପୃଷ୍ଠା-୪

# ପୋଲିସ କାର୍‌ରେ ଛାତ୍ରୀଙ୍କୁ ଗଣବଳାତ୍କାର

## ସିଆର୍‌ପିଏଫ୍ ଯବାନଙ୍କ ସମେତ ୪ ଗିରଫ

**ଦେଶରେ ଲଜ୍ଜା ଥମୁନାହିଁ ପଲ୍ଲୀରୁ ଦିଲ୍ଲୀଯାଏ ଧାରାବାହିକ ଭାବେ ଘଟିଚାଲିଛି ମହିଳା ବିରୋଧୀ ଘୃଣ୍ୟ ଅପରାଧ। ହାଇଦ୍ରାବାଦରେ ମହିଳା ପ୍ରାଣୀ ଚିକିତ୍ସକଙ୍କୁ ଗଣବଳାତ୍କାର ଓ ହତ୍ୟା ପରେ ସାମ୍ନାକୁ ଆସିବାରେ ଲାଗିଛି ଗୋଟିକ ପରେ ଗୋଟିଏ ବର୍ବରକାଣ୍ଡ। ଏହି ସବୁ ଅମାନୁଷିକ କାର୍ଯ୍ୟ ଲାଗି ମହିଳାଙ୍କ ସୁରକ୍ଷାକୁ ନେଇ ଉଠିଛି ବିରାଟ ପ୍ରଶ୍ନବାଚୀ।**

ନୂଆଦିଲ୍ଲୀ, ୪।୧୨

ହାଇଦ୍ରାବାଦରେ ମହିଳା ଡାକ୍ତରଙ୍କୁ ଗଣବଳାତ୍କାର ଓ ହତ୍ୟା ପରେ ଏହାକୁ ନେଇ ଦେଶବ୍ୟାପୀ ଅଭିଯୁକ୍ତଙ୍କ ବିରୋଧରେ ଜନଆକ୍ରୋଶ ଦେଖିବାକୁ ମିଳିଥିବାବେଳେ ଏବେ ଉତ୍ତରପ୍ରଦେଶର ମିର୍ଜାପୁରରେ ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ କରାଯାଇ କାର୍ ଭିତରେ ଗଣବଳାତ୍କାର କରାଯାଇଥିବା ଘଟଣା ଲୋକଲୋଚନକୁ ଆସିଛି।

ଘଟଣାରୁ ଜଣାଯାଇଛି ଯେ, ଛାତ୍ରୀଙ୍କୁ ଗତ ସୋମବାର ଗଣବଳାତ୍କାର କରାଯାଇଥିବାବେଳେ ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ସିଆର୍‌ପିଏଫ୍ ଯବାନ ଥିବାବେଳେ ଆଉ ଜଣେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ବ୍ରିଜ୍‌ଲାଲ ମୌର୍ଯ୍ୟଙ୍କ ପୁଅ ଜୟପ୍ରକାଶ ବୋଲି ଜଣାପଡ଼ିଛି। ପୋଲିସ ଲୋଗୋ ଥିବା ବାପାଙ୍କ କାର୍‌ରେ ☞ପୃଷ୍ଠା-୪

### ପ୍ରଧାନମନ୍ତ୍ରୀ ନୀରବ କାହିଁକି: କଂଗ୍ରେସ

ନୂଆଦିଲ୍ଲୀ,୪।୧୨(ପି.ଟି.)

ହାଇଦ୍ରାବାଦର ମହିଳା ପ୍ରାଣୀ ଚିକିତ୍ସକଙ୍କୁ ଗଣବଳାତ୍କାର ଓ ହତ୍ୟାକରି ପୋଡ଼ିଦିଆଗଲା। ଏଭଳି ଅନେକ ବର୍ବର ଘଟଣା ଦେଶର ବିଭିନ୍ନ ସ୍ଥାନରେ ଘଟିଚାଲିଥିବାବେଳେ ମହିଳାଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ବଳାତ୍କାର ଘଟଣାଗୁଡ଼ିକୁ କେବଳ ଭାରତରେ ନୁହେଁ, ବରଂ ସାରା ବିଶ୍ୱରେ ନିନ୍ଦା କରାଯାଉଛି। ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ନେଇ କାହିଁକି ପଦୁଟିଏ କହୁନାହାନ୍ତି ବୋଲି କଂଗ୍ରେସ ପ୍ରଶ୍ନ କରିଛି। ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ବୁଧବାର କହିଛନ୍ତି, ଦେଶରେ ମହିଳାମାନଙ୍କୁ କିପରି ବଳାତ୍କାର ଓ ହତ୍ୟା କରାଯାଉଛି ତାହା ସମସ୍ତେ ଦେଖୁଛନ୍ତି ଓ ନିନ୍ଦା କରୁଛନ୍ତି। କିନ୍ତୁ ଆଶ୍ଚର୍ଯ୍ୟର କଥା ଯେ ଆମ ପ୍ରଧାନମନ୍ତ୍ରୀ ଏଭଳି ଘୃଣ୍ୟ କାର୍ଯ୍ୟ ବିରୋଧରେ ଥରୁଟିଏ ହେଲେ ବି କହିନାହାନ୍ତି। ମୋଦି ନିଜ ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ ସବୁ ପ୍ରସଙ୍ଗରେ କହୁଛନ୍ତି। ମାତ୍ର ଜଣେ ଶିଶୁକନ୍ୟା ବା ଝିଅଙ୍କୁ ବଳାତ୍କାର କରାଯିବାବେଳେ ସେ ନୀରବ ରହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଅଧୀର ସମାଲୋଚନା କରିଛନ୍ତି।

# ୧୦ ଯବାନଙ୍କ ଜୀବନ ଗଲା

ରାୟପୁର/ଶ୍ରୀନଗର, ୪।୧୨(ପି.ଟି./ଆଇଏଏନ୍‌ଏସ୍)

- ୫ ସହକର୍ମୀଙ୍କୁ ଗୁଳିକରି ଆତ୍ମହତ୍ୟା କଲେ କନ୍‌ଷ୍ଟେବଲ
- ହିମସ୍ଖଳନରେ ୪ ଯବାନ ଶହୀଦ

ଦୁଇଟି ପୃଥକ୍ ଘଟଣାରେ ବୁଧବାର ୧୦ ଭାରତୀୟ ଯବାନଙ୍କ ଜୀବନ ଯାଇଛି। ଛତିଶଗଡ଼ର ନାରାୟଣପୁର ଜିଲାସ୍ଥିତ ଏକ ଇଣ୍ଡୋ ତିବ୍ବତୀୟ ବର୍ଡର ପୋଲିସ (ଆଇଟିବିପି) ଶିବିରରେ ଜଣେ ଯବାନ ତାଙ୍କର ୫ ସହକର୍ମୀଙ୍କୁ ଗୁଳିକରି ଶେଷରେ ନିଜେ ଆତ୍ମହତ୍ୟା କରିଛନ୍ତି। ସେହିପରି କଶ୍ମୀରରେ ହିମସ୍ଖଳନ ଯୋଗୁ ୪ ଯବାନ ଶହୀଦ ହୋଇଛନ୍ତି।

ଛତିଶଗଡ଼ ରାଜଧାନୀ ରାୟପୁରରୁ ପ୍ରାୟ ୩୫୦ କି.ମି. ଦୂର ବସ୍ତର ଡିଭିଜନ ଅନ୍ତର୍ଗତ କଡ଼େନାରରେ ଆଇଟିବିପି ବି/୪୫ ବାଟାଲିୟନ୍‌ର ଏକ ଶିବିର ରହିଛି। ସେଠାରେ ବୁଧବାର ପୂର୍ବାହ୍ନ ୯ଟା ୩୦ରେ ମାସୁଦୁଲ ରହମାନ ଓ ଅନ୍ୟ କେତେଜଣ ଯବାନଙ୍କ ମଧ୍ୟରେ କୌଣସି କାରଣରୁ ବିବାଦ ହୋଇଥିଲା। ଏହାକୁ ନେଇ କଥା କଟାକଟି ଓ ଯୁକ୍ତିତର୍କ ବଢ଼ିବା ପରେ ମାସୁଦୁଲ ନିଜ ସର୍ଭିସ୍ ରାଇଫଲ୍‌ରେ ଅନ୍ୟ ୭ ଯବାନଙ୍କ ଉପରକୁ ଗୁଳି ଚଳାଇଥିଲେ। ଏଥିରେ ୫ ଯବାନ ପ୍ରାଣ ହରାଇଥିବାବେଳେ ୨ ଆହତ ହୋଇଛନ୍ତି। ଏହି କାଣ୍ଡ ଭିଆଇବା ପରେ ସେ ନିଜକୁ ଗୁଳିକରି ଆତ୍ମହତ୍ୟା କରିଛନ୍ତି। କନଷ୍ଟେବଲ ମାସୁଦୁଲ ପଶ୍ଚିମବଙ୍ଗସ୍ଥିତ ନଦୀୟା ଜିଲା ବାସିନ୍ଦା। ତାଙ୍କ ଗୁଳିରେ ପ୍ରାଣ ହରାଇଥିବା ଅନ୍ୟମାନେ ହେଲେ ହେଡ୍ କନ୍‌ଷ୍ଟେବଲ ମହେନ୍ଦ୍ର ସିଂ (ବିଳାସପୁର, ହିମାଚଳପ୍ରଦେଶ), ହେଡ୍ କନ୍‌ଷ୍ଟେବଲ ଦଲଜିତ୍ ସିଂ (ଲୁଧିଆନା, ପଞ୍ଜାବ), କନ୍‌ଷ୍ଟେବଲ ସୁରଜିତ୍ ସରକାର (ବର୍ଦ୍ଧମାନ, ପଶ୍ଚିମବଙ୍ଗ), ବିଶ୍ୱରୂପ ମାହାତୋ (ପୁରୁଲିଆ, ପଶ୍ଚିମବଙ୍ଗ) ଓ ବିଜୀଶ (କୋଝିକୋଡ୍, କେରଳ)। ସେହିପରି ଆହତ ଦୁଇ କନ୍‌ଷ୍ଟେବଲ ବି.ଏସ୍. ଉଲ୍ଲାସ (ଥିରୁଭାନନ୍ତପୁରମ୍) ଓ ସୀତାରାମ ଦୁନ୍ (ନାଗୌର, ରାଜସ୍ଥାନ)ଙ୍କୁ ଏକ ବିମାନରେ ରାୟପୁରସ୍ଥିତ ଏକ ହସ୍ପିଟାଲକୁ ଚିକିତ୍ସା ପାଇଁ ନିଆଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଛତିଶଗଡ଼ ପୋଲିସ ମହାନିର୍ଦ୍ଦେଶକ ଡି.ଏମ୍. ଅୱସ୍ଥି ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଉତ୍ତର କଶ୍ମୀରର କୁପୱାଡ଼ା ଜିଲା ଟଙ୍ଗଧାରରେ ମଙ୍ଗଳବାର ଅପରାହ୍ନରେ ହିମସ୍ଖଳନ ହୋଇଥିଲା। ଫଳରେ ବରଫ ତଳେ ୪ ଯବାନ ଚାପି ହୋଇଯାଇଥିଲେ। ନିୟନ୍ତ୍ରଣରେଖା (ଏଲ୍‌ଓସି) ସଂଲଗ୍ନ ଏହି ଅଞ୍ଚଳରେ ବରଫ ଅତଡ଼ା ତଳୁ ସେମାନଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ୟମ ଚାଲିଥିଲା। ଜଣଙ୍କୁ ଜୀବିତାବସ୍ଥାରେ ଉଦ୍ଧାର କରାଯାଇଥିବାବେଳେ ବୁଧବାର ୩ ଯବାନଙ୍କ ମୃତଦେହ ମିଳିଛି। ସେହିପରି ବଣ୍ଡିପୋରା ଜିଲା ଗୁରେଜ୍ ସେକ୍ଟର ଅଧୀନ ଦୱାର ଅଞ୍ଚଳରେ ମଧ୍ୟ ହିମସ୍ଖଳନ ହୋଇଛି। ସେନା ପକ୍ଷରୁ ପାଟ୍ରୋଲିଂ କରାଯାଉଥିବାବେଳେ ହିମସ୍ଖଳନରେ ୨ ଯବାନ ଚାପିହୋଇଯାଇଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ତଲାସି ଅଭିଯାନବେଳେ ଜଣେ ଯବାନଙ୍କ ମୃତଦେହ ମିଳିଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

### ■ ଜଳବାୟୁ ପରିବର୍ତ୍ତନର ପ୍ରଭାବ
# ରାଜ୍ୟରେ ଶୀତ ଦୁର୍ବଳ

ଭୁବନେଶ୍ୱର, ୪।୧୨ (ବ୍ୟୁରୋ)



ଦାରିଙ୍ଗବାଡ଼ିରେ ବୁଧବାର ସକାଳର ଦୃଶ୍ୟ।

- ୭ରେ ଉପକୂଳରେ ହାଲୁକା ବର୍ଷା
- ୧୧ରୁ ସାମାନ୍ୟ ବଢ଼ିବ ଶୀତ

କାର୍ତ୍ତିକ ଯାଇ ମାର୍ଗଶିର ମାସ ଶେଷ ହେବାକୁ ବସିଲାଣି। ଶୀତର ଦେଖା ନାହିଁ। କେବଳ ସହର ନୁହେଁ, ଗାଁ ଗଣ୍ଡାରେ ମଧ୍ୟ ଶୀତ ଏକ ପ୍ରକାର ହଜିଗଲାଣି। ଆଉ ହାଡ଼ଭଙ୍ଗା ଶୀତ ନାହିଁ। ସହରରେ ଏସି ଓ ଫ୍ୟାନ ନ ହେଲେ ଚଳୁ ନାହିଁ। ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ସର୍ବନିମ୍ନ ତାପମାତ୍ରା ୪ରୁ ୫ ଡିଗ୍ରୀ ଉପରେ ରହୁଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ଶୀତର ପ୍ରକୋପ ବେଳକୁ ବେଳ ଦୁର୍ବଳ ହୋଇଯାଉଥିବା ପାଣିପାଗ ବିଶେଷଜ୍ଞ ମତ ଦେଉଛନ୍ତି। ଚଳିତବର୍ଷ ଅଧିକ ବାତ୍ୟା ଯୋଗୁ ଜଳବାୟୁରେ ଅଚାନକ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ଆରବ ସାଗରରେ ଲଗାତର ୩ଟି ବାତ୍ୟା ସୃଷ୍ଟି ହେବା ପରେ ପୁଣି ଏକ ବାତ୍ୟା ଲାକ୍ଷାଦ୍ୱୀପ ନିକଟରେ ଦାନା ବାନ୍ଧୁଛି। ଏହା ଡିପ୍ରେଶନରେ ପରିଣତ ହୋଇ ସାରିଲାଣି। ଅନ୍ୟ ପକ୍ଷରେ ବଙ୍ଗୋପସାଗରରେ ମଧ୍ୟ ୨ଟି ବାତ୍ୟା ହୋଇ ସାରିଲାଣି। ବାତ୍ୟା ଯୋଗୁ ଦେଶ ଭିତରକୁ ଜଳୀୟକଣା ବହୁମାତ୍ରାରେ ପ୍ରବେଶ କରୁଛି। ଏଥିଯୋଗୁ ତାପମାତ୍ରା ତଳକୁ ଖସିପାରୁ ନାହିଁ। ଗତ କିଛିବର୍ଷ ହେବ ଏଭଳି ପରିସ୍ଥିତି ଦେଖିବାକୁ ମିଳୁଛି। ଏଥିସହିତ କଳକାରଖାନା, ଯାନବାହନ ସଂଖ୍ୟା ବୃଦ୍ଧି, ସବୁଜ ବଳୟ ଧ୍ୱଂସ, ଅତିମାତ୍ରାରେ ଶୀତତାପ ନିୟନ୍ତ୍ରିତ ମେଶିନର ବ୍ୟବହାର, ବାୟୁମଣ୍ଡଳ ପ୍ରଦୂଷଣ ତାପମାତ୍ରା ବୃଦ୍ଧିର ଅନ୍ୟ ପ୍ରମୁଖ କାରଣ ବୋଲି କୁହାଯାଉଛି।

ମିଳିଥିବା ସୂଚନା ଅନୁଯାୟୀ ଡିସେମ୍ବର ୪ ତାରିଖକୁ ଦେଖିଲେ ଦାରିଙ୍ଗିବାଡ଼ିର ସର୍ବନିମ୍ନ ତାପମାତ୍ରା ୨୦୧୮ରେ ୮ ଡିଗ୍ରୀ ସେଲସିୟସ ଥିବାବେଳେ ୨୦୧୯ରେ ୯.୫ ଡିଗ୍ରୀ ସେଲସିୟସ ରହିଛି। ମାତ୍ର ଭୁବନେଶ୍ୱରରେ ସର୍ବନିମ୍ନ ତାପମାତ୍ରା ଭୟଙ୍କର ଭାବେ ବୃଦ୍ଧି ଘଟୁଛି। ୨୦୧୮ ଡିସେମ୍ବର ୪ରେ ଭୁବନେଶ୍ୱରର ସର୍ବନିମ୍ନ ତାପମାତ୍ରା ୧୫.୧ ଡିଗ୍ରୀ ସେଲସିୟସ ରହିଥିବାବେଳେ ବୁଧବାର ୧୮ ଡିଗ୍ରୀ ଉପରେ ରହିଛି। ଏହି ସମୟରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ହାରାହାରି ୧୪ ଡିଗ୍ରୀ ସେଲସିୟସ ରହିବା ସ୍ଥଳେ ଚଳିତ ବର୍ଷ ୧୮ରୁ ୧୯ ଡିଗ୍ରୀ ସେଲସିୟସ ରହିଛି। କହିବାକୁ ଗଲେ ଗତ କିଛିବର୍ଷ ହେବ ରାଜ୍ୟର ବିଭିନ୍ନ ଅଞ୍ଚଳରେ ସର୍ବନିମ୍ନ ତାପମାତ୍ରା ନଭେମ୍ବରରୁ ଡିସେମ୍ବର ମଧ୍ୟରେ ୩ରୁ ୪ ଡିଗ୍ରୀ ସେଲସିୟସ ପାର୍ଥକ୍ୟ ରହୁଛି। ଗତବର୍ଷ ଏହି ସମୟ ମଧ୍ୟରେ ରାଜ୍ୟକୁ ଶୀତ ପ୍ରବାହ ଆରମ୍ଭ ହୋଇଯାଇଥିବାବେଳେ ଚଳିତବର୍ଷ ଏ ପର୍ଯ୍ୟନ୍ତ ଉତ୍ତର ଦିଗରୁ ଥଣ୍ଡା ବାୟୁ ପ୍ରବାହ ଆରମ୍ଭ ହୋଇନାହିଁ। ଏଥିସହିତ ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ସାମୁଦ୍ରିକ ଝଡ଼ ମଧ୍ୟ ଜଳବାୟୁ ଉପରେ ପ୍ରଭାବ ପକାଉଛି। ଗତ ୪୦ ବର୍ଷର ରେକର୍ଡ ଭାଙ୍ଗି ୨୦୧୯ ମେ ୩ରେ ରାଜ୍ୟ ପ୍ରଚଣ୍ଡ ତାତିରେ ଆଉଟପାଉଟ ହେଉଥିବାବେଳେ ବାତ୍ୟା ଫନୀ ଉପକୂଳ ଓଡ଼ିଶାରେ ତାଣ୍ଡବ ରଚିବା ପାଣିପାଗ ପରିବର୍ତ୍ତନର ଆଉ ଏକ ଲକ୍ଷଣ ବୋଲି ଜଳବାୟୁ ବିଶେଷଜ୍ଞ ମତ ଦେଉଛନ୍ତି। ଏଥିସହିତ ଗତ ନଭେମ୍ବର ୭ରେ ରାଜ୍ୟକୁ ଆଉ ଏକ ବାତ୍ୟା ବୁଲ୍‌ବୁଲର ସାମ୍ନା କରିବାକୁ ପଡ଼ିଛି। ଏଥିଯୋଗୁ ଚଳିତ ବର୍ଷ ରାଜ୍ୟରେ ଶୀତର ପ୍ରକୋପ ବୃଦ୍ଧି ହେବାର କୌଣସି ସୂଚନା ମିଳୁ ନାହିଁ। ତେବେ ଆସନ୍ତା ୭ ତାରିଖ ବେଳକୁ ଉପକୂଳ ଓଡ଼ିଶାର କେତେକ ସ୍ଥାନରେ ହାଲୁକା ବର୍ଷା କିମ୍ବା ପାଗ ମେଘୁଆ ରହିବ ବୋଲି ଅନୁମାନ କରାଯାଇଛି। ୧୧ ଓ ୧୨ ତାରିଖ ବେଳକୁ ପାଗରେ ପରିବର୍ତ୍ତନ ହେବ। ଶୀତ ସାମାନ୍ୟ ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବାଲେଶ୍ୱରରେ ସର୍ବନିମ୍ନ ତାପମାତ୍ରା ୧୬.୧ ଡିଗ୍ରୀ ସେଲସିୟସ ଥିବାବେଳେ ଚାନ୍ଦବାଲି ୧୮, ଗୋପାଳପୁର ୧୮.୬, ବାରିପଦା ୧୭.୫, ଝାରସୁଗୁଡ଼ା ୧୪.୬, କେନ୍ଦୁଝର ୧୫.୩, ସମ୍ବଲପୁର ୧୬.୩ ଏବଂ ଫୁଲବାଣୀରେ ୧୦ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।






“ଭାରତରେ ପାଖାପାଖି ୧୦୦ କୋଟି ହିନ୍ଦୁ ରହୁଛନ୍ତି। ତେଣୁ ଏହା ସ୍ପଷ୍ଟ ଯେ, ଭାରତ ଏକ ହିନ୍ଦୁ ରାଷ୍ଟ୍ର।

-ରବି କିଷାନ,
ଭାଜପା ଏମ୍‌ପି

## ସଂକ୍ଷେପରେ

### ଆଜି କର୍ଣ୍ଣାଟକ ଉପନିର୍ବାଚନ

**ବେଙ୍ଗାଲୁରୁ,୪।୧୨(ପି.ଟି.):** କର୍ଣ୍ଣାଟକ ବିଧାନସଭାର ୧୫ ଆସନ ଲାଗି ଗୁରୁବାର ଉପନିର୍ବାଚନ ଅନୁଷ୍ଠିତ ହେବ। ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ଭୋଟକେନ୍ଦ୍ରଗୁଡିକରେ ପୋଲିଂ ପାର୍ଟି ଇଭିଏମ୍, ଭିଭିପିଏଟି ଧରି ପହଞ୍ଚିଛନ୍ତି। ୪୧୮୫ ଆସନରେ ଭୋଟଗ୍ରହଣ ହେବାକୁ ଥିବାବେଳେ ସେଥିରୁ ୮୮୪ଟି ସମ୍ବେଦନଶୀଳ ଚିହ୍ନଟ କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୪୫ କମ୍ପାନୀ ଅର୍ଦ୍ଧସାମରିକ ବାହିନୀ ସାଙ୍ଗକୁ ୯୦୦ ହୋମଗାର୍ଡ, ୩୮ ବାଟାଲିୟନ ରାଜ୍ୟ ରିଜର୍ଭ ପୋଲିସ, ୧୦ ବାଟାଲିୟନ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳଙ୍କୁ ନିୟୋଜିତ କରାଯାଇଛି।

### କାର୍‌ରେ ଡାକ୍ତର, ମହିଳା କର୍ମଚାରୀଙ୍କ ମୃତଦେହ

**ନୂଆଦିଲ୍ଲୀ,୪।୧୨(ପି.ଟି.):** ଦିଲ୍ଲୀର ରୋହିଣୀ ସେକ୍ଟର-୧୩ ଅଞ୍ଚଳରେ ବୁଧବାର ସକାଳେ ଏକ କାରରୁ ଜଣେ ଡାକ୍ତର ଓ ଜଣେ ମହିଳା କର୍ମଚାରୀଙ୍କ ମୃତଦେହ ମିଳିଛି। ୬୨ ବର୍ଷୀୟ ଡାକ୍ତର ଜଣକ ନିଜ ବନ୍ଧୁକରୁ ଗୁଳିକରି ମହିଳାଙ୍କୁ ହତ୍ୟା କରିବା ପରେ ନିଜକୁ ଗୁଳି କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଖବର ପାଇ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚିବାବେଳେ କାର୍ ଭିତର ପଟୁ ବନ୍ଦ ଥିଲା। ଉଭୟ ୧୫ ବର୍ଷ ହେଲା ଏକାଠି କାର୍ଯ୍ୟ କରୁଥିଲେ। ସେମାନଙ୍କ ମଧ୍ୟରେ ପରକୀୟା ପ୍ରୀତି ଥିବା ପୋଲିସ ସନ୍ଦେହ କରୁଛି।

ହାଇଦ୍ରାବାଦ ବଳାତ୍କାର, ହତ୍ୟା ମାମଲା

### ଫାଷ୍ଟ-ଟ୍ରାକ୍ କୋର୍ଟରେ ହେବ ଶୁଣାଣି

**ହାଇଦ୍ରାବାଦ,୪।୧୨:** ତେଲଙ୍ଗାନାର ୨୬ ବର୍ଷୀୟା ମହିଳା ପଶୁ ଚିକିତ୍ସକ ଗଣବଳାତ୍କାର ଓ ହତ୍ୟା ମାମଲାର ଶୁଣାଣି ଫାଷ୍ଟ-ଟ୍ରାକ୍ କୋର୍ଟରେ ହେବ। ରାଜ୍ୟ ଆଇନ ବିଭାଗ ଏହାକୁ ଅନୁମୋଦନ କରିଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ମାମଲାର ବିଚାର ପାଇଁ ଫାଷ୍ଟ-ଟ୍ରାକ୍ କୋର୍ଟ ପ୍ରତିଷ୍ଠା ହେବ ବୋଲି ଗତ ରବିବାର ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ କହିଥିଲେ। ତୁରନ୍ତ ବିଚାର ଆରମ୍ଭ କରି ବଳାତ୍କାରୀଙ୍କୁ ମୃତ୍ୟୁଦଣ୍ଡ ଦିଆଯିବା ଦାବିରେ ଦିଲ୍ଲୀ ମହିଳା କମିଶନ ଅଧ୍ୟକ୍ଷା ସ୍ୱାତି ମାଲିୱାଲ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନରେ ବସିଛନ୍ତି। ଏଭଳି ଘୃଣ୍ୟ ଅପରାଧ ପାଇଁ ବଳାତ୍କାରୀଙ୍କୁ ଫାଶୀ ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

## ବିବାହ ନାମରେ ମାନବ ଚାଲାଣ

# ୬୨୯ ପାକିସ୍ତାନୀ ଝିଅଙ୍କୁ ଚାଇନାରେ ବିକ୍ରି

**ଲାହୋର,୪।୧୨(ଏ.ପି.)**

ବିବାହ ନାମରେ ଚାଲିଛି ସାଂଘାତିକ ମାନବ ଚାଲାଣ। ଚାଇନାରେ ବାହାହେବା ପାଇଁ ପୁଅଙ୍କୁ ଝିଅ ମିଳୁ ନ ଥିବାବେଳେ ପାକିସ୍ତାନରୁ ପ୍ରତାରଣା କରି ଅଣାଯାଉଛି ଯୁବତୀମାନଙ୍କୁ। ବର୍ଷକ ମଧ୍ୟରେ ୬୨୯ ପାକିସ୍ତାନୀ ଯୁବତୀ ଓ ମହିଳାଙ୍କୁ ବିବାହ ପାଇଁ ଚାଇନାର ପୁରୁଷମାନେ କିଣିନେଇଛନ୍ତି। ଏକ ଅନ୍ତର୍ଜାତୀୟ ଗଣମାଧ୍ୟମ ସଂସ୍ଥା ପକ୍ଷରୁ ଏହି ରିପୋର୍ଟ ପ୍ରକାଶ ପାଇବା ପରେ ଦୁଇ ବନ୍ଧୁରାଷ୍ଟ୍ର ମଧ୍ୟରେ ଚାଲିଥିବା ମାନବ ଚାଲାଣକୁ ନେଇ ଜୋର୍ ଧରିଛି ଚର୍ଚ୍ଚା।

ମିଳିଥିବା ସୂଚନାନୁସାରେ ୨୦୧୮ରୁ ଅଦ୍ୟାବଧି ୬୨୯ ପାକିସ୍ତାନୀ ଯୁବତୀଙ୍କୁ ବିକ୍ରି କରିଦିଆଯାଇଛି। ମାନବ ଚାଲାଣ ନେଇ ଯାଞ୍ଚ କରୁଥିବା ଖୋଦ୍ ପାକିସ୍ତାନୀ ତଦନ୍ତକାରୀ ଅଧିକାରୀମାନେ ଏହି ବିଷୟ ସ୍ପଷ୍ଟ କରିବା ସହ ବିକ୍ରି ହୋଇଥିବା ମହିଳାଙ୍କ ବିଧିବଦ୍ଧ ତାଲିକା ପ୍ରକାଶ କରିଛନ୍ତି। ବେଜିଂ ସହ ପାକିସ୍ତାନର ମଧୁର ସମ୍ପର୍କ ଖରାପ ହେବା ଭୟରେ ତଦନ୍ତକାରୀମାନେ ଏହାକୁ ରୋକିପାରି ନ ଥିବା କହିଛନ୍ତି। ଏଥିପାଇଁ ସେମାନଙ୍କ ଉପରେ ସରକାରୀ ଚାପ ମଧ୍ୟ ପକାଯାଉଛି। ଚାଲାଣକାରୀଙ୍କ ବିରୋଧରେ ସବୁଠୁ ବଡ଼ ମାମଲା ରଦ୍ଦ ହୋଇଯାଇଥିଲା ଅକ୍ଟୋବରରେ। ଫୈସଲାବାଦର ଏକ କୋର୍ଟ ୩୧ ଜଣ ଚାଇନା ନାଗରିକଙ୍କୁ ମାନବ ଚାଲାଣ ମାମଲାରେ ନିର୍ଦ୍ଦୋଷ ଦର୍ଶାଇ ମୁକ୍ତ କରିଥିଲା। ପୋଲିସର ପଚରାଉଚରା ବେଳେ ଅନେକ ମହିଳା ଚାଲାଣ ହୋଇଯାଉଥିବା ବିଷୟ ଅସ୍ୱୀକାର କରିଥିଲେ। କାରଣ ମୁହଁ ନ ଖୋଲିବା ପାଇଁ ସେମାନଙ୍କୁ ଧମକ ସହ ଲାଞ୍ଚ ଦିଆଯାଇଥିଲା। ସେହିପରି ଉକ୍ତ ମାମଲାରେ ଅଧିକ ତଦନ୍ତ ନ କରିବା ପାଇଁ ପାକିସ୍ତାନ ସରକାରଙ୍କ ପକ୍ଷରୁ ଅଧିକାରୀଙ୍କ ଉପରେ ପ୍ରବଳ ଚାପ ପଡ଼ିଥିଲା। ତଦନ୍ତ କରୁଥିବା ଫେଡେରାଲ ଇନ୍‌ଭେଷ୍ଟିଗେଟିଂ ଏଜେନ୍ସି (ଏଫ୍‌ଆଇଏ)ର କେତେଜଣ ଅଧିକାରୀଙ୍କୁ ବଦଳି ମଧ୍ୟ କରାଯାଇଥିଲା। ଚାଇନା ଓ ପାକିସ୍ତାନୀ ଦଲାଲମାନେ ପୁଅଘରୁ ୪୦ ଲକ୍ଷରୁ ୧ କୋଟି ଟଙ୍କା ନେଉଥିବାବେଳେ ଝିଅ ଘରକୁ ମାତ୍ର ୨ ଲକ୍ଷ ଟଙ୍କା ଦେଉଥାନ୍ତି ବୋଲି ନାମ ଗୋପନ ସର୍ତ୍ତରେ ଜଣେ ଅଧିକାରୀ ପ୍ରଘଟ କରିଛନ୍ତି। ଅନ୍ୟପକ୍ଷରେ ଇସ୍‌ଲାମାବାଦ ଓ ବେଜିଂ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଦୁଇଦେଶର ନାଗରିକଙ୍କୁ ନେଇ ଖୁସି ପରିବାର ଗଢ଼ିବା ପାଇଁ ଏପରି କରାଯାଉଥିବା ପାକିସ୍ତାନ ଓ ଚାଇନା ସରକାରଙ୍କ ପକ୍ଷରୁ କୁହାଯାଇଛି।



ଫାଇଲ ଫଟୋ: ପାକିସ୍ତାନର ଜଣେ ମହିଳାଙ୍କୁ ଘର ଲୋକେ ଚାଇନାର ଜଣେ ବୟସ୍କ ବ୍ୟକ୍ତିଙ୍କ ସହ ବିବାହ କରାଇଥିଲେ। ସମ୍ପୃକ୍ତ ଚାଇନା ନାଗରିକ ତାଙ୍କୁ ଇସ୍‌ଲାମାବାଦର ଏକ ଘରେ ରଖି ଅନ୍ୟ କେତେଜଣଙ୍କ ସହ ମିଶି ଗଣବଳାତ୍କାର କରିଥିଲେ। ୨୦୧୯ ମେ ୨୨ରେ ଗୁଜରାନୱାଲାରେ ମହିଳା ତାଙ୍କ ଚାଇନା ସ୍ୱାମୀଙ୍କ ଫଟୋ ମୋବାଇଲରେ ଦେଖାଉଛନ୍ତି।

■ ସୁଦାନ ଫ୍ୟାକ୍ଟ୍ରିରେ ନିଆଁ: ୨୩ ଦଗ୍ଧ, ୧୩୦ ଆହତ

# ମୃତକଙ୍କ ମଧ୍ୟରେ ୧୮ ଭାରତୀୟ



**ଖାର୍ଟୁମ୍,୪।୧୨ (ପି.ଟି./ଆଇଏଏନ୍‌ଏସ୍)**

ସୁଦାନର ଏକ ସେରାମିକ୍ ଫ୍ୟାକ୍ଟ୍ରିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୧୮ ଭାରତୀୟଙ୍କ ସମେତ ୨୩ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଥିବାବେଳେ ଅନ୍ୟ ୧୩୦ ଶ୍ରମିକ ଆହତ ହୋଇଛନ୍ତି। କାରଖାନାରେ ଥିବା ଏକ ଏଲ୍‌ପିଜି ଟ୍ୟାଙ୍କର ବିସ୍ଫୋରଣ ହେବାରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଖାର୍ଟୁମସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ସୂଚନା ଦିଆଯାଇଛି। ସୁଦାନ ରାଜଧାନୀ ଖାର୍ଟୁମର ବହରି ଅଞ୍ଚଳରେ ରହିଛି ସୀଲା ସେରାମିକ୍ ଫ୍ୟାକ୍ଟ୍ରି। ସେଠାରେ ମଙ୍ଗଳବାର ରାତିରେ ଏଲ୍‌ପିଜି ଟ୍ୟାଙ୍କର ବିସ୍ଫୋରଣ ଘଟିବା ପରେ ଚତୁର୍ଦ୍ଦିଗକୁ ନିଆଁ ବ୍ୟାପିଥିଲା। ଏହି ଘଟଣା ପରେ ସେଠାରେ କାର୍ଯ୍ୟରତ ୧୬ ଭାରତୀୟ ନିଖୋଜ ହୋଇଯାଇଥିବା ଜଣାପଡ଼ିଥିଲା। କିନ୍ତୁ ପରେ ଏହି ସଂଖ୍ୟା ୧୮ ବୋଲି ଭାରତୀୟ ଦୂତାବାସ କହିଛି। ତେବେ କେତେଜଣ ନିଖୋଜ ହୋଇଛନ୍ତି ଅଥବା ପ୍ରାଣ ହରାଇଛନ୍ତି ସେନେଇ ସ୍ପଷ୍ଟ ସୂଚନା ମିଳିନାହିଁ। ଆହତ ୩୪ ଭାରତୀୟଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ୭ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତକଙ୍କ ସଂଖ୍ୟା ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି। ଅଗ୍ନିକାଣ୍ଡରେ ମୋଟ ୧୨ ଜଣ ପ୍ରାଣ ହରାଇଥିବା ସୁଦାନ ସରକାରଙ୍କ ପକ୍ଷରୁ କୁହାଯାଇଛି।

# ନିର୍ବାଚନ ଜିତିବାକୁ କ୍ଷମତାର ଅପବ୍ୟବହାର କରିଛନ୍ତି ଟ୍ରମ୍ପ୍

**ୱାଶିଂଟନ,୪।୧୨(ପି.ଟି.):** ୨୦୨୦ ନିର୍ବାଚନ ଜିତିବା ଲାଗି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବିଦେଶୀ ସରକାରଙ୍କ ହସ୍ତକ୍ଷେପ ଲୋଡି ତାଙ୍କ କ୍ଷମତାର ଅପବ୍ୟବହାର କରିବା ସହ ଜାତୀୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଥିବା ଗୃହ କମିଟି ରିପୋର୍ଟରେ କୁହାଯାଇଛି। ଟ୍ରମ୍ପ୍‌ଙ୍କ ବିରୋଧରେ ମହାଭିଯୋଗ ଆଣିବା ପାଇଁ ଯଥେଷ୍ଟ ପ୍ରମାଣ ଥିବା ବିରୋଧୀ ଡେମୋକ୍ରାଟ ସଦସ୍ୟମାନେ ଅଭିଯୋଗ କରିଥିଲେ। ମହାଭିଯୋଗର ତଦନ୍ତ କରୁଥିବା ହାଉସ୍ ଇଣ୍ଟେଲିଜେନ୍ସ କମିଟି ରିପୋର୍ଟ ଅନୁଯାୟୀ ଟ୍ରମ୍ପ୍ ଆମେରିକାର ଜାତୀୟ ସ୍ୱାର୍ଥଠାରୁ ନିଜର ବ୍ୟକ୍ତିଗତ ରାଜନୈତିକ ସ୍ୱାର୍ଥକୁ ଅଗ୍ରାଧିକାର ଦେଇଛନ୍ତି। ୨୦୨୦ରେ ପୁନର୍ବାର ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପାଇଁ ସେ ୟୁକ୍ରେନ୍‌ର ସହଯୋଗ ଲୋଡ଼ିଛନ୍ତି। ମଙ୍ଗଳବାର ରିପୋର୍ଟ ପ୍ରକାଶ ପାଇବା ପରେ ଟ୍ରମ୍ପ ନିଜ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ତଥା ପୂର୍ବତନ ଉପରାଷ୍ଟ୍ରପତି ଜୋ ବିଡେନ୍‌ଙ୍କ ବିରୋଧରେ ତଦନ୍ତ ଚଳାଇବା ପାଇଁ ୟୁକ୍ରେନ ଉପରେ ଚାପ ପକାଇଥିବା ସ୍ପଷ୍ଟ ପ୍ରମାଣିତ ହୋଇଛି ବୋଲି ଗୋଇନ୍ଦା କମିଟି ଅଧ୍ୟକ୍ଷ ଆଡାମ ସ୍କିଫ୍, ଓଭରସାଇଟ୍ କମିଟି ଅଧ୍ୟକ୍ଷା କାରୋଲିନ୍ ବି ମାଲୋନି ଏବଂ ବହିର୍ବ୍ୟାପାର କମିଟି ଅଧ୍ୟକ୍ଷ ଏଲିଅଟ ଏଙ୍ଗେଲ୍ ମିଳିତ ବିବୃତିରେ କହିଛନ୍ତି। ତେବେ ହ୍ୱାଇଟ ହାଉସ୍ ଉକ୍ତ ରିପୋର୍ଟକୁ ଅଗ୍ରାହ୍ୟ କରିଦେଇଛି। ତାଙ୍କୁ ବରଖାସ୍ତ କରିବା ପାଇଁ ଡେମୋକ୍ରାଟ ସଦସ୍ୟମାନେ ଯୋଜନା ଚଳାଇଥିବା ଟ୍ରମ୍ପ୍‌ଙ୍କ କାର୍ଯ୍ୟାଳୟ ସମାଲୋଚନା କରିଛି।



### ଆମେରିକା ଗୃହ କମିଟି ରିପୋର୍ଟ

## ରାଷ୍ଟ୍ରପତି ପ୍ରାର୍ଥୀ ଦୌଡ଼ରୁ ଓହରିଲେ କମଳା ହାରିସ୍

**ୱାଶିଂଟନ,୪।୧୨:** ଭାରତୀୟ ବଂଶୋଦ୍ଭବ ଆମେରିକା ସିନେଟର କମଳା ହାରିସ୍ ଡେମୋକ୍ରାଟ ଦଳର ରାଷ୍ଟ୍ରପତି ପ୍ରାର୍ଥୀ ଦୌଡ଼ରୁ ଓହରିଯାଇଛନ୍ତି। ସେ ଜୋର୍‌ଦର ପ୍ରଚାର ଆରମ୍ଭ କରିଥିଲେ ହେଁ ପାଣ୍ଠି ଅଭାବରୁ ଓହରିଯିବାକୁ ନିଷ୍ପତ୍ତି ନେଇଛନ୍ତି। ଗଭୀର ଦୁଃଖ ଓ କୃତଜ୍ଞତା ସହ ନିର୍ବାଚନ ପ୍ରଚାରକୁ ବନ୍ଦ ରଖୁଛି ବୋଲି ମଙ୍ଗଳବାର ସେ ଟୁଇଟ୍ କରିଥିଲେ। ସତ କଥା ହେଲା ପ୍ରଚାର ଚଳାଇ ରଖିବା ଲାଗି ଆବଶ୍ୟକ ଆର୍ଥିକ ସମ୍ବଳ ତାଙ୍କ ପାଖରେ ନାହିଁ। ଗତ କିଛିଦିନର ଉଦ୍ୟମ ସତ୍ତ୍ୱେ ପାଣ୍ଠି ଯୋଗାଡ଼ ସମ୍ଭବ ନ ହେବାରୁ ଜୀବନର ସବୁଠୁ କଠିନ ନିଷ୍ପତ୍ତି ନେବାକୁ ପଡିଲା ବୋଲି ହାରିସ କହିଛନ୍ତି। କାଲିଫର୍ନିଆ ସିନେଟର ହାରିସଙ୍କ ମାଆ ଶ୍ୟାମଳା ଗୋପାଳନ ଭାରତୀୟ ହୋଇଥିବାବେଳେ ବାପା ଡୋନାଲ୍ଡ ହାରିସ ଆଫ୍ରିକୀୟ ଜାମାଇକାନ୍।



# ନାସା ଦାବିକୁ ଇସ୍ରୋର ଖଣ୍ଡନ

**ନୂଆଦିଲ୍ଲୀ, ୪।୧୨**

ଆମେରିକା ମହାକାଶ ଗବେଷଣା ସଂସ୍ଥା ‘ନାସା’ ପକ୍ଷରୁ ମଙ୍ଗଳବାର ଚନ୍ଦ୍ରୟାନ-୨ର ବିକ୍ରମ ଲ୍ୟାଣ୍ଡରକୁ ଚନ୍ଦ୍ରପୃଷ୍ଠରେ ଠାବ କରାଯିବା ସହ ଏହାର ଭଗ୍ନାବଶେଷ ଚିହ୍ନଟ ଚେନ୍ନାଇର ଜଣେ ମେକାନିକାଲ ଇଞ୍ଜିନିୟରଙ୍କ ଦ୍ୱାରା ସମ୍ଭବ ହୋଇପାରିଛି ବୋଲି କୁହାଯାଇଥିଲା। ଏନେଇ ନାସା ପକ୍ଷରୁ ବିକ୍ରମ ଲ୍ୟାଣ୍ଡରର ପ୍ରଭାବ ସମ୍ପର୍କିତ କେତେକ ପ୍ରତିଛବି ମଧ୍ୟ ଜାରି କରାଯାଇଥିଲା। ହେଲେ ଏହାର ଯଥେଷ୍ଟ ପୂର୍ବରୁ ଇସ୍ରୋ ବିକ୍ରମ ଲ୍ୟାଣ୍ଡରକୁ ଠାବ କରିସାରିଛି ବୋଲି ସଂସ୍ଥା ମୁଖ୍ୟ କେ. ଶିବନ୍ ବୁଧବାର କହିଛନ୍ତି। ଆମର ନିଜସ୍ୱ ଅର୍ବିଟର ବିକ୍ରମ ଲ୍ୟାଣ୍ଡରର ଭଗ୍ନାବଶେଷ ଠାବ କରିଥିଲା ଓ ଏ ସମ୍ପର୍କିତ ତଥ୍ୟ ଆମ ୱେବ୍‌ସାଇଟ୍‌ରେ ପ୍ରଦାନ କରାଯାଇଥିଲା ବୋଲି ଇସ୍ରୋ ମୁଖ୍ୟ ପ୍ରକାଶ କରିଛନ୍ତି। ବିକ୍ରମ ଲ୍ୟାଣ୍ଡର ଚନ୍ଦ୍ରପୃଷ୍ଠରେ ଧକ୍କା ଖାଇବାର ୩ ଦିନ ପରେ ଚନ୍ଦ୍ରୟାନ-୨ ଅର୍ବିଟର ଏହାକୁ ଠାବ କରିଥିବା ଇସ୍ରୋ ପକ୍ଷରୁ ଟୁଇଟ କରାଯାଇଥିଲା। ତେବେ ଏହା ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ। ଏଥିଲାଗି ପ୍ରୟାସ ଜାରି ରହିଥିବା କେ. ଶିବନ୍ କହିଛନ୍ତି। ଆସନ୍ତା ବର୍ଷ ନଭେମ୍ବରରେ ଚନ୍ଦ୍ରୟାନ-୩ ଲାଗି ଯୋଜନା ଚାଲିଥିବା ସେ ପ୍ରକାଶ କରିଛନ୍ତି।



**ଆମ ଅର୍ବିଟର ବିକ୍ରମ ଲ୍ୟାଣ୍ଡରକୁ ପ୍ରଥମେ ଠାବ କରିଛି: କେ. ଶିବନ୍**




## ଚିନ୍ମୟାନନ୍ଦଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣିଥିବା ଆଇନ ଛାତ୍ରୀଙ୍କୁ ଜାମିନ

**ପ୍ରୟାଗରାଜ,୪।୧୨**

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚିନ୍ମୟାନନ୍ଦଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣିଥିବା ଶାହଜାହାନପୁରର ଆଇନ ଛାତ୍ରୀଙ୍କୁ ବୁଧବାର ଆଲ୍ଲାହାବାଦ ହାଇକୋର୍ଟ ଜାମିନ ପ୍ରଦାନ କରିଛନ୍ତି। ଆପତ୍ତିଜନକ ଭିଡିଓ ଛାଡ଼ିବାର ଧମକ ଦେଇ ଚିନ୍ମୟାନନ୍ଦଙ୍କଠାରୁ ଜବରଦସ୍ତ ୫ କୋଟି ଟଙ୍କା ଆଦାୟ କରିବା ଲାଗି ଛାତ୍ରୀ ଜଣକ ଉଦ୍ୟମ କରୁଥିଲେ ବୋଲି ଅଭିଯୋଗ ହୋଇଥିଲା। ଚିନ୍ମୟାନନ୍ଦଙ୍କ ଅଭିଯୋଗ ଆଧାରରେ ଛାତ୍ରୀ, ତାଙ୍କ ସମ୍ପର୍କୀୟ ଭାଇ ଓ ଜଣେ ବନ୍ଧୁଙ୍କ ବିରୋଧରେ ଏସ୍‌ଆଇଟି ମାମଲା ରୁଜୁ କରିଥିଲା। ବଳାତ୍କାରର ଶିକାର ହୋଇଥିବା ଛାତ୍ରୀଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗ ମନଗଢ଼ା ବୋଲି ତାଙ୍କ ଓକିଲ କହିଥିଲେ। ଉଭୟ ପକ୍ଷଙ୍କୁ ଶୁଣିବା ପରେ ଜଷ୍ଟିସ ଏସ୍.ଡି. ସିଂ ଆଇନ ଛାତ୍ରୀଙ୍କୁ ଜାମିନ ପ୍ରଦାନ କରିଛନ୍ତି।

[ଇତିହାସର ଆଇନାରେ]

### ଡିସେମ୍ବର ୫ର ପ୍ରମୁଖ ଘଟଣା

୧୯୯୯ ଡିସେମ୍ବର ୫ରେ ନ୍ୟୁଜିଲାଣ୍ଡର ୩୭ତମ ତଥା ଦେଶର ଦ୍ୱିତୀୟ ମହିଳା ପ୍ରଧାନମନ୍ତ୍ରୀ ଭାବେ ହେଲେନ୍ କ୍ଲାର୍କ ଗାଦିସୀନ ହୋଇଥିଲେ। ୧୯୮୧ରୁ ୨୦୦୯ ପର୍ଯ୍ୟନ୍ତ ସେ ପାର୍ଲାମେଣ୍ଟ ସଦସ୍ୟ ରହିଥିଲେ। କ୍ୟାବିନେଟ ମନ୍ତ୍ରୀ, ଉପପ୍ରଧାନମନ୍ତ୍ରୀ, ବିରୋଧୀ ଦଳ ନେତା ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦ ପଦବି ସେ ଗ୍ରହଣ କରିଥିଲେ।

୨୦୧୩ ଡିସେମ୍ବର ୫ରେ ୟେମେନ୍‌ର ସାନାରେ ଆତଙ୍କବାଦୀମାନେ ପ୍ରତିରକ୍ଷା ମନ୍ତ୍ରଣାଳୟ ଭିତରେ ପଶି ଆତ୍ମଘାତୀ ବିସ୍ଫୋରଣ କରିବା ସହ ଘନ ଘନ ଗୁଳିମାଡ଼ କରିଥିଲେ। ଫଳରେ ୫୬ ଜଣଙ୍କ ମୃତ୍ୟୁ ହୋଇଥିଲା। ପ୍ରାୟ ୧୬୨ ବ୍ୟକ୍ତି ଆହତ ହୋଇଥିଲେ। ସାଉଦିର ୧୨ ଆତଙ୍କବାଦୀ ଏହି ଆକ୍ରମଣରେ ସାମିଲ ଥିବା ତଦନ୍ତ ପରେ ଜଣାପଡ଼ିଥିଲା।

# ନାଗରିକତ୍ୱ ବିଲ୍‌କୁ କ୍ୟାବିନେଟ ମଞ୍ଜୁରୀ

**ନୂଆଦିଲ୍ଲୀ,୪।୧୨(ପି.ଟି.)**

ବିବାଦୀୟ ନାଗରିକତ୍ୱ (ସଂଶୋଧନ) ବିଲ୍‌କୁ ବୁଧବାର କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛି। ଫଳରେ ଏହାକୁ ପାର୍ଲାମେଣ୍ଟରେ ଉପସ୍ଥାପନ କରିବା ଲାଗି ପଥ ପରିଷ୍କାର ହୋଇଯାଇଛି। ପାକିସ୍ତାନ, ବାଂଲାଦେଶ, ଆଫଗାନିସ୍ତାନରେ ଧର୍ମୀୟ ଉତ୍ପୀଡ଼ନର ସମ୍ମୁଖୀନ ହୋଇ ଭାରତରେ ରହିଥିବା ଅଣମୁସଲମାନ ଶରଣାର୍ଥୀଙ୍କୁ ନାଗରିକତ୍ୱ ପ୍ରଦାନ କରିବା ଏହି ବିଲ୍‌ର ଉଦ୍ଦେଶ୍ୟ। ଏହା ପକ୍ଷପାତମୂଳକ ଓ ଏହା ପଛରେ ସାମ୍ପ୍ରଦାୟିକତା ମନୋଭାବ ରହିଥିବା ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛନ୍ତି। ଭାରତରେ ରହୁଥିବା ଅଣମୁସଲମାନ, ମୁଖ୍ୟତଃ ହିନ୍ଦୁ ଶରଣାର୍ଥୀମାନଙ୍କୁ ଏନ୍‌ଆର୍‌ସିରୁ ସୁରକ୍ଷା ଦେବା ପାଇଁ ଏହା ଭାଜପାର ଆଦର୍ଶଗତ ପ୍ରକଳ୍ପର ଏକ ମୁଖ୍ୟ ଅଂଶ ବୋଲି ବିରୋଧୀ ଅଭିଯୋଗ କରିଛନ୍ତି।

ସରକାର ଭାରତର ତଥା ପ୍ରତ୍ୟେକଙ୍କର ସ୍ୱାର୍ଥର ସୁରକ୍ଷା କରୁଛନ୍ତି ବୋଲି ବୈଠକ ପରେ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର ଗଣମାଧ୍ୟମକୁ କହିଥିଲେ। ବହୁସଂଖ୍ୟାରେ ଶରଣାର୍ଥୀ ବସବାସ କରୁଥିବା ଉତ୍ତରପୂର୍ବାଞ୍ଚଳର ବିଭିନ୍ନ ସଂଗଠନ ବିଲ୍‌କୁ ବିରୋଧ କରୁଥିବା ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତେବେ ନାଗରିକତ୍ୱ ବିଲ୍ ରାଷ୍ଟ୍ରର ସ୍ୱାର୍ଥ ଉଦ୍ଦେଶ୍ୟରେ ହୋଇଥିବାରୁ ଏହାକୁ ଲୋକେ ସ୍ୱାଗତ କରିବେ ବୋଲି ସେ କହିଥିଲେ। ଆଗାମୀ ଦୁଇଦିନ ମଧ୍ୟରେ ସରକାର ଉକ୍ତ ବିଲ୍‌କୁ ପାର୍ଲାମେଣ୍ଟରେ ଆଗତ କରିବା ସହ ଗୃହୀତ କରାଇବା ଲାଗି ଉଦ୍ୟମ କରିବେ ବୋଲି ଜଣାପଡିଛି।



**ନାଗରିକତ୍ୱ ଲାଗି ଧର୍ମକୁ ଆଧାର କରାଯାଇପାରିବ ନାହିଁ : ଶଶୀ ଥରୁର**

ବିଲ୍‌କୁ କଂଗ୍ରେସ, ତୃଣମୂଳ କଂଗ୍ରେସ ଏବଂ ସିପିଏମ୍ ପ୍ରଭୃତି ଦଳ ସମାଲୋଚନା କରିଛନ୍ତି। ଏହା ଭାରତର ମୂଳ ଚିନ୍ତାଧାରାର ଉଲ୍ଲଂଘନ ବୋଲି ବରିଷ୍ଠ କଂଗ୍ରେସ ନେତା ଶଶୀ ଥରୁର କହିଛନ୍ତି। ନାଗରିକତ୍ୱ ଲାଗି ଧର୍ମକୁ ଏକ କାରଣ ଭାବେ ଗ୍ରହଣ କରାଯାଇପାରିବ ନାହିଁ। ଧର୍ମ ଆଧାରରେ ଜାତୀୟତା ନିର୍ଣ୍ଣୟ କରିବା ପାକିସ୍ତାନୀ ଚିନ୍ତାଧାରା। ଯେଉଁମାନେ ଏଭଳି ଚିନ୍ତାଧାରା ପୋଷଣ କରୁଛନ୍ତି ସେମାନେ ପାକିସ୍ତାନ ସୃଷ୍ଟି କରିବାକୁ ଚାହୁଁଥିବା ଥରୁର କହିଥିଲେ। ଏଭଳି ବିଲ୍ ସମ୍ବିଧାନ ବିରୋଧୀ ବୋଲି ସିପିଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ଟୁଇଟ୍ କରିଛନ୍ତି।

# ଲୋକ ସଭା, ବିଧାନସଭାରେ ଆଉ ୧୦ ବର୍ଷ ବଢ଼ିବ ସଂରକ୍ଷଣ

**ନୂଆଦିଲ୍ଲୀ,୪।୧୨(ପି.ଟି.)**

ଲୋକ ସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ଅନୁସୂଚିତ ଜାତି (ଏସ୍‌ସି) ଓ ଅନୁସୂଚିତ ଜନଜାତି (ଏସ୍‌ଟି)ଙ୍କ ଲାଗି ସଂରକ୍ଷଣ ସୁବିଧା ଆଉ ୧୦ ବର୍ଷ ବଢ଼ାଇବା ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ ବୁଧବାର ଅନୁମୋଦନ କରିଛି। ଲୋକ ସଭା ଓ ବିଧାନସଭାଗୁଡ଼ିକରେ ଏସ୍‌ସି/ଏସ୍‌ଟିଙ୍କ ଲାଗି ସଂରକ୍ଷଣ ସମୟସୀମା ୨୦୨୦ ଜାନୁୟାରୀ ୨୫ ରହିଛି। ଏହାକୁ ୨୦୩୦ ଜାନୁୟାରୀ ୨୫ ପର୍ଯ୍ୟନ୍ତ ବଢ଼ାଇବା ଲାଗି ସରକାର ଶୀତ ଅଧିବେଶନରେ ବିଲ୍ ଆଣିବେ। ତେବେ ଆଙ୍ଗ୍ଲୋ-ଇଣ୍ଡିଆନ୍‌ଙ୍କୁ ଏହି ସୁବିଧା ଆଉ ମିଳିବ ନାହିଁ। ଏହି ସମ୍ପ୍ରଦାୟ ଭଲ ସ୍ଥିତିରେ ଥିବାରୁ ବ୍ୟବସ୍ଥାପିକାରେ ସେମାନଙ୍କ ଲାଗି ସଂରକ୍ଷଣର ଆବଶ୍ୟକତା ନ ଥିବା ସରକାର ଅନୁଭବ କରୁଛନ୍ତି ବୋଲି ଏକ ସୂତ୍ରରୁ ଜଣାପଡିଛି। ଯଦି ଆବଶ୍ୟକ ପଡେ ତେବେ ପରେ ଏହାକୁ ବିଚାର କରାଯାଇପାରିବ। ବର୍ତ୍ତମାନ ପାର୍ଲାମେଣ୍ଟରେ ଅନୁସୂଚିତ ଜାତିରୁ ୮୪ ଏବଂ ଅନୁସୂଚିତ ଜନଜାତିରୁ ୪୭ ଜଣ ସଦସ୍ୟ ଅଛନ୍ତି। ସେହିପରି ରାଜ୍ୟ ବିଧାନସଭାଗୁଡ଼ିକରେ ୬୧୪ ଏସ୍‌ସି ଓ ୫୫୪ ଏସ୍‌ଟି ସଦସ୍ୟ ଥିବା ଜଣାପଡିଛି।

**କ୍ୟାବିନେଟ ଅନୁମୋଦନ**





ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ






# ବାହାରୁ ଔଷଧ ଲେଖି଼ ଶିଶୁରୋଗ ବିଶେଷଜ୍ଞ ନିଲମ୍ବିତ

**ଭୁବନେଶ୍ୱର, ୪।୧୨(ବ୍ୟୁରୋ)/ ବଲାଙ୍ଗୀର ଅଫିସ/ ପାଟଣାଗଡ, (ଡି.ଏନ୍.ଏ.)**

ନିରାମୟ ଯୋଜନାରେ ଯୋଗାଣ ହେଉଥିବା ଔଷଧ(ଇଞ୍ଜେକଶନ୍) ନ ଲେଖି଼ ବାହାର ଔଷଧ ଦୋକାନରୁ ଇଞ୍ଜେକଶନ୍ କିଣିବା ପାଇଁ ଜଣେ ରୋଗୀଙ୍କୁ ପରାମର୍ଶ ଦେବା ପାଟଣାଗଡ଼ ଉପଖଣ୍ଡ ଚିକିତ୍ସାଳୟର ଜଣେ ଶିଶୁରୋଗ ବିଶେଷଜ୍ଞ ଡାକ୍ତରଙ୍କୁ ମହଙ୍ଗା ପଡିଛି । ଏଥିପାଇଁ ସ୍ୱାସ୍ଥ୍ୟ ସଚିବ ଡ. ପ୍ରମୋଦ କୁମାର ମେହେର୍ଦ୍ଧା ବୁଧବାର ପାଟଣାଗଡ ହସ୍ପିଟାଲର ଶିଶୁରୋଗ ବିଶେଷଜ୍ଞ ଡା. ବିଜୁ ଅଗ୍ରୱାଲଙ୍କୁ ଚାକିରିରୁ ନିଲମ୍ବନ କରିଛନ୍ତି। ଏହା ସହିତ ପାଟଣାଗଡ ଉପଖଣ୍ଡ ଚିକିତ୍ସାଳୟରେ ଏଭଳି କାର୍ଯ୍ୟ ଚାଲୁଥିବା ସତ୍ତ୍ୱେ ଏହାକୁ ପ୍ରତିହତ କରିବାରେ ପାଟଣାଗଡ ଏସଡିଏମ୍ଓ ଡା. ଦିଲୀପ ବିଶ୍ୱାଳ ବିଫଳ ହୋଇଥିବାରୁ ତାଙ୍କ ବିରୋଧରେ ବିଭାଗୀୟ ପ୍ରୋସିଡିଂ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ସ୍ୱାସ୍ଥ୍ୟ ସଚିବ ଡ. ମେହେର୍ଦ୍ଧା ବୁଧବାର ବଲାଙ୍ଗୀର ଜିଲା ଗସ୍ତରେ ଆସି ପାଟଣାଗଡ଼ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ ପରିଦର୍ଶନ କରିଥିଲେ । ୱାର୍ଡ ପରିଦର୍ଶନ ସମୟରେ ଝାଡାବାନ୍ତି ଆକ୍ରାନ୍ତ ଜଣେ ଶିଶୁରୋଗୀଙ୍କ ପାଖରେ ଥିବା ପ୍ରେସକ୍ରିପଶନ୍‌କୁ ଦେଖିଥିଲେ। ଉକ୍ତ ପ୍ରେସକ୍ରିପଶନ୍‌ରେ ନିରାମୟରେ ମିଳୁଥିବା ଇଞ୍ଜେକଶନ୍ ଲେଖା ନ ଯାଇ ବାହାର ଔଷଧ ଦୋକାନରୁ କିଣାଯାଇଥିବା ଇଞ୍ଜେକଶନ୍ ଲେଖାଥିବା ଦେଖିବାକୁ ପାଇଥିଲେ। ରୋଗୀ ପରିଜନଙ୍କୁ ପଚାରିବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ତାହା ଅଣାଯାଇଥିବା ସଚିବଙ୍କୁ କହିଥିଲେ । ଏହାପରେ ସେହି ଔଷଧ ନିରାମୟ କାଉଣ୍ଟରରେ ଅଛି କି ନାଁ ତାହା ତଦାରଖ କରାଯିବାରୁ ସେହି ଔଷଧ ସେଠାରେ ଉପଲବ୍ଧ ଥିବା ସତ୍ତ୍ୱେ ଡାକ୍ତର ବାହାର ଔଷଧ ଲେଖିଥିବା ଜଣାପଡିଥିଲା । ଏହାପରେ ସଚିବ ମେହେର୍ଦ୍ଧା ତାଙ୍କୁ ଚାକିରିରୁ ନିଲମ୍ବନ କରିଥିବା ଓ ଏସଡିଏମଓ ବିଶ୍ୱାଳଙ୍କ ବିରୋଧରେ ବିଭାଗୀୟ ପ୍ରୋସିଡିଂ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାର ନିରାମୟ ଯୋଜନାରେ ସରକାରୀ ହସ୍ପିଟାଲରେ ରୋଗୀଙ୍କୁ ଔଷଧ ଯୋଗାଇ ଦେଉଛନ୍ତି। ଏହିଯୋଜନା କାର୍ଯ୍ୟକାରୀ ହେବା ପରେ କୌଣସି ସରକାରୀ ଡାକ୍ତରଖାନାର ଡାକ୍ତର ରୋଗୀଙ୍କୁ ବାହାରୁ ଔଷଧ କିଣିବା ପାଇଁ ପରାମର୍ଶ ଦେଇପାରିବେ ନାହିଁ ବୋଲି ନିର୍ଦ୍ଦେଶ ରହିଛି । ଏହି ନିର୍ଦ୍ଦେଶର ଖିଲାପ କରିଥିବାରୁ ବିଶେଷଜ୍ଞ ଡାକ୍ତର ଓ ଏସ୍‌ଡିଏମ୍‌ଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପରିଦର୍ଶନ ସମୟରେ ଜିଲାପାଳ ଅରିନ୍ଦମ ଡାକୁଆ, ଡିଆରଡିଏ ପିଡି ଡ. ମହେଶ୍ୱର ସ୍ୱାଇଁ, ସିଡିଏମ୍‌ଓ ଡା ଦୈତାରୀ ସାହୁ ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

- ପାଟଣାଗଡ଼ ଏସ୍‌ଡିଏମ୍‌ଓଙ୍କ ବିରୋଧରେ ବିଭାଗୀୟ ପ୍ରୋସିଡିଂ ନିର୍ଦ୍ଦେଶ
- ସ୍ୱାସ୍ଥ୍ୟ ସଚିବଙ୍କ ପରିଦର୍ଶନ ବେଳେ ଜଣାପଡିଲା ଘଟଣା




ପାଟଣାଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଧା, ଜିଲାପାଳ ଅରିନ୍ଦମ ଡାକୁଆ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

# ଏସ୍‌ସିବି ଅଧୀକ୍ଷକଙ୍କ ଷ୍ଟେନୋ କୋଟିପତି

## ଠାବ ହେଲା ୧ କୋଟି ୩ ଲକ୍ଷ ୬୪ ହଜାର ୮୮୦ ଟଙ୍କାର ସମ୍ପତ୍ତି

**କଟକ ଅଫିସ, ୪।୧୨**

ଏସ୍‌ସିବି ମେଡିକାଲ ଅଧୀକ୍ଷକଙ୍କ ଷ୍ଟେନୋ ପ୍ରମୋଦ କୁମାର ବସନ୍ତରାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତଙ୍କ ପକ୍ଷରୁ ଜାରି ତଲାସି ୱାରେଣ୍ଟ ବଳରେ ଭିଜିଲାନ୍ସ କଟକ ଡିଭିଜନ ଅଧିକାରୀମାନେ ବୁଧବାର ବସନ୍ତରାଙ୍କ ଘର, ଅଫିସ ସମେତ ମୋଟ ୫ଟି ସ୍ଥାନରେ ଏକକାଳୀନ ଚଢାଉ କରିଛନ୍ତି। ଚଢାଉ ହୋଇଥିବା ସ୍ଥାନଗୁଡ଼ିକ ହେଉଛି କଟକସ୍ଥିତ ତାଙ୍କ ସରକାରୀ କ୍ୱାର୍ଟର୍ସ, ଜଗତପୁରର ଚମ୍ପତି ଗ୍ରାମରେ ଥିବା ୨ଟି କୋଠା, ଜଗତପୁର ନିମପୁରସ୍ଥିତ ଦୁଇ ମହଲା କୋଠା, କଟକରେ ଥିବା ଜଣେ ସମ୍ପର୍କୀୟଙ୍କ ଘର ଓ ଏସ୍‌ସିବି ପରିସରସ୍ଥ କାର୍ଯ୍ୟାଳୟ। ଏହି ସବୁ ସ୍ଥାନରେ ମୋଟ ୧ କୋଟି ୩ ଲକ୍ଷ ୬୪ହଜାର ୮୮୦ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ଠାବ ସମସ୍ତ ସମ୍ପତ୍ତି ବସନ୍ତରା ଓ ତାଙ୍କ ପରିବାରବର୍ଗଙ୍କ ଦଖଲରେ ଥିବା ଭିଜିଲାନ୍ସ ବିଭାଗ ସୂଚନା ଦେଇଛି। ଜଗତପୁର ନିମପୁରଠାରେ ଥିବା ଦୁଇ ମହଲା କୋଠାର ମୂଲ୍ୟ ୫୧ ଲକ୍ଷ ୩୩ହଜାର ୩୮୭ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ସେହିପରି ଚମ୍ପତି ଗ୍ରାମରେ ଥିବା ଦୁଇଟି ଏକ ମହଲା କୋଠାରେ ବସନ୍ତରାଙ୍କ ୮ଲକ୍ଷ ଟଙ୍କାର ଭାଗ ରହିଛି । କଟକରେ ତାଙ୍କର ୪ଟି ପ୍ଲଟ ରହିଛି । ଉକ୍ତ ପ୍ଲଟ ସମୂହର ମୂଲ୍ୟ ୪ଲକ୍ଷ ୯୯ହଜାର ୫୩୪ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ବସନ୍ତରାଙ୍କର ୪ଲକ୍ଷ ୬୫ହଜାର ଟଙ୍କା ମୂଲ୍ୟର ଏକ ଚେଭରଲେଟ୍ କାର୍ ଥିବାବେଳେ ୧ ଲକ୍ଷ ୮୧ହଜାର ଟଙ୍କା ମୂଲ୍ୟର ଗୋଟିଏ ବୁଲେଟ ମୋଟରସାଇକେଲ ଓ ଗୋଟିଏ ହୋଣ୍ଡା ଆକ୍ଟିଭା ସ୍କୁଟର ଥିବା ଭିଜିଲାନ୍ସ ତଲାସୀରୁ ଜଣାପଡ଼ିଛି। ବିଭିନ୍ନ ବ୍ୟାଙ୍କ, ପୋଷ୍ଟ ଅଫିସ ଓ ବୀମା ପଲିସିରେ ବସନ୍ତରା ୨୦ ଲକ୍ଷ ୬୫ହଜାର ୫୨୯ ଟଙ୍କା ଜମା ରଖିଥିବା ବେଳେ ତାଙ୍କ ଘରୁ ୫ ଲକ୍ଷ ୫୧ହଜାର ଟଙ୍କା ମୂଲ୍ୟର ସୁନା, ରୁପା ଗହଣା ଠାବ ହୋଇଛି। ଘରୁ ନଗଦ ୧ ଲକ୍ଷ ୩୪ ହଜାର ୪୧୦ ଟଙ୍କା ସମେତ ୫ଲକ୍ଷ ୩୫ ହଜାର ଟଙ୍କା ମୂଲ୍ୟର ଆସବାବପତ୍ର ଠାବ କରାଯାଇଛି। ଏହାବାଦ ବସନ୍ତରା ନିଜ ପୁଅ, ଝିଅଙ୍କ ମେଡିକାଲ ଓ ଇଞ୍ଜିନିୟରିଂ ପାଠପଢା ବାବଦରେ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ଭିଜିଲାନ୍ସ ସୂଚନା ଦେଇଛି।

# ନାବାଳିକା ବଳାତ୍କାରୀଙ୍କୁ ୧୦ ବର୍ଷ ଜେଲ

**ବ୍ରହ୍ମପୁର ଅଫିସ,୪।୧୨:** ଗଞ୍ଜାମ ଜିଲା ଅତିରିକ୍ତ ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ଜଗଦୀଶ ପ୍ରସାଦ ମହାନ୍ତି ବୁଧବାର ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରିଥିଲେ। ସେ ଅଭିଯୁକ୍ତ ଶରତ ସାହୁଙ୍କୁ ୧୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହିତ ୫ ହଜାର ଟଙ୍କା ଜରିମାନା ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଭିଯୁକ୍ତ ଅଧିକ ୧ ବର୍ଷ ଜେଲ ଦଣ୍ଡ ଭୋଗିବେ ବୋଲି ନିର୍ଦ୍ଦେଶ ରହିଛି। ଘଟଣାରୁ ପ୍ରକାଶ, ପାଟପୁର ଥାନା ଅଞ୍ଚଳରେ ୨୦୧୭ ମେ ୨୪ରେ ଜଣେ ୫ ବର୍ଷର ନାବାଳିକାଙ୍କୁ ଶରତ ଘରକୁ ଡାକି ବଳାତ୍କାର କରିଥିଲେ। ରକ୍ତାକ୍ତ ଅବସ୍ଥାରେ ପୀଡ଼ିତା କାନ୍ଦି କାନ୍ଦି ଘରକୁ ଫେରି ତାଙ୍କ ମା'ଙ୍କୁ ଘଟଣା ବିଷୟରେ ଜଣାଇଥିଲେ। ଗୁରୁତର ନାବାଳିକାଙ୍କୁ ଚିକିତ୍ସା କରାଯାଇଥିଲା। ଏ ନେଇ ପୀଡିତାଙ୍କ ମା'ଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ. ୮୦/୧୭) ରୁଜୁ କରି ଅଭିଯୁକ୍ତ ଶରତଙ୍କୁ ଗିରଫ କରିଥିଲା। ୧୬ ଜଣ ସାକ୍ଷୀଙ୍କ ବୟାନକୁ ଆଧାରକରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

LIC
ଏଲ୍‌ଆଇସି ଗୋଲ୍‌ଡେନ୍ ଜୁବିଲି ସ୍କଲାରଶିପ୍ ସ୍କିମ୍
ଆର୍ଥିକ ଦୁର୍ବଳ ପରିବାରର ଛାତ୍ରଛାତ୍ରୀଙ୍କ ପାଇଁ

ଏଲ୍‌ଆଇସି ଗୋଲ୍‌ଡେନ୍ ଜୁବିଲି ଫାଉଣ୍ଡେଶନ୍ ସର୍ବଭାରତୀୟ ଭିତ୍ତିରେ ଛାତ୍ରବୃତ୍ତି ସମ୍ପର୍କରେ ଘୋଷଣା କରି ଆନନ୍ଦିତ:

- **ଏଲ୍‌ଆଇସିର ଡିଭିଜନାଲ ସେଣ୍ଟର ପିଛା ୨୦ଟି ନିୟମିତ ଛାତ୍ରବୃତ୍ତି:** (ପୁଅ ଓ ଝିଅଙ୍କ ପାଇଁ ପ୍ରତ୍ୟେକ ୧୦ଟି) ନିମ୍ନଲିଖିତ ପାଠ୍ୟକ୍ରମରେ ଉଚ୍ଚତର ଶିକ୍ଷା ହାସଲ ପାଇଁ ଆର୍ଥିକ ଦୁର୍ବଳ ପରିବାରର ଛାତ୍ରଛାତ୍ରୀଙ୍କ ନିମନ୍ତେ
  - (i) ଭେଷଜ, ଇଞ୍ଜିନିୟରିଂ, ଯେକୌଣସି ଶୃଙ୍ଖଳାରେ ସ୍ନାତକ, ଯେକୌଣସି କ୍ଷେତ୍ରରେ ଡିପ୍ଲୋମା ପାଠ୍ୟକ୍ରମ।
  - (ii) ସରକାରୀ ସ୍ୱୀକୃତିପ୍ରାପ୍ତ ମହାବିଦ୍ୟାଳୟ/ଅନୁଷ୍ଠାନ ମାଧ୍ୟମରେ ଧନ୍ଦାମୂଳକ ପାଠ୍ୟକ୍ରମ କିମ୍ବା ଶିଳ୍ପ ତାଲିମ ଅନୁଷ୍ଠାନ (ଆଇଟିଆଇ) ପାଠ୍ୟକ୍ରମ।
- **ଶିଶୁକନ୍ୟାଙ୍କ ପାଇଁ ୧୦ଟି ସ୍ୱତନ୍ତ୍ର ଛାତ୍ରବୃତ୍ତି,** ଏଲ୍‌ଆଇସି ଡିଭିଜନ ପିଛା ୧୦+୨ ଡାଞ୍ଚା ନିମନ୍ତେ।

ସ୍କିମ୍‌ର ସବିଶେଷ ବିବରଣୀ ଓ ଅନ୍‌ଲାଇନ୍ ଦରଖାସ୍ତ ପାଇଁ ଲଗ୍ ଅନ୍ କରନ୍ତୁ www.licindia.in
ଅନ୍‌ଲାଇନ୍ ଦରଖାସ୍ତ ଦାଖଲର ଶେଷ ତାରିଖ ହେଉଛି ତା୨୪।୧୨।୨୦୧୯ରିଖ।

DSPL - 178




ଓଡ଼ିଶା ଶାସନ

ମିଶନ ଶକ୍ତି

ଶୁଭ ଉଦ୍‌ଘାଟନ
ରାଜ୍ୟରେ ପ୍ରଥମ ଥର ପାଇଁ
ମିଶନ ଶକ୍ତି ମେଳା
Mission Shakti Mela
( SHG ସାମଗ୍ରୀର ବଜାର ବ୍ୟବସ୍ଥା )
୫ ରୁ ୧୬ ଡିସେମ୍ବର ୨୦୧୯

ମାନ୍ୟବର ମନ୍ତ୍ରୀ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି
ଶ୍ରୀମତୀ ଟୁକୁନି ସାହୁଙ୍କ ଦ୍ୱାରା ଶୁଭ ଉଦ୍‌ଘାଟନ
୫ ଡିସେମ୍ବର ୨୦୧୯, ସନ୍ଧ୍ୟା ୬ ଘଟିକା
IDCO ପ୍ରଦର୍ଶନୀ ପଡ଼ିଆ, UNIT-III, ଭୁବନେଶ୍ୱର,
ପ୍ରତ୍ୟେହ ସକାଳ ୧୧ଟା ରୁ ରାତି ୯ଟା ପର୍ଯ୍ୟନ୍ତ

ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ, ଓଡ଼ିଶା ସରକାର

33001/13/0014/1920

**କିଛି ତଥ୍ୟ**

ସରକାର ଗତ ୫ ବର୍ଷ ମଧ୍ୟରେ ପୁଞ୍ଜି ପ୍ରତ୍ୟାହାରରୁ ୨.୭୯ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିଛନ୍ତି। – ଅର୍ଥ ମନ୍ତ୍ରଣାଳୟ

## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:........................................
ଜନ୍ମ ତାରିଖ: ..................................


ଶ୍ରୁତି
ପରିବାରବର୍ଗ


ସୁଶ୍ରୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ସୁନନ୍ଦା ମହାନ୍ତି


ମିନତି ନାୟକ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

**ପ୍ରଥମ ପୃଷ୍ଠାରୁ...**


ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ବାସଭବନ ଘେରାଉ କରୁଛନ୍ତି କଂଗ୍ରେସ କର୍ମୀ ।

## ବିରୋଧୀଙ୍କ ସଣ୍ଟୁଆଶି ...

କଠୋର ଆଇନ ଅଣାଯାଉନାହିଁ କିମ୍ବା ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ରକ୍ଷକ ନିଜେ ଏଠି ଭକ୍ଷକ ସାଜିଛି। ପୁରୀଠାରେ ପୋଲିସ କ୍ୱାର୍ଟର୍ସରେ ପୋଲିସ ନାଁ କହି ଜଣେ ଝିଅକୁ ଗଣବଳାତ୍କାର କରାଗଲା, ତାହା ନିନ୍ଦନୀୟ। ଏତେ ଘଟଣା ପରେ ମଧ୍ୟ ନାରୀ ସମ୍ମାନ କଥା ଉଠାଉଥିବା ମୁଖ୍ୟମନ୍ତ୍ରୀ ଚୁପ୍ ବସିଛନ୍ତି ବୋଲି ସେ ପ୍ରତିକ୍ରିୟା ରଖିଛନ୍ତି। ସେହିପରି ଛାତ୍ର କଂଗ୍ରେସ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ରାଜୀବ ପଟ୍ଟନାୟକଙ୍କ ନେତୃତ୍ୱରେ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ସରକାରୀ ବାସଭବନ ଘେରାଉ କରାଯାଇଥିଲା। ଦଳୀୟ କର୍ମୀମାନେ ମନ୍ତ୍ରୀ ମିଶ୍ରଙ୍କ ବାସଭବନ ଉପରକୁ ଟମାଟୋ ମାଡ଼ କରିଥିଲେ। ରାଜୀବଙ୍କ ସମେତ ୧୫ଜଣ ନେତାଙ୍କୁ ପୋଲିସ ବ୍ୟାରେକ୍‌ରେ ଅଟକ ରଖାଯାଇ ପରବର୍ତ୍ତୀ ସମୟରେ ଛାଡ଼ି ଦିଆଯାଇଛି। ଏହି ଅବସରରେ ରାଜୀବ କହିଛନ୍ତି, ପୁରୀ ପୀଡ଼ିତାଙ୍କ ପ୍ରତି ଗୃହମନ୍ତ୍ରୀଙ୍କ ସମବେଦନା ନାହିଁ। ଘଟଣାର ଦୁଇଦିନ ପରେ ବି ମନ୍ତ୍ରୀ ବିବୃତି ଦେଇନାହାନ୍ତି। ପୀଡିତାକୁ ଭେଟିବାକୁ ମଧ୍ୟ ଯାଇନାହାନ୍ତି। ଏହି ଘଟଣାରେ ପୋଲିସର ସମ୍ପୃକ୍ତି ରହିଛି। ରାଜ୍ୟବାସୀ ପୋଲିସକୁ ରକ୍ଷକ ନୁହେଁ ଭକ୍ଷକ ବୋଲି କହୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିୟନ୍ତ୍ରଣରେ ପୋଲିସ ବିଭାଗ ନାହିଁ। ଦିନକୁ ୭ଜଣ ବଳାତ୍କାରର ଶିକାର ହେଉଥିବା ସରକାର ସ୍ୱୀକାର କଲେଣି। ମୁଖ୍ୟମନ୍ତ୍ରୀ ଅନ୍ୟ ଉପରେ ଦୋଷ ଲଦି ଖସିଯାଉଛନ୍ତି। ଛାତ୍ର କଂଗ୍ରେସ ପକ୍ଷରୁ ଗୃହ ରାଷ୍ଟ୍ରମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଛି। ପୀଡ଼ିତା ନ୍ୟାୟ ପାଇବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ରାଜୀବ କହିଛନ୍ତି।

### ସମ୍ବେଦନଶୀଳ ପ୍ରସଙ୍ଗରେ ରାଜନୀତି କରା ନ ଯାଉ: ବିଜେଡି

ପୁରୀ ଗଣବଳାତ୍କାର ଘଟଣାକୁ ନେଇ ବିରୋଧୀ କଂଗ୍ରେସ ଏବଂ ଭାଜପା ବର୍ତ୍ତମାନ ରାଜରାସ୍ତାକୁ ଓହ୍ଲାଉଥିବା ବେଳେ ଶାସକ ବିଜେଡି ଏହି ପ୍ରସଙ୍ଗକୁ ନେଇ ରାଜନୀତିକରଣ ନ କରିବା ସକାଶେ ଅନୁରୋଧ କରିଛନ୍ତି। ବିଜେଡି ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମହିଳା ବିଜେଡି କାର୍ଯ୍ୟକାରୀ ସଭାନେତ୍ରୀ ଶ୍ରୀମୟୀ ମିଶ୍ର କହିଛନ୍ତି ଯେ, ବିଭିନ୍ନ ସମ୍ବେଦନଶୀଳ ଘଟଣାକୁ ନେଇ ରାଜନୀତି ନ କରିବାକୁ ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ ଭାଜପା ଏଭଳି ହୀନ ରାଜନୀତିରୁ ବିରତ ରହୁନାହିଁ। ଏଭଳି ଘଟଣାକୁ ନେଇ ରାଜନୀତି ଚାଲିଲେ ପୀଡ଼ିତା ଓ ତାଙ୍କ ପରିବାର ଗଭୀର ମାନସିକତାର ଶିକାର ହେବେ। ଘଟଣାରେ ସମ୍ପୃକ୍ତ ଅପରାଧୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଭାଜପା କିନ୍ତୁ ଏହି ଘଟଣାରେ ବାରମ୍ବାର ରାଜନୀତି କରୁଛି। ଏହାଦ୍ୱାରା ମାମଲା ବାଟବଣା ହେବା ସହିତ ଅତି ତଳସ୍ତରର ରାଜନୀତିକୁ ଦର୍ଶାଉଛି।

## ଜେଲ୍‌ରୁ ମୁକୁଳିଲେ ...

ଚିଦାମ୍ବରମଙ୍କ ରାଜ୍ୟର ଜଣେ ସାକ୍ଷୀ ତାଙ୍କ ସହ ମୁହାଁମୁହିଁ ହେବାକୁ ପ୍ରସ୍ତୁତ ନ ଥିବା ଲେଖି ଜଣାଇଥିବା ଇଡି କହିବାରୁ ଏଥିପାଇଁ ପୂର୍ବତନ ଅର୍ଥମନ୍ତ୍ରୀଙ୍କୁ ଦାୟୀ କରାଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଥିଲେ। ନଭେମ୍ବର ୧୫ରେ ଦିଲ୍ଲୀ ହାଇକୋର୍ଟ ଚିଦାମ୍ବରମଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ଜଷ୍ଟିସ୍ ଆର୍. ବାନୁମଥିଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ଏ.ଏସ୍. ବୋପାନ୍ନା ଏବଂ ହୃଷୀକେଶ ରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟକୁ ଖାରଜ କରିଦେଇଛନ୍ତି। ଚିଦାମ୍ବରମ ଦେଶଛାଡି ଚାଲିଯିବା ଆଶଙ୍କା ନାହିଁ ବୋଲି ହାଇକୋର୍ଟ ଯାହା କହିଛନ୍ତି ସେଥିରେ କୌଣସି ଆପତ୍ତି ନାହିଁ ବୋଲି ଇଡି ତରଫରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଅଦାଲତଙ୍କୁ କହିଥିଲେ। ତେବେ ସେ ସାକ୍ଷୀଙ୍କୁ ପ୍ରଭାବିତ କରିବା ଓ ପ୍ରମାଣ ନଷ୍ଟ କରିବା ଅଭିଯୋଗକୁ ଠିକ୍ ଭାବରେ ବିଚାରକୁ ନିଆଯାଇ ନାହିଁ। ଚିଦାମ୍ବରମଙ୍କ ସମ୍ପର୍କରେ ଅଧିକ ତଥ୍ୟପ୍ରମାଣ ସଂଗ୍ରହ କରିବାକୁ ଥିବାରୁ ପ୍ରମାଣ ନଷ୍ଟ ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ ବୋଲି ମେହେଟ୍ଟା କହିଥିଲେ। ତେବେ ଅଭିଯୁକ୍ତ ରାଜନୈତିକ କ୍ଷମତା କିମ୍ବା ପଦବୀରେ ନ ଥିବାରୁ ବର୍ତ୍ତମାନ ସ୍ଥିତିରେ ସେ ହସ୍ତକ୍ଷେପ କରିବା ସମ୍ଭାବନା ନାହିଁ। ତେଣୁ ଆନୁମାନିକ ଭାବେ ଅଭିଯୋଗକୁ ଗ୍ରହଣ କରାଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଥିଲେ। ବରିଷ୍ଠ କଂଗ୍ରେସ ନେତା ଚିଦାମ୍ବରମଙ୍କୁ ୧୦୬ ଦିନ ଜେଲ୍‌ରେ ରଖିବା ସରକାରଙ୍କ ପ୍ରତିଶୋଧ ପରାୟଣ ମାନସିକତା ବୋଲି ଦଳର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କହିଛନ୍ତି। ଚିଦାମ୍ବରମ ତାଙ୍କର ନିର୍ଦ୍ଦୋଷତା ପ୍ରମାଣିତ କରିପାରିବା ନେଇ ସେ ନିଶ୍ଚିତ ବୋଲି ରାହୁଲ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଆଇଏନ୍ଏକ୍ସ ମିଡିଆ ଦୁର୍ନୀତି ମାମଲାରେ ଅଗଷ୍ଟ ୨୧ରେ ଚିଦାମ୍ବରମଙ୍କୁ ସିବିଆଇ ଗିରଫ କରିବା ଦିନଠାରୁ ସେ ହାଜତରେ ଥିଲେ। ଅକ୍ଟୋବର ୧୬ରେ ଇଡି ତାଙ୍କୁ ମନିଲଣ୍ଡରିଂ ମାମଲାରେ ଗିରଫ କରିଥିଲା। ଚିଦାମ୍ବରମଙ୍କ ବିରୋଧରେ ଏହା ସରକାରଙ୍କର ବଡ଼ ଷଡ଼ଯନ୍ତ୍ର ବୋଲି ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ କହିଛନ୍ତି।

## ପୋଲିସ କାର୍‌ରେ ...

ଜୟପ୍ରକାଶ ଓ ତାଙ୍କ ୩ ବନ୍ଧୁ ଛାତ୍ରୀଙ୍କୁ ଉଠାଇ ନେଇ ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ମିଳିଥିବା ସୂଚନା ଅନୁଯାୟୀ ହଲିଆରେ ଜୟପ୍ରକାଶଙ୍କ ଭଉଣୀ ରହୁଥିବାବେଳେ ସେ ସେଠାକୁ ଯିବାଆସିବା କରନ୍ତି। ଛାତ୍ରୀଙ୍କ ସହ ତାଙ୍କର ସେଠାରେ ଦେଖାସାକ୍ଷାତ ହୋଇଥାଏ। ସୋମବାର ଜୟପ୍ରକାଶ ସେଠାକୁ ଯାଇ ଛାତ୍ରୀଙ୍କୁ ଫୋନ୍‌କରି ଡାକିବା ସହ ୩ ବନ୍ଧୁଙ୍କ ସହ କାର୍‌ରେ ବଳପୂର୍ବକ ଉଠାଇନେଇ ଗଣବଳାତ୍କାର କରିଥିଲେ। ଅଭିଯୁକ୍ତଙ୍କ ବିରୋଧରେ ଅପହରଣ, ବଳାତ୍କାର ସହ ପୋକ୍‌ସୋ ଆଇନ ଲଗାଯାଇଥିବା ହଲିଆ ଥାନା ଇନ୍ସପେକ୍ଟର ଦେବିବର ଶୁକ୍ଲା କହିଛନ୍ତି।

ପୀଡ଼ିତାଙ୍କ ବାପା ଏନେଇ ଥାନାରେ ୪ ଅଭିଯୁକ୍ତ ଜୟପ୍ରକାଶ, ଲଭ୍ କୁମାର ପାଲ୍, ଗଣେଶ ପ୍ରସାଦ ଓ ସିଆର୍‌ପିଏଫ୍ କନ୍‌ଷ୍ଟେବଲ ମହେନ୍ଦ୍ର କୁମାର ଯାଦବଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ। ପୀଡ଼ିତା ଓ ୪ ଅଭିଯୁକ୍ତଙ୍କୁ ଜେରା କରାଯାଇ ପରେ ଡାକ୍ତରୀମାଇନା ଲାଗି ପଠାଯାଇଥିଲା। ଏ ସମ୍ପର୍କରେ ତଦନ୍ତ ଜାରି ରହିଥିବା ମିର୍ଜାପୁର ଏସ୍‌ପି ଧର୍ମବୀର ପ୍ରକାଶ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ବଜ୍ର ଯୋଗ ପ୍ରତିବନ୍ଧକ ହଟାଇ କାର୍ଯ୍ୟସିଦ୍ଧି କରାଇବ। ସକାଳ ସମୟଟି ଆନନ୍ଦମୁଖର ରହିବା ସହ ପ୍ରତ୍ୟେକ କ୍ଷେତ୍ରରେ ସମୟୋଚିତ ଦୃଢ଼ ପଦକ୍ଷେପ ନେଲେ କୃତକାର୍ଯ୍ୟ ହେବେ। ଅଫିସ କାମରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ବହୁତ ଆଲୋଚନା ଶେଷରେ ବନ୍ଧୁ ସାହାଯ୍ୟ ସହଯୋଗର ଦୃଢ଼ ପ୍ରତିଶ୍ରୁତି ଦେବେ।

**ବୃଷ** ମାନସିକ ସ୍ଥିତି ଭଲ ରହିବ ଏବଂ ପାରିବାରିକ କ୍ଷେତ୍ରରେ ଭଉଣୀଙ୍କ ସାହାଯ୍ୟ ପ୍ରତିଶ୍ରୁତିରୁ ଆଶ୍ୱସ୍ତି ଲାଭ କରିବେ। ଅଭିଳଷିତ ଦ୍ରବ୍ୟପ୍ରାପ୍ତିରେ ବିଜାତୀୟ ବ୍ୟକ୍ତି ଜଣେ ଅସହଯୋଗ କରିପାରେ। ଶାରୀରିକ ଦୁର୍ବଳତା ଯୋଗୁ କାମ କରିବାକୁ ଆଗ୍ରହ ପ୍ରକାଶ କରିବେ ନାହିଁ। ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ।

**ମିଥୁନ** ପୁନର୍ବସୁ ଅବିଳମ୍ବେ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ ଏବଂ ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣ କଲେ ଉପକୃତ ହେବେ। ଜଣେ ସହକର୍ମୀଙ୍କ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ବାଧ୍ୟବାଧକତାରେ ମନୋରଞ୍ଜନ ସମ୍ପର୍କିତ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବାକୁ ପଡ଼ିପାରେ।

**କର୍କଟ** ଦୀର୍ଘଦିନରୁ ଭାଙ୍ଗିପଡ଼ିଥିବା ସମ୍ପର୍କ ଆଜି ଆକସ୍ମିକ ଭାବେ ପୁନଃ ପ୍ରତିଷ୍ଠିତ ହେବ। ଭାବପ୍ରବଣବଶତଃ ବିରକ୍ତିକର କଥାବାର୍ତ୍ତା କରି ଅପଦସ୍ଥ ହୋଇପାରନ୍ତି। କର୍ମକ୍ଷେତ୍ରରେ ପରକଥାରେ ପ୍ରଭାବିତ ହେଲେ ଭୁଲ୍ ମାର୍ଗ ଅନୁସରଣ କରିବେ। ନିକଟ ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି।

**ସିଂହ** ବ୍ୟୟ ବୃଦ୍ଧିଜନିତ ମାନସିକ ଅବସାଦ ବଢ଼ିବା କାରଣରୁ କୌଣସି କାମ ଉତ୍ସାହପ୍ରଦ ହେବନାହିଁ। କର୍ମକ୍ଷେତ୍ରରେ ଈର୍ଷାପରାୟଣ ବ୍ୟକ୍ତିଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ମାଲିମକଦ୍ଦମା କିମ୍ବା ବିବାଦୀୟ ଘଟଣାରେ ବିଜୟୀ ହେବେ। ମିତ୍ର କେହି ଛଳନା କରି ଦୂରେଇଯିବେ, ଏଣୁ ସବୁ ଭଲ ଥିଲେ ସୁଦ୍ଧା ମାନସିକସ୍ତରରେ କଷ୍ଟ ପାଇବେ।

**କନ୍ୟା** ଉପରିସ୍ଥଙ୍କ ଅନୁକମ୍ପାରେ ହାତକୁ ନେଇଥିବା କାମଗୁଡିକ ଅଟକିବ ନାହିଁ ଏବଂ ସେଥିରେ ଆଶାଜନକ ଫଳ ପାଇବେ। ସରକାରୀ କାମରେ ହଠାତ୍ ବିଶ୍ୱସ୍ତ ସୂତ୍ରରୁ ଶୁଭ ସମ୍ବାଦ ଶୁଣି ଖୁସି ହେବେ। ସାମାଜିକ ଜୀବନରେ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରି ଶତ୍ରୁତା ଅର୍ଜନ କରିବେ। ଉପରିସ୍ଥ ଆଦେଶାନୁସାରେ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ।

**ତୁଳା** ପାରିବାରିକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ସମସ୍ୟା ସମାଧାନ ପାଇଁ ଚେଷ୍ଟା କରିବେ। ବିଭିନ୍ନ ସୂତ୍ରରୁ ରୋଜଗାର କରିବା ସାଙ୍ଗକୁ ବିଳାସ ବ୍ୟସନରେ ସମୟ ଅତିବାହିତ କରିପାରନ୍ତି। ବନ୍ଧୁମାନେ ଠିକ୍ ଖବର ଦେବାରେ ହେଳା କରିପାରନ୍ତି କିମ୍ବା ବିଭ୍ରାନ୍ତିକର ଖବର ପରିବେଷଣ କରି ସମସ୍ୟାକୁ ବଢ଼ାଇ ଦେଇପାରନ୍ତି।

**ବିଛା** ଅନୁରାଧା ସକାଶେ ସମୟ ସେତେଟା ଭଲ ନୁହେଁ, କିନ୍ତୁ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇ ସାମୟିକ ଦୁଃଖକୁ ଭୁଲି ଯାଇପାରନ୍ତି। ପରିସ୍ଥିତିରେ ପଡ଼ି ଖର୍ଚ୍ଚ କରିବାକୁ ବାଧ୍ୟ ହେବେ ଓ ମନସ୍ତାପ ମଧ୍ୟ କରିବେ। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। କୌଶଳ ପ୍ରୟୋଗ କରି କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ।

**ଧନୁ** ମନ ଭଲଥିବା କାରଣରୁ ହାତରୁ ପଇସା ଖର୍ଚ୍ଚ କରି ବନ୍ଧୁଙ୍କୁ ସାହାଯ୍ୟ କରି ଆତ୍ମତୃପ୍ତି ଲାଭ କରିବେ। ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମିପାରେ ଫଳରେ ସମସ୍ୟା ସମାଧାନର ସମ୍ଭାବନା ରହିଛି। ଆନୁଷ୍ଠାନିକ କ୍ଷେତ୍ରରେ ସଙ୍କଟରେ ପଡ଼ିବେ ମାତ୍ର ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ଥିବାରୁ ସାହାଯ୍ୟ ପାଇବେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇପାରନ୍ତି।

**ମକର** ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ସୂଚନାକୁ ଅଣଦେଖା କରିବା ଠିକ୍ ହେବନାହିଁ। ତରବରିଆ ଯାତ୍ରା ସମୟରେ ଅନ୍ୟମନସ୍କ କିମ୍ବା ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ। ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ କର୍ମକ୍ଷେତ୍ରରେ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବେ।

**କୁମ୍ଭ** ଶତ୍ରୁତା ଯୋଗୁ ବିଶୃଙ୍ଖଳିତ ପରିସ୍ଥିତି ଲାଗି ରହିବା କାରଣରୁ କର୍ମକ୍ଷେତ୍ରରେ ଶିଥିଳତା ଦେଖାଦେବ। ସ୍ୱାସ୍ଥ୍ୟହାନିଜନିତ ଡାକ୍ତରଙ୍କ ପରାମର୍ଶ ପାଇଁ ବାରମ୍ବାର ଦୌଡ଼ିବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, ଶେୟାର ବଜାରରେ କ୍ଷତିର ଆଶଙ୍କା ରହିଛି। ମାତ୍ର ଜଣେ ବନ୍ଧୁଙ୍କ ସାହାଯ୍ୟକୁ ଭୁଲିପାରିବେ ନାହିଁ।

**ମୀନ** ନିଜ ଲୋକମାନେ ଶତ୍ରୁତା ଆଚରଣ କରୁଥିବାରୁ ଯେତେ ଭଲ କାମ କଲେ ସୁଦ୍ଧା ସମାଲୋଚିତ ହେବେ। ମାଲିମକଦ୍ଦମାରୁ ଚିନ୍ତା ବଢ଼ିଯିବ କିନ୍ତୁ ତୁଳନାତ୍ମକ ବିଚାର କରି କିଛିଟା ଆଶ୍ୱସ୍ତି ଲାଭ କରିବେ। ଶିଳ୍ପ, ବାଣିଜ୍ୟ ଓ ରାଜନୀତି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ। ପ୍ରତ୍ୟେକ କାମ ସହମତିରେ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି।

ଆଜି ଶ୍ରୀଅରବିନ୍ଦଙ୍କ ମହାପ୍ରୟାଣ ଦିବସ, ବିଶ୍ୱ ସ୍ୱେଚ୍ଛାସେବୀ ଦିବସ, ବିଶ୍ୱ ମୃତ୍ତିକା ଦିବସ, ମାଣବସା ଗୁରୁବାର ଚତୁର୍ଥପାଳି, ମାର୍ଗଶିର ଶୁକ୍ଳ ନବମୀ ଗୁରୁବାର, ଡିସେମ୍ବର ୫ ତାରିଖ, ରାଶି ନକ୍ଷତ୍ର–ପୂର୍ବଭାଦ୍ରପଦ/କୁମ୍ଭ, ଦିବା ଘ୧।୪୮ମି. ପରେ ମୀନ ଚନ୍ଦ୍ର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୭।୩୮ମି. ମଧ୍ୟେ ଅମୃତବେଳା। ଦିବା ଘ୧୧।୪୦ମି. ଗତେ ଘ୧।୦୦ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୨।୫୮ମି. ଗତେ, ଘ୨।୧୯ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

**automobile**

**SALE**

Pulsar OR-02AF1929, Owner going England immediate sale. Phone/ What'sApp, 8763839132. D-15574

Toyota Fortuner, Passat, Verna, Breeza, Mitsubishi Lancer, Hyundai Elantra. 7381091234, 9861194627. D-68439

**real estate**

**SALE**

Plotted land 2000sqft. Sipasarubali near Puri sea beach, What'sApp, 8763839132. D-15573

ଭୁବନେଶ୍ୱର ପିତାପଲ୍ଲୀଛକ ନିକଟରେ NH-16କୁ ଲାଗିକି ପ୍ଲଟ୍ ବିକ୍ରିହେଉଛି। ପ୍ରଥମେ Possession ଦିଆଯାଉଛି, ତା'ପରେ ରେଜିଷ୍ଟ୍ରିହେଉଛି। Project ଭିତରେ 30ft road ଦିଆଯାଇଛି। 8018474890. D-68431

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1000sqft. 5,50,000. Contact: 8908492594. D-15304

New Bhubaneswar Railway station ପାଖରେ 30ft ରାସ୍ତାଥାଇ immediate ଘରକଲାଭଳି yellowzone plot sqft.1400/-ରେ ମିଳୁଅଛି। 7978286401, 9861411038. D-68438

ଭୁବନେଶ୍ୱର ଓ ପୁରୀରେ individual building, Duplex, Simplex, Flat, plot sale/ purchase ପାଇଁ ଯୋଗାଯୋଗ କରନ୍ତୁ। 9438109040, 8144658008. D-15580

ନଖରା ତ୍ରିନାଥବଜାରଠାରେ SC Plot 1200sqft. 4,44,000/-, ଘରବାରୀ ପାଚେରୀ ଥାଇ outrightରେ ମିଳୁଅଛି– 9348817649, 6371569855. D-68443

BDA Residential plots at Patia railwaystation just 3.5K.M from Big Bazar, 7008613186. D-68522

ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପାଚେରି ପ୍ଲଟ ପଚ୍ଛାରୁ ବିକ୍ରିହେବ। 9178660666. D-68911

**GENERAL SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-68404

**to-let**

Duplex house having 6 rooms, servant's quarter and garden for rent near Dhenkanal railway station. Preferable for residence/ corporate office/ corporate guest house. Contact: 7008603326. D-66834

6500 Square feet hall type 3 storied building on 100 feet Bhimtangi Main Road for office and commercial. Contact: 9958003695. D-15405

**packers & movers**

India's No.1 Packers, Leo Packers & Movers Car, Household & Office movement countrywide, 9438133699. D-15579

**healthcare**

Rejuvenate and ayurvedic full body massage by smart therapist. 9114402304. D-68904

Ayurvedic full body massage ladies/ gents smart experts therapist- 8480939300. D-68712

Sai herbal spa refresh your body with smart, expert therapist. 7608062524. D-68905

Experience full body massage with us (expert). Call: 7377048581, 06742597822. D-68901

Herbal full body massage by smart / expert therapist. Contact: 8338067247. D-68902

Full body herbal massage with refreshment expert therapist. 7381239385, 06742540855. D-68200

Summer special mesmerizing offer expert therapeutic refreshing massage appointment. 9668374480. D-68903

Newly open full body massage by ladies, gents therapist. 8018656899 D-60855

Ayurvedic full body massage by ladies, gents therapist. 7008773793 D-60856

Refresh your mind and soul with best therapy at Orchid Salon/Spa. 9937287222. D-68716

Ayurvedic full body massage ladies and gents. Contact: 9861064981. D-68715

Ayurvedic full body massage ladies & gents smart therapist, 9668814589. D-68719

**business**

Avon trading co. (Regd.) 1500 ରୁ 8000 ରୋଜଗାର କରନ୍ତୁ। Paper plate, ସୂତା ଉଦ୍ୟୋଗ ଲଗାନ୍ତୁ। କଞ୍ଚାମାଲ, ଟ୍ରେନିଂ, ଆଗ୍ରୀମେଣ୍ଟ, ଟ୍ରାନ୍ସପୋର୍ଟ ଫ୍ରୀ.– 9873093017, 9873093217. D-15430

**AFFIDAVIT**

By virtue of an affidavit before Executive Magistrate, Cuttack, on date 30.11.19. That I have changed my name from Gultaz Sabjaali Issani to Gultaz. Henceforth, I shall be known as Gultaz for all purposes. D-15576

By virtue of an affidavit sworn before the Notary Public, Sundargarh, I Binita Rani Sharma, W/o- Chandrasekhar Sharma, R/o- Village- Khamaripara, Po/Dist- Sundargarh, declare that my correct name is Binita Rani Panda, but after marriage. I have changed my surname from Panda to Sharma. So that Binita Rani Sharma and Binita Rani Panda is one and same person. D-15577

By virtue of an affidavit sworn before the Notary Public, Bhubaneswar, we declared that Jayanti Dash and Saroj Kumar Mishra are married and living together as married couple since 19.6.1987. That Jayanti Dash would henceforth be known as Jayanti Mishra for all purposes. At- Laxmimohan, Anuguliapada, Ainthapali, Sambalpur. D-15578


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।
- ଭଗବାନ ଶ୍ରୀକୃଷ୍ଣ



# ଓଏଏସ୍ ସ୍ତରରେ ଅଦଳବଦଳ

**ଭୁବନେଶ୍ୱର, ୪।୧୨(ବ୍ୟୁରୋ)**

ରାଜ୍ୟ ପ୍ରଶାସନରେ କାର୍ଯ୍ୟରତ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ଅଧିକାରୀସ୍ତରରେ ବୁଧବାର ଅଦଳବଦଳ କରାଯାଇଛି। ଏଥିପାଇଁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ନୂତନ ନିଯୁକ୍ତି ଅନୁଯାୟୀ, କୃଷ୍ଣପ୍ରସାଦ ମାଝି, ଡ.ଗଣେଶ୍ୱର ଜେନାଙ୍କୁ ଇସ୍ପାତ୍ ଓ ଖଣି ବିଭାଗ ଅତିରିକ୍ତ ସଚିବ ଦାୟିତ୍ୱ ପ୍ରଦାନ କରାଯାଇଛି। ଡ. ଉଦ୍ଧବ ଚରଣ ମାଝିଙ୍କୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସିଇଓ, ମହେଶ୍ୱର ପାଣିଗ୍ରାହୀ କେନ୍ଦୁଝର ପିଡି, ଡିଆରଡିଏ, ଶ୍ରୀକାନ୍ତ ତରାଇ ବିଏସ୍ଇ ସଚିବ, ଶୁଭେନ୍ଦୁ କୁମାର ନାୟକ ଗଞ୍ଜାମ ଏଡିଏମ୍‌ଭାବେ କାର୍ଯ୍ୟ କରିବେ। ବାଳମୁକୁନ୍ଦ ଭୂଆଁ ପିଡି, ଡିଆରଡିଏ ମାଲକାନଗିରି, ଜ୍ଞାନରଞ୍ଜନ ଭଞ୍ଜଦେଓ ଏଡିଏମ୍ ଗଜପତି, ଧରଣୀଧର ନନ୍ଦ କଟକ ଜିଲା ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ୍, ପ୍ରଭାତ କୁମାର ମହାପାତ୍ର ପିଡି, ଡିଆରଡିଏ କଳାହାଣ୍ଡି ଏବଂ ଦୋଳମଣି ପଟେଲ ସମ୍ବଲପୁର ସବ୍‌କଲେକ୍ଟର ଏବଂ ରବୀନ୍ଦ୍ର କୁମାର ସେଠୀ କ୍ରୀଡ଼ା ଓ ଯୁବ ବ୍ୟାପାର ଓଏସ୍‌ଡି ଭାବେ ଦାୟିତ୍ୱ ତୁଲାଇବେ। ଅନୁରୂପଭାବେ ଅଜାମ୍ବର ମହାନ୍ତି ଏପିଡି (ଆଡମିନ୍) ଡିଆରଡିଏ ଢେଙ୍କାନାଳ, ସରୋଜ ବେହେରା ପାରଳାଖେମୁଣ୍ଡି ଆଇଟିଡିଏ ପିଏ, ଅଶୋକ କୁମାର ଭୋଇ ବୀରମହାରାଜପୁର ସବ୍‌କଲେକ୍ଟର, ଶେଷଦେବ ମିଶ୍ର ପାରଳାଖେମୁଣ୍ଡି ସବ୍‌କଲେକ୍ଟର, ସୁରେଶ ଚନ୍ଦ୍ର ପ୍ରଧାନ ଫୁଲବାଣୀ ସବ୍‌କଲେକ୍ଟର ଭାବେ କାର୍ଯ୍ୟ କରିବେ।

## ଜିଲା ଚିଠି
### କୋରାପୁଟ



# ନାଁକୁ ମଳମୁକ୍ତ ଗ୍ରାମ

ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଯୋଜନାରେ ପ୍ରତି ଘରେ ପାଇଖାନା ନିର୍ମାଣ ସହ ଏହାର ବ୍ୟବହାର ପାଇଁ ଜିଲା ଜଳ ଓ ପରିମଳ ମିଶନ ଲୋକଙ୍କୁ ପ୍ରୋତ୍ସାହନ ଦେବା ସହ ସଚେତନ କରିଆସୁଛି। କିନ୍ତୁ ଏହାର ସଫଳତା ନେଇ ଯେଉଁ ସରକାରୀ ରିପୋର୍ଟ ଦର୍ଶାଯାଉଛି, ତାହା ବାସ୍ତବ ଚିତ୍ରଠାରୁ ସମ୍ପୂର୍ଣ୍ଣ ଅଲଗା। ସରକାରୀ ଲକ୍ଷ୍ୟଧାର୍ଯ୍ୟ ପୂରଣ ପାଇଁ ବିଭାଗ ତରବରିଆ ଭାବେ ପାଇଖାନା ନିର୍ମାଣ କରୁଛି ସତ, କିନ୍ତୁ ତାହା ଅତି ନିମ୍ନମାନର। ଏପରିକି ଜଣଙ୍କ ନାମରେ ଦୁଇ ଥର ଲେଖାଏ ପଞ୍ଜିକରଣ କରାଯାଉଛି। ଗତ ଜୁଲାଇରେ ଏଭଳି ଅଭିଯୋଗ ହେବା ପରେ ରାଜ୍ୟ ସରକାର ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। କୋରାପୁଟ ଜିଲାରେ ୮ ହଜାର ହିତାଧିକାରୀଙ୍କ ନାମରେ ଦୁଇଥର ପାଇଖାନା ରହିଥିବା ଜଣାପଡ଼ିଥିଲା। ଫଳରେ ହିତାଧିକାରୀ ତାଲିକାରୁ ସେମାନଙ୍କ ନାମ କଟାଯାଇ ୨୧୭୯ ନୂତନ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯାଇଥିଲା। ୨୦୧୯-୨୦ ଆର୍ଥିକ ବର୍ଷର ଅକ୍ଟୋବର ୧୮ ସୁଦ୍ଧା ଜିଲାରେ ଥିବା ୨୪୦ ପଞ୍ଚାୟତର ୧୯୦୧ ଗ୍ରାମକୁ ମଳମୁକ୍ତ ଗ୍ରାମ ଭାବେ ଘୋଷଣା କରାଯାଇଥିଲା। ସେଥିରୁ ବନ୍ଧୁଗାଁ ବ୍ଲକର ୧୩ଟି ପଞ୍ଚାୟତର ୧୪୭ ଗ୍ରାମ, ବୈପାରୀଗୁଡ଼ା ବ୍ଲକର ୨୦ ପଞ୍ଚାୟତର ୨୪୧ ଗ୍ରାମ, ବୋରିଗୁମ୍ମା ବ୍ଲକର ୩୧ଟି ପଞ୍ଚାୟତର ୧୪୮ ଗ୍ରାମ, ଦଶମନ୍ତପୁର ବ୍ଲକର ୧୬ଟି ପଞ୍ଚାୟତର ୧୬୫ ଗ୍ରାମ, ଜୟପୁର ବ୍ଲକର ୨୨ଟି ପଞ୍ଚାୟତର ୧୧୨ ଗ୍ରାମ, କୋରାପୁଟ ବ୍ଲକର ୧୪ଟି ପଞ୍ଚାୟତର ୯୭ ଗ୍ରାମ, କୋଟପାଡ଼ ବ୍ଲକ ୧୭ଟି ପଞ୍ଚାୟତର ୯୫ ଗ୍ରାମ, କୁନ୍ଦୁରା ବ୍ଲକର ୧୬ଟି ପଞ୍ଚାୟତର ୮୪ ଗ୍ରାମ, ଲମତାପୁଟ ବ୍ଲକର ୧୫ଟି ପଞ୍ଚାୟତର ୧୬୮ ଗ୍ରାମ, ଲକ୍ଷ୍ମୀପୁର ବ୍ଲକର ୧୩ଟି ପଞ୍ଚାୟତର ୧୦୧ ଗ୍ରାମ, ନନ୍ଦପୁର ବ୍ଲକର ୨୩ଟି ପଞ୍ଚାୟତର ୨୧୯ ଗ୍ରାମ, ନାରାୟଣପାଟଣା ବ୍ଲକର ୯ଟି ପଞ୍ଚାୟତର ୧୨୭ ଗ୍ରାମ, ପଟ୍ଟାଙ୍ଗି ବ୍ଲକର ୧୪ଟି ପଞ୍ଚାୟତର ୧୦୨ ଗ୍ରାମ, ସେମିଳିଗୁଡ଼ା ବ୍ଲକର ୧୭ଟି ପଞ୍ଚାୟତର ୯୫ ଗ୍ରାମ ରହିଛି। ଏହିପରି ମୋଟ ୧୯୦୧ ଗ୍ରାମରେ ଥିବା ୨ ଲକ୍ଷ ୫୬ ହଜାର ୧୨୧ ଜଣ ହିତାଧିକାରୀଙ୍କ ଘରେ ପାଇଖାନା ନିର୍ମାଣ କରାଯାଇଥିବା ସରକାରୀ ରିପୋର୍ଟରେ ଦର୍ଶାଯାଇଛି। କିନ୍ତୁ ଅଧିକାଂଶ ଗ୍ରାମର ଲୋକେ ଏହି ପାଇଖାନା ବ୍ୟବହାର କରୁନାହାନ୍ତି। ଗ୍ରାମରେ ନିମ୍ନମାନର ପାଇଖାନା ଗୃହ କରାଯାଉଥିବା ଅଭିଯୋଗ ହେଉଛି। ଅନେକ ସ୍ଥାନରେ ପାଇଖାନାରେ ପାଣି ବ୍ୟବସ୍ଥା ନ ଥିବାରୁ ତାହା ଉପଯୋଗୀ ହୋଇପାରୁନାହିଁ। ଅନ୍ୟ କେଉଁଠି ଘର ଦାଣ୍ଡରେ ପାଇଖାନା ରହିଛି। ହିତାଧିକାରୀଙ୍କୁ ଯେଉଁ ୧୨ ହଜାର ଟଙ୍କା ଦିଆଯାଉଛି, ସେଥିରେ ଗୋଟିଏ ପାଇଖାନା ନିର୍ମାଣ କରିବା କଷ୍ଟକର। ତେଣୁ ମଳମୁକ୍ତ ଗ୍ରାମ ଗଠନ ପାଇଁ ଏହି ଯୋଜନାର ସଫଳ ରୂପାୟନ ଏଯାବତ୍ ହୋଇପାରୁନାହିଁ। ଜିଲା ଜଳ ଓ ପରିମଳ ମିଶନ ଏବଂ ପ୍ରଶାସନ କେବଳ ରିପୋର୍ଟରେ ସନ୍ତୁଷ୍ଟ ନ ହୋଇ ପାଇଖାନାର ମାନ ଯାଞ୍ଚ ଓ ନିର୍ମାଣକୁ ତ୍ୱରାନ୍ୱିତ କରିବା ଜରୁରୀ।

– ଅମିତାଭ ବେହେରା

# ପୁଣି ଜବତ ହେଲା ୨ହଜାର ବୋତଲ କଫ୍ ସିରପ

**ପାଟଣାଗଡ, ୪।୧୨ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ଼ ଉପଖଣ୍ଡ ଅଞ୍ଚଳରେ କଫ୍ ସିରପର ଚାଲିଛି ଅବାଧ କାରବାର। ଗତ ୨ ତାରିଖରେ ପାଟଣାଗଡ଼ ପୋଲିସ ୧୬ହଜାର ବୋତଲ କଫ୍ ସିରପ ଜବତ କରିଥିଲା। ଏହାର ଦୁଇଦିନ ପରେ ବୁଧବାର ପାଟଣାଗଡ଼ ଅବକାରୀ ବିଭାଗ ବେଲପଡା ଅଞ୍ଚଳରୁ ୨ହଜାର ବୋତଲ କଫ୍ ସିରପ ଜବତ କରିଛି। ଅବକାରୀ ଅଧୀକ୍ଷକ ଶ୍ରୀଧର ମାଝିଙ୍କ ନେତୃତ୍ୱରେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ସିଦ୍ଧେଶ୍ୱର ବେଶ୍ରା, ସଦର ଇନସ୍‌ପେକ୍ଟର ପ୍ରସନ୍ନ ନାଏକ, ମୋବାଇଲ ଇନ୍ସପେକ୍ଟର ଝସକେତନ ବରିହା, ପାଟଣାଗଡ଼ ଅବକାରୀ ଅଧିକାରୀ ବିଶ୍ୱନାଥ ପରିଡା, ମୋବାଇଲ ଏସ୍‌ଆଇ ଗିରିଜା ପାଣିଗ୍ରାହୀ, ସଦର ଏସଆଇ. ପଦ୍ମଲୋଚନ ନାଏକ ସଦଳବଳ ବେଲପଡା ଏବଂ ତରା ଗ୍ରାମରୁ ଏହି କଫ ସିରପ ଜବତ କରଛନ୍ତି। ଏହି ବେଆଇନ ନିଶା କାରବାର ରାୟପୁରରୁ ଆରମ୍ଭ କରି କଟକ ପର୍ଯ୍ୟନ୍ତ ଲମ୍ବିଥିବା କୁହାଯାଉଛି। ତେବେ ଏହି କାରବାରର ମୁଖ୍ୟ ନାୟକଙ୍କୁ ତୁରନ୍ତ ଗିରଫ କରିବାକୁ ସାଧାରଣରେ ଦାବି ହେଉଛି।

### ଓଜନ ମାପ ସହକାରୀ ନିୟନ୍ତ୍ରକଙ୍କ ଘରେ ଭିଜିଲାନ୍ସ ଯାଞ୍ଚ

# କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ

**କଟକ ଅଫିସ, ୪।୧୨:** ଭୁବନେଶ୍ୱର ଓଜନ ଓ ମାପ ବିଭାଗର ସହକାରୀ ନିୟନ୍ତ୍ରକ ରାମଚନ୍ଦ୍ର ଦଳେଇଙ୍କ ଘରେ ବୁଧବାର ଭିଜିଲାନ୍ସ ଯାଞ୍ଚ କରିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଏହି ଯାଞ୍ଚ କରାଯାଇଛି। ଯାଞ୍ଚ ସ୍ଥାନଗୁଡ଼ିକ ମଧ୍ୟରେ ଦଳେଇଙ୍କ ଭୁବନେଶ୍ୱରସ୍ଥିତ ବହୁତଳ ବିଶିଷ୍ଟ ଆବାସିକ କୋଠା, ଖୋର୍ଦ୍ଧା ଜିଲା ବୋଲଗୋଡ ଥାନା ଅଧୀନ ସିଂହପୁର ଗ୍ରାମରେ ଥିବା ଘର ଓ ଭୁବନେଶ୍ୱରସ୍ଥ କାର୍ଯ୍ୟାଳୟ ଆଦି ରହିଛି। ଯାଞ୍ଚ ପରେ ମୋଟ ୧ କୋଟି ୨୫ ଲକ୍ଷ ୪୫ହଜାର ୧୧୭ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ ହୋଇଛି। ଏହି ସମସ୍ତ ସମ୍ପତ୍ତି ଦଳେଇ ଓ ତାଙ୍କ ପରିବାରବର୍ଗଙ୍କ ଦଖଲରେ ଥିବା ଭିଜିଲାନ୍ସ ସୂଚନା ଦେଇଛି।

ଭୁବନେଶ୍ୱରରେ ୧୯୩ଟି ବିଦ୍ୟାଳୟ
ପ୍ରାୟ ୧ ଲକ୍ଷ ଶିଶୁଙ୍କୁ ନେଇ ଚାଲିଛି
-ମୁଁ ସଫେଇବାଲା-
ସ୍ୱଚ୍ଛ ସବୁଜ ଭୁବନେଶ୍ୱର ଗଢ଼ିବାରେ ସାମିଲ ହୁଅନ୍ତୁ।
ଭୁବନେଶ୍ୱର ମହାନଗର ନିଗମ



TRP-2020
TALENT REWARD PROGRAMME
Eligibility - Students of X CBSE/ICSE/BSE can apply
Exam Syllabus can be download from website
SCHOLARSHIP UP TO 5 LAKHS
How to apply - www.academics.org.in → TRP-2020 → Apply Online
- Conducted By -
AALPEE EDUCATION TRUST
Arunodaya Market, Above SBI, Link Road, Cuttack
Phone No - 0671-2331999, 9040087033

## ପୂର୍ବ ତଟ ରେଳପଥ

**ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂତନ B.G. ଲିଙ୍କ୍ ପ୍ରକଳ୍ପ: ନିର୍ମାଣ କାର୍ଯ୍ୟ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCPMBBS2019068, ତା. 29.11.2019

**କାର୍ଯ୍ୟର ନାମ** ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂତନ B.G. ଲିଙ୍କ୍ ପ୍ରକଳ୍ପ: ପୂର୍ବ ତଟ ରେଳପଥରେ ଝାରତରଭା-ସୋନପୁର-ପୁରୁଣାପାଣି ସେକ୍ସନ ମଧ୍ୟରେ ଖୋର୍ଦ୍ଧା ସୀମା ଠାରୁ କି.ମି.260.600 ରୁ କି.ମି.238.400 (22.400 କି.ମି.)ପର୍ଯ୍ୟନ୍ତ ଫର୍ମେସନ୍ (Formation) ରେ ମାଟି କାମ, ଛୋଟ ବ୍ରିଜ୍ ତଥା ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟଗୁଡ଼ିକର ସମ୍ପାଦନ।

**କାର୍ଯ୍ୟର ଆକଳିତ ମୂଲ୍ୟ (ଟଙ୍କାରେ) :** 8602.52 ଲକ୍ଷ, EMD (ଟଙ୍କାରେ): 44,51,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 29,500/-, କାର୍ଯ୍ୟ ଶେଷ ହେବା ଅବଧି : 18 (ଅଠର)ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.30.12.2019 ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-90/CC/19-20

■ବେଳାଭୂମି ସ୍ୱଚ୍ଛ ରଖିବାକୁ ଭିନ୍ନ ପ୍ରୟାସ

# ଆବର୍ଜନା ଦିଅ, ମାଗଣାରେ ଜଳଖିଆ ଖାଅ

**ପୁରୀ ଅଫିସ, ୪।୧୨**

ଚନ୍ଦ୍ରଭାଗାରେ ଚାଲିଛି ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବ। ଏଥିରେ ଦେଶ ବିଦେଶର ବାଲୁକା ଶିଳ୍ପୀ ଭାଗ ନେଇଛନ୍ତି। ଏହି ମହୋତ୍ସବ ଦେଖିବାକୁ ପ୍ରତ୍ୟହ ଯାତ୍ରୀ, ପର୍ଯ୍ୟଟକଙ୍କ ଭିଡ଼ ହେଉଛି। ଦେଶ ବିଦେଶର ପର୍ଯ୍ୟଟକ ଆସୁଥିବାରୁ ଚନ୍ଦ୍ରଭାଗା ବେଳାଭୂମିକୁ ଯେପରି ସବୁ ସମୟରେ ସ୍ୱଚ୍ଛ ଓ ପରିଷ୍କାର ରଖାଯାଇପାରିବ ସେ ଦିଗରେ ଭିନ୍ନ ପ୍ରୟାସ କରିଛି ୱାଇଲ୍ଡ ଗ୍ରାସ୍ ରେଷ୍ଟୁରାଣ୍ଟ। ବାଲୁକା କଳା ମହୋତ୍ସବ ଉପଲକ୍ଷେ ଏଠାରେ ୱାଇଲ୍ଡ ଗ୍ରାସ୍ ରେଷ୍ଟୁରାଣ୍ଟ ପକ୍ଷରୁ ଖାଦ୍ୟ ଷ୍ଟଲ ଖୋଲାଯାଇଛି। କିନ୍ତୁ ଏହି ଷ୍ଟଲରେ ସମସ୍ତଙ୍କ ପାଇଁ ଏକ ନିଆରା ଅଫର ରହିଛି। ତାହା ହେଉଛି ବେଳାଭୂମିକୁ ସଫା ରଖନ୍ତୁ, ମାଗଣାରେ ଜଳଖିଆ ଖାଆନ୍ତୁ। ଅର୍ଥାତ୍ ବେଳାଭୂମିରେ ପଡ଼ିଥିବା ଅଳିଆ ଆବର୍ଜନା ଆଣି ଯେଉଁମାନେ ଷ୍ଟଲ ପାଖରେ ପହଞ୍ଚୁଛନ୍ତି ସେମାନେ ଏହି ଅଫରର ସୁବିଧା ପାଉଛନ୍ତି।




ବେଳାଭୂମିକୁ ସ୍ୱଚ୍ଛ ରଖିବା ଉଦ୍ଦେଶ୍ୟରେ ମୋ ବିଚ୍, ଓଡ଼ିଶା ଇକୋ ଟୁରିଜମ ଫାଉଣ୍ଡେଶନ ଏବଂ ହେରିଟେଜ ଟୁର୍ସ ସହଯୋଗରେ ୱାଇଲ୍ଡ ଗ୍ରାସ୍ ପକ୍ଷରୁ ଏହି ଭିନ୍ନ ପ୍ରୟାସ କରାଯାଇଛି। ରେଷ୍ଟୁରାଣ୍ଟର ମାଲିକ ଯୁଗବ୍ରତ କର କହିଛନ୍ତି, ବର୍ତ୍ତମାନ ମହୋତ୍ସବ ଚାଲିଥିବାରୁ ଏଠାକୁ ଦେଶ ବିଦେଶର ପର୍ଯ୍ୟଟକ ଆସୁଛନ୍ତି। ଚନ୍ଦ୍ରଭାଗା ବେଳାଭୂମି ଯଦି ଅପରିଷ୍କାର ରୁହେ ତେବେ ସେମାନେ ତିକ୍ତ ଅନୁଭୂତି ସାଉଣ୍ଟିବେ। ତେଣୁ ବେଳାଭୂମି କିପରି ସବୁବେଳେ ସଫା ରହିବ ସେହି ଉଦ୍ଦେଶ୍ୟ ନେଇ ଏହି ଅଫର ରଖାଯାଇଛି। ଅର୍ଥାତ୍ ଯଦି କେହି ବେଳାଭୂମିରେ ପଡ଼ିଥିବା ୨ଟି ଖାଲି ପ୍ଲାଷ୍ଟିକ ବୋତଲ ଆଣି ଷ୍ଟଲରେ ପହଞ୍ଚନ୍ତି ସେମାନଙ୍କୁ ଗୋଟିଏ ମିଠା ଦିଆଯିବ। ସେହିପରି ୫ଟି ବୋତଲ ପାଇଁ ଗୋଟିଏ ରୋଲ୍ ଏବଂ ଏକ କିଲୋ ଆବର୍ଜନା ପାଇଁ ବିରିୟାନି (ଚିକେନ କିମ୍ବା ଭେଜ) ଗୋଟିଏ ପ୍ଲେଟ ରହିଛି। ଅନେକ ଦେଖଣାହାରି ଏହାର ସୁଯୋଗ ନେଲେଣି ବୋଲି କର କହିଛନ୍ତି।

### ମୈଥାନ କର୍ମଚାରୀଙ୍କ ନଜରବନ୍ଦିରେ ରୀତା ସିଂ

# ୩୮ ଘଣ୍ଟା ପରେ ମୁକୁଳିଲେ

**କଳିଙ୍ଗନଗର,୪।୧୨(ଡି.ଏନ.ଏ.)**

କଳିଙ୍ଗନଗରସ୍ଥିତ ମୈଥାନ କାରଖାନା କର୍ମଚାରୀଙ୍କ ଦ୍ୱାରା ନଜରବନ୍ଦୀ ଥିବା ମେସ୍କୋ ଗ୍ରୁପର ଅଧ୍ୟକ୍ଷା ରୀତା ସିଂ ୩୮ ଘଣ୍ଟା ପରେ ମୁକୁଳିଛନ୍ତି । ବୁଧବାର ରାତି ୮ଟାରେ ଜିଲା ପ୍ରଶାସନ ଓ ପୋଲିସ ସହାୟତାରେ ଅଧ୍ୟକ୍ଷା ରୀତା ହିଲଭ୍ୟୁ ହୋଟେଲରୁ ବାହାରି ଭୁବନେଶ୍ୱର ଅଭିମୁଖେ ଯାଇଛନ୍ତି। ଅପରପକ୍ଷରେ ଧାରଣାରତ ମୈଥାନ କର୍ମଚାରୀ, ଅଧ୍ୟକ୍ଷା ସିଂ ଓ ପୋଲିସ ତଥା ଜିଲା ପ୍ରଶାସନ ମଧ୍ୟରେ ହୋଇଥିବା ତ୍ରିପାକ୍ଷିକ ବୈଠକ ବିଫଳ ହୋଇଥିବାରୁ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଉଗ୍ରରୂପ ନେଇଛି। କର୍ମଚାରୀଙ୍କ ସମସ୍ତ ଦରମା ପ୍ରଦାନ ଓ ଅନ୍ୟାନ୍ୟ ଦାବି ସଂକ୍ରାନ୍ତରେ ସହଯୋଗ ନ କରି ଜିଲା ପ୍ରଶାସନ ଓ ପୋଲିସ କମ୍ପାନୀ ସପକ୍ଷରେ ଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ପୋଲିସ ଜୋରଜବରଦସ୍ତ ଧାରଣାରତ କର୍ମଚାରୀଙ୍କୁ ଗେଷ୍ଟହାଉସର ମୁଖ୍ୟଫାଟକ ନିକଟରୁ ଉଠାଇ ନେବାପରେ ମେସ୍କୋ ଅଧ୍ୟକ୍ଷା ସିଂ ନଜରବନ୍ଦୀରୁ ମୁକୁଳିବାରେ ସଫଳ ହୋଇଥିଲେ। ତେବେ ଏହି ଘଟଣାକୁ କର୍ମଚାରୀମାନେ ସହଜରେ ଗ୍ରହଣ ନ କରି ଆଗାମୀ ଦିନରେ ମୈଥାନ କାରଖାନା ଚାଲୁ କିମ୍ବା ବକେୟା ଦରମା ପ୍ରଦାନ ନ କଲେ ଆନ୍ଦୋଳନ ବ୍ୟାପକ ହେବ ବୋଲି ଚେତାବନୀ ଦେଇଛନ୍ତି। ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼େଇ ଧାରଣାରତ କର୍ମଚାରୀଙ୍କ ସହିତ ବୁଧବାର ଧାରଣାରେ ବସିଥିଲେ। ଏପରି କି ଆନ୍ଦୋଳନ ବିଫଳ ହେବାର ସୂଚନା ପାଇ ମୈଥାନ ଇସ୍ପାତର ଜଣେ କର୍ମଚାରୀ ଦେବେନ୍ଦ୍ର କୁମାର ଜେନା ନିଜ ଦେହରେ କିରୋସିନ ଢାଳି ଆତ୍ମାହୁତି ଦେବାକୁ ଉଦ୍ୟମ କରିଥିଲେ।






## FORM A
### PUBLIC ANNOUNCEMENT

(Under Regulation 6 of the Insolvency and Bankruptcy Board of India (Insolvency Resolution Process for Corporate Persons) Regulations, 2016)

**FOR THE ATTENTION OF THE CREDITORS OF DEWAN HOUSING FINANCE CORPORATION LIMITED**

**RELEVANT PARTICULARS**

| | | |
|---|---|---|
| 1. | Name of corporate debtor[1] | Dewan Housing Finance Corporation Limited **(DHFL)** |
| 2. | Date of incorporation of corporate debtor[1] | April 11, 1984 |
| 3. | Authority under which corporate debtor[1] is incorporated / registered | Registrar of Companies |
| 4. | Corporate Identity No. / Limited Liability Identification No. of corporate debtor[1] | CIN: L65910MH1984PLC032639 |
| 5. | Address of the registered office and principal office (if any) of corporate debtor[1] | **Registered Office:** Warden House, 2nd Floor, PM Road, Fort, Mumbai 400001<br>**Principal Office:** Ground & 6th Floor, HDIL Towers, Anant Kanekar Marg, Station Road, Bandra (East), Mumbai 400051 |
| 6. | Insolvency commencement date in respect of corporate debtor[1] | December 3, 2019 (vide order no. C.P. (IB) – 4258/MB/2019 dated December 3, 2019 passed by Hon' ble National Company Law Tribunal, Mumbai Bench) |
| 7. | Estimated date of closure of insolvency resolution process | 180 days from the insolvency commencement date which is May 31, 2020 |
| 8. | Name of the insolvency professional acting as interim resolution professional[2] | Shri R. Subramaniakumar |
| 9. | Address and e-mail of the interim resolution professional[2] | Address: 6th Floor, HDIL Towers, Anant Kanekar Marg, Station Road, Bandra (East), Mumbai 400051<br>E-mail id: dhfladministrator@dhfl.com |
| 10. | Address and e-mail to be used for correspondence with the interim resolution professional[2] | Address: 6th Floor, HDIL Towers, Anant Kanekar Marg, Station Road, Bandra (East), Mumbai 400051<br>E-mail id: dhfladministrator@dhfl.com |
| 11. | Last date for submission of claims | December 17, 2019<br>(i.e. 14 days from the date of appointment of the Administrator as intimated by the order of the Hon'ble NCLT) |
| 12. | Classes of creditors, if any, under clause (b) of sub-section (6A) of section 21, ascertained by the interim resolution professional[2] | Public Depositors |
| 13. | Names of Insolvency Professionals identified to act as Authorised Representative of creditors in a class (Three names for each class) | 1. Charu Sandeep Desai (IBBI/IPA-001/IP- 00434/2017-18/10757)<br>2. Deepak Kumar (IBBI/IPA-001/IP-P-01605/2018-2019/12431)<br>3. Pravin Navandar (IBBI/IPA-001/IP-P00008/2016-17/10027) |
| 14. | (a) Relevant Forms and<br>(b) Details of Authorized Representatives are available at: | Web link: https://www.dhfl.com/information-regarding-nclt **OR** https://www.ibbi.gov.in/home/downloads<br>6th Floor, HDIL Towers, Anant Kanekar Marg, Station Road, Bandra (East), Mumbai 400051 **OR** https://www.dhfl.com/information-regarding-nclt |

Notice is hereby given that the National Company Law Tribunal has ordered the commencement of a corporate insolvency resolution process of DHFL on December 3, 2019.

The creditors of DHFL, are hereby called upon to submit their claims with proof on or before December 17, 2019 to the administrator at the address mentioned against entry No. 10.

The financial creditors shall submit their claims with proof by electronic means only. All other creditors may submit the claims with proof in person, by post or by electronic means.

A financial creditor belonging to a class, as listed against the entry No. 12, shall indicate its choice of authorised representative from among the three insolvency professionals listed against entry No.13 to act as authorised representative of the class of Public Depositors in Form CA.

Submission of false or misleading proofs of claim shall attract penalties.

Name and Signature of Administrator: Shri R. Subramaniakumar

Date and Place : December 4, 2019 at Mumbai

Notes :
1. Corporate Debtor refers to a Financial Service Provider as per the Insolvency and Bankruptcy (Insolvency and Liquidation Proceedings of Financial Service Provider and Application to Adjudicating Authority) Rules, 2019
2. Interim Resolution Professional shall mean an Administrator appointed by Hon'ble National Company Law Tribunal vide its order no. C.P. (IB) – 4258/MB/2019 dated December 3, 2019 pursuant to the provisions of the Insolvency and Bankruptcy (Insolvency and Liquidation Proceedings of Financial Service Provider and Application to Adjudicating Authority) Rules, 2019

ଏକମାତ୍ର କର୍ତ୍ତବ୍ୟ ହେଉଛି– ଧୀର, ଶାନ୍ତ ଭାବରେ ଧୈର୍ଯ୍ୟ ଓ ସହିଷ୍ଣୁତା ସହ ଭଲମନ୍ଦ ସବୁକିଛିର ସମ୍ମୁଖୀନ ହେବା। ... ଭୟ କରନାହିଁ। ଅକପଟ ସରଳତା ହିଁ ତୁମର ରକ୍ଷାକବଚ।
– ଶ୍ରୀମା





ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

# ଶୁଦ୍ଧ ଶାକାହାରବାଦ ନ୍ୟାୟ ସଂଗ୍ରାମର ଅଂଶ

ଭିଗନିଜମ୍ ବା ଶୁଦ୍ଧ ଶାକାହାରବାଦ ଏକ ରାଜନୈତିକ ଆନ୍ଦୋଳନରେ ପରିଣତ ହେବା ଉଚିତ। କିନ୍ତୁ ଏହା ବିଶ୍ୱର କୌଣସିଠାରେ ଦେଖାଯାଉ ନାହିଁ। ଏଥିରେ ଭିଗନ୍ (ଶୁଦ୍ଧ ଶାକାହାରୀ)ମାନଙ୍କର ହିଁ ଭୁଲ୍ ରହିଛି। ଏବେ ମଣିଷ ପୂରା ବିଶ୍ୱକୁ ଖାଇଯିବା ପାଇଁ ପୁଞ୍ଜିବାଦ ସହଜ କରିଦେଇଛି। ପ୍ରତ୍ୟେକ ପ୍ରଜାତିର ଜୀବ, ପ୍ରତିଟି ଜଙ୍ଗଲ, ପୃଥିବୀର ଖଣିଜ ସମ୍ପଦ ଓ ସମୁଦ୍ରର ପ୍ରତିଟି ମାଛ ମଣିଷର ଲୋଭକୁ ପୂରଣ କରିବା ପାଇଁ ଅସମର୍ଥ ହେଉଛନ୍ତି। ଯେମିତି ଗୋଟିଏ ପ୍ରଜାତିର ଜୀବ ବିଲୁପ୍ତ ହୋଇଯାଉଛି ଆମେ ଆଉ ଗୋଟିକୁ ପାଇଯାଉଛୁ। ଶହ ଶହ କୋଟି ମାଛ ସମୁଦ୍ରରୁ ଲୋପ ପାଇଯିବା କାରଣରୁ ଏହି ଶୂନ୍ୟସ୍ଥାନ ପୂରଣ କରିବା ପାଇଁ ମହାସାଗର ଏବେ ଜେଲିଫିଶ୍‌ରେ ଭର୍ତ୍ତି ହୋଇଗଲାଣି। ଏହି ମାଛ ଅତି ବିଷାକ୍ତ ଓ ଏହାକୁ ଖାଦ୍ୟଭାବେ ବ୍ୟବହାର କରାଯାଇପାରିବ ନାହିଁ। ତଥାପି ୭ଟି ଦେଶ ଜେଲିଫିଶ୍‌ରୁ ସେମାନେ କ'ଣ କରିପାରିବେ ତାହା ନିରୀକ୍ଷଣ କରୁଛନ୍ତି। ଯେହେତୁ ସ୍ତନ୍ୟପାୟୀ ପ୍ରାଣୀ ଓ ପକ୍ଷୀମାନଙ୍କ ସଂଖ୍ୟା କମିଯାଉଛି, ଫୁଡ୍ କମ୍ପାନୀଗୁଡିକ କୀଟଗୁଡିକୁ 'ନୂଆ' ପ୍ରୋଟିନ ଭାବେ ବିକ୍ରି କରୁଛନ୍ତି।

ଜଣେ ଶୁଦ୍ଧ ଶାକାହାରୀ କ'ଣ କରିପାରିବେ? ପ୍ରଥମେ କିଣିବା ବନ୍ଦ କରିଦିଅନ୍ତୁ। ଶାକାହାରୀ କିମ୍ବା ମାଂସାହାରୀ ଯାହା କିଣୁଛନ୍ତି ତା'ର ପରିଣାମ ଓ ପ୍ରଭାବ ବି ରହିଛି। ଟି-ଶାର୍ଟ ପାଇଁ ଆବଶ୍ୟକ ସୂତା ଲାଗି ଜଙ୍ଗଲ କଟାଯାଉଛି। ଗୋଟିଏ ଗଛର ମୃତ୍ୟୁ ଅର୍ଥ ହଜାର ହଜାର ଜୀବ ଓ ପକ୍ଷୀଙ୍କର ମୃତ୍ୟୁ। ସୂତା ତିଆରି କରିବାରେ ପୃଥିବୀର ସବୁଠୁ ଖରାପ କୀଟନାଶକ ବି ବ୍ୟବହାର ହେଉଛି, ଯାହା ପ୍ରତିବର୍ଷ ଲକ୍ଷ ଲକ୍ଷ ଜୀବନ ନେଉଛି ଓ ପାଣିକୁ ବିଷାକ୍ତ କରୁଛି। ଏଣୁ ଏଠି ନୈତିକତାର ଅର୍ଥ କ'ଣ? ସୂତାବସ୍ତ୍ର ପିନ୍ଧିବା? କିମ୍ବା ହଜାର ହଜାର ସିଲ୍କ କୀଟକୁ ସିଝାଇ ସେଥିରୁ ସିଲ୍କ ପ୍ରସ୍ତୁତ କରାଯିବା କାରଣରୁ ଏହି ବସ୍ତ୍ର ପିନ୍ଧିବାନି? ବୁଦ୍ଧିମାନ ଭାବେ ଆମକୁ ବାଛିବାକୁ ପଡିବ ଏବଂ ସବୁଠୁ ଭଲ ପସନ୍ଦ ଯେମିତି ସବୁଠୁ କମ୍‌ରେ ରହିପାରିବ। ଏହାଦ୍ୱାରା ତୁମେ ଅଧିକ ପୋଷାକ, ଜୋତା କିମ୍ବା ପ୍ରସାଧନ ସାମାଗ୍ରୀ ଆବଶ୍ୟକ କରିବ ନାହିଁ। ଭିଗନ୍ କିମ୍ବା ନନ୍‌ଭିଗନ୍ ଉପଭୋକ୍ତା ପୁଞ୍ଜିବାଦୀ ପୃଥିବୀର ପରିବେଶକୁ ଧ୍ୱଂସ କରିବା ପାଇଁ ଦାୟୀ। ଶୁଦ୍ଧ ଶାକାହାରବାଦ ଅର୍ଥ ଏହି ସବୁ ସମସ୍ୟାଗୁଡିକ ଉପରେ ଧ୍ୟାନ ଦେବା। 'କମ୍ ବ୍ୟବହାର, ଅଧିକ ନୁହେଁ' ପ୍ରତ୍ୟେକ ଶୁଦ୍ଧ ଶାକାହାରୀଙ୍କ ମନ୍ତ୍ର ହେବା ଉଚିତ।

କେବଳ ଭୁଲ୍ ବାଟରେ ରହିଥିବା କମ୍ପାନୀଗୁଡିକ ପାଇଁ ତୁମେ ଅଧିକ ଧନ ସୃଷ୍ଟି କରୁନାହିଁ, ବରଂ ଯେଉଁ ପୃଥିବୀକୁ ତୁମେ ରକ୍ଷା କରିବା ଲାଗି ଚାହୁଁଛ ତାହା ଉପରେ ଆହୁରି ବୋଝ ଲଦି ଦେଉଛ। ଖାଇବା, ବ୍ୟବହାର କରିବା, କିଣିବା କିମ୍ବା ବିଦେଶୀ ଦ୍ରବ୍ୟ ଖୋଜିବା ଲୋକ ସାଧାରଣତଃ ଏକ ଶୋଷକ ଗୋଷ୍ଠୀ ବୋଲି ଶୁଦ୍ଧ ଶାକାହାରୀମାନେ ବିଶ୍ୱାସ କରନ୍ତି। ଚିୟା ବଟର୍ ଲିପଷ୍ଟିକ୍ କିଣିବା ଲାଗି ଯେଉଁମାନେ ଘରୋଇ ପ୍ରସ୍ତୁତ ଲିପ୍‌ଷ୍ଟିକ ବନ୍ଦ କରିଦେଲେ ସେମାନଙ୍କୁ ଚିୟା ବଟର୍‌ର ଯେତେ ଦାମ୍ ହେଲେ ବି ଫରକ ପଡୁନି। ଏହାଦ୍ୱାରା ଏହି ଲିପ୍‌ଷ୍ଟିକ ପ୍ରସ୍ତୁତକାରୀ କମ୍ପାନୀ ହିଁ ଲାଭ କରୁଛି। ଚିୟା ପ୍ରସ୍ତୁତ କରିବାରେ କୀଟନାଶକ ଓ ରାସାୟନିକ ପଦାର୍ଥ ବ୍ୟବହାର ହେଉଛି କି ନାହିଁ ତାହା ଉପରେ କେହି ଖୋଳତାଡ଼ କରୁନାହାନ୍ତି। ଏଣୁ ଶୁଦ୍ଧ ଶାକାହାରୀମାନେ ଯେଉଁ ପରିବେଶକୁ ମୁଣ୍ଡେଇଛନ୍ତି ତାହା ତାଙ୍କ ନିୟନ୍ତ୍ରଣରେ ନାହିଁ। ୟୁରୋପୀୟ କମ୍ପାନୀଗୁଡିକ ଭିଗନ୍‌ମାନଙ୍କ ପାଇଁ ଚିକେନ୍ ୱିଙ୍ଗ ବଦଳାଇ ଜ୍ୟାକ୍‌ଫ୍ରୁଟ୍ ୱିଙ୍ଗ ବ୍ୟବହାର କରୁଛନ୍ତି। କିନ୍ତୁ ଜ୍ୟାକ୍‌ଫ୍ରୁଟ ବା ପଣସ ସବୁବେଳେ ଏସିଆରୁ ଇଂଲଣ୍ଡକୁ ଯାଉଛି।

ଦ୍ୱିତୀୟତଃ ଶୁଦ୍ଧ ଶାକାହାରୀମାନେ ଅନୁଭବ କରିବା ଉଚିତ ଯେ, ସେମାନେ ବିଭିନ୍ନ ମାର୍କା ଉତ୍ପାଦ ସହିତ ଶୁଦ୍ଧ ଶାକାହାରବାଦକୁ ନେଇ ଦ୍ୱନ୍ଦ୍ୱରେ ପଡିବା ଉଚିତ ନୁହେଁ। ଦୁର୍ଭାଗ୍ୟବଶତଃ ଶାକାହାରବାଦ କେବଳ ମାଂସ, ଦୁଗ୍ଧ ଓ ଚମଡ଼ା ସହ ନୁହେଁ ବରଂ ଅର୍ଗାନିକ, ସ୍ଥାନୀୟ ଉତ୍ସ ସହ ପ୍ରତିଯୋଗିତା କରୁଛି। ଅଧିକାଂଶ ରିଟେଲର୍ କୁହନ୍ତି, ସେମାନେ ଅର୍ଗାନିକ ବିଜ୍ଞାପନ ବନ୍ଦ କରି ତା' ବଦଳରେ ଭିଗନ୍ ରଖିଛନ୍ତି। ଏହା ସ୍ୱାସ୍ଥ୍ୟପ୍ରଦ, କଞ୍ଚା କି ଲସ୍‌ଲସିଆ ଖାଦ୍ୟ ତା' ଉପରେ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। ବିଜ୍ଞାପନ ସଂସ୍ଥା ସମ୍ପୂର୍ଣ୍ଣ ଭାବେ ଅଦରକାରୀ ଆଇଟମ୍‌ଗୁଡିକୁ ଭିଗନ୍ ମାର୍କାରେ ଯୋଗାଇଦେଇ ମୁଣ୍ଡରେ ଅନେକ ବିଭ୍ରାନ୍ତିକର ତଥ୍ୟ ପୂରାଇ ଆପଣଙ୍କ ସହ ଖେଳୁଛନ୍ତି। ଜୀବନ୍ତ ଓ ଯୁବକ ଭଳି ଦେଖାଯିବା ଲାଗି କିଛି ଉତ୍ପାଦ ପ୍ରସ୍ତୁତ କରି ସ୍ୱାସ୍ଥ୍ୟ ସହ ଜଡିତ ଥିବା ଭିଗନ୍‌ମାନଙ୍କ ଉପରେ ଏକ ଇମେଜ୍ ସୃଷ୍ଟି କରିପାରିଛନ୍ତି। ଏହା କେଉଁଠାରୁ ଆସୁଛି ତାହା ନ ଜଣାଇ ଏହି ଖାଦ୍ୟ କେତେ ଭଲ ହେବା ଉଚିତ ସେ ସମ୍ପର୍କରେ ସୋସିଆଲ ମିଡିଆରେ ପ୍ରକାଶ ପାଉଛି। ତୁମେ ମେକ୍ସିକୋ କିମ୍ବା କେନିଆର ଆଭକାଡୋ, ବ୍ରାଜିଲର ବିନ୍ସ, ଆମେରିକାର ବ୍ଲୁବେରିଜ ଓ ଚାଇନାର ଗୋଜିବେରିଜ୍ ଖାଇପାରିବ ନାହିଁ ଏବଂ ଭିଗନ୍ ହୋଇପାରିବନାହିଁ। ମେକ୍ସିକୋ ଆଭକାଡୋ ରପ୍ତାନି କରି ପେଟ୍ରୋଲିୟମ୍ ରପ୍ତାନିଠାରୁ ଅଧିକ ଅର୍ଥ ପାଉଛି। ଏହି ଦେଶ ଜଙ୍ଗଲ କାଟି ଆଭକାଡୋ ଗଛ ଲଗାଉଛି। ଏଣୁ ଭିଗନ୍‌ମାନେ କେଉଁ ଦିଗରେ ସଫଳତା ପାଇଲେ? ଭିଗନ୍ ହେବା ଏବଂ ଗ୍ଲୁଟେନମୁକ୍ତ ବ୍ରେଡ୍ ପସନ୍ଦ କରିବା ଏକାକଥା ନୁହେଁ।

ଶୁଦ୍ଧ ଶାକାହାରୀମାନେ ରାଜନୈତିକ ଲବି କରିବା ସହ ମାଂସାହାରବାଦ ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ଉଚିତ। ମାଂସ ଖାଇବା ଓ ପ୍ରାଣିଜ ଉତ୍ପାଦ ବ୍ୟବହାର କରିବାର ପୁଞ୍ଜିବାଦୀ ଦର୍ଶନ ହିଁ ମାଂସାହାରବାଦ (କାର୍ନିଜମ୍)। କେବଳ ପଶୁପାଳନରୁ ୧୫ ପ୍ରତିଶତ ଗ୍ରୀନ୍‌ହାଉସ୍ ଗ୍ୟାସ୍ ନିର୍ଗମନ ହେବା ଦ୍ୱାରା ବିଶ୍ୱତାପନ ବୃଦ୍ଧି ପାଉଛି। ଏହାପରେ ଆନିମଲ ଫାର୍ମିଂ ଲାଗି ଜଙ୍ଗଲ ଧ୍ୱଂସ କରାଯାଉଛି। ପଶୁମାନଙ୍କୁ ବଢାଇବା ପାଇଁ ଆବଶ୍ୟକ ଖାଦ୍ୟ ନିମନ୍ତେ ଅଧିକ ଜମି ଓ ପ୍ରଚୁର ଶସ୍ୟ ନଷ୍ଟ ହେଉଛି। ବିଶ୍ୱର ୮୦ ପ୍ରତିଶତ ସୋୟାମିଲ୍ ପଶୁ ଖାଦ୍ୟ ଭାବେ ବ୍ୟବହାର ହେଉଛି।

ଯେଉଁ ବ୍ୟକ୍ତି କିମ୍ବା ଗୋଷ୍ଠୀ ଏହି କ୍ଷତିକାରକ ଶିଳ୍ପରେ ଟଙ୍କା ଲଗାଇବାକୁ ମନା କରୁଛନ୍ତି ଶୁଦ୍ଧ ଶାକାହାରବାଦ ସେମାନଙ୍କ ସହିତ ମିଶି ଉକ୍ତ କମ୍ପାନୀଗୁଡିକର ବିଭିନ୍ନ ଉତ୍ପାଦ ବ୍ୟବହାର ବନ୍ଦ କରିବା ଉଚିତ। ଶାକାହାରୀ ହୋଇ ଫ୍ୟାକ୍ଟ୍ରିରେ ଜିଲାଟିନ କିମ୍ବା ପ୍ଲାଏଉଡ୍ ତିଆରି କରୁଥିବା ବ୍ୟକ୍ତି କେବେ ବି ଜୈନ ହୋଇପାରିବେ ନାହିଁ। ଶାକାହାରବାଦକୁ ଯଦି ପରିବେଶର ଭଲ ଲାଗି ବ୍ୟବହାର କରିବା ପାଇଁ ଇଚ୍ଛା କରୁଛନ୍ତି, ତେବେ କମ୍ପାନୀଗୁଡିକୁ ସମ୍ପୂର୍ଣ୍ଣ ଭାବେ ନୂଆ ପାରମ୍ପରିକ ଖାଦ୍ୟ ପ୍ରକ୍ରିୟା ଓ କୃଷିର ଉନ୍ନତି ପାଇଁ ଉତ୍ସାହିତ କରିବା ଉଚିତ।

ଶୁଦ୍ଧ ଶାକାହାରୀ ଗୋଷ୍ଠୀ କମ୍ ଉପଭୋକ୍ତାବାଦୀ ଓ ଅଧିକ ଦୟାଶୀଳ ହେବା ଆବଶ୍ୟକ। ଶପିଂକୁ ଯାଅନାହିଁ, ଜଙ୍ଗଲ ସୃଷ୍ଟି ସହ ପ୍ରାଣୀ ଅଭୟାରଣ୍ୟକୁ ସମର୍ଥନ କର, ପ୍ରାଣୀଙ୍କୁ ନିର୍ଯାତନାରୁ ମୁକ୍ତ କର, ପ୍ରାଣୀମାନଙ୍କ ଉପରେ ପରୀକ୍ଷା କରାଯାଇ ପ୍ରସ୍ତୁତ ହେଉଥିବା ଔଷଧ କିଣ ନାହିଁ କି ଚିଡିଆଖାନାକୁ ଯାଅନାହିଁ। ଗ୍ରୀନ୍ ପଲିଟିସିଆନମାନଙ୍କୁ ଭୋଟ ଦିଅ, ରେଳପଥ ଲାଗି କଟାଯିବାକୁ ଥିବା ଗଛ କାଟିବାକୁ ବାରଣ କର।

ପ୍ରସିଦ୍ଧ ଆନାର୍କିଷ୍ଟ ଆକ୍ଟିଭିଷ୍ଟ ତଥା ଲେଖକ ପିଟର ଗେଲଡ୍‌ରଲୁଜଙ୍କ ଅନୁସାରେ ଯଦି ଧନୀ ରାଷ୍ଟ୍ରଗୁଡିକରେ ପ୍ରତ୍ୟେକେ ଶୁଦ୍ଧ ଶାକାହାର ଖାଦ୍ୟ ଗ୍ରହଣ କରନ୍ତେ ତେବେ ମାଂସ ଶିଳ୍ପ ହୁଏତ ଭୁଶୁଡି ପଡିବ, କିନ୍ତୁ ଅନ୍ୟ ଶିଳ୍ପଗୁଡିକ ଓ ପୁଞ୍ଜିବାଦ ସାମଗ୍ରିକ ଭାବେ ଚାଲୁରହିବ। ପୁଣି ସେମାନେ ପରିବେଶ ଏବଂ ପ୍ରାଣୀମାନଙ୍କୁ ନଷ୍ଟ କରିଚାଲିବେ।

ଉପଭୋଗ କରିବା ଅଭ୍ୟାସକୁ ଭୁଲିଯାଅ ଏବଂ ପ୍ରାଣୀମାନଙ୍କୁ ନ୍ୟୂନ ମନେକରିବା ରାଜନୀତି ବିରୋଧରେ ଯାଅ। ଗାଈ କ୍ଷୀର ବଦଳରେ ସୋୟା ଓ ବାଦାମ କ୍ଷୀର ତିଆରି କରନାହିଁ। ଏହି ତିନୋଟିକୁ ବନ୍ଦ କରିଦେଇ ସେହି ଅର୍ଥକୁ ପ୍ରାଣୀ ଆଶ୍ରୟସ୍ଥଳରେ ବିନିଯୋଗ କର ଏବଂ ମାଂସ ରପ୍ତାନି ବିରୋଧରେ ସଂଗ୍ରାମ କର। ପ୍ରାଣୀ ନିର୍ଯାତନା ଲୋପ କରିଦେବା ସାମାଜିକ ନ୍ୟାୟ ପାଇଁ ସଂଗ୍ରାମର ଏକ ଅଂଶ। ଏହି ସଂଗ୍ରାମ ରାଜନୈତିକ ହେବା ଦରକାର। ତୁମେ ଯଦି ଉପଭୋକ୍ତା ରାସ୍ତାରେ ଯାଅ ତେବେ ତୁମର କୌଣସି ପ୍ରଭାବ ରହିବ ନାହିଁ। ତୁମେ କେଉଁ ଲିପ୍‌ଷ୍ଟିକ୍ କିଣୁଛ ତାକୁ ସରକାର ଖାତିର କରିବେ ନାହିଁ। କିନ୍ତୁ ଯିଏ ମାଂସ ରପ୍ତାନି ଓ କଂସେଇଖାନା ବନ୍ଦ କରିବେ ଏବଂ ମାର୍କେଟରେ କେଉଁ ଲିପ୍‌ଷ୍ଟକ୍ ବିକ୍ରି ହେବା ଦରକାର ତା' ଉପରେ ନିୟମ ଆଣିବେ ସେଭଳି ବ୍ୟକ୍ତିଙ୍କୁ ତୁମେ ଯଦି ଏକ ଗୋଷ୍ଠୀ କରି ଭୋଟ ଦେବ ତେବେ ତୁମ ଶୁଦ୍ଧ ଶାକାହାରବାଦର ହୁଏତ କିଛି ମୂଲ୍ୟ ରହିବ।

ପୃଥିବୀକୁ ରକ୍ଷା କରିବା ପାଇଁ ଶୁଦ୍ଧ ଶାକାହାରୀ ହେବାର ଗୁରୁତ୍ୱ ଥିବାବେଳେ ଉପଭୋକ୍ତା ହେବାକୁ ଚାହିଁବା ଅର୍ଥ ତୁମେ ଯୁଦ୍ଧରେ ହାରିଯାଇଛ ବୋଲି ଭାବିନେବ। ତୁମେ ବେଶି ଜିନିଷ ଆବଶ୍ୟକ କରନାହିଁ, ଅନ୍ୟଥା ତାହା ସମ୍ପଦକୁ କ୍ଷତି ପହଞ୍ଚାଇବ, ଇକୋସିଷ୍ଟମ୍‌କୁ ପ୍ରଦୂଷିତ କରିଦେବ, ମୁକ୍ତଭାବେ ଜୀବନ ବିତାଉଥିବା ପ୍ରାଣୀଙ୍କୁ ହତ୍ୟା କରିବାର ବାଟ ଦେଖାଇବ।

Email: gandhim@nic.in

## ଏଇ ଭାରତରେ

ନିତିଦିନ ଜୀବନରେ ଜଳର ଆବଶ୍ୟକତା କେତେ ତାହା ଅନୁଭବ କରିଛନ୍ତି ମଧ୍ୟପ୍ରଦେଶର ସରଳା ତ୍ରିପାଠୀ। ତାଙ୍କୁ ଏବେ ବୟସ ୯୪ ବର୍ଷ। ଗ୍ୱାଲିୟର ଗାନ୍ଧୀନଗରରେ ରୁହନ୍ତି ସରଳା। ବୟସର ଅପରାହ୍ନରେ ରେଳଷ୍ଟେଶନରେ ସେ ଲୋକମାନଙ୍କୁ ଥଣ୍ଡାପାଣି ପିଆଉଛନ୍ତି। ସେ ଏହି ସେବା ୨୭ ବର୍ଷ ହେବ କରି ଆସୁଛନ୍ତି। ଏଥିପାଇଁ ଦିନକୁ ୮ଘଣ୍ଟା ସମୟ ଦେଉଛନ୍ତି। ଏଥିରୁ ସମୟ ପାଇଲେ ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ କାମ କରୁଛନ୍ତି। ଏହି ସେବା ପାଇଁ ସମର୍ପିତ ସରଳାଙ୍କୁ ଗ୍ୱାଲିୟରର ଏକ ସଂସ୍ଥା ମଦର ଟେରେସା ସମ୍ମାନରେ ସମ୍ମାନିତ କରିଛି। ତାଙ୍କର ଏହି ମହତ୍ ସେବାକୁ ବି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ 'ମନ୍ କି ବାତ୍'ରେ ପ୍ରଶଂସା କରିଛନ୍ତି। ୧୯୯୩ ମସିହାରେ ଖରାଦିନେ ସରଳା ଟ୍ରେନ୍‌ରେ ଫେରୁଥିବାବେଳେ ଷ୍ଟେଶନ୍‌ରେ ପାଣି ସମସ୍ୟାକୁ ଭଲଭାବେ ଉପଲବ୍ଧି କରିଥିଲେ। ଟ୍ରେନ୍ ଛାଡିଦେବା ଭୟରେ ଲୋକମାନେ ତଳକୁ ଓହ୍ଲାଇ ପାଣି ନେଇ ପାରନ୍ତିନି। ଠିକ୍ ପରଦିନ ସେ ଷ୍ଟେଶନ୍‌ରେ ପହଞ୍ଚି ସେଠାରେ ପାଣି ଦେଉଥିବା ପଞ୍ଜାବୀ ପରିଷଦ ସହ ମିଶି ପାଣି ଦେବା ଆରମ୍ଭ କରିଥିଲେ। ସେବେଠାରୁ ୨୭ ବର୍ଷ ବିତି ଗଲାଣି, ପଞ୍ଜାବୀ ପରିଷଦର ବହୁ କର୍ମକର୍ତ୍ତା ବଦଳି ଗଲେଣି, କିନ୍ତୁ ସରଳା ତ୍ରିପାଠୀ ସେମିତି ନିଃସ୍ୱାର୍ଥ ସେବା କରିଆସୁଛନ୍ତି।

## ଚିରନ୍ତନୀ

ଜଡ଼ତାର ଅବସାଦ ପ୍ରାଣର ପ୍ରେରଣାଘାତେ ଚୂର୍ଣ୍ଣ
ଭାରତର ପଥେ ଗ୍ରାମେ ଚଳ ଆହେ ବେଗବାନ ଘୂର୍ଣ୍ଣ
ତୁମରି ବିଗ୍ରହେ ଶତ ଶତାବ୍ଦୀର ସଞ୍ଚିତ ବିଦ୍ୟୁତ
ଚମକାଇ ଦେଉ ବିଶ୍ୱ ପୁଣି ଥରେ ହୋଇ କକ୍ଷଚ୍ୟୁତ।
ହେଲେ ହେଁ ପ୍ରାଚୀନତମ ତବ ସତ୍ୟ ହେଉ ପଛେ ଜୀର୍ଣ୍ଣ
ଆଣିଛି ସେ ଭୂମିକମ୍ପ ଧରଣୀକୁ କରିଛି ବିଦୀର୍ଣ୍ଣ
ଭାରତ ଗଗନପରେ ଶୁଭେ ସେହି ଅନାହତ ଧ୍ୱନି
ଶ୍ମଶାନର ଶବ କାନେ ଫୁଙ୍କିଦେଇ ମୃତ୍ୟୁ ସଞ୍ଜୀବନୀ।

(ଜାଗ ଜାଗ ଗାନ୍ଧି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | A | | | 8 | | 1 | | 7 | | | 9 | 5 | | |
| | 7 | | | 3 | | | 8 | | 5 | | | | | |
| 9 | | | 0 | | 1 | | | | D | | | | | |
| | | | 5 | | 2 | | 3 | 9 | | 8 | | | | |
| | | 3 | | E | D | 4 | | | 1 | | | C | | |
| | 4 | 5 | | | 3 | 2 | | | 8 | | 0 | | B | 7 |
| | | | | 0 | | 7 | C | 6 | | | | | 8 | |
| | B | | 8 | | | | | | 4 | | 7 | | 9 | |
| 3 | | D | | | | | | | | | E | | | |
| C | | | D | 9 | | 5 | | 0 | | | A | E | | |
| | | | | 2 | 9 | | | | | A | D | | | 6 |
| D | | B | | | | | 7 | | C | 1 | | | | 9 |
| | | 9 | | | 6 | 8 | 1 | 5 | 7 | | | | 3 | |
| E | | 4 | | | | D | | | | B | 6 | 1 | | |
| | 6 | | 4 | B | 5 | | | A | E | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | D | 8 | 9 | C | 7 | 4 | 6 | E | B | 0 | 2 | 1 | 5 | A |
| 7 | 2 | B | 8 | 5 | A | 1 | D | 9 | 6 | E | 3 | 0 | 4 | C |
| A | 5 | E | 6 | B | 1 | C | 0 | 2 | D | 4 | 7 | 8 | 3 | 9 |
| 1 | 0 | C | 3 | 4 | 2 | B | 7 | A | 8 | 5 | 9 | D | 6 | E |
| 6 | 4 | 9 | E | D | 0 | 5 | 8 | 3 | 1 | A | C | 7 | B | 2 |
| 4 | 9 | 6 | 5 | 1 | 8 | E | 3 | 0 | 2 | 7 | B | C | A | D |
| 2 | 7 | 3 | C | A | 9 | 8 | 5 | D | 4 | 1 | 0 | B | E | 6 |
| C | B | A | 7 | 6 | D | 2 | 9 | 4 | E | 8 | 5 | 3 | 1 | 0 |
| 0 | 8 | D | B | E | 3 | 7 | C | 1 | 9 | 6 | A | 5 | 2 | 4 |
| 5 | E | 1 | 2 | 0 | 4 | 6 | A | B | C | 3 | D | 9 | 7 | 8 |
| D | C | 5 | 1 | 9 | B | 3 | E | 6 | A | 2 | 8 | 4 | 0 | 7 |
| E | 1 | 2 | D | 7 | C | 0 | 4 | 8 | 5 | B | 6 | A | 9 | 3 |
| 8 | 6 | 7 | A | 3 | E | 9 | 1 | 5 | 0 | C | 4 | 2 | D | B |
| 9 | 3 | 4 | 0 | 2 | 5 | A | B | C | 7 | D | E | 6 | 8 | 1 |
| B | A | 0 | 4 | 8 | 6 | D | 2 | 7 | 3 | 9 | 1 | E | C | 5 |

ଗତକାଲିର ଉତ୍ତର



ଡ. ସୁବାସ ଚନ୍ଦ୍ର ପାତ୍ର

# ହାତଛଡ଼ା ସୁଯୋଗ

କୁହାଯାଏ ନାୟକ ଓ ଖଳନାୟକ ମଧ୍ୟରେ ପାର୍ଥକ୍ୟରେଖା ବହୁତ କ୍ଷୀଣ। ସାମାନ୍ୟ ବୈଚାରିକ ତ୍ରୁଟିପାଇଁ ଏହି ମୁହୂର୍ତ୍ତରେ ଯେ ନାୟକ, ସାଧାରଣ ମୂଲ୍ୟାୟନରେ ଯେ ହିମାଳୟର ଶିଖରରେ, ପରବର୍ତ୍ତୀ ସମୟରେ ଆମେ ତାଙ୍କୁ ଧୂଳିଧୂସରିତ ଅବସ୍ଥାରେ ଦେଖୁଁ ବଙ୍ଗୋପସାଗର କୂଳରେ। ଗ୍ରୀକ୍ ଟ୍ରାଜେଡି ଏବଂ ସେକ୍ସପିୟରଙ୍କ ଟ୍ରାଜେଡିରେ ନାୟକମାନଙ୍କ ଏହି ପ୍ରକାର ପତନର ଏକ ନାଟ୍ୟରୂପ ଦେଖିବାକୁ ମିଳେ, ସେଇଥିପାଇଁ ବିୟୋଗାନ୍ତକ ନାଟକର ନାୟକମାନଙ୍କୁ ସର୍କସର ଭିଡ଼ା ହୋଇଥିବା ଦଉଡ଼ି ଉପରେ ଭାରସାମ୍ୟ ରଖି ଚାଲୁଥିବା କଳାକାର ସହ ତୁଳନା କରାଯାଏ। ଭାରସାମ୍ୟ ଠିକ୍‌ଠାକ୍ ରହିଲେ ବହୁତ କରତାଳି, ସେ ଜଣେ ସଫଳ ନାୟକ, ଟିକେ ଏପଟ ସେପଟ ହେଲେ ତଳେ ବିଛା ହୋଇଥିବା ଜାଲ ଉପରେ ପତନ। ସର୍କସର ପରିଚାଳକଙ୍କ ପାଇଁ ସେ ଖଳନାୟକ, ଦର୍ଶକମାନଙ୍କ ପାଇଁ ସେ ଜୋକର।

ନାଟକ ଯେମିତି ଜୀବନ ସେମିତି। ଯାବତୀୟ ମହନୀୟତା, ସଂଯମ, ଶୃଙ୍ଖଳାବୋଧ ସତ୍ତ୍ୱେ ମଣିଷର କେତେବେଳେ ଯେ ସ୍ଖଳନ ଘଟିବ, କେତେବେଳେ ଯେ ନୈତିକ ପତନ ଘଟିବ ସେ କଥା ଅନୁମାନ କରିବା କଷ୍ଟକର। ମଣିଷ ଯେହେତୁ ଭଗବାନ ନୁହଁ, ତା'ର ଚରିତ୍ର, ବ୍ୟକ୍ତିତ୍ୱରେ ବିଦ୍ୟମାନ ଅପୂର୍ଣ୍ଣାଙ୍ଗତା ହିଁ ତାକୁ ପତନ ଆଡ଼କୁ ଅଗ୍ରସର କରାଏ। ତେଣୁ ଇଂଲିଶ କବି ଆଲେକ୍‌ଜାଣ୍ଡର ପୋପ୍ କହନ୍ତି, 'ମଣିଷ ସବୁର ଅଧୀଶ୍ୱର, ପୁଣି ସବୁର ଶିକାର' (ଗ୍ରେଟ୍ ଲର୍ଡ ଅଫ୍ ଅଲ୍ ଥିଙ୍ଗସ୍ ୟେଟ୍ ଏ ପ୍ରେ ଟୁ ଅଲ୍)। ନିଜର ବିଚାରବୋଧ ଅବା ଚେତନାକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରଖି ଏକ ନୈତିକ ରାସ୍ତାରେ ଭାରସାମ୍ୟ ରଖି ଚାଲିବା ସଚରାଚର ଦୈନନ୍ଦିନ ଜୀବନରେ ସମ୍ଭବ ନୁହେଁ, ତେଣୁ ଯଦି ସେମିତି କିଛି ତ୍ରୁଟି ଘଟିଯାଏ, ଉତ୍ତମ ମାର୍ଗ ହେଲା ତ୍ରୁଟିକୁ ମାନିଯାଇ ନିଷ୍ଠାର ସହ ସମାଜ ତଥା ଅନୁଷ୍ଠାନ ଦରବାରରେ ଆତ୍ମସମର୍ପଣ କରି ଜନମାନସରେ ବିଶ୍ୱାସଭାଜନ ହେବା ପାଇଁ ଉଦ୍ୟମ କରିବା। କାରଣ ଜଣକର ଯେତେବେଳେ ପତନ ଘଟେ ସେ ଯେତିକି ଅପମାନିତ ଅନୁଭବ କରନ୍ତି ସମଭାବରେ ଅପମାନିତ ଓ ଦୁଃଖିତ ହୁଅନ୍ତି ତାଙ୍କ ପରିବାରବର୍ଗ, ଅଞ୍ଚଳବାସୀ ଓ ସେ ବୃତ୍ତି ବା ଗୋଷ୍ଠୀର ଅନ୍ୟ ସଦସ୍ୟମାନେ। ଦୁଇ, ତିନୋଟି ଘଟଣା ଉପରେ ଦୃଷ୍ଟିପାତ କରାଯାଉ।

ଏବେ ଓଡ଼ିଶାର ଏକ ସରକାରୀ ମହାବିଦ୍ୟାଳୟର ଜନୈକ ଅଧ୍ୟାପକଙ୍କ ବିରୋଧରେ ଛାତ୍ରୀନିର୍ଯାତନା ଅଭିଯୋଗ ଆସିଲା। କ୍ରମେ ତାହା ଛାତ୍ର ଅଶାନ୍ତିରେ ପରିଣତ ହେଲା। କଲେଜର ଅଧ୍ୟକ୍ଷ ସଂପୃକ୍ତ ଅଧ୍ୟାପକଙ୍କୁ ଛୁଟିରେ ଯିବାକୁ ବାଧ୍ୟ କଲାବେଳେ ଅନ୍ୟ ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଲା। ଯେଉଁ ଛାତ୍ରୀଛାତ୍ରଙ୍କୁ ସେ ପାଠ ପଢ଼ାଉଥିଲେ ସେମାନେ କାଳେ ତାଙ୍କୁ ଲୁକ୍କାୟିତ ଅବସ୍ଥାରୁ ବାହାର କରି ପୋଲିସକୁ ହସ୍ତାନ୍ତର କଲେ। ଶିକ୍ଷାନୁଷ୍ଠାନ ହେଉ ଅବା ଅନ୍ୟ କର୍ମକ୍ଷେତ୍ର, ନାରୀ-ପୁରୁଷ କୈନ୍ଦ୍ରିକ ଏହି ଅଭିଯୋଗର ମୂଳଭିତ୍ତି ହେଲା ମଣିଷର ପ୍ରବୃତ୍ତି ଉପରେ ନିୟନ୍ତ୍ରଣର ଅଭାବ। ଯେହେତୁ ସେ ଜଣେ ଅଧ୍ୟାପକ ଏବଂ ସର୍ବସାଧାରଣରେ ଏହି ବୃତ୍ତି ପ୍ରତି ଯେହେତୁ ଏକ ଉଚ୍ଚ, ଅନୁକୂଳ ମନୋଭାବ ରହିଛି ଏବଂ ଘଟଣାର ଯଦି ଆପାତ ସତ୍ୟତା ରହିଛି, ତାହା ଅଧିକ ପ୍ରଘଟ ହୋଇ ସେ ଅଧିକ ଭୂଲୁଣ୍ଠିତ ହେବା ପୂର୍ବରୁ ନିଜେ ଯାଇ ପୋଲିସ ପାଖରେ ଆତ୍ମସମର୍ପଣ କରିପାରିଥାନ୍ତେ। ଏହାଦ୍ୱାରା ବୃତ୍ତି ଅନୁପମ ଏକ ଉଚ୍ଚ ଆଦର୍ଶ ସହିତ ସେ ଏକ ଭିନ୍ନ ଉଦାହରଣ ସୃଷ୍ଟି କରିପାରିଥାନ୍ତେ। ଦୋଷ ବା ଦୋଷହୀନତା ନିର୍ବିଶେଷରେ ଏକ ନୈତିକ ପଦକ୍ଷେପ ନେବାର ସୁଯୋଗ ହାତଛଡ଼ା କଲେ ସେ।

କିଛିବର୍ଷ ତଳେ ଓଡ଼ିଶା ସରକାରଙ୍କ ଜଣେ ମନ୍ତ୍ରୀ ନିର୍ଦ୍ଦୋଷରେ ପାରବାରିକ କଳହରେ ଛନ୍ଦି ହୋଇଗଲେ। ପୁଅ-ବୋହୂ କଳିର ଦୃଶ୍ୟପଟରେ ସେ ଜଣେ ଖଳନାୟକ ବୋଲି ଗଣମାଧ୍ୟମ ଚିତ୍ରିତ କଲା, ଜନମାନସରେ ସେ ଧାରଣା କିନ୍ତୁ ସୃଷ୍ଟି ହୋଇ ନ ଥିଲା। ଶେଷରେ ଚାପର ବଶବର୍ତ୍ତୀ ହୋଇ ସେ ଇସ୍ତଫା ଦେଲେ। କିନ୍ତୁ ତା' ପରବର୍ତ୍ତୀ ଘଟଣା ଥିଲା ବିୟୋଗାନ୍ତକ ନାଟକର କାହାଣୀ। ନିଜର ସୈଦ୍ଧାନ୍ତିକ ତ୍ରୁଟି, ମନ୍ତ୍ରୀସୁଲଭ ଅହଂକାର, ଚାଟୁକାରମାନଙ୍କ ମନ୍ତ୍ରଣାରେ ସେ ଯେତେବେଳେ ଆଇନର ରାସ୍ତାରୁ ଖସିଯିବାକୁ ଚାହିଁଲେ ଜନ-ସହାନୁଭୂତି ହରାଇଲେ ଏବଂ ଶେଷରେ ଏକ ମହାନଗରୀରୁ ପୋଲିସ ହାତରେ ସସ୍ତ୍ରୀକ ଧରାପଡ଼ି ସେ ନିଜର ରାଜନୈତିକ ଜୀବନ ପାଇଁ ଅଧିକ ବିପଦ ଡାକି ଆଣିଲେ। ସମୟକ୍ରମେ ସେ ପାରିବାରିକ କଳହ ସମ୍ମାନର ସହ ସମାଧାନ ହେଲା, କିନ୍ତୁ ପଙ୍କିଳ ରାଜନୈତିକ ମହଲରେ ଭିନ୍ନ ଉଦାହରଣ ସୃଷ୍ଟିର ଏକ ସୁଯୋଗ ସେ ହାତଛଡ଼ା କଲେ। ତଥାକଥିତ ଅଭିଯୋଗ ଆଧାରରେ ଇସ୍ତଫା ଦେବା ପରେ ସେ ଯଦି ଥାନାକୁ ଯାଇ ଆତ୍ମସମର୍ପଣ କରିଥାନ୍ତେ, ନିଜର ସମ୍ମାନ ଫେରି ପାଇବା ସହ ରାଜନେତାମାନଙ୍କୁ ନେଇ ସର୍ବସାଧାରଣରେ ଯେଉଁ ନକାରାତ୍ମକ ଧାରଣା ସୃଷ୍ଟି ହେଉଛି ତା' ମଧ୍ୟ କିଛିଟା ପ୍ରତିହତ ହୋଇ ପାରିଥାନ୍ତା।

ପତନ ଯେତିକି ଦୁଃଖଦାୟକ, ପତନ ପଛରେ କାହାରି ପ୍ରଚ୍ଛନ୍ନ ଭୂମିକା ସେତିକି ଦୁଃଖଦାୟକ। ସେ ପ୍ରକାର ଏକ ବିବାଦୀୟ ଭୂମିକାରୁ ଭାରତର ପ୍ରଧାନମନ୍ତ୍ରୀ ନିଜକୁ ଦୂରେଇ ରଖି, ସେ ଜଣେ ଦଳଭୁକ୍ତ ସଦସ୍ୟ ନୁହନ୍ତି, ସେ ଦେଶର ପ୍ରଧାନମନ୍ତ୍ରୀ ବୋଲି ପ୍ରମାଣିତ କରିବାର ଅପୂର୍ବ ସୁଯୋଗ ହାତଛଡ଼ା କଲେ। ନିକଟରେ ମହାରାଷ୍ଟ୍ରରେ ଘଟିଯାଇଥିବା ରାଜନୈତିକ ଘଟଣା ପ୍ରସଙ୍ଗରେ ସେ ଯଦି ପ୍ରଧାନମନ୍ତ୍ରୀ ସୁଲଭ ନିରପେକ୍ଷତା ରକ୍ଷା କରିଥାନ୍ତେ, ବିଗତ ନିର୍ବାଚନରେ ସେ ଯେଉଁ ବିପୁଳ ଜନସମର୍ଥନ ହାସଲ କରିଥିଲେ ତା' ଉପରେ ଏକ ଶକ୍ତ ଚାପୁଡ଼ା ଲାଗି ନ ଥାନ୍ତା। ଉପରୋକ୍ତ ଦୁଇଟି ଘଟଣାରେ ପ୍ରକଟିତ ବୈଚାରିକ ତ୍ରୁଟି, ଚାଟୁକାରମାନଙ୍କ କୁମନ୍ତ୍ରଣାର ସେ ଶିକାର ହେଲେ। ସାଧାରଣରେ ଜଳଜଳ ହୋଇ ଦେଖାଯାଉଥିବା ଏକ ଆତ୍ମ-ପରାଜୟୀ, ବିଫଳ ରାଜନୈତିକ ପ୍ରୟାସକୁ ସେ ସର୍ବୋଚ୍ଚ ପ୍ରଶାସନର ଆନୁଷ୍ଠାନିକ ସମର୍ଥନ ଜଣାଇ ନିଜର ଅପରିପକ୍ୱତା ପ୍ରଦର୍ଶନ କରିବା ସହିତ ଭାରତୀୟ ଅମଲାତନ୍ତ୍ର ଏବଂ ରାଜ୍ୟପାଳମାନଙ୍କ ମେରୁଦଣ୍ଡହୀନତା ନେଇ ଯେଉଁ ଧାରଣା ରହିଛି ତାହାକୁ ସେ ଅଧିକ ଦୃଢ଼ୀଭୂତ କଲେ। ଏହି ଦୟନୀୟ ରାଜନୈତିକ ନାଟକରେ ସରକାରୀ ସଂଶ୍ଳିଷ୍ଟତା ରାତ୍ର ୯.୩୦ରୁ ଆରମ୍ଭ ହୋଇ ଆପାତତଃ ଶେଷ ହୋଇଥିଲା ତା'ପରଦିନ ସକାଳ ୭.୩୦ରେ। ଏ ନିରର୍ଥକ ସରକାରୀ ତତ୍ପରତାର ମୂଲ୍ୟ କ'ଣ? ଯୁଦ୍ଧ, ବନ୍ୟା, ବାତ୍ୟା, ଜାତୀୟ ଦୁର୍ବିପାକ ବେଳେ ଏ ପ୍ରକାର ତତ୍ପରତା ସାଜେ। ଖାଲି ଆଖିରେ ଦେଖାଯାଉଥିବା ଆସନ୍ନ ବିଫଳତା କେମିତି ଦେଶର ସର୍ବୋଚ୍ଚ ନେତାଙ୍କୁ ଦେଖାଗଲା ନାହିଁ?

ହାତଛଡ଼ା ସୁଯୋଗକୁ ଇଂଲିଶରେ 'ଲଷ୍ଟ ଅପରଚ୍ୟୁନିଟିଜ୍' କହନ୍ତି। ବ୍ୟକ୍ତିଗତ ବା ବୃତ୍ତିଗତ ଜୀବନରେ ବେଳେବେଳେ ଏମିତି ସୁଯୋଗ ଆସେ ଯେତେବେଳେ ମଣିଷ ତା'ର ପତନର ନୈତିକ ରୂପାନ୍ତରୀକରଣ ମାଧ୍ୟମରେ କିଛିଟା ଆତ୍ମସମ୍ମାନ ରକ୍ଷା କରିବାରେ ସମର୍ଥ ହୁଏ ଏବଂ ବେଶି କିଛି ଅବଦାନ ରହୁ ବା ନ ରହୁ, ସେ ଯେ ଅନ୍ୟଠୁ ଭିନ୍ନ ଆପାତତଃ ସେତିକି ପ୍ରମାଣ କରିବାରେ ନିହିତ ଥାଏ ଏ ସୁଯୋଗ।

ପୂର୍ବତନ ଅଧ୍ୟକ୍ଷ, ଜେଲ୍‌ରୋଡ,
ବାଲେଶ୍ୱର, ମୋ:୯୪୩୭୩୭୬୨୧୯

## ପାଠକ ଶ୍ରେଷ୍ଠ ବିଚାରକ

### ସରକାରୀ କ୍ୱାର୍ଟର୍ସ ମୋହ

ମହାଶୟ,

ସରକାରୀ କ୍ୱାର୍ଟର୍ସ ମାଡ଼ି ବସିଥିବା ପୂର୍ବତନ ବିଧାୟକମାନଙ୍କୁ ୩ ଦିନ ମଧ୍ୟରେ ଛାଡିବା ପାଇଁ ବାଚସ୍ପତି ଚରମବାଣୀ ଶୁଣାଇବା ଖବର କିଛିଦିନ ତଳେ ପ୍ରକାଶ ପାଇଥିଲା। ପଦବୀ ହରାଇଥିଲେ ମଧ୍ୟ ବେଆଇନ ଭାବେ ସରକାରୀ କ୍ୱାର୍ଟର୍ସରେ ରହିବା ଦାୟିତ୍ୱସମ୍ପନ୍ନ ଜନପ୍ରତିନିଧିଙ୍କ ପକ୍ଷରେ ଶୋଭା ପାଏ ନାହିଁ। ଏପଟେ ନବ ନିର୍ବାଚିତ ବିଧାୟକମାନେ କ୍ୱାର୍ଟର୍ସ ନ ପାଇ ରାଜଧାନୀରେ ଏପଟ ସେପଟ ହୋଇ କାଳ କାଟୁଛନ୍ତି। ପୁଣି ପୁରୁଣା କ୍ୱାର୍ଟର୍ସଗୁଡିକ ଭଙ୍ଗାଯାଇ ୧୫୦ ଜଣଙ୍କ ପାଇଁ ୪୦୦ କୋଟି ଟଙ୍କାରେ ଏକ ବହୁତଳ ପ୍ରାସାଦ ନିର୍ମାଣ ପାଇଁ ସରକାରୀ ଯୋଜନା ରହିଛି। ସମ୍ପ୍ରତି ପ୍ରଶାସନରେ ୫-ଟି କାର୍ଯ୍ୟକାରୀ ହେଉଥିବା ବେଳେ ଏପରି ଘଟଣା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

### ଡାକବାକ୍ସ ବଦଳାଯାଉ

ବିରିଡି ଉପଡାକଘର ଅଧୀନରେ କାର୍ଯ୍ୟ କରୁଥିବା ହାଜିପୁର ଶାଖା ଡାକଘର ସମ୍ମୁଖରେ ଲଗାଯାଇଥିବା ଡାକବାକ୍ସଟି ବ୍ୟବହାର ଉପଯୋଗୀ ନୁହେଁ। ଏଥିରେ କଳଙ୍କି ଲାଗି ଏକାଧିକ ଜାଗାରେ କଣା ହୋଇଯାଇଛି ଓ ବର୍ଷା ହେଲେ ଭିତରେ ପାଣି ପଶିଯାଉଛି। ଚିଠିପତ୍ର ଓଦା ହୋଇଯିବା ଭୟରେ ଏଥିରେ କେହି ଚିଠି ପକାଉ ନାହାନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଏହି ବାକ୍ସଟିକୁ ବଦଳାଇବା ପାଇଁ ଅନୁରୋଧ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଓଡ଼ିଶାରେ ମୃତ୍ତିକା କ୍ଷୟ



ଶେଖ୍ ଫରିଦ୍‌ଉଦ୍ଦିନ

ପ୍ରତିବର୍ଷ ଲକ୍ଷ ଲକ୍ଷ ହେକ୍ଟର ଜମି ବନୀକରଣ କରାଯାଉଛି ବୋଲି ତଥ୍ୟ ପ୍ରକାଶ ପାଉଛି। ମାତ୍ର ଏପଟେ ଓଡ଼ିଶା ଧୀରେ ଧୀରେ ମରୁଭୂମି ପାଲଟିବାକୁ ବସିଲାଣି। ଦେଶର ପ୍ରମୁଖ ପାଞ୍ଚଟି ମରୁଡ଼ିପ୍ରବଣ ରାଜ୍ୟ ମଧ୍ୟରେ ଓଡ଼ିଶା ସ୍ଥାନ ପାଇଛି। ରାଜସ୍ଥାନ, ଗୁଜରାଟ, ମହାରାଷ୍ଟ୍ର ଓ ଜମ୍ମୁ-କଶ୍ମୀର ପରେ ଓଡ଼ିଶାର ସ୍ଥାନ ପଞ୍ଚମ ବୋଲି ଏକ ରିପୋର୍ଟରୁ ଜଣାପଡ଼ିଛି। ରାଜ୍ୟରେ ଜମିଗୁଡ଼ିକ ଶୁଷ୍କ ପାଲଟିଗଲାଣି। ଅସନ୍ତୁଳିତ ଜଳବାୟୁ, ଜନସଂଖ୍ୟାର ମାତ୍ରାଧିକ ବୃଦ୍ଧି, ଜଙ୍ଗଲ କ୍ଷୟ, ଅତ୍ୟଧିକ ଭୂତଳ ଜଳ ବ୍ୟବହାର, ନଦୀନାଳ ଜଳରାଶିର ଅପବ୍ୟବହାର ଓ ତ୍ରୁଟିପୂର୍ଣ୍ଣ ଭୂମି ବିନିଯୋଗ ଯୋଗୁ ଏପରି ଉଦ୍‌ବେଗଜନକ ସ୍ଥିତି ସୃଷ୍ଟି ହୋଇଛି। ଏପରି ସ୍ଥିତି ଲାଗିରହିଲେ ସମୟ ଆସିବ ଓଡ଼ିଶା ବି ଦିନେ ଏକ ମରୁଭୂମିରେ ପରିଣତ ହୋଇଯିବ। ଏକ ରିପୋର୍ଟ ଅନୁଯାୟୀ, ମରୁ ଅଞ୍ଚଳ ତାଲିକାରେ ପ୍ରଥମ ସ୍ଥାନରେ ରହିଛି ରାଜସ୍ଥାନ। ଏହି ରାଜ୍ୟର ୨.୩ କୋଟି ହେକ୍ଟର ଜମି ଶୁଷ୍କ। ଏହା ପଛକୁ ଥିବା ଗୁଜରାଟ, ମହାରାଷ୍ଟ୍ର ଓ ଜମ୍ମୁ-କଶ୍ମୀରରେ ୧.୩ କୋଟି ହେକ୍ଟର ଜମି ଶୁଷ୍କ ଅବସ୍ଥାରେ। ଆଉ ପଞ୍ଚମରେ ଥିବା ଓଡ଼ିଶାରେ ୫୦ଲକ୍ଷ ହେକ୍ଟର ଜମି ଶୁଷ୍କ ପାଲଟିଗଲାଣି, ଯାହାକି ମୋଟ ଜମିର ଶତକଡ଼ା ୩୩ଭାଗ। ତଥାପି ପ୍ରତିବର୍ଷ ସରକାର କହୁଛନ୍ତି ଏଥିପାଇଁ ପଦକ୍ଷେପ ନିଆଯାଉଛି। ମାତ୍ର ବର୍ତ୍ତମାନ ଓଡ଼ିଶାର ସ୍ଥିତି ଯାହା ଭବିଷ୍ୟତରେ ରାଜ୍ୟ ପ୍ରତି ବଡ଼ ବିପଦ ମାଡ଼ି ଆସୁଛି ବୋଲି କୁହାଯାଇପାରେ। ଉଭୟ ପ୍ରାକୃତିକ ଓ ମନୁଷ୍ୟକୃତ କାରଣ ଯୋଗୁ ଏହି ମରୁକରଣ ପ୍ରକ୍ରିୟା ଏକ ମୁଖ୍ୟ ସମସ୍ୟା ରୂପେ ଉଭା ହୋଇଛି। ବର୍ଷକୁ ହାରାହାରି ୧୦ ଇଞ୍ଚରୁ କମ୍ ବୃଷ୍ଟିପାତ ହେଲେ ଅଞ୍ଚଳଟି କ୍ରମଶଃ ମରୁଭୂମିରେ ପରିଣତ ହୋଇଥାଏ। ଅସନ୍ତୁଳିତ ଜଳବାୟୁ, ବୃଷ୍ଟିହୀନତା ଓ ବୃକ୍ଷଚ୍ଛେଦନ ଏହି ପ୍ରକ୍ରିୟା ପାଇଁ ଦାୟୀ। ରାଜ୍ୟର ବିଭିନ୍ନ ଅଞ୍ଚଳରେ କେଉଁଠି ରାସ୍ତା ପ୍ରଶସ୍ତୀକରଣ ପାଇଁ ହେଉ ବା ଅନ୍ୟାନ୍ୟ ପାରିପାର୍ଶ୍ୱିକ ଅବସ୍ଥାର ଉନ୍ନତି ପାଇଁ ପ୍ରତିଦିନ ବଡ଼ ବଡ଼ ବୃକ୍ଷ କଟାଯାଉଛି। ଖୋଦ୍ ରାଜଧାନୀରେ ଗତବର୍ଷ ବହୁ ବଡ଼ ବଡ଼ ବରଗଛ ଓ ଓସ୍ତଗଛ କଟାଯାଇଛି। ରାଜ୍ୟର ଅନ୍ୟ ସହରାଞ୍ଚଳ ସହ ଗ୍ରାମାଞ୍ଚଳରେ ମଧ୍ୟ ଲୋକମାନେ ଜାଳେଣି ପାଇଁ ଗଛଲତା କାଟିଥାନ୍ତି।

ପରିବେଶବିତ୍‌ଙ୍କ କହିବା ଅନୁଯାୟୀ, ବରଗଛର ସ୍ଥାନ ଶାଳ, ପିଆଶାଳ କି କୌଣସି ଫୁଲଗଛ ନେଇପାରିବ ନାହିଁ। ବର ଓ ଓସ୍ତଗଛ ନିକଟରେ ବାୟୁମଣ୍ଡଳକୁ ଶୁଦ୍ଧ ରଖିବା ପାଇଁ ଯେଉଁ କ୍ଷମତା ରହିଛି, ତାହା ଅନ୍ୟ କୌଣସି ଗଛ ନିକଟରେ ନାହିଁ। ମାତ୍ର ପ୍ରଶାସନର ଚିନ୍ତାଧାରା ଭିନ୍ନ। ବର୍ଷ ବର୍ଷ ଧରି ଥିବା ପୁରୁଣା ଗଛଗୁଡ଼ିକୁ ସେମାନେ କାଟି ଚାଲିଛନ୍ତି। ଗୋଟିଏ ପଟେ 'ଗୋଟିଏ ବୃକ୍ଷ ଗୋଟିଏ ଜୀବନ' ସ୍ଲୋଗାନ

## ବିଶ୍ୱ ମୃତ୍ତିକା ଦିବସ ଉପଲକ୍ଷେ

ଦିଆଯାଉଛି, ମାତ୍ର ଅନ୍ୟପଟେ ପ୍ରତିଦିନ ଅବିଚାରିତ ଭାବେ ବୃକ୍ଷ କଟାଚାଲିଛି। ତଥ୍ୟ ଅନୁଯାୟୀ, ଆଗରୁ ଯେପରି ବୃଷ୍ଟିପାତ ହେଉଥିଲା ତାହା ଧୀରେ ଧୀରେ କମିବାକୁ ଲାଗିଲାଣି। ଏଣୁ ବର୍ତ୍ତମାନ ବୃଷ୍ଟି ଜଳକୁ କିପରି ସଂରକ୍ଷିତ ରଖାଯିବ ଓ ଅଧିକରୁ ଅଧିକ ବନୀକରଣ କରାଯାଇପାରିବ ସେ ଦିଗରେ ପଦକ୍ଷେପ ନିଆଯିବା ଜରୁରୀ। ଏହା ସହ ଜଙ୍ଗଲ ଓ ପରିବେଶ ବିଭାଗରେ ଯେଉଁ ଜଳବାୟୁ ପରିବର୍ତ୍ତନ ସେଲ୍ ଗଠନ କରାଯାଇଛି ତାହା ତ୍ୱରାନ୍ୱିତ ହେବା ଜରୁରୀ। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ କେନ୍ଦ୍ର ସରକାର ଓ ଅନ୍ୟାନ୍ୟ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରାଯିବା ନେଇ ପରିବେଶବିତ୍ ଓ ଜଳସୁରକ୍ଷା କର୍ମୀମାନେ ଦାବି କରୁଛନ୍ତି।

ଓଡ଼ିଶାରେ ମରୁକରଣ ପ୍ରକ୍ରିୟାକୁ ପ୍ରତିରୋଧ କରିବା ପାଇଁ ବହୁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଗତବର୍ଷ ବନୀକରଣ କାର୍ଯ୍ୟକ୍ରମରେ ବେଶ୍ ସଫଳତା ମିଳିଛି। ୧ଲକ୍ଷ ୯୮ ହଜାର ୮୯୧ ହେକ୍ଟର ଜମିରେ ବନୀକରଣ କରାଯାଇଛି। ୪୭୫୫ କିଲୋମିଟର ରାସ୍ତାକଡ଼ରେ ବୃକ୍ଷରୋପଣ କରାଯାଇଛି। ୫କୋଟି ୫୦ଲକ୍ଷ ଚାରା ମାଗଣାରେ ବଣ୍ଟାଯାଇଛି। କେବଳ ସହରାଞ୍ଚଳରେ ୧୪ଲକ୍ଷ ୯୦ ହଜାର ଚାରା ରୋପଣ କରାଯାଇଛି। ଗତବର୍ଷ ୧୨ କୋଟି ୪ଲକ୍ଷ ଚାରା ବଣ୍ଟନ ଓ ରୋପଣ କରାଯାଇଥିବାବେଳେ ଚଳିତ ବର୍ଷ ସାଢ଼େ ୧୩ କୋଟି ଚାରା ରୋପଣ କରାଯିବାର ଯୋଜନା ରହିଛି। ଅନୁସନ୍ଧାନରୁ ଜଣାଯାଇଛି ଯେ, ଧୀରେ ଧୀରେ ବୃଷ୍ଟିପାତ କମିବାରୁ ଓଡ଼ିଶାର ଲକ୍ଷ ଲକ୍ଷ ହେକ୍ଟର ଜମି ଏବେ ଶୁଷ୍କ। ରାଜ୍ୟ ଧୀରେ ଧୀରେ ମରୁଭୂମି ପାଲଟିବାକୁ ବସିଲାଣି। ଏଣୁ ଏଥିପାଇଁ ଉଭୟ ରାଜ୍ୟ ସରକାର ଓ ଜନସାଧାରଣ ପଦକ୍ଷେପ ନେବା ଆବଶ୍ୟକ। ବର୍ତ୍ତମାନ ପରିବେଶ ମଣିଷର ସ୍ଥିତିକୁ ଦୋହଲାଇ ଦେଲାଣି। ସମସ୍ତେ ଏବେ ଧ୍ୱଂସ ଆଡ଼କୁ ଗତି କରୁଛନ୍ତି। ଯଦି ଉଚିତ ପଦକ୍ଷେପ ନିଆ ନ ଯାଏ, ତେବେ ରାଜ୍ୟ ସମ୍ପୂର୍ଣ୍ଣ ଶୁଷ୍କ ପାଲଟିଯିବ।

ମଧୁପୁର, କୁଆଁପାଳ, କଟକ,
ମୋ- ୯୪୩୭୦୦୪୮୮

## ୨୫ ବର୍ଷ ତଳର ଧରିତ୍ରୀ

**୫ ଡିସେମ୍ବର ୧୯୯୪**

- ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ)ରେ ଗୁପ୍ତଚର କାର୍ଯ୍ୟ ଚାଲିଥିବା ଆଶଙ୍କା ନେଇ ସିବିଆଇ ତଦନ୍ତ ଆରମ୍ଭ।
- ଭୋପାଳ ଗ୍ୟାସ ଦୁର୍ଘଟଣା ମାମଲାର ବିଚାର ପାଇଁ ଅଭିଯୁକ୍ତ ୟୁନିୟନ କାର୍ବାଇଡର ପୂର୍ବତନ ଅଧ୍ୟକ୍ଷ ୱାରେନ ଆଣ୍ଡରସନଙ୍କୁ ଆମେରିକା ଭାରତକୁ ପ୍ରତ୍ୟର୍ପଣ କରିବା ଉଚିତ ବୋଲି ଏକ ଅନ୍ତର୍ଜାତୀୟ ବିଚାରକ ମଣ୍ଡଳୀ ରାୟ ଦେଇଛନ୍ତି।



ଦିନ ଥିଲା ମୁଁ ମୋ ପକେଟ୍ ମନି ସେଭ୍‌କରି ଶଶୀ କପୁରଙ୍କ ପୋଷ୍ଟର କିଣୁଥିଲି।

-ସବାନା ଆଜ୍‌ମି,
ବଲିଉଡ୍ ଅଭିନେତ୍ରୀ



## 'ଲିଲି ବବ୍' ମୃତ୍ୟୁରେ ନାସାର ଶ୍ରଦ୍ଧାଞ୍ଜଳି

# ୬୭ ଲକ୍ଷ ଫଲୋଅର୍ସ ଥିଲେ



**ୱାଶିଂଟନ:** ସୋସିଆଲ ମିଡିଆରେ ପ୍ରଶଂସା ସାଉଣ୍ଟୁଥିବା ଚର୍ଚ୍ଚିତ ବିଲେଇ 'ଲିଲି ବବ୍'ର ରବିବାର ମୃତ୍ୟୁ ହୋଇଯାଇଛି। ୮ବର୍ଷୀୟ ଏହି ବିଲେଇର ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ, ଟୁଇଟର ଏବଂ ୟୁଟ୍ୟୁବରେ ୬୭ ଲକ୍ଷରୁ ଊର୍ଦ୍ଧ୍ୱ ଫଲୋଅର୍ସ ଅଛନ୍ତି। କେବଳ ଏତିକି ନୁହେଁ, ଲିଲି ବବ୍ ନାମରେ ଏକ ସ୍ୱତନ୍ତ୍ର ୱେବସାଇଟ୍ ସହ ଅନ୍‌ଲାଇନ ଶପିଂ ଷ୍ଟୋର ମଧ୍ୟ ଥିଲା। ବିଲେଇଟିର ମୃତ୍ୟୁରେ ନାସା ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ନାସା ଉଲ୍ଲେଖ କରିଛି 'ମହାକାଶରେ ମିଶିବା ସ୍ନେହର ବବ୍, ତୁମ ଯାତ୍ରା ସୁରକ୍ଷିତ ରହୁ'। ଲିଲି ବବ୍‌ର ଏପରି ଚର୍ଚ୍ଚିତ ହେବା ପଛରେ କାରଣ ରହିଛି। ବିଲେଇଟି ଦୀର୍ଘଦିନ ଧରି ଜଟିଳ ରୋଗରେ ପୀଡ଼ିତ ଥିଲା। ଏହାକୁ ସମ୍ମାନ ଜଣାଇ ନ୍ୟାଶନାଲ ଫଣ୍ଡ ଗଠନ କରାଯାଇଥିଲା, ଯେଉଁଥିରେ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସଂଗୃହୀତ ହୋଇଥିଲା। ଏହି ପାଣ୍ଠି ଜରିଆରେ ଚିକିତ୍ସା ଆବଶ୍ୟକ କରୁଥିବା ଗୃହପାଳିତ ପ୍ରାଣୀଙ୍କୁ ସହାୟତା କରାଯାଉଛି। ପ୍ରିୟ ପୋଷା ବିଲେଇର ବିୟୋଗରେ ମାଇକ୍ ବ୍ରିଡାବସ୍କି ସୋସିଆଲ ମଡିଆରେ ନିଜର ଦୁଃଖଦ ପୋଷ୍ଟ କରିଛନ୍ତି। ସେ ଏଥିରେ ଉଲ୍ଲେଖ କରିଛନ୍ତି, ଶନିବାର ରାତିରେ ଲିଲି ବବ୍‌ର ସ୍ୱାସ୍ଥ୍ୟାବସ୍ଥା ସ୍ୱାଭାବିକ ଥିଲା। ସବୁଦିନ ପରି ସେ ଶେଯକୁ ଯାଇଥିଲା। ରବିବାର ସକାଳେ ସମସ୍ତେ ଆଖି ଖୋଲିଲେ, ହେଲେ ବବ୍ ଚିରନିଦ୍ରାରେ ଶୋଇଯାଇଥିଲା। ମାଇକ୍ ଆହୁରି ମଧ୍ୟ କହିଛନ୍ତି, ବବ୍ ହାଡ ସଂକ୍ରମଣ ଭଳି ଜଟିଳ ରୋଗରେ ଯନ୍ତ୍ରଣା ପାଉଥିଲା। ଏଥିପାଇଁ ସେ ଚିନ୍ତିତ ଥିଲେ। ଆବଶ୍ୟକ ଚିକିତ୍ସା ମଧ୍ୟ କରୁଥିଲେ। ଅନେକ ଶାରୀରିକ ବ୍ୟତିକ୍ରମ ସତ୍ତ୍ୱେ ସେ ତାକୁ ନେଇ ଗର୍ବ ଅନୁଭବ କରୁଥିଲେ। ବବ୍ ଆଉ ନାହିଁ ଏକଥା ବିଶ୍ୱାସ ହେଉନାହିଁ। ଏମିତି ଲାଗୁଛି ତାହାର ମୃତ୍ୟୁ ଇଚ୍ଛାଧୀନ। ପରିବାର ଲୋକଙ୍କୁ ଚିନ୍ତାରେ ନ ପକାଇ ସେ ଏପରି ନିଷ୍ପତ୍ତି ନେଇଥିବା ଭଳି ମନେ ହେଉଛି।

୨୦୧୧ ଜୁନ୍ ୨୧ରେ ଏକ ଆବର୍ଜନା ଗଦାରୁ ଲିଲି ବବ୍‌କୁ ଠାବ କରିଥିଲେ ମାଇକ୍। ଜିଭ ହଲାଇବା ଶୈଳୀ, ନିଜର ସ୍ୱତନ୍ତ୍ର ଆକାର ଲାଗି ବିଲେଇଟି ଅତି କମ୍‌ଦିନରେ ପ୍ରଶଂସକଙ୍କ ମନ ଜିଣିପାରିଥିଲା। ବବ୍ ଜନ୍ମରୁ ଜେନେଟିକ୍ ରୋଗରେ ପୀଡ଼ିତ ଥିଲା। ତଥାପି ନିଜର ଭାବଭଙ୍ଗୀ ପାଇଁ ସେ ସୋସିଆଲ ମିଡିଆରେ ସେନ୍‌ସେସନ ପାଲଟିଥିଲା। ଅନେକ ଟିଭି ଚ୍ୟାନେଲ ଏବଂ ଇଣ୍ଟର୍ଭ୍ୟୁରେ ବବ୍‌କୁ ପ୍ରଦର୍ଶନ କରାଯାଇଥିଲା। ଏହା ସହ ମିଶିବାକୁ ଖ୍ୟାତନାମା ଆକ୍ଟର ମଧ୍ୟ ଇଚ୍ଛା ପ୍ରକାଶ କରୁଥିଲେ।

## 'ବାପାଙ୍କୁ ମୁଖାଗ୍ନି ଦେଇଥିଲି'



ଭୂମି ପାଡନେକର

**ମୁମ୍ବାଇ:** ବଲିଉଡ୍‌ରେ ଆଜିର ସମୟରେ ଭୂମି ପାଡନେକର ଜଣେ ସୁଦକ୍ଷ, ଶାଳୀନ ଏବଂ ସମର୍ଥ ଅଭିନେତ୍ରୀ। ଏ କଥାରେ ଦ୍ୱିମତ ନାହିଁ। ନିଜ ଅଭିନୟ ବଳରେ ସେ ବଲିଉଡ୍‌ରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ବୁଢ଼ୀ, କାଳି ଝିଅ, ମୋଟି ଝିଅ ଆଦି ଭୂମିକାରେ ଅଭିନୟ କରି ଫିଲ୍ମ ଜରିଆରେ ସେ ସମାଜକୁ ଅନେକ ବାର୍ତ୍ତା ଦେଇଛନ୍ତି। ଏବେ ସେ, ଫିଲ୍ମ 'ପତି, ପତ୍ନୀ ଔର୍ ୱ'ର ରିଲିଜ୍ ଅପେକ୍ଷାରେ ଅଛନ୍ତି। ଫିଲ୍ମଟି ଡିସେମ୍ବର ୬ (ଶୁକ୍ରବାର) ରିଲିଜ୍ ହେବ। ଫିଲ୍ମରେ କାର୍ତ୍ତିକ ଆର୍ୟ୍ୟନ, ଅନନ୍ୟା ପାଣ୍ଡେ ମଧ୍ୟ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଏକ ଜାତୀୟ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେବା ସମୟରେ ଭୂମି ନିଜର କିଛି ମତ ଓ ଚିନ୍ତାଧାରା ବ୍ୟକ୍ତ କରିଛନ୍ତି। ଭୂମି କହିଛନ୍ତି, ଭଗବାନ ଆମ ସମସ୍ତଙ୍କୁ ସ୍ୱତନ୍ତ୍ରତା ସହ ତିଆରି କରିଛନ୍ତି। ଆମକୁ ଏହା ସେଲିବ୍ରେଟ୍ କରିବା ଦରକାର। ଝିଅ କଳା ହୋଇଥିଲେ, ମୋଟା ହୋଇଥିଲେ ସେମାନଙ୍କଠାରୁ ମୋଟା ଅଙ୍କର ଜଉତୁକ ନେଇ ସେମାନଙ୍କୁ ପୋଡ଼ି ମାରିଦିଆଯାଉଛି। ମୋତେ ମେଦ ବହୁଳତା ଯୋଗୁ ଲଜ୍ଜାବୋଧ, ତ୍ୱଚାର ରଙ୍ଗ କଳା ଯୋଗୁ ପାତରଅନ୍ତର ଓ ହୀନମନ୍ୟ କରିବା ଏସବୁ ଦିଗରେ ସ୍ୱର ଉତ୍ତୋଳନ କରିବାର ଥିଲା, ଯାହା ମୁଁ ଫିଲ୍ମ ମାଧ୍ୟମରେ କରିପାରିଲି ବୋଲି ଭୂମି କହିଛନ୍ତି। ସେହିପରି ବ୍ୟକ୍ତିଗତ ଜୀବନରେ ନିଜକୁ କେତେବେଳେ ସଶକ୍ତ ଅନୁଭବ କଲେ ବୋଲି ପଚରାଯିବାରୁ ଭୂମି କହିଛନ୍ତି, ଯେତେବେଳେ ତାଙ୍କ ବାପା ଚାଲିଗଲେ, ସେତେବେଳେ। ବାପାଙ୍କ ଅନ୍ତିମ ସଂସ୍କାର ମୁଁ କରିଥିଲି। ତାଙ୍କୁ ମୁଖାଗ୍ନି ମଧ୍ୟ ଦେଇଥିଲି। ସେହି ସମୟରେ ମୁଁ ନିଜକୁ ଅଧିକ ସଶକ୍ତ ଅନୁଭବ କଲି। ସମାଜରେ ଏଭଳି କର୍ମକାଣ୍ଡରୁ ଝିଅଙ୍କୁ ଦୂରେଇ ରଖନ୍ତି। କିନ୍ତୁ ମୁଁ ଆଉ ମୋ ଭଉଣୀମାନେ ମିଶି ବାପାଙ୍କ ଅନ୍ତିମ ସଂସ୍କାର କାର୍ଯ୍ୟ ସମାପନ କରିଥିଲୁ। ବାପାଙ୍କ ଚାଲିଯିବା ପରେ ଘରର ସମ୍ପୂର୍ଣ୍ଣ ଦାୟିତ୍ୱ ମୁଁ ନେଇଛି ବୋଲି ଭୂମି କହିଛନ୍ତି।



## ବର୍ସୋବା ବିଚ୍ ସଫାକଲେ ସ୍ୱିଡେନ୍ ରାଜ ଦମ୍ପତି

**ମୁମ୍ବାଇ:** ସ୍ୱିଡେନ୍ ରାଜ ଦମ୍ପତି କାର୍ଲ ଗୁସ୍ତାଫ ଏବଂ ସିଲବିୟା ବୁଧବାର ମୁମ୍ବାଇରେ ପହଞ୍ଚିଛନ୍ତି। ସେମାନେ ବର୍ସୋବା ବିଚ୍ ଭ୍ରମଣ ସମୟରେ ସେଠାରେ ଏକ ସ୍ୱଚ୍ଛତା ଅଭିଯାନରେ ଅଂଶଗ୍ରହଣ କରିଛନ୍ତି। ରାଣୀ ସିଲବିୟା ଏବଂ ରାଜା ଗୁସ୍ତାଫ ସେଠାରେ ବିଚ୍ ସଫା କରିଛନ୍ତି। ଏହାର ଫଟୋ ଏବଂ ଭିଡ଼ିଓ ଏବେ ସୋସିଆଲ୍ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ପରିବେଶ ସୁରକ୍ଷା ଦିଗରେ ସମସ୍ତେ ଆଗେଇ ଆସିବା ଦରକାର ବୋଲି ଗୁସ୍ତାଫ ପ୍ରକାଶ କରିଛନ୍ତି।



## କ୍ରୀଡ଼ାମନ୍ତ୍ରୀଙ୍କ ଫିଟ୍‌ନେସ ଟେଷ୍ଟ

**ଭୋପାଳ:** ମଧ୍ୟପ୍ରଦେଶର କ୍ରୀଡ଼ା ଓ ଯୁବ କଲ୍ୟାଣ ମନ୍ତ୍ରୀ ଜିତୁ ପଟୱାରୀ ନିଜେ ଫିଟ୍ ରହିଥିବା ନେଇ ଏକ ନିଆରା ଢ଼ଙ୍ଗରେ ସଙ୍କେତ ଦେଇଛନ୍ତି। ସେ ୪୦ ଫୁଟ ଉଚ୍ଚତାରୁ ଝୁଲି ରହି ଏଭଳି କରିଛନ୍ତି। ଏହା ସହିତ ସେ ହାତରେ ମାଇକ୍ରୋଫୋନ୍ ଧରି ସମସ୍ତଙ୍କୁ ଫିଟ୍ ରହିବା ପାଇଁ ଆହ୍ୱାନ ଜଣାଇଛନ୍ତି। ସେ ଦେଶର ସମସ୍ତ କ୍ରୀଡ଼ାମନ୍ତ୍ରୀଙ୍କୁ ଚ୍ୟାଲେଞ୍ଜ୍ ମଧ୍ୟ ଦେଇଛନ୍ତି। କ୍ରୀଡ଼ାର ବିକାଶ ଲାଗି ରାଜ୍ୟରେ ଷ୍ଟାଡିୟମ ନିର୍ମାଣ ଓ ଯୁବ ପ୍ରତିଭାଙ୍କୁ ପ୍ରୋତ୍ସାହନ ଲାଗି ସରକାର ବିଭିନ୍ନ ପଦକ୍ଷେପ ନେଉଥିବା ସେ ଏହି ଅବସରରେ ପ୍ରକାଶ କରିଛନ୍ତି।



## ପାଣିରେ ଚାଲିବ ଗାଡ଼ି



**ହାଇଦ୍ରାବାଦ:** ଦିନକୁ ଦିନ ପ୍ରଦୂଷଣର ମାତ୍ରା ବଢ଼ୁଥିବା ବେଳେ ଗ୍ଲୋବାଲ ୱାର୍ମିଂ ମଧ୍ୟ ବଢ଼ି ବଢ଼ି ଚାଲିଛି। ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ହାଇଦ୍ରାବାଦର ମେକାନିକାଲ ଇଞ୍ଜିନିୟର ସୁନ୍ଦର ରମୈୟା ଏକ ବିକଳ୍ପ ବାହାର କରିଛନ୍ତି। ଯାହାକି ଦେଶର ଅନେକ ସମସ୍ୟାର ସମାଧାନ କରିପାରିବ। ସୁନ୍ଦର ଏକ ଜଳ ଇନ୍ଧନ ପ୍ରକ୍ରିୟା ଆବିଷ୍କାର କରିଛନ୍ତି। ଏଣିକି ପେଟ୍ରୋଲ ଓ ଡିଜେଲରେ ଚାଲୁଥିବା ବାହନଗୁଡ଼ିକ ପାଣିରେ ବି ଚାଲିପାରିବେ। ଶୁଣିଲେ ଆଶ୍ଚର୍ଯ୍ୟ ଲାଗୁଥିବ ହେଲେ ଏହା ବାସ୍ତବରେ ସତ। ସୁନ୍ଦର ଆବିଷ୍କାର କରିଥିବା ଜଳ ଇନ୍ଧନ ପ୍ରକ୍ରିୟାରେ ଗାଡିଗୁଡ଼ିକ ପାଣିରେ ଚାଲିପାରିବ। ଆଉ ସବୁଠାରୁ ବଡ କଥା ହେଉଛି, ୧ ଲିଟର ପାଣିରେ ୩୦କିଲୋମିଟର ମାଇଲେଜ୍ କ୍ଷମତା ରହିଛି। ଏଥିସହ ୧୦ରୁ ୧୫ ମିନିଟ୍ ଭିତରେ ବିଷାକ୍ତ ଗ୍ୟାସ୍‌କୁ ୮୦ପ୍ରତିଶତ ଅମ୍ଳଜାନରେ ଏହା ପରିବର୍ତ୍ତନ କରିଦେବ ବୋଲି ସୁନ୍ଦର କହିଛନ୍ତି। ଏବେ ପର୍ଯ୍ୟନ୍ତ ସେ ୧୭ହଜାରରୁ ଊର୍ଦ୍ଧ୍ୱ ଡେମୋ ଦେଇସାରିଥିବା ବେଳେ ୨ଲକ୍ଷ ଗାଡିରେ ଏହି କୌଶଳ ପ୍ରୟୋଗ କରାଯାଇଥିବା ଜଣାପଡ଼ିଛି। ଗୋଟିଏ ପଟେ ଦିନକୁ ଦିନ ପେଟ୍ରୋଲ ଓ ଡିଜେଲ ଦରବୃଦ୍ଧି ଚାଳକଙ୍କ ମୁଣ୍ଡ ବ୍ୟଥାର କାରଣ ପାଲଟୁଥିବା ବେଳେ ଅନ୍ୟପଟେ ଗାଡି ସଂଖ୍ୟା ବୃଦ୍ଧି ଯୋଗୁ ପରିବେଶ ପ୍ରଦୂଷିତ ମଧ୍ୟ ହେଉଛି। ହେଲେ ଏବେ ଆଉ ତୈଳ ଦର କି ପ୍ରଦୂଷଣର ଭୟ ରହିବ ନାହିଁ। ଗାଡ଼ିଗୁଡିକ ଲାଗି ହେଉଥିବା ପ୍ରଦୂଷଣ ସମ୍ପୂର୍ଣ୍ଣ କମ୍ ହୋଇଯିବ ବୋଲି ଆଶା କରାଯାଉଛି।



## ଚର୍ଚ୍ଚାରେ ଟ୍ରମ୍ପ୍‌ଙ୍କ ମିଛ

**ୱାଶିଂଟନ:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସବୁବେଳେ ନିଜ ବିବୃତିକୁ ନେଇ ଚର୍ଚ୍ଚାରେ ରହିଥାନ୍ତି। ଏବେ ପୁଣି ଥରେ ଦେଇଥିବା ବୟାନ ପାଇଁ ମିଡିଆ ହେଡ୍‌ଲାଇନ୍ସକୁ ଆସିଛନ୍ତି ଟ୍ରମ୍ପ। ନିକଟରେ ହୋଇଥିବା ନାଟୋ (ନର୍ଥ ଆଟ୍‌ଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ) ମିଟିଂରେ ଟ୍ରମ୍ପ ୨୧ ଥର ମିଛ କହିଛନ୍ତି ବୋଲି ଅଭିଯୋଗ ଆଣିଛି ଆମେରିକା ମିଡିଆ। ଟ୍ରମ୍ପ୍ କିଛିଦିନ ତଳେ ନାଟୋର ମହାସଚିବ ଜାନେ ଷ୍ଟୋଲଟେନ୍‌ବର୍ଗ, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକରଁ ଓ କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋଙ୍କ ସହ ଏକ ବୈଠକରେ ଯୋଗଦେଇଥିଲେ। ଷ୍ଟୋଲଟେନ୍‌ବର୍ଗଙ୍କ ସହ ଆଲୋଚନା ବେଳେ ଟ୍ରମ୍ପ ନାଟୋକୁ ନେଇ ଅନେକ ମିଛ କହିଥିବା ବେଳେ ମାକରନ୍‌ଙ୍କ ସହ ମିଟିଂ ବେଳେ ୟୁରୋପକୁ ନେଇ ମିଛ ବିବୃତି ଦେଇଥିଲେ। ବୈଠକରେ ଷ୍ଟୋଲଟେନ୍‌ବର୍ଗଙ୍କୁ ଟ୍ରମ୍ପ୍ କହିଥିଲେ ଯେ, ଗତ ୨୦ ବର୍ଷ ଭିତରେ ନାଟୋ ସଦସ୍ୟଙ୍କ ଦ୍ୱାରା ମିଲିଟାରୀ ଖର୍ଚ୍ଚ କମାଇ ଦିଆଯାଇଛି। କିନ୍ତୁ ପ୍ରକୃତରେ ଟ୍ରମ୍ପ୍ ରାଷ୍ଟ୍ରପତି ହେବାର ୨ବର୍ଷ ପୂର୍ବରୁ ହିଁ ନାଟୋ ସଦସ୍ୟଙ୍କ ଦ୍ୱାରା ସୈନ୍ୟ ବାହିନୀଙ୍କ ଖର୍ଚ୍ଚ ବଢ଼ାଇ ଦିଆଯାଇଥିଲା। ମିଳିଥିବା ସୂଚନା ମୁତାବକ, ୨୦୧୫ରେ ଖର୍ଚ୍ଚ ୧.୫% ଥିବା ବେଳେ ୨୦୧୬ରେ ଏହା ୨.୮%କୁ ବଢ଼ାଇ ଦିଆଯାଇଥିଲା। ସେହିପରି ଟ୍ରମ୍ପ କହିଥିଲେ, ଜର୍ମାନୀ ସାମରିକ ଖର୍ଚ୍ଚ ବାବଦକୁ ନିଜ ଜିଡିପିର ୧%ରୁ ୧.୨% ପର୍ଯ୍ୟନ୍ତ ବ୍ୟୟ କରୁଥିବା ବେଳେ ଆମେରିକା ୪ ରୁ ୪.୩% ପର୍ଯ୍ୟନ୍ତ ଖର୍ଚ୍ଚ କରୁଛି। କିନ୍ତୁ ଆମେରିକା ୨୦୧୯ରେ ଜିଡିପିର ୩.୪% ମିଲିଟାରୀରେ ଖର୍ଚ୍ଚ କରିବ ବୋଲି ଆଶା କରାଯାଉଛି। ଗତ ଜୁନ୍‌ରେ ନାଟୋ ପକ୍ଷରୁ ଜାରି କରାଯାଇଥିବା ରିପୋର୍ଟରେ କୁହାଯାଇଛି ଯେ, ଏହା ୨୦୧୮ରେ କରାଯାଇଥିବା ଖର୍ଚ୍ଚ ସହ ପ୍ରାୟ ସମାନ। ଟ୍ରମ୍ପ ଏଭଳି ଅନେକ ମିଛ କହିଥିବା ନେଇ ଆମେରିକା ମିଡିଆ ଦାବି କରିଛି।

## ପୁଣି ଏକାଠି ହେବେ ଦୀପିକା-ରଣବୀର



ମୁମ୍ବାଇ: ରଣବୀର କପୁର-ଦୀପିକା ପାଦୁକୋନ୍‌ଙ୍କ ଯୋଡ଼ି ବଲିଉଡ୍‌ର ହିଟ୍ ଯୋଡ଼ି ମଧ୍ୟରୁ ଅନ୍ୟତମ। ତେବେ ଦୀର୍ଘଦିନ ହେବ ଏହି ସୁପରହିଟ୍ ଯୋଡ଼ିକୁ ଦର୍ଶକ ପରଦାରେ ଏକାଠି ଦେଖିନାହାନ୍ତି। ଆପଣ ଯଦି ରଣବୀର-ଦୀପିକାଙ୍କ ଫ୍ୟାନ୍, ତେବେ ଆପଣଙ୍କ ପାଇଁ ରହିଛି ଏକ ଖୁସି ଖବର। ପୁଣିଥରେ ବଡ଼ ପରଦାରେ ଏହି ହିଟ୍ ଯୋଡ଼ିକୁ ଦେଖିବାକୁ ମିଳିବ ବୋଲି ଜଣାପଡ଼ିଛି। ବଲିଉଡ୍ ଆକ୍ଟର ରଣବୀର କପୁର ଏବେ ଆଲିୟା ଭଟ୍ଟ, ଅମିତାଭ୍ ବଚ୍ଚନ ଏବଂ ମୌନୀ ରୟଙ୍କ ସହ ମନାଲିରେ ନିଜ ଅପ୍‌କମିଂ ଫିଲ୍ମ 'ବ୍ରହ୍ମାସ୍ତ୍ର'ର ଶୁଟିଂ କରୁଛନ୍ତି। ଏତିକି ବେଳେ ଦୀପିକାଙ୍କ ସହ ତାଙ୍କର ଏକ ଲଭ୍, ରୋମାନ୍ସ ଉପରେ ଆଧାରିତ ଫିଲ୍ମ ଆସିବ ବୋଲି ଚର୍ଚ୍ଚା ହେଉଛି। ଏକ ଜାତୀୟ ଗଣମାଧ୍ୟମ ଅନୁଯାୟୀ, ନିର୍ଦ୍ଦେଶକ ଲଭ୍‌ରଞ୍ଜନଙ୍କ ଅପ୍‌କମିଂ ଫିଲ୍ମରେ ରଣବୀର-ଦୀପିକାଙ୍କୁ ଏକାଠି ଦେଖିବାକୁ ମିଳିବ। ତେବେ ଫିଲ୍ମରେ ଅଜୟ ଦେବଗନ ମଧ୍ୟ ଲିଡ୍ ରୋଲ୍‌ରେ ନଜରକୁ ଆସିବେ ବୋଲି ଚର୍ଚ୍ଚା ହେଉଥିଲା। ହେଲେ କୌଣସି କାରଣରୁ ଏବେ ସେ ଫିଲ୍ମରୁ ବାହାରିଯାଇଛନ୍ତି। ଏବେ ରଣବୀର-ଦୀପିକା ଫିଲ୍ମରେ ଲିଡ୍ କରିବେ। ଶେଷ ଥର ପାଇଁ ୨୦୧୫ରେ ଫିଲ୍ମ 'ତମାଶା'ରେ ରଣବୀର-ଦୀପିକାଙ୍କୁ ଦେଖିବାକୁ ମିଳିଥିଲା। ଫ୍ୟାନ୍‌ମାନେ ଏହି ଯୋଡ଼ିକୁ ଖୁବ୍ ପସନ୍ଦ ମଧ୍ୟ କରିଥିଲେ। ଫିଲ୍ମଟି ଉଭୟଙ୍କ କ୍ୟାରିୟରର ଏକ ବେଷ୍ଟ ଫିଲ୍ମ ବୋଲି କୁହାଯାଉଛି। ତେବେ ଦୀପିକା ଆଗକୁ ମେଘନା ଗୁଲଜାରଙ୍କ ଫିଲ୍ମ 'ଛପାକ୍' ଏବଂ କବୀର ଖାନ୍‌ଙ୍କ ଫିଲ୍ମ '୮୩'ରେ ନଜରକୁ ଆସିବେ। ଦୁଇଟି ଫିଲ୍ମ ୨୦୨୦ରେ ରିଲିଜ୍ ହେବ।

## କ୍ଷତାକ୍ତ ଯବାନଙ୍କ ସେବା ହିଁ ଦେଶସେବା



ସିକନ୍ଦରାବାଦ: ଶତ୍ରୁଙ୍କ କବଳରୁ ଦେଶକୁ ରକ୍ଷା କରିବାପାଇଁ କେବଳ ବନ୍ଧୁକ ଚଳାଇବା ନୁହେଁ, ଯୁଦ୍ଧକ୍ଷେତ୍ରରେ ଶତ୍ରୁଙ୍କ ଗୁଳିରେ ଆହତ ଯବାନଙ୍କ ସେବା ସୁଶ୍ରୂଷା କରିବା ମଧ୍ୟ ଦେଶସେବା। ଭାରତୀୟ ସ୍ଥଳସେନାରେ କାର୍ଯ୍ୟରତ ନାଏବ ସୁବେଦାର ଗୋପୁ ରାମଣା ରେଡ୍ଡୀ ଏହାକୁ ନିଜର ବ୍ରତଭାବେ ପାଳନ କରୁଛନ୍ତି। ଆନ୍ଧ୍ରପ୍ରଦେଶ ରାଜ୍ୟ ପ୍ରକାଶମ୍ ଜିଲା ଅଧୀନ ଗିଦ୍ଦାଲୁର୍ ଗ୍ରାମରେ ରାମଣାଙ୍କ ଘର। ସେ ଆର୍ମି ମେଡିକାଲ କୋର୍ପସ୍‌ରେ କାର୍ଯ୍ୟରତ ଥିବାବେଳେ ଜଣେ ନର୍ସିଂ ଆସିଷ୍ଟାଣ୍ଟଭାବେ ସୀମାରେ ଲଢ଼େଇ ସମୟରେ ଏବଂ ତାପମାତ୍ରା କମ୍‌ଯୋଗୁ ବରଫ ମଧ୍ୟରେ ରହି ଅନେକ ସମୟରେ ଆହତ ହେଉଥିବା ଯବାନମାନଙ୍କ କ୍ଷତ ଭଲ କରିବା ଏବଂ ପୁଣି ଲଢ଼େଇ ପାଇଁ ସେମାନଙ୍କୁ ସୁସ୍ଥ କରିବା ତାଙ୍କ କାର୍ଯ୍ୟ। ହେଲେ ସେ ଏହାକୁ ନିଜ ପେସାଠାରୁ ଅଧିକ ନିଶା ରୂପେ ଗ୍ରହଣ କରିଛନ୍ତି। ସେ କୌଣସି ବାଧ୍ୟବାଧକତାରେ ନୁହେଁ ବରଂ ନିଜ ଖୁସିରେ ଭାରତୀୟ ସୈନ୍ୟବାହିନୀରେ ଯୋଗଦେଇଥିବା କୁହନ୍ତି। ସୀମାରେ ଲଢ଼େଇ ସମୟରେ ସେମାନେ ମଧ୍ୟ ଶତ୍ରୁଙ୍କ ଟାର୍ଗେଟ ହୋଇଥାନ୍ତି। ତେଣୁ ବିଭିନ୍ନ ଔଷଧ ସମେତ ନିଜକୁ ରକ୍ଷା କରିବାପାଇଁ ସାଥିରେ ଅସ୍ତ୍ରଶସ୍ତ୍ର ମଧ୍ୟ ନେବାକୁ ପଡ଼ିଥାଏ ବୋଲି ସେ କୁହନ୍ତି। ରାମଣା ମୀରଟ୍, ଦିଲ୍ଲୀ, ଶ୍ରୀନଗର, ସୁରଟଗଡ଼, ଲକ୍ଷ୍ନୌ,ପୁନେ ଏବଂ ସିକନ୍ଦରାବାଦଠାରେ ସେବା ଯୋଗାଇଆସିଛନ୍ତି।

# ହାଇଦ୍ରାବାଦ ବଳାତ୍କାର ପୀଡ଼ିତାଙ୍କୁ ଶ୍ରଦ୍ଧାଞ୍ଜଳି

ଦେବଗଡ଼, ୪।୧୨ (ଡି.ଏନ.ଏ.)

ଦେବଗଡ ମାରୱାଡି ଧର୍ମଶାଳା ଛକଠାରେ ଗଣକଳାତ୍କାର ଓ ହତ୍ୟାର ଶିକାର ହୋଇଥିବା ହାଇଦ୍ରାବାଦର ପ୍ରାଣୀ ଚିକିତ୍ସକଙ୍କ ଆତ୍ମାର ସଦ୍‌ଗତି ପାଇଁ ଟିମ୍ ହ୍ୟୁମାନିଟି ପକ୍ଷରୁ ବୁଧବାର କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି।

ଅଭିଯୁକ୍ତମାନଙ୍କ ଅମାନବୀୟ କାଣ୍ଡର ଦୃଢ ନିନ୍ଦା କରିବା ସହ ଦୃଷ୍ଟାନ୍ତମୂଳକ ଦଣ୍ଡ ପ୍ରଦାନ ପାଇଁ ସେମାନେ ଦାବି କରିଥିଲେ । ଏହି କ୍ୟାଣ୍ଡେଲ ଶ୍ରଦ୍ଧାଞ୍ଜଳି ସଭାରେ 'ସଂଗଠନର ଉପଦେଷ୍ଟା ଅତୁଲ୍ୟ କୁମାର ପୀଜାରୀ, ଦିଲୀପ କୁମାର ଗୁରୁ, ଆଇନ ପରାମର୍ଶଦାତା ସିଦ୍ଧେଶ୍ୱର ଗୁରୁ , ସଦସ୍ୟ ଅଶୋକ କୁମାର ନନ୍ଦ, ଭୋଳାନାଥ ଦାସ, ଜୟନ୍ତ କୁମାର ସାହୁ,ଅଜିତ କୁମାର ମୋଦୀ,ସଞ୍ଜୀବ କୁମାର ଅଗ୍ରୱାଲା, ଅଶୋକ କୁମାର ନାୟକ, ହରେକୃଷ୍ଣ ସାହୁଙ୍କ ସମେତ ବହୁ ବୁଦ୍ଧିଜୀବୀ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।



କ୍ୟାଣ୍ଡେଲ ଶ୍ରଦ୍ଧାଞ୍ଜଳିରେ ଉପସ୍ଥିତ ଜନସାଧାରଣ ।


ଅତିଥିମାନେ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି ।

# ନୀଲେନ୍ଦ୍ରୀ ମେମୋରିଆଲ ଫୁଟ୍‌ବଲ ଲିଗ୍

ଜୁନାଗଡ଼,୪।୧୨(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୁନାଗଡସ୍ଥିତ ସରକାରୀ ହାଇସ୍କୁଲ ଫୁଟବଲ ପଡିଆରେ ନିଲେନ୍ଦ୍ରି ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଟୁର୍ନାମେଣ୍ଟରେ ୬ଟି ଟିମ୍ ଭାଗ ନେଇଛନ୍ତି। ଅରେବେଡ଼ା ଓ ବ୍ରାହ୍ମଣୀଗୁଡ଼ା ମଧ୍ୟରେ କ୍ୱାର୍ଟରଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ଅରେବେଡା ଦଳ ପେନାଲ୍‌ଟିସୁଟରେ ୨ଟି ଗୋଲ୍‌ରେ ଜିତି ସେମିଫାଇନାଲ୍‌କୁ ଉତ୍ତିର୍ଣ୍ଣ ହୋଇଥିଲା। ମୁଖ୍ୟଅତିଥି ଭାବେ ପ୍ରଥମ ଖେଳରେ ଜୁନାଗଡ଼ ହାଇସ୍କୁଲ ପ୍ରଧାନଶିକ୍ଷକ ତପିମଣି ଜାନୀ, ଦ୍ୱିତୀୟ ଓ ତୃତୀୟ ଖେଳରେ ରଜନୀକାନ୍ତ ବୈଠାରୁ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାନନ ଧ.ମାଝି, ଜୟନ୍ତ କୁମାର ଜେନା ଉପସ୍ଥିତ ଥିଲେ। ନିର୍ମଳ ଦଣ୍ଡସେନା, ତାପସ କୁମାର ଦାସ, ସୁରେଶ ନିଆଲ, ନବିନ ବଗର୍ତ୍ତି ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟ ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ସମ୍ପାଦକ ବିପିନ ଦୁରିଆ, ଗୁଣସାଗର ଧ.ମାଝି ସଙ୍ଗଠକ ଭାବେ କାର୍ଯ୍ୟ ତୁଲାଉଛନ୍ତି। ଦୁର୍ଗା ପ୍ରସାଦ ସିଂ, ଅନୀଲ ପଣ୍ଡା, ସୁଦର୍ସନ ସିଂ, ବୁଲୁ ଲହଜଲ, ସରୋଜ ଧ.ମାଝି, ଶ୍ରୀକାନ୍ତ ମୁନୀ, ଭାଗବତ ଧ.ମାଝି ପ୍ରମୁଖ ସହଯୋଗ କରୁଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖା' ଠାକୁର ଖିରି**
**ବାପା ଯାଇଛି ଲଳିତଗିରି ।**

ଭକ୍ତି ରୂପକ ଧନ ହିଁ ପ୍ରକୃତ ଧନ। ଆନ୍ତରିକ ଭକ୍ତିଭାବ ତଥା ଆରାଧନା ବିନା କରାଯାଉଥିବା ପୂଜା ମୂଲ୍ୟହୀନ ହୋଇଥାଏ। ଉପରଠାଉରିଆ ପୂଜା ବା ପ୍ରାର୍ଥନାରେ ଠାକୁର ସନ୍ତୁଷ୍ଟ ହୋଇ ନ ଥାନ୍ତି। ତେଣୁ ଲାଭ କିଛି ମିଳି ନ ଥାଏ। ଦିଅଁ ପୂଜାରେ ମନ ନ ଥିବା ଅଥଚ ଜାଣିଶୁଣି ନିମଗ୍ନ ରହୁଥିବା ବ୍ୟକ୍ତିର ଲୋକଦେଖାଣିଆ ଭକ୍ତିଭାବ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖୁଁ ଖୁଁ କେତେ କାଶୁଛି ବୁଢ଼ା**
**ପାକୁଆ ପାଟିରେ ଖାଉଛି ଚୁଡ଼ା**
**ଦହି ସଙ୍ଗେ ନାହିଁ ଭେଟ**
**ଗୁଡ଼ ଉଖୁଡ଼ାକୁ କିଏ ପଚାରେ**
**ମିଛକୁ ଘୂରାଏ ପେଟ ।**

ବୟସ ଅତ୍ୟଧିକ ହୋଇଗଲେ ପାଟି ସୁଆଦ ଖାଦ୍ୟ ଖାଇବା ପାଇଁ ଅନେକେ ମନ ବଳାଇଥାନ୍ତି। ବୃଦ୍ଧ ବୟସରେ ବି ଖାଇବା ପାଇଁ ଲୋଭ ଏବଂ ଅଭିନୟ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ସଫେଇ, ବୃକ୍ଷରୋପଣ କାର୍ଯ୍ୟକ୍ରମ

ଦେବଗଡ,୪।୧୨ (ଡି.ଏନ.ଏ)

ଦେବଗଡ ସରକାରୀ ମଡେଲ ଡିଗ୍ରୀ କଲେଜ ଯୁବ ରେଡକ୍ରସ ଶାଖା ପକ୍ଷରୁ କଲେଜ ପରିସରରେ ସ୍ୱଚ୍ଛତା ଓ ବୃକ୍ଷରୋପଣ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ କଲେଜ ଅଧ୍ୟକ୍ଷ ଡ଼. ବିଜୟ କୁମାର ମହାରଣାଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ କଲେଜର ଯୁବ ରେଡକ୍ରସ ଶାଖାର ପରିଚାଳକ ଦାମୋଦର ନାୟକ ସ୍ୱଚ୍ଛତା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମର ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ। ପରେ ସଫେଇ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏହି ଅବସରରେ କଲେଜର ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିବା ଏକ ଉଦ୍ୟାନକୁ କଲେଜ ଅଧ୍ୟକ୍ଷ ଡ. ମହାରଣା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନେ ଶ୍ରମଦାନ କରି ଶ୍ରେଣୀ କୋଠରୀ ଓ କଲେଜ ପରିସରକୁ ସଫା କରିଥିଲେ ।


ସ୍ୱଚ୍ଛତା ଓ ବୃକ୍ଷରୋପଣ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମରେ ସାମିଲ ଛାତ୍ରୀଛାତ୍ର।

ବିଜ୍ଞାପନ ସଂଖ୍ୟା: ୯୯୯୪ **ପଞ୍ଚାୟତ ସମିତି କାର୍ଯ୍ୟାଳୟ, ତିଳେଇବଣି, ଦେବଗଡ଼** ତା ୦୪।୧୨।୨୦୧୯

ଏତଦ୍ୱାରା ପଞ୍ଚାୟତ ସମିତି ତିଳେଇବଣି ଅନ୍ତର୍ଗତ ସମସ୍ତ ଗ୍ରାମପଞ୍ଚାୟତର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(MGNREGA) ଏବଂ ଜାତୀୟ ସାମାଜିକ ସୁରକ୍ଷା (NSAP) ଅନ୍ତର୍ଗତ ୨୦୧୯-୨୦ ଆର୍ଥିକ ବର୍ଷର (୦୧।୦୪।୨୦୧୯ରୁ ୩୦।୦୯।୨୦୧୯) ସାମାଜିକ ସମୀକ୍ଷା ନିମ୍ନ ସାରଣୀ ଅନୁସାରେ ଅନୁଷ୍ଠିତ ହେବ।

ତେଣୁ ଉକ୍ତ ସାମାଜିକ ସମୀକ୍ଷା ଗ୍ରାମସଭାରେ ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣ, ଭିନ୍ନକ୍ଷମ, ବୃଦ୍ଧ, ବୃଦ୍ଧା, ବିଧବା ଏବଂ ଉକ୍ତ ଯୋଜନାରେ କାର୍ଯ୍ୟ କରିଥିବା ସମସ୍ତ ଜବ୍‌କାର୍ଡଧାରୀ ତଥା ସର୍ବସାଧାରଣମାନଙ୍କୁ ନିର୍ଦ୍ଧାରିତ ତାରିଖ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ପ୍ରକଳ୍ପଗୁଡ଼ିକର ଉପାଦେୟତା ଏବଂ ଗୁଣବତ୍ତା ନିମନ୍ତେ ଉଦ୍ଦିଷ୍ଟ ସାମାଜିକ ସମୀକ୍ଷା ଓ ମଷ୍ଟରରୋଲ ଯାଞ୍ଚ କରାଇବାରେ ସହଯୋଗ କରିବାକୁ ଅନୁରୋଧ।

ଏଥିରେ ସହାୟକ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ/ GPTA, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ତଥା ପଞ୍ଚାୟତ ସମିତିର ଅନ୍ୟ ଅଧିକାରୀ ଉପସ୍ଥିତ ରହିବେ। ଏଥିରେ ଉକ୍ତ ଗ୍ରାମ ଶାସନ ଅନ୍ତର୍ଗତ ସମସ୍ତ ସଭ୍ୟ/ସଭ୍ୟା, ସ୍ୱୟଂ ସହାୟକ ଗୋଷ୍ଠୀ/ସ୍ୱେଚ୍ଛାସେବୀ ଅନୁଷ୍ଠାନ/ପଞ୍ଚାୟତ ପ୍ରତିନିଧି ଏବଂ ଉପରୋକ୍ତ ଯୋଜନାରେ ସମ୍ପୃକ୍ତ ଥିବା ବିଭିନ୍ନ କାର୍ଯ୍ୟନିର୍ବାହୀ ସଂସ୍ଥାର ଅଧିକାରୀ ଉପସ୍ଥିତ ରହିବେ।

| କ୍ର. ନଂ. | ଗ୍ରାମ ପଞ୍ଚାୟତ ଗୁଡ଼ିକର ନାମ | ସାମାଜିକ ସମୀକ୍ଷା ସମୟ | ଗ୍ରାମ ସଭା ତାରିଖ | ବିଷୟ | ସ୍ଥାନ | ଯୋଗ ଦେବାକୁ ଥିବା ଅଧିକାରୀ | ବ୍ଲକ୍ ସ୍ତରୀୟ ଜନ ଶୁଣାଣି |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୦୧ | ପାରପୋଷି, ଦୁଧିଆନାଳି, ଢୋଲପଡ଼ା, ଛେପିଲିପାଲି, ଡିମିରିକୁଦା, ତିଳେଇବଣି, ସଡ଼ୋ, ଝାରମୁଣ୍ଡା | ୧୬।୧୨। ୨୦୧୯ରୁ ୧୯।୧୨। ୨୦୧୯ | ୨୬।୧୨। ୨୦୧୯ | NSAP | ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ | ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ, କମ୍ପ୍ୟୁଟର ପ୍ରୋଗ୍ରାମର ଅଧିକାରୀ, ସହକାରୀ ଶାସକ ଯନ୍ତ୍ରୀ, ମନରେଗା ସହାୟକ ଅଧିକାରୀ, ଅତିରିକ୍ତ କମ୍ପ୍ୟୁଟର ପ୍ରୋଗ୍ରାମର ଅଧିକାରୀ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ, ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ମେଟ | ୧୨। ୦୨। ୨୦୨୦ |
| | | ୨୦।୧୨। ୨୦୧୯ରୁ ୨୬।୧୨। ୨୦୧୯ | | MGN-REGA | | | |
| ୦୨ | ଲଇମୁରା, ବଡ଼ଛାପଲ, କେନ୍ଦେଇଜୁରି, ଗଣ୍ଡମା, ସୁଗୁଡ଼ା, ତାଳକୁଣ୍ଡି | ୦୩।୦୧। ୨୦୨୦ରୁ ୦୬।୦୧। ୨୦୨୦ | ୧୩।୦୧। ୨୦୨୦ | NSAP | ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ | | |
| | | ୦୭।୦୧। ୨୦୨୦ରୁ ୧୩।୦୧। ୨୦୨୦ | | MGN-REGA | | | |
| ୦୩ | ପାଲକୁଦର, ଝରାଗୋଗୁଆ, ବଣିଆକିଲିଣ୍ଡା, କଲଣ୍ଡା, ଟାଇଁସର, କଂସର | ୨୧।୦୧। ୨୦୨୦ରୁ ୨୪।୦୧। ୨୦୨୦ | ୩୧।୦୧। ୨୦୨୦ | NSAP | ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ | | |
| | | ୨୫।୦୧। ୨୦୨୦ରୁ ୩୧।୦୧। ୨୦୨୦ | | MGN-REGA | | | |

ସ୍ୱା./- ଗୋଷ୍ଠୀ ଉନ୍ନୟନ ତଥା କାର୍ଯ୍ୟକ୍ରମ ଅଧିକାରୀ, ତିଳେଇବଣି

ବିଜ୍ଞାପନ ସଂଖ୍ୟା: ୬୭୩୫ **ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବାରକୋଟ** ତା ୦୩।୧୨।୨୦୧୯

ଏତଦ୍ୱାରା ପଞ୍ଚାୟତ ସମିତି, ବାରକୋଟ ଅନ୍ତର୍ଗତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଏବଂ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ବର୍ଷ ୨୦୧୯-୨୦ ପ୍ରଥମ ପର୍ଯ୍ୟାୟ "ତା୦୧।୦୪।୨୦୧୯ଠାରୁ ତା୩୦।୦୯।୨୦୧୯" ପର୍ଯ୍ୟନ୍ତର ସାମାଜିକ ସମୀକ୍ଷା ନିମ୍ନ ସାରଣୀ ଅନୁସାରେ ଅନୁଷ୍ଠିତ ହେବ। ଏଥିରେ ଶତପ୍ରତିଶତ ମଷ୍ଟରରୋଲ ଓ କାର୍ଯ୍ୟପତ୍ର ଯାଞ୍ଚ ହେବା ସହିତ ଇନ୍ଦିରା ଗାନ୍ଧୀ ଜାତୀୟ ଭତ୍ତା ଯୋଜନାର ଶତ ପ୍ରତିଶତ ଭତ୍ତା ଖାତା ଯାଞ୍ଚ ହେବ। ତେଣୁ ଉକ୍ତ ସାମାଜିକ ଗ୍ରାମସଭାରେ ପଞ୍ଚାୟତ ସମିତିର ସମସ୍ତ ଜନସାଧାରଣ ଅର୍ଦ୍ଧକୁଶଳୀ ତଥା ଅଣକୁଶଳୀ ଶ୍ରମିକ, ସ୍ୱେଚ୍ଛାସେବୀ ସଙ୍ଗଠନର ପ୍ରତିନିଧି, ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟା ତଥା ଶାରୀରିକ ଭିନ୍ନକ୍ଷମ, ବୃଦ୍ଧ, ବୃଦ୍ଧା, ବିଧବା ସଦସ୍ୟ ବୃନ୍ଦ ଏବଂ ଗ୍ରାମପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟା, ଗ୍ରାମପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ/ଜିପିଟିଏ ଏବଂ ଉପରୋକ୍ତ ଯୋଜନାରେ ସମ୍ପୃକ୍ତ ଥିବା ବିଭିନ୍ନ କାର୍ଯ୍ୟନିର୍ବାହୀ ସଂସ୍ଥାର ଅଧିକାରୀ ଉପସ୍ଥିତ ରହିବେ।

**ସାମାଜିକ ସମୀକ୍ଷା କାର୍ଯ୍ୟସୂଚୀ**

| ପର୍ଯ୍ୟାୟ | ଗ୍ରା.ପ.ର ନାମ | ଜାତୀୟ ସାମାଜିକ ସୁରକ୍ଷା | | ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା | | ସାମାଜିକ ସମୀକ୍ଷା ଗ୍ରାମସଭା ତାରିଖ, ସମୟ | ବ୍ଲକ ପର୍ଯ୍ୟ-ବେକ୍ଷକ |
|---|---|---|---|---|---|---|---|
| | | ଆରମ୍ଭ ତାରିଖ | ଶେଷ ତାରିଖ | ଆରମ୍ଭ ତାରିଖ | ଶେଷ ତାରିଖ | | |
| ୧ମ | ବଳମ<br>ବସାଇଲ<br>ବଲଣ୍ଡା<br>ଦଣ୍ଡାସିଙ୍ଗା<br>ଗୁରୁସଙ୍ଗ<br>ଡଂରା<br>ମଧୁପୁର<br>କାଦୋପଡ଼ା | ୧୬।୧୨। ୨୦୧୯ | ୧୯।୧୨। ୨୦୧୯ | ୨୦।୧୨। ୨୦୧୯ | ୨୬।୧୨। ୨୦୧୯ | ୨୬।୧୨।୨୦୧୯ | A.B.D.O<br>A.E<br>B.P.M<br>G.P.E.O<br>B.S.S.O<br>A.P.O<br>W.E.O<br>P.A |
| ୨ୟ | ଦନ୍ତାରି ବାହାଳ<br>କଣ୍ଡଳ<br>ସଂହଶୀଳ<br>କଲା<br>ସରୁଆଳି<br>କାଳିଆପାଳ<br>ଗୋଳାବନ୍ଧ<br>ଝରାକଣ୍ଡଳ | ୦୩।୦୧।୨୦୨୦ | ୦୬।୦୧।୨୦୨୦ | ୦୭।୦୧।୨୦୨୦ | ୧୩।୦୧।୨୦୨୦ | ୧୩।୦୧।୨୦୨୦ | A.B.D.O<br>A.E<br>B.P.M<br>G.P.E.O<br>W.E.O<br>A.P.O<br>P.A<br>B.S.S.O |
| ୩ୟ | କଣ୍ଡାପାଲି<br>ରମ୍ଭେଇ<br>କାଉଁଶି ବାହାଳ<br>ବମ୍ପରଡ଼ା<br>ସଉତା<br>ବିଜୟ ନଗର<br>ରାଇତାବାହାଳ<br>କେଲଡ଼ା | ୨୧।୦୧।୨୦୨୦ | ୨୪।୦୧।୨୦୨୦ | ୨୫।୦୧।୨୦୨୦ | ୩୧।୦୧।୨୦୨୦ | ୩୧।୦୧।୨୦୨୦ | G.P.E.O<br>B.P.M<br>A.E<br>P.A<br>A.P.O<br>W.E.O<br>B.S.S.O<br>A.B.D.O |

ବ୍ଲକସ୍ତରୀୟ ଜନଶୁଣାଣି ତା୧୨।୦୨।୨୦୨୦ ସମୟ:- ୧୦.୩୦ମିରେ ବ୍ଲକ ଅଫିସ୍ ପ୍ରାଙ୍ଗଣରେ ଅନୁଷ୍ଠିତ ହେବ।

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବାରକୋଟ

CLASSIFIED DISPLAY

ALL EDITION - B/W (Everyday)

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE

ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ସବୁ ଯୋଜନା ଅଧୀନରେ ସବୁ ବ୍ୟାଙ୍କରୁ
କମ୍ କିମ୍ବା ଖରାପ CIBIL ସ୍କୋର୍‌ଧାରୀଙ୍କୁ ମଧ୍ୟ ଋଣ
ମାର୍କଶିଟ୍ ପ୍ରପର୍ଟି
ଆଧାରକାର୍ଡ ପର୍ସନାଲ
ପଶୁପାଳନ ବ୍ୟବସାୟ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
୨% ସୁଧ - ୪୦% ରିହାତିରେ
୨୪ ଘଣ୍ଟା ମଧ୍ୟରେ ଘରେ ବସି ପାଆନ୍ତୁ
ସତ୍ୟମ୍ ଫାଇନାନ୍ସ
9953125459
9667227985
Sec-102, Sukh Complex, Noida (Delhi)

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
9911473748
Add :- 41/14, Sec-1 Pushp Vihar, Delhi

KUBER FINANCE
All Odisha
★ Mudra Loan
★ Cash Credit Loan
★ Vehicle Loan
★ Agriculture Loan
★ Personal Loan
★ Business Loan
★ Mortgage Loan
★ Housing Loan
All types of Loan@ 1% Interest 50% Subsidy Fund Received in 24 Hours
7599779418, 9599068151
B-34/A Block, Vijay Enclave, Burari, New Delhi

MAHESHWARI FINANCE
ବିନା ଗ୍ୟାରେଣ୍ଟିରେ ମହିଳା/ପୁରୁଷ (ଦୋକାନୀ) ୫ ଲକ୍ଷରୁ ୨୫ ଲକ୍ଷ ଲୋନ ୨% ସୁଧ ୫୦% ରିହାତି ମାର୍କଶିଟ୍ ଓ ପ୍ରପର୍ଟି ଲୋନ।
E-mail - maheshwarifinance111@gmail.com
Ph - 9716825082
9716001694

BUSINESS

ASTROLOGY

GTL Telecom Co.
ଦ୍ୱାରା ଖାଲି ଜମି, ଛାତ, କ୍ଷେତରେ ଡିଜିଟାଲ ଟାୱାର ଲଗାନ୍ତୁ
ଅଗ୍ରିମ - 60,00000/-
ଭଡ଼ା - 25,000/-
ଅନ୍ୟାନ୍ୟ ସୁବିଧା (ମାସିକ 15000/-)
ମେଡିକାଲ + ବୀମା ଫ୍ରି
9450647834
7027273944
Network Vision, ITC Industrial Area, Navi Mumbai, Maharashtra.

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋଡାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋଡାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ । ସମସ୍ତ ପ୍ରକାର LOAN BARSA FINANCE ଯୋଗାଇ ଦେଉଛି । ସୁଧ=1%
MOB -9853098838
7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail :- namonamoonlinem.p@gmail.com
9911321841
Add :- 41/14, Sec-1 Pushp Vihar, Delhi

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲି଼ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1988ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲି଼ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

ଖର୍ଚ୍ଚ ଋଣରୁ କଟିବ
BALA JI FINANCE
1 ଲକ୍ଷରୁ ୨୦ ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ |40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
063986-75974
ADDRESS: T-51, GAUTAMPURI, DELHI

NATIONAL FINANCE
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ସରକାରୀ କର୍ମଚାରୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
9473568261

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ଝିଁପଣ୍ଡି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



# ବିଶ୍ୱ ମୃତ୍ତିକା ଦିବସ ବିଶେଷ

## ମୃତ୍ତିକା ଉପରେ ପରିବର୍ତ୍ତିତ ଜଳବାୟୁର ପ୍ରଭାବ

**ପ୍ରଫେସର ସୁବୋଧ କୁମାର ସାହୁ**

ମୃତ୍ତିକା ପୃଥିବୀ ପୃଷ୍ଠର ଏକ ବୃହତ ଅଂଶ, ଯାହା ଉଭୟ ପ୍ରାଣୀ ଏବଂ ଉଦ୍ଭିଦଙ୍କର ବାସସ୍ଥଳୀ। ମୃତ୍ତିକାରେ ଉଦ୍ଭିଦ ବଢ଼ି ଆମକୁ ଖାଦ୍ୟ, ବସ୍ତ୍ର, ଔଷଧ, ଗୃହ ଉପକରଣ ଏବଂ ଉପଭୋଗ ପାଇଁ ସୌନ୍ଦର୍ଯ୍ୟ ଆଦି ଯୋଗାଇଥାଏ। ଜଳବାୟୁର ବିଭିନ୍ନ ପ୍ରଭାବରେ ଭୂଗର୍ଭ ଏବଂ ଭୂପୃଷ୍ଠସ୍ଥ ଶିଳା ତଥା ପ୍ରସ୍ତର ଖଣ୍ଡମାନ ଭାଙ୍ଗି କ୍ଷୁଦ୍ର ବାଲୁକା, ପଟୁ ଏବଂ କର୍ଦ୍ଦମରେ ପରିଣତ ହୋଇ ମୃତ୍ତିକା ସୃଷ୍ଟି ହୁଏ। ଏକ ହିସାବରୁ ଜଣାଯାଇଛି ଯେ ଭୂପୃଷ୍ଠର ଏକଘନ ଇଞ୍ଚ ଆୟତନର ମୃତ୍ତିକା ସୃଷ୍ଟି ପାଇଁ ପ୍ରାୟ ଏକ ହଜାରରୁ ପନ୍ଦରଶହ ବର୍ଷ ପର୍ଯ୍ୟନ୍ତ ସମୟ ଲାଗିଥାଏ। ଅନ୍ୟ ପକ୍ଷରେ ଜଳବାୟୁର ଭିନ୍ନ ଭିନ୍ନ ପ୍ରଭାବରେ ବର୍ଷକୁ ପ୍ରାୟ ୫ରୁ ୭ଟନ୍ ପର୍ଯ୍ୟନ୍ତ ମୃତ୍ତିକା ଧୋଇ ହୋଇ ଭୂପୃଷ୍ଠରୁ ସ୍ଥାନାନ୍ତରିତ ହୁଏ।



ଜଳବାୟୁ କହିଲେ ମୁଖ୍ୟତଃ ବୃଷ୍ଟିପାତ, ବାୟୁପ୍ରଭାବ, ଭୂପୃଷ୍ଠ ଉତ୍ତାପ, ଆର୍ଦ୍ରତା, ବାୟୁମଣ୍ଡଳର ବିଭିନ୍ନ ବାଷ୍ପ ଆଦିକୁ ବୁଝାଏ। ବିଭିନ୍ନ କାରଣରୁ ଭୂପୃଷ୍ଠର ଜଳବାୟୁ ପରିବର୍ତ୍ତନର ଲକ୍ଷଣମାନ ଅନୁଭବ କରାଯାଉଛି। ଏହା କେତେବେଳେ ଶାନ୍ତ ତ କେତେବେଳେ ଭୟଙ୍କର।

ଜଳବାୟୁର ମୁଖ୍ୟ ଏକ ଅଂଶ ହେଉଛି ବୃଷ୍ଟିପାତ। ଏହାର ପରିମାଣ ଏବଂ ତୀବ୍ରତା ମୃତ୍ତିକା ଉପରେ ଭିନ୍ନ ଭିନ୍ନ ପ୍ରଭାବ ପକାଇଥାଏ। ବୃଷ୍ଟିପାତର ପରିମାଣ ସ୍ୱଳ୍ପ, ମଧ୍ୟମ, ପ୍ରବଳ ଅଥବା ଅତିପ୍ରବଳ ହୋଇପାରେ। ସ୍ୱଳ୍ପ ବୃଷ୍ଟିପାତ ପ୍ରସ୍ତର ଖଣ୍ଡ ଉପରେ ଅତିକ୍ଷୁଦ୍ରରୁ କ୍ଷୁଦ୍ର ଶିଉଳି ଜାତୀୟ ଭିନ୍ନ ଉଦ୍ଭିଦ ବଢ଼ାଇବାରେ ସାହାଯ୍ୟ କରେ। ଉକ୍ତ କ୍ଷୁଦ୍ର ଉଦ୍ଭିଦରୁ କେତେକ ଜୈବ ଅମ୍ଳ ସୃଷ୍ଟି ହୋଇ ପଥର ଦେହରେ ସରୁ ସରୁ ଫାଟ ହୁଏ। ସମୟ କ୍ରମେ ଉକ୍ତ ଫାଟ ବଢ଼ି ବଡ଼ ବଡ଼ ଫାଟରେ ପରିଣତ ହୋଇ ପରବର୍ତ୍ତୀ ସମୟରେ ଭାଙ୍ଗି ମାଟି ସୃଷ୍ଟି କରେ। ମଧ୍ୟମ ବୃଷ୍ଟିପାତ ଦ୍ୱାରା ଦୁଇ ପଥର ମଧ୍ୟରେ ଥିବା ଫାଙ୍କରେ ଫର୍ଣ୍ଣ ଜାତୀୟ ଉଦ୍ଭିଦ ବଢ଼ନ୍ତି। ଫର୍ଣ୍ଣର ଚେର ପଥରର ଦୁଇ ଫାଙ୍କରେ ଚାପ ପ୍ରୟୋଗ କରି ପଥରକୁ ଫଟାଇବା ଦ୍ୱାରା ସମୟ କ୍ରମେ ମାଟି ସୃଷ୍ଟି ହୁଏ।

ପ୍ରବଳ ଏବଂ ଅତି ପ୍ରବଳ ବର୍ଷା ଉଭୟ ମୃତ୍ତିକା ଗଠନ ଏବଂ କ୍ଷୟ ଘଟାଇ ଥାଏ। ପ୍ରବଳ ବର୍ଷା ଜଳସ୍ରୋତରେ ଭଗ୍ନ ଶିଳା ଖଣ୍ଡମାନ ବୋହିନେବା ସମୟରେ ପରସ୍ପର ମଧ୍ୟରେ ଘର୍ଷଣ ହୋଇ ପଥର ଖଣ୍ଡମାନ ଭାଙ୍ଗି ସେଥିରୁ ବୃହତ୍ ଏବଂ କ୍ଷୁଦ୍ର ବାଲୁକା ରାଶି ସୃଷ୍ଟି ହୁଏ। ଅତି ପ୍ରବଳ ବର୍ଷା ଦ୍ୱାରା ପାର୍ବତ୍ୟ ଅଞ୍ଚଳର ପାହାଡ଼ ଧସି ମୃତ୍ତିକା କ୍ଷୟ ହୁଏ। ଅନ୍ୟପକ୍ଷରେ ସମତଳ ଅଞ୍ଚଳର ନଦୀ ବଢ଼ି ଉପକୂଳରେ ଉର୍ବର ପଟୁ ମାଟି ସୃଷ୍ଟି ହୁଏ। ଉପକୂଳ ଅଞ୍ଚଳରେ ଝଡ଼ ଏବଂ ବନ୍ୟା ପ୍ରବଳ ବର୍ଷାର ଭିନ୍ନ କିଛି ରୂପ। ଝଡ଼ ହେଲେ ଲଗାଣ ବର୍ଷା ହୋଇ ନଦୀଜଳ ଫୁଲି କୂଳ ଲଘିଁ ମୃତ୍ତିକା କ୍ଷୟ ହୁଏ। ଲଗାଣ ବର୍ଷା ସହ ପ୍ରବଳ ବେଗରେ ପବନ ବହିଲେ ବାତ୍ୟା ସୃଷ୍ଟି ହୋଇ ମୃତ୍ତିକା ମଧ୍ୟ କ୍ଷୟହୁଏ। ଗ୍ରୀଷ୍ମଋତୁରେ କୁଆପଥର ବୃଷ୍ଟି ସହ ଅସାଧାରଣ ବର୍ଷା ଟୋପାମାନ ଶିଳା ଖଣ୍ଡକୁ ଭାଙ୍ଗି କ୍ଷୁଦ୍ର ଶିଳାରେ ପରିଣତ କରି ପରବର୍ତ୍ତୀ ସମୟରେ ମୃତ୍ତିକା ସୃଷ୍ଟି କରାଏ। ଅନେକ ସମୟରେ ବୃହତ୍ ବର୍ଷା ଟୋପାମାନ ଉର୍ବର ମୃତ୍ତିକାକୁ ସ୍ଥାନାନ୍ତରିତ କରେ।

ବାୟୁ ପ୍ରବାହ ମୃତ୍ତିକା ଉପରେ ବୃଷ୍ଟିପାତଠାରୁ ଭିନ୍ନ ପ୍ରଭାବ ପକାଇ ଥାଏ। ଘୂର୍ଣ୍ଣିବାୟୁ, କାଳବୈଶାଖୀ ଏବଂ ଧୂଳିଝଡ଼ ବାୟୁ ପ୍ରବାହର ଭିନ୍ନ ତିନୋଟି ରୂପ। କୌଣସି ଏକ ନିର୍ଦ୍ଦିଷ୍ଟ ଭୂଭାଗ ହଠାତ୍ ଉତ୍ତପ୍ତ ହେଲେ ସେହି ସ୍ଥାନର ବାୟୁ ଉତ୍ତପ୍ତ ହୋଇ ଘୂର୍ଣ୍ଣୟମାନ ଅବସ୍ଥାରେ ବାଲି, ଧୂଳି ଏବଂ ସୂକ୍ଷ୍ମ କର୍ଦ୍ଦମ ଆଦି ବାୟୁମଣ୍ଡଳର ବହୁ ଉପରକୁ ଉଠି ସ୍ଥାନାନ୍ତର ହୁଏ। ବାୟୁ ପ୍ରବାହରେ ବଡ଼ ବଡ଼ ବାଲୁକାରାଶି ପଥରଖଣ୍ଡ ଉପରେ ପ୍ରବଳ ଆଘାତ ଦେଇ ପଥରକୁ ଭାଙ୍ଗେ। ମରୁଭୂମିରେ ପ୍ରବଳ ବାୟୁ ପ୍ରବାହରେ ବାଲୁକା ପାହାଡ଼ମାନ ସୃଷ୍ଟି ହୁଏ।

ଗ୍ରୀଷ୍ମମଣ୍ଡଳୀୟ ଜଳବାୟୁର ଉତ୍ତାପ ଶୀତଋତୁରେ ପ୍ରାୟ ୭° ରୁ ୧୦° ସେଲସିୟସ ମଧ୍ୟରେ ରହୁଥିବା ବେଳେ ଗ୍ରୀଷ୍ମଋତୁରେ ଏହା ୪୫° ରୁ ୫୦° ସେଲସିୟସ ମଧ୍ୟରେ ହେବାର ରେକର୍ଡ ଅଛି। ଉତ୍ତାପର ତାରତମ୍ୟ ଯୋଗୁ ଭୂପୃଷ୍ଠସ୍ଥ ପଥର ପ୍ରସାରଣ ଓ ସଙ୍କୁଚିତ ହୋଇ ଫାଟେ ଏବଂ ପରବର୍ତ୍ତୀ ସମୟରେ ଭାଙ୍ଗି ବୃହତ ଓ କ୍ଷୁଦ୍ର ବାଲୁକା, ପଟୁ ଓ କର୍ଦ୍ଦମରେ ପରିଣତ ହୋଇ ମୃତ୍ତିକା ସୃଷ୍ଟି ହୁଏ।

ଆଗ୍ନେୟଗିରି ଉଦ୍‌ଗିରଣ ପ୍ରକୃତିର ଏକ ଭୟଙ୍କର ରୂପ। ଭୂଗର୍ଭସ୍ଥ ଶିଳା, ପ୍ରସ୍ତର ଏବଂ ଧାତୁ ଆଦି ଭୂଗର୍ଭର ଅତ୍ୟଧିକ ଉତ୍ତାପ ଯୋଗୁ ତରଳି ଭୂପୃଷ୍ଠ ଉପରକୁ ପ୍ରବଳ ବେଗରେ ଉଦ୍‌ଗିରଣ ହୋଇ ଶୀତଳ ହେଲେ ମୃତ୍ତିକା ସୃଷ୍ଟି ହୁଏ।

ଭୂମିକମ୍ପ ହେଲେ ଜଳବାୟୁର ପରିବର୍ତ୍ତନ ଘଟି ଭୂପୃଷ୍ଠ ଏବଂ ଭୂଗର୍ଭ ମଧ୍ୟରେ ବଡ଼ ବଡ଼ ଫାଟମାନ ସୃଷ୍ଟି ହୋଇ ବୃହତ ଶିଳାଖଣ୍ଡ ଭାଙ୍ଗି ମୃତ୍ତିକା ସୃଷ୍ଟି ହୁଏ। ସମୟେ ସମୟେ ସମୁଦ୍ର ଗର୍ଭରେ ଭୂକମ୍ପ ହେଲେ ସୁନାମି ସୃଷ୍ଟି ହୋଇ ବଡ଼ ବଡ଼ ଢେଉମାନ କୂଳଲଘିଁ ଉଚ୍ଚ ବାଲୁକାରାଶି ସ୍ତର ସୃଷ୍ଟି ହୁଏ।

ବାୟୁମଣ୍ଡଳରେ ନାଇଟ୍ରସ ଅକ୍ସାଇଡ, ସଲଫର ଡାଇଅକ୍ସାଇଡ, ହାଇଡ୍ରୋଜେନ ସଲଫାଇଡ, କାର୍ବନ ଡାଇଅକ୍ସାଇଡ ଆଦି ଅମ୍ଳଧର୍ମୀ ଗ୍ୟାସ ଜଳୀୟବାଷ୍ପ ଏବଂ ସ୍ୱଳ୍ପ ବର୍ଷା ସଂସ୍ପର୍ଶରେ ଆସି, ନାଇଟ୍ରିକ ଅମ୍ଳ, ସଲଫ୍ୟୁରିକ ଅମ୍ଳ, କାର୍ବୋନିକ ଅମ୍ଳ ଆଦି ସୃଷ୍ଟି ହୁଏ। ଏହିସବୁ ଅମ୍ଳ ପ୍ରସ୍ତର ସଂସ୍ପର୍ଶରେ ଆସିଲେ ରାସାୟନିକ ପ୍ରତିକ୍ରିୟା ଘଟି ପଥରଖଣ୍ଡମାନ ଭାଙ୍ଗି ମୃତ୍ତିକା ସୃଷ୍ଟି ହୁଏ।

ଭୂପୃଷ୍ଠସ୍ଥ ଆମେ ମନୁଷ୍ୟ ଏବଂ ଅନ୍ୟାନ୍ୟ ପ୍ରାଣୀ ତଥା ଉଦ୍ଭିଦ ଆଦି ଜୀବଜଗତ ମୃତ୍ତିକା ଏବଂ ପୃଥିବୀର ଜଳବାୟୁ ସହିତ ଓତପ୍ରୋତ ଭାବେ ଜଡ଼ିତ। ଯେହେତୁ ମୃତ୍ତିକା ଏକ ଅମୂଲ୍ୟ ସମ୍ପଦ, ତେଣୁ ଆମେ ଜଳବାୟୁ ପରିବର୍ତ୍ତନ ସହିତ ଖାପଖୁଆଇ ଉକ୍ତ ମୂଲ୍ୟବାନ ସମ୍ପତ୍ତିକୁ ସୁଚାରୁ ରୂପେ ପରିଚାଳନା କରି ଏହାର ସୃଷ୍ଟି ଏବଂ ସଂରକ୍ଷଣ ପ୍ରତି ଦୃଷ୍ଟି ଦେବା ଜରୁରୀ।

**– ଶୈଳଶ୍ରୀ ବିହାର, ଭୁବନେଶ୍ୱର, ମୋ:୯୫୫୬୨୬୭୦୮୫**

### ଏ ବର୍ଷର ବାର୍ତ୍ତା

#### ମୃତ୍ତିକା କ୍ଷୟ ରୋକ, ଭବିଷ୍ୟତ ରକ୍ଷା କର

ଚଳିତ ବିଶ୍ୱ ମୃତ୍ତିକା ଦିବସ ଲାଗି ବାର୍ତ୍ତା ରହିଛି 'ମୃତ୍ତିକା କ୍ଷୟ ରୋକ, ଭବିଷ୍ୟତ ରକ୍ଷା କର'।

ଏହି ଦିବସରେ ମାଟିର ବିବିଧ ଆବଶ୍ୟକତା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥାଏ। ମାଟିର ରକ୍ଷଣାବେକ୍ଷଣ ଉପରେ ବି ଗୁରୁତ୍ୱ ପ୍ରଦାନ କରାଯାଏ ଓ ଏଥିପାଇଁ ଉପଯୁକ୍ତ ନୀତିନିର୍ଦ୍ଧାରଣ କରିବା ଉପରେ ଚିନ୍ତା କରାଯାଇଥାଏ। ଉପଯୁକ୍ତ ମୃତ୍ତିକା ପରିଚାଳନା ମାଧ୍ୟମରେ ମାଟିର ସ୍ୱାସ୍ଥ୍ୟ ବଜାୟ ରଖିବା ଓ ସଂରକ୍ଷଣର ଆବଶ୍ୟକତା ଉପରେ ସମସ୍ତଙ୍କୁ ଅବଗତ କରାଯାଏ।

## ସୁସ୍ଥ ଜୀବନର ଆଧାର ସୁସ୍ଥ ମାଟି

ମାଟି ପବିତ୍ର, ପଞ୍ଚଭୂତର ଅଂଶ। ପୁଣି ଏହି ମାଟି ପ୍ରକୃତିର ଅମୂଲ୍ୟ ସମ୍ପଦ। ଏହା ଫସଲକୁ ଖାଦ୍ୟ ସାର ଯୋଗାଏ। ଫସଲ ମାଧ୍ୟମରେ ଆମେ ଜୀବନ ବଞ୍ଚାଉ। ପରୋକ୍ଷରେ ମାଟି ହିଁ ଆମ ଜୀବନଦାତା। ସୁସ୍ଥ ଜୀବନ ଲାଗି ସୁସ୍ଥ ମାଟି ଆବଶ୍ୟକ। ଏହାକୁ ଆଧାର କରି ପ୍ରତିବର୍ଷ ୫ ଡିସେମ୍ବରରେ ବିଶ୍ୱ ମୃତ୍ତିକା ଦିବସ ପାଳନ କରାଯାଉଛି। ମିଳିତ ଜାତିସଂଘ ପକ୍ଷରୁ ୨୦୧୫ରୁ ଏକ ନିର୍ଦ୍ଦିଷ୍ଟ ବାର୍ତ୍ତା ନେଇ ୫ ଡିସେମ୍ବରରେ ଏହି ଦିବସ ପାଳିତ ହୋଇ ଆସୁଛି। ଚଳିତବର୍ଷ ଏହି ଦିବସ ଲାଗି ବାର୍ତ୍ତା ରହିଛି 'ମୃତ୍ତିକା କ୍ଷୟ ରୋକ,ଭବିଷ୍ୟତ ରକ୍ଷା କର'।

ମାଟିର ଦାୟିତ୍ୱ ମା'ଠାରୁ ଅଧିକ କହିଲେ ଅତ୍ୟୁକ୍ତି ହେବ ନାହିଁ। ମାଟି ଆମକୁ ଖାଇବାକୁ ଖାଦ୍ୟ, ପିନ୍ଧିବା ଲାଗି ବସ୍ତ୍ର, ପିଇବା ପାଇଁ ପାଣି, ରୋଗ ସକାଶେ ଔଷଧ ଆଦି



ଯୋଗାଉଛି। ଦେଖିବାକୁ ଗଲେ ମାନବ ଜାତିର ସମସ୍ତ ସଭ୍ୟତା, ସାମାଜିକ ବ୍ୟବସ୍ଥା, ଅର୍ଥନୈତିକ ଉନ୍ନତି ସବୁ ମାଟି ଉପରେ ହିଁ ନିର୍ଭର କରେ। ଏଣୁ ମା'ଠାରୁ ମାଟି ବଡ଼। ତେବେ ଏବେ ମାଟି ଯେଉଁ ପରିମାଣରେ କ୍ଷୟ ହୋଇ ଚାଲିଛି ତାହାହିଁ ଚିନ୍ତାର କାରଣ ସାଜିଲାଣି। ପୃଥିବୀ ପୃଷ୍ଠରେ ଏକ ଇଞ୍ଚ ମାଟି ଗଠନ ହେବା ପାଇଁ ୧ହଜାରରୁ ଦେଢ ହଜାର ବର୍ଷ ଲାଗିଥାଏ। କିନ୍ତୁ ଏହି ପରିମାଣର ମାଟି କ୍ଷୟ ହେବାକୁ ଲାଗେ ମାତ୍ର ୫ ମିନିଟ। ମାଟି କ୍ଷୟ ଉଭୟ ପ୍ରାକୃତିକ ଓ ମାନବକୃତ। ଜଳବାୟୁ ପରିବର୍ତ୍ତନ ହେବା ଦ୍ୱାରା ପ୍ରାକୃତିକ ବିପର୍ଯ୍ୟୟ ଯଥା ଅଧିକ ବର୍ଷା ଓ ବନ୍ୟା ବାତ୍ୟା ଯୋଗୁ ମାଟି କ୍ଷୟ ହେଉଛି। କିନ୍ତୁ ମାନବକୃତ ମାଟି କ୍ଷୟ ପ୍ରାକୃତିକ ମାଟି କ୍ଷୟଠାରୁ ଅଧିକ। ଏହାର କାରଣ ମଣିଷ ତା'ର ସବୁ କାର୍ଯ୍ୟରେ ମାଟି ସହ ଜଡ଼ିତ ରହିଥାଏ। ଭୁଲ ପଦ୍ଧତିରେ କୃଷି ମାଟି କ୍ଷୟର ଆଉ ଏକ ବଡ଼ କାରଣ। ଫସଲ ଅମଳ ପରେ ଯଦି ମୂଳ ନ ଉପାଡ଼ି କି ନପୋଡ଼ି ଛାଡ଼ି ଦିଆଯାଏ ତେବେ ମାଟି କ୍ଷୟ କମିଯିବ। କିନ୍ତୁ ଏବେ ଯେଭଳି ଧାନ କଟାପରେ ନଡ଼ାକୁ ପୋଡ଼ିଦିଆଯାଉଛି ତାହା ମାଟି କ୍ଷୟ ବୃଦ୍ଧି ସହ ପରିବେଶ ପ୍ରଦୂଷଣ କରୁଛି। ଏଥିରୁ ଚାଷୀଭାଇମାନେ କ୍ଷାନ୍ତ ହେବା ଜରୁରୀ। ହଳ କରିବା ପରେ କ୍ଷେତରେ ମାଟିକୁ ଖୋଲା ଛାଡ଼ି ଦେଲେ ମୃତ୍ତିକା କ୍ଷୟ ଅଧିକ ହୋଇଥାଏ। ଏଣୁ କୃଷକମାନେ ଏହା ଉପରେ ଅଧିକ ଧ୍ୟାନ ଦେଲେ ମୃତ୍ତିକା କ୍ଷୟ ଅନେକାଂଶରେ ରୋକାଯାଇପାରିବ। କୋଠା, ପୋଲ ନିର୍ମାଣ ଠାରୁ ଆରମ୍ଭ କରି ରାସ୍ତାନିର୍ମାଣରେ ମାଟି କ୍ଷୟ ହେଉଛି। ଉନ୍ନତ ଜ୍ଞାନକୌଶଳ ପ୍ରୟୋଗ କରି ଏକ୍ଷେତ୍ରରେ ମୃତ୍ତିକା କ୍ଷୟ ରୋକାଯାଇପାରିବ। ଖଣି ଖନନରେ ଯେପରି ମାଟି କ୍ଷୟ ନହୁଏ ସେଥିପ୍ରତି ଧ୍ୟାନ ଦେବାର ଆବଶ୍ୟକତା ରହିଛି।

ଯେମିତି ମାଟି ସେମିତି ଫସଲ। ମାଟି ସୁସ୍ଥ ରହିଲେ ଭଲ ଫସଲ ହୁଏ। କିନ୍ତୁ ମାଟିରେ ଅତ୍ୟଧିକ କୀଟନାଶକ ଓ ରାସାୟନିକ ସାର ବ୍ୟବହାର କରିବା ଦ୍ୱାରା ମାଟି ପ୍ରଦୂଷିତ ହେଉଛି। ଏହାକୁ ରୋକିବା ଲାଗି ଚାଷ ପୂର୍ବରୁ ମାଟି ପରୀକ୍ଷା କରାଇବା ଆବଶ୍ୟକ। ଏଥିଲାଗି କୃଷି ବିଭାଗ ତରଫରୁ ମାଟି ପରୀକ୍ଷା କରିବା ପାଇଁ କେନ୍ଦ୍ର ଖୋଲାଯାଇଛି। ମାଟି ପରୀକ୍ଷା କରି ଫସଲ କଲେ ଅଧିକ ଅମଳ ହୋଇଥାଏ। ଫସଲ ବୃଦ୍ଧି ନିମନ୍ତେ ଆବଶ୍ୟକ ୧୮ଟି ଉପାଦାନ ମଧ୍ୟରୁ ଗୋଟିଏର ଅଭାବ ହେଲେ ଫସଲରୁ ଆଶନୁରୂପ ଅମଳ ହୋଇପାରେନାହିଁ। ଦୁଇ ତିନି ବର୍ଷରେ ଥରେ ମାଟି ପରୀକ୍ଷା କରିବା ଉଚିତ। ମାଟି ପରୀକ୍ଷାର ଫଳାଫଳ ଅନୁଯାୟୀ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଜରିଆରେ ଫସଲ ଚାଷ ପାଇଁ ଖତସାର,ଜୈବସାର ଓ ମୃତ୍ତିକା ସୁଧାରକ ସମ୍ବନ୍ଧରେ ଆବଶ୍ୟକ ପରାମର୍ଶ ପ୍ରଦାନ କରାଯାଇଥଏ। ଏଣୁ ମାଟି ପରୀକ୍ଷା କରାଇବା ଆବଶ୍ୟକ। ବିଷାକ୍ତ ରାସାୟନିକ ସାର ବଦଳରେ ଜୈବିକ ସାର ପ୍ରୟୋଗ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ମାନବକୃତ ମାଟି ଅବକ୍ଷୟକୁ ରୋକିବା ଲାଗି ସମସ୍ତେ ସଚେତନ ହେବା ଜରୁରୀ। ଗତ ଶତାବ୍ଦୀର ଷାଠିଏ ଦଶକରେ ସବୁଜ ବିପ୍ଳବରେ ମାଟି ଉପରେ ପଡ଼ିଥିବା କୁପ୍ରଭାବରୁ ମୁକ୍ତି ପାଇବା ଲାଗି ପୃଥିବୀକୁ ଅନେକ ବର୍ଷ ଲାଗିଯିବ। ତେବେ ମାଟିରେ ଥିବା ବିଭିନ୍ନ ରୋଗ ସୃଷ୍ଟିକାରୀ ଜୀବାଣୁଙ୍କୁ ଦମନ ଲାଗି ରାସାୟନିକ ତଥା ବିଷାକ୍ତ କୀଟନାଶକ ବ୍ୟବହାର ନ କରି ଉପକାରୀ ଅଣୁଜୀବଙ୍କ ସୁରକ୍ଷା ତଥା ବଂଶବୃଦ୍ଧି ଲାଗି ଜୈବିକ ଉପାୟ ଅବଲମ୍ବନ କରିବାକୁ ପଡ଼ିବ। ଏଭଳି ଉପାୟ ଅବଲମ୍ବନ କଲେ ଅପକାରୀ ଜୀବାଣୁନଷ୍ଟ କରିବାର ରାସ୍ତା ଆଉ ଖୋଜିବାକୁ ପଡ଼ିବନି। କୃଷକମାନେ ନିଶ୍ଚିତ ଭାବେ ରୋଗପୋକ ନାଶକ ତଥା ରାସାୟନିକ ସାର ଆଡ଼ୁ ମୁହଁ ଫେରାଇନିଅନ୍ତେ। ଏହାଦ୍ୱାରା ହିଁ ମାଟିର ସ୍ୱାସ୍ଥ୍ୟ ସୁସ୍ଥ ରହିପାରନ୍ତା।




## ମାଟିର ସୁରକ୍ଷା ଲାଗି ଜୈବିକ ଚାଷ



ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ

ବୃକ୍ଷ ପାଇଁ ମାଟିରଭୂମିକା ଗୁରୁତ୍ୱପୂର୍ଣ୍ଣ। ସୁସ୍ଥ ମାଟିରୁ ଉତ୍ପନ୍ନ ଫସଲ ମଣିଷ ଓ ପ୍ରାଣୀ ମାନଙ୍କୁ ଆହାର ଯୋଗାଇ ଥାଏ। ମାଟିର ସ୍ୱାସ୍ଥ୍ୟ ନଷ୍ଟ ହେଲେ ଫସଲର ଉତ୍ପାଦନ କମିବା ସହ ଉତ୍ପାଦନର ମାନ ମଧ୍ୟ ହ୍ରାସ ପାଇଥାଏ। ମାଟିର ସ୍ୱାସ୍ଥ୍ୟ ସଂପର୍କରେ ଅବଗତ ହୋଇ ପରିଚାଳନା କରିବା ଚାଷୀ ମାନଙ୍କ ପାଇଁ ନିହାତି ଆବଶ୍ୟକ। ମାଟିର ସ୍ୱାସ୍ଥ୍ୟ ନିମନ୍ତେ ବିଶ୍ୱବାସୀଙ୍କ ମନରେ ସଚେତନତା ସୃଷ୍ଟି ଲାଗି ଜାତିସଂଘ (ବିଶ୍ୱ ଖାଦ୍ୟ ଓ କୃଷି ଅନୁଷ୍ଠାନ ) ୨୦୧୫ ମସିହାରୁ ଡିସେମ୍ବର ୫କୁ ବିଶ୍ୱ ମୃତ୍ତିକା ଦିବସ ରୂପେ ପାଳନ କରି ଆସୁଅଛି। ସାରାବିଶ୍ୱରେ କୃଷି ବିଭାଗ ଓ କୃଷି ବିଜ୍ଞାନ କେନ୍ଦ୍ର ତଥା କୃଷିସହିତ ଜଡ଼ିତ ଅନୁଷ୍ଠାନ ଗୁଡ଼ିକ ତତ୍ପର ହୋଇଛନ୍ତି ମାଟି ମାଆର ସୁରକ୍ଷା ପାଇଁ। ଆଜିକାଲି ଅଧିକରୁ ଅଧିକ ଉତ୍ପାଦନ ପାଇଁ ପ୍ରଚୁର ପରିମାଣର ରାସାୟନିକ ସାର ବ୍ୟବହାର କରାଯାଉଛି। ଫଳରେ ଅଧିକ ଅମଳ ତ ମିଳୁଛି କିନ୍ତୁ ଅପର ପକ୍ଷରେ ହରାଇ ବସୁଛେ ମା'– ମାଟିର ସ୍ୱାସ୍ଥ୍ୟ। ତେଣୁ ମାଟିର ସ୍ୱାସ୍ଥ୍ୟରକ୍ଷା ଆମ ସମସ୍ତଙ୍କର ମୁଖ୍ୟ ଦାୟିତ୍ୱ। ସେଥିପାଇଁ ସମସ୍ତ ଚାଷୀ ସଚେତନ ହେବା ଆବଶ୍ୟକ। ମୃତ୍ତିକା ପରୀକ୍ଷା କରି ସାର ପ୍ରୟୋଗ କରିବା ଜରୁରୀ,ରାସାୟନିକ ସାର ସହିତ ଜୈବିକ ସାରର ବ୍ୟବହାର ନିହାତି ଦରକାର। ଜଙ୍ଗଲ ନ କାଟି ତା'ର ସୁରକ୍ଷା କିମ୍ବା ନୂତନ ଗଛ ଲଗାଇବା ଆବଶ୍ୟକ। ଘରେ ଘରେ ପ୍ରାଣୀପାଳନ ସହ ମାଟିର ସ୍ୱଚ୍ଛତା ରକ୍ଷରେ ଯତ୍ନବାନ ହେବା ଆବଶ୍ୟକ। ଏହି ପରିପ୍ରେକ୍ଷୀରେ କୃଷି ବିଜ୍ଞାନ କେନ୍ଦ୍ର ସୁନ୍ଦରଗଡ ମିଶନ ଶକ୍ତି, ଓଡ଼ିଶାର ଅନୁଦାନରେ ସୁନ୍ଦରଗଡ ଜିଲାର ୨୫୦ଜଣ ମହିଳାଙ୍କୁ ଜିଆଖତ ଚାଷ ସମ୍ପର୍କରେ ୮ଦିନିଆ ଦକ୍ଷତାବିକାଶ ତାଲିମ ପ୍ରଦାନ କରିଆସୁଅଛି। ପରମ୍ପରାଗତ କୃଷିବିକାଶ ଯୋଜନା ମାଧ୍ୟମରେ ୧୦ ହେକ୍ଟର ଜମିରେ ସଂପୂର୍ଣ୍ଣ ରୂପେ ଜୈବିକ ଉପାୟରେ ଚାଷ ଲାଗି ସଚେତନ କରାଯାଉଛି। ଏହା ସହିତ ଏହି କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ମାଟିର ନମୁନା ସଂଗ୍ରହ, ମୃତ୍ତିକା ପରୀକ୍ଷା ଓ ମୃତ୍ତିକାର ସୁରକ୍ଷା ଉପରେ ଜିଲାରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଜାରି ରହିଛି।

*–ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ, କୃଷିବିଜ୍ଞାନ କେନ୍ଦ୍ର, କିରେଇ, ସୁନ୍ଦରଗଡ଼*

## ମାଟି ପାଇଁ ଆହ୍ୱାନ

ଅଧ ଇଞ୍ଚ ମାଟି ତିଆରି ପାଇଁ ପୃଥିବୀକୁ ଶହ ଶହ ବର୍ଷ ଲାଗୁଥିବା ବେଳେ ମାଟିର ସୁରକ୍ଷା ଆଜି ସମସ୍ତଙ୍କ ପାଇଁ ବଡ଼ ଆହ୍ୱାନ ପାଲଟିଛି। ଜମିରେ ଅତ୍ୟଧିକ ରାସାୟନିକ ସାରର ପ୍ରୟୋଗ ଫଳରେ ମୃତ୍ତିକାର ରୋଗ ପ୍ରତିରୋଧକ ଶକ୍ତି କମୁଛି। ମାଟିର ଉର୍ବରତା ତଥା ସୁରକ୍ଷା ଦିଗରେ ଚାଷୀମାନେ ସଚେତନ ହେବା ଆବଶ୍ୟକ। ମୃତ୍ତିକାକୁ ନେଇ ଏବେ କୃଷି ଓ ଜଳବାୟୁ ବିଶେଷଜ୍ଞମାନଙ୍କ ମଧ୍ୟରେ ଏଭଳି ମତ ପ୍ରକାଶ ପାଇଛି। ଭାରତୀୟ ଜଳବାୟୁ କଂଗ୍ରେସର ସଭାପତି ପ୍ରଫେସର ଡ. ସଞ୍ଜୟ କୁମାର ସାମନ୍ତରାୟ କୁହନ୍ତି, 'ପଞ୍ଚ ମହାଭୂତରେ ମାଟିର ଭୂମିକା ଗୁରୁତ୍ୱପୂର୍ଣ୍ଣ। ମାଟିର ଉପର ଅଂଶ (୯ ଇଞ୍ଚରୁ ୧ ଫୁଟ) ପର୍ଯ୍ୟନ୍ତ ଉର୍ବର। ଜଳବାୟୁ ପରିବର୍ତ୍ତନ ଏବଂ ଅନ୍ୟାନ୍ୟ କାରଣରୁ ଉପରମାଟି ଧୋଇ ହୋଇଯାଉଛି। ଫଳରେ ମାଟିର ଉର୍ବରତା କମୁଛି ଏବଂ ଉତ୍ପାଦନ ମଧ୍ୟ ପ୍ରଭାବିତ ହେଉଛି। ଜମିର ହୁଡ଼ାକୁ ୧ରୁ ଦେଢ ଫୁଟ ପର୍ଯ୍ୟନ୍ତ ଉଚ୍ଚା ରଖିବା ଆବଶ୍ୟକ। ଯଦ୍ୱାରା ମାଟି ଧୋଇହେବାରୁ ରକ୍ଷା ପାଇପାରିବ'। ଜଳଛାୟା ମିଶନର ପୂର୍ବତନ ପ୍ରକଳ୍ପ ନିର୍ଦ୍ଦେଶକ ବିଜୟ କୁମାର ପାଣିଗ୍ରାହୀଙ୍କ ମତରେ ଓଡ଼ିଶାର ମାଟି ସାଧାରଣତଃ ଅମ୍ଳୀୟ ହୋଇଥିବାରୁ ପ୍ରଥମେ ମାଟିର ଭୌତିକ ଗୁଣ ପରୀକ୍ଷା ଓ ଅମ୍ଳ ମାଟି ପରିଚାଳନା ପାଇଁ ଚାଷୀମାନେ ସଚେତନ ହେବାର ଆବଶ୍ୟକତା ରହିଛି। ପରିବେଶବିତ୍ ଖୋକନ ବେହେରାଙ୍କ କହିବାନୁଯାୟୀ, ଉଦ୍ଭିଦ ବଞ୍ଚିବା ଓ ଜୀବନ ଧାରଣ ପାଇଁ ଆବଶ୍ୟକ କେତେକ ଉପାଦାନ ମୃତ୍ତିକାରୁ ହିଁ ସଂଗ୍ରହ କରିଥାଏ। ଏହି ଖାଦ୍ୟ ଉପାଦାନ ବିଶେଷତଃ ମୁଖ୍ୟ, ଗୌଣ ଏବଂ ଅତିଗୌଣ ଭାଗରେ ବିଭକ୍ତ। ଏହି ଉପାଦାନ ମୃତ୍ତିକାରେ କେତେ ପରିମାଣରେ ରହିଛି, ତାହା ମୃତ୍ତିକା ପରୀକ୍ଷା ଦ୍ୱାରା ହିଁ ଜଣାପଡ଼ିଥାଏ। ତଦନୁଯାୟୀ ରାସାୟନିକ ସାର, ଅଣୁସାର, ଜୈବସାର, ଖତ ଓ ସବୁଜ ସାର ମୃତ୍ତିକାରେ ଉପଯୁକ୍ତ ପରିମାଣର ପ୍ରୟୋଗ କରାଯିବା ଦରକାର। ଏହାଦ୍ୱାରା ମୃତ୍ତିକାର ସ୍ୱାସ୍ଥ୍ୟ ଉତ୍ତମ ରହିବା ସହିତ ଫସଲ ଉତ୍ପାଦନରେ ସହାୟକ ହୋଇଥାଏ। ପୂର୍ବତନ କୃଷି ଉପନିର୍ଦ୍ଦେଶକ ଶରତ ସାହୁଙ୍କ କହିବାନୁଯାୟୀ, 'ଜୈବିକ ଖତ ପ୍ରୟୋଗ ଦ୍ୱାରା ମୃତ୍ତିକା ନିଜର ଉର୍ବରତା ବଜାୟ ରଖିପାରିବ। ମାତ୍ର ରାସାୟନିକ ସାରର ଅତ୍ୟଧିକ ଏବଂ ଅବିଚାରିତ ପ୍ରୟୋଗ ଫଳରେ ଜମିରେ ଅମ୍ଳତା ବୃଦ୍ଧି ଘଟିଥାଏ। ରାସାୟନିକ ସାର ପ୍ରୟୋଗ ଦ୍ୱାରା ମାଟିରେ ଥିବା ବିଭିନ୍ନ ଉପାଦାନ ତଥା ଅଣୁସାର କ୍ଷତିଗ୍ରସ୍ତ ହେଉଛି। ଏଥିଲାଗି ପ୍ରତି ୩ବର୍ଷରେ ଥରେ ମାଟି ପରୀକ୍ଷା କରାଯିବା ଜରୁରୀ। ଜିଆ ଖତ ଉପରେ ଗୁରୁତ୍ୱ ଦେବା ସହିତ ଧଣିଚା ଚାଷ କରି ତା'ର ପତ୍ରକୁ ମାଟିରେ ମିଶାଇଲେ ସେଥିରୁ ସବୁଜ ସାର ମାଟି ଗ୍ରହଣ କରିଥାଏ'। କୃଷି ବିଭାଗର ଯୁଗ୍ମ ମାନ ନିର୍ଦ୍ଧାରଣ ଅଧିକାରୀ ବିଜୟ ସ୍ୱାଇଁ କହିଛନ୍ତି, 'ମାଟିର ଉର୍ବରତା ଦିନକୁ ଦିନ କମୁଥିବାରୁ ମାଟିର ଉର୍ବରତା ରକ୍ଷା ଲାଗି ଗୋବର ଖତ ବ୍ୟବହାର ଉପରେ ଗୁରୁତ୍ୱ ଦେବା ଆବଶ୍ୟକ'।

**ରିପୋର୍ଟ: ନିର୍ମଳ ପଣ୍ଡା, କଟକ ଅଫିସ**

**ବିଶ୍ୱ ମୃତ୍ତିକା ଦିବସ** ତା.୦୫।୧୨।୨୦୧୯

**କୃଷକଙ୍କ ପାଇଁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡର ଉପାଦେୟତା**

୧. ମାଟିର ଉର୍ବରତାର ସଠିକ୍ ନିରୁପଣ, ୨. ମାଟିର ସଠିକ୍ କିସମ ଓ ଗୁଣ ନିର୍ଦ୍ଧାରଣ, ୩. ସମସ୍ୟା ବହୁଳ ମାଟିର ସଂଶୋଧନ, ୪. ମୃତ୍ତିକାର ଗୁଣାତ୍ମକ ମାନ ଓ ଉର୍ବରତା ରକ୍ଷା, ୫. ଫସଲରେ ଅନୁମୋଦିତ ସାରର ପ୍ରୟୋଗ, ୬. ଚାଷରେ ଖର୍ଚ୍ଚ କମ୍, ୭. ଅମଳ ବୃଦ୍ଧି ସହିତ କୃଷକର ଆୟ ବୃଦ୍ଧି। ସେଥିପାଇଁ ମାଟି ପରୀକ୍ଷା କରିବା ପାଇଁ ସମସ୍ତ ଚାଷୀଭାଇଙ୍କୁ ଅନୁରୋଧ।

"ମାଟି ଯେବେ ସୁସ୍ଥ ଫସଲ ବି ସୁସ୍ଥ ଲାଭ ପାଇଁ ଭାଇ ନ ହୁଅ ବ୍ୟସ୍ତ"

**ବିଶ୍ୱ ମୃତ୍ତିକା ଦିବସ**

**ବିଶ୍ୱ ମୃତ୍ତିକା ଦିବସ ପାଳନ ଅବସରରେ ସୁନ୍ଦରଗଡ଼ ଜିଲ୍ଲାର ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କୁ କୃଷି ବିଜ୍ଞାନ କେନ୍ଦ୍ର ସୁନ୍ଦରଗଡ଼ – ୧, କିରେଇ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।**

ମାଟି ମା'ର ସୁରକ୍ଷା ଓ ପୋଷଣର ରକ୍ଷଣାବେକ୍ଷଣ ସର୍ବୋପରି ତାର ସାର୍ବଭୌମତ୍ୱ ରକ୍ଷା ଦିଗରେ ଏହି ଦିବସ ପାଳନର ଗୁରୁତ୍ୱ ଓ ଅନୁଚିନ୍ତାକୁ ଆଖି ଆଗରେ ରଖି କୃଷି ବିଜ୍ଞାନ କେନ୍ଦ୍ର ସୁନ୍ଦରଗଡ଼, କିରେଇ ଚାଷୀ ଭାଇ ଭଉଣୀମାନଙ୍କୁ ଅନୁମୋଦିତ ସାର ପ୍ରୟୋଗ ବିଧି ଓ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ଼ର ବିବରଣୀ ପ୍ରଦାନ କରୁଅଛି। ମୃତ୍ତିକା ପରୀକ୍ଷଣର ଗୁରୁତ୍ୱ ଓ ତଦ୍‌ନୁଯାୟୀ ଫସଲ ଚୟନର ପ୍ରଣାଳୀକୁ ଆଦୃତ କରାଇବା ପାଇଁ ଏହି ଦିବସ ତା ୫ ଡିସେମ୍ବର ୨୦୧୯ରିଖି ଦିନ ପାଳିତ ହେଉଛି।

**ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ମାଲକାନଗିରି**

ଅନ୍ତର୍ଜାତୀୟ କୃଷି ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ମାଲକାନଗିରି ଜିଲ୍ଲାର ସମସ୍ତ କୃଷକ ଭାଇ ଭଉଣୀମାନଙ୍କୁ ଶୁଭେଚ୍ଛା ଏବଂ ଅଭିନନ୍ଦନ। ସବୁବର୍ଷ ଭଳି ଏହି ବର୍ଷ ଆସନ୍ତା ୦୫।୧୨।୨୦୧୯ ତାରିଖ ଦିନ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ମାଲକାନଗିରି କାର୍ଯ୍ୟାଳୟ ପରିସରରେ ବିଶ୍ୱ ମୃତ୍ତିକା ସ୍ୱାସ୍ଥ୍ୟ ଦିବସ ଅନୁଷ୍ଠିତ ହେବାକୁ ଯାଉଛି। ସଂଯୁକ୍ତ ରାଷ୍ଟ୍ର ଏହାର ୬୮ତମ ସଭାରେ ଡିସେମ୍ବର ୫କୁ ବିଶ୍ୱ ମୃତ୍ତିକା ଦିବସ ରୂପେ ଘୋଷଣା କରାଯାଇଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ମୃତ୍ତିକାର ଗୁରୁତ୍ୱ ଉପରେ ସଚେତନତା ସୃଷ୍ଟି କରିବା ସହିତ ମୃତ୍ତିକାର ସ୍ୱାସ୍ଥ୍ୟ ପରୀକ୍ଷା, ଖାଦ୍ୟ ସୁରକ୍ଷା, କୃଷି, ପାଣିପାଗ ପରିବର୍ତ୍ତନ ଉପରେ ଗୁରୁତ୍ୱାରୋପ ଓ ସମାଧାନ କରିବାର ଉଦ୍ଦେଶ୍ୟ ଭାରତ ସରକାର ମଧ୍ୟ ଏହି ଦିବସର ଗୁରୁତ୍ୱ ଉପଲବ୍ଧ କରି, ୧୯ ଫେବୃଆରୀ ୨୦୧୫ ମସିହାରେ ମୃତ୍ତିକା ସ୍ୱାସ୍ଥ୍ୟ ପତ୍ରିକା ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନାରେ ଚାଷୀଙ୍କୁ ଫସଲ ଅନୁସାରେ ଅନୁମୋଦିତ ସାର ପ୍ରୟୋଗ କରିବାକୁ ପ୍ରୋତ୍ସାହିତ କରିବା ପାଇଁ ମୃତ୍ତିକା ସ୍ୱାସ୍ଥ୍ୟ ପତ୍ରିକା ଯୋଗାଇଦେବାର ବ୍ୟବସ୍ଥା କରାଯାଇଛି। ବିଶ୍ୱ ମୃତ୍ତିକା ଦିବସ ଉପଲକ୍ଷେ ଏହି ବର୍ଷ ମଧ୍ୟ ଚାଷୀଙ୍କ ଜମିରୁ ସଂଗ୍ରହ କରାଯାଇଥିବା ମାଟିର ପରୀକ୍ଷା କରି ମୃତ୍ତିକା ସ୍ୱାସ୍ଥ୍ୟ ପତ୍ରିକା ବିତରଣ କରାଯିବ। ଏହି ଦିବସରେ ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା, ସମନ୍ୱିତ ଖାଦ୍ୟସାର ପରିଚାଳନା, ମୃତ୍ତିକା ପରୀକ୍ଷା ଉପରେ ଗୁରୁତ୍ୱାରୋପ କରାଯାଉଛି। ଏହି ଯୋଜନାରେ ଆଜି ପର୍ଯ୍ୟନ୍ତ ମାଲକାନଗିରି ଜିଲ୍ଲାର ୭୦୫୪୦ଜଣ ଚାଷୀ ଉପକୃତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଜିଲ୍ଲାର ସାତଟି ବ୍ଲକର କୃଷକମାନଙ୍କଠାରୁ ସଂଗ୍ରହ କରାଯାଇଥିବା ମୃତ୍ତିକା ପରୀକ୍ଷାର ବିବରଣୀ ଏବଂ ମୃତ୍ତିକା କାର୍ଡ଼ ଏହି କାର୍ଯ୍ୟକ୍ରମରେ ପ୍ରଦାନ କରାଯିବ। କୃଷକ ଏବଂ କୃଷିର ଉନ୍ନତି ନିମନ୍ତେ ଜ୍ଞାନକୌଶଳ ଶିକ୍ଷା ଗ୍ରହଣ କରିବା ପାଇଁ ଆପଣମାନଙ୍କ ଉପସ୍ଥିତି ଏକାନ୍ତ କାମ୍ୟ।

**ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ମାଲକାନଗିରି**

**ବିଶ୍ୱ ମୃତ୍ତିକା ଦିବସ**

ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ଅନୁଗୋଳ ଜିଲ୍ଲାପରିଷଦ କକ୍ଷଠାରେ ୫ ଡିସେମ୍ବର ୨୦୧୯ ଦିନ ପାଳନ କରାଯିବ। କୃଷି ବିଜ୍ଞାନ କେନ୍ଦ୍ର ଓ ଜିଲ୍ଲା କୃଷି ବିଭାଗର ମିଳିତ ଆୟୋଜନରେ ଏହି କାର୍ଯ୍ୟକ୍ରମରେ ୨୦୦ ଚାଷୀଙ୍କୁ ମାଟିର ସ୍ୱାସ୍ଥ୍ୟ ପରିଚାଳନା ଉପରେ ସଚେତନତା ସୃଷ୍ଟି କରାଯିବ।

ବିଷୟ: 'ମୃତ୍ତିକା କ୍ଷୟ ବନ୍ଦ କରିବା, ଆମ ଭବିଷ୍ୟତକୁ ସୁରକ୍ଷିତ କରିବା।'

**ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ**

**ବିଶ୍ୱ ମୃତ୍ତିକା ଦିବସ**

କେନ୍ଦୁଝର ଜିଲ୍ଲାରେ ୧୨ଗୋଟି ବ୍ଲକରେ ବ୍ଲକସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ତା୦୫।୧୨।୨୦୧୯ରେ ପାଳନ ହେବାକୁ ଯାଉଛି ଏବଂ କେନ୍ଦୁଝର ବ୍ଲକର କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ପରିସରରେ ଜିଲ୍ଲାସ୍ତରୀୟ ମୃତ୍ତିକା ଦିବସ ପାଳନ କରାଯିବ। ଏହି ବିଶ୍ୱ ମୃତ୍ତିକା ଦିବସରେ ପ୍ରତି ବ୍ଲକରେ ୧୦୦ଜଣ ଚାଷୀ ଓ ସଦର ବ୍ଲକର ୧୫୦ଜଣ ଚାଷୀଙ୍କୁ ଡକାଯାଇ ମୃତ୍ତିକାର ସ୍ୱାସ୍ଥ୍ୟ, ମୃତ୍ତିକା କ୍ଷୟ ବନ୍ଦ କରିବା, ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ବିଷୟରେ ଚାଷୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବ। ପ୍ରତି ବ୍ଲକର ୧୦୦ଜଣ ଚାଷୀମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରାଯିବ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ମାନ୍ୟବର ମନ୍ତ୍ରୀ ମହୋଦୟ, ମାନ୍ୟବର ବିଧାୟକ/ବିଧାୟିକା ମହୋଦୟ ଜିଲ୍ଲା ପରିଷଦ ଅଧ୍ୟକ୍ଷା/ଉପାଧ୍ୟକ୍ଷ ମହୋଦୟ ଓ ପଞ୍ଚାୟତସ୍ତରୀୟ ଜନପ୍ରତିନିଧିମାନଙ୍କୁ ମଧ୍ୟ ଯୋଗଦେବା ପାଇଁ ଜଣାଯାଇଅଛି। କୃଷି ଓ ଆନୁସଙ୍ଗିକ ବିଭାଗର ଜିଲ୍ଲାସ୍ତରୀୟ ଏବଂ ବ୍ଲକସ୍ତରୀୟ ଅଧିକାରୀମାନେ ମଧ୍ୟ ଏହି କାର୍ଯ୍ୟ କ୍ରମରେ ଯୋଗଦେବେ। ମାନ୍ୟବର ଜିଲ୍ଲାପାଳ ମହୋଦୟ ମଧ୍ୟ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେବେ। ତେଣୁ ଏହି ଦିବସରେ ସମସ୍ତେ ଶପଥ ନେବା ଯେପରି ଆମର ମାଟି ମା'ର ସୁରକ୍ଷାନେବା ଏବଂ ମୃତ୍ତିକା ପରୀକ୍ଷାକରି ଖାଦ୍ୟସାର ପରିଚାଳନା କରି ମାଟିର ସ୍ୱାସ୍ଥ୍ୟ ବଜାୟ ରଖିବା ସହିତ ଆମର ଭବିଷ୍ୟତକୁ ନିରାପଦ ରଖିବା।

Theme for World Soil Day - 2019 : "Stop Soil Erosion & Save Our Future"

CDAO, Keonjhar

**କୃଷି ବିଜ୍ଞାନ କେନ୍ଦ୍ର, ମାଲକାନଗିରି**

ବିଶ୍ୱ ମୃତ୍ତିକା ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ମାଲକାନଗିରି ଜିଲ୍ଲାରେ ସମସ୍ତ କୃଷକ ଭାଇ ଭଉଣୀମାନଙ୍କୁ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ଧରିତ୍ରୀ ମାତା କୋଳରେ ଆମେ ଜୀବ ଜଗତ ଓ ପ୍ରାଣୀ ଜଗତ ବଂଚି ରହିଛୁ। ମୃତ୍ତିକା ବିନା ଜୀବଜଗତ ଓ ପ୍ରାଣୀଜଗତ ବଂଚିବା ଅସମ୍ଭବ। ମୃତିକା ଖାଦ୍ୟ ଉତ୍ପାଦନରେ ପ୍ରମୁଖ ଭୂମିକା ତୁଲାଇଥାଏ। ତେଣୁ ଆମେ ମାଟିକୁ ମା ବୋଲି କହୁ । ଏହି ମାଟି ମାଁର ସ୍ୱାସ୍ଥ୍ୟ ଖରାପ ହେଲେ ଉତ୍ପାଦନରେ ବାଧା ସୃଷ୍ଟି ହୁଏ । ପ୍ରତ୍ୟେକ କୃଷି ଭାଇ ଭଉଣୀ ମାନେ ଯେକୌଣସି ଚାଷ କରିବା ପୂର୍ବରୁ ନିଜ ନିଜର ଜମିର ମାଟି ଏହି କେନ୍ଦ୍ରରେ ମାଗଣାରେ ପରୀକ୍ଷା କରି ନିଅନ୍ତୁ। ଆମର ଉଦ୍ଦେଶ୍ୟ କୃଷକ ଅଳ୍ପ ଖର୍ଚ୍ଚରେ ଅଧିକ ଉତ୍ପାଦନ କରିବା, କୃଷି ଉତ୍ପାଦନକୁ ବୃଦ୍ଧି କରିବା, ଚାଷୀଙ୍କ ଆର୍ଥିକ ଉନ୍ନତି ବୃଦ୍ଧି କରିବା । ସୁସ୍ଥ ମୃର୍ତ୍ତିକା ଏହା ହିଁ ଆମକୁ ପ୍ରେରଣା ଯୋଗାଇବ ।

**ବିଶ୍ୱ ମୃତ୍ତିକା ଦିବସ**

ଆଜି ତା୦୫।୧୨।୨୦୧୯ରିଖରେ ବିଶ୍ୱ ମୃତ୍ତିକା ଦିବସ ରୂପେ ପାଳିତ ହେଉଅଛି। ମୃତ୍ତିକା ହେଉଛି ସର୍ବପ୍ରକାର ଜୀବଜଗତର ଆଧାର। ତେଣୁ ଏହି ପରିବର୍ତ୍ତିତ ଜଳବାୟୁ ପରିପ୍ରେକ୍ଷୀରେ ଆସ ଆମ୍ଭେ ସମସ୍ତେ ମୃତ୍ତିକାର ସୁପରିଚାଳନା କରି କୃଷି ଉତ୍ପାଦନ ଚିରନ୍ତନ କରିବା।

**ଆଞ୍ଚଳିକ ଗବେଷଣା ଓ ବୈଷୟିକ ସମ୍ପ୍ରସାରଣ ଉପକେନ୍ଦ୍ର ତଥା ଗ୍ରାମୀଣ କୃଷି ମୌସମ ସେବା, କିରେଇ, ସୁନ୍ଦରଗଡ଼**



ଧନ ସଂଗ୍ରହ କରିବାର ପ୍ରତିଯୋଗିତା ଜୀବନର ଧର୍ମ ହେବା ଉଚିତ ନୁହେଁ। ସମସ୍ତଙ୍କ ମଙ୍ଗଳ ପାଇଁ ସହଯୋଗ ହେଉଛି ଜୀବନର ଧର୍ମ।
- ଜବାହରଲାଲ ନେହେରୁ



## ସଂକ୍ଷେପରେ



### କଂସରରେ କୃଷକ ସଂଗଠନର ବୈଠକ

ଦେବଗଡ଼,୪।୧୨(ଡ଼ି.ଏନ୍.ଏ.): ଦେବଗଡ ଜିଲା ତିଲେଇବଣି ବ୍ଲକ କଂସର କନକେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ଜିଲା କୃଷକ ସଂଗଠନର ଏକ ବୈଠକ କୃଷକ ପଞ୍ଚାୟତ ସଭାପତି ରାମଜୀ ପ୍ରସାଦ ଗୁପ୍ତାଙ୍କ ଆହ୍ୱାନକ୍ରମେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା କୃଷକ ସଂଗଠନ ସମ୍ପାଦକ ପ୍ରମୋଦ କୁମାର ଝାଙ୍କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ତାଳକୁଣ୍ଡି, ଦୁଧିଆନାଳୀ, ଢ଼ୋଲପଡ଼ା, ସଡ଼ୋ, ପାଳକୁଦର ଓ କେନ୍ଦେଇଜୁରୀ ପଞ୍ଚାୟତର ଚାଷୀମାନେ ଯୋଗଦେଇଥିଲେ। ବୈଠକ ପ୍ରାରମ୍ଭରେ ଚାଷୀନେତା ସ୍ୱର୍ଗତଃ ପ୍ରସନ୍ନ କୁମାର ପଟେଲଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ବୈଠକରେ ସମ୍ପୃକ୍ତ ଅଞ୍ଚଳର କୃଷି ଓ କୃଷକମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । କୃଷକ ସଂଗଠନ ତଥା ଗ୍ରାମର ଅନ୍ୟାନ୍ୟ ସମସ୍ୟାର ସମାଧାନ ପାଇଁ ସଭାପତି ଓ ସମ୍ପାଦକ ରହିବେ । ଅନ୍ୟପକ୍ଷେ ୭ଟି ପଞ୍ଚାୟତରୁ ପୁରୁଷ ୧୦, ମହିଳା ୧୦ ଓ ଯୁବକ ୫ ଏହିପରି ମୋଟ ୨୫ଜଣ ସଭ୍ୟ ରହିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ଏହି ବୈଠକରେ ଜିଲା କୃଷକ ସଂଗଠନର ନୂତନ ସଭାପତି ଭାବେ ପ୍ରମୋଦ କୁମାର ଝାଙ୍କର ଓ ସମ୍ପାଦକ ରମଣୀ ରଞ୍ଜନ ଭୂତିଆଙ୍କୁ ମନୋନୀତ କରାଯାଇଛି ।

### ଗଛ କାଟି ରାସ୍ତା ନିର୍ମାଣ ଘଟଣା

# ତଦନ୍ତ ଆଳରେ ପୂର୍ତ୍ତ ବିଭାଗକୁ ଅନୁକମ୍ପା

ସମ୍ବଲପୁର,୪।୧୨(ବ୍ୟୁରୋ)

ସମ୍ବଲପୁର ବନଖଣ୍ଡ ଅଧୀନ ସଦର ରେଞ୍ଜ ଯୁଯୁମୁରାଠାରେ ଗଛ କାଟି ରାସ୍ତା ନିର୍ମାଣ କରାଯିବା ଜଣାପଡିବା ପରେ ଏହାକୁ ବନ୍ଦ କରି ଦିଆଯାଇଛି। ସବିତା ଦେହୁରୀ ନାମ୍ନୀ ଜଣେ ମହିଳା ଥାନା ଓ ବନବିଭାଗ ପାଖରେ ଅଭିଯୋଗ କରିବା ପରେ ରାସ୍ତା କାମକୁ ବନ୍ଦ କରି ଦିଆଯାଇଥିଲା। ରାସ୍ତା ନିର୍ମାଣ ବେଳେ ଜଙ୍ଗଲ ଜମି ଓ ଗ୍ରାମ୍ୟ ଜଙ୍ଗଲ ଉପରେ ଥିବା ବଡ ବଡ ଗଛଗୁଡିକ ବେଆଇନ ଭାବେ କଟା ଯାଇଥିଲା । ପୂର୍ତ୍ତବିଭାଗର ସ୍ଥାନୀୟ ଜେଇ ସତ୍ୟଜିତ ସାମଲ ଏହି ରାସ୍ତା ନିର୍ମାଣ ଦାୟିତ୍ୱରେ ରହିଛନ୍ତି । ଗଛ କାଟିବା ପାଇଁ ବନ ବିଭାଗ କିମ୍ବା ତହସିଲ ପକ୍ଷରୁ ପୂର୍ତ୍ତ ବିଭାଗକୁ କୌଣସି ଅନୁମତି ଦିଆଯାଇ ନାହିଁ। ହେଲେ ରାସ୍ତା କାମ ଲାଗି ଟେଣ୍ଡର ପାଇଥିବା ଠିକାଦାରଙ୍କ ସହିତ ମିଶି ପୂର୍ତ୍ତ ବିଭାଗ ମନଇଚ୍ଛା ଗଛ କାଟିଛି। ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ପରେ ବନ ବିଭାଗ ପକ୍ଷରୁ କାମ ବନ୍ଦ କରି ଦିଆଯାଇଥିଲା । ଡିଏଫଓ ସଞ୍ଜିତ କୁମାରଙ୍କ ନିର୍ଦ୍ଦେଶ କ୍ରମେ ସଦର ରେଞ୍ଜର ଗୌରି ଦାଶ ତଦନ୍ତ ଆରମ୍ଭ କରିଥିଲେ । ପ୍ରଥମେ ପ୍ରାଥମିକ ତଦନ୍ତ କରି ରେଞ୍ଜର ଜାଣିବାକୁ ପାଇଥିଲେ ଯେ, ଏଥିରେ କିଛି ଗ୍ରାମ୍ୟ ଜଙ୍ଗଲ ରହିଛି । ତେଣୁ ରାଜସ୍ୱ ବିଭାଗ ତଥା ଯୁଯୁମୁରା ତହସିଲଦାରଙ୍କୁ ଗଛ କାଟିବା ରିପୋର୍ଟ ପ୍ରସ୍ତୁତ କରିବାରେ ସହଯୋଗ କରିବା ପାଇଁ ଚିଠି ଲେଖିଥିଲେ। ହେଲେ ୨ ସପ୍ତାହ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ତଦନ୍ତ ରିପୋର୍ଟ ପ୍ରସ୍ତୁତ ହୋଇପାରୁନାହିଁ। ଉଭୟ ରାଜସ୍ୱ ଓ ବନ ବିଭାଗ ଦୋଷ ଲଦାଲଦିରେ ବ୍ୟସ୍ତ। ଏଣୁ ସମୟ ଗଡୁଛି । ଏହାକୁ ନେଇ ପୁଣି ଅଞ୍ଚଳରେ ଅସନ୍ତୋଷ ଦେଖା ଦେଇଛି। ଜଣେ ସାଧାରଣ ଲୋକ ଉପରେ ବନ ବିଭାଗ ଓ ରାଜସ୍ୱ ବିଭାଗ ମନଇଚ୍ଛା ଜରିମାନା ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି । ହେଲେ ବେଆଇନ ଭାବେ ଗଛ କାଟିବା ପାଇଁ ନିର୍ଦ୍ଦେଶ ଦେଇଥିବା ପୂର୍ତ୍ତବିଭାଗ ଅଧିକାରୀ ଓ ଗଛ କାଟିଥିବା ଠିକାଦାରଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ । ଏଥିରେ ଭୟ ରହୁଛି ନା ସଲାସୁତୁରା କରାଯାଇଛି ବୋଲି ଏବେ ଅଭିଯୋଗ ହେଉଛି । ଏ ସମ୍ପର୍କରେ ଯୁଯୁମୁରା ଅତିରିକ୍ତ ତହସିଲଦାର ରୀନା ନାୟକଙ୍କୁ ପଚାରିବାରୁ କାମରେ ଭିଡ ଥିବା ଯୋଗୁ ତଦନ୍ତ ରିପୋର୍ଟ ପ୍ରସ୍ତୁତ କରାଯାଇ ପାରୁନାହିଁ। ହେଲେ ଖୁବ୍ ଶୀଘ୍ର ରିପୋର୍ଟ ଦାଖଲ କରାଯିବ ବୋଲି କହିଥିଲେ । ସେହିପରି ସଦର ରେଞ୍ଜର ଗୌରି ଦାଶ କହିଛନ୍ତି ଯେ, ରିପୋର୍ଟ ପ୍ରସ୍ତୁତ ହେଲା ପରେ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପୂର୍ତ୍ତ ବିଭାଗକୁ ଏ ନେଇ ତାଗିଦ ମଧ୍ୟ କରାଯାଇଛି ବୋଲି କହିଥିଲେ । ସୂଚନାଯୋଗ୍ୟ ଯେ, ୫୫ ନମ୍ବର ଜାତୀୟ ରାଜପଥରୁ ଦେଓଝରନକୁ ପୂର୍ତ୍ତବିଭାଗ ପକ୍ଷରୁ ରାସ୍ତା ନିର୍ମାଣ କରାଯାଉଛି । ଏଥିପାଇଁ ପ୍ରାୟ ୭କୋଟି ଟଙ୍କା ବ୍ୟୟ ଅଟକଳ ରହିଛି । ନଭେମ୍ବର ପ୍ରଥମ ସପ୍ତାହରୁ କାମ ଆରମ୍ଭ ହୋଇଥିଲା । ହେଲେ ପୂର୍ବରୁ ଦେଓଝରନକୁ ଥିବା ରାସ୍ତାର ପୁନରୁଦ୍ଧାର ନ କରି ନୂତନ ଭାବେ ରାସ୍ତା ନିର୍ମାଣ ଆରମ୍ଭ କରାଯାଇଥିଲା । ଏଥିରେ ଗ୍ରାମ୍ୟ ଜଙ୍ଗଲ ଓ ସଂରକ୍ଷିତ ଜଙ୍ଗଲ ଜମି କିସମ ରହିଛି । ସ୍ଥାନୀୟ ଜଣେ ଲୋକଙ୍କ ବ୍ୟକ୍ତିଗତ ସ୍ୱାର୍ଥକୁ ନେଇ ବିଭାଗୀୟ ଜେଇ ଓ ଠିକାଦାର ମିଶି ରାସ୍ତା ପାଇଁ ନୂତନ ଜମି ଚିହ୍ନଟ କରିଥିଲେ ବୋଲି ଅଭିଯୋଗ ହୋଇଛି । ୩ ଦିନ ପରେ ରାସ୍ତା କାମ ଚାଲୁଥିବା ସ୍ଥାନକୁ ଯାଇ ସ୍ଥାନୀୟ ଅଞ୍ଚଳର ସବିତା ଦେହୁରୀ ନାମ୍ନୀ ଜଣେ ମହିଳା ଅଭିଯୋଗ କରିଥିଲେ । ଅଭିଯୋଗ ପରେ କଟା ଯାଇଥିବା କିଛି ଗଛକୁ ମାଟିରେ ପୋତି ଦିଆଯାଇଛି । ସବିତାଙ୍କ ଅଭିଯୋଗ କ୍ରମେ ଦୀର୍ଘ ୨୦ ବର୍ଷ ହେବ ଚାରା ରୋପଣ କରି ଜଙ୍ଗଲ ବୃଦ୍ଧି କରାଯାଇଥିଲା । ହେଲେ ରାସ୍ତା ନିର୍ମାଣ ପାଇଁ ଗଛଗୁଡିକ କଟାଯାଇଛି । ଗୋଟିଏ ପଟେ ବନ ବିଭାଗ ପକ୍ଷରୁ ଗଛ ଲଗାଇବା ପାଇଁ ବିଭିନ୍ନ ଯୋଜନାରେ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଅନ୍ୟପଟେ ବଡ ବଡ ଗଛ କଟା ଯାଉଛି ବୋଲି ସେ ଅଭିଯୋଗ କରିଥିଲେ। ସେହିଭଳି ସଂପୃକ୍ତ ଠିକାଦାର, ବିଭାଗୀୟ ଜେଇ ଓ ଅଧିକାରୀଙ୍କ ବିରୋଧରେ ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ଗଛ କାଟିବାରେ ବ୍ୟବହୃତ ହୋଇଥିବା ଜେସିବି ମେସିନକୁ ଜବତ କରାଯାଉ ବୋଲି ସ୍ଥାନୀୟ ଅଞ୍ଚଳରେ ଦାବି ହେଉଛି ।

**କାମ ଚାପର ଆଳ ଦେଖାଉଛି ତହସିଲ**



ସମ୍ବଲପୁର ଯୁଯୁମୁରା ରାସ୍ତା କାମରେ କଟା ଯାଇଥିବା ଗଛ ।

### ଫ୍ଲାଏଓଭର୍ ତଳେ ଭୂତଳପୋଲ ନିର୍ମାଣ ଦାବି

ଦେବଗଡ଼, ୪।୧୨ (ଡି.ଏନ.ଏ.)

ଦେବଗଡ ଜିଲା ବାରକୋଟ ବ୍ଲକ ସଦର ମହକୁମାର ବଣେଇଁ ଛକ ଦେଇଯାଇଥିବା ୪୯ ନମ୍ବର ଜାତୀୟ ରାଜପଥରେ ଏନ୍‌ଏଚ୍‌ଏଆଇ ନିର୍ମାଣାଧୀନ ଫ୍ଲାଏଓଭର ତଳେ ଏକ ଭୂତଳ ପୋଲ ନିର୍ମାଣ ପାଇଁ ବାରକୋଟ ନାଗରିକ, ବରିଷ୍ଠ ନାଗରିକ ଓ କାଳୀପୂଜା କମିଟି ପକ୍ଷରୁ ଦାବି କରାଯାଇଛି । ସେମାନେ କେନ୍ଦୁଝରସ୍ଥିତ ଏନ୍‌ଏଚ୍‌ଏଆଇର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଇତିମଧ୍ୟରେ ଏ ମର୍ମରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର କୁମାର ଜିତ, ମଦନ ମୋହନ ପ୍ରଧାନ, ଭୋଳେଶ୍ୱର ମହାପାତ୍ର ଓ ମହେଶ୍ୱର ପ୍ରଧାନଙ୍କ ସମେତ ସମ୍ପୃକ୍ତ ଅଞ୍ଚଳର ବହୁ ବ୍ୟକ୍ତିଙ୍କ ଦସ୍ତଖତ ସମ୍ବଳିତ ଉକ୍ତ ସ୍ମାରକପତ୍ରରେ ବାରକୋଟର ମୁଖ୍ୟସ୍ଥଳୀ କୁହାଯାଉଥିବା ବଳିତା(ବଣେଇଁ ଛକ) ଠାରେ ନିର୍ମାଣାଧିନ ଫ୍ଲାଇ ଓଭର ନିର୍ମାଣ ହେବା ଦ୍ୱାରା ରାସ୍ତାର ଏପାଖରୁ ସେପାଖକୁ ଯାତାୟାତ ପାଇଁ ଲୋକେ ଦୁର୍ଦ୍ଦଶାର ସମ୍ମୁଖୀନ ହେବା ଆଶଙ୍କା ରହିଛି। ଏହାଦ୍ୱାରା ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକ କ୍ଷତିଗ୍ରସ୍ତ ହେବେ । ଅନ୍ୟପରେ ଫ୍ଲାଇ ଅଭର ପାର୍ଶ୍ୱରେ ରହିଥିବା ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଯାତାୟାତ ପାଇଁ ମଧ୍ୟ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେବେ । ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଜାତୀୟ ରାଜପଥ କର୍ତ୍ତୃପକ୍ଷ ନିର୍ମାଣାଧିନ ଫ୍ଲାଇଓଭର ତଳେ ଏକ ଭୂତଳ ପୋଲ ନିର୍ମାଣ କରିବାକୁ ଦାବି କରାଯାଇଛି।

## ଗଞ୍ଜେଇ ଚାଷ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

ନାକଟିଦେଉଳ, ୪।୧୨(ଡି.ଏନ.ଏ.)

ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ପରିସରସ୍ଥ ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ଜିଲା ପ୍ରଶାସନ, ପୋଲିସ, ଅବକାରୀ ଏବଂ ଜଙ୍ଗଲ ବିଭାଗର ମିଳିତ ଆନୁକୂଲ୍ୟରେ ବେଆଇନ ଗଞ୍ଜେଇ ଚାଷ ଏବଂ ଚୋରା ଚାଲାଣ ସମ୍ପର୍କରେ ଅଞ୍ଚଳର ଜନପ୍ରତିନିଧିମାନଙ୍କୁ ନେଇ ଏକ ଜନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଗଞ୍ଜେଇ ଚାଷ ହେଉ କି ଏଥିରେ ଜଡିତ କୌଣସି ବ୍ୟକ୍ତିଙ୍କ ସମ୍ପର୍କରେ ଖବର ମିଳିଲେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦିଆଯାଇଛି। ଅବକାରୀ ବିଭାଗର ସମ୍ବଲପୁର ସଦର ନିରୀକ୍ଷକ ଦଶରଥ ପୁରୋହିତ ଏଥିରେ ସଭାପତିତ୍ୱ କରିଥିଲେ। ସମ୍ବଲପୁର ଜିଲା ଅବକାରୀ ଉପଅଧୀକ୍ଷକ ବୈଜୟନ୍ତୀ ପଣ୍ଡା ଯୋଗଦେଇ ସରକାରଙ୍କ ଅବକାରୀ ଆଇନ ଏବଂ ଦଣ୍ଡ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ରେଢାଖୋଲ ଉପଜିଲାପାଳ ଡୋଳାମଣୀ ପଟେଲ ଯୋଗଦେଇ ଗଞ୍ଜେଇ ଚାଷକୁ ସଂପୂର୍ଣ୍ଣ ଭାବେ ଏହି ଅଞ୍ଚଳରୁ ବିଲୋପ ପାଇଁ ସରକାରୀ ନୀତି ନିୟମ ଓ ନୈତିକତାର ସହ ସମସ୍ତେ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ। ବ୍ଲକ ଅଧକ୍ଷା ମନ୍ଦାକିନୀ ରାଉଳ, ବିଡ଼ିଓ ମେଥୋଡ଼ିୟୁସ ଲାକ୍ରା ଏବଂ ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଗଡ଼ତ୍ୟା ପ୍ରମୁଖ ଯୋଗଦେଇ ସମସ୍ତଙ୍କର ସହଭାଗିତାରେ ବେଆଇନ ଗଞ୍ଜେଇ ଚାଷକୁ ବନ୍ଦ କରାଯାଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ତେବେ ଗାଁ ଗାଁରେ ଦେଶୀ ମଦ ଖୋଲାଖୋଲି ବିକ୍ରି ହେଉଥିବାରୁ ଅସାମାଜିକ କାର୍ଯ୍ୟ ବୃଦ୍ଧି ପାଉଛି। ତେଣୁ ଅବକାରୀ ବିଭାଗ ଗଞ୍ଜେଇ ସହିତ କୁଚିଆ ମଦକୁ ସଂପୂର୍ଣ୍ଣ ଭାବେ ବନ୍ଦ କରିବା ଦିଗରେ ପଦକ୍ଷେପ ନେବାକୁ ନାକଟିଦେଉଳ ସରପଞ୍ଚ ଶଙ୍କର୍ଷଣ ବିଶି, ବଳମ ସମିତିସଭ୍ୟ ନେତ୍ରାନନ୍ଦ ରାଉଳ ଏବଂ ବାଟଗାଁ ସରପଞ୍ଚଙ୍କ ପ୍ରତିନିଧି ବାଲ୍ମୀକ କିସାନ ପ୍ରମୁଖ ଦାବି କରିଥିଲେ। ଏହି କାର୍ଯ୍ୟକ୍ରମରେ ଅବକାରୀ, ଜଙ୍ଗଲ ଏବଂ ପୋଲିସ ବିଭାଗର କର୍ମଚାରୀ ସମେତ ସରପଞ୍ଚ ଏବଂ ସମିତିସଭ୍ୟମାନେ ଯୋଗ ଦେଇଥିଲେ।

## ଖବର ପ୍ରକାଶ ପରେ ରାସ୍ତା କାମ ଆରମ୍ଭ ହେଲା

ଜମନକିରା,୪।୧୨ (ଡି.ଏନ୍.ଏ)



ରାସ୍ତା କାମ ଚାଲିଛି।

ଧରିତ୍ରୀ ପ୍ରଭାବ

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ବଡ଼ରମା ପଞ୍ଚାୟତ ଆମ୍ବଲାଙ୍ଗ ଗ୍ରାମ ଛକରୁ ଟଙ୍କିଲିପଡ଼ା ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଅତି କଦର୍ଯ୍ୟ ହୋଇ ପଡଛି। ଏ ନେଇ ବୁଧବାର ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସକାଳୁ ସକାଳୁ ରାସ୍ତା ମରାମତି କାମ ଆରମ୍ଭ ହୋଇଛି। ଏହି ରାସ୍ତା ମରାମତି କରିବା ପାଇଁ ପୁଞ୍ଜଲଏଡ଼ ଠିକାସଂସ୍ଥା ସହ ଏନ୍‌ଏଚ୍‌ଏଆଇର ଗତ ୩ ବର୍ଷ ହେଲା ଚୁକ୍ତିନାମା ସରିଛି। ୨ ବର୍ଷ ମଧ୍ୟରେ କାମ ଶେଷ କରିବା ପାଇଁ ସମୟ ସୀମା ଧାର୍ଯ୍ୟ କରାଯାଇଥିଲା। ହେଲେ ସଂପୃକ୍ତ ଠିକା ସଂସ୍ଥା ଟାଳଟୁଳ ନୀତି ଅବଲମ୍ବନ କରୁଥିଲା। ଏ ନେଇ ଏନ୍‌ଏଚ୍‌ଏଆଇ ସମ୍ବଲପୁର ପ୍ରକଳ୍ପ ପ୍ରଶାସକଙ୍କୁ ଲୋକେ ବାରମ୍ବାର ଅଭିଯୋଗ କଲେ ସୁଦ୍ଧା କର୍ତ୍ତୃପକ୍ଷ ବିଭିନ୍ନ ଆଳ ଦେଖାଇ ସମୟ ଗଡାଇ ଚାଲିଥିଲେ। ଏବେ ପୁଞ୍ଜଲଏଡ଼ ସଂସ୍ଥା ସିଧାସଳଖ କାମ ନ କରି ଅନ୍ୟ ଏକ ଠିକାଦାର ସଂସ୍ଥା ଡିଭି କନଷ୍ଟ୍ରକ୍ସନକୁ କାମ କରିବା ପାଇଁ ନିଯୁକ୍ତ କରିଥିବାରୁ କାମ ଠିକ୍‌ରେ ହୋଇ ପାରୁନାହିଁ। ରାସ୍ତା ଅବସ୍ଥା ଅତି କଦର୍ଯ୍ୟ ରହିଛି। ପ୍ରତ୍ୟେକ ଦିନ ଛୋଟ ମୋଟ ଦୁର୍ଘଟଣା ଘଟୁଛି। ଯାତାୟାତ ସମୟରେ ସତର୍କତାର ସହ ଯିବାକୁ ପଡୁଛି। ତେବେ ୭ ଦିନ ମଧ୍ୟରେ ମରାମତି କାର୍ଯ୍ୟ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଜିଲା ପ୍ରଶାସନକୁ ଲୋକେ ଚେତବାନୀ ଦେଇଥିଲେ। ଧରିତ୍ରୀରେ ଏ ନେଇ ବୁଧବାର ଖବର ପ୍ରକାଶ ପାଇଥିଲା। ଏହି ଖବର ପଢ଼ିବା ପରେ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ପ୍ରାୟ ଏକ କିଲୋମିଟର ରାସ୍ତା ମରାମତି କାମ ସରିଛି। ୩/୪ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ରାସ୍ତା ମରାମତି କାମ କରାଯିବ ବୋଲି ଡିଭି କନଷ୍ଟ୍ରକ୍ସନ ପକ୍ଷରୁ କୁହାଯାଇଛି। ତେବେ ଏ ସଂକ୍ରନ୍ତରେ ଏନ୍‌ଏଚ୍‌ଏଆଇ ପ୍ରକଳ୍ପ ପ୍ରଶାସକ ଭେଙ୍କଟେଶ୍ୱର ରାଜୁ କହିଛନ୍ତି ଯେ, ଏହି ରାସ୍ତା ମରାମତି କରିବା ପାଇଁ ସଂପୃକ୍ତ ଠିକା ସଂସ୍ଥାର କର୍ମଚାରୀଙ୍କୁ ପଠାଯାଇଛି ବୋଲି କହିଛନ୍ତି।

## ଅର୍ଥ ଲଗାଣକାରୀ ସଂସ୍ଥାକୁ ତାଗିଦ୍, ପରାମର୍ଶ

ବାମରା, ୪।୧୨ (ଡି.ଏନ.ଏ.)

ବାମରା ଅଞ୍ଚଳର ବିଭିନ୍ନ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର ପ୍ରତିନିଧିଙ୍କୁ ଗୋବିନ୍ଦପୁର ପୋଲିସ ତାଗିଦ କରିବା ସହ ପରାମର୍ଶ ଦେଇଛି। ନଗଦ ଟଙ୍କା ନେଣଦେଣ ଯୋଗୁ ଲୁଟ୍ ହେଉଛି। ଖୋଦ ସଂସ୍ଥାର କର୍ମଚାରୀମାନେ ମଧ୍ୟ ଲୁଟ୍‌ରେ ନିଜେ ଜଡିତ ରହୁଛନ୍ତି। କୁଚିଣ୍ଡା ଏସ୍‌ଡିପିଓ ରାଜକିଶୋର ମିଶ୍ର ଉକ୍ତ ବୈଠକରେ ଯୋଗ ଦେଇଥିଲେ। ଏହି ଅର୍ଥ ଲଗାଣକାରୀ ସଂସ୍ଥା ଗୁଡିକୁ ବିଭିନ୍ନ କାଗଜପତ୍ର ଥାନାରେ ଜମା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଥାନା ଅଧିକାରୀ ପ୍ରତାପ ରଣାଙ୍କ ସହ ଫିଉଜନ ଫାଇନାନ୍ସ, ଭିକ୍ଟର ଫାଇନାନ୍ସ, ସମସ୍ତ ମାଇକ୍ରୋଫାଇନାନ୍ସ, ସ୍ୱତନ୍ତ୍ର ଫାଇନାନ୍ସ ଓ ଭାରତ ଫାଇନାନ୍ସର ପ୍ରତିନିଧିମାନେ ଯୋଗ ଦେଇଥିଲେ।



ଗୋବିନ୍ଦପୁର ଥାନାରେ ବୈଠକ ବସିଛି।

## ଟୋକନ ପରେ କଟନୀ ଛଟନୀ ଆଳ

ସମ୍ବଲପୁର, ୪।୧୨ (ବ୍ୟୁରୋ)



ସମ୍ବଲପୁର ଜିଲାରେ ବିକ୍ରି ପାଇଁ ଆସିଥିବା ଧାନ ।

- ନିରୂପାୟ ଚାଷୀ, ପ୍ରଶାସନ ନୀରବ
- ଧାନ ଫେରାଇ ନେବାକୁ ମିଲର୍ସଙ୍କ ଧମକ
- ଦଲାଲଙ୍କ ଫାଶରେ ଚାଷୀ

ସମ୍ବଲପୁର ଜିଲାରେ ଟୋକନ ବ୍ୟବସ୍ଥାକୁ ଚାଷୀଙ୍କ ବିରୋଧ ପରେ ମନ୍ତ୍ରୀ ସୁଶାନ୍ତ ସିଂ ଓ ସରକାରୀ ଉପ ମୁଖ୍ୟ ସଚେତକ ରୋହିତ ପୂଜାରୀ ହସ୍ତକ୍ଷେପ କରିଥିଲେ। ବିନା ଟୋକନରେ ଆସିଥିବା ଧାନ ମଧ୍ୟ ବିକ୍ରି କରାଯାଇ ପାରିବ ବୋଲି କୁହାଯାଇଥିଲା। ଏଣୁ ଧାନ ବିକ୍ରି ସମସ୍ୟା ଦୂର ହୋଇଗଲା ବୋଲି ଚାଷୀ ଆଶା କରିଥିଲେ। ପ୍ରଶାସନିକ ସ୍ତରରେ ଧାନ ବିକ୍ରି ସମସ୍ୟା ଦୂର ହେଲା ସତ, ହେଲେ କଟନୀ ଛଟନି ଆଳରେ ଏବେ ଚାଷୀ ଶୋଷଣର ଶିକାର ହେଉଥିବା ଅଭିଯୋଗ ହୋଇଛି । ଧାନରେ ଆଦ୍ରତା ଥିଲେ ମିଲର୍ସ ନ ରଖି ନ ଥାନ୍ତି, ହେଲେ ଶୁଖିଲା ଧାନରେ କୁଇଣ୍ଟାଲ ପିଛା ୩ରୁ ୫ କେଜି କାଟିବା ଦେବା ଦ୍ୱାରା ଚାଷୀଙ୍କୁ ଶୋଷଣ କରାଯାଉଛି ବୋଲି ଅଭିଯୋଗ ହେଉଛି । ମାନେଶ୍ୱର ଅଞ୍ଚଳର ଜଣେ ଚାଷୀ ଏଭଳି ଅଭିଯୋଗ କରିଛନ୍ତି। ଧାନରେ ଆଦ୍ରତା ଥିଲେ ଚାଷୀ ଧାନ ଫେରାଇ ଆଣୁଛି। ଯଦି ଚାଷୀ ପ୍ରତିବାଦ କରିବ ତାହା ହେଲେ ତାଙ୍କୁ ମିଲର୍ସ, କର୍ମଚାରୀ ଓ ମାଲିକମାନେ ଦୁର୍ବ୍ୟବହାର କରୁଛନ୍ତି । ଧାନ ଫେରାଇ ନେବାକୁ ଧମକ ଦିଆଯାଉଛି। ସରକାରଙ୍କୁ ୬୮ ପ୍ରତିଶତ ଚାଉଳ ଦେବାର ଅଛି । ନ କାଟିଲେ କେଉଁଠୁ ଚାଉଳ ଆଣିବେ ବୋଲି ମିଲର୍ସ କହୁଛନ୍ତି ବୋଲି ଅଭିଯୋଗ ହେଉଛି । ଏପରିକି ଚାଷୀଙ୍କ ଗାଡିରେ ମିଲ୍‌କୁ ଧାନ ଯାଉଛି, ହେଲେ ସେମାନେ ଭଡା ଦେବାକୁ ମନା କରି ଦେଉଛନ୍ତି। ପ୍ରାୟ ଚାଷୀ ବାଧ ହୋଇ ଧାନକୁ କଟନିଛଟନି କଲେ ମଧ୍ୟ ଧାନ ବିକ୍ରି କରି ଫେରି ଆସୁଛନ୍ତି। ଏଥିରେ ବିଶେଷ କରି କ୍ଷୁଦ୍ରଚାଷୀମାନେ କ୍ଷତି ସହିବାକୁ ପଡୁଛି । ଛୋଟ ଚାଷୀଙ୍କ ପାଖରେ ଧାନ ଅମଳ କରି ରଖିବା ପାଇଁ ଆବଶ୍ୟକ ଭିତ୍ତିଭୂମି ନ ଥାଏ । ତେଣୁ ସେମାନେ ଶୀଘ୍ର ବିକ୍ରି କରିବାକୁ ଚାହିଁଥାନ୍ତି । ଏହାର ସୁଯୋଗକୁ ଦଲାଲମାନେ ଅନେଇ ବସିଛନ୍ତି। ଚାଷୀମାନଙ୍କ ପାଖକୁ ଯାଇ କମ୍ ଦରରେ ଧାନ କିଣୁଛନ୍ତି । ବେପାରୀଙ୍କ ଫାସରେ ଚାଷୀ ବାଧ ହୋଇ ପଡୁଛନ୍ତି । ମିଲର୍ସଙ୍କ ପାଖକୁ ସିଧାସଳଖ ଧାନ ଯାଉଥିବାରୁ ଏଭଳି ସମସ୍ୟା ହେଉଥିବା ଅଭିଯୋଗ ହେଉଛି। ଯୋଗାଣ ବିଭାଗ ମିଲର୍ସମାନଙ୍କୁ ସୁରକ୍ଷା ଦେଉଛି । ମାର୍କେଟଗୁଡିକରେ କାର୍ଯ୍ୟରତ ଯୋଗାଣ ବିଭାଗର କର୍ମଚାରୀ ଓ ଅଧିକାରୀ ଚାଷୀମାନଙ୍କ ଏହି ସମସ୍ୟା ସମାଧାନ କରିବା ଦିଗରେ ପଦକ୍ଷେପ ଗ୍ରହଣ କରୁନାହାନ୍ତି । ତେବେ ଏ ସମ୍ପର୍କରେ ଜଣେ ମିଲ୍ ମାଲିକ କହିଛନ୍ତି ଯେ, କୌଣସି ଚାଷୀଙ୍କୁ ହଇରାଣ କରିବାର ଉଦ୍ଦେଶ୍ୟ ନୁହେଁ। ଏକ ବୈଠକ କରି ଏହାର ସମାଧାନ କରାଯିବ ବୋଲି କହିଥିଲେ। ଅନ୍ୟପକ୍ଷେ ସମ୍ବଲପୁର ଜିଲା ଯୋଗାଣ ଅଧିକାରୀ ରଞ୍ଜନ ସେଠ କହିଛନ୍ତି ଯେ, ଧାନ କଟନୀ ଛଟନୀ ନେଇ କୌଣସ ଅଭିଯୋଗ ହୋଇ ନାହିଁ । ଚାଷୀମାନଙ୍କ ସମସ୍ୟା ହେଲେ ସିଧା ସଳଖ ଅଭିଯୋଗ କରନ୍ତୁ। ନିଶ୍ଚିତ ଭାବେ ସମାଧାନ କରାଯିବ ବୋଲି କହିଥିଲେ ।

### ଜମିବାଡ଼ି ବିବାଦରୁ ଗଣ୍ଡଗୋଳ

## ଉଭୟ ପକ୍ଷରୁ ୪ ଗିରଫ

ବାମରା, ୪।୧୨ (ଡି.ଏନ.ଏ.)

ସମ୍ବଲପୁର ଜିଲା ବାମରା ବ୍ଲକ୍ ଗୋବିନ୍ଦପୁର ଥାନା ଗଡପୋଷ ଫାଣ୍ଡି ଅନ୍ତର୍ଗତ ବାରିହା ଗଡପୋଷ ଗାଁରେ ଏକ ଜମି ବିବାଦକୁ ନେଇ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଛି। ଉଭୟ ପକ୍ଷର ଏତଲାକୁ ଭିତ୍ତିକରି ପୋଲିସ ୨ଟି ପୃଥକ ମାମଲାରେ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

ଅଭିଯୋଗ ଅନୁସାରେ ବାରିହା ଗଡପୋଷ ଗାଁରେ ଏକ ଚାଷ ଜମିକୁ ନେଇ ଦୁଇ ଜଣ ବ୍ୟକ୍ତି ନିଜ ନିଜ ମାଲିକାନା ଦାବି କରି ଆସୁଛନ୍ତି। ଏହାକୁ ନେଇ ଆଗରୁ ମଧ୍ୟ ଉଭୟ ପରିବାର ମଧ୍ୟରେ ଗଣ୍ଡଗୋଳିଆ ପରିସ୍ଥିତି ଉପୁଜିଥିଲା। ଏଣୁ ଉକ୍ତ ଜମିରେ ୧୪୪ ଧାରା ଜାରି କରାଯାଇଛି। ସେହିପରି ସମସ୍ତ ଅଭିଯୁକ୍ତଙ୍କ ନାଁରେ ୧୦୭ ଦଫାରେ ମାମଲା ମଧ୍ୟ ରହିଛି। ହେଲେ ମଙ୍ଗଳବାର ପୁଣି ଉଭୟ ପରିବାର ଜମି ବିବାଦକୁ ନେଇ ମାଡପିଟ ହୋଇଥିଲେ। ଏ ନେଇ ଉଭୟ ପକ୍ଷରୁ ଅଭିଯୋଗ ପାଇ ଗୋବିନ୍ଦପୁର ପୋଲିସ ଦଫା ୨୯୪, ୫୦୬ ଓ ୩୪ ଆଇପିସିରେ ସଂଗ୍ରାମ ବିଶି ଓ କନିକା ବିଶିଙ୍କ ନାଁରେ ମାମଲା (ନଂ. ୧୫୪/୧୯) ରୁଜୁ କରିଛି। ସେହିଭଳି ଦଫା ୩୫୪, ୩୨୩, ୩୪୧, ୫୦୬ ଓ ୩୪ ଆଇପିସିରେ ଡିଲେଶ୍ୱର ରୋହିଦାସ, ପୁରୁଷୋତ୍ତମ ରୋହିଦାସ, ପବିତ୍ର ରୋହିଦାସ ଓ ବେଦମତି ରୋହିଦାସଙ୍କ ନାଁରେ ମାମଲା (ନଂ.୧୫୫/୧୯) ରୁଜୁ କରିଛି। ସଂଗ୍ରାମ, ଡିଲେଶ୍ୱର, ପୁରୁଷୋତ୍ତମ, ପବିତ୍ରଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ୨ ମହିଳା କନିକା ଓ ବେଦମତିଙ୍କୁ ଥାନାରୁ ଜାମିନ ପ୍ରଦାନ କରାଯାଇଥିଲା। କୁଚିଣ୍ଡା ଉପଖଣ୍ଡ ପୋଲିସ ଅଧିକାରୀ ରାଜକିଶୋର ମିଶ୍ର ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ।



ପୋଲିସ ହେପାଜତରେ ଗିରକ୍ଷ ୪ ଅଭିଯୁକ୍ତ।

■ ଧାନ ମଣ୍ଡିରେ ଅବ୍ୟବସ୍ଥା, ମିଲର ଆସୁନାହାନ୍ତି

# ଧାନ କିଣାରେ ଆରମ୍ଭରୁ ଅଚଳାବସ୍ଥା

ରେଢାଖୋଲ,୪।୧୨(ଡି.ଏନ.ଏ.)

ରେଢାଖୋଲ ଉପଖଣ୍ଡରେ ଗତ ୨ ତାରିଖରୁ ଧାନ କିଣା ଆରମ୍ଭ ହୋଇଛି। ମାତ୍ର ୨ ଦିନ ହେବ ଧାନ କିଣା ଆରମ୍ଭ ହୋଇଥିବା ବେଳେ ମଣ୍ଡିଗୁଡିକରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି। ଏହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ମଣ୍ଡିଗୁଡିକୁ ମିଲର ଆସୁ ନ ଥିବା ଯୋଗୁ ଚାଷୀମାନେ ଧାନ ଆଣି ବିକ୍ରି କରି ନ ପାରି ହଇରାଣ ହେଉଛନ୍ତି। ମଙ୍ଗଳବାର ଡଇଁଚା ମଣ୍ଡିକୁ ଚାଷୀମାନେ ବିକ୍ରି ପାଇଁ ଧାନ ଆଣିଥିଲେ। ହେଲେ ମିଲର ନ ଆସିବାରୁ ଏହାର ପ୍ରତିବାଦରେ ଚାଷୀମାନେ ରାସ୍ତାରୋକୋ କରିଥିଲେ। ଏଥିପାଇଁ ପ୍ରଶାସନ ନାକେଦମ ହୋଇଥିଲା। ପୋଲିସ ଓ ବିଭାଗୀୟ ଅଧିକାରୀମାନେ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ମିଲରଙ୍କୁ ପ୍ରଶାସନ ପକ୍ଷରୁ ତାଗିଦ ସତ୍ତ୍ୱେ ମିଲର ନ ଆସି ଜଣେ ଏଜେଣ୍ଟଙ୍କ ଦ୍ୱାରା ଶେଷରେ ଧାନ କିଣା ବ୍ୟବସ୍ଥା କରାଯାଇଥିଲା। ସେହିପରି ବୁଧବାର ତ୍ରିବଣପୁର କେନ୍ଦ୍ରରେ ଚାଷୀମାନେ ଧାନ ବିକ୍ରି ପାଇଁ ଆଣିଥିଲେ ହେଁ ଦିନ ୧ଟା



ମିଲର ଆସୁ ନ ଥିବାରୁ ମଣ୍ଡିରେ ଚାଷୀମାନେ ଧାନ ଜଗି ରହିଛନ୍ତି।

## କଟନି ଛଟନିକୁ ନେଇ ଚାଷୀ ଅସନ୍ତୋଷ

ପର୍ଯ୍ୟନ୍ତ କୌଣସି ମିଲର ନ ଆସିବାରୁ ଚାଷୀମାନେ ଧାନ ବିକ୍ରି କରି ନ ପାରି ନିରାଶରେ ଫେରି ଯାଇଥିଲେ। ଶେଷରେ ଚାଷୀମାନେ ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ତହସିଲଦାର ରୁବି ବେହେରା ଓ ଯୋଗାଣ ନିରୀକ୍ଷକ ପ୍ରତିଭା ପ୍ରଧାନ ତ୍ରିବଣପୁର କେନ୍ଦ୍ରରେ ପହଞ୍ଚି ମିଲରଙ୍କୁ ମଣ୍ଡିକୁ ଆସିବାକୁ ନିର୍ଦ୍ଦେଶ ଦେଇଥିଲେ ହେଁ ମିଲର ନ ଆସି ଜଣେ ଏଜେଣ୍ଟଙ୍କୁ ପଠାଇଥିଲେ। ତେବେ ଏଜେଣ୍ଟ ଜଣକ ସରକାରୀ ନିର୍ଦ୍ଦେଶକୁ ବେଖାତିର କରି ମନଇଚ୍ଛା କଟନି ଛଟନି କରି ଧାନ କିଣିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଧାନରେ ଆଦ୍ରତା ବା ଜଳୀୟ ଅଂଶ ରହିଥିଲେ ସରକାରୀ ନିୟମ ମୁତାବକ ୧୭ ପରସେଣ୍ଟ ପର୍ଯ୍ୟନ୍ତ ଚାଷୀମାନଙ୍କୁ ମାଫ କରିଥିବା ବେଳେ ସରୁ ଧାନରେ ମୋଟା ଧାନ ମିଶ୍ରିତ ହେଲେ ୬ ପରସେଣ୍ଟ ଓ ଅପରିପକ୍ୱ ଧାନ ପାଇଁ ୩ ପରସେଣ୍ଟ ପର୍ଯ୍ୟନ୍ତ ମାଫ କରାଯାଇଥିଲେ ହେଁ ମିଲରଙ୍କ ଦ୍ୱାରା ନିଯୁକ୍ତ ଏଜେଣ୍ଟମାନେ ଚାଷୀଙ୍କଠାରୁ ମନଇଚ୍ଛା କଟନି ଛଟନି କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ମିଲରମାନଙ୍କୁ ଡାକି ଆଲୋଚନା କରାଯିବ ଓ ଚାଷୀମାନେ ଯୋପରି ହଇରାଣ ନ ହେବେ ସେ ନେଇ ବ୍ୟବସ୍ଥା କରାଯିବ ବୋଲି ସହକାରୀ ଯୋଗାନ ଅଧିକାରୀ ବିଘ୍ନରାଜ ମହାପାତ୍ର କହିଛନ୍ତି। ସୂଚନାମତେ ଗତ ୨ ଦିନ ମଧ୍ୟରେ ଉପଖଣ୍ଡରେ ଖୋଲାଯାଇଥିବା ୧୬ଟି ଧାନମଣ୍ଡିରୁ ୯ଟି ମଣ୍ଡିରୁ ୧୨ ହଜାର ୧୩୧ ବସ୍ତା ଧାନ କିଣାଯାଇଛି। ବୁଧବାର ଚାରମାଳରୁ ୧୪ ଜଣ ଚାଷୀଙ୍କଠାରୁ ୨୩୭୪ ବସ୍ତା, ବଂଶାଜାଲରୁ ୫ ଚାଷୀଙ୍କଠାରୁ ୫୦୪ ବସ୍ତା, ତ୍ରିବଣପୁରରୁ ୫ଜଣ ଚାଷୀଙ୍କଠାରୁ ୨୮୩ ବସ୍ତା ଧାନ କିଣାଯାଇଛି। ସେହିପରି ବଡବାହାଲରୁ ୪ ଜଣ ଚାଷୀଙ୍କଠାରୁ ୩୭୦ ବସ୍ତା, ବଡମାଳରୁ ୩୦ ଜଣ ଚାଷୀଙ୍କଠାରୁ ୩୭୮୪ ବସ୍ତା, ଘୋଷରାମାଳରୁ ୩ ଜଣ ଚାଷୀଙ୍କଠାରୁ ୧୧୩ ବସ୍ତା କିସିଣ୍ଡାରୁ ୧୪ ଜଣ ଚାଷୀଙ୍କଠାରୁ ୨୧୩୫, ନାକଟିଦେଉଳରୁ ଜଣେ ଚାଷୀଙ୍କଠାରୁ ୪୩ ବସ୍ତା ଓ ବାଟଗାଁରୁ ୬୬ ବସ୍ତା ସହ ସମୁଦାୟ ୭୭ ଜଣ ଚାଷୀଙ୍କଠାରୁ ୯୬୭୨ ବସ୍ତା ଧାନ ସଂଗ୍ରହ ହୋଇଥିବା ଆରଏମସି ସମ୍ପାଦକ ଅଶୋକ ସାହୁ କହିଛନ୍ତି।

ହାତୀ ଆକ୍ରମଣରେ ଚାଷୀଙ୍କ ମୃତ୍ୟୁ ଘଟଣା

# ଆକ୍ରମଣ ନେଇ ମହିଳା ଫରେଷ୍ଟଗାର୍ଡଙ୍କ ଅଭିଯୋଗ

ବାମରା, ୪।୧୨ (ଡି.ଏନ.ଏ.)

ସମ୍ବଲପୁର ଜିଲା ବାମରା ବ୍ଲକ ପିଣ୍ଡାପଥର ପଞ୍ଚାୟତ ମହୁଲମୁଣ୍ଡା ଗ୍ରାମରେ ଗତ ରବିବାର ହାତୀ ଆକ୍ରମଣରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ସେଦିନ ସେଠାରେ ଉପସ୍ଥିତ ଲୋକେ ଉତ୍ତ୍ୟକ୍ତ ହୋଇ କାର୍ଯ୍ୟରତ ମହିଳା ଫରେଷ୍ଟ ଗାର୍ଡଙ୍କୁ ନିସ୍ଥୁକ ପିଟିଥିଲେ। ଏହି ଘଟଣାକୁ ନେଇ ବୁଧବାର ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରିଛି। ଘଟଣା ଅନୁସାରେ ରବିବାର ବାମରା ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ଗଡପୋଷ ଫରେଷ୍ଟ ମହୁଲମୁଣ୍ଡା ଗ୍ରାମର ସୁନୀଲ ଏକ୍କା (୪୫) ନିଜ ଚାଷ ଜମିରୁ ସନ୍ଧ୍ୟା ସମୟରେ ଘରକୁ ଫେରୁଥିବା ବେଳେ ଏକ ହାତୀ ସହିତ ମୁହାଁମୁହିଁ ହୋଇଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ ଉଠାଇ ପାଦରେ ଦଳି ଦେଇଥିଲା। ସୋମବାର ସକାଳେ ଏହି ଖବର ପ୍ରଚାରିତ ହେବା ପରେ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣା ସ୍ଥଳରେ ବନ ବିଭାଗ ଅଧିକାରୀଙ୍କ ଅନୁପସ୍ଥିତି, କର୍ମଚାରୀଙ୍କ ବିଳମ୍ବରେ ପହଞ୍ଚିବା ଓ ରାତ୍ରିରେ ଡ୍ୟୁଟି ନ କରିବା ଅଭିଯୋଗ କରି ଉତ୍ତ୍ୟକ୍ତ ଗ୍ରାମବାସୀ ସେଠାରେ ଉପସ୍ଥିତ ଥିବା ପିନିଙ୍ଗିବାହାଲ ବିଟ୍‌ର ଫରେଷ୍ଟ ଗାର୍ଡ ତପସ୍ୱିନୀ ରାଉତଙ୍କୁ ମାଡ ମାରିଥିଲେ। ଗଡପୋଷ ଫାଣ୍ଡି ଅଧିକାରୀ ଦେବରାଜ ପ୍ରଧାନ ତାଙ୍କୁ ଉତ୍ତ୍ୟକ୍ତ ଲୋକଙ୍କ କବଳରୁ ଛଡାଇଥିଲେ। କେତେକ ଲୋକ ଉକ୍ତ ଘଟଣାର ଭିଡିଓ ଉତ୍ତୋଳନ କରି ଭାଇରାଲ କରିଥିଲେ। ମାଡପିଟ ଘଟଣାକୁ ନେଇ ଫରେଷ୍ଟ ଗାର୍ଡ ତପସ୍ୱିନୀ ରାଉତ ବୁଧବାର ଗୋବିନ୍ଦପୁର ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏ ଦଫା ୩୪୧, ୩୫୩, ୩୫୪, ୩୫୫, ୩୩୨, ୫୦୬ ଓ ୩୪ ଆଇପିସିରେ ମାମଲା (ନଂ.୧୫୬/୧୯) ରୁଜୁ କରି ତଦନ୍ତ କରୁଥିବା ଥାନାଧିକାରୀ ପ୍ରତାପ କୁମାର ରଣା ସୂଚନା ଦେଇଛନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ମାନେଶ୍ୱର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ଦାବିପତ୍ର



ସମ୍ବଲପୁର ମାନେଶ୍ୱର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଏବିଇଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ସମ୍ବଲପୁର,୪।୧୨(ବ୍ୟୁରୋ)

ସମ୍ବଲପୁର ଜିଲା ମାନେଶ୍ୱର ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏବିଇଓ ସୀତାରାମ ଭୋଇଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସେଥିରେ ଉଲ୍ଲେଖ ଦାବି ଅନୁସାରେ ପୁରୁଣା ପେନସନ ବ୍ୟବସ୍ଥା ଲାଗୁ କରିବା, ସପ୍ତମ ବେତନ କମିଶନ ରିଭିଜନ କରିବା, ଜାତୀୟ ଶିକ୍ଷାନୀତିରେ ସଂଶୋଧନ କରିବା, ଚୁକ୍ତି ଭିତ୍ତିକ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ନିୟମିତ କରିବା, ୬୦ ପ୍ରତିଶତ ବକେୟା ଅର୍ଥ ପ୍ରଦାନ କରିବା, ବିନା କାରଣରେ ମନଇଚ୍ଛା ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଡେପୁଟେଶନ ନ ପଠାଇବା ଆଦି ଦାବି ରହିଥିଲା। ମାନେଶ୍ୱର ବ୍ଲକ ସଂଘ ସଭାପତି ଜୟନ୍ତୀରାଣୀ ପଣ୍ଡା, ସମ୍ପାଦକ ମନୋଜ କୁମାର ସେଠ, ରୋହିତ ବେହେରା, ବିନାୟକ ପାଣିଗ୍ରାହୀ, ବିଜୟ କାଲୋ, ରଶ୍ମିତା ବେହେରା, ଅନିରୁଦ୍ଧ ବିଶ୍ୱାଳ, କ୍ଷେତ୍ର ମୋହନ ମେହେର, ଗୋପୀନାଥ ନାଏକ, ବିପିନ ବିହାରୀ ବାରିକ, ଗୁପ୍ତେଶ୍ୱର ମିଶ୍ର, ସୁବର୍ଣ୍ଣ ହରିପାଳ, ଅର୍ଚ୍ଚନା ପତି, ଅଖିଳ ପ୍ରଧାନ, ଚାନ୍ଦ ଭୋଇ ପ୍ରମୁଖ ଉପସ୍ଥିତ ରହିଥିଲେ।

# ମିଲର୍ସ ଆସିଲେନି, ଉଠିଲାନି ଧାନ

## ଉଚ୍ଛକାପାଟ ମଣ୍ଡିରେ ମହିଳା ଚାଷୀ ହଟହଟା

ବାମରା, ୪।୧୨ (ଡି.ଏନ.ଏ.)

ବାମରା ବ୍ଲକର ଉଚ୍ଛକାପାଟ ମଣ୍ଡିକୁ ମିଲର୍ସନ ଆସିବାରୁ ଚାଷୀଙ୍କ ଧାନ ବୁଧବାର ଦିନ ଉଠି ପାରିନାହିଁ। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ରହିଛି। ସକାଳ ୮ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଜଗି ରହି ଶେଷରେ ନିରାଶ ହୋଇ ଫେରିଥିଲେ ଅଞ୍ଚଳର ୩ଜଣ ଚାଷୀ। ଉଚ୍ଛକାପାଟ ପଞ୍ଚାୟତ ଭଗପଡାର ମିତ୍ରଭାନୁ କେଛୁ ୬୪ ବସ୍ତା, କେଛୁପାଣିର ଗୀତାରାଣୀ ନାଏକ ୮୦ ବସ୍ତା ଓ ଆଲିସା ନାଏକ ୧୫୬ ବସ୍ତାକୁ ମିଶାଇ ମୋଟ ୩୦୨ ବସ୍ତା ଧାନ ମଣ୍ଡିକୁ ଆଣିଥିଲେ। ଧାନ କିଣା ନେଇ ସମବାୟ ସଂସ୍ଥା ଏଆରସିଏସ ଅଫିସ କୁଚିଣ୍ଡାରୁ ରମେଶ ଚନ୍ଦ୍ର ଟପ୍ପୋ, ଆରଏମସିରୁ ଅଶୋକ ପାଣିଗ୍ରାହୀ, ଗିରିଧାରୀ ସା, ସେବକ ସେଠ, ଗଡପୋଷ ଲ୍ୟାମ୍ପ୍ସ ଏମଡି ଯଶୱନ୍ତ ସିଂ, ଗୋବିନ୍ଦପୁର ଲ୍ୟାମ୍ପ୍ସ ଏମଡି ପ୍ରଦୀପ ଭଇଁଷା, କର୍ମଚାରୀ ପ୍ରଭାତ କେଛୁ, ରେମନ ପଟେଲ ଓ ବାବୁଲାଲ ସେଠ ପ୍ରମୁଖ ମଣ୍ଡିରେ ପହଞ୍ଚିଥିଲେ। ଧାନ କିଣା ପାଇଁ ସମ୍ବଲପୁରର ମାଁ ସମଲେଇ ଏଗ୍ରୋ ପ୍ରଡକ୍ଟସ ପକ୍ଷରୁ କେହି ହେଲେ ନ ଆସିବାରୁ ଧାନ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପଡି ରହିଥିଲା। ଏହା ସହିତ ଚାଷୀଙ୍କ ଧାନର ମାନକୁ ନେଇ ଅନିଶ୍ଚିତତା ଲାଗି ରହିଥିଲେ ହେଁ ପରେ ଏକାଧିକ ଥର ମାପଚୁପ ପରେ ଠିକ୍ ରହିଥିଲା। ମଣ୍ଡିରେ ଉପସ୍ଥିତ ଥିବା ଚାଷୀନେତା ଯୋଗବିହାରୀ ପରିଡା, ଦିଲୀପ ଛତ୍ରିଆ, କିରଣ ନାୟକ, ଅଲୋକ ଚୌଧୁରୀ, ଭଗବାନ ମାଝୀ ପ୍ରମୁଖ ମଣ୍ଡିର ଅବ୍ୟବସ୍ଥା ପାଇଁ ମାର୍କେଟିଂ ଇନ୍ସପେକ୍ଟର ହିଁ ସଂପୂର୍ଣ୍ଣ ଦାୟୀ ବୋଲି ଅଭିଯୋଗ କରିଛନ୍ତି। ଏ ନେଇ ବାମରା ଏମଆଇ ସୂର୍ଯ୍ୟକାନ୍ତ ପ୍ରଧାନଙ୍କୁ ପଚାରିବାରୁ ମିଲର୍ସମାନେ ମଣ୍ଡିରେ ଏଫଏକ୍ୟୁ ମାନର ଧାନ ନେବା ପାଇଁ ଆଗ୍ରହୀ ଥିବା ଯୋଗୁ ସେ ସମସ୍ତ ସମ୍ପାଦକମାନଙ୍କୁ କେବଳ ଏଫଏକ୍ୟୁ ଧାନ କିଣିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଉତ୍ତର ଦେଇଥିଲେ। ହେଲେ ଅନ୍ୟାନ୍ୟ ମଣ୍ଡି ଗୁଡିକରେ ଦଲାଲ ମାଧ୍ୟମରେ ଆସୁଥିବା ନନ୍‌ଏଫଏକ୍ୟୁ ଧାନ କିଭଳି କଟନି ଛଟନି କରି କିଣାଯାଉଛି। ଦଲାଲମାନଙ୍କ ମାଧ୍ୟମରେ ଆସୁଥିବା ଧାନ ଗୁଡିକ ଅତି ସହଜରେ ମିଲର୍ସମାନେ କିଣି ନେଉଥିବା ବେଳେ ସିଧାସଳଖ ଛୋଟ ଚାଷୀମାନେ ଆଣୁଥିବା ଧାନକୁ ନାନା ଆଳ ଦେଖାଇ ଫେରାଇ ଦିଆଯାଉଛି। ଯୋଗାଣ ବିଭାଗ, ଲ୍ୟାମ୍ପସ କର୍ତ୍ତୃପକ୍ଷ, ପ୍ୟାକ୍ସ କର୍ମଚାରୀମାନେ ଏକ ପ୍ରକାର ପରୋକ୍ଷ ଭାବେ ଧାନ କିଣାବିକାରେ ଦଲାଲୀକରଣକୁ ପ୍ରସାହନ ଯୋଗାଉଛନ୍ତି। ଏହାଦ୍ୱାରା କେବଳ ଦଲାଲମାନେ ଲାଭବାନ ହେଉଥିବା ବେଳେ ଛୋଟ ଚାଷୀ ଅଭାବୀ ବିକ୍ରିର ଶିକାର ହୋଇ ନିମ୍ନ ଦରରେ ନିଜ ଧାନ ଦଲାଲମାନଙ୍କ ପାଖରେ ବିକ୍ରି କରୁଥିବା ନେଇ ଚାଷୀ ନେତା ଯୋଗବିହାରୀ ପରିଡା ଅଭିଯୋଗ ଆଣିଛନ୍ତି।



ମିଲର୍ସ ଆସିନଥିବାରୁ ଚାଷୀମାନେ ଧାନକୁ ଜଗି ରହିଛନ୍ତି।

# ଦକ୍ଷତା ବିକାଶକୁ ପ୍ରୋତ୍ସାହନ

## ସ୍ୱର୍ଣ୍ଣ ପଦକ ପାଇଁ ୧୦ ଲକ୍ଷ ଟଙ୍କାର ପୁରସ୍କାର

ଭୁବନେଶ୍ୱର,୪।୧୨(ବ୍ୟୁରୋ): ରାଜ୍ୟରେ ଦକ୍ଷତା ବିକାଶକୁ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟ ସରକାର ବିଜୁ ପଟ୍ଟନାୟକ ଦକ୍ଷତା ପ୍ରୋତ୍ସାହନ ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି। ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ (ଓଏସ୍‌ଡିଏ) କାର୍ଯ୍ୟନିର୍ବାହୀ କମିଟି ଏହି ପ୍ରସ୍ତାବକୁ ଅନୁମୋଦନ କରିଛି। ଏଥିରେ ଦକ୍ଷତା ବିକାଶ ତାଲିମ ନେଉଥିବା ଯୁବତୀଯୁବକ, ପ୍ରଶିକ୍ଷକ ଏବଂ ଏ ଦିଗରେ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷ ଓ ସଂସ୍ଥାମାନଙ୍କୁ ଦକ୍ଷତା ବିକାଶ ସମ୍ମାନରେ ପୁରସ୍କୃତ କରାଯିବ। ଏହି ଯୋଜନାରେ ପୁରସ୍କାରକୁ ୩ ଭାଗରେ ବିଭକ୍ତ କରାଯାଇଛି ଯଥା- ଦକ୍ଷତା ପୁରସ୍କାର, ଗୁରୁ ସମ୍ମାନ ଏବଂ ବିଜୁ ପଟ୍ଟନାୟକଙ୍କ ନାଁରେ ସେଣ୍ଟର ଅଫ୍ ଏକ୍ସିଲେନ୍ସ।

ଓଏସ୍‌ଡିଏ ଏହି ପୁରସ୍କାର ରାଶି ପ୍ରଦାନ ପାଇଁ ୧୦ କୋଟି ଟଙ୍କାର କର୍ପସ ଫଣ୍ଡ ଗଠନ କରିବ। ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ଉତ୍କର୍ଷ ଲାଭ କରିଥିବା ଛାତ୍ରୀଛାତ୍ର ଏବଂ ଯୁବତୀଯୁବକଙ୍କୁ ଦକ୍ଷତା ବିକାଶ ପୁରସ୍କାର ପ୍ରଦାନ କରାଯିବ। ସେହିପରି ଜାତୀୟ ଏବଂ ଆନ୍ତର୍ଜାତିକ ସ୍ତରରେ କୃତିତ୍ୱ ଅର୍ଜନ କରିଥିବା ପ୍ରଶିକ୍ଷକଙ୍କୁ ଗୁରୁ ସମ୍ମାନ ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅନୁଷ୍ଠାନଗୁଡିକୁ ବିଜୁ ପଟ୍ଟନାୟକ ସେଣ୍ଟର ଅଫ୍ ଏକ୍ସିଲେନ୍ସ ପୁରସ୍କାର ପ୍ରଦାନ କରାଯିବ। ଯଦି କୌଣସି ପ୍ରତିଯୋଗୀ ଅନ୍ତର୍ଜାତୀୟ ଦକ୍ଷତା ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ପାଇଥିବେ, ସେମାନଙ୍କୁ ୧୦ ଲକ୍ଷ ଟଙ୍କା ଏବଂ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଥିବା ପ୍ରତିଯୋଗୀଙ୍କୁ ଯଥାକ୍ରମେ ୫ ଲକ୍ଷ ଓ ୨ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରାଯିବ।

# ଝାରସୁଗୁଡ଼ାରେ ଇଣ୍ଟିଗ୍ରେଟେଡ୍ ପାଠ୍ୟକ୍ରମ ଶୁଭାରମ୍ଭ

## ଯୁକ୍ତ ୨ ବିଜ୍ଞାନ ସହ ଇଞ୍ଜିନିୟରିଂ, ମେଡିକାଲ ପାଠ ପଢ଼ାଯିବ

ସମ୍ବଲପୁର, ୪।୧୨(ବ୍ୟୁରୋ)

ଯୁକ୍ତ ୨ ବିଜ୍ଞାନ ସହ ଇଞ୍ଜିନିୟରିଂ ଓ ମେଡିକାଲ ପାଠ୍ୟକ୍ରମ ଝାରସୁଗୁଡ଼ା ଠାରେ ଶୁଭାରମ୍ଭ ହୋଇଛି। ବୈଦିକ ଇଣ୍ଟରନ୍ୟାଶନାଲ ସ୍କୁଲ ପକ୍ଷରୁ ଏହି ଇଣ୍ଟିଗ୍ରେଟେଡ୍ ପାଠ୍ୟକ୍ରମରେ ଝାରସୁଗୁଡା ସହର ସମେତ ବେଲପାହାଡ, ବ୍ରଜରାଜନଗର, ସୁନ୍ଦରଗଡ ଛାତ୍ରୀଛାତ୍ରମାନେ ଉଚ୍ଚମାନର ଶିକ୍ଷା ସୁବିଧାରେ ପାଇପାରିବେ। ବିରାଟ ଶିକ୍ଷାନୁଷ୍ଠାନ ଲର୍ନିଂ ପାଟନର୍ ରହିଛି। ଝାରସୁଗୁଡା ସରବାହାଲ ଆନନ୍ଦ ୱାର୍ଲ୍ଡ ଠାରେ ସିଟି ଅଫିସ ରହିଛି। ସେହିପରି ସୁନାରୀମୁଣ୍ଡା ସିଟି କ୍ୟାମ୍ପସରେ ଛାତ୍ରୀଛାତ୍ରମାନଙ୍କୁ ଇଣ୍ଟିଗ୍ରେଟେଡ୍ ଶିକ୍ଷା ପ୍ରଦାନ କରାଯିବ। ଝାରସୁଗୁଡାସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତାମାନେ ଏହି ସୂଚନା ଦେଇଛନ୍ତି। ସେମାନେ ଆହୁରି କହିଥିଲେ ଯେ, ବେଲପାହାଡ, ବ୍ରଜରାଜନଗର, ଝାରସୁଗୁଡା, ସୁନ୍ଦରଗଡ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାନୁଷ୍ଠାନ ପକ୍ଷରୁ ବସ୍ ସେବା ମଧ ଯୋଗାଇ ଦିଆଯିବ। ରାଜ୍ୟ ତଥା ରାଜ୍ୟ ବାହାରୁ ଅଭିଜ୍ଞ ଅଧାପିକା, ଅଧାପକମାନେ ଶିକ୍ଷାଦାନ କରିବେ। ଫଳରେ ପଶ୍ଚିମ ଓଡିଶାର ଛାତ୍ରୀଛାତ୍ରମାନେ କୋଟା ଢ଼ାଞ୍ଚାରେ ଯୁକ୍ତ ୨ ବିଜ୍ଞାନ, ଇଞ୍ଜିନିୟରିଂ ଓ ମେଡିକାଲ ପାଠ୍ୟକ୍ରମ ପଢ଼ି ପାରିବେ। ଏହାକୁ ଦୃଷ୍ଟିରେରଖି ବିରାଟ ଶିକ୍ଷାନୁଷ୍ଠାନ ଓ ବୈଦିକ ଇଣ୍ଟରନ୍ୟାଶନାଲ ସ୍କୁଲ ମିଳିତ ଆନୁକୂଲ୍ୟରେ ଇଣ୍ଟିଗ୍ରେଟେଡ୍ ପାଠ୍ୟକ୍ରମର ପରିକଳ୍ପନା କରାଯାଇଛି। ଖବରଦାତା ସମ୍ମିଳନୀରେ ବିରାଟ ଅଧକ୍ଷ ରାହୁଲ ରାଜ, ବୈଦିକ ଇଣ୍ଟରନ୍ୟାଶନାଲ ସ୍କୁଲ ଅଧକ୍ଷ ଆନନ୍ଦ ଅଗ୍ରୱାଲ ଓ ଜ୍ୟୋତିରଞ୍ଜନ ଆଚାର୍ଯ୍ୟ ଉପସ୍ଥିତ ରହି ପାଠ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ।

# ଏମବିବିଏସ୍ ପରୀକ୍ଷା ଫଳ ପ୍ରକାଶନରେ ବିଳମ୍ବ

■ ପ୍ରଶାସନିକ ଅଫିସ ସମ୍ମୁଖରେ ଧାରଣା



ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ପ୍ରଶାସନିକ ଅଫିସ ସମ୍ମୁଖରେ ଛାତ୍ରମାନେ ଧାରଣା ଦେଇଛନ୍ତି।

ସମ୍ବଲପୁର,୪।୧୨(ବ୍ୟୁରୋ)

ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଶାସନିକ ଅଫିସ ସମ୍ମୁଖରେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଓ ହସ୍‌ପିଟାଲ (ବିବିଏମସିଏଚ) ପ୍ରଥମ ବର୍ଷର ଛାତ୍ରୀମାନେ ଧାରଣାରେ ବସିଥିଲେ। ସେମାନଙ୍କ ଦାବି ଥିଲା, ପ୍ରଥମ ବର୍ଷ ପରୀକ୍ଷା ଫଳ ପ୍ରକାଶ ପାଇବାରେ ୩ ମାସ ବିଳମ୍ବ ହୋଇଛି। ସେପ୍ଟେମ୍ବର ମାସରୁ ପରୀକ୍ଷା ହୋଇଥିଲେ ମଧ୍ୟ ଫଳ ଏପର୍ଯ୍ୟନ୍ତ ପ୍ରକାଶ ହୋଇନାହିଁ। ରାଜ୍ୟର ଅନ୍ୟ କଲେଜଗୁଡିକରେ ପ୍ରକାଶ ପାଇ ସାରିଛି। ଯଦି ବିଳମ୍ବ ହେବ ଆମକୁ ଦ୍ୱିତୀୟ ବର୍ଷରେ ପାଠ ପଢାରେ ବିଳମ୍ବ ହେବ। ପିଜି ପାଇଁ ଏଣ୍ଟ୍ରାସ ପରୀକ୍ଷା ଦେବାରେ ସମସ୍ୟା ହେବ। ତେଣୁ ଏନେଇ ପୂର୍ବରୁ ବାରମ୍ବାର ଅଭିଯୋଗ କରାଯାଇଥିଲା। ପ୍ରତିଶ୍ରୁତି ମଧ ମିଳିଥିଲା। ହେଲେ ଫଳ ପ୍ରକାଶ ହେଲା ନାହିଁ ବୋଲି ଅଭିଯୋଗ କରିଛନ୍ତି ଛାତ୍ରୀଛାତ୍ର। ଏ ସମ୍ପର୍କରେ ବିଶ୍ୱ ବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଏସ.ଏନ ନାୟକ କହିଛନ୍ତି, ଅଫିସ ପକ୍ଷରୁ କିଛି ତ୍ରୁଟି ଥିବାରୁ ବିଳମ୍ବ ହୋଇଛି। ହେଲେ ଆସନ୍ତା ଶନିବାର ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି କହିଥିଲେ। ଫଳ ପ୍ରକାଶ ହେବା ଫଳରେ ପ୍ରଥମ ବର୍ଷ ଛାତ୍ରୀଛାତ୍ରମାନେ ଏବେ ସମସ୍ୟାରେ ପଡିଯାଇଛନ୍ତି।

# ହଜ୍ ନେବାକୁ କହି ୨୮ ଲକ୍ଷ ଟଙ୍କା ଠକେଇ

ସମ୍ବଲପୁର,୪।୧୨ (ବ୍ୟୁରୋ)

ସମ୍ବଲପୁର ଜିଲା ଧନୁପାଲି ଥାନା ଅଞ୍ଚଳର ଅବଦୁଲ ରହିମ ନାମକ ଜଣେ ଯୁବକ ହଜ୍ ଯାତ୍ରା ପାଇଁ ନେବାକୁ କହି ପ୍ରାୟ ୨୮ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଠକେଇ ଶିକାର ହୋଇଥିବା ଲୋକମାନେ ବୁଧବାର ସମ୍ବଲପୁର ଏସ୍‌ପି କନୱର ବିଶ୍ୱାଲ ସିଂଙ୍କୁ ଭେଟି ଏ ସଂକ୍ରାନ୍ତରେ ଅଭିଯୋଗ କରିଛନ୍ତି। ଏସପିଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଏସ୍‌ପି ପ୍ରଦୀପ କୁମାର

## ଏସ୍‌ପିଙ୍କ ପାଖରେ ଅଭିଯୋଗ

ମହାପାତ୍ର ଘଟଣାର ତଦନ୍ତ କରୁଛନ୍ତି।

ଲୋକମାନଙ୍କ ଅଭିଯୋଗ କ୍ରମେ ଅବଦୁଲ ରହିମ ଆଜକୁ ୧ ବର୍ଷ ତଳେ କୁମ୍ଭାର ପଡା, ସୁନାପାଲି, ପେନସନପଡା, ନୟାପଡା ଅଞ୍ଚଳର ଲୋକମାନଙ୍କୁ ହଜ୍ ଯାତ୍ରା ଯିବାକୁ କହିଥିଲେ। ଏଥିପାଇଁ ସମସ୍ତ ସୁବିଧା କରାଇ ଦେବାକୁ କହିଥିଲେ। ତାଙ୍କର ଅଲ-ଖାତିବ ଟୁର ଏଣ୍ଡ ଟ୍ରାଭେଲ ନାମରେ ଏଜେନ୍ସି ରହିଛି। ସେ ସେଠାରେ ଖାଇବା, ରହିବା, ବୁଲିବାର ସମସ୍ତ ପ୍ରକାର ସୁବିଧା କରାଯିବ। ଟଙ୍କା ଅନୁସାରେ ସୁବିଧା ମିଳିବ ବୋଲି ପ୍ରଲୋଭନ ଦେଖାଇ ୩୩ ଜଣ ସଦସ୍ୟଙ୍କଠାରୁ ୨୮ ଲକ୍ଷ ଟଙ୍କା ଠକି ନେଇଥିଲେ। ୧ ବର୍ଷ ବିତିଯାଇଥିଲେ ମଧ୍ୟ ସେ ହଜ୍ ଯାତ୍ରା ପାଇଁ ନେଇ ନ ଥିଲେ। ଏହାକୁ ନେଇ ତାଙ୍କୁ ପଚାରିଲେ ସେ ବିଭିନ୍ନ କଥା କହି ଲୋକମାନଙ୍କୁ ଠକି ଚାଲିଥିଲେ। ଶେଷରେ ରାୟପୁରର ଅକବର ଟୁର ଏଣ୍ଡ ଟ୍ରାଭେଲ୍ସରେ ଟଙ୍କା ଜମା ଦିଆଯାଇଛି, ସେ ଟଙ୍କା ଦେଲ ମୁଁ ଫେରାଇ ଦେବି ବୋଲି କହିଥିଲେ। ପରେ ରାୟପୁରର ଅକବର ଟୁର ଟ୍ରାଭେଲ୍ସ ମାଳିକ ଟଙ୍କା ଦେଇ ନ ଥିବା କହୁଛନ୍ତି। ତେଣୁ ଏଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଠକେଇର ଶିକାର ହୋଇଥିବା ଲୋକମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଏସପି ମହାପାତ୍ର କହିଛନ୍ତି ଯେ, ଅଭିଯୋଗ ଉପରେ ତଦନ୍ତ କରାଯାଉଛି। ତା'ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

# ଲାଞ୍ଚ ନେଇ ଧରା ପଡିଲେ ହରଭଙ୍ଗା ବିଇଓ ଅଫିସ ମୁଖ୍ୟ କିରାଣି

ବୌଦ୍ଧ,୪।୧୨(ସ୍ୱ.ପ୍ର.)

ବୌଦ୍ଧ ଜିଲା ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ)ଙ୍କ କାର୍ଯ୍ୟାଳୟର ମୁଖ୍ୟ କିରାଣି ଚତୁର୍ଭୁଜ ଖମାରୀ ବୁଧବାର ଜଣେ ବ୍ୟକ୍ତିଙ୍କଠାରୁ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି। ଭାବପୁର ଗ୍ରାମର ପ୍ରସନ୍ନ ଟାମିକିଆ ମହୁଲଗଡିଆ ବିଦ୍ୟାଳୟର ଶିକ୍ଷକତା କରୁଥିଲେ। ତାଙ୍କ ମୃତ୍ୟୁ ପରେ ତାଙ୍କର ବିଧବା ପତ୍ନୀ ନର୍ମଦା ଟାମିକିଆଙ୍କ ପାଇଁ ପରିବାର ପେନଶନ କରାଇଦେବାକୁ ମୃତ ଶିକ୍ଷକଙ୍କ ମା' କୌଶଲ୍ୟା ଟାମିକିଆ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ସେଠାରେ ତାଙ୍କୁ ପେନଶନ କାଗଜପତ୍ର କରାଇଦେବାକୁ ମୁଖ୍ୟ କିରାଣି ଖମାରୀ ୫ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏ ନେଇ କୌଶଲ୍ୟା ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଏଣୁ ଯୋଜନା ମୁତାବକ ବୁଧବାର କାର୍ଯ୍ୟାଳୟରେ କୌଶଲ୍ୟାଙ୍କଠାରୁ କିରାଣି ଖମାରୀ ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ବିଭାଗର ଅଧିକାରୀଙ୍କ ହାତରେ ଧରା ପଡିଥିଲେ। ଭିଜିଲାନ୍ସ ଡିଏସ୍‌ପି ରବିକାନ୍ତ ସୁନା କହିଛନ୍ତି ଯେ, ଏକ ମାମଲା (ନଂ.୩୩/୧୯) ରୁଜୁ କରାଯାଇଛି। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯିବ। ତେବେ ଏହି ଚଢାଉରେ ଇନ୍ସପେକ୍ଟର କୃଷ୍ଣା କୁମାରୀ ପ୍ରଧାନ, ପୋଲିସ୍ତି ଛତ୍ରିଆ ଓ ଭିଜିଲାନ୍ସ କର୍ମଚାରୀ ସାମିଲ ହୋଇଥିଲେ।






ଗିରଫ ମୁଖ୍ୟ କିରାଣି ଚତୁର୍ଭୁଜ ଖମାରୀ ଓ ଜବତ ହୋଇଥିବା ଟଙ୍କା।

## ଆଜି କ'ଣ କେଉଁଠି

**ସମ୍ବଲପୁର**
- ରୟାଲରିଟ୍ରିଟ୍ ହୋଟେଲ ଶୁଭାରମ୍ଭ, ଭାଲୁପାଲି ଛକ, ପୂର୍ବାହ୍ନ ୧୧ଟା।
- ପ୍ରଫେସର ଜନାର୍ଦ୍ଦନ ପଟେଲ ସ୍ମାରକୀ ବକ୍ତୃତାମାଳା, ଓଡିଶା ସାଂସ୍କୃତିକ ସମାଜ ଭବନ, ସନ୍ଧ୍ୟା ସାଢ଼େ ୬ଟା।

**ସୁନ୍ଦରଗଡ**
- ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳନ ସମାରୋହ, କିରେଇ କୃଷି ବିଜ୍ଞାନ କେନ୍ଦ୍ର, ପୂର୍ବାହ୍ନ ୧୦।୩୦।

**ଦେବଗଡ**
- ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳନ, କୃଷି କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।

**ସୁବର୍ଣ୍ଣପୁର**
- ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳନ ସମାରୋହ, କୃଷି ବିଜ୍ଞାନ କେନ୍ଦ୍ର, ପୂର୍ବାହ୍ନ ୯ଟା।

**ଲୋଇସିଂହା**
- ଲକ୍ଷ୍ମୀନାରାୟଣ ନାଟକ ଉଦ୍‌ଯାପନୀ, କୁମୁଣ୍ଡେ, ରାତି ୧୦ଟା।

**କର୍ଲାମୁଣ୍ଡା**
- ବ୍ଲକସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳନ, ଆତ୍ମା ସଭାଗୃହ, ପୂର୍ବାହ୍ନ ୧୧ଟା।

**ବରଗଡ଼**
- ବିଶ୍ୱ ମୃତ୍ତିକା ଦିବସ, ବିଜୁ ପଟ୍ଟନାୟକ ଟାଉନ୍ ହଲ୍, ପୂର୍ବାହ୍ନ ୯ଟା।

---


## Government of Odisha Department of Women and Child Development and Mission Shakti

**NOTICE**

**No. 17758 / WCD, Dated 02.12.19**

**No.g-43:-** In Continuation to this Department website Notice No. 13923/25.09.2019 of M&E Consultant & No. 13349/ 17.09.2019 of DPC, MAMATA, it is to inform that the Computer Proficiency and Viva Voce Test for the recruitment for the post of M&E Consultant and DPC under MAMATA Scheme is scheduled to be held on 11.12.2019 & 12.12.2019 respectively. The details regarding eligible candidates, venue and schedule of test etc. has been uploaded in the Department website. For further information regarding list of eligible candidates of both DPC and M&E Consultant, schedule of computer proficiency and Viva voce test, exam instruction etc. please log in to Department website- **http://wcdodisha.gov.in.**

33001/11/0013/1920 **Sd./- Joint Secretary to Govt.**

---

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**P.H. DIVISION, BARIPADA** No. C-364
**Phone No : 06792-252682 E mail Id : eephbaripada2016@gmail.com**
**NATIONAL COMPETITIVE BIDDING THROUGH e-PROCUREMENT**

**Invitation For Bids (IFB) Dtd.02.12.2019**

| SN | Name of Work | Bid Identi-fication No. | Estimated Cost (Rs. in Lakh) | Period of Completion | Availability of Bid Document for Online Bidding From | To |
|---|---|---|---|---|---|---|
| 1. | Supply, Installation & Testing of House Service Connection to the Consumers of Karanjia NAC under P.H. Division, Baripada | EEPHBPD - 18/ 2019-20 | 81.94 | 03 (Three) Months | 11.00 Hrs. of 06.12.2019 | 17.00 Hrs. of 21.12.2019 |
| 2. | Repair and Rehabilitation of 1.00 lakh Gallon capacity RCC ESR at Belgodia and 75000 Gallon capacity RCC ESR at Station Bazar including chemical treatment to damaged concrete structures in Baripada Municipality under State Plan (BASUDHA) | EEPHBPD - 19/ 2019-20 | 28.41 | 04 (Four) Months | 11.00 Hrs. of 06.12.2019 | 17.00 Hrs. of 21.12.2019 |

❖ Name & Address of Officer Inviting Bid: **Executive Engineer, P.H. Division, Baripada Phone # 06792-252682 mail:eephbaripada2016@gmail.com**

❖ Further details can be seen from the e-Procurement portal **"https://www.tendersodisha.gov.in".**

❖ **All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.**

13016/11/0007/1920 ***Sd/-*Executive Engineer, P.H. Division, Baripada**

---

**GOVT. OF ODISHA, DEPARTMENT OF WATER RESOURCES**
**O/O THE CHIEF CONSTRUCTION ENGINEER,**
**RENGALI RIGHT IRRIGATION PROJECT, DHENKANAL**
Email ld-ccerrip@gmail.com

**'e' Procurement Notice**

**No. A-439:-** The Chief Construction Engineer, Rengali Right Irrigation Project, Mahisapat, Dhenkanal on behalf of the Governor of Odisha invites online percentage rate bids for construction of the work as detailed below:
1. Name of the work : Three Nos. of works
2. Tender Cost : Rs. 119.63 lakhs to 207.95 lakh
3. Bid Document Cost : Rs. 10,000.00 (on line)
4. Bid Security : Rs. 1.2 lakh to 2.08 lakh (on line)
5. Class of Contractor : "B" &"A" Class
6. Period of Completion : 06 calendar months (182 days)
7. Other details are as follows :

| Procurement Officer | Bid Identification No. | Availability of Tender Online for bidding From | To | Date of Opening of Technical Bid (Cover-I) |
|---|---|---|---|---|
| Chief Construction Engineer, RRIP, Dhenkanal | CCERRIP-06/ 2019-20 | 09.12.2019 10.00 AM | 26.12.2019, 5.30 PM | 27.12.2019 ,11.00 AM |

8. For further details and on line bidding, visit Govt. website www.tendersodisha.gov.in

32351/11/0006/1920 ***Chief Construction Engineer, Rengali Right Irrigation Project, Dhenkanal***

---

**WORKS DEPARTMENT** No. B-382:-
**OFFICE OF THE EXECUTIVE ENGINEER**
**MAYURBHANJ (R&B) DIVISION, BARIPADA**
Email : bpd_eerb@rediffmail.com

**Government of Odisha "e" Procurement Notice**

Bid Identification No.- E.E.-15/2019-20
1. Number of Works : 17 (Seventeen) number of work
2. Period of Completion : 1 (One) Calendar month
3. Date & Time of availability of bid documents in the portal : Dt.12.12.2019 to 23.12.2019
4. Last Date / time of receipt of bid in the portal : Dt.23.12.2019 upto 4.00 PM
5. Date of opening of bid : Dt.24.12.2019 at 11.00 AM
6. Name & address of the Office inviting bid : Executive Engineer, Mayurbhanj (R&B) Division, Baripada

Further details can be seen from the e-Procurement portal http://www.tendersodisha.gov.in

34060/11/0014/1920 ***Sd./- Executive Engineer Mayurbhanj (R&B) Division***

---

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, JAGATSINGHPUR** No. E-545
**DISTRICT PROGRAMME MANAGEMENT UNIT (DPMU)**
**NATIONAL HEALTH MISSION (NHM)**

**Walk-In-Interview**

Advt No 3879 date 03 / 12 /2019

Walk- in- Interview will be conducted as scheduled bellow for fill up the following posts under National Health Mission, of Jagatsinghpur district on contractual basis for a period of 11 months with monthly remuneration as noted against each and subject to renewal as per Society norms basing on the performance and subsistence of the programme.

| Sl No | Name of the Programme/ Activities as per NHM PIP | Name of the post | Vacancy | Monthly Remuneration (In Rupees)+PI | date of Registration / Interview |
|---|---|---|---|---|---|
| 1 | Special Newborn Care Unit (SNCU) | Medical Officer | 3 | Rs. 52,920/- | 11.12.2019 |
| 2 | District Early Intervention Centre (DEIC) | MO MBBS,DEIC | 1 | Rs. 52,920/- | 11.12.2019 |
| | | Paediatrician, DEIC | 1 | Rs. 66,150/- | 11.12.2019 |
| | | Optometrist, DEIC | 1 | Rs. 13,428/- | 11.12.2019 |
| | | Dental Technician, DEIC | 1 | Rs. 11,562/- | 11.12.2019 |
| 3 | District Mental Health Programme (DMHP) | Clinical Psychologist | 1 | Rs. 25,931/- | 11.12.2019 |
| | | Psychiatric Social Worker | 1 | Rs. 25,931/- | 11.12.2019 |

**Venue:-Office of the CDM & PHO-Cum-DMD, Jagatsinghpur**

The above positions are purely temporary and also co-terminus with the scheme. The actual numbers of vacancy may differ (increase or decrease) at the time of engagement. Canvassing in any form will render the candidate disqualified for the position and no undertaking will be entertained. Details of qualification, experience and TOR of each category of post along with application form can be downloaded from the district website: www.jagatsinghpur.nic.in. The interested candidates may attend the walk in interview from 10.30 AM to 12.30 PM on the scheduled date for registration. The candidates are requested to visit the district website on regular interval till completion of recruitment process. The undersigned reserves the right to cancel any or all the application without assigning any reason or communication thereof.

10043/11/0017/1920 **sd/- CDM & PHO-cum- DMD, Jagatsinghpur**

---

e-mail :rwd_malkangiri@yahoo.co.in
**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISON-I MALKANGIRI**
**NATIONAL COMPETITIVE BIDDING THROUGH e-Procurement** **No.O-579**
**Identification No. Online Tender 06/MKG/2019-20**

1. Name of the work : Building works (Detailed in Annexure)
2. Total Number of Works : 05 (Five) Number
3. Tender Cost : Rs. 14.80 Lakhs to Rs. 15.03 Lakhs
4. Class of Contractor : 'D'& 'C' Class contractors
5. Period of Completion : (As Per Detailed in Annexure)
6. Other Details:-

| Procurement Officer | Bid Identification No. | No of Works | Availability of Tender on-line for bidding From | To | Last Date & Time of seeking tender clarification | Date and time of opening of tender |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-I, Malkangiri | Online Tender /06 / RWD-I, MKG/ 2019-20 | 05(Five) Nos of Building works | 12.12.2019 from 11.00 AM | 27.12.2019 upto 5.00 PM | 26.12.2019 upto 5.00 P.M. | 30.12.2019 at 11.30 AM |

Further details can be seen from the Website www.tenderorissa.gov.in

**25058/11/0008/1920** Executive Engineer, R.W. Division-I, Malkangiri

---

**OMECL** No. CAD-640:-
**Odisha Mineral Exploration Corporation Ltd.**
**Regd. Office: OMC House, Bhubaneswar- 751001, Odisha, CIN: U13209OR2016SGC025960**

**NOTICE FOR EXPRESSION OF INTEREST (EOI)**

**EOI No. 06/OMECL/2019** **Date: 03.12.2019**

| Sl. No. | Events / Parameters | Tentative Schedule / Details |
|---|---|---|
| 1 | Name of tender | Empanelment of Agencies for Drilling work for various Minerals in different areas in Odisha and other states of India |
| 2 | Availability of EOI details on www.omecl.in | 03.12.2019 |
| 3 | Meeting with interested agencies | 13.12.2019, Time: 03:00 PM Venue: Boyan Bhawan, Bhubaneswar |
| 4 | EOI due date ( Last Date & Time of EOI responses by interested Agencies) | 26.12.2019 Time: 04:00 PM Venue: Boyan Bhawan, Bhubaneswar |
| 5 | Opening of EOI responses | 27.12.2019, Time: 11:00 AM Venue: Boyan Bhawan, Bhubaneswar |
| 6 | Application fee | Amount: NIL |
| 7 | Security Deposit | Amount: INR 1,00,000 (Rupees One Lakh only) Payable in the form of Demand Draft drawn in favour of the "Odisha Mineral Exploration Corporation Limited", payable at Bhubaneswar |

Any change to the above schedule shall be notified on the website of OMECL (www.omecl.in). Interested agencies are advised to regularly check these websites.

OMECL reserves the right to reject this EOI without assigning any reason thereof.

Sd/- **GENERAL MANAGER (EXPLORATION)**
30005/11/0100/1920 **ODISHA MINERAL EXPLORATION CORPORATION LIMITED**

---

**GOVERNMENT OF ODISHA**
**INFORMATION AND PUBLIC RELATIONS DEPARTMENT**

**No. 13839/IPR, Bhubaneswar** **Dated the 3rd December, 2019**
**(File No. RTI-48/2019)**

**CORRIGENDUM**

**No.Z-14:-** For Selection of Agency for Annual Maintenance Contract, e-reporting tool, Mobile Application Development & Setting up of PMU for State RTI Portal **www.rtiodisha.gov.in**.

**Bid Ref: RFP No.12445/IPR dated 04.11.2019**

This is for information of all the intending Bidders that the detailed corrigendum in respect of the relevant sections of the RFP document is available in the Government of Odisha website **www.inpr.odisha.gov.in**. The bidders are advised to take into account this corrigendum before s ubmission of their bids against this RFP. If any bidder has already submitted his/her bid then he/she should resubmit his/her bids taking into account this corrigendum on or before the last date of submission of bid.

| Sl. No. | RFP Clause Reference | Description |
|---|---|---|
| 1. | Key Events | 1. Last date and time for submission of Bid is extended till 12.12.2019 by 05.00 PM 2. Opening of Pre-Qualification, Technical Bid and Technical Presentation is on 13.12.2019 at 11.30 AM 3. Opening of Commercial bids is on 20.12.2019 |

**Director, Information & Public Relations Department**

15001/11/0094/1920

---

**ଓଡ଼ିଶା ସରକାର** V-84
**କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ**
**ଘୋଷଣା**

File No.L.A. Cas No.27/2017 1039 Dated: 23.08.2019

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ସରଣିବେଡା, ଥାନା-ପାଟଣା, ତହସିଲ-ସାହାରାପଡା, ଜିଲ୍ଲା-କେନ୍ଦୁଝରରେ ନିମ୍ନସୂଚୀତ "କ" ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ବାମପାର୍ଶ୍ୱ ମୁଖ୍ୟ ଡିଷ୍ଟ୍ରିବ୍ୟୁଟାରୀ ଭଙ୍ଗାବିଲା ମାଇନର ଓ ସରଣିବେଡା ସବ୍ ମାଇନର କେନାଲ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା.୮୯୫ ତା୨୯।୦୬।୨୦୧୮ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା- ସରଣିବେଡା, ଥାନା-ପାଟଣା, ଜିଲ୍ଲା-କେନ୍ଦୁଝରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇ ନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.kendujhar.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ http://revenue.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନଃ ବସତି ଅଧିକାରୀ, ମୟୂରଭଞ୍ଜ, କରଞ୍ଜିଆଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-"କ"**
**ଜିଲ୍ଲା-କେନ୍ଦୁଝର** **(ପ୍ରସ୍ତାବିତ ଭୂମି ଅଧିଗହଣ ଅନୁସୂଚୀ)** **ତହସିଲ-ସାହାରପଡା**

| ଗ୍ରାମର ନାମ | ଗ୍ରାମାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ସରଣିବେଡା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର.୩୭.୧୬ | ଏକର ୦୪.୪୮ | ଏଥି ସହିତ ସଂଲଗ୍ନ |

**ତଫସିଲ-"ଖ"**
**ଜିଲ୍ଲା-କେନ୍ଦୁଝର** **(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)** **ତହସିଲ-ସାହାରପଡା**

| ଗ୍ରାମର ନାମ | ଗ୍ରାମାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଧାରା ୧୯ର ଉପଧାରା (୭) ଅଧୀନରେ ଜିଲ୍ଲାପାଳ, କେନ୍ଦୁଝରଙ୍କ ଅଧିସୂଚନା ନଂ.୮୯୫ ତା୨୯।୦୬।୨୦୧୮ରିଖ ଅନୁଯାୟୀ ଧାରା ୧୧ (୧)ର ଘୋଷିତ ଅଧିସୂଚନାର ବୈଧ ତାରିଖ ୨୫।୦୮।୨୦୧୮।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**24045/14/0021/1920** **ସ୍ୱା./- ଜିଲ୍ଲାପାଳ**

---

ଓଡ଼ିଶା ସରକାର
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**
**ଅଧିସୂଚନା**

No.: RDM-LAC-KNJ-0019-2019/**18356**/R&DM, Dated: 01 July 2019

**No.: V-91:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ବୈତରଣୀ ବାମପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- ପଦ୍ମପୁର (ଅତିରିକ୍ତ), ଥାନା- ଆନନ୍ଦପୁର, ସଂ.୧୦୭, ତହସିଲ- ଆନନ୍ଦପୁର, ଜିଲ୍ଲା: କେନ୍ଦୁଝରରେ ନିମ୍ନ ତଫସିଲମତେ ପ୍ରାୟ ଏ.୧.୨୧ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ:**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ବୈତରଣୀ ବାମପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ, ଆନନ୍ଦପୁର କେନାଲ ଡିଭିଜନ, କେନ୍ଦୁଝର।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର କେନାଲ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପଜିଲ୍ଲାପାଳ, ଆନନ୍ଦପୁର।
୬. ଜମିର ବିବରଣୀ –

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| କେନ୍ଦୁଝର | ଆନନ୍ଦପୁର | ପଦ୍ମପୁର (ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୨.୪୬ | ଏ.୧.୨୧ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ, ସାଳପଡ଼ା, କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– (ବ୍ରହ୍ମାନନ୍ଦ ବେହେରା) ଯୁଗ୍ମ ଶାସନ ସଚିବ

**LAND SCHEDULE**

**Addl. Land Acquisition for Construction of Anandapur Barrage Project (Baitarani Left Bank Canal) of Vill- Padmapur, Tahasil- Anandapur, P.S.- Anandapur No.-107, Dist.- Keonjhar, L.A. Case No. 20/18**

| କ୍ର. ନଂ. | ଖାତା ନଂ. | ଜମି ମାଲିକଙ୍କ ନାମ, ଜାତି, ବାସସ୍ଥାନ | ପ୍ଲଟ୍ ନଂ. | କିସମ | ମୋଟ ରକବା | ଅଧିଗ୍ରହଣ ରକବା |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୮ | ଅଙ୍କୁର ଖଟୁଆ, ପି: ଶଙ୍କର ଖଟୁଆ, ଜା: ତେଲି, ବା: ନିଜଗାଁ | ୫୯୦/୪୩୨୮ | ବାଜେଫସଲ-୧ | ୦.୫୦ | ୦.୦୪ |
| ୨ | ୧୫୮ | ଗୋବର୍ଦ୍ଧନ ସାହୁ, ରଘୁ ସାହୁ, ପି: ଚନ୍ଦ୍ରୁ ସାହୁ, ଜା: ତେଲି, ବା: ନିଜଗାଁ | ୧୩୭୯/୪୪୨୭ | ବାଜେଫସଲ-୧ | ୦.୮୬ | ୦.୦୭ |
| ୩ | ୨୬୫ | ନଟବର ସାହୁ, ଜଟାଧାରୀ ସାହୁ, ନରହରି ସାହୁ, ରାମଚନ୍ଦ୍ର ସାହୁ, ପି: ରଙ୍କ ସାହୁ, ଜା: ତେଲି, ବା: ନିଜଗାଁ | ୧୪୬୧/୪୩୧୩ | ବାଜେଫସଲ-୧ | ୦.୦୯ | ୦.୦୯ |
| ୪ | ୫୪୩ | ସତ୍ୟବାଦୀ ସାହୁ, ପି: ଦର୍ଶନ ସାହୁ, ଜା: ତେଲି, ବା: ନିଜଗାଁ | ୧୩୮୪ | ବାଜେଫସଲ-୧ | ୦.୮୧ | ୦.୮୧ |
| ୫ | ୬୨୧/୬୫୨ | ଧୋବେଇ ସାହୁ, ପି: ନରି ସାହୁ, ଜା: ତେଲି, ବା: ନିଜଗାଁ | ୪୪୪/୫୦୦୪ | ଶାରଦ-୨ | ୦.୧୧ | ୦.୧୧ |
| ୬ | ୬୨୧/୮୫୬ | କୁଶରଞ୍ଜନ ସାହୁ, ପି: ଜଟାଧାରୀ ସାହୁ, ଜା: ତେଲି, ବା: ପଦ୍ମପୁର | ୪୬୧/୫୧୯୧ | ଘରବାରି | ୦.୦୯ | ୦.୦୯ |
| | | | | | ମୋଟ ଅଧିଗ୍ରହଣ ରକବା ଏ. | ୧.୨୧ |

24001/14/0304/1920



ମନୁଷ୍ୟ ଖିଅର ହୋଇସାରିବା ପରେ, ତୈଳ ଲଗାଇବା ପରେ, ସ୍ତ୍ରୀ ସହବାସ କଲାପରେ ଓ ଶବଦାହ କରିବା ପରେ ସେ ଚାଣ୍ଡାଳ ହୋଇଯାଏ। ସ୍ନାନ ପରେ ସେ ଦୋଷ ଦୂର ହୁଏ।
- ଚାଣକ୍ୟ



## ସଂକ୍ଷେପରେ

### ଲୁଟେରା ପୁଣି ଲୁଟିଲେ ଆଉ ଏକ ବାଇକ୍

ବୌଦ୍ଧ,୪।୧୨(ସ୍ୱ.ପ୍ର.): ବୌଦ୍ଧ ସହର ବାଇକ୍ ଚୋରଙ୍କ ପାଇଁ ଅମରାବତି ପାଲଟିଛି। ସହରରେ ବାଇକ ଚୋର ପୋଲିସ କର୍ମଚାରୀଙ୍କୁ ଚମକ ଦେଖାଇ ଗୋଟିଏ ପରେ ଗୋଟିଏ ବାଇକ ଚୋରି କରିବାରେ ଲାଗିଛନ୍ତି। ଦୀର୍ଘ ଦୁଇ ମାସ ଭିତରେ ବୌଦ୍ଧ ସହରରୁ ୨୦ରୁ ଉର୍ଦ୍ଧ୍ୱ ବାଇକ୍ ଚୋରି ହୋଇସାରିଥିବାବେଳେ ଆଜି ପର୍ଯ୍ୟନ୍ତ ଗୋଟିଏ ମଧ ଚୋରି ବାଇକ୍ ଉଦ୍ଧାର ହୋଇପାରିନାହିଁ। ଚୋରମାନେ ଜନଗହଳିପୂର୍ଣ୍ଣ ସ୍ଥାନରୁ ଗାଡି ଚୋରି କରି ଅନାୟାସରେ ଫେରାର ହେବାରେ ସଫଳ ହେଉଛନ୍ତି। ବୁଧବାର ବୌଦ୍ଧ ଖଲିଆବଗିଚାର ଅଶୋକ ଘିବେଲା ତାଙ୍କ ବାଇକ୍ (ଓଡି-୨୭-୩୭୫୪)କୁ କଚେରି ପଡିଆ ଭିତରେ ରଖି ପୁସ୍ତକ ମେଳା ଦେଖିବାକୁ ଭିତରକୁ ଯାଇଥିଲେ। ଫେରିବା ବେଳକୁ ବାଇକ୍ ନ ଥିବା ଦେଖି ଖୋଜାଖୋଜି କରିଥିଲେ।

# ମିଲର ଆସୁନାହାନ୍ତି, ଶୀତରେ ଥରୁଛନ୍ତି ଚାଷୀ

କନ୍ଧମାଳ,୪।୧୨(ଡି.ଏନ.ଏ.)

ବୌଦ୍ଧ ଜିଲା କନ୍ଧମାଳ ବ୍ଲକର ପଲଶାଗୋରା ମାର୍କେଟୟାର୍ଡରେ ବୁଧବାର ଧାନ ଉଠାଣ ହୋଇନାହିଁ। ରୁଣ୍ଡିମହୁଲ ଓ ଲୋକାପଡା ପ୍ୟାକ୍ସ ଦ୍ୱାରା ପରିଚାଳିତ ଏହି ମାର୍କେଟୟାର୍ଡରେ ଦୁଇ ଦିନ ହେବ ଚାଷୀ ଧାନ ଧରି ଶୀତ ରାତିରେ ଜଗି ରହିଛନ୍ତି। ମଙ୍ଗଳବାର ଯେଉଁ ଚାଷୀ ଟୋକନ ପାଇ ଧାନ ବିକିବାକୁ ଆଣିଥିଲେ ସେମାନଙ୍କ ମଧ୍ୟରୁ ଧର୍ମେନ୍ଦ୍ର ପଣ୍ଡା, ବେଣୁଧର ପଣ୍ଡା ଓ ସୁଧୀର କୁମାର ସାହୁଙ୍କ ଧାନ ଉଠି ପାରିନାହିଁ। କୁଇଣ୍ଟାଲ ପିଛା ୩ କେଜି କଟନୀ ପରେ ମଧ ବୁଧବାର ଧାନ ବିକ୍ରି ପାଇଁ ଆସିଥିବା ଚାଷୀ ଶୀତ ରାତିରେ ମଣ୍ଡିରେ ଧାନକୁ ଜଗି ରହିଛନ୍ତି। ନରସଂହ ଗୁରୁ, ପ୍ରହଲ୍ଲାଦ ସାହୁ, ପୂର୍ଣ୍ଣାନନ୍ଦ ସାହୁ, କାହ୍ନୁ ଚରଣ ସେଠୀ ପ୍ରମୁଖ ୧୭ ଜଣ ଚାଷୀଙ୍କ ଧାନ ମିଲର ଉଠାଇ ନାହାନ୍ତି। ସିମିଳିପଦର ପ୍ୟାକ୍ସ ଦ୍ୱାରା ପରିଚାଳିତ ମଣ୍ଡି ମଧ ମଙ୍ଗଳବାର କ୍ରୟ ଦିବସର ଧାନ ପଡି ରହିଛି। ଏହି ମଣ୍ଡିକୁ ୧୪ ଜଣ ଚାଷୀ ଟୋକନ ପାଇ ଧାନ ବିକିବା ପାଇଁ ଆଣିଥିଲେ । ଏଠାରେ ମଧ୍ୟ ୬ ଜଣ ଚାଷୀଙ୍କ ଧାନ ଉଠି ପାରିନାହିଁ। ଧାନ କ୍ରୟ ଆରମ୍ଭରୁ ସମସ୍ତ ପ୍ୟାକ୍ସରେ ଟୋକନ ଦେବାରେ ବ୍ୟାପକ ଅନିୟମିତତା ହୋଇଥିଲା। କ୍ରୟ ଦିବସରେ ଚାଷୀ ମେସେଜ ପାଇଥିବାବେଳେ ଧାନ ବିକ୍ରୟ ପାଇଁ ମଣ୍ଡି ଖୋଲି ନ ଥିଲା। ବଞ୍ଚିତ ଚାଷୀଙ୍କୁ ଆଗାମୀ ୨/୪ ଦିନ ଭିତରେ ପୁଣି ଧାନ ଦେବା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ହେଲେ କନ୍ଧମାଳ ଅଞ୍ଚଳର ପଲଶଗୋରା, ସିମିଳିଦପର, ରୁଣ୍ଡିମହୁଲ ପ୍ୟାକ୍ସ ଦ୍ୱାରା ପରିଚାଳିତ ମଣ୍ଡିରେ ଚାଷିଙ୍କ ଧାନ ପଡିଛି। ରୁଣ୍ଡିମହୁଲ ମଣ୍ଡିରେ ମଙ୍ଗଳବାର କ୍ରୟ ଦିବସର ୯ ଜଣ ଚାଷୀଙ୍କ ମଧ୍ୟରୁ ୪ ଜଣ ଚାଷୀଙ୍କ ଧାନ ଉଠିଥିଲା। ଚାଷୀ ଥବୀର ପ୍ରଧାନ, ମଧୁସୂଦନ ବାରିକଙ୍କ ଧାନ ଉଠିପାରି ନ ଥିବାରୁ ସେମାନେ ମଣ୍ଡିରେ ଜଗି ରହିଛନ୍ତି। ବୁଧବାର କ୍ରୟ ଦିବସର ୧୧ ଜଣ ଚାଷୀ ଧାନ ଧରି ମିଲରଙ୍କୁ ଅପେକ୍ଷା କରିଥିଲେ। ହେଲେ କୌଣସି ମିଲର ଏହି ମଣ୍ଡିକୁ ଗାଡି ପଠାଇ ନ ଥିଲେ। ଅପରପକ୍ଷରେ କିଛି ମଣ୍ଡିରେ ଚାଷୀ ମିଲରଙ୍କ ଅତିରିକ୍ତ କୁଇଣ୍ଟାଲ ପିଛା ୩ କେଜି କଟନୀଛଟନୀରେ ସହମତ ହୋଇଛନ୍ତି। ତଥାପି ମିଲରଙ୍କ ଗାଡିର ଦେଖା ଦର୍ଶନ ନାହିଁ। ଏ ନେଇ କୃଷକ ସଙ୍ଗଠକ ଆଦିତ୍ୟ ପ୍ରଧାନ କହିଛନ୍ତି ଯେ, ବାଧ୍ୟତାମୂଳକ ଭାବରେ ଚାଷୀଙ୍କଠାରୁ କୁଇଣ୍ଟାଲ ପିଛା ୩ କେଜି ଧାନ କାଟି ରଖିବା ସରକାରଙ୍କ ୫-ଟିକୁ ଉପହାସ କରୁଛି। ମାନ ଅନୁଯାୟୀ ଧାନ ପରୀକ୍ଷା ନ କରି ବିଭାଗ କ୍ରୟ କରୁଛି। ବହୁତ ମଣ୍ଡିକୁ ମିଲର ଆସି ନାହାନ୍ତି। ଅପରପକ୍ଷରେ ଜିଲା ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ପ୍ରଧାନ କହିଛନ୍ତି ଯେ, ବାଧ୍ୟତାମୂଳକ କଟନୀ ଛଟନୀ ନେଇ କୌଣସି ନିୟମ ନାହିଁ। ଅଭିଯୋଗ ମିଳିନାହିଁ। ଆସନ୍ତା ସପ୍ତାହ ଭିତରେ ଧାନ କ୍ରୟକୁ ନେଇ ଲାଗି ରହିଥିବା ଅବ୍ୟବସ୍ଥା ବ୍ୟବସ୍ଥିତ ହୋଇଯିବ।

## ଗାନ୍ଧୀ ସ୍ମୃତିଚାରଣ ମହୋତ୍ସବ ଉଦ୍‌ଯାପିତ

ସମ୍ବଲପୁର,୪।୧୨(ବ୍ୟୁରୋ)

ସମ୍ବଲପୁର ମହାନ୍ତିପଡାସ୍ଥିତ ଏକ କଲ୍ୟାଣ ମଣ୍ଡପ ପରିସରରେ ୨ ଦିନ ଧରି ଚାଲିଥିବା ଗାନ୍ଧୀ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ଉପସ୍ଥିତ ଅତିଥିମାନେ ମହାତ୍ମାଗାନ୍ଧୀଙ୍କ ସ୍ମୃତିଚାରଣ କରିଥିଲେ। ପୂର୍ବତନ ରାଜ୍ୟ ସଭା ସଦସ୍ୟ ପ୍ରମିଳା ବହିଦାର ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥିଭାବେ ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ମୁଖ୍ୟବକ୍ତାଭାବେ ସାହିତ୍ୟିକ ଦାଶ ବେନହୁର,ସମ୍ମାନନୀୟ ଅତିଥିଭାବେ ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ,ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ଛାତ୍ର ଜୀବନରେ ହିଁ ଗାନ୍ଧୀଙ୍କ ପ୍ରତିଭା ଦେଖା ଦେଇଥିଲା । ଯାହା ପରବର୍ତ୍ତୀ ସମୟରେ ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରି ଥିଲା । ଗାନ୍ଧିଜୀଙ୍କ ସତ୍ୟଶୀଳତା, କୃତଜ୍ଞତା, ଅହିଂସା ଓ ସକାରାତ୍ମକ ଚିନ୍ତାଧାରା ଉପରେ ଅତିଥିମାନେ ଆଲୋଚନା କରିଥିଲେ । ଅଶୋକ କୁମାର ସେନାପତି ଗାନ୍ଧୀମହୋତ୍ସବ ଉପରେ ସୂଚନା ଦେଇଥିଲେ । ହେମନ୍ତ କୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଲେଡିଲୁଇସ୍ ବାଳିକା ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଓ କଲ୍ୟାଣୀ ମିଶ୍ର ସମଲେଶ୍ୱରୀ ବନ୍ଦନା ଗାନ କରିଥିଲେ । ସେଣ୍ଟ ଯୋସେଫ କନଭେଣ୍ଟ ସ୍କୁଲର ଛାତ୍ରୀ ଖୁସୀ ଦାସ ଏବଂ ଚନ୍ଦ୍ରଶେଖର ବାଳିକା ବିଦ୍ୟାଳୟର ଛାତ୍ରୀ ସ୍ନେହା କୁମାରୀ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ସ୍ମୃତି କମିଟି ପକ୍ଷରୁ ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଡକ୍ଟର ପ୍ରତିଭା ଦେବୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଏମ୍‌ୟୁରେ ଛାତ୍ରୀଛାତ୍ରଙ୍କ ପାଇଁ ଲାଗିଲା ବାୟୋମେଟ୍ରିକ୍ସ

ସମ୍ବଲପୁର, ୪।୧୨ (ବ୍ୟୁରୋ)

ଛାତ୍ରୀଛାତ୍ରଙ୍କ ଉପସ୍ଥାନ ସକାଶେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ) ବିଭିନ୍ନ ବିଭାଗରେ ବାୟୋମେଟ୍ରିକ ମେଶିନ ଲଗାଯାଇଛି। ଏହି ଅତ୍ୟାଧୁନିକ ବାୟୋମେଟ୍ରିକ୍ସ ମେଶିନକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅତନୁ କୁମାର ପତି ଶୁଭାରମ୍ଭ କରିଥିଲେ । କୁଳସଚିବ ଗିରୀଶ ଚନ୍ଦ୍ର ସିଂ, ଉପକୁଳସଚିବ ଉମାଚରଣ ପତି, ପରୀକ୍ଷା ନିୟନ୍ତ୍ରକ ଡ. ହେମ କୁମାର ନାୟକ, ଅର୍ଥ ନିୟନ୍ତ୍ରକ ଡ. ଶ୍ୟାମାଚରଣ ଆଚାର୍ଯ୍ୟ, ସ୍ନାତକୋତ୍ତର କାଉନସିଲ ଅଧକ୍ଷ ଡ. ସଦନ କୁମାର ପଲ, ଡ. ଶିକତା ପଣ୍ଡା ଉପସ୍ଥିତ ଥିଲେ । ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ଉପସ୍ଥାନ ବୃଦ୍ଧି ପାଇବ ବୋଲି କୁଳପତି କହିଛନ୍ତି ।



ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରରେ କୁଳପତି ପ୍ରଫେସର ଅତନୁ କୁମାର ପତି ବାୟୋମେଟ୍ରିକ୍ସ ଶୁଭାରମ୍ଭ କରୁଛନ୍ତି ।

## ତୃତୀୟ ଗଡଜାତ ମହୋତ୍ସବ ପାଇଁ ଶୁଭଖୁଣ୍ଟି ସ୍ଥାପନ

ବୌଦ୍ଧ,୪।୧୨(ସ୍ୱ.ପ୍ର.)

ବୌଦ୍ଧ ଜିଲା ବୀରନରସିଂହପୁର ହାଇସ୍କୁଲ ପଡିଆଠାରେ ତୃତୀୟ ଗଡଜାତ ମହୋତ୍ସବ ପାଇଁ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ମହୋତ୍ସବ କମିଟିର ସଦସ୍ୟମାନଙ୍କ ଉପସ୍ଥିତିରେ ମହୋତ୍ସବ କମିଟିର ସଭାପତି ତଥା ହରଭଙ୍ଗା ବ୍ଲକ ଅଧକ୍ଷ ବିଶ୍ୱଜିତ ମିଶ୍ରଙ୍କ ଦ୍ୱାରା ଏହି ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। କମିଟିର ସଂପାଦକ ଦେବାଶିଷ ମହାକୁଡ, ନରେନ୍ଦ୍ର ସାହୁ, ପୂର୍ଣ୍ଣଚନ୍ଦ୍ର ଗାଈଗୌରିଆ, ଜୟ କିଶୋର ମିଶ୍ର ଓ କମିଟିର ଅନ୍ୟାନ୍ୟ ସଦସ୍ୟଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା ପରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା।



ସମ୍ବଲପୁର ମହାନ୍ତିପଡାରେ ଗାନ୍ଧୀମହୋତ୍ସବରେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି ।




ବୁଧବାର ରାତିରେ ଗୋଲବଜାରଠାରେ ସମ୍ବଲପୁର ସଚେତନ ନାଗରିକ ପରିଷଦ ପକ୍ଷରୁ ହାଇଦ୍ରାବାଦର ମହିଳା ଡାକ୍ତରାଣୀଙ୍କ ଗଣବଳାତ୍କାର ଓ ହତ୍ୟା ଘଟଣା ପ୍ରତିବାଦରେ ମହମବତି ଶୋଭାଯାତ୍ରା ।

# ଲଘୁ ଖଣିଜ ଚୋରି ରୋକିବାକୁ ଆସିବ ନୂଆ ନିୟମ

ଭୁବନେଶ୍ୱର,୪।୧୨ (ବ୍ୟୁରୋ)

କେବଳ ବଡ଼ ବଡ଼ ଖଣି ନୁହେଁ, ଲଘୁ ଖଣିଜ ପଦାର୍ଥ ଚୋରି ମଧ ରାଜ୍ୟରେ ଅତିମାତ୍ରାରେ ବୃଦ୍ଧି ପାଉଛି। ଏହାକୁ ନେଇ ଅନେକ ସମୟରେ ବିରୋଧୀ ଦଳ ସଦସ୍ୟମାନେ ବିଧାନଭାରେ ଉଦ୍‌ବେଗ ପ୍ରକାଶ କରିଆସୁଛନ୍ତି। ରାଜ୍ୟ ସରକାର ଏହି ଖଣିଜ ପଦାର୍ଥକୁ ଅତି ହାଲୁକା ଭାବେ ନେଉଥିବାରୁ ବହୁ କୋଟି ଟଙ୍କାର ରାଜସ୍ୱ କ୍ଷତି ହେଉଛି। ଚୋରି ରୋକିବା ପାଇଁ ରାଜ୍ୟ ସରକାର ଖୁବ୍‌ଶୀଘ୍ର ଓଡ଼ିଶା ଲଘୁ ଖଣିଜ ଚୋରି ଓ ଚୋରାଚାଲାଣ ରୁଲ୍-୨୦୧୯ (ଓଏମ୍‌ଏମ୍‌ପିସି) ଆଣିବାକୁ ଯାଉଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏ ନେଇ ଚିଠା(ଡ୍ରାଫ୍ଟ) ରୁଲ୍ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ଚିଠା ରୁଲ୍‌ରେ ଚୋରି ରୋକିବାକୁ ତହସିଲ ସ୍ତରରେ ଏନ୍‌ଫୋର୍ସମେଣ୍ଟ ସେଲ୍ କାର୍ଯ୍ୟକାରୀ ହେବ। ଜିଲାପାଳଙ୍କ ତତ୍ତ୍ୱାବଧାନରେ ଏହି ଏନ୍‌ଫୋର୍ସମେଣ୍ଟ କାର୍ଯ୍ୟ କରିବ। ବୃହତ୍ ଖଣିଜ ପଦାର୍ଥ ଭଳି ରାଜ୍ୟର ସମସ୍ତ ଲଘୁ ଖଣିଜ ପଦାର୍ଥ ପାଇଁ ପ୍ରତ୍ୟକ ଜିଲା ଅନୁଯାୟୀ ଯୋଜନା ପ୍ରସ୍ତୁତ ହେବ। ଏ ନେଇ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଲଘୁ ଖଣିଜ ପାଇଁ ଖଣି ନିର୍ଦ୍ଦେଶାଳୟ ଭଳି ଏକ ଲଘୁ ଖଣିଜ ନିର୍ଦ୍ଦେଶାଳୟ ଗଠନ କରାଯିବ। ସଚିବାଳୟରେ ଏହି ଖଣି ନିର୍ଦ୍ଦେଶାଳୟ କାର୍ଯ୍ୟ କରିବ। ଲଘୁ ଖଣିଜ ପଦାର୍ଥ ଚୋରି ରୋକିବା ପାଇଁ ୧୦ ଜଣ ଖଣି ଅଧିକାରୀଙ୍କୁ ନିଯୁକ୍ତି ଦିଆଯିବ। ସେମାନେ ୩୦ଟି ଜିଲା ଦାୟିତ୍ୱରେ ରହିବେ। ଅବସର ନେଇଥିବା ଖଣି ଅଧିକାରୀମାନଙ୍କୁ ପୁନଃ ନିଯୁକ୍ତି ଦିଆଯିବ। ସେମାନେ ନିୟମିତ ଜିଲା ପରିଦର୍ଶନ କରି ଲଘୁ ଖଣିଜ ପଦାର୍ଥ ଉପରେ ନଜର ରଖିବେ। ଲଘୁ ଖଣିଜ ପଦାର୍ଥ ତାଲିକାରେ ୩୧ଟି ଖଣିଜ ପଦାର୍ଥ ରହିଛି। ତେବେ ଓଡ଼ିଶାରେ ବାଲି, ମାଟି, ମୋରମ ଭଳି ୧୦ ପ୍ରକାରର ଲଘୁ ଖଣିଜ ପଦାର୍ଥ ଉପଲବ୍ଧ ହେଉଛି। ଖଣିଜ ପଦାର୍ଥ ଲିଜ୍ ନେବାକୁ ସରକାରୀ ଉଦ୍ୟୋଗଗୁଡିକୁ କୁହାଯାଇଛି। ଏହାଦ୍ୱାରା ଜନସାଧାରଣଙ୍କୁ ଲଘୁ ଖଣିଜ ପଦାର୍ଥ ସହଜରେ ମିଳି ପାରିବ। ନିକଟରେ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀଙ୍କ ଅଧକ୍ଷତାରେ ଏ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଲଘୁ ଖଣିଜ ପଦାର୍ଥ ଚୋରିକୁ ଯେପରି ସମ୍ପୂର୍ଣ୍ଣ ପ୍ରତିହତ କରାଯାଇପାରିବ ସେ ନେଇ ନୂତନ ନିୟମରେ ବ୍ୟବସ୍ଥା କରିବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି।

### ୧୦୮ ଏକର ଗଞ୍ଜେଇ ଚାଷ ନଷ୍ଟ

ମନମୁଣ୍ଡା, ୪।୧୨ (ଡି.ଏନ.ଏ.)

ବୌଦ୍ଧ ଜିଲା ମନମୁଣ୍ଡା ପୋଲିସ ବୁଧବାର ୧୦୮ ଏକର ଜମିରେ ହୋଇଥିବା ଗଞ୍ଜେଇ ଚାଷ ନଷ୍ଟ କରିଛି । ଏହି ଥାନା ବିଲାସପୁର ପଞ୍ଚାୟତ ଥାଙ୍ଗିପାଲି ଗ୍ରାମ୍ୟ ଜଙ୍ଗଲ (ପତିତ ଓ ଗୋଚର) ଜମିରେ ଏହି ଗଞ୍ଜେଇ ଚାଷ ହୋଇଥିଲା। ଏସ୍‌ପି ଭି. ରଘୁନାଥ କୌଣସି ସୂତ୍ରରୁ ଏ ନେଇ ସୂଚନା ପାଇବା ପରେ ତୁରନ୍ତ ନଷ୍ଟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଡିଏସପି ବିପିନ ବିହାରୀ ବେହେରାଙ୍କ ନେତୃତ୍ୱରେ ମନମୁଣ୍ଡା ଆଇଆଇସି ଗୋପୀନାଥ ପ୍ରଧାନ ପୋଲିସ ବଳ ସହ ଉକ୍ତ ଅଞ୍ଚଳରେ ଚଢାଉ କରିଥିଲେ। ଗଞ୍ଜେଇ ଗଛ ସବୁ ଶ୍ରମିକମାନଙ୍କ ଦ୍ୱାରା ମେସିନ ସାହାଯ୍ୟରେ କଟାଯାଇ ପୋଡା ଯାଇଥିଲା । ପ୍ରାୟ ୨ଲକ୍ଷ ୧୫ ହଜାର ୭ଶହଟି ଗଛ କଟାଯାଇଥିଲା, ଯାହାର ଅନୁମାନିକ ମୂଲ୍ୟ ପ୍ରାୟ ୨୨ କୋଟି ଟଙ୍କା ହେବ ବୋଲି ଆଇଆଇସି ପ୍ରଧାନ କହିଛନ୍ତି । ଏହି ଅଭିଯାନରେ ମନମୁଣ୍ଡା ଆରଆଇ ସୁରେନ୍ଦ୍ର କୁମାର ସାହୁ ଏବଂ ବନ ବିଭାଗ ସହଯୋଗ କରିଥିଲା।


## କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

### ଘୋଷଣା

File No. 328 / SLA /Dated: 02.10.2019

**No. V-78:-** ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୯ର ଅଧିନିୟମ ୭ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳ, କେନ୍ଦୁଝରଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ମୌଜା- ଜଗନ୍ନାଥପୁର, ଥାନା- ନଂ.୬୧, ତହସିଲ- ବଡ଼ବିଲ, ଜିଲ୍ଲା- କେନ୍ଦୁଝରରେ ନିମ୍ନସୂଚିତ 'କ' ତଫସିଲ ଜମି ଏହି ଆଇନ ୨୦୧୩ର ଧାରା ୨(୧) ପ୍ରକାରେ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଦୈତାରୀ-ବାଂଶପାଣି ଦୋହରୀକରଣ ନିର୍ମାଣ ନିମନ୍ତେ ୧.୦.୦୮୦ ଏକର ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (Right to Fair Compensation and Transparency in Land Acquisition, Rehabilitation & Resettlement Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୩୯/R&DM ତା୨୩।୦୪।୨୦୧୮ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା- ଜଗନ୍ନାଥପୁର, ଥାନା- ନଂ୬୧, ତହସିଲ- ବଡ଼ବିଲ, ଜିଲ୍ଲା- କେନ୍ଦୁଝରରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ, ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ।

ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ ଜିଲ୍ଲା ୱେବ୍‌ସାଇଟ୍ www.keonjhar.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ www.odisha.gov.in/revenueରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଅଧିକାରୀ, ବାଂଶପାଣି-ଦୈତାରୀ-ଟମକା-ଜଖପୁରା, କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ-କ
ଜିଲ୍ଲା- କେନ୍ଦୁଝର (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ) ତହସିଲ- ବଡ଼ବିଲ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| | | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | | ଏଥିସହିତ ସଂଲଗ୍ନ |

ତଫସିଲ-ଖ
ଜିଲ୍ଲା- କେନ୍ଦୁଝର (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ) ତହସିଲ- ବଡ଼ବିଲ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅନୁସୂଚିତ ଜମି ଅଧିଗ୍ରହଣ: (ମୌଜା- ଜଗନ୍ନାଥପୁର, ଥାନା- ନଂ.୬୧, ତହସିଲ- ବଡ଼ବିଲ, ଜିଲ୍ଲା- କେନ୍ଦୁଝର)

| କ୍ର.ନଂ. | ଖାତା ନଂ. | ପ୍ଲଟ୍ ନଂ. | ମୋଟ ରକବା | ଅର୍ଜନ ରକବା | ଖାତା ରୟତଙ୍କ ନାମ |
|---|---|---|---|---|---|
| ୧ | | | | | |
| | | ମୋଟ | | ୦.୦୮୦ | |

24045/14/0015/1920 ସ୍ୱା./- ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଦୈତାରୀ-ବାଂଶପାଣି ରେଳପଥ, କେନ୍ଦୁଝର



सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
cmpdi A Mini Ratna Company
CENTRAL MINE PLANNING & DESIGN INSTITUTE LIMITED
(A Subsidiary of Coal India Limited)
Regional Institute - VII, Near Gandhi Park,
Samantapuri, PO : RRL, Bhubaneswar - 751013 (Odisha)

**e-TENDER NOTICE**

Offers are invited for CMPDI, RI -VII, Samantapuri, Near Gandhi Park, Bhubaneswar through e-Tendering **(ON-LINE BIDDING)** only : **(1) Tender Notice No. CMPDI/RI-VII/BBSR/CIVIL/e-T/2019/ E-403161 Dt. 25.11.2019. Name of work :** Annual Maintenance Contract for housekeeping works at CMPDI Colony, Bhubaneswar. **Work value :** ₹ 9,12,751/-. **(2) Tender Notice No. CMPDI/RI-VII/ BBSR/CIVIL/e-T/2019/E-403157 Dt. 25.11.2019. Name of work :** Annual Maintenance Contract for housekeeping works at CMPDI Office Building, Bhubaneswar. **Work value :** ₹ 11,75,758/-. **Sale Period : 05.12.2019 to 20.12.2019 (For Sl. No. 1 & 2).** The details of the tenders are available on following website **www. cmpdi.co.in, www.eprocure.gov.in** and **https://coalindia tenders.nic.in**. Important Note to all prospective bidders : For On-line Bidding, the bidders should possess Class II/III Digital Signature Certificate (DSC) and enroll themselves at **https:// coalindiatenders.nic.in.** For any query, contact HOD (Civil), CMPDI, RI-VII, Bhubaneswar Mobile 9438881023, 9438881014 & Fax No. 0674 - 2394357.

**HOD (Civil)**



ପାୱାର୍ ଗ୍ରୀଡ୍ କର୍ପୋରେଶନ୍ ଅଫ୍ ଇଣ୍ଡିଆ ଲିମିଟେଡ୍
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଇଷ୍ଟର୍ନ ରିଜିଓନାଲ ଟେଲିକମ୍ କଣ୍ଟ୍ରୋଲ ସେଣ୍ଟର, ୧ମ ମହଲା
ସିଏଫ୍-୧୭, ଆକ୍ସନ୍ ଏରିଆ-୧ସି, ନ୍ୟୁ ଟାଉନ, ରାଜାରହାଟ, କୋଲକାତା-୭୦୦୧୫୬
ଟେଲି. ନଂ.୦୩୩-୨୩୨୪୨୮୪୦/୫୦, ଏକ୍ସଟେନ୍ସନ୍: ୧୦୧୫/୧୦୧୭
पावरग्रिड POWERGRID
CIN: L40101DL1989GOI038121

**ଆଗ୍ରହର ଅଭିବ୍ୟକ୍ତି ଆହ୍ୱାନକାରୀ ବିଜ୍ଞପ୍ତି** ତାରିଖ: ୦୫।୧୨।୨୦୧୯

ଇଆରଟିସିସି ଅଧୀନରେ ପଶ୍ଚିମବଙ୍ଗ, ସିକିମ୍, ଓଡ଼ିଶା, ଝାଡ଼ଖଣ୍ଡ, ବିହାର ଓ ଉତ୍ତର ପୂର୍ବାଞ୍ଚଳର ବିଭିନ୍ନ ସହର/ସ୍ଥାନଗୁଡ଼ିକରେ ଡାର୍କ ଫାଇବର୍ ଲିଙ୍କ୍ ସୂତ୍ରରେ ନେବା ପାଇଁ ଏଜେନ୍ସିଗୁଡ଼ିକର ତାଲିକାଭୁକ୍ତୀକରଣ ଲାଗି ଆଗ୍ରହର ଅଭିବ୍ୟକ୍ତି (ଇଓଆଇ) ଆମନ୍ତ୍ରଣ କରାଯାଉଛି। ଆଗ୍ରହୀ ପାର୍ଟିମାନେ ତା୦୬।୦୧।୨୦୨୦ରିଖ (ଇଓଆଇ ଜାରିରୁ ଏକମାସ) ପର୍ଯ୍ୟନ୍ତ ଇ-ପୋର୍ଟାଲ୍ **http://etender.powergrid.in** କିମ୍ବା ୱେବ୍‌ସାଇଟ୍ **www.powergridindia.com**ରୁ ଯୋଗ୍ୟତା ମାନଦଣ୍ଡ ସମେତ ଇଓଆଇ କାଗଜପତ୍ର ଡାଉନ୍‌ଲୋଡ୍ କରିପାରିବେ। ବିଡ୍ ସହିତ ଅନ୍ୟାନ୍ୟ କାଗଜପତ୍ର ହାର୍ଡ କପି ଆକାରରେ ଜଉମୁଦବିଆ ଲଫାପାରେ କୋଲକାତା କାର୍ଯ୍ୟାଳୟ / ଇ-ପୋର୍ଟାଲ୍ ମାଧ୍ୟମରେ ଅନଲାଇନ୍‌ରେ ତା୦୬।୦୧।୨୦୨୦ରିଖ ପୂର୍ବାହ୍ନ ୧୧.୦୦ ଘଟିକା ପୂର୍ବରୁ ଦାଖଲ କରାଯିବା ଆବଶ୍ୟକ ଏବଂ ଏହା ତା୦୬।୦୧।୨୦୨୦ରିଖ ୧୧.୩୦ ଘଟିକାରେ ଖୋଲାଯିବ।

ଡିଜିଏମ୍ (ଟେଲି-କଣ୍ଟ୍ରାକ୍ଟସ୍)

PG/ER/Tndr./19/arunsign

ପାୱାରଗ୍ରୀଡ୍- ଆପଣଙ୍କ ସମସ୍ତ "ପଏଣ୍ଟ-ଟୁ-ପଏଣ୍ଟ ଲିଜ୍ଡ ଲାଇନ, ଏମ୍‌ପିଏଲ୍‌ଏସ୍ ଭିପିଏନ୍ ଓ ଇଣ୍ଟରନେଟ୍ ଆବଶ୍ୟକତା" ପାଇଁ telecom-marketing@powergrid.co.inରେ ଯୋଗାଯୋଗ କରନ୍ତୁ



## ତହସିଲ କାର୍ଯ୍ୟାଳୟ, ବଁଅରପାଳ

ବିଜ୍ଞପ୍ତି ସଂଖ୍ୟା: ୪୮୯୭ ତାରିଖ: ୨୯।୧୧।୨୦୧୯

**ଲଘୁ ଖଣିଜ ସକାଶେ ଲିଜ୍ ଇସ୍ତାହାର**

**No. F-77:-** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଅନୁଗୋଳ ଜିଲ୍ଲା ଅଧୀନସ୍ଥ ବଁଅରପାଳ ତହସିଲ ଅନ୍ତର୍ଗତ ୨ଗୋଟି ଲଘୁ ଖଣିଜ ଦ୍ରବ୍ୟ (ପଥର)ର ଉତ୍ସକୁ ଲିଜ୍ ଆକାରରେ ବନ୍ଦୋବସ୍ତ କରିବା ପାଇଁ ଦରଖାସ୍ତ ଗ୍ରହଣ କରାଯାଉଅଛି। ଦରଖାସ୍ତ ଗ୍ରହଣର ଶେଷ ତାରିଖ ୧୫।୦୧।୨୦୨୦ ଅପରାହ୍ନ ୧ଘଟିକା ପର୍ଯ୍ୟନ୍ତ। ସୈରାତ ଉତ୍ସଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ ତଥା ଦରଖାସ୍ତ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଛୁଟିଦିନ ବ୍ୟତୀତ ଅନ୍ୟଦିନମାନଙ୍କରେ ତହସିଲ କାର୍ଯ୍ୟାଳୟ, ବଁଅରପାଳରେ ଏବଂ ଅନୁଗୁଳ ଜିଲ୍ଲା ୱେବ୍‌ସାଇଟ୍ (www.angul.nic.in)ରେ ଉପଲବ୍ଧ ହୋଇପାରିବ।

ସ୍ୱା./- ତହସିଲଦାର
ବଁଅରପାଳ

24078/11/0002/1920



ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LTD.
A GOVT. OF ODISHA UNDERTAKING
Office Of The Deputy General Manager (Electrical)
EHT (O&M) Division, Chatrapur, At-Puti-Gopalpur, Chatrapur,
Dist- Ganjam (Odisha),Pincode-761020 CIN:U40102OR2004SGC007553

**ସୂଚନା**

ଶ୍ରୀ ବାଲ୍ମୀକି ମହାରଣା, ହେଲ୍‌ପର
ଟି.ଏଲ୍.ସବ.ଡିଭିଜନ୍, ଗଞ୍ଜାମ

ଉକ୍ତ ବିଜ୍ଞାପନ ମାଧ୍ୟମରେ ତୁମକୁ ଜଣାଇ ଦିଆଯାଉଅଛି ଯେ ଗତ ତା.୧୩.୦୨.୨୦୦୬ ରିଖ ଠାରୁ ବିନା ଛୁଟି ଦରଖାସ୍ତ ଏବଂ ବିନା ଅନୁମତି ରେ କାର୍ଯ୍ୟ ରୁ ଅନୁପସ୍ଥିତ ଥିବାରୁ ଇତିମଧ୍ୟରେ କାର୍ଯ୍ୟାଳୟ ତରଫରୁ ବହୁବାର ତଲବ ସତ୍ତ୍ୱେ ତୁମେ କୌଣସି ଉତ୍ତର ଦେଲ ନାହିଁ, ତୁମ ଘର ଠିକଣାରେ ଯାଇଥିବା ଚିଠି ଗୁଡ଼ିକ ଫେରସ୍ତ ଆସୁଅଛି ।

ଗତ ତା.୧୯.୦୯.୨୦୦୭ ରେ ବିଶ୍ୱସ୍ତ ସୂତ୍ରରୁ ଏହି କାର୍ଯ୍ୟାଳୟ ଅବଗତ ହୋଇଅଛି ଯେ ତୁମେ ତୁମ ଗ୍ରାମର ଘର ବିକ୍ରୟ କରି କେଉଁଆଡେ ଚାଲି ଯାଇଅଛ । ଏହା ପରେ ଗତ ତା.୨୯.୧୦.୨୦୦୭ ରିଖରେ ପ୍ରକାଶିତ ଦୈନିକ ଓଡ଼ିଆ ଖବର କାଗଜ 'ସମ୍ବାଦ' ଓ 'ଅନୁପମ ଭାରତ' ମାଧ୍ୟମରେ ଅନୁପସ୍ଥିତ ସମ୍ବନ୍ଧରେ ଅବଗତ କରାଗଲା ତଥାପି ତୁମେ କାର୍ଯ୍ୟରେ ଯୋଗ ଦେଲ ନାହିଁ । ଏ ସମସ୍ତ ପ୍ରକ୍ରିୟା ପରେ ଗତ ତା.୦୫.୦୮.୨୦୧୯ ରିଖ ରେ ତୁମ ଘର ଠିକଣାରେ ଯାଇଥିବା ଚିଠି ଫେରସ୍ତ ଆସିଅଛି ।

ଏଣୁ ତୁମେ ଏହି ବିଜ୍ଞପ୍ତି ପ୍ରକାଶ ପାଇବା ଦିନ ଠାରୁ ପନ୍ଦର ଦିନ ଭିତରେ ଯଦି ତୁମ କାର୍ଯ୍ୟରେ ଯୋଗ ଦେଉ ନାହିଁ, ତାହା ହେଲେ ଧରି ନିଆହେବ ଯେ, ତୁମର ଏହି ଅନୁଷ୍ଠାନରେ ଚାକିରି କରିବା ଇଚ୍ଛା ନାହିଁ ଓ ତଦଅନୁଯାୟୀ ପରବର୍ତ୍ତୀ ତୁମ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

*Dy.General Manager*



## OFFICE OF THE NOTIFIED AREA COUNCIL, GOPALPUR

QUOTATION CALL NOTICE

**No. 1444** **Date: 04.12.19**

Sealed Quotations are invited from the intending suppliers/ authorized dealers/manufacturers/ Art Agency with registration/ for supply, fitting and installation of water fountains across bridge of children Park. The quotationer having update GST and PAN Clearance. The list of required items etc. along with terms and conditions of the quotation can be seen from the office of NAC Gopalpur during office hour from 10.00 AM to 5.00 PM (Excluding Govt. Holiday). The quotation will be received on or before 11.12.19 upto 1.00 PM by Registered Post/Speed Post only and the same will be opened on 11.12.19 at 4.00 PM in presence of the quotationers or their authorized representatives. The quotationers have to deposit 4,000/- (Non refundable) towards bid cost. The authority reserves the right to cancel any/ all the quotations without assigning any reason thereof.

**Sd./- Executive Officer, NAC Gopalpur**



**No. 985** ROURKELA SMART CITY LTD. **Date: 03.12.2019**

## REQUEST FOR PROPOSAL FOR

**No. C-366:-** Smart Road Phase-II Comprising Upgradation of 28Nos. of roads including Construction of Footpath, Cycle Track, Road Side Drain, Junction improvement, Underground ducting, Shifting of Utilities, Landscaping work, Street furniture and Street lighting in ABD area of Rourkela Smart City Limited Bid Id No. RSCL/825/2019, Dated 14.11.2019.

With reference to the above mentioned Bid-ID published vide on date: 14.11.2019 www.tendersodisha.gov.in, www. rmc.nic.in by Rourkela Smart City Limited. The bidders are requested to visit the website portal www.tendersodisha. gov.in for view of Pre-bid reply and Addendum.

13080/11/0011/1920 *Sd./- CEO, RSCL*



**STEEL AUTHORITY OF INDIA LIMITED**
**Rourkela Steel Plant**
Rourkela - 769 011, Odisha, India

No: PL-CRM/2294 Date : 21/11/2019

| To | Present Address | Permanent Address |
|---|---|---|
| Shri Harvinder Singh | Qrs.No.D/182, | At : Bhaklan |
| Pl.No. 928905 | Sector-8, | Po : Kotla Noudh Singh |
| Designation: Operator | Rourkela-769009 | PS : Hariana |
| Department: CRM | | Dist : Hoshiarpur, Punjab |

NOTICE

It is notified for your information that the Chargesheet bearing No. PL-CRM/1922, dated 21/09/2019 was issued to you under Clause 28(v) of the Certified Standing Orders of the Company which is reproduced below.

"Habitual absence from duty without leave"

The above charge is based on the following allegations:

You remained absent from duty without prior sanction of leave for a period of 77 days in different spells on the following days:

| Month & Year | Details of days absented | No. of days |
|---|---|---|
| July, 2019 | 01 to 31 | 31 |
| August, 2019 | 01 to 31 | 31 |
| September, 2019 | 01 to 15(up to 15/09/2019) | 15 |
| | Total days | 77 |

The above amounts to an act of misconduct in accordance with the Company's Standing Orders Clause 28(v) applicable to you.

The above Chargesheet was sent to your present and permanent addresses (as available in your service records). However, the chargesheet sent to your present and permanent addresses have returned back undelivered by the Postal Authorities with remarks "Addressee not available within 7 days & Address incomplete RTS" respectively. Hence this notice.

You are hereby called upon to submit your written explanation within 10 days from the date of publication of this notice. Any explanation that you make shall be taken into consideration before taking further action. However, if no explanation is received from you within the stipulated period or in case you deny the allegation set out in the above chargesheet, you are advised to appear before Mr.Somadutta Tripathy, Dy.Manager (PI) OD along with witnesses/documents, if any at 2nd Floor, Administration Building, Rourkela Steel Plant, Rourkela on 17/12/2019 at 10.30 AM who will enquire into the charge brought against you. You may bring a co-worker along with you to assist you in the enquiry if you so desire. If you fail to appear before the Enquiry Committee on the date, time and place mentioned above, the enquiry shall proceed without any further reference to you.

For Steel Authority of India Limited
Rourkela Steel Plant, Rourkela
AGM, CRM (Operation)

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
*There's a little bit of SAIL in everybody's life*

# ମିଶନ୍ ସୁବିଦ୍ୟା କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ



ଲୋକସେବା ଭବନ ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟ ଅଧିକାରୀ।

**ଭୁବନେଶ୍ୱର,୪।୧୨(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଲୋକସେବା ଭବନରୁ ମିଶନ୍ ସୁବିଦ୍ୟା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ରାଜ୍ୟର ଅନୁସୂଚିତ ଜାତି(ଏସ୍‌ସି), ଅନୁସୂଚିତ ଜନଜାତି(ଏସ୍‌ଟି) ହଷ୍ଟେଲଗୁଡ଼ିକରେ ସର୍ବନିମ୍ନ ସୁବିଧା ଉପଲବ୍ଧ କରାଇବା ପାଇଁ ଏହା କାର୍ଯ୍ୟ କରିବ। ଏଥିପାଇଁ ସଂପୃକ୍ତ ବିଭାଗ ପକ୍ଷରୁ ୩ଟି ଚୁକ୍ତି ସ୍ୱାକ୍ଷର କରାଯାଇଛି। ଏହି ସଂସ୍ଥାଗୁଡିକ ହେଉଛି– କ୍ୱାଲିଟି କାଉନସିଲ୍ ଅଫ୍ ଇଣ୍ଡିଆ, ଅକ୍ଷର ଫାଉଣ୍ଡେଶନ୍ ଏବଂ ଟ୍ରାଇଫେଡ୍।

କ୍ୱାଲିଟି କାଉନସିଲ୍ ଅଫ୍ ଇଣ୍ଡିଆ ପକ୍ଷରୁ ବହୁମୁଖୀ ସମୀକ୍ଷା କରାଯିବା ସହ ଏସ୍‌ଟିଏସ୍‌ସି ହଷ୍ଟେଲଗୁଡ଼ିକର ଗୁଣାତ୍ମକ ଦିଗ ବଜାୟ ରଖିବା ଦିଗରେ ଚେଷ୍ଟା କରିବ। ଏହି ହଷ୍ଟେଲଗୁଡ଼ିକୁ ଆଇଏସ୍‌ଓ:୯୦୦୧ ପ୍ରମାଣପତ୍ର ପାଇବା ଦିଗରେ ଏହା ସହାୟକ ହେବ ବୋଲି କୁହାଯାଇଛି। ସେହିପରି ଅକ୍ଷର ଫାଉଣ୍ଡେଶନ୍ ଗୁଣାତ୍ମକ ଶିକ୍ଷାର ଉପଲବ୍ଧି ସମ୍ପର୍କିତ କାର୍ଯ୍ୟ କରିବ। ପ୍ରଥମ ପର୍ଯ୍ୟାୟରେ ଏହି କାର୍ଯ୍ୟକ୍ରମ ଜରିଆରେ ୨ ଲକ୍ଷରୁ ଅଧିକ ଛାତ୍ରୀଛାତ୍ରଙ୍କୁ ସାମିଲ କରିବା ପାଇଁ ଚେଷ୍ଟା କରାଯାଉଛି। ଅନୁରୂପଭାବେ ଟ୍ରାଇଫେଡ୍ ମାର୍କେଟ ଲିଙ୍କିଙ୍ଗ୍ କରିବା ସହ ବିଭିନ୍ନ ଆଦିବାସୀ ଉତ୍ପାଦ ଏବଂ ଉଦ୍ୟୋଗରେ ସହାୟତା ପ୍ରଦାନ କରିବ। କାର୍ଯ୍ୟକ୍ରମର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ମିଶନ୍ ସୁବିଦ୍ୟା କାରଣରୁ ଏସ୍‌ଟିଏସ୍‌ସି ହଷ୍ଟେଲଗୁଡ଼ିକରେ ଗୁଣାତ୍ମକ ସୁବିଧାସୁଯୋଗ ଉପଲବ୍ଧ ହୋଇପାରିବ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମିଶନ୍‌ର ଲୋଗୋ ଉନ୍ମୋଚନ କରାଯାଇଥିଲା। ଏହି ମିଶନ ସମ୍ପର୍କିତ ଏକ କ୍ଷୁଦ୍ର ଫିଲ୍ମ ମଧ୍ୟ ପରିବେଷଣ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବାଥୁଡି ଏବଂ ଗଣ୍ଡିଆ ସମ୍ପ୍ରଦାୟଙ୍କ ଉପରେ ଏକ ବୁକ୍‌ଲେଟ୍ ମଧ୍ୟ ଉନ୍ମୋଚନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ରାଜ୍ୟରେ ୬୫୦୦ ହଷ୍ଟେଲରେ ପ୍ରାୟ ୫.୭ ଲକ୍ଷ ଛାତ୍ରୀଛାତ୍ର ହଷ୍ଟେଲରେ ରହୁଛନ୍ତି।

# ରେଳ ଷ୍ଟେଶନରେ ଯାତ୍ରୀ ପାଇବେ ସ୍ୱାସ୍ଥ୍ୟକର ଖାଦ୍ୟ

**ଭୁବନେଶ୍ୱର, ୪।୧୨(ବ୍ୟୁରୋ)**

- ମାନ ପରୀକ୍ଷଣ କରିବ ଏଫ୍‌ଏସ୍‌ଏସ୍‌ଏଆଇ
- ମୁମ୍ବାଇ ସେଣ୍ଟ୍ରାଲ ପ୍ରଥମ 'ଇଟ୍ ରାଇଟ୍ ଷ୍ଟେଶନ'

ଏଣିକି ରେଳ ଷ୍ଟେଶନରେ ଯାତ୍ରୀଙ୍କୁ ମିଳିବ ସୁରକ୍ଷିତ ତଥା ସ୍ୱାସ୍ଥ୍ୟକର ଖାଦ୍ୟ। ଏହା ଉପରେ ଏବେ ଭାରତୀୟ ରେଳପଥ ଗୁରୁତ୍ୱ ଦେଇଛି। ଏନେଇ 'ଇଟ୍ ରାଇଟ୍ ଷ୍ଟେଶନ' ନାମରେ ନୂଆ ଅଭିଯାନ ଆରମ୍ଭ ହୋଇଛି। ଏଥିରେ ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ (ଏଫ୍‌ଏସ୍‌ଏସ୍‌ଏଆଇ) ରେଳ ଷ୍ଟେଶନଗୁଡ଼ିକରେ ବିକ୍ରି ହେଉଥିବା ଖାଦ୍ୟର ମାନ ପରୀକ୍ଷଣ କରି 'ଇଟ୍ ରାଇଟ୍ ଷ୍ଟେଶନ' ସାର୍ଟିଫିକେଟ ଦେଉଛି। ଖାଦ୍ୟ ପ୍ରସ୍ତୁତି, ବିକ୍ରି, ସ୍ୱଚ୍ଛତା, ବର୍ଜ୍ୟ ପରିଚାଳନା, ଆଞ୍ଚଳିକ ଖାଦ୍ୟ ସାମଗ୍ରୀର ପ୍ରୋତ୍ସାହନ ଆଦିକୁ ମାନଦଣ୍ଡ ରୂପେ ନିଆଯାଉଛି। ଏଥିପାଇଁ ଏଫ୍‌ଏସ୍‌ଏସ୍‌ଏଆଇ ପକ୍ଷରୁ ପ୍ରଥମେ ତାଲିମ୍ ଦିଆଯାଉଛି। ନିର୍ଦ୍ଧାରିତ ସମୟ ବ୍ୟବଧାନରେ ଯାଞ୍ଚ ଓ ପରୀକ୍ଷା କରାଯାଇ ତାରକା ରେଟିଂ ସହ ସାର୍ଟିଫିକେଟ୍ ପ୍ରଦାନ କରାଯାଉଛି। ମଙ୍ଗଳବାର ଦକ୍ଷିଣ ରେଳପଥର ମୁମ୍ବାଇ ସେଣ୍ଟ୍ରାଲ ରେଳ ଷ୍ଟେଶନ ଏହି ସାର୍ଟିଫିକେଟ୍ ହାସଲ କରିଛି। ପରବର୍ତ୍ତୀ ସମୟରେ ଦେଶର ପ୍ରମୁଖ ରେଳ ଷ୍ଟେଶନଗୁଡ଼ିକ ଏହି ପ୍ରକ୍ରିୟାରେ ସାମିଲ ହେବେ। ଷ୍ଟେଶନରେ ଯାତ୍ରୀ ଖାଉଥିବା ଖାଦ୍ୟ ସ୍ୱାସ୍ଥ୍ୟକର ବୋଲି ପ୍ରମାଣିତ କରିବା ହେଉଛି ଏହି ଅଭିଯାନର ମୂଳ ଲକ୍ଷ୍ୟ ବୋଲି ରେଳମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି।

# ୩୧,୧୮୮ ଚାଷୀ ୨୧,୧୯,୫୦୧ କୁଇଣ୍ଟାଲ ଧାନ ବିକିଲେ

**ଭୁବନେଶ୍ୱର, ୪।୧୧(ବ୍ୟୁରୋ)**

**୨୦୧୯-୨୦ ପାଇଁ ଖରିଫ୍ ଧାନ ସଂଗ୍ରହ**

୨୦୧୯–୨୦ ଖରିଫ୍ ଧାନ ସଂଗ୍ରହ ବର୍ଷର ମଙ୍ଗଳବାର ସୁଦ୍ଧା ୩୧ ହଜାର ୧୮୮ ଜଣ ଚାଷୀ ମୋଟ ୨୧ ଲକ୍ଷ ୧୯ ହଜାର ୫୦୧ କୁଇଣ୍ଟାଲ୍ ବିଭିନ୍ନ ଧାନ ସଂଗ୍ରହ କେନ୍ଦ୍ରରେ ବିକ୍ରି କରିଛନ୍ତି, ଯାହାକି ଗତବର୍ଷ ତୁଳନାରେ ୧୩ପ୍ରତିଶତ ଅଧିକ। ୨୦୧୮ ଡିସେମ୍ବର ୩ ତାରିଖ ସୁଦ୍ଧା ମୋଟ ୧୮ ଲକ୍ଷ ୭୮ ହଜାର ୮୭୧ କୁଇଣ୍ଟାଲ୍ ଧାନ ସଂଗ୍ରହ ହୋଇଥିଲା। ଧାନ ସଂଗ୍ରହ କାର୍ଯ୍ୟକ୍ରମକୁ ସ୍ୱଚ୍ଛ ଓ ବ୍ୟବସ୍ଥିତ କରିବା ପାଇଁ ଅନ୍‌ଲାଇନ୍‌ରେ ପଞ୍ଜୀକୃତ ଚାଷୀମାନଙ୍କୁ ଆଗୁଆ ଟୋକନ୍ ବ୍ୟବସ୍ଥା ପି– ପାସ୍ ଜରିଆରେ କରାଯାଉଛି। ବର୍ତ୍ତମାନ ସୁଦ୍ଧା ୧୭ଟି ଜିଲାରେ ୯୬୬ଟି ଧାନ ସଂଗ୍ରହ କେନ୍ଦ୍ରରୁ ୧ ଲକ୍ଷ ୫୨ ହଜାର ୯୭୫ ଜଣ ଚାଷୀଙ୍କୁ ୨ ଲକ୍ଷ ୫ ହଜାର ୬୦୧ ଆଗୁଆ ଟୋକନ୍ ଦିଆଯାଇଛି।

ଅଧିକ ଧାନ ସଂଗ୍ରହ ହୋଇଥିବା ଜିଲାଗୁଡ଼ିକ ମଧ୍ୟରେ ବରଗଡ଼ରେ ୧୬ ହଜାର ୨୩ ଜଣ ଚାଷୀ ୧୧ ଲକ୍ଷ ୩୮ ହଜାର ୬୧୬ କୁଇଣ୍ଟାଲ୍ ଧାନ ବିକ୍ରି କରିଥିବା ବେଳେ ବଲାଙ୍ଗୀର ଜିଲାର ୨୦୭୭ ଜଣ ଚାଷୀ ୧ ଲକ୍ଷ ୪୬ ହଜାର ୫୯ କୁଇଣ୍ଟାଲ୍, କଳାହାଣ୍ଡି ଜିଲାର ୩୫୦୫ ଜଣ ଚାଷୀ ୨ ଲକ୍ଷ ୩୨ ହଜାର ୬୧୧ କୁଇଣ୍ଟାଲ, ମାଲକାନଗିରି ଜିଲାର ୨୮୭୭ ଜଣ ଚାଷୀ ୧ ଲକ୍ଷ ୫ ହଜାର ୯୫୬ କୁଇଣ୍ଟାଲ୍, ନୂଆପଡ଼ା ଜିଲାର ୧୭୮୬ ଜଣ ଚାଷୀ ୬୯ ହଜାର ୫୪୩ କୁଇଣ୍ଟାଲ୍, ସମ୍ବଲପୁର ଜିଲାର ୨୫୩୪ ଜଣ ଚାଷୀ ୨ ଲକ୍ଷ ୩୩ ହଜାର ୭୩୦ କୁଇଣ୍ଟାଲ ଏବଂ ସୁବର୍ଣ୍ଣପୁର ଜିଲାର ୧୯୨୧ ଜଣ ଚାଷୀ ୧ ଲକ୍ଷ ୬୬ ହଜାର ୩୧୪ କୁଇଣ୍ଟାଲ ଧାନ ବିଭିନ୍ନ ପ୍ୟାକସ୍‌ରେ ଧାନ ବିକ୍ରି କରିଛନ୍ତି।

### ଖରିଫ୍ ଋତୁ ଧାନ ସଂଗ୍ରହ ୨୦୧୯-୨୦

# ୧୩୦୦ରୁ ଅଧିକ ଚାଷୀଙ୍କ ସହ ଫୋନ୍ ଯୋଗେ କଥାବାର୍ତ୍ତା

**ଭୁବନେଶ୍ୱର,୪।୧୨(ବ୍ୟୁରୋ)**

ଧାନ ସଂଗ୍ରହ କିପରି ଚାଲୁଛି, ସେ ସମ୍ପର୍କରେ ପ୍ରତ୍ୟକ୍ଷ ଖବର ନେବା ପାଇଁ ଏଯାବତ୍ ୧୩୦୦ରୁ ଅଧିକ ଚାଷୀଙ୍କ ସହ କଲ୍‌ସେଣ୍ଟର ଜରିଆରେ କଥାବାର୍ତ୍ତା କରାଯାଇଥିବା ଜଣାପଡିଛି। ଚଳିତ ଖରିଫ୍ ଋତୁ ୨୦୧୯–୨୦ରେ ଧାନ ସଂଗ୍ରହ କାର୍ଯ୍ୟ ଗତ ନଭେମ୍ବରରୁ ଆରମ୍ଭ ହୋଇଛି। ଗତ ୩୦ ତାରିଖରେ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ କାର୍ଯ୍ୟାଳୟସ୍ଥିତ କଲ୍‌ସେଣ୍ଟରରୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ୨୦ ଜଣ ଚାଷୀଙ୍କ ସହ ଫୋନ ଯୋଗେ ଧାନ ସଂଗ୍ରହ କାର୍ଯ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଚାଷୀମାନେ ମୁଖ୍ୟତଃ ସମ୍ବଲପୁର, ବରଗଡ଼, ନୂଆପଡ଼ା, କଳାହାଣ୍ଡି ଓ ମାଲକାନଗିରି ଜିଲାର ଥିଲେ।

ସେହିପରି ଡିସେମ୍ବର ପହିଲାରେ କଲ୍‌ସେଣ୍ଟର ଜରିଆରେ ବରଗଡ଼, କଳାହାଣ୍ଡି, ସୁବର୍ଣ୍ଣପୁର ଓ ସମ୍ବଲପୁରର ୪୧୫ ଚାଷୀଙ୍କୁ ସେମାନଙ୍କର ପଞ୍ଜୀକୃତ ମୋବାଇଲ୍ ନମ୍ବର ଯୋଗେ ଧାନ ସଂଗ୍ରହ କାର୍ଯ୍ୟ, ବିକ୍ରି ବାବଦ ଅର୍ଥ ବ୍ୟାଙ୍କ ଆକାଉଣ୍ଟରେ ପ୍ରଦାନ ଏବଂ ଆଗୁଆ ଟୋକନ ପାଇବା ସମ୍ପର୍କରେ ଅଧିକାରୀମାନେ ପଚାରି ବୁଝିଥିଲେ। ସେମାନଙ୍କ ମଧ୍ୟରୁ ୪୦୮ ଚାଷୀ ଆଗୁଆ ଟୋକନ ପାଇଥିବା ଓ ୩୫୮ ଜଣ ସେହିଦିନ ସନ୍ଧ୍ୟା ସୁଦ୍ଧା ବ୍ୟାଙ୍କ ଆକାଉଣ୍ଟ ଜରିଆରେ ଅର୍ଥ ପାଇଥିବା ଏବଂ ୩୮୦ଜଣ ଧାନ ସଂଗ୍ରହ କେନ୍ଦ୍ରର କାର୍ଯ୍ୟଧାରା ସମ୍ପର୍କରେ ସନ୍ତୋଷ ପ୍ରକାଶ କରିଥିଲେ। ଡିସେମ୍ବର ୨ରେ ବରଗଡ଼, କଳାହାଣ୍ଡି ଓ ସମ୍ବଲପୁରର ୭୦୫ ଚାଷୀଙ୍କ ସହ କଥାବାର୍ତ୍ତା କରାଯାଇଥିଲା। ତନ୍ମଧ୍ୟରୁ ୬୫୫ ଜଣ ସେହିଦିନ ସନ୍ଧ୍ୟା ସୁଦ୍ଧା ଧାନ ବିକ୍ରି ଅର୍ଥ ପାଇଥିବା ଜଣାପଡିଛି। ସେହିପରି ୬୯୨ ଜଣ ଆଗୁଆ ଟୋକନ ପାଇଥିବା ଏବଂ ୬୭୬ ଧାନ ସଂଗ୍ରହ କେନ୍ଦ୍ରରେ ସୁବିଧାରେ ଧାନ ବିକିଛନ୍ତି। ଡିସେମ୍ବର ୩ରେ ବରଗଡ଼, ନୂଆପଡ଼ା, ସମ୍ବଲପୁର, ବଲାଙ୍ଗୀର ଓ ମାଲକାନଗିରିର ୨୬୭ ଚାଷୀ ଫୋନ ମାଧ୍ୟମରେ କଥା ହୋଇଥିଲେ। ତନ୍ମଧ୍ୟରୁ ୨୨୯ ଚାଷୀ ସେହିଦିନ ସନ୍ଧ୍ୟା ସୁଦ୍ଧା ବ୍ୟାଙ୍କ ଆକାଉଣ୍ଟ ଯୋଗେ ଅର୍ଥ ପାଇଥିଲେ। ଅନୁରୂପଭାବେ ୨୬୬ ଜଣ ଆଗୁଆ ଟୋକନ ପାଇଥିବା ଏବଂ ୨୫୦ ଜଣ ଧାନ ସଂଗ୍ରହ ବାବଦରେ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ନେଇ ସନ୍ତୋଷ ବ୍ୟକ୍ତ କରିଥିଲେ।

































# ଦିଲ୍ଲୀରୁ ୧.୨ କୋଟି ଟଙ୍କାର ସିଗାରେଟ୍ ଜବତ

## ଚୋରି ଉପକରଣ ରଖି ୨ ଜଣ ଜେଲ ଗଲେ

**ଖୋର୍ଦ୍ଧା ଅଫିସ/ଟାଙ୍ଗୀ,୪।୧୨(ଡି.ଏନ୍.ଏ.)**




ଜବତ ସିଗାରେଟ୍ ସହ ଗିରଫ ଦୁଇ ଅଭିଯୁକ୍ତ।

ଖୋର୍ଦ୍ଧା ପୋଲିସ ଜିଲା ଟାଙ୍ଗୀ ଥାନା ଉଗ୍ରତାର ଛକଠାରୁ ଲୁଟ୍ ହୋଇଥିବା ୧.୨ କୋଟି ଟଙ୍କାର ସିଗାରେଟ୍ ଦିଲ୍ଲୀରୁ ଜବତ ହୋଇଛି। ତେବେ ଦୁର୍ବୃତ୍ତମାନେ ଧରା ପଡି ନ ଥିବାବେଳେ ଚୋରି ଉପକରଣ ରଖି ଦିଲ୍ଲୀର ୨ଜଣ ବ୍ୟବସାୟୀ ଫସିଛନ୍ତି। ଖୋର୍ଦ୍ଧାର ୩ ଜଣିଆ ସ୍କ୍ୱାଡ ଏହି ଦୁଇ ବ୍ୟବସାୟୀଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ମଧ୍ୟପ୍ରଦେଶ ଇନ୍ଦୋର ଜିଲା ଚନ୍ଦନନଗର ଥାନା ସେକ୍ଟର ବି ଘର ନଂ. ୧୭୩୨ର ଅମିତ୍ ଚୋପ୍ରା(୩୭) ଓ ଭାବରକୁଆଁ ଥାନା କୌଶଲ୍ୟାପୁରୀ ନେମାମ୍ବର ରୋଡର ଅମିତ ଚୌଧୁରୀ(୪୦)ଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି। ଖୋର୍ଦ୍ଧା ପୋଲିସ ମୁଖ୍ୟାଳୟରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଅଜୟ ପ୍ରସାଦ ସ୍ୱାଇଁ ଏହି ସୂଚନା ଦେଇଛନ୍ତି।

ନଭେମ୍ବର ୪ ସନ୍ଧ୍ୟାରେ ଟାଙ୍ଗୀ ଥାନା ୧୬ ନଂ. ଜାତୀୟ ରାଜପଥର ଉଗ୍ରତାରା ଛକରୁ କଣ୍ଟେନର ସହ ୩୨୦ କାର୍ଟୁନ ସିଗାରେଟ୍ ଲୁଟ୍ ହୋଇଥିଲା। ଏହାର ଦାମ ୧ କୋଟି ୪୭ ଲକ୍ଷ ୪୦ ହଜାର ୧୩୦ ଟଙ୍କା ହେବ। ଯାହାକି ହାଇଦ୍ରାବାଦରୁ କଲିକତା ଯାଉଥିଲା। ୮ ଲୁଟେରା ୧୦ ଚକିଆ ଟ୍ରକକୁ ସିଗାରେଟ୍ ବୋଝେଇ ଟ୍ରକ ସମ୍ମୁଖରେ ରଖି ଅଟକାଇଥିଲେ। ପରେ ଡ୍ରାଇଭର ସହ ସିଗାରେଟ୍ ବୋଝେଇ କଣ୍ଟେନରକୁ ହାଇଜାକ୍ କରିଥିଲେ। କିଛି ବାଟ ଯିବା ପରେ ଉଗ୍ରତାର ଜଙ୍ଗଲର ଏକ ଗଛରେ ଡ୍ରାଇଭରଙ୍କୁ ବାନ୍ଧି ଦେଇଥିଲେ। କଣ୍ଟେନରରୁ ୩୨୦ କାର୍ଟୁନ ସିଗାରେଟ୍ କାଢ଼ି ନିଜେ ଆଣିଥିବା ୧୦ ଚକିଆ ଟ୍ରକରେ ଲୋଡ ପରି ଚାଲି ଯାଇଥିଲେ। ଘଟଣାସ୍ଥଳରୁ ଡ୍ରାଇଭର ଆସି ପୋଲିସକୁ ଜଣାଇଥିଲେ। ଲୁଟ୍ ପରେ ଜିଓ ଫାଷ୍ଟ ଟ୍ରାନ୍ସପୋର୍ଟ କମ୍ପାନୀର ମ୍ୟାନେଜର ସନ୍ଦୀପ କସେରାଙ୍କ ଅଭିଯୋଗକ୍ରମେ ପୋଲିସ ଦଫା ୩୯୫ ଆଇପିସିରେ ନଂ. ୩୨୫/୧୯ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ଲୁଟ୍‌ର ପର୍ଦ୍ଦାଫାଶ ଓ ଦୁର୍ବୃତ୍ତଙ୍କୁ ଧରିବାକୁ ପୋଲିସ ପକ୍ଷରୁ ଏକ ୩ ଜଣିଆ ଟିମ୍ ଗଠନ କରାଯାଇଥିଲା। ଏଥିରେ ବାଲୁଗାଁ ଏସ୍‌ଡିପିଓ, ଆଇଆଇସି ଟାଙ୍ଗୀ ଓ ସାଇବର କନଷ୍ଟେବଲ ଗହ୍ଲୁରୁଦ୍ଦିନ ଖାନ ସାମିଲ ହୋଇ ଲୁଟ୍‌ର ଧରପଗଡ କାର୍ଯ୍ୟରେ ଲାଗି ପଡିଥିଲେ। ଟିମ୍ ଇନ୍ଦୋରସ୍ଥିତ ପୀତାମ୍ବର ରାମ ରତନ ପଟେଲ କଲୋନୀରୁ ଅମିତ୍ ଚୋପ୍ରା ଓ ଅମିତ୍ ଚୌଧୁରୀ ଭଡାରେ ନେଇଥିବା ଗୋଦାମରୁ ୧୦ ଲକ୍ଷ ଟଙ୍କା ସହ ଚୋରି ଯାଇଥିବା ୨୩୮ କାର୍ଟୁନ ସିଗାରେଟ୍ ଜବତ କରିଥିଲେ। ତଦନ୍ତରୁ ସିଗାରେଟ୍ ବିକ୍ରି ଅର୍ଥ ୧୦ ଲକ୍ଷ ଟଙ୍କା ସହ ସିଗାରେଟ୍ ମିଶି ଦୁଇ ବ୍ୟବସାୟୀଙ୍କଠାରୁ ୧ କୋଟି ୨ ଲକ୍ଷ ୮ ହଜାର ୧୭୫ ଟଙ୍କା ଜବତ କରାଯାଇଥିଲା।

### ଲୁଟ୍‌ରେ ନିୟୋଜିତ କଞ୍ଜର ସମ୍ପ୍ରଦାୟ

**ସିଗାରେଟ୍, ଔଷଧ ଲୁଟ୍ କରିବା ବେଉସା**

ମଧ୍ୟପ୍ରଦେଶର ଇନ୍ଦୋର ନିକଟସ୍ଥ ଦେୱାସରେ ରହୁଛନ୍ତି କଞ୍ଜର ସମ୍ପ୍ରଦାୟ। ଏମାନେ ପୁରୁଷମାନେ ଔଷଧ, ସିଗାରେଟ୍ ବୋଝେଇ ଟ୍ରକକୁ ଲୁଟ୍ କରିବା ସେମାନଙ୍କର ବେଉସା। ସେମାନେ ଔଷଧ ଓ ସିଗାରେଟ୍ ଲୁଟ ସାରା ଭାରତରୁ କରି ଆସୁଛନ୍ତି। ୨୦୧୮ରେ ଯାଜପୁରରୁ ୧୨ କୋଟି ଟଙ୍କାର ସିଗାରେଟ୍ ବୋଝେଇ ଟ୍ରକ ଲୁଟ୍ ହୋଇଥିଲା। ସେହିପରି ଭଦ୍ରକ ଧାମନଗରରେ ଗୋଟିଏ ଦିନରେ ୨ଟି ଟ୍ରକ୍‌ରୁ ୧୪ କୋଟି ଟଙ୍କାର ସିଗାରେଟ୍ ଲୁଟି ନେଇଥିଲେ। ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଞ୍ଚଳରୁ ଅଢ଼େଇ କୋଟି ଟଙ୍କାର ସିଗାରେଟ୍ ୨୦୧୮ରେ ଲୁଟିଥିଲେ। ଏହି ସମ୍ପ୍ରଦାୟର ଲୁଟେରାଙ୍କୁ ଭାରତର ବିଭିନ୍ନ ଥାନା ପୋଲିସ ଗିରଫ କରିବାକୁ ଚେଷ୍ଟା କରୁଥିଲେ ମଧ୍ୟ ଟେର ପାଉ ନ ଥିବା ଜଣେ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି।

# ୩ ମାସ ଧରି ନାବାଳିକାଙ୍କୁ ବଳାତ୍କାର

## ଜାଲ ବିଛାଇ ଅଭିଯୁକ୍ତଙ୍କୁ ଧରିଲା ପୋଲିସ

**ଧାମନଗର, ୪।୧୨ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଧୂଷୁରୀ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ୩ ମାସ ଧରି ବଳାତ୍କାର କରାଯିବା ଘଟଣା ପଦାକୁ ଆସିଛି। ଅଭିଯୁକ୍ତ ଯୁବକ ଏହି ନାବାଳିକାଙ୍କୁ ବଳାତ୍କାର କରିବାର ଦୃଶ୍ୟ ମୋବାଇଲରେ ରେକର୍ଡିଂ କରି ତାଙ୍କୁ ବ୍ଲାକ୍‌ମେଲିଂ କରିଆସୁଥିଲେ। ଏ ସମ୍ପର୍କରେ ଜାଣିବା ପରେ ପୀଡ଼ିତାଙ୍କ ମା' ପୋଲିସର ଦ୍ୱାରସ୍ଥ ହୋଇଛନ୍ତି। ଧୂଷୁରୀ ଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରି ବୁଧବାର ସନ୍ଧ୍ୟାରେ ଅଭିଯୁକ୍ତ ଯୁବକଙ୍କୁ ଥାନାରେ ରଖି ପଚରାଉଚରା କରୁଛି। ତଦନ୍ତ ପରେ ଖୁବ୍‌ଶୀଘ୍ର ଏ ଦିଗରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି। ପୀଡ଼ିତାଙ୍କ ମା' ଥାନାରେ ଦେଇଥିବା ଏତଲା ଭିତ୍ତିରେ ପୋଲିସ ଏକ ମାମଲା(ନଂ.୨୩୭/୧୯) ରୁଜୁ କରିଛି। ରାଜ୍ୟ ସମେତ ସାରା ଦେଶରେ ନାରୀ ନିର୍ଯାତନା ଓ ଗଣବଳାତ୍କାର ଭଳି ଅପରାଧ ଘଟୁଥିବା ବେଳେ ଧୂଷୁରୀ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ୩ ମାସ ଧରି ବଳାତ୍କାର କରାଯିବା ଘଟଣା ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି।

ପୀଡ଼ିତାଙ୍କ ମା' ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ୩ ମାସ ତଳେ ଘରେ ଝିଅକୁ ଛାଡ଼ି ସେ ବାପଘରକୁ ଯାଇଥିଲେ। ଏହାର ସୁଯୋଗରେ ପଡ଼ୋଶୀ ପରିବାରର ଜଣେ ଯୁବକ ତାଙ୍କ ଘରକୁ ଯିବାଆସିବା କରି ଝିଅ ସହିତ ସମ୍ପର୍କ ବଢାଇ ପରେ ପ୍ରେମ ନିବେଦନ କରିଥିଲେ। ସେ ରାଜି ନ ହେବାରୁ ତାଙ୍କୁ ଜବରଦସ୍ତ ଉଠାଇନେଇ ବଳାତ୍କାର କରିବା ସହ ଏହାର ଭିଡିଓ ରେକର୍ଡିଂ କରି ରଖିଥିଲେ। ଏହି ଭିଡିଓକୁ ଭାଇରାଲ କରିଦେବା ଭୟ ଦେଖାଇ ସେ ତାଙ୍କ ଝିଅକୁ ୩ ମାସ ଧରି ବଳାତ୍କାର କରିଆସୁଥିଲେ। ପୀଡ଼ିତାଙ୍କ ମା' ଏକଥା ଜାଣି ସମ୍ପୃକ୍ତ ଯୁବକଙ୍କ ପରିବାରକୁ ପଚାରିବାରୁ ତାଙ୍କୁ ଆକ୍ରମଣ ସହିତ ହତ୍ୟା ଧମକ ଦିଆଯାଇଥିଲା। ନିରୂପାୟ ହୋଇ ଶେଷରେ ସେ ପୋଲିସର ଆଶ୍ରୟ ନେଇଛନ୍ତି। ଧାମନଗର ଏସ୍‌ଡିପିଓ ମନୋରଞ୍ଜନ ସାମଲ ଓ ଆଇଆଇସି ପ୍ରଫୁଲ୍ଲ କୁମାର ସିଂ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଅଭିଯୋଗ ମିଳିବା ପରେ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଦୁଇଦିନ ହେବ ଜାଲ ବିଛାଇଥିଲା। ପ୍ରଥମେ ଅଭିଯୁକ୍ତଙ୍କ ଦୁଇଭାଇଙ୍କୁ ଥାନାକୁ ଆଣି ପଚରାଉଚରା କରାଯାଇଥିଲା। ବୁଧବାର ପୀଡ଼ିତାଙ୍କ ପକ୍ଷରୁ ଲିଖିତ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତକୁ ତ୍ୱରାନ୍ୱିତ କରିଥିଲା। ଏଏସ୍‌ଆଇ ଧୃତରାଷ୍ଟ୍ର ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ ବୁଧବାର ସନ୍ଧ୍ୟାରେ ଚଢ଼ାଉ କରି ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛି। ତାଙ୍କୁ ଡାକ୍ତରୀମାଇନା କରାଯାଇ ଶୀଘ୍ର ଆବଶ୍ୟକ ପଦକ୍ଷେପ ନିଆଯିବ।

# ନାବାଳକ ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

**ତାଳଚେର,୪।୧୨(ନି.ପ୍ର.):** ୨୦୧୪ର ଏକ ନାବାଳକ ହତ୍ୟା ମାମଲାର ବିଚାର କରି ତାଳଚେର ଅତିରିକ୍ତ ଜିଲା ଓ ଦୌରାଜଜ୍ ଅମୃତ ରଞ୍ଜନ ନନ୍ଦ ଅଭିଯୁକ୍ତ ବଟ ଓରଫ ସନାତନ ହେସାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ବଟ ଋଣ ପରିଶୋଧ କରିବା ପାଇଁ ଅର୍ଥ ଯୋଗାଡ଼ ଉଦ୍ଦେଶ୍ୟରେ କୁକୁଡଲା ମୁଣ୍ଡା ହଟିଙ୍ଗରେ ସାଇକେଲରେ ବୁଲୁଥିବା ୯ ବର୍ଷର ବାଳକ ନାଜିର ବିରୁଆଙ୍କୁ ଅପହରଣ ସହ ହତ୍ୟା କରି କେନାଲ ପାଖରେ ପକାଇ ଦେଇଥିଲେ। ପରେ ବିରୁଆଙ୍କ ସାଇକେଲକୁ ୧୩ ଶହ ଟଙ୍କାରେ ବିକ୍ରି କରିବା ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ। ନାଜିରଙ୍କ ବାପା ପଣ୍ଡିତ ବିରୁଆଙ୍କ ଅଭିଯୋଗ କ୍ରମେ ପୋଲିସ ୨୦୧୪ ଡିସେମ୍ବର ୯ରେ ନଂ. ୨୬୩/୧୪ରେ ଏକ ମାମଲା ରୁଜୁ କରିଥିଲା। ୧୯ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଅତିରିକ୍ତ ଜିଲା ଓ ଦୌରାଜଜ୍ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ହରେକୃଷ୍ଣ ପାତ୍ର ଓ ନିର୍ମଳ ତ୍ରିପାଠୀ ମାମଲା ପରିଚାଳନା କରୁଥିଲେ।

## ଚରିତ୍ର ସନ୍ଦେହରୁ ତୃତୀୟ ସ୍ତ୍ରୀଙ୍କୁ ହତ୍ୟା ମାମଲା

# ସ୍ୱାମୀଙ୍କୁ ଆଜୀବନ ଜେଲ

**ଅନୁଗୋଳ ଅଫିସ, ୪।୧୨**

ତୃତୀୟ ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି ଅନୁଗୋଳ ଜିଲା ପୁରୁଣାକୋଟ ଥାନା ଗଞ୍ଜଡ଼ାରେ ୨୦୧୫ ଏପ୍ରିଲ ୧୦ରେ ଘଟିଥିବା ଏକ ହତ୍ୟାକାଣ୍ଡର ରାୟ ବୁଧବାର ପ୍ରକାଶ ପାଇଛି। ଅନୁଗୋଳ ଜିଲା ଓ ଦୌରା ଜଜ୍ ଅଶାନ୍ତ କୁମାର ଦାସ ଉକ୍ତ ମାମଲାର ଶୁଣାଣି କରି ମୁଖ୍ୟ ଅଭିଯୁକ୍ତ ଭୋଳେଶ୍ୱର ଭୋଇ(୩୯)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୨୨ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି କୋର୍ଟ ଏହି ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ପିପି ପ୍ରଦୀପ କୁମାର ଦାସ ମାମଲା ପରିଚାଳନା କରିଥିଲେ।

ପ୍ରକାଶ ଯେ, ଗଞ୍ଜଡ଼ା ଗ୍ରାମର ଭୋଳେଶ୍ୱରଙ୍କ ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ପରେ ସେ ଦ୍ୱିତୀୟ ବିବାହ କରିଥିଲେ। ତେବେ କୌଣସି କାରଣରୁ ଦ୍ୱିତୀୟ ସ୍ତ୍ରୀ ଆତ୍ମହତ୍ୟା କରିଦେବାରୁ ଭୋଳେଶ୍ୱର ଦେବକୀ ଭୋଇ (୩୫)ଙ୍କୁ ତୃତୀୟ ବିବାହ କରିଥିଲେ। ଦେବକୀଙ୍କ ସହ ୩ ବର୍ଷ ଘର ସଂସାର କରିବା ପରେ ଭୋଳେଶ୍ୱର ତାଙ୍କ ଚରିତ୍ରକୁ ସନ୍ଦେହ କରିଥିଲେ। ଏପରି କି ସେ ଦେବକୀଙ୍କୁ ବିଭିନ୍ନ ସମୟରେ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ହତ୍ୟା ପୂର୍ବଦିନ ସନ୍ଧ୍ୟାରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଭୋଳେଶ୍ୱର ପରଦିନ ୧୦ ତାରିଖ ସକାଳେ ଏକ ବାଉଁଶ ବାଡ଼ିରେ ସ୍ତ୍ରୀ ଦେବଜାନୀଙ୍କୁ ପିଟିପିଟି ହତ୍ୟା କରିଥିଲେ। ଘଟଣା ସମ୍ପର୍କରେ ମୃତକଙ୍କ ଭାଇ ତାବଡ଼ା ଅଞ୍ଚଳର ନିତ୍ୟାନନ୍ଦ ଦେହୁରୀ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୧୬/୧୫ରେ ମାମଲା ରୁଜୁ କରି ଅଭିଯୁକ୍ତ ଭୋଳେଶ୍ୱରଙ୍କୁ ଗିରଫ କରିଥିଲା।

## ଗଣଶିକ୍ଷାମନ୍ତ୍ରୀଙ୍କ ବିଇଓ କାର୍ଯ୍ୟାଳୟ, ସ୍କୁଲ ପରିଦର୍ଶନ

# ଅନୁପସ୍ଥିତ ପାଇଁ ନୋଟିସ, ବିଳମ୍ବ ଯୋଗୁ ଦରମା ବନ୍ଦ

**ଜଟଣୀ/ଯାଁଳା,୪।୧୨(ଡି.ଏନ.ଏ.)**

ଯାଁଳାସ୍ଥିତ ଜଟଣୀ ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) କାର୍ଯ୍ୟାଳୟ ଓ ଏହା ନିକଟରେ ଥିବା ନୋଡାଲ ଉଚ୍ଚ ବିଦ୍ୟାଳୟକୁ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ବୁଧବାର ପରିଦର୍ଶନ କରିଥିଲେ। ବିଇଓଙ୍କ କାର୍ଯ୍ୟାଳୟ ପରିଦର୍ଶନ ସମୟରେ ୫ ଜଣ କର୍ମଚାରୀ ଅନୁପସ୍ଥିତ ଥିବାରୁ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ଏଥିସହ ଯାଁଳା ନୋଡାଲ ସ୍କୁଲ ପରିଦର୍ଶନ ସମୟରେ ଛାତ୍ରୀଛାତ୍ରଙ୍କ ଜ୍ଞାନ ପରୀକ୍ଷା କରିବା ସହ ଉପସ୍ଥାପନ ଯାଞ୍ଚ କରିଥିଲେ। ବିଳମ୍ବରେ ଆସିବା କାରଣରୁ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ସେଠ୍‌ମାଝିଙ୍କ ଦରମା ବନ୍ଦ କରିଛନ୍ତି। ଏଥିସହ ସ୍କୁଲର ବିଦ୍ୟାର୍ଥୀଙ୍କ ବହି ପଢିବା ଶୈଳୀ ଓ ଓଡ଼ିଆ ଉଚ୍ଚାରଣକୁ ମନ୍ତ୍ରୀ ନିରୀକ୍ଷଣ କରିଥିଲେ। ତେବେ ଷଷ୍ଠ ଶ୍ରେଣୀ ଛାତ୍ରୀଛାତ୍ର ଦଶକ ଯାଏ ପଣିକିଆ କହି ପାରି ନ ଥିଲେ। ଚତୁର୍ଥ ଶ୍ରେଣୀ ପିଲା ଠିକ୍ ଭାବେ ଓଡ଼ିଆ ପଢି ପାରୁ ନ ଥିବାରୁ ମନ୍ତ୍ରୀ ବିରକ୍ତି ପ୍ରକାଶ କରିଥିଲେ।


**PANCHAYATI RAJ & DRINKING WATER DEPARTMENT**
**GOVERNMENT OF ODISHA**
**OFFICE OF THE EXECUTIVE ENGINEER, RWS&S DIVISION, NABARANGPUR**
Tel: (06858) 222643, E-Mail: eerwss_ngp@rediffmail.com/ eerwssngp@gmail.com
INVITATION FOR BIDS
No: RWSS_NGP_ONLINE_'04/2019-20 DATED:- 27.11.2019

**No.O-571:-** The Executive Engineer, RWS&S Division, Nabarangpur on behalf of Govt. of Odisha invites item rate/ percentage bid through e-procurement in double cover system according to norm of e-procurement system in on-line mode.

1 Name of the Work : Construction of different capacity Over Head Tank including its ancillary work in commissioned pipe water supply scheme and different Block in the Nabarangpur District.
2 No. of Works : 02 Nos. (Detailed Tender Call Notice available in the website)
3 Estimated Cost : Varies from approximately Rs. 28.75 Lakhs to Rs. 18.00 Lakhs
4 Tender Paper Cost : Rs. 6000.00
5 Class of Contractor :

| Estimated cost up to Rs. 20.00 lakhs | Estimated cost more than Rs. 20.00 lakhs & within Rs. 40.00 lakhs | Estimated cost more than Rs. 03.00 Crore & within Rs. 06.00 |
|---|---|---|
| 'D' & 'C' | 'C' & 'B' | 'B' & 'A' |

6 Period of Completion : 60 Days

| Procurement Officer | Bid Identification No. | Availability of Tender online for Bidding From | To | Last Date of seeking tender Clarification | Last date of receipt of confirmation letter & other documents. | Date of opening of Bid |
|---|---|---|---|---|---|---|
| Executive Engineer, RWSS Division, Nabarangpur | RWSS_NGP_ONLINE_04 of 2019-20 | 17.12.19 at 11.00 AM | 23.12.19 at 05.00 PM | 23.12.19 upt to 11.00 AM | Before Verification | 24.12.19 at 11.00 AM |

7. Critical Dates :
- Further details can be seen in the bidding documents, which is avilable in the e-procurement portal **https://www.tendersorissa.gov.in**.
- Subsequent corrigendum if required shall be appeared in the website.
- Authority reserves the right to reject any or all tenders without assigning any reason thereof.

**25028/11/0004/1920** **Sd./- Executive Engineer, RWS&S Division, Nabarangpur**



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KEONJHAR**
**Dist. Head Qtr. Hospital Campus, Keonjhar, Pin-758001,**
**Phone/Fax no.- 06766-250770**
**TENDER CALL NOTICE**

No.- 5699 of 2019/20, Dated: 4.12.19

**No. E-550:-** Sealed tenders (Percentage Rate) in confirmity with the DTCN are invited from the "D"/"C" Class contractors registered with the State Govt. for execution of works under Zilla Swasthya Samiti, Keonjhar as per **Annexure-I of DTCN**. The tender document **(DTCN & BOQ)** can be obtained from district **NIC Website (www.keonjhar.nic.in)** from **Dt.05.12.2019 to 11.12.2019 till 1.00 P.M**. The tender document **(DTCN & BOQ)** duly signed by the Contractors should be accompanied with the self attested photocopy of valid GST Clearance certificate, PAN Card, Registration Certificate and requisite EMD in shape of Demand Draft drawn in favor of "ZSS, NON-NRHM Keonjhar" payable at "Keonjhar" from any Nationalized Bank and NSC/ KVP/Time Deposit duly pledged. The tender document **(DTCN & BOQ)** should accompanied with requisite tender paper cost in shape of Demand Draft drawn in favor of "ZSS, NON-NRHM Keonjhar" payable at "Keonjhar" from any nationalized Bank. The tenders will be received up to **Dt. 11.12.2019 till 5.00 p.m.** and addressed to O/o Chief District Medical & Public Health Officer, Keonjhar through **Registered/Speed Post** and **courier Only**. The tender is scheduled to be opened on Dt. 12.12.2019 at 11.00 a.m. at DTU, O/o the Chief District Medical & Public Health Officer, Keonjhar in presence of the tenderers or their authorized representatives. All bidders shall have to submit an affidavit in support of authenticity of documents/credentials. The detail terms and condidtions can be seen at NIC Website (www.keonjhar.nic.in). The name of the work should be written on the top of the envelope. The undersigned reserves the right to cancel the tender without assigning any reason thereof.

| Sl. No. | Name of the Work | Total no. of works | Estimated cost (in Rs.) without GST | Availability of Tender document (DTCN & BOQ) | Period of completion |
|---|---|---|---|---|---|
| 1 | **Construction of Health Wellness Centre (HWC) at SC level** | 07 (Seven) nos percentage tender (Annexure-1) | Approximated Estimate cost is from 5.28 lakhs to 5.36 lakhs | **The tender documents (DTCN & BOQ) may be obtained from NIC website** (www.keonjhar.nic.in) from 05.12.2019 to 11.12.2019 | Two months |

10033/11/0033/1920 **Sd./- Chief District Medical & Public Health Officer, Keonjhar**



**OFFICE OF THE SUPERINTENDING ENGINEER**
**BALANGIR (R&B) CIRCLE, BALANGIR**
**Email : sepwdbalangir@gmail.com, Phone No. (06652) 231866**
**CANCELLATION OF WORKS** No.B-388
**In Bid Identification No.SE (R&B) BGR/03/2019-20**

**No.4165** **Dtd: 03.12.2019**
Tender for the work:-1) "Construction of additional Court Hall, Chamber, Office Room for PP, APPS, Lady Advocates and Witness Shed Near existing Civil Court Premises at Bolangir for the year 2019-20." 2) "Construction of additional Court Hall, Chamber and Office Room Near existing Civil Court canteen at Bolangir for the year 2019-20" is here by cancelled in respect to Memo No.6358 Dt.02.12.2019 of Registrar, Civil Court Balangir and Executive Engineer, Balangir (R&B) Division, Balangir Letter No.4409, Date: 02.12.2019.
**Sd./- Superintending Engineer, Balangir (R&B) Circle, Balangir**
**34131/11/0006/1920**



**Government of Odisha** No.O-566
**"e" Procurement Notice**
**Bid Identification No. : Online-AGL-07 of 2019-2020**

1. Name of the Work : Building Works
2. Estimated Cost. : Rs. 5.36 lakhs to Rs 14.36 lakhs
3. Period of Completion : 04 (Four), 06(Six) Calendar Months
4. Date & time of availability of bid document in the portal : From 13.12.2019 to 21.12.2019 upto 5.00 P.M.
5. Last Date/time for receipt of bids in the portal : 21.12.2019 upto 5.00 P.M.
6. Name & Address of the OIT : Executive Engineer, Rural Works Division, Angul

Further details can be seen from the Govt. website **www.tendersorissa.gov.in**

**sd./- Executive Engineer**
**25096/11/0005/1920** **R.W. Division, Angul.**



**ବିଜ୍ଞାପନ ସଂଖ୍ୟା: ୨୦୬୪** **ପଞ୍ଚାୟତ ସମିତି କାର୍ଯ୍ୟାଳୟ, ରିଆମାଳ, ଦେବଗଡ଼** ତା ୦୩।୧୨।୨୦୧୯

ଏତଦ୍ୱାରା ପଞ୍ଚାୟତ ସମିତି ରିଆମାଳ ଅନ୍ତର୍ଗତ ସମସ୍ତ ଗ୍ରାମପଞ୍ଚାୟତର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(MGNREGA) ଏବଂ ଜାତୀୟ ସାମାଜିକ ସୁରକ୍ଷା (NSAP) ଅନ୍ତର୍ଗତ ୨୦୧୯-୨୦ ଆର୍ଥିକ ବର୍ଷର (୦୧।୦୪।୨୦୧୯ରୁ ୩୦।୦୯।୨୦୧୯) ସାମାଜିକ ସମୀକ୍ଷା ନିମ୍ନ ସାରଣୀ ଅନୁସାରେ ଅନୁଷ୍ଠିତ ହେବ।

ତେଣୁ ଉକ୍ତ ସାମାଜିକ ସମୀକ୍ଷା ଗ୍ରାମସଭାରେ ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣ, ଭିନ୍ନକ୍ଷମ, ବୃଦ୍ଧ, ବୃଦ୍ଧା, ବିଧବା ଏବଂ ଉକ୍ତ ଯୋଜନାରେ କାର୍ଯ୍ୟ କରିଥିବା ସମସ୍ତ ଜବ୍‌କାର୍ଡଧାରୀ ତଥା ସର୍ବସାଧାରଣମାନଙ୍କୁ ନିର୍ଦ୍ଧାରିତ ତାରିଖ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ପ୍ରକଳ୍ପଗୁଡ଼ିକର ଉପାଦେୟତା ଏବଂ ଗୁଣବତ୍ତା ନିମନ୍ତେ ଉଦିଷ୍ଟ ସାମାଜିକ ସମୀକ୍ଷା ଓ ମଷ୍ଟରରୋଲ ଯାଞ୍ଚ କରାଇବାରେ ସହଯୋଗ କରିବାକୁ ଅନୁରୋଧ।

ଏଥିରେ ସହାୟକ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ/ GPTA, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ତଥା ପଞ୍ଚାୟତ ସମିତିର ଅନ୍ୟ ଅଧିକାରୀ ଉପସ୍ଥିତ ରହିବେ। ଏଥିରେ ଉକ୍ତ ଗ୍ରାମ ଶାସନ ଅନ୍ତର୍ଗତ ସମସ୍ତ ସଭ୍ୟ/ସଭ୍ୟା, ସ୍ୱୟଂ ସହାୟକ ଗୋଷ୍ଠୀ/ସ୍ୱେଚ୍ଛାସେବୀ ଅନୁଷ୍ଠାନ/ପଞ୍ଚାୟତ ପ୍ରତିନିଧି ଏବଂ ଉପରୋକ୍ତ ଯୋଜନାରେ ସମ୍ପୃକ୍ତ ଥିବା ବିଭିନ୍ନ କାର୍ଯ୍ୟନିର୍ବାହୀ ସଂସ୍ଥାର ଅଧିକାରୀ ଉପସ୍ଥିତ ରହିବେ।

| କ୍ର. ନଂ. | ଗ୍ରାମ ପଞ୍ଚାୟତ ଗୁଡ଼ିକର ନାମ | ସାମାଜିକ ସମୀକ୍ଷା ସମୟ | ଗ୍ରାମ ସଭା ତାରିଖ | ବିଷୟ | ସ୍ଥାନ | ଯୋଗ ଦେବାକୁ ଥିବା ଅଧିକାରୀ | ବ୍ଲକ୍ ସ୍ତରୀୟ ଜନ ଶୁଣାଣି |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୦୧ | ଆଡସ, ରିଆମାଳ, ନୂଆଡିହି, ଲୁଲଙ୍ଗ, ନୂଆପଡ଼ା, କୋଲବସା, ଦେଷ୍ଟାଲାବାହାଲ, ପରା, କରଲଗା | ୧୬।୧୨। ୨୦୧୯ରୁ ୧୯।୧୨। ୨୦୧୯ | ୨୬।୧୨। ୨୦୧୯ | NSAP | ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ | ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ, କମ୍ପ୍ୟୁଟର ପ୍ରୋଗ୍ରାମର ଅଧିକାରୀ, ସହକାରୀ ଶାସକ ଯନ୍ତ୍ରୀ, ମନରେଗା ସହାୟକ ଅଧିକାରୀ, ଅତିରିକ୍ତ କମ୍ପ୍ୟୁଟର ପ୍ରୋଗ୍ରାମର ଅଧିକାରୀ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ, ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ମେଟ | ୧୨।୦୨। ୨୦୨୦ |
| | | ୨୦।୧୨। ୨୦୧୯ରୁ ୨୬।୧୨। ୨୦୧୯ | | MGN-REGA | | | |
| ୦୨ | ବାଘବର, ବୁଢ଼ାପାଳ, ଟିଙ୍କବୀର, କଣ୍ଡାବାହାଳ, ଚୁହିଲାମାଳ, ପଳସମା, ଭଟୁଣିଆ, ନାଉଲିପଡ଼ା | ୦୩।୦୧। ୨୦୨୦ରୁ ୦୬।୦୧। ୨୦୨୦ | ୧୩।୦୧। ୨୦୨୦ | NSAP | ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ | | |
| | | ୦୭।୦୧। ୨୦୨୦ରୁ ୧୩।୦୧। ୨୦୨୦ | | MGN-REGA | | | |
| ୦୩ | ତାବଡ଼ା, ତାରଙ୍ଗ, ଚଢ଼େଇମରା, ଗୁଣ୍ଡିଆପାଲି, ବୁଢ଼ିଦେଓ, ମଲେହୀପଡା, ଖ୍ରିଲେଇ, କୁଣ୍ଢେଇଗୋଳା, ତୁଙ୍ଗାମାଳ | ୨୧।୦୧। ୨୦୨୦ରୁ ୨୪।୦୧। ୨୦୨୦ | ୩୧।୦୧। ୨୦୨୦ | NSAP | ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ | | |
| | | ୨୫।୦୧। ୨୦୨୦ରୁ ୩୧।୦୧। ୨୦୨୦ | | MGN-REGA | | | |

**ସ୍ୱା./- ଗୋଷ୍ଠୀ ଉନ୍ନୟନ ତଥା କାର୍ଯ୍ୟକ୍ରମ ଅଧିକାରୀ, ରିଆମାଳ**



**ନିୟନ୍ତ୍ରିତ ବଜାର କମିଟି, ବଣେଇ, ଜି: ସୁନ୍ଦରଗଡ଼**
**ବଣେଇ ଉପଖଣ୍ଡର ସମସ୍ତ ଚାଷୀ ଭାଇଭଉଣୀମାନଙ୍କ ଅବଗତି ନିମନ୍ତେ**
**-ସୂଚନା-**

ଏତଦ୍ୱାରା ବଣେଇ ଉପଖଣ୍ଡର ସମସ୍ତ ଚାଷୀ ଭାଇଭଉଣୀମାନଙ୍କୁ ଜଣାଇ ଦିଆଯାଉଛି ଯେ, ଚଳିତ ୨୦୧୯-୨୦ ଖରିଫ ଋତୁ ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଚାଷୀମାନଙ୍କଠାରୁ ଧାନକ୍ରୟ ନିମନ୍ତେ ଡିସେମ୍ବର ୬ ତାରିଖରୁ କ୍ରୟ ଆରମ୍ଭ ନିମିତ୍ତ ଧାର୍ଯ୍ୟ କରାଯାଇଅଛି।
ଏଣୁ ଚାଷୀ ଭାଇଭଉଣୀମାନଙ୍କୁ ଅନୁରୋଧ ସେମାନେ ତାଙ୍କର ଉତ୍ପାଦିତ ବଳକା ଧାନକୁ ଖରାରେ ଭଲ ଭାବରେ ଶୁଖାଇ ସଫା କରି (F.A.Q.) ମାନକୁ ଉନ୍ନତ କରାଇ କ୍ରୟ କେନ୍ଦ୍ରକୁ ଆଣି ବିକ୍ରୟ କରିବେ।

| କ୍ର. ନଂ. | ପଞ୍ଚାୟତ ସମିତିର ନାମ | ଲ୍ୟାମ୍ପର ନାମ | କ୍ରୟ କେନ୍ଦ୍ରର ନାମ | ଅନ୍ତର୍ଭୁକ୍ତ ଗ୍ରାମ ପଞ୍ଚାୟତ | କ୍ରୟ ଅଧିକାରୀଙ୍କ ନାମ | ମୋବାଇଲ ନଂ. | କ୍ରୟ ଦିବସ |
|---|---|---|---|---|---|---|---|
| ୧ | ବଣେଇଗଡ | ବଣେଇଗଡ | ବଣେଇଗଡ | ବଣେଇଗଡ | ଏଚ.କେ. ବାରିକ | ୮୨୮୦୨୬୫୮୨୮ | ବୁଧ |
| | | | ଦରେଇକେଲା | କେନ୍ଦ୍ରିକେଲା | | | ସୋମ, ମଙ୍ଗଳ, ବୁଧ, ଶୁକ୍ର |
| | | | | ଗୋବିନ୍ଦପୁର | | | |
| | | | | କେନାଭେଟା | | | |
| | | | ଜକେଇକେଲା | ଜକେଇକେଲା | | | ଗୁରୁ, ଶୁକ୍ର, ଶନି |
| | | | | ବଡଗୁଗୁଆ | | | |
| | | ସରସରା | ସରସରା | ଏସ. ବଲାଙ୍ଗ | ଆର.ଏନ. କିସାନ | ୯୪୩୭୯୫୨୭୫୮ | ସୋମ, ବୁଧ, ଗୁରୁ |
| | | | | ପିଠାଚୋର | | | |
| | | | | ଭାଲୁପାଣି | | | |
| | | | ଝିର୍ଡାପାଲି | ଝିର୍ଡାପାଲି | | | ଶନି, ମଙ୍ଗଳ, ଶୁକ୍ର |
| | | | | କସଡା | | | |
| | | ରୁଗୁଡା | ରୁଗୁଡ଼ା | ରୁଗୁଡ଼ା | ପି.କେ. ସାହୁ | ୯୪୩୭୨୧୯୦୨୯ | ସୋମ, ମଙ୍ଗଳ, ଶୁକ୍ର |
| | | | | ବନେଇକେଲା | | | |
| | | | ଟେଣ୍ଡରା | କସଡା | | | ଶନି |
| ୨ | ଗୁରୁଣ୍ଡିଆ | ଗୁରୁଣ୍ଡିଆ | ନରେନ୍ଦ୍ର | ନରେନ୍ଦ୍ର | ଜି.ବି. ମାହାନ୍ତି | ୯୪୩୭୮୬୧୮୯୨ | ସୋମ, ମଙ୍ଗଳ |
| | | | | ଗୁରୁଣ୍ଡିଆ | | | |
| | | | ଭାଲୁଡୁଙ୍ଗୁରୀ | ଭାଲୁଡୁଙ୍ଗୁରୀ | | | ବୁଧ, ଗୁରୁ |
| | | | ବନେଇକେଲା | ବନେଇକେଲା | | | ଶୁକ୍ର |
| | | | ବନେଇକେଲା | ତାମଡା | | | |
| | | ଜର୍ଡା | ଜର୍ଡା | ଜର୍ଡା | ଏଚ.କେ. ମାଝୀ | ୯୬୬୮୯୮୫୯୨୧ | ମଙ୍ଗଳ |
| | | | କୁଣ୍ଡେଇଡ଼ିହା | କୁଣ୍ଡେଇଡ଼ିହା | ଏଚ.କେ. ମାଝୀ | ୯୬୬୮୯୮୫୯୨୧ | ଶୁକ୍ର |
| | | | | ଟମ୍ପରକେଲା | | | |
| | | ସୋଲ | ସୋଲ | ସୋଲ | ବି.କିସାନ | ୮୬୫୮୩୯୨୧୩୦ | ସୋମ, ବୁଧ |
| | | | | ଟମ୍ପରକେଲା | | | |
| | | | ପଙ୍କଡ଼ିହି | ପଙ୍କଡ଼ିହି | | | ଶୁକ୍ର |
| | | ବାଙ୍କି | ବାଙ୍କି | ବାଙ୍କି | ଏନ.ସି. ବାରିକ | ୯୪୩୮୦୫୫୧୩୧ | ବୁଧ, ଶନି |
| | | | | କୁଟେଇତା | | | |
| | | | ଚାନ୍ଦିପୋଷ | ଚାନ୍ଦିପୋଷ | | | ସୋମ |
| | | | | ପିତାଗାଁ | | | |
| ୩ | ଲହୁଣିପଡା | ଲହୁଣିପଡା | ଲହୁଣିପଡା | ଲହୁଣିପଡା | ଏ. ମାହାନ୍ତ | ୯୪୩୮୭୧୭୧୧୦ | ସୋମ, ବୁଧ, ଶୁକ୍ର |
| | | | | କୁଢେଇକଳା | | | |
| | | | | କଲେଇପୋଷ | | | |
| | | | | ସସକେଲା | | | |
| | | | | ଭୂତୁଡ଼ା | | | |
| | | | | ଶଙ୍ଖପୋଷ | | | |
| | | | | ଗଗଦିଆପୋଷ | | | |
| | | | | ଟେଟେଙ୍ଗାଗେଡ଼ା | | | |
| | | ଖୁଣ୍ଟଗାଁ | ଖୁଣ୍ଟଗାଁ | ଖୁଣ୍ଟଗାଁ | ବି.ବି. ବେହେରା | ୯୬୬୮୬୦୯୯୨୩ | ବୁଧ |
| | | | | ହଳଦିକୁଦର | | | |
| | | | | ତାଲବାହାଲି | | | |
| | | | କୁଣ୍ଡେଇକେଲା | କୁଣ୍ଡେଇକେଲା | | | ଶନି |
| | | | କୁଳିପୋଷ | କୁଳିପୋଷ | | | ସୋମ |
| | | | କୁର୍ଡା | କୁର୍ଡା | | | ଶୁକ୍ର |
| | | ମହୁଲପଦା | ମହୁଲପଦା | ମହୁଲପଦା | କେ.ସି. ଜେନା | ୯୪୩୭୭୫୯୦୩୮ | ସୋମ, ଶୁକ୍ର |
| | | | | ତଲାଇସରା | | | |
| | | | ଫୁଲଝର | ଫୁଲଝର | | | ମଙ୍ଗଳ, ଶନି |
| | | | | ହଳଦୀକୁଦର | | | |
| | | ଆର.ସି.ଏମ.ଏସ. ପ୍ରାଙ୍ଗଣ, ରାଜାମୁଣ୍ଡା | ଆର.ସି.ଏମ.ଏସ. ପ୍ରାଙ୍ଗଣ, ରାଜାମୁଣ୍ଡା | ରାଜାମୁଣ୍ଡା | ଡି. ଶତପଥୀ | ୯୪୩୮୩୭୮୧୮୩୬ | ସୋମ, ବୁଧ, ଶୁକ୍ର |
| | | | | ବଡପୁରୁଣା ପାଣି | | | |
| | | | | ଦର୍ଜିଙ୍ଗ | | | |
| ୪ | କୋଇଡା | କୋଇଡା | କୋଇଡା | କୋଇଡା | ପି.ସି. ମାହାନ୍ତ | ୯୪୩୭୪୬୭୯୨୭ | ବୁଧ, ଶନି |
| | | | | ଡେଙ୍ଗୁଳା | | | |
| | | | | କାଲଟା | | | |
| | | | | ପାଟମୁଣ୍ଡା | | | |
| | | | | ମାଲଦା | | | |
| | | ବିମଳାଗଡ | କେ.ବଲାଙ୍ଗ | କେ.ବଲାଙ୍ଗ | ବି.କେ. ବେହେରା | ୮୭୬୩୮୫୧୦୩ | ବୁଧ, ଶନି |
| | | | | ରେଲହାତୁ | | | |
| | | | | ବିମଳାଗଡ | | | |
| | | | ଗୋପନା | ଗୋପନା | | | ମଙ୍ଗଳ |
| | | ଜାମୁଡିହି | ଜାମୁଡିହି | ଜାମୁଡିହି | ଏସ. ମୁଣ୍ଡାରୀ | ୯୪୩୭୯୪୩୧୫୪ | ବୁଧ |
| | | | | ଶୟଣା | | | |
| | | | | ଚୋରଧରା | | | |

**ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (F.A.Q. ମାନର)**
ସାଧାରଣ କିସମ ଧାନ ଟ.୧୮୧୫.୦୦ କ୍ୟୁ.ପ୍ର.
ଉଚ୍ଚମାନର ଧାନ (କ.ଶ୍ରେ) ଟ.୧୮୩୫.୦୦ କ୍ୟୁ.ପ୍ର.

| କ୍ର.ସଂ. | ଧାନରେ ମିଶ୍ରିତ ନିକୃଷ୍ଟ ବା ବାହ୍ୟ ପଦାର୍ଥ | ଏଫ.ଏ.କ୍ୟୁ. ମାନର ଧାନ ପାଇଁ ସର୍ବୋଚ୍ଚ ସୀମା |
|---|---|---|
| ୧. | ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ବାହ୍ୟ ପଦାର୍ଥ | ୧.୦% |
| ୨. | କାଠି, କୁଟା, ଧୂଷ, ଅଗାଡ଼ି ବା ପୋଲା ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ | ୧.୦% |
| ୩. | ଖରାପ, ବେରଙ୍ଗୀ, ପାଣିଫୁଲା ପୋଲା ଇତ୍ୟାଦି (ଖରାପ, ପାଣିଫୁଲା ଏବଂ ପୋଲା ୪.୦% ମଧ୍ୟରେ ସୀମିତ ରହିବା ଦରକାର) | ୫.୦% |
| ୪. | ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା ବା ସଙ୍କୁଚିତ ଇତ୍ୟାଦି | ୩.୦% |
| ୫. | ସରୁ ଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ ଏ ଧାନ ନିମନ୍ତେ) | ୬.୦% |
| ୬. | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭.୦% |

**ଚାଷୀ ଭାଇ ଭଉଣୀଙ୍କ ଅବଗତି ନିମନ୍ତେ**
୧. ଧାନକୁ F.A.Q. ମାନକୁ ଉନ୍ନୀତ କରାଇ କ୍ରୟ କେନ୍ଦ୍ରକୁ ଆଣିବେ ନଚେତ ଧାନ କ୍ରୟ କରାଯିବ ନାହିଁ ।
୨. LAMPCS/T.D.C.C./R.C.M.S./M.P.C.S.ଠାରେ ଧାନ ବିକ୍ରୟ କରିବା ସମୟରେ ଚାଷୀମାନେ କିଷାନ କ୍ରେଡିଟ୍ କାର୍ଡ (K.C.C.), ବିଜୁ କୃଷକ କଲ୍ୟାଣ ଯୋଜନା କାର୍ଡ (BKKY) କିମ୍ବା ଭୋଟର ପରିଚୟ ପତ୍ର ଚାଷୀ (EPIC) ମଧ୍ୟରୁ ଯେଉଁ ପରିଚୟ ପତ୍ର ଚାଷୀ ପଞ୍ଜୀକରଣରେ ଉଲ୍ଲେଖ କରିଛନ୍ତି ତାହାକୁ ଧରି କ୍ରୟ କେନ୍ଦ୍ରକୁ ଆସିବେ।
୩. ଚାଷୀ ଭାଇଭଉଣୀମାନେ କ୍ରୟ କେନ୍ଦ୍ରକୁ ସକାଳ ଘ.୮.୦୦ଟିକାରୁ ଦିବା ୧ ଘଟିକା ମଧ୍ୟରେ ଧାନ ପହଞ୍ଚାଇବେ।
୪. ଚାଷୀ ଭାଇଭଉଣୀମାନେ ୧୫ (ପନ୍ଦର) ଦିନ ଆଗରୁ ସମ୍ପୃକ୍ତ କ୍ରୟ ସଂସ୍ଥାର ଅଧିକାରୀଙ୍କଠାରୁ ବିକ୍ରୟ ଟୋକନ ସଂଗ୍ରହ କରି ନିର୍ଦ୍ଧାରିତ ଦିବସରେ କ୍ରୟ କେନ୍ଦ୍ରକୁ ଆଣନ୍ତୁ।

**ସମ୍ପାଦକ**
**ନିୟନ୍ତ୍ରିତ ବଜାର କମିଟି, ବଣେଇ**

**ଉପ-ଜିଲ୍ଲାପାଳ ତଥା ଅଧ୍ୟକ୍ଷ**
**ନିୟନ୍ତ୍ରିତ ବଜାର କମିଟି, ବଣେଇ**

# ଖୁବ୍‌ଶୀଘ୍ର ପାଟଣାଗଡ଼

ଓଡ଼ିଶାରେ ଘଟିଥିବା ଏକ ସତ୍ୟ ଘଟଣାକୁ ଆଧାର କରି ଉଭୟ ଓଡ଼ିଆ ଏବଂ ତେଲୁଗୁ ଭାଷାରେ ପ୍ରସ୍ତୁତ ହୋଇଛି ଦ୍ୱିଭାଷୀ ଚଳଚ୍ଚିତ୍ର 'ପାଟଣାଗଡ'। 'ବଲାଙ୍ଗୀର ଜିଲା ପାଟଣାଗଡ଼ରେ ବିବାହର ମାତ୍ର ୫ ଦିନ ପରେ ଏକ ପାର୍ଶଲ ବୋମା ବିସ୍ଫୋରଣରେ ସ୍ୱାମୀ ମୃତ୍ୟୁବରଣ କରିଥିଲେ ଏବଂ ପତ୍ନୀ ଗୁରୁତର ଆହତ ହୋଇ ସୁସ୍ଥ ହୋଇଛନ୍ତି। ଏ ସମ୍ପର୍କରେ ଫିଲ୍ମର ପ୍ରଯୋଜକ ଶ୍ରୀଧର ମାର୍ଥା କହନ୍ତି, 'ଏଭଳି ଏକ ସେନସେସନାଲ ଘଟଣାକୁ ଆଧାର କରି ତାହାକୁ ଭିନ୍ନ ଭଙ୍ଗୀରେ ବଡ଼ ପରଦାରେ ପ୍ରଦର୍ଶନ କରିବାକୁ ପ୍ରୟାସ କରାଯାଇଛି। ମୋର ଦୃଢ଼ ବିଶ୍ୱାସ ରହିଛି ଯେ ଫିଲ୍ମଟି ଦର୍ଶକଙ୍କୁ ଭରପୂର ଏଣ୍ଟରଟେନମେଣ୍ଟ ଦେବ।' ଚଳଚ୍ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ତଥା ଜାତୀୟ ପୁରସ୍କାରପ୍ରାପ୍ତ ନିର୍ଦ୍ଦେଶକ ରାଜେଶ ଟଚ୍‌ରିଭର। ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ମନୋଜ ମିଶ୍ର, ବଲିଉଡ୍ ଅଭିନେତା ଅତୁଲ କୁଲକର୍ଣ୍ଣି, ୟଶପାଲ ଶର୍ମା, ତେଲୁଗୁ ଅଭିନେତା ଥାନିକେଲା ଭରାନି ଏବଂ ନବାଗତା ରେବତୀ ସମ୍ପତ। ପାଖାପାଖି ୫ କୋଟି ବଜେଟ୍‌କୁ ନେଇ ପ୍ରସ୍ତୁତ ହେଉଥିବା ଏହି ଫିଲ୍ମରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି '୧୦୨ ନଟ୍ ଆଉଟ'ର ସଙ୍ଗୀତ ନିର୍ଦ୍ଦେଶକ ଜର୍ଜ ଜୋଶେଫ। ଓଡ଼ିଆ ସ୍ୱରକାର ଆର.ପି. ପଟ୍ଟନାୟକ ମଧ୍ୟ ଏଥିରେ ଏକ ସମ୍ବଲପୁରୀ ଲୋକଗୀତକୁ ସ୍ୱର ଦେଇଛନ୍ତି। 'କଥା ଦେଲି ମଥା ଛୁଇଁ' ଏବଂ 'ଯୋଗୀ' ପରେ ରେଞ୍ଜ ରୟାଲେ ସିନେ ଲ୍ୟାବ୍ ବ୍ୟାନରରେ ଏହାର ନିର୍ମାଣ କରାଯାଇଛି। ଅନ୍ୟପକ୍ଷରେ ଫିଲ୍ମଟି ଖୁବ୍‌ଶୀଘ୍ର ପରଦା ଉପରକୁ ଆସିବ ବୋଲି ସୂଚନା ଦେଇଛନ୍ତି ଶ୍ରୀଧର।


ଦିଶା

## ଚୁଜି ହେଲେଣି ଦିଶା

ଏଣିକି ଦିଶା ପଟାନି ବଲିଉଡ୍‌ରେ ଦେଖି ଚାହିଁ ପାଦ ପକାଇବେ। ତାଙ୍କ ଅଭିନୀତ କେତୋଟି ସିନେମା ହିଟ୍ ହେବା ପରେ ସେ ନିଜ କ୍ୟାରିୟରକୁ ହାଲ୍‌କା ଭାବରେ ନେବାକୁ ଚାହାନ୍ତି ନାହିଁ ବୋଲି ସେ କହନ୍ତି। ଚଳିତବର୍ଷ ତାଙ୍କ ଅଭିନୀତ 'ଭାରତ' ୧୦୦ କୋଟି କ୍ଲବ୍‌ରେ ସାମିଲ ହୋଇଛି। କେବଳ ସେତିକି ନୁହେଁ, ସେ ଅଭିନୟ କରିଥିବା 'ଏମ୍.ଏସ୍.ଧୋନୀ-ଦ ଅନ୍‌ଟୋଲ୍ଡ ଷ୍ଟୋରି' ଏବଂ 'ବାଗୀ-୨' ମଧ୍ୟ ପୂର୍ବରୁ ଏହି କ୍ଲବରେ ସ୍ଥାନ ଅଧିକାର କରିସାରିଛନ୍ତି। ଏ ନେଇ ଦିଶା କହନ୍ତି, 'ଏଣ୍ଡୁତେଣ୍ଡୁ ଫିଲ୍ମରେ ଆକ୍ଟିଂ କରି ଶସ୍ତା ଲୋକପ୍ରିୟତା ନେବାକୁ ମୁଁ ଚାହେଁନା। ଏଣିକି ଦେଖିଚାହିଁ ଫିଲ୍ମ ସାଇନ୍ କରିବି। କୌଣସି ଫିଲ୍ମରେ ସାଇନ୍ କରିବା ପୂର୍ବରୁ ଭଲ ଭାବେ ତର୍ଜମା କରିବି।' ତେବେ ଦିଶାଙ୍କ ଏହି ନିଷ୍ପତ୍ତି ତାଙ୍କ କ୍ୟାରିୟରକୁ କି ମୋଡ଼ ଦେଉଛି ତାହା ଦେଖିବାକୁ ବାକି ରହିଲା।


ତମନ୍ନା

## ଏ ମନ ଖୋଜୁଥାଏ ଯାହା..

କଥାରେ ଅଛି-ଏ ମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା। ଦେଖୁନାହାନ୍ତି ଓଡ଼ିଆ ସିନେମାର ଗ୍ଲାମର କୁଇନ୍ ଭାବରେ ପରିଚିତା ତମନ୍ନା କେମିତି ସଫଳତାର ଗୋଟିଏ ପରେ ଗୋଟିଏ ପାହାଚ ଚଢ଼ି ଚାଲିଛନ୍ତି। ୟା ଭିତରେ ସେ ବେଶ୍ କେତୋଟି ଚଳଚ୍ଚିତ୍ରରେ ଅଭିନୟ କରିସାରିଲେଣି। ସଞ୍ଜୟ ନାୟକଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ଭାଇନା କ'ଣ କଲା ସେ'ରେ ସଂଯୋଜିତ 'ଟାଲ କରିବା ଠିଆପାଲା' ଗୀତଟି ତାଙ୍କୁ ଦର୍ଶକଙ୍କ ନିକଟରେ ଆହୁରି ପରିଚିତ କରାଇପାରିଥିଲା। ଏ ସମ୍ପର୍କରେ ତମନ୍ନା କହନ୍ତି, 'ମୋ ରିଲ୍ ଲାଇଫରେ ଏକ ଖୁସି ଖବର ରହିଛି। ରିଲିଜ ଅପେକ୍ଷାରେ ଥିବା ଓଡ଼ିଆ ସିନେମା 'ସୁପରବୟ'ରେ ମୋତେ ମିଳିଛି ମନଲାଖି ଭୂମିକା। ଏଥିରେ ମୋ ଭୂମିକାଟି ହେଲା ତାନିୟା। ସେ ଜଣେ ସୁଇଟ୍ ଆଉ ଇନୋସେଣ୍ଟ ଗର୍ଲ। ନିଜ ମନର ମଣିଷକୁ ଖୋଜୁ ଖୋଜୁ ସେ ପ୍ରେମ୍ ନାମକ ଜଣେ ଯୁବକ ସଂସ୍ପର୍ଶରେ ଆସିଛି ଯିଏ ସୁପର ପାୱାରର ଅଧିକାରୀ। ହେଲେ ସେହି ପାୱାରଟି କ'ଣ ତାହା ସିନେମା ଦେଖିଲେ ହିଁ ଜାଣିପାରିବେ। ଏହି ଫିଲ୍ମରେ ମୋତେ ମିଳିଥିବା ଭୂମିକାରେ ଏପରି ମସଲା ରହିଛି ଯାହା ଦର୍ଶକଙ୍କୁ ଫୁଲ୍ ଏଣ୍ଟରଟେମେଣ୍ଟ କରିବ ବୋଲି କହନ୍ତି ତମନ୍ନା।' 'ସୁପରବୟ'ର ଟାଇଟଲ ଭୂମିକାରେ ଅଛନ୍ତି ଜ୍ୟୋତି ନାୟକ। ଖାସ୍ କଥା ହେଲା ଏହି ଫିଲ୍ମରେ ଶୁଭାଶିଷ ଶର୍ମା (ମଣ୍ଟୁ) ନେଗେଟିଭ ରୋଲ୍‌ରେ ଅଭିନୟ କରୁଛନ୍ତି। ଅପରପକ୍ଷରେ ଏହି ଫିଲ୍ମର ନିର୍ଦ୍ଦେଶନା ମଧ୍ୟ ସେ ଦେଉଛନ୍ତି। ଚଳଚ୍ଚିତ୍ରର ସଂଳାପ ଲେଖିଛନ୍ତି ଡ. ଦୀପକ ଜେନା। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବୈଦ୍ୟନାଥ ଦାଶ। ସାଇ ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ଦକ୍ଷିଣ ଭାରତୀୟ ପ୍ରଯୋଜକ କେ. ଆନୀଷ।

## ଖବର ଟବର

- ଓଲିଉଡ୍‌ର ଅନ୍ୟତମ ବ୍ୟସ୍ତ ଅଭିନେତା ଦୀପକ ନିକଟରେ ଆଉ ଏକ ଅନଟାଇଟଲ୍‌ଡ ସିନେମା ସାଇନ୍ କରିଛନ୍ତି। ଡ. ରଜନୀ ରଞ୍ଜନ ସଂଳାପ ରଚନା କରୁଛନ୍ତି। ସ୍ୱର ସଂଯୋଜନା ଅଭିଜିତ୍ ମଜୁମ୍‌ଦାର କରୁଥିବା ବେଳେ ନିର୍ଦ୍ଦେଶନା ଭାର ସମ୍ଭାଳିବେ ସୁଧାକର ବସନ୍ତ। ଅପରପକ୍ଷରେ ସୁଧାକରଙ୍କ ନିର୍ଦ୍ଦେଶନାରେ ଦୀପକଙ୍କ ଅଭିନୀତ 'ଧଡକନ୍‌ରେ ତୁ'ର ଶୁଟିଂ ଚାଲୁ ରହିଛି। ଏହାବ୍ୟତୀତ ରମେଶ ରାଉତଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ 'ଅଟୋଗ୍ରାଫ୍-ଦ ସାଇନ୍ ଅଫ୍ ଲଭ୍'ର ମେଲ୍ ଲିଡ୍‌ରେ ଅଭିନୟ କରୁଛନ୍ତି ଦୀପକ।
- ନିର୍ଦ୍ଦେଶକ ସଞ୍ଜୟ ନାୟକ ଆଉ ଏକ ସିନେମାର ନିର୍ଦ୍ଦେଶନା ଦେବାକୁ ଯାଉଛନ୍ତି। ଚିତ୍ରଟିର ଟାଇଟଲ ରହିଛି 'ଲେଖା ହେବ ଲଭ୍ ଷ୍ଟୋରି'।
- ଶ୍ରୀତମ ଦାସ ଆଉ ଏକ ସିନେମାର ନିର୍ଦ୍ଦେଶନା ଦେବାକୁ ଯାଉଛନ୍ତି। ଟାଇଟଲ ଫାଇନାଲ ହୋଇ ନ ଥିବା ଏହି ସିନେମାର ସଂଳାପ ଡ. ରଜନୀ ରଞ୍ଜନ ଲେଖୁଛନ୍ତି।
- ରମେଶ ବାରିକ ଆଉ ଏକ ସିନେମାର ପ୍ରଯୋଜନା କରିବାକୁ ଯାଉଛନ୍ତି, ଯାହାର ଟାଇଟଲ ରହିଛି 'ବ୍ରେକ୍ ଅପ୍ ଲଭ୍'। ଫିଲ୍ମଟିର ନିର୍ଦ୍ଦେଶନା ଦେବେ ପିନ୍ଟୁ। ସଙ୍ଗୀତ ଦାୟିତ୍ୱରେ ଅଛନ୍ତି ଅଭିଜିତ୍ ମଜୁମ୍‌ଦାର।


ଦୀପକ

## ମେରେ ଦୋ ଦୋ ବାପ୍

ଥରେ ମନେପକାନ୍ତୁ ନା ସୁପରହିଟ୍ ଫିଲ୍ମ 'ଗୋପୀ କିଷନ୍'ରେ ସୁନୀଲ ସେଟ୍ଟିଙ୍କ ରୋଲ୍‌କୁ। ଏଥିରେ ସେ ଡବଲ ରୋଲ୍‌ରେ ଦର୍ଶକଙ୍କ ସାମ୍‌ନାକୁ ଆସିଥିଲେ। ଏଥିରେ ତାଙ୍କର ଏକ ମାନିଆ ଡାଏଲଗ୍ ଥିଲା। ତାହା ହେଲା- 'ମେରା ଦୋ ଦୋ ବାପ୍'। ଚଳିତବର୍ଷ ଏହି ସିନେମା ୨୫ ବର୍ଷ ପୂରଣ କରିଛି। ଏହି ଅବସରରେ ସୁନୀଲ ଏକ ମଜାଦାର କଥା କହି ସେଠାରେ ଉପସ୍ଥିତ ବ୍ୟକ୍ତିଙ୍କୁ ହସାଇ ହସାଇ ବେଦମ କରିଥିଲେ। ସେ କହିଥିଲେ ଯେ, ମୋ ଝିଅ ଆଥିୟା ମୋ ସହ ମଜା କରିବା ସମୟରେ କହେ 'ମେରା ଦୋ ଦୋ ବାପ୍'। କମେଡିଭିତ୍ତିକ ଏହି ଫିଲ୍ମଟି ସେ ସମୟରେ ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ଦେବାରେ ସକ୍ଷମ ହୋଇଥିଲା।

## ସଞ୍ଜୟଙ୍କ ଲଭ୍ ଫର୍ମୁଲା

ଥରେ ମନେପକାନ୍ତୁ ନା କଟାହାତ, କଙ୍କଡ଼ା ବିଛା, ଗାଈ ପରି ଗିମିକ୍ ସିକୁଏନ୍ସକୁ! ନିର୍ଦ୍ଦେଶକ ସଞ୍ଜୟ ନାୟକଙ୍କୁ ଏସବୁ ବେଶ୍ ମାଇଲେଜ୍ ଦେଇଥିଲା। 'ରାଖୀ ବାନ୍ଧିଲି ମୋ ରଖିବ ମାନ'ରୁ ଆରମ୍ଭ ହୋଇଥିଲା। ତା'ପରେ 'ବାବୁ ଆଇ ଲଭ୍ ୟୁ', 'ରକତ କହିବ କିଏ କାହାର', ଆଦି ୩୩ଟି ସିନେମାର ନିର୍ଦ୍ଦେଶନା ଦେଇସାରିଛନ୍ତି। ଏବେ ତାଙ୍କୁ ନେଇ ଚର୍ଚ୍ଚା। ଏଭଳି ଆଲୋଚନାର କାରଣ ସାଜିଛି ତାଙ୍କର ଲଭ୍ ଫର୍ମୁଲା। ଅପରପକ୍ଷରେ ଏବେ ସେ ୨-୩ଟି ଓଡ଼ିଆ ସିନେମାର ପ୍ରାରମ୍ଭିକ କାମରେ ବ୍ୟସ୍ତ ଅଛନ୍ତି। ତେବେ ଏହି ଗିମିକ ମାଷ୍ଟର ତାଙ୍କର ଆଗାମୀ ଫିଲ୍ମଗୁଡିକରେ କି ମସଲା ରଖିଛନ୍ତି ତାହା ରିଲିଜ ହେଲେ ହିଁ ଜଣାପଡ଼ିବ।



ଧରିତ୍ରୀର ଜନ୍ମ ବାର୍ଷିକୀ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ।
ଟୁଟୁ ପ୍ରଧାନ
ଗଞ୍ଜାମ ଜିଲ୍ଲା, ସିଆର ସିସି ସଂଘ, ସଭାପତି

ଧରିତ୍ରୀର ୪୬ତମ ଜନ୍ମବାର୍ଷିକ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଓ ଶୁଭ ଅଭିନନ୍ଦନ।

ମା' ସାତଭଉଣୀ ପରିବେଶ ବିକାଶ ସମିତି
ସାତକୋଶିଆ ସ୍ୟାଣ୍ଡରିସର୍ଟ

ଆନନ୍ଦ ନର୍ସିଂହୋମ
(ରେ.ନଂ. : ଡିଏମ୍‌ଇଟି ୩୭୭/୨୦୦୪)
ଗଡ଼ଅଣ୍ଡିଆ, ନିମାପଡ଼ା
ମୋ- ୭୫୦୪୬୦୮୦୦୬, ୯୪୩୮୩୨୦୪୫୮
ଏଠାରେ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ବନ୍ଧୁ କୃଷକ କଲ୍ୟାଣ ଯୋଜନା ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡଧାରୀମାନଙ୍କ ପାଇଁ ମାଗଣାରେ ଚିକିତ୍ସା ସୁବିଧା ଉପଲବ୍ଧ।
ବିରଞ୍ଚି ନାରାୟଣ କୁଣ୍ଡୁ
ପ୍ରୋପ୍ରାଇଟର

ଧରିତ୍ରୀର ଜନ୍ମ ବାର୍ଷିକୀ ଅବସରରେ ସହକାରୀ ଶିକ୍ଷକ, ଛାତ୍ରୀଛାତ୍ର, ଅଭିଭାବକଙ୍କୁ ଆନ୍ତରିକ ଶୁଭେଚ୍ଛା ।
ଭଗବାନ ବେହେରା
ପ୍ରଧାନ ଶିକ୍ଷକ, ପରାଙ୍କୁଷ ବିଦ୍ୟାପୀଠ
ସାମନ୍ତିଆ ପଲ୍ଲୀ


ଧରିତ୍ରୀର ଜନ୍ମଦିନ ଅବସରରେ ସମସ୍ତ ଛାତ୍ରୀଛାତ୍ରଙ୍କର ଭବିଷ୍ୟତ ମଙ୍ଗଳ କାମନା କରୁଛି। ମା' ଶାରଳା ସମସ୍ତଙ୍କୁ ସହାୟ ହୁଅନ୍ତୁ।
ASHOK KUMAR MOHANTY
(Chairman)
Maa Sarala D.M.L. Training School
& Paradeep Pharmacy College
Tentulipada, Tirtol, Jagatsinghpur

ଧରିତ୍ରୀର ୪୬ତମ ଜନ୍ମବାର୍ଷିକ ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।

ଶ୍ରୀଯୁକ୍ତ ଅଶୋକ ଦାସ
ବନାଞ୍ଚଳ ଅଧିକାରୀ
ଛାମୁଣ୍ଡିଆ ବନାଞ୍ଚଳ

ଧରିତ୍ରୀର ୪୬ତମ ଜନ୍ମବାର୍ଷିକ ଉପଲକ୍ଷେ ଶୁଭେଚ୍ଛା ଓ ଶୁଭକାମନା।

ଶ୍ରୀଯୁକ୍ତ ଶେଷଦେବ ସ୍ୱାଇଁ
ପଞ୍ଚାୟତ ସମିତି ଅଧ୍ୟକ୍ଷ
ଗଣିଆ, ନୟାଗଡ

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉପଲକ୍ଷେ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକର ଜନସାଧାରଣଙ୍କୁ ଶୁଭେଚ୍ଛା।

ଗୟାଧର ପରିଡ଼ା
ଉପାଧ୍ୟକ୍ଷ ତଥା ସଭାପତି
ବିଜୁ ଜନତା ଦଳ
ଭାପୁର ବ୍ଲକ

ସୁଶାନ୍ତ କୁମାର ସାହୁ
ଯୁବ ସଭାପତି
ବିଜୁ ଜନତା ଦଳ
ଭାପୁର ବ୍ଲକ

ଧରିତ୍ରୀର ୪୬ତମ ଜନ୍ମବାର୍ଷିକ ଉପଲକ୍ଷେ ଅଭିନନ୍ଦନ।
ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରନ୍ତୁ।


ଧରିତ୍ରୀର ୪୬ତମ ଜନ୍ମବାର୍ଷିକ ଅବସରରେ ଅଭିନନ୍ଦନ।

କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ପବ୍ଲିକ ସ୍କୁଲ
ଭିକାରୀପଡ଼ା, ଶରଣକୁଳ, ନୟାଗଡ

ଧରିତ୍ରୀର ୪୬ତମ ଜନ୍ମବାର୍ଷିକ ଅବସରରେ ଅଭିନନ୍ଦନ।

ଶ୍ରୀ ରାମକୃଷ୍ଣ ଆଦର୍ଶ ଶିକ୍ଷା କେନ୍ଦ୍ର
ଖଣ୍ଡପଡା ରୋଡ, ନୟାଗଡ

ଧରିତ୍ରୀର ୪୬ତମ ଜନ୍ମବାର୍ଷିକ ଅବସରରେ ଅଭିନନ୍ଦନ।

ଏଚ୍‌ଡ଼ିଏଫସି ବ୍ୟାଙ୍କର (ସିଏସ୍‌ଆର)
ପ୍ରକଳ୍ପ ଓ ସାମଗ୍ରିକ ଗ୍ରାମୀଣ ବିକାଶ ପରିଯୋଜନା
ଗ୍ରାମବିକାଶ, ନୟାଗଡ



"ସପ୍ତମ ବେତନ କମିଶନଙ୍କ ପ୍ରସ୍ତାବ ଲାଗୁ ହେବା ପରେ ରେଲୱେ କର୍ମଚାରୀଙ୍କ ବେତନ ଏବଂ ପେନ୍‌ସନ ବାବଦକୁ ଅତିରିକ୍ତ ୨୨ ହଜାର କୋଟି ଟଙ୍କା ଖର୍ଚ୍ଚ କରୁଛି। ଏହା ଦ୍ୱାରା ରେଲୱେର ରାଜସ୍ୱ ଉପରେ ପ୍ରଭାବ ପଡିଛି। **–ପୀୟୂଷ ଗୋୟଲ, କେନ୍ଦ୍ର ରେଳ ମନ୍ତ୍ରୀ**



"ନଭେମ୍ବରରେ ଚାହିଦା ବଢିବା ଯୋଗୁ ସେବା କ୍ଷେତ୍ର କାର୍ଯ୍ୟକଳାପ ବଢିଛି। ଏହି କ୍ଷେତ୍ରରେ ପିଏମ୍‌ଆଇ ୫୨.୭%କୁ ବୃଦ୍ଧି ହୋଇଛି।

**–ପଲିନା ଡି.ଲିମା, ଅର୍ଥନୀତିଜ୍ଞ**

## ସଂକ୍ଷେପରେ

### ଜିଏସ୍‌ଟି କ୍ଷତିପୂରଣ ବିଳମ୍ବକୁ ନେଇ ଉଦ୍‌ବେଗ

ନୂଆଦିଲ୍ଲୀ, ୪-୧୨

କେନ୍ଦ୍ର ସରକାର ଜିଏସ୍‌ଟି କ୍ଷତିପୂରଣ ପ୍ରଦାନରେ ବିଳମ୍ବ କରୁଥିବାରୁ ଏହାକୁ ନେଇ ବିରୋଧୀ ଦଳରେ ଥିବା ରାଜ୍ୟଗୁଡିକର ଅର୍ଥମନ୍ତ୍ରୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ରାଜ୍ୟ ଅର୍ଥମନ୍ତ୍ରୀ ମାନଙ୍କର ଏକ ପ୍ରତିନିଧି ଦଳ ବୁଧବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ଭେଟିଛନ୍ତି। ଜିଏସ୍‌ଟି କ୍ଷତିପୂରଣ ବିଳମ୍ବ ହେଉଥିବାରୁ ଏଥିଯୋଗୁ ରାଜ୍ୟଗୁଡିକ ବିଭିନ୍ନ ସମସ୍ୟା ସାମ୍ନା କରୁଥିବା ପ୍ରସଙ୍ଗକୁ ସେମାନେ ଉଠାଇଛନ୍ତି। ପ୍ରତିନିଧି ଦଳରେ ଦିଲ୍ଲୀ, ପୁଡୁଚେରୀ, ପଞ୍ଜାବ, ମଧ୍ୟପ୍ରଦେଶ,କେରଳ, ରାଜସ୍ଥାନ, ଛତିଶଗଡ, ପଶ୍ଚିମବଙ୍ଗ ଭଳି ରାଜ୍ୟ ସାମିଲ ହୋଇଛନ୍ତି। ନିର୍ମଳା ସୀତାରାମନଙ୍କ ସହ ବୈଠକ ପରେ ପଞ୍ଜାବ ଅର୍ଥମନ୍ତ୍ରୀ ମନପ୍ରୀତ ସିଂ ବାଦଲ କହିଛନ୍ତି ଯେ, ଅଗଷ୍ଟ ଏବଂ ସେପ୍ଟେମ୍ବର ମାସର କ୍ଷତିପୂରଣ ରାଜ୍ୟ ବର୍ତ୍ତମାନ ଯାଏ ପାଇ ନାହାନ୍ତି। ପୁରୁଣା କ୍ଷତିପୂରଣ ଏବେ ଯାଏ ମିଳି ନ ଥିବା ବେଳେ ବର୍ତ୍ତମାନ ନଭେମ୍ବର ଏବଂ ଡିସେମ୍ବର ମାସର କ୍ଷତିପୂରଣ ଲାଗି ସମୟ ଆସିଲାଣି। ଅଗଷ୍ଟରୁ ନଭେମ୍ବର ଯାଏ କ୍ଷତିପୂରଣର ଦେୟ ସରକାରଙ୍କୁ ପ୍ରଦାନ କରିବାକୁ ପଡିବ। ରାଜ୍ୟଗୁଡିକୁ ଶୀଘ୍ର କ୍ଷତିପୂରଣ ଲାଗି ନିର୍ମଳା ସୀତାରାମନ ପ୍ରତିଶ୍ରୁତି ଦେଇଛନ୍ତି। ହେଲେ କେଉଁ ସମୟ ମଧ୍ୟରେ ଏହା ପ୍ରଦାନ କରାଯିବ ସେ ନେଇ କୌଣସି ସ୍ପଷ୍ଟ ସୂଚନା ଦେଇ ନାହାନ୍ତି।

# ବ୍ରାଣ୍ଡ ଫ୍ୟାକ୍ଟ୍ରିରେ ଫ୍ରି ଶପିଂ ୱିକେଣ୍ଡ ଆରମ୍ଭ



ଭୁବନେଶ୍ୱର,୪–୧୨

ବ୍ରାଣ୍ଡ ଫ୍ୟାକ୍ଟ୍ରି ପକ୍ଷରୁ ଫ୍ରି ସପିଂ ୱିକେଣ୍ଡ ଶୁଭାରମ୍ଭ କରାଯାଇଛି। ଏହି ଡିସେମ୍ବର ୪ରୁ ୮ ତାରିଖ ଯାଏ ଚାଲିବ। ୨୦୦ରୁ ଅଧିକ ଓରିଜିନାଲ ବ୍ରାଣ୍ଡର କ୍ରୟ ଅଭିଜ୍ଞତା ଏହି ସମୟରେ ଗ୍ରାହକମାନେ ଲାଭ କରିପାରିବେ। ଏହି ଅଫରକୁ ଗ୍ରାହକଙ୍କ ବିପୁଳ ରେସପନ୍ସ ମିଳୁଥିବା ଷ୍ଟୋର ପକ୍ଷରୁ ସୂଚନା ରହିଛି। କଟକ ଏବଂ ଭୁବନେଶ୍ୱର ଷ୍ଟୋରରେ ଗ୍ରାହକଙ୍କ ଗହଳି

**ଅଫରକୁ ବିପୁଳ ରେସ୍‌ପନ୍ସ**

ଲାଗି ରହୁଛି। ଗ୍ରାହକ ୫ ହଜାର ଟଙ୍କାର କିଣାକିଣି ଉପରେ ମାତ୍ର ୨୦୦୦ ଟଙ୍କା ପ୍ରଦାନ କରିବେ। ଏହାକୁ ୧୨୦୦ ଟଙ୍କାର ଗିଫ୍ଟ ଭାଉଚର, ୫୦୦ ଟଙ୍କା ମୂଲ୍ୟର ପୋଷାକ ଏବଂ ଫ୍ୟୁଚର ପେୱାଲେଟରେ ୩୦୦ ଟଙ୍କାର କ୍ୟାଶ୍‌ବ୍ୟାକ୍ ଦ୍ୱାରା ଫେରି ପାଇବେ। ଅର୍ଥାତ୍ କହିବାକୁ ଗଲେ ଗ୍ରାହକ ସମ୍ପୂର୍ଣ୍ଣ ମାଗଣାରେ ଏହି ସପିଙ୍ଗ୍ କରିବାର ସୁବିଧା ଲାଭ କରିବେ ବୋଲି ବ୍ରାଣ୍ଡ ଫ୍ୟାକ୍ଟ୍ରି ପକ୍ଷରୁ କୁହାଯାଇଛି। ପୁରୁଷ, ମହିଳା ଏବଂ ଶିଶୁଙ୍କ ବର୍ଗରେ ବିଭିନ୍ନ ବ୍ରାଣ୍ଡ ଏଠାରେ ରହିଛି। ଫ୍ରି ସପିଂ ୱିକେଣ୍ଡ ଶୁଭାରମ୍ଭ କରି ଅତ୍ୟନ୍ତ ଖୁସି ବୋଲି ବ୍ରାଣ୍ଡ ଫ୍ୟାକ୍ଟ୍ରି ସିଇଓ ସୁରେଶ ସାଧୱାନି କହିଛନ୍ତି। ଅଫର ସୀମିତ ସମୟ ଲାଗି ରହୁଥିବାରୁ ଏହାର ଲାଭ ଗ୍ରାହକ ନେବାକୁ ବ୍ରାଣ୍ଡ ଫ୍ୟାକ୍ଟ୍ରିର କ୍ଲଷ୍ଟର ମ୍ୟାନେଜର ମାନସ ମହାନ୍ତି କହିଛନ୍ତି।

# ବଜାରରେ ୟୁନିବିକ୍‌ର ନୂଆ ପ୍ରଡକ୍ଟ

ଭୁବନେଶ୍ୱର, ୪–୧୨



ପ୍ରମୁଖ କୁକିଜ୍ ଏବଂ ବିସ୍କୁଟ ବ୍ରାଣ୍ଡ ୟୁନିବିକ ପକ୍ଷରୁ ୫ଟି ଭିନ୍ନ ପ୍ରକାରର ୱାଫର୍ସ ବଜାର ପ୍ରବେଶ କରାଯାଇଛି। କମ୍ପାନୀର ଆଞ୍ଚଳିକ ପ୍ରବନ୍ଧକ ଶ୍ରୀହରି କ୍ରୀଷ୍ଣା, ସିନିୟର ମ୍ୟାନେଜର ଆଦିତ୍ୟ ମହାପାତ୍ର, ବିତରକ ସୋନି ଏଣ୍ଟରପ୍ରାଇଜେସର ଏମଡି ପ୍ରିଲିଭା ମହାନ୍ତି ଏହାର ଉନ୍ମୋଚନ କରିଥିଲେ। ଏଥି ସହିତ ୫, ୧୦ ଏବଂ ୨୦ ଟଙ୍କା ମୂଲ୍ୟର ବଟରର୍ଲି କୁକିଜର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ୬୦ରୁ ଊର୍ଦ୍ଧ୍ୱ ଡିଲର ଯୋଗ ଦେଇଥିଲେ। ବଜାରକୁ ଆସିଥିବା ନୂଆ ୱାଫର୍ସ ମଧ୍ୟରେ ଷ୍ଟ୍ରବେରୀ, ଚିଜ୍, ଅରେଞ୍ଜ, ଚକୋଲେଟ, ମ୍ୟାଙ୍ଗୋର ଗୁଣବତ୍ତା ଗ୍ରାହକ ଲାଭ କରିପାରିବେ। କମ୍ପାନୀ ୩୦ ଭେରାଇଟିର ପ୍ରଡକ୍ଟ ବଜାରରେ ଉପଲବ୍ଧ କରାଉଛି। ସେହିଭଳି ୨୪ ଅଲଗା ଅଲଗା ଫ୍ଲେଭର ଏବଂ ୬ ସୁଗାର ଫ୍ରି ଭେରାଇଟି ଏହା ପ୍ରଦାନ କରୁଛି। ଓଡ଼ିଶା ବଜାରରେ କମ୍ପାନୀ ଉନ୍ନତ କାରବାର କରିବାକୁ ଆଶା ରଖିଥିବା କହିଛି।



ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ କର୍ମଚାରୀ ସଂଘ ପ୍ରବନ୍ଧନ କମିଟିର ପଞ୍ଚମ ବୈଠକ ଢେଙ୍କାନାଳଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଆଶୁତୋଷ ସାମଲ, ସମ୍ପାଦକ ଅନୂପ ମହାନ୍ତି ପ୍ରମୁଖ ତତ୍ତ୍ୱାବଧାନର ଆୟୋଜିତ କାର୍ଯ୍ୟକ୍ରମରେ ସଂଘର କର୍ମଚାରୀମାନେ ଏଥିରେ ଯୋଗ ଦେଇଥିଲେ।

# ମ୍ୟୁଚୁଆଲ ଫଣ୍ଡ ବିଷୟରେ ବୁଝି ନିବେଶ କରନ୍ତୁ

## ଅର୍ଥର ଅର୍ଥ



Rupkumar Pradhan
CERTIFIED FINANCIAL PLANNER CM ,CHARTERED WEALTH MANAGER
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**▶ମ୍ୟୁଚୁଆଲ ଫଣ୍ଡରେ କିଛି ଟଙ୍କା ନିବେଶ କରିବାକୁ ଚାହୁଁଛି। କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ କେଉଁ ସ୍କିମରେ ନିବେଶ କରିବା ଉଚିତ ହେବ? ଆସେଟ୍ ଆଲୋକେଶନ କିପରି କରିବି? ଇକ୍ୟୁଟି ଫଣ୍ଡ କିମ୍ବା ଡେବ୍ଟ ଫଣ୍ଡରେ ନିବେଶ କରିବି?**

*– ସାଗରିକା ସ୍ୱାଇଁ, ଢେଙ୍କାନାଳ*

■ଯେହେତୁ ଆପଣ ମ୍ୟୁଚୁଆଇ ଫଣ୍ଡ ନିବେଶ ଆରମ୍ଭ ଚାହୁଁଛନ୍ତି ତେଣୁ ମ୍ୟୁଚୁଆଲ ଫଣ୍ଡ ବିଷୟରେ ଭଲ ଭାବରେ ବୁଝି ନିବେଶ କରିବା ଉଚିତ ହେବ। ବିଭିନ୍ନ ପ୍ରକାରର ଆସେଟ ଯଥା ଇକ୍ୟୁଟି, ଡେବ୍ଟ, ଗୋଲ୍ଡ ଇତ୍ୟାଦି ଭିତରୁ କେଉଁ ପ୍ରକାରର ଆସେଟ୍ ଶ୍ରେଣୀରେ ନିବେଶ କରିବେ ଏହା ଏକ ବଡ ପ୍ରଶ୍ନ । ପ୍ରଥମଥର ନିବେଶ କ୍ଷେତ୍ରରେ ଲିକ୍ୟୁଡ ଫଣ୍ଡ କିମ୍ବା ଆସେଟ୍ ଆଲୋକେଶନ ଫଣ୍ଡରେ ନିବେଶ କରିବା ଉଚିତ ହେବ। ଯେଉଁ ନିବେଶକାରୀ କେଉଁ ଆସେଟ୍ ଶ୍ରେଣୀରେ ନିବେଶ କରୁ ନାହାନ୍ତି ଓ ଏହାକୁ ମୁଖ୍ୟ ନିବେଶ ପୋର୍ଟଫୋଲିଓ ହିସାବରେ ନିବେଶ କରିବା କ୍ଷେତ୍ରରେ ଆସେଟ ଆଲୋକେସନ ଫଣ୍ଡ ସବୁ ନିବେଶ ଲାଗି ଚୟନ କରିପାରନ୍ତି। ପୁଞ୍ଜୀବଜାରର ପୁନରାବର୍ତ୍ତକ ଘଟଣା ଅନୁଯାୟୀ ଫଣ୍ଡ ପୋର୍ଟଫୋଲିଓ ପରିବର୍ତ୍ତନ କରି ଫଣ୍ଡ ପରିଚାଳକ ଅଧିକ ଲାଭ ପ୍ରଦାନ କରିପାରିବେ। ଉଦାହରଣ ସ୍ୱରୂପ ଦେଶର ଅର୍ଥବ୍ୟବସ୍ଥା ବା ଅର୍ଥନୀତି ଯଦି ବୃଦ୍ଧି ହେଉଛି ତେବେ ଇକ୍ୟୁଟି ଆସେଟ୍ ଶ୍ରେଣୀ ସାଧାରଣତଃ ଭଲ ଫଳ ପ୍ରଦର୍ଶନ କରିଥାନ୍ତି କିମ୍ବା ଦେଶର ଅର୍ଥନୀତି ଯଦି ଖରାପ ଅଛି ତେବେ ଡେବ୍ଟ ଆସେଟ୍ ଶ୍ରେଣୀ ଭଲ ଫଳ ପ୍ରଦାନ କରିଥାନ୍ତି। ସାଧରଣତଃ ଏହା ହିଁ ହୋଇଥାଏ। ତେବେ ଏହାର ବ୍ୟତିକ୍ରମ ମଧ୍ୟ ହୋଇଥାଏ।

ଆସେଟ ଆଲୋକେଶନ ଫଣ୍ଡରେ ଇକ୍ୟୁଟି ଭାଗ ୦–୧୦୦% ମଧ୍ୟରେ ରହିଥାଏ। ପୁଞ୍ଜିବଜାର ପରିସ୍ଥିତିକୁ ଦେଖି ଫଣ୍ଡ ପରିଚାଳକ ଆସେଟ୍ ଶ୍ରେଣୀରେ ନିବେଶ ଅଧିକ କିମ୍ବା କମ୍ କରିଥାନ୍ତି। ନିମ୍ନଲିଖିତ ଫଣ୍ଡକୁ ନିବେଶ କରିବାକୁ ଚୟନ କରିପାରନ୍ତି। ଫ୍ରାଙ୍କଲିନ୍ ଇଣ୍ଡିଆ ଡାଏନମିକ ଆସେଟ୍ ଆଲୋକେଶନ ଏଫ୍‌ଓଏଫ୍ କିମ୍ବା ଆଇସିଆଇସିଆଇ ପ୍ରୁଡେନସିଆଲ ଆସେଟ୍ ଆଲୋକେଶନ ଫଣ୍ଡ।

ପ୍ରାୟତଃ ଅଧିକାଂଶ ନିବେଶକାରୀ କେଉଁ ଆସେଟ୍ ଶ୍ରେଣୀରେ ନିବେଶ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି ନାହିଁ ଓ ପୁଞ୍ଜି ବଜାର ବର୍ତ୍ତମାନ ପରିସ୍ଥିତିରେ ତଳକୁ କିମ୍ବା ଉପରକୁ ଯିବ ଏ ବିଷୟରେ ଜାଣିପାରନ୍ତି ନାହିଁ। ଏସବୁ ନିବେଶକାରୀ ଆସେଟ୍ ଆଲୋକେଶନ ଫଣ୍ଡରେ ନିବେଶ କରନ୍ତୁ। ମ୍ୟୁଚୁଆଲ ଫଣ୍ଡରେ ପ୍ରଥମ ଥର ନିବେଶ ଆରମ୍ଭ କରୁଛନ୍ତି ତେବେ ଆସେଟ୍ ଆଲୋକେଶନ ଫଣ୍ଡ ନିବେଶ ପାଇଁ ଚୟନ କରିପାରନ୍ତି।

**▶ଆୟକର ସୁବିଧା ପାଇବା ପାଇଁ ୧୫୦୦୦ ଟଙ୍କା ଏହି ଆର୍ଥିକ ବର୍ଷ ପାଇଁ ନିବେଶ କରିସାରିଛି। ଅଧିକ ୫୦,୦୦୦ ଟଙ୍କା ଆୟକର ଛାଡ ପାଇଁ ଏନ୍‌ପିଏସ୍‌ରେ ନିବେଶ କରିପାରିବି କି?**

*–ମାୟାଧର ସାହୁ, ଅନୁଗୋଳ*

■ ହଁ, ଆପଣ ନ୍ୟାସନାଲ ପେନ୍‌ସନ ସିଷ୍ଟମ(ଏନ୍‌ପିଏସ୍)ରେ ୫୦,୦୦୦ ଟଙ୍କା ନିବେଶ କରି ଆୟକର ନିୟମ u/s 80CCD(1B) ଅନୁଯାୟୀ ଆୟକର ଛାଡ ପାଇଁ ଦାବି କରିପାରିବେ। ସମୁଦାୟ ୨ ଲକ୍ଷ ଟଙ୍କା u/s 80C ଓ u/s 80CCD(1B) ଅନୁଯାୟୀ ଆୟକର ଛାଡ ପାଇବେ।

**▶ମ୍ୟୁଚୁଆଲ ଫଣ୍ଡ ଓ ୟୁଲିପ ନିବେଶ – କେଉଁ ନିବେଶ ଭଲ ହେବ? କେଉଁ– ସ୍କିମ୍ ୫ ବର୍ଷ ସମୟ ସୀମାରେ ଅଧିକ ଲାଭ ପ୍ରଦାନ କରିବ ?**

*–ସଂଗ୍ରାମ ବେହେରା, ପାରଳାଖେମୁଣ୍ଡି*

■ପ୍ରାୟତଃ ଏ ପ୍ରଶ୍ନ ଅଧିକାଂଶ ନିବେଶକାରୀଙ୍କ ମନରେ ଆସିଥାଏ । ପ୍ରକୃତରେ ଶ୍ରେଷ୍ଠତା ଦୃଷ୍ଟିରୁ ୟୁଲିପ ଓ ମ୍ୟୁଚୁଆଲ ଫଣ୍ଡ ପରସ୍ପର ସହିତ ତୁଳନା କରିବା ଅନୁଚିତ । ୟୁଲିପ ଏକ ବୀମା ଯୋଜନା ଯାହା ସହିତ ନିବେଶ ଏକ ଅଂଶ ଥାଏ। କିନ୍ତୁ ମ୍ୟୁଚୁଆଲ ଫଣ୍ଡ ଏକ ଖାଣ୍ଟି ନିବେଶ ଯୋଜନା । ନିବେଶ କରିବା କ୍ଷେତ୍ରରେ ଅନେକ ଦିଗକୁ ଦୃଷ୍ଟି ଦେବାକୁ ପଡିବ ବିଭିନ୍ନ ସ୍କିମ୍ ତୁଳନାତ୍ମକ ସମୀକ୍ଷା କରି ନିବେଶ କରିବା ଉଚିତ। ଯଦି ଆପଣ ନିଜେ କରି ପାରୁଛନ୍ତି ତ ଭଲ କଥା ନଚେତ ଜଣେ ଦକ୍ଷ ଓ ଅଭିଜ୍ଞ ପରାମର୍ଶଦାତାଙ୍କୁ ପରାମର୍ଶ ନେବା ଉଚିତ ହେବ।

ଆମ ଠିକଣା
ବିଜ୍‌ନେସ ଧରିତ୍ରୀ
ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ,
ଭୁବନେଶ୍ୱର – ୧୦

# ଆକାଶ ପକ୍ଷରୁ ମୋଟିଭେଶନାଲ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୪–୧୨



ଆକାଶ ଇନ୍‌ଷ୍ଟିଚ୍ୟୁଟ ଭୁବନେଶ୍ୱର ସେଣ୍ଟର ପକ୍ଷରୁ ଏକ ମୋଟିଭେଶନାଲ କାର୍ଯ୍ୟକ୍ରମ 'ଜିତ ଜିନ୍ଦେଗୀ' ସ୍ଥାନୀୟ ରେଳ ଅଡିଟୋରୀୟମଠାରେ ଅନୁଷ୍ଠିତ ହୋଇଯାଇଛି। ଆକାଶ ଭୁବନେଶ୍ୱର ଏବଂ କଟକ ସେଣ୍ଟରର ନିର୍ଦ୍ଦେଶକ, ଏଣ୍ଟରପ୍ରିନିୟର ତଥା ମୋଟିଭେଶନାଲ ସ୍ପିକର ଅଜୟ ବାହାଦୁର ସିଂ ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ଅଭିଭାଷଣ ରଖିଥିଲେ। ଏହି ଅବସରରେ ସେ କହିଛନ୍ତି ଯେ, ପ୍ରତ୍ୟେକଙ୍କ ନିକଟରେ ସ୍ୱତନ୍ତ୍ର ପ୍ରତିଭା ରହିଛି। ଏହାକୁ କେବେ ବି ଅଣଦେଖା କରାଯାଇ ପାରିବ ନାହିଁ। ମାତ୍ର ସଫଳତା ପାଇବା ଲାଗି ଉତ୍ସାହୀ ହେବାକୁ ପଡିବ। ଏକ ମନସ୍ଥ ହେବା ସହ ଛାତ୍ରୀଛାତ୍ର ସମୟର ମୂଲ୍ୟକୁ ବୁଝିବାକୁ ହେବ। ଅଧ୍ୟୟନରେ ବାଧା ଉପୁଜାଉଥିବା ବିଭିନ୍ନ ପ୍ରସଙ୍ଗଗୁଡିକୁ ବାଦ ଦେଇ ପରିଶ୍ରମ କରିଚାଲିଲେ ସମୟ ଆସିବ ଯେତେବେଳେ ଛାତ୍ରୀଛାତ୍ର ସଫଳତାର ଶିଡିକୁ ନିଶ୍ଚୟ ଅତିକ୍ରମ କରିବେ। ଏହି ଅବସରରେ ସେ ସଫଳ ଛାତ୍ରୀଛାତ୍ରଙ୍କ ଉଦାହରଣ ମଧ୍ୟ ଦେଇଛନ୍ତି। କେତେକ ଛାତ୍ରୀଛାତ୍ର ଗରିବ ପରିବାରରୁ ଆସିଥିଲେ ମଧ୍ୟ ନିଷ୍ଠା, କଠିନ ପରିଶ୍ରମ ଏବଂ ଅଧ୍ୟବସାୟ ବଳରେ କିଭଳି ସଫଳତାକୁ ନିଜ ହାତ ମୁଠାରେ କରିପାରିଲେ ତାହା ସିଂ ନିଜର ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ଛାତ୍ରୀଛାତ୍ରଙ୍କ ସଫଳତା କାମନା କରିବା ସହ କେବେ ବି ରାସ୍ତାରେ ନ ରହିଯିବାକୁ ସେ ପରାମର୍ଶ ଦେଇଛନ୍ତି। ବିଭିନ୍ନ ପ୍ରତିଯୋଗିତା ପରୀକ୍ଷା ଲାଗି ପ୍ରସ୍ତୁତ ହେଉଥିବା ଛାତ୍ରୀଛାତ୍ରଙ୍କ ଲାଗି ଏହା ଉଦ୍ଦିଷ୍ଟ ଥିଲା ଛାତ୍ରୀଛାତ୍ରଙ୍କୁ ସେମାନଙ୍କ କ୍ୟାରିୟର ଏବଂ ଭବିଷ୍ୟତ ବିଷୟରେ ସଚେତନ ଏବଂ ସଜାଗ କରାଇବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ସିଂ କହିଛନ୍ତି। ଏହି କାର୍ଯ୍ୟକ୍ରମ ୨ଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଛି। ଏ.ବି.ସିଂଙ୍କୁ ତାଙ୍କର ଜିନ୍ଦେଗୀ ଫାଉଣ୍ଡେଶନ ଲାଗି ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରୁ ଅନେକ ସମ୍ବର୍ଦ୍ଧନା ମିଳିଛି। ଏହା ଦ୍ୱାରା ଗରିବ ମେଧାବୀଙ୍କୁ ନିଃଶୁଳ୍କ ଶିକ୍ଷା ସହ ରହିବା ଏବଂ ଖାଇବାର ସୁବିଧା ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମ ଲାଗି ସେ ଦୁବାଇ ଏବଂ କାନାଡାରେ ସମ୍ବର୍ଦ୍ଧିତ ହୋଇଛନ୍ତି।


**NATIONAL INSTITUTE OF FASHION TECHNOLOGY, BHUBANESWAR**
(Ministry of Textile, Govt. of India)

**National Institute of Fashion Technology Announces**
**Admissions 2020**
**Unity in Diversity**

Open House-Cum-Career Counseling on 06.12.2019 from 11 AM to 4 PM. Guidelines & Counseling on Admission, Campus & Course options, Fee structure, Job Opportunity and Interactive session by faculty members. **Last date for applying for the same is 31st December 2019.**
For Further Information, Please contact: 8280114671, 9937297488
**Venue: NIFT Campus,** Plot No-24, Chandaka Industrial Estate, Opp. KIIT School of Mgmt, Bhubaneswar, Odisha, India, Pin-751024

**FOOD CORPORATION OF INDIA**
**REGIONAL OFFICE, BHUBANESWAR-7**
Tender No. QC-9/DFG-Tender (2)/2019 Dated : 05.12.2019
**TENDER NOTICE**
FCI, RO, Bhubaneswar invites online Tender under Two Bid System for the disposal of damaged food grains declared fit for Feed-I/ Feed-II/Industrial Use.
**A. Last date for submission of Bid on 25.12.2019 up to 02:00PM.**
**B. Bid opening date on 26.12.2019 at 03:00 PM.**
The Tender documents and other details are available on the website : **https://eprocure.gov.in/eprocure/app** and **www.fci.gov.in from 03:00 PM on 05.12.2019 up to 02:00 PM on 25.12.2019.**

**BHUBANESWAR MUNICIPAL CORPORATION**
**No.34080 TENDER CALL NOTICE Dt.30/11/2019**

Sealed tenders, in conformity to tender schedule are invited from intending authorised registered firms, suppliers and manufactures having eligibility criteria as noted below, for supply of Cartridge for Computer Printer & Xerox Machine for Bhubaneswar Municipal Corporation, so as to reach the undersigned through registered post/speed post only up to **4.00 PM on 23.12.2019.** The tender documents to be obtained from the Cashier on deposit of the non-refundable cost of the tender paper, in shape of cash by **18.12.2019** subject to the fulfillment of eligibility criteria. The tenders will be opened at **5.00 PM on 23.12.2019** in presence of the bidders/their authorised representatives in Mini Conference Hall of BMC. BMC will in no way, be responsible for any delay in receipt of the tender documents. The tender envelop should be superscribed as **"Tender for Supply of Cartridge".**

| Name of the Work | Cost of Tender Documents | EMD |
|---|---|---|
| Supply of Cartridge for computer Printer and Xerox Machine | Rs. 2000/- | Rs. 20,000/- |

The tender must be accompanied with the required EMD in shape of Bank Draft / Pay Order / Bankers Cheque from any Nationalized Bank drawn in favour of the Commissioner, Bhubaneswar Municipal Corporation. failing which the tender shall be rejected out-rightly. The tender should also be accompanied with Xerox copy of valid and up-to date ITCC or PAN Card and GST clearance certificate issued by appropriate authority, without which the tender are liable for outright rejection. Mere procurement of Tender Document does not guarantee for fulfillment of the eligibility criteria.

The authority reserves the right to accept or reject any tender without assigning any reason thereof.

By order,

Deputy Commissioner
Bhubaneswar Municipal Corporation

**Progress Through Partnership for a Better Bhubaneswar**

**BHUBANESWAR MUNICIPAL CORPORATION**
**No.34115 COMPETITIVE BIDDING THROUGH e-Procurement Dt.02/12/19**

**NOTICE INVITING TENDER**
**Bid Reference No. BMC-EE-DD-05/2019-20**

On behalf of the Commissioner, Bhubaneswar Municipal Corporation (BMC), on-line e-tender **Percentage Rate Bids** are invited by the Executive Engineer, Drainage Division, and BMC from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN.

Only the Bid Reference No.**(BMC-EE-DD-5/2019-20)** should be written clearly over (super scribed) the envelop containing the bid documents to be submitted by each intending bidder. Nowhere on the envelop the bidders should write Work Name & its Sl. No. failing which, such bids shall be rejected outrightly and will not be opened for evaluation. It is, therefore, urged that all the intending bidders should go through the tender call notice and DTCN thoroughly and submit their bids accordingly. In case of any mis-match or inconsistency or contradict among different clauses/conditions/instructions/ information furnished in this tender call notice or in the DTCN, then necessary clarification shall be issued by Executive Engineer, BMC Drainage Division on specific request without compromising the transparency. Clarifications required, if any, on any matter related to this tender notice, shall be furnished by an authorized officer of BMC Drainage Division (during office hours only) till the stipulated last date and time of submission of on-line tender.

1. Total No. of works for which Tenders invited: **06 Nos.**
2. Place of Execution : Different locations in Bhubaneswar Municipal Corporation area.
3. Estimated Cost of Individual Work : **Rs.44,642/- to Rs.19,47,932/-** Contractors of **Class 'D' to Class 'C'** as indicated against each work mentioned in the tender call. The contractors having appropriate class or one higher up class can participate.
4. Intending bidders have to participate through **"On-Line"** bidding only. The website for online bidding is https://www.tendersodisha.gov.in.
5. The bid documents will be available in the above website from **5 P.M on Dt. 06.12.2019 to 5 P.M on Dt. 13.12.2019** for online bidding.
6. Bids received online will be opened at **11.00 A.M on Dt. 16.12.2019.**
7. The bidder must possess valid and Compatible Digital Signature Certificate **(DSC).**
8. The successful bidder bidding @ less than the estimated cost has to furnish A.P.S (Additional Performance Security) as per OPWD Code amendment to Para-3.5.5(V) failing which the bid shall not be considered.
9. The DTCN of works shall be available in the e-procurement portal https://www.tendersodisha.gov.in for on-line bidding .

**On behalf of Commissioner, BMC, Bhubaneswar**

**Executive Engineer,**
**Drainage Division, BMC**

**Progress Through Partnership for a Better Bhubaneswar**



"ଭାରତ ବିପକ୍ଷ ଆଗାମୀ ସୀମିତ ଓଭର ସିରିଜରେ ବିରାଟ କୋହଲିଙ୍କ ଉଇକେଟ୍ ଆମ ପାଇଁ ମହତ୍ତ୍ୱପୂର୍ଣ୍ଣ। ତାଙ୍କୁ ଆଉଟ୍ କରିବା କଷ୍ଟସାଧ୍ୟ ବ୍ୟାପାର ।"
–ଫିଲ୍ ସିମନ୍ସ, ୱେଷ୍ଟଇଣ୍ଡିଜ କୋଚ୍



"ଟେଷ୍ଟରେ ବ୍ରାଏନ ଲାରାଙ୍କ ନାମରେ ରହିଥିବା ସର୍ବାଧିକ ବ୍ୟକ୍ତିଗତ ସ୍କୋରକୁ ଭାଙ୍ଗିବା ପାଇଁ ମୋତେ ଆଉ ଏକ ସୁଯୋଗ ମିଳିବ ବୋଲି ବିଶ୍ୱାସ ରହିଛି ।"
–ଡେଭିଡ୍ ୱାର୍ନର, ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନ

## ସଂକ୍ଷେପରେ

### ରେକର୍ଡଠାରୁ ଗୋଟିଏ ଛକା ଦୂରରେ ରୋହିତ



ନୂଆଦିଲ୍ଲୀ,୪।୧୨- ଭାରତୀୟ ଓପନର ରୋହିତ ଶର୍ମା ପ୍ରଥମ ଭାରତୀୟ ଭାବେ ଅନ୍ତର୍ଜାତୀୟ କ୍ରିକେଟରେ ୪୦୦ ଛକା ମାରିଥିବା ବ୍ୟାଟ୍ସମ୍ୟାନ ହେବାକୁ ଯାଉଛନ୍ତି। ଏହି ମାଇଲଷ୍ଟୋନ ସ୍ପର୍ଶ କରିବା ଲାଗି ତାଙ୍କୁ କେବଳ ଗୋଟିଏ ଛକା ଦରକାର। ସେ ବିଶ୍ୱର ୩ୟ ବ୍ୟାଟ୍ସମ୍ୟାନ ଭାବେ ଅନ୍ତର୍ଜାତୀୟ କ୍ରିକେଟରେ ୪୦୦ ଛକା ମାରିଥିବା କ୍ଲବରେ ସାମିଲ ହେବେ। ଏହି ତାଲିକାରେ ୱେଷ୍ଟଇଣ୍ଡିଜ ଓପନର କ୍ରିସ୍ ଗେଲ୍ ୫୩୪ ଛକା ସହ ଶୀର୍ଷରେ ଅଛନ୍ତି। ତାଙ୍କ ପଛକୁ ପୂର୍ବତନ ପାକିସ୍ତାନ ଅଧିନାୟକ ଶାହିଦ ଆଫ୍ରିଦୀ (୪୭୬) ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଆସନ୍ତା ୬ ତାରିଖରେ ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ପ୍ରଥମ ଟି୨୦ ଖେଳାଯିବ। ହୁଏତ ଏହି ମ୍ୟାଚ୍‌ରେ ରୋହିତ ୪୦୦ ଛକା ଲଗାଇବାର ମାଇଲଷ୍ଟୋନ ସ୍ପର୍ଶ କରିପାରନ୍ତି।

# ଶୀର୍ଷକୁ ଫେରିଲେ କୋହଲି

**ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍**



ଦୁବାଇ, ୪।୧୨(ପି.ଟି.)

ସୁପରଷ୍ଟାର ବିରାଟ କୋହଲି ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ର ଶୀର୍ଷ ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଭାରତୀୟ ଅଧିନାୟକ କୋହଲି ଅଷ୍ଟ୍ରେଲିଆ ଅଭିଜ୍ଞ ବ୍ୟାଟ୍ସମ୍ୟାନ ଷ୍ଟିଭ୍ ସ୍ମିଥ୍‌ଙ୍କୁ ପଛରେ ପକାଇ ବୁଧବାର ପ୍ରକାଶିତ ର୍‍ୟାଙ୍କିଙ୍ଗ୍‌ର ବ୍ୟାଟିଂ ତାଲିକାର ୧ ନମ୍ବର ସ୍ଥାନ ଅକ୍ତିଆର କରିଛନ୍ତି। ଗତ ସପ୍ତାହରେ କୋଲକାତାରେ ଅନୁଷ୍ଠିତ ବାଂଲାଦେଶ ବିପକ୍ଷ ଦିବାରାତ୍ର ଟେଷ୍ଟରେ କୋହଲି ୧୩୬ ରନର ଶତକୀୟ ପାଳି ଖେଳି ୯୨୮ ପଏଣ୍ଟ ହାସଲ କରିଛନ୍ତି। ଅନ୍ୟପଟେ ଆଡିଲେଡ ଟେଷ୍ଟରେ ୩୬ ରନ କରିଥିବା ସ୍ମିଥ୍ ୯୨୩ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ପାକିସ୍ତାନ ବିପକ୍ଷ ଆଡିଲେଡ ଟେଷ୍ଟ ପୂର୍ବରୁ ତାଙ୍କ ନିକଟରେ ଥିଲା ୯୩୧ ପଏଣ୍ଟ। ଏଥିରେ ୮ ପଏଣ୍ଟର ଅବନତି ହୋଇଛି।

ଟେଷ୍ଟ ସ୍ପେଶାଲିଷ୍ଟ କୁହାଯାଉଥିବା ଚେତେଶ୍ୱର ପୂଜାରା ଚତୁର୍ଥ ସ୍ଥାନ ବଜାୟ ରଖିଛନ୍ତି। ଅନ୍ୟପଟେ ଅଜିଙ୍କ୍ୟ ରାହାନେ ଗୋଟିଏ ସ୍ଥାନ ତଳକୁ ଖସି ବ୍ୟାଟିଂ ତାଲିକାର ଷଷ୍ଠ ସ୍ଥାନରେ ରହିଛନ୍ତି। ବୋଲରମାନଙ୍କ ମଧ୍ୟରେ ଯଶପ୍ରୀତ ବୁମ୍‌ରା ବୋଲିଂ ତାଲିକାର ପଞ୍ଚମ ସ୍ଥାନରେ ରହି ଶ୍ରେଷ୍ଠ ଭାରତୀୟ ବୋଲର ସାବ୍ୟସ୍ତ ହୋଇଛନ୍ତି। ସିନିୟର ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ପୂର୍ବପରି ନବମ ସ୍ଥାନରେ ରହିଛନ୍ତି। ଦ୍ରୁତ ବୋଲର ମହମ୍ମଦ ସାମି ସାମି ଟପ୍-୧୦ରେ ପ୍ରବେଶ କରିଛନ୍ତି। ସାମି ଗୋଟିଏ ପାହାଚ ଉପରକୁ ଉଠି ୧୦ମ ସ୍ଥାନରେ ରହିଛନ୍ତି।

ଅଷ୍ଟ୍ରେଲିଆ ଅଭିଜ୍ଞ ଓପନର ଡେଭିଡ ୱାର୍ନର ଆଡିଲେଡ ଟେଷ୍ଟରେ ଅପରାଜିତ ୩୩୫ ରନର ତ୍ରିଶତକୀୟ ପାଳି ଖେଳି ୧୨ଟି ସ୍ଥାନ ଉପରକୁ ଉଠି ପଞ୍ଚମ ସ୍ଥାନରେ ରହିଛନ୍ତି। ସେହିପରି ଯୁବ ବ୍ୟାଟ୍ସମ୍ୟାନ ମାର୍ନସ ଲାବୁସ୍କାନ ଶ୍ରେଷ୍ଠ ୧୦୦ରେ ସ୍ଥାନ ପାଇଛନ୍ତି। ସେ ବର୍ଷ ଆରମ୍ଭରେ ୧୧୦ତମ ସ୍ଥାନରେ ରହିଥିଲେ। ଆଡିଲେଡ ଟେଷ୍ଟରେ ୭ ଉଇକେଟ ହାସଲ କରିଥିବା ଅଷ୍ଟ୍ରେଲିଆ ତାରକା ଦ୍ରୁତ ବୋଲର ମିଚେଲ ଷ୍ଟାର୍କ ୪ଟି ସ୍ଥାନ ଉପରକୁ ଉଠି ୧୪ତମ ସ୍ଥାନରେ ରହିଛନ୍ତି। ପାକିସ୍ତାନ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ବାବର ଆଜମ ଦୁଇଟି ସ୍ଥାନ ଉପରକୁ ଉଠି ୧୩ତମ ସ୍ଥାନରେ ରହିଛନ୍ତି। ସେହିପରି ବାମହାତୀ ଓପନର ଶାନ୍ ମାସୁଦ ୧୦ଟି ସ୍ଥାନ ଉପରକୁ ଉଠି କ୍ୟାରିୟର ଶ୍ରେଷ୍ଠ ୪୭ତମ ସ୍ଥାନରେ ରହିଛନ୍ତି।

ଇଂଲଣ୍ଡ ଅଧିନାୟକ ଜୋ ରୁଟ୍ ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ୨୨୬ ରନର ଦ୍ୱିଶତକୀୟ ପାଳି ଖେଳି ୧୧ରୁ ସପ୍ତମ ସ୍ଥାନକୁ ଉପରକୁ ଉଠି ଶ୍ରେଷ୍ଠ ୧୦କୁ ଫେରିଛନ୍ତି।

# ସତ୍ୟଜିତ, ସସ୍ମିତାଙ୍କୁ ସ୍ୱର୍ଣ୍ଣିମ ସଫଳତା

**ଦକ୍ଷିଣ ଏସୀୟ କ୍ରୀଡ଼ା**



ଭୁବନେଶ୍ୱର, ୪।୧୨(କ୍ରୀଡ଼ା ପ୍ରତିନିଧି)

ନେପାଳର କାଠମାଣ୍ଡୁଠାରେ ଅନୁଷ୍ଠିତ ୧୩ତମ ଦକ୍ଷିଣ ଏସିୟ କ୍ରୀଡ଼ାର ଖୋ ଖୋ ବିଭାଗରେ ଭାରତୀୟ ମହିଳା ଓ ପୁରୁଷ ଦଳ ସ୍ୱର୍ଣ୍ଣ ପଦକଲାଭ କରିଛି। ପୁରୁଷ ଦଳ ବାଂଲାଦେଶକୁ ହରାଇ ପ୍ରଥମସ୍ଥାନ ଅଧିକାର କରିଥିବା ବେଳେ ଭାରତୀୟ ମହିଳା ଦଳ ନେପାଳକୁ ହରାଇ ସ୍ୱର୍ଣ୍ଣପଦକ ପାଇଛି। ଭାରତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଓଡ଼ିଶାର ସସ୍ମିତା ନାଥଶର୍ମା ଓ ସତ୍ୟଜିତ୍ ସିଂ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି।

# ଭାଗୀଦାରିରେ ବିଶ୍ୱ କୀର୍ତ୍ତିମାନ

**ବାରବାଟୀ ଦିନିକିଆ ଆଉ ୧୭ ଦିନ**

କଟକ ଅଫିସ,୪।୧୨

ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଏକଦିବସୀୟ କ୍ରିକେଟ ମ୍ୟାଚ ଚଳିତମାସ ୨୨ ତାରିଖରେ ଅନୁଷ୍ଠିତ ହେବ। ଏହି ମ୍ୟାଚ ପୂର୍ବରୁ ବିଶ୍ୱ କୀର୍ତ୍ତିମାନକୁ ନଜର ପକାଇଲେ ଏଠାରେ ଅନୁଷ୍ଠିତ ଏକଦିବସୀୟ କ୍ରିକେଟ ମ୍ୟାଚ୍‌ର ୪ର୍ଥ ଉଇକେଟ ଭାଗୀଦାରିରେ ଭାରତ ଶ୍ରେଷ୍ଠରେ ରହିଛି। ମହମ୍ମଦ ଆଝାରୁଦ୍ଦିନ ଓ ଅଜୟ ଜାଡ଼େଜା ଏହି ରେକର୍ଡର ଅଧିକାରୀ ଅଛନ୍ତି। ଉଭୟ ୧୯୯୮ ମସିହା ଏପ୍ରିଲ ୯ରେ ଜିମ୍ବାୱେ ବିପକ୍ଷରେ ୨୭୫ରନ ସଂଗ୍ରହ କରି ଏହି ରେକର୍ଡ ରଚିଥିଲେ। ଉଭୟ ଅପରାଜିତ ଶତକୀୟ ଇନିଂସ ଖେଳିଥିବା ବେଳେ ଏହି ମ୍ୟାଚ୍‌କୁ ଭାରତ ୩୨ରନରେ ଜିତିଥିଲା। ଭାରତ, ଅଷ୍ଟ୍ରେଲିଆ ଓ ଜିମ୍ବାୱେ ମଧ୍ୟରେ ଖେଳାଯାଇଥିବା ତ୍ରିକୋଣୀୟ ସିରିଜରେ ଉକ୍ତ ରେକର୍ଡ ସୃଷ୍ଟି ହୋଇଥିଲା। ଆଝାରୁଦ୍ଦିନ-ଅଜୟଙ୍କ ପଛକୁ ଅଛନ୍ତି ଯୁବରାଜ ସିଂ-ମହେନ୍ଦ୍ର ସିଂ ଧୋନି। ୨୦୧୭ ଜାନୁୟାରୀ ୧୯ରେ ଇଂଲଣ୍ଡ ବିପକ୍ଷ ମ୍ୟାଚରେ ଯୁବରାଜ-ଧୋନି ୪ର୍ଥ ଉଇକେଟ ଭାଗିଦାରୀରେ ୨୫୬ ରନ୍ ସଂଗ୍ରହ କରିଥିଲେ। ଏଥିରେ ମଧ୍ୟ ଯୁବରାଜ ଓ ଧୋନୀଙ୍କ ବିସ୍ଫୋରକ ଶତକୀୟ ଇନିଂସ ଦେଖିବାକୁ ମିଳିଥିଲା ଓ ଏହି ମ୍ୟାଚ୍‌କୁ ଭାରତ ୧୫ରନରେ ଜିତିଥିଲା। ଭାରତୀୟ ଖେଳାଳିଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ଦୁଇଟି ଯାକ ରେକର୍ଡ ବାରବାଟୀ ଷ୍ଟାଡିୟମରେ ହିଁ ହୋଇଛି।

### ଆଜିଠୁ ଅନ୍‌ଲାଇନରେ ଟିକେଟ

ବୁଧବାର ରାତି ୧୨ଟା ପରଠାରୁ ଅନଲାଇନରେ ଭାରତ-ୱେଷ୍ଟଇଣ୍ଡିଜ ଏକ ଦିବସୀୟ ଅନ୍ତର୍ଜାତୀୟ ମ୍ୟାଚ୍ ନିମନ୍ତେ ଟିକେଟ ବିକ୍ରି ଆରମ୍ଭ ହୋଇଯାଇଛି। ଆସନ୍ତା ୧୫ ପର୍ଯ୍ୟନ୍ତ ଅନଲାଇନରେ ଟିକେଟ ଉପଲବ୍ଧ ହେବ। ମୋଟ୍ ୮୧୫୦ଟି ଟିକେଟ ଅନଲାଇନରେ ବିକ୍ରି କରାଯିବାକୁ ଧାର୍ଯ୍ୟ କରାଯାଇଛି। ପ୍ରତ୍ୟେକ ଟିକେଟର ମୂଳ ରାଶି ସହ ଚଳିତବର୍ଷ ୧୮ପ୍ରତିଶତ ଜିଏସଟି ଟ୍ୟାକ୍ସ ଦେବା ବାଧ୍ୟତାମୂଳକ କରାଯାଇଛି।

### ତ୍ରିରାଷ୍ଟ୍ରୀୟ ଜୁନିୟର ମହିଳା ହକି ଟୁର୍ଣ୍ଣାମେଣ୍ଟ

# ଭାରତର ବିଜୟ ଅଭିଯାନ

କାନବେରା, ୪।୧୨(ପି.ଟି.)

ଏଠାରେ ଚାଲିଥିବା ତ୍ରିରାଷ୍ଟ୍ରୀୟ ଜୁନିୟର ହକି ଟୁର୍ଣ୍ଣାମେଣ୍ଟରେ ଭାରତୀୟ ମହିଳା ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। ବୁଧବାର ଭାରତ ତା'ର ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ୨-୦ ଗୋଲରେ ପରାସ୍ତ କରିଛି। ୧୫ତମ ମିନିଟ୍‌ରେ ଷ୍ଟ୍ରାଇକର ଲାଲରିଣ୍ଡିକି ଭାରତ ପାଇଁ ପ୍ରଥମ ଗୋଲ ସ୍କୋର କରିଥିଲେ। ସେହିପରି ୬୦ତମ ମିନିଟ୍‌ରେ ମିଡ୍‌ଫିଲ୍ଡର ପ୍ରଭଲିନ କୌର ୬୦ତମ ମିନିଟ୍‌ରେ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ନ୍ୟୁଜିଲାଣ୍ଡ ତା'ର ପ୍ରଥମ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ୩-୧ ଗୋଲରେ ହରାଇଥିଲେ ମଧ୍ୟ ଭାରତଠାରୁ ହାରିଛି। ପ୍ରଥମ କ୍ୱାର୍ଟରରେ ଭାରତ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ନ୍ୟୁଜିଲାଣ୍ଡ ଡିଫେନ୍ସର ତ୍ରୁଟିରୁ ଫାଇଦା ଉଠାଇ ଲାଲରିଣ୍ଡିକି ଗୋଲ ଦେବାକୁ ସକ୍ଷମ ହୋଇଥିଲେ ଓ ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ତୃତୀୟ କ୍ୱାର୍ଟରରେ କିନ୍ତୁ ଭାରତ ଦୁଇଟି ପେନାଲ୍ଟି ସୁଯୋଗ ପାଇଥିଲା। ତେବେ ନ୍ୟୁଜିଲାଣ୍ଡ ଗୋଲ କିପର କେଲି କାରଲାଇନ୍ ଭାରତର ପ୍ରୟାସକୁ ବିଫଳ କରିଥିଲେ। ମ୍ୟାଚ୍ ଶେଷ ୩୦ ସେକେଣ୍ଡରେ ଭାରତ ଏକ ପେନାଲ୍ଟି କର୍ନର ମିଳିଥିଲା। ଏଥର କିନ୍ତୁ ପ୍ରଭଲିନ କୌଣସି ତ୍ରୁଟି ନ କରି ଗୋଲ ସ୍କୋର କରିଥିଲେ ଓ ଭାରତ ୨-୦ରେ ମ୍ୟାଚ୍ ହାତେଇ ନେଇଥିଲା। ଭାରତ ଦ୍ୱିତୀୟ ମ୍ୟାଚ୍‌ରେ ଗୁରୁବାର ଆୟୋଜକ ଅଷ୍ଟ୍ରେଲିଆକୁ ଭେଟିବ।

# ସାହାଣୀ କପ୍: ସମ୍ବଲପୁର, କେନ୍ଦୁଝର ବିଜୟୀ



ବରଗଡ଼ ଜିଲା ବରପାଲି କଦଳିପାଲି ପଡ଼ିଆରେ ଅତିଥିଙ୍କ ଗହଣରେ ଖେଳାଳି ।

ବରଗଡ଼ଅଫିସ /କଟକ ଅଫିସ/ବରପାଲି/ ସୋହେଲା/ ଭେଡେନ୍ (ଡି.ଏନ.ଏ.),୪।୧୨

ବରଗଡ଼ ଓ ଢେଙ୍କାନାଳରେ ଚାଲିଥିବା ୬୦ତମ ସିନିୟର ପୁରୁଷ ଆନ୍ତଃଜିଲା ଫୁଟବଲ ଚାମ୍ପିୟନଶିପ ସାହାଣୀ କପ୍-୨୦୧୯ର ଦ୍ୱିତୀୟ ଦିବସର ଖେଳ ଶେଷ ହୋଇଛି। ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ବୁଧବାର ମ୍ୟାଚ୍‌ଗୁଡ଼ିକରେ ସମ୍ବଲପୁର, ଖୋର୍ଦ୍ଧା, ବରଗଡ଼ ଓ କେନ୍ଦୁଝର ବିଜୟୀ ହୋଇଛନ୍ତି। ବରଗଡ଼ର ସୋହେଲା ଗ୍ରାଉଣ୍ଡରେ ସମ୍ବଲପୁର ୬-୧ ଗୋଲରେ ସୋନପୁରକୁ ପରାସ୍ତ କରିଥିଲା। ସମ୍ବଲପୁର ପକ୍ଷରୁ ରାଜୁ ଓରାମ ୩ୟ ମିନିଟରେ ପ୍ରଥମ ଗୋଲ ଦେବା ପରେ ସୋନପୁରର ଅନୁରାଗ ସାହୁ ୬ଷ୍ଠ ମିନିଟରେ ଦଳ ପାଇଁ ପ୍ରଥମ ଗୋଲ ସ୍କୋର କରିଥିଲେ। ପରେ ପ୍ରଶାନ୍ତ ଓରାମ ୨ଟି, ରକି ଦଣ୍ଡସେନା, ସୁକରାମ ଓରାମ, ସୋନୁ ହାରା ଗୋଟିଏ ଲେଖାଏ ଗୋଲ ସ୍କୋର କରିବା ଫଳରେ ସମ୍ବଲପୁର ୫ଟି ଗୋଲ ବ୍ୟବଧାନରେ ଏହି ମ୍ୟାଚ୍‌କୁ ଜିତିଥିଲା। ବରଗଡ଼ରେ ଖେଳାଯିବାକୁ ଥିବା ଅନ୍ୟ ଦୁଇ ମ୍ୟାଚ୍‌ରେ କୋରାପୁଟ ଓ ନବରଗଙ୍ଗପୁର ଅନୁପସ୍ଥିତ ରହିବା ଯୋଗୁ ଯଥାକ୍ରମେ ଖୋର୍ଦ୍ଧା ଓ ବରଗଡ଼ ଦଳକୁ ବିଜୟୀ ଘୋଷଣା କରାଯାଇଛି। ଢେଙ୍କାନାଳ ଗ୍ରାଉଣ୍ଡରେ ଦୀପକ ମହାକୁଡ଼ଙ୍କ ହ୍ୟାଟ୍ରିକ ବଳରେ କେନ୍ଦୁଝର ୪-୧ ଗୋଲରେ କେନ୍ଦ୍ରାପଡ଼ାକୁ ହରାଇଛି।

# ଫାଇନାଲରେ ଟାଟା ଫୁଟବଲ ଏକାଡେମୀ



ଅତିଥିଙ୍କ ଗହଣରେ ଦୁଇ ଦଳର ଖେଳାଳିମାନେ।

ନୟାଗଡ଼ ଅଫିସ୍,୪।୧୨

୭୮୬ ୟୁଥ୍ କ୍ଲବ ସିନ୍ଦୂରିଆ ଓ ଜିଲା ଆଥ୍‌ଲେଟିକ ଆସୋସିଏଶନ ମିଳିତ ଆନୁକୂଲ୍ୟରେ ନୟାଗଡ଼ ଖେଳପଡ଼ିଆରେ ଚାଲିଥିବା ସର୍ବଭାରତୀୟ ନୟାଗଡ଼ ଫୁଟ୍‌ବଲ କପ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଟାଟା ଫୁଟବଲ ଏକାଡେମୀ ପ୍ରବେଶ କରିଛି। ବୁଧବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଟାଟା ଫୁଟବଲ୍ ଏକାଡେମୀ ଶୁଟଆଉଟ୍ (୪-୨)ରେ ଚାନ୍ଦିନୀ କ୍ଲବ କୋଲକାତାକୁ ହରାଇ ଦେଇଛି। ନିର୍ଦ୍ଧାରିତ ସମୟ ଶେଷସୁଦ୍ଧା କୌଣସି ଦଳ ସ୍କୋର କରି ନ ପାରିବାରୁ ଶୁଟଆଉଟର ସହାୟତା ନିଆଯାଇଥିଲା। ଏଥିରେ ୪-୨ ଗୋଲ୍‌ରେ ଟାଟା ଏକାଡ଼େମୀ ଦଳ ବିଜୟୀ ହୋଇଛି। ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ମୁଖ୍ୟଅତିଥି ଓ କୋଚ୍ ପ୍ରଶାନ୍ତ ପାଣିଗ୍ରାହୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ରେଫରି ଭାବେ ରାଜୁ ମହାନ୍ତି ଖେଳ ପରିଚାଳନା କରିଥିବାବେଳେ କୀର୍ତ୍ତିରଞ୍ଜନ ସ୍ୱାଇଁ, ଅଶୋକ କହଁର, ପ୍ରସନ୍ନ ନାୟକ ସହଯୋଗ କରିଥିଲେ। ମ୍ୟାଚ କମିଶନର ପ୍ରଶାନ୍ତ କୁମାର ବରାଡ଼ ଯୋଗ ଦେଇଥିଲେ। କୋଲକାତା ଦଳର ଗୋଲ୍‌କିପର ଅନିର୍ବାଣ ମଣ୍ଡଳଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରାଯାଇଥିଲା। ରାମକୃଷ୍ଣ ରଥ, ଆଶୁତୋଷ ମିଶ୍ର, ଶେଖ୍ ଅବଦୁଲ ଖାଲିକ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ଗୁରୁବାର ସାଇ ହଷ୍ଟେଲ (କଟକ) ଓ ରେଲୱେ ଦଳ (କୋଲକାତା) ମଧ୍ୟରେ ମ୍ୟାଚ ଖେଳାଯିବ।

# ଓଡ଼ିଶା ଟେନିସ ପ୍ରିମିୟର ଲିଗ୍ ଆରମ୍ଭ



ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟପାଳ ଗଣେଶୀ ଲାଲ ଓ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର, ୪।୧୨(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ଟେନିସ ପ୍ରିମିୟର ଲିଗ୍(ଓଟିପିଏଲ୍)ର ତୃତୀୟ ସଂସ୍କରଣ ବୁଧବାର କିଟ୍ ପରିସରରେ ଆରମ୍ଭ ହୋଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଛନ୍ତି। ଅନ୍ୟ ଅତିଥିଙ୍କ ମଧ୍ୟରେ କ୍ରୀଡ଼ା ସଚିବ ବିଶାଳ ଦେବ, କିଟ୍ ବିଶ୍ୱବିଦ୍ୟାଳୟର ଉପକୁଳାଧିପତି ପ୍ରଫେସର ସସ୍ମିତା ସାମନ୍ତ, କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, ଓଟିପିଏଲ୍‌ର ପରାମର୍ଶଦାତା ଅକ୍ଷୟ କୁମାର ପରିଜା, ଅଭିନେତା ସବ୍ୟସାଚୀ ମିଶ୍ର ପ୍ରମୁଖ ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ। ଓଡ଼ିଶା ଟେନିସ ଆସୋସିଏଶନ ସ୍ୱୀକୃତିପ୍ରାପ୍ତ ଏହି ପ୍ରତିଯୋଗିତାରେ ଦେଶର ୩୨ ଶୀର୍ଷ ର୍‍ୟାଙ୍କପ୍ରାପ୍ତ ଖେଳାଳି ଏବଂ ୩୨ ଜୁନିୟର ଖେଳାଳି ଅଂଶଗ୍ରହଣ କରିଛନ୍ତି। ଲିଗ୍ ୫ ଦିନଧରି ଚାଲିବ। ଫର୍ମାଟ ଅନୁସାରେ ଖେଳାଳିମାନଙ୍କୁ ୮ଟି ଦଳରେ ବିଭକ୍ତ କରାଯାଇଛି। ଦଳଗୁଡ଼ିକର ନାମ ହେଲା ଭୁବନେଶ୍ୱର ୱାରିୟର୍ସ, କଟକ କନ୍‌କ୍ୱରର୍ସ, ପୁରୀ ୱେଭର୍ସ, କେନ୍ଦ୍ରାପଡ଼ା କନ୍ଟେଣ୍ଡର୍ସ, ଯାଜପୁର ଶୁଟର୍ସ, ଭଦ୍ରକ ଭିକ୍ଟର୍ସ, କ୍ୟାପିଟାଲ କିଙ୍ଗ୍ସ ଓ କିଟ୍ କିଲର ବିଜ୍। "୨୦୧୭ରେ ଏହି ପ୍ରତିଯୋଗିତା ପରୀକ୍ଷାମୂଳକଭାବେ ଆରମ୍ଭ ହୋଇଥିଲା। ଏଥିରେ ଅନେକ ଅନ୍ତର୍ଜାତୀୟ ଖେଳାଳି ଅଂଶଗ୍ରହଣ କରୁଥିବାରୁ ସ୍ଥାନୀୟ ଖେଳାଳିମାନେ ସେମାନଙ୍କ ସହ ଖେଳି ନିଶ୍ଚିତ ଅନେକ ଅଭିଜ୍ଞତା ହାସଲ କରିପାରିବେ। ଭାଗ ନେଉଥିବା ୩୨ ଜୁନିୟର ଖେଳାଳି ଅଭିଜ୍ଞଙ୍କ ସହ ଖେଳିବା ପାଇଁ ଭଲ ସୁଯୋଗ ପାଇବେ" ବୋଲି ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଦିଲୀପ ମହାନ୍ତି ପ୍ରକାଶ କରିଛନ୍ତି। ଦିଲ୍ଲୀ ଭିତ୍ତିକ ନୀଳାଚଳ ସ୍ପୋର୍ଟ୍ସ ଫାଉଣ୍ଡେଶନର ମାନସ ସନ୍ତାନ ଓଟିପିଏଲ୍ ୮ ତାରିଖରେ ଶେଷ ହେବ।

# ଘରୋଇ ଯୁବ ଫୁଟବଲରଙ୍କ ଗୁରୁତ୍ୱ ବଢ଼ିଛି

ବାଇଚୁଙ୍ଗ ଭୂଟିଆ

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ର କ୍ଲବଗୁଡ଼ିକ ମଧ୍ୟରେ ଅସାଧାରଣ ଉନ୍ନତି ଦେଖିବାକୁ ମିଳିଛି। ଯୁବ ଖେଳାଳିଙ୍କୁ ଦଳରେ ନେବା ପାଇଁ କ୍ଲବଗୁଡ଼ିକ ଇଚ୍ଛା ଜାହିର କରିଛନ୍ତି। ତେବେ ଭାରତୀୟ ଯୁବ ଖେଳାଳିଙ୍କୁ ଦଳରେ ସାମିଲ କରିବା ନେଇ ଆହୁରି ବହୁତ କିଛି କରିବାକୁ ହେବ। ବିଶ୍ୱର ସବୁ ସଫଳ କ୍ଲବ୍‌ଗୁଡ଼ିକ ନିକଟରେ ଏହି ଚିନ୍ତାଧାରା ରହିଛି। ବହୁତ ଅର୍ଥବିନିମୟରେ ବଡ଼ବଡ଼ ତାରକାଙ୍କୁ ଦଳରେ ସାମିଲ କରିବା ନେଇ ଏହି ନାମୀଦାମୀ କ୍ଲବଗୁଡ଼ିକ ସେତେଟା ଉତ୍ସାହ ପ୍ରକଟ କରୁନାହାନ୍ତି। ତେବେ ବଡ଼ ତାରକାମାନେ ଦଳରେ ସାମିଲ ହେବା ଆଶା କରାଯାଇଥାଏ। କିନ୍ତୁ ଅଭିଜ୍ଞ ତଥା ତାରକା ଖେଳାଳି ସହିତ ଯୁବ ଖେଳାଳିଙ୍କୁ ନେଇ ଗଠିତ ସନ୍ତୁଳିତ ଦଳ ସଫଳତା ହାସଲ କରିଥାଏ।

ଆଇଏସ୍ଏଲ୍ କ୍ଲବଗୁଡ଼ିକ ଭବିଷ୍ୟତକୁ ଆଖିରେ ରଖି ଦଳ ଗଠନ କରିବା ନେଇ ଚିନ୍ତା କରୁଛନ୍ତି। ଯୁବ ଖେଳାଳିଙ୍କୁ ପାଇଁ ଅର୍ଥ ବ୍ୟୟ କରିବାକୁ କ୍ଲବ୍‌ଗୁଡ଼ିକ ଏବେ ଇଚ୍ଛା ପ୍ରକାଶ କରୁଛନ୍ତି। ଯୁବ ଓ ଅଭିଜ୍ଞ ଖେଳାଳି ନେଇ ସନ୍ତୁଳିତ ଦଳ ଗଠନ ଉପରେ କ୍ଲବଗୁଡ଼ିକ ଗୁରୁତ୍ୱ ଆରୋପ କରୁଛନ୍ତି। ଏହି ପ୍ରକ୍ରିୟାରେ କ୍ଲବଗୁଡ଼ିକ ସେମାନଙ୍କ ଖର୍ଚ୍ଚକାଟ କରିବାକୁ ସକ୍ଷମ ହୋଇଛନ୍ତି ଓ ଲାଭବାନ ମଧ୍ୟ ହୋଇଛନ୍ତି।

ଭାରତୀୟ ୧୭ ବର୍ଷରୁ କମ୍ ବିଶ୍ୱକପ୍ ଦଳର ଏକାଧିକ ଖେଳାଳି ଏବେ ଆଇଏସ୍ଏଲ୍‌ରେ ବିଭିନ୍ନ ଦଳ ତରଫରୁ ଖେଳି ସଫଳ ହୋଇପାରିଛନ୍ତି। ଏମାନେ ମଧ୍ୟ କୋଚ୍ ଓ ମ୍ୟାନେଜମେଣ୍ଟର ଭରସାକୁ ପ୍ରମାଣିତ କରିଛନ୍ତି। ଏହି ଯୁବ ଖେଳାଳିଙ୍କ ପ୍ରତିଭାକୁ ବିକାଶ କରିବା ନେଇ ମଧ୍ୟ କୋଚ୍‌ମାନେ ବେଶ୍ ତତ୍ପରତା ପ୍ରକାଶ କରୁଛନ୍ତି।

ବ୍ୟକ୍ତିଗତଭାବେ ଧୀରଜ ସିଂ ଓ କୋମଲ ଥଟାଲ ଏତିକେ ପାଇଁ ଅଧିକ ମ୍ୟାଚ୍ ଖେଳନ୍ତୁ ବୋଲି ଚାହୁଁଛି। ଗତ ସେସନରେ ଧୀରଜ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ସେତେବେଳେ ସେ କେରଳ ଦଳ ତରଫରୁ ଖେଳି ପଦାର୍ପଣ କରିଥିଲେ। ସେହିପରି କୋମଲ ଏତିକେ ପାଇଁ ନିୟମିତ ଖେଳି ଆସୁଛନ୍ତି।

କାହାକୁ ଖେଳାଇବା ବା ନ ଖେଳାଇବା କୋଚ୍‌ମାନଙ୍କ ନିଷ୍ପତ୍ତି ଉପରେ ନିର୍ଭର କରେ। କିନ୍ତୁ ଏହି ଦୁଇ ଖେଳାଳି ନିକଟରେ ପ୍ରତିଭା ରହିଛି ଓ ଏମାନଙ୍କ ପଛରେ ଅର୍ଥ ବ୍ୟୟ କଲେ କିଛି କ୍ଷତି ନାହିଁ। କାରଣ ଏମାନେ ସୁଧମୂଳ କରି ଫେରାଇବାର ଦକ୍ଷତା ରଖୁଛନ୍ତି। କୋଚ୍ ଆଣ୍ଟୋନିଓ ହାବାସ ଯେତେବେଳେ କ୍ରିଷ୍ଣା ରଏ କିମ୍ବା ଡେଭିଡ ୱିଲିୟମ୍ସଙ୍କ ଭଳି ଖେଳାଳିଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି, ଏଥିରୁ ଏହା ସ୍ପଷ୍ଟ ଭାବେ ଅନୁମାନ କରାଯାଉଛି।

ଆଉ ଜଣେ ଯୁବ ଖେଳାଳି ମହମ୍ମଦ ନୱାଜ ମୋତେ ପ୍ରଭାବିତ କରିଛନ୍ତି। ଏଫ୍‌ସି ଗୋଆ ତରଫରୁ ଖେଳି ଗତ ସେସନରେ ମଧ୍ୟ ନୱାଜ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ତାଙ୍କ ଦ୍ୱାରା ଗୋଆ ଦଳ ଆହୁରି ଦୃଢ଼ ହୋଇପାରିଛି। ସେହିପରି କେରଳ ବ୍ଲାଷ୍ଟର୍ସ ତରଫରୁ ଦୁଇଜଣ ୧୭ ବର୍ଷରୁ କମ୍ ତାରକା ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ସେମାନେ ହେଲେ ବିଶ୍ୱକପ୍‌ରେ ଭାରତ ପାଇଁ ଗୋଲ ସ୍କୋର କରିଥିବା ଜିକସନ ସିଂ ଓ ରାହୁଲ କେପି। ଏହି ଦୁଇ ଖେଳାଳି ବେଶ୍ ସଫଳ ପ୍ରଦର୍ଶନ କରିଛନ୍ତି।

ସେହିପରି ଜାମସେଦପୁର ଏଫ୍‌ସି ପାଇଁ ଅଙ୍କିତ୍ ଯାଦବ ମଧ୍ୟ ଆଶାନୁରୂପ ପ୍ରଦର୍ଶନ କରିଛନ୍ତି। ସେ ଜଣେ ଶକ୍ତିଶାଳୀ ତଥା କୁଇକ୍ ଦୃଢ଼ ଖେଳାଳି। ନିଜ ଚମତ୍କାରିତା ମାଧ୍ୟମରେ ସେ ଦଳକୁ ବିଜୟୀ କରାଇବାର କ୍ଷମତା ରଖୁଛନ୍ତି। କ୍ଲବ ଗୁଡିକ ମଧ୍ୟ ଏଭଳି ଯୁବ ଖେଳାଳିଙ୍କୁ ଆବଶ୍ୟକ କରିଥାନ୍ତି। ଦେଶୀ ଯୁବ ଖେଳାଳିଙ୍କ ଗୁରୁତ୍ୱ ବଢ଼ିଛି। ତେଣୁ ଯୁବ ପ୍ରତିଭାସମ୍ପନ୍ନ ଯୁବ ଖେଳାଳିଙ୍କ ପାଇଁ ଭାରତ ବାହାରକୁ ଯିବାର ଆବଶ୍ୟକତା ନାହିଁ।

(ଗେମ୍‌ପ୍ଲାନ)

#WhatDrivesYou
EXIDE

### ହୃଦ୍‌ଘାତରେ ତ୍ରିପୁରା କ୍ରିକେଟର୍‌ଙ୍କ ବିୟୋଗ

ଅଗରତାଳା, ୪।୧୨

ଏକ ଅଭାବନୀୟ ଘଟଣାକ୍ରମେ ତ୍ରିପୁରାର ଜଣେ ଯୁବ କ୍ରିକେଟର୍ ଅଭ୍ୟାସ କରୁଥିବାବେଳେ ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି। ମହାରାଜା ବୀର୍ ବିକ୍ରମ କ୍ରିକେଟ୍ ଷ୍ଟାଡିୟମରେ ଏହି ଅଘଟଣ ଘଟିଥିଲା। ତାଙ୍କ ନାମ ମିଥୁନ ଦେବବର୍ମା ହୋଇଥିବାବେଳେ ସେ ତ୍ରିପୁରା ୨୩ ବର୍ଷରୁ କମ୍ ଦଳର ସଦସ୍ୟ ଥିଲେ। ସାଥୀ ଖେଳାଳିଙ୍କ କହିବାନୁଯାୟୀ, ପ୍ରାକ୍ଟିସ ସେସନରେ ଦେବବର୍ମା ଫିଲ୍ଡିଂ କରୁଥିବାବେଳେ ହଠାତ୍ ପଡ଼ିଯାଇଥିଲେ। ଏହାପରେ ତାଙ୍କୁ ଇନ୍ଦିରା ଗାନ୍ଧୀ ମେମୋରିଆଲ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ହୃଦ୍‌ଘାତର ସମ୍ମୁଖୀନ ହୋଇ ମେଡିକାଲ ଆସିବା ବାଟରେ ତାଙ୍କର ପ୍ରାଣବାୟୁ ଚାଲିଯାଇଥିଲା ବୋଲି ଡାକ୍ତର କହିଛନ୍ତି। ଏହି ଘଟଣା ପରେ ତ୍ରିପୁରା କ୍ରିକେଟ୍ ଆସୋସିଏଶନ ସଭାପତି ଡ. ମାନିକ ଶାହା ଓ ଅନ୍ୟ ସିନିୟର ଅଫିସିଆଲ ହସ୍ପିଟାଲରେ ପହଞ୍ଚିଥିଲେ।

## ମନେ ପଡ଼ନ୍ତି

**୧୫ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ଲକ୍ଷ୍ମୀ ଦେବୀ**
ମହାନ୍ତିପଡ଼ା, ସମ୍ବଲପୁର
ଆପଣଙ୍କ ଅମରାତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା ।
**ଶୋକସନ୍ତପ୍ତ:**
ବାଣୀ ଓ ମୋହିନୀ।
ଧ-୬୭୭୩୩

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଶ୍ରୀଯୁକ୍ତ ଭୀମସେନ ସ୍ୱାଇଁ**
ଆବିର୍ଭାବ: ୦୨।୦୯।୧୯୫୦
ତିରୋଧାନ: ୧୭।୧୨।୨୦୧୮
(ଶୁକ୍ଳପକ୍ଷ ନବମୀ ତିଥି)
ଜି.ଜି.ପି. କଲୋନୀ, ଭୁବନେଶ୍ୱର
ତୁମର ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ, ଏତିକି ଠାକୁରଙ୍କ ଚରଣ ପ୍ରାନ୍ତରେ ବିନମ୍ର ପ୍ରାର୍ଥନା କରୁଛୁ ।
**ଶୋକସନ୍ତପ୍ତ:**
ପତ୍ନୀ: କ୍ରିଷ୍ଣା, ପୁଅ: ମୁନୁ, କୁନୁ, ପୁତ୍ରବଧୂ: ମଧୁ, ମିଲି କନ୍ୟା: ପିଙ୍କି, ଜ୍ୱାଇଁ: ହିମାଂଶୁ, ନାତି-ନାତୁଣୀ: ସ୍ମାଇଲ, ଦିଶା, ରିକ୍ ଏବଂ ସମସ୍ତ ଶୋକସନ୍ତପ୍ତ ପରିବାରବର୍ଗ ।
ଧ-୧୫୫୭୨

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ଡିସେମ୍ବର ୫/୨୦୧୯ Sambalpur, Thursday, December 5 / 2019



ନଡ଼ିଆ ରସ ଚିଙ୍ଗୁଡ଼ି ପ୍ରସ୍ତୁତି ସମ୍ପର୍କରେ ଆସନ୍ତୁ ଜାଣିବା
ଦେଖନ୍ତୁ ଭିଡିଓ
YouTube /dharitrilive

# ନାବାଳିକା ଝିଅାରୀକୁ ବଳାତ୍କାର

**ରାଉରକେଲା ଅଫିସ, ୪।୧୨**

- ଥାନାରେ ଅଭିଯୋଗ, ଅଭିଯୁକ୍ତ ମଉସା ଗିରଫ
- ସହଯୋଗ କରିବା ଅଭିଯୋଗରେ ମାଉସୀ ବି ଗିରଫ
- ଡାକ୍ତରୀ ମାଇନା ପରେ ନାବାଳିକାଙ୍କ ବୟାନ ରେକର୍ଡ

ତମାମ ଦେଶରେ ବଳାତ୍କାରକୁ ନେଇ ତୁମ୍ବିତୋଫାନ ଚାଲିଥିବା ବେଳେ ବୁଧବାର ରାଉରକେଲାରେ ଘଟିଥିବା ଏକ ଲଜ୍ଜାଜନକ ଘଟଣା ବିଭିନ୍ନ ମହଲରେ ପ୍ରତିକ୍ରିୟା ସୃଷ୍ଟି କରିଛି। ପ୍ଲାଣ୍ଟସାଇଟ ଥାନା ଅଞ୍ଚଳର ଜଣେ ବ୍ୟକ୍ତି ତାଙ୍କ ସମ୍ପର୍କୀୟ ନାବାଳିକା ଝିଅାରୀ (୧୬)ଙ୍କୁ ବଳାତ୍କାର କରିଛନ୍ତି । ଥରେ କି ଦୁଇ ଥର ନୁହେଁ, ସଂପୃକ୍ତ ବ୍ୟକ୍ତି ଗତ କିଛି ଦିନ ହେବ ସେହି ନାବାଳିକାଙ୍କୁ ଭୟଭୀତ କରି ବଳାତ୍କାର କରି ଆସୁଥିଲେ ବୋଲି ଥାନାରେ ଅଭିଯୋଗ ହୋଇଛି । ଏହାକୁ ନେଇ ପୋଲିସ ତନାଘନା ଆରମ୍ଭ କରିଛି । ଏହି ଘଟଣାରେ ପୋଲିସ ସଂପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିଛି । ଏହି କାମରେ ସ୍ୱାମୀଙ୍କୁ ସହଯୋଗ କରୁଥିବା ଅଭିଯୋଗରେ ଅଭିଯୁକ୍ତଙ୍କ ସ୍ତ୍ରୀଙ୍କୁ ବି ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି ।

ମିଳିଥିବା ସୂଚନା ଅନୁଯାୟୀ, ନାବାଳିକାଙ୍କ ପୈତୃକ ଘର ରାଉରକେଲାରେ । ହେଲେ ଗତ ୩ ବର୍ଷ ତଳେ ତାଙ୍କ ମା' ବାପାଙ୍କ ପରଲୋକ ଘଟିଥିଲା । ଏହାପରେ ନାବାଳିକା ଓ ତାଙ୍କ ଭାଇ ନିଜ ମାମୁ ଘର ବିହାରର ପାଟନା ଅଞ୍ଚଳକୁ ଚାଲିଯାଇଥିଲେ। ସେଠାରେ କିନ୍ତୁ ତାଙ୍କୁ ଆଉ ଏକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥିଲା । ନିଜ ଅଜା ତାଙ୍କୁ ଅସଦାଚରଣ କରିଥିଲେ । ଏହି ଘଟଣା ଶେଷରେ ଥାନାରେ ପହଞ୍ଚିଥିଲା । ଅଜା ଗିରଫ ହୋଇ ଜେଲ ଯାଇଥିଲେ । ଘଟଣାର ୩ ମାସ ପରେ କେଶ ରଫାଦଫା କରାଯାଇଥିଲା । ଏହି ସୁଯୋଗରେ ନାବାଳିକାଙ୍କ ସମ୍ପର୍କୀୟ ମଉସା ମାଉସୀ ଭାଇ ସହ ତାଙ୍କୁ ରାଉରକେଲା ନେଇ ଆସିଥିଲେ । ମା' ବାପା ଆରପାରିକୁ ଚାଲିଯିବା ପରେ ମାଉସୀ ମଉସା ତାଙ୍କ ପୈତୃକ ଘରେ ରହୁଥିଲେ। ହେଲେ ଝିଅାରୀକୁ ସ୍ନେହ ମମତା ଦେଇ ରଖିବୁ କହି ରାଉରକେଲା ନେଇ ଆସିଥିବା ମଉସାଙ୍କ ଲୋଲୁପ ଦୃଷ୍ଟି ନାବାଳିକାଙ୍କ ଉପରେ ପଡିଥିଲା । ସେ ନିଜ ସ୍ତ୍ରୀଙ୍କ ସହାୟତାରେ ଝିଅାରୀକୁ ବିଭିନ୍ନ ସମୟରେ ବଳାତ୍କାର କରି ଆସୁଥିଲେ। ନାବାଳିକା ଓ ତାଙ୍କ ଭାଇକୁ ମଉସା ପୋଷୁଥିବାରୁ ଦୁହେଁ ନିଜ ଲୁହ ଚାପି ଚୁପ ରହୁଥିଲେ। ଯନ୍ତ୍ରଣା ଅସହ୍ୟ ହେବାରୁ ଶେଷରେ ନାବାଳିକା ମୁହଁ ଖୋଲିଥିବା ପ୍ରକାଶ କରିଛନ୍ତି। ତାଙ୍କ ମେଡିକାଲ ପରୀକ୍ଷା ସହ ବୟାନ ରେକର୍ଡ କରାଯାଇଛି। ଏଥିରେ ମାଉସୀ ବି ସହଯୋଗ କରୁଥିଲେ । ମୁହଁ ଖୋଲିଲେ ମୋ ଭାଇକୁ ହତ୍ୟା କରିବାକୁ ସେମାନେ ଧମକ ଦେଇଥିଲେ ବୋଲି ନାବାଳିକା କହିଛନ୍ତି । କେବଳ ଏତିକି ନୁହେଁ, ତାଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର କିଛି ଫଟୋ ନିଜ ମୋବାଇଲରେ ରଖି ମଉସା ଭାଇରାଲ ଧମକ ଦେଉଥିଲେ। ନିଜ ମା' ବାପାଙ୍କୁ ହରାଇଥିବା ନାବାଳିକା ଜଣକ ପରିସ୍ଥିତିରେ ପଡି ଚୁପ ରହୁଥିଲେ। ଗତ ମଙ୍ଗଳବାର ନାବାଳିକା ଶୋଇଥିବା ବେଳେ ମଉସା ନିଶାସକ୍ତ ଅବସ୍ଥାରେ ଆସି ତାଙ୍କ ମୁହଁ ଚାପି ବଳାତ୍କାର ଉଦ୍ୟମ କରିଥିଲେ। ହେଲେ ନାବାଳିକା ଜଣକ ଏହାକୁ ବିରୋଧ କରିବାରୁ ଉତ୍କ୍ଷିପ୍ତ ମଉସା ମାଉସୀ ତାଙ୍କୁ ଛୁରିରେ ଆକ୍ରମଣ କରି ଆହତ କରିଥିଲେ। ତାଙ୍କ ଆଖି ତାଡିବାକୁ ଉଦ୍ୟମ କରୁଥିବା ବେଳେ ଆଖି ତଳେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ପରେ ନାବାଳିକା ଜଣକ ସେଠାରୁ ଖସିଯାଇ ଅନ୍ୟ ଜଣଙ୍କ ଘରେ ଆଶ୍ରୟ ନେଇଥିଲେ। ବୁଧବାର ରାଉରକେଲାର ଜଣେ ମହିଳା ନେତ୍ରୀଙ୍କ ସହାୟତାରେ ସେ ପ୍ଲାଣ୍ଟସାଇଟ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଦଫା ୨୯୪, ୩୨୩, ୩୨୪, ୩୫୪, ୫୦୯, ୫୦୬, ୩୭୬, ୫-୧୧, ୩୦୭, ୩୪ଆଇପିସି ୮ ପୋକସୋ ଧାରାରେ ଏକ ମାମଲା ରୁଜୁ କରିଛି । ଉଭୟ ମଉସା ମାଉସୀଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ।

# ହରିଭାଇଙ୍କ ଚା,ପକୋଡ଼ି


ନିଜ ଦୋକାନରେ ହରି ସାହୁ ।

ସମ୍ବଲପୁର ଜିଲାପାଳଙ୍କ ଅଫିସ ନିକଟରେ ହରିଭାଇଙ୍କ ଚା ଦୋକାନ କଥା କାହାକୁ ଅଜଣା ନାହିଁ । ରାସ୍ତା ପାର୍ଶ୍ୱ ଏକ ଠେଲାରେ ତାଙ୍କ ବ୍ୟବସାୟ ଚାଲେ । ଏହି ରାସ୍ତାରେ ଜିଲାର ପ୍ରାୟ ସରକାରୀ ଅଫିସଗୁଡିକ ରହିଛି । ତେଣୁ ଅଧିକାରୀ,କର୍ମଚାରୀଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକ ଚା ଓ ପକୋଡି ପାଇଁ ତାଙ୍କ ଦୋକାନରେ ଭିଡ ଜମାନ୍ତି । ତାଙ୍କ ଚା ଓ ପକୋଡିର ସ୍ୱାଦ ବି ନିଆରା। ଯାହା ୪୫ବର୍ଷ ଧରି ଗ୍ରାହକଙ୍କୁ ବାନ୍ଧି ରଖିଛି ବୋଲି ହରିଭାଇ ଦାବି କରନ୍ତି। ହୀରାକୁଦ କଲୋନୀରେ ରୁହନ୍ତି ହରି ଭାଇ ଓରଫ ହରି ସାହୁ। ଭୋରୁ ଉଠି ନିଜ ନିତ୍ୟକର୍ମ ସାରିବା ପରେ ଠେଲାକୁ ଚାଲି ଆସନ୍ତି । ସକାଳ ୮ଟାରୁ ସେ ଚା ତିଆରି କରି ବିକ୍ରି ଆରମ୍ଭ କରନ୍ତି। ଗ୍ରାହକଙ୍କୁ ଗରମାଗରମ ଚା ଗ୍ଲାସ୍ ବଢ଼ାଇବା ପରେ ୨ ପଦ ଭଲମନ୍ଦ ପଚାରିବାକୁ ଭୁଲନ୍ତି ନାହିଁ ସେ । ଏ ନେଇ ହରି ଭାଇ କୁହନ୍ତି, ଆଖପାଖରେ ଥିବା ଅଫିସଗୁଡ଼ିକ ଦିନ ୧୦ଟାରେ ଖୋଲିଥାଏ। ସକାଳ ଗ୍ରାହକଙ୍କ ସଂଖ୍ୟାଠାରୁ ଦିନର ଗ୍ରାହକଙ୍କ ସଂଖ୍ୟା ଅଧିକ। ଗ୍ରାହକଙ୍କ ଚାହିଦାକୁ ନେଇ ପକୋଡ଼ି ତିଆରି କରେ । ଅଧିକାଂଶ ସମୟରେ ପିଆଜ, ଶାଗ, ବନ୍ଧାକୋବି ଦେଇ ଅଲଗା ଅଲଗା ଭାବେ ପକୋଡ଼ି ତିଆରି ହୁଏ। ଶାଗ ପକୋଡ଼ି ଖାଇବାକୁ ଗ୍ରାହକମାନେ ବେଶ ଭଲ ପାଆନ୍ତି । ଚା ଦିନକୁ ପ୍ରାୟ ୧୫ ଶହରୁ ୨ ହଜାର ଟଙ୍କାର ବିକ୍ରି ହୋଇଥାଏ। ଛୁଟି ଦିନରେ ବିକ୍ରି ପରିମାଣ କମି ଥାଏ । ସକାଳ ୮ ଟାରୁ ସନ୍ଧ୍ୟା ୭ ଟା ପର୍ଯ୍ୟନ୍ତ ତାଙ୍କ ଠେଲାରେ ବ୍ୟବସାୟ ଚାଲିଥାଏ । କେବଳ ହରିଭାଇ ନୁହନ୍ତି, ଏହି ବ୍ୟବସାୟରେ ତାଙ୍କୁ ପୁଅ ସହଯୋଗ କରିଥାନ୍ତି। ହରିଭାଇଙ୍କ ପରିବାର କହିଲେ ସ୍ତ୍ରୀ, ୨ପୁଅ ଓ ୨ ଝିଅ। ଇତିମଧ୍ୟରେ ୨ ଝିଅ ଓ ଗୋଟିଏ ପୁଅଙ୍କ ବାହାଘର ହୋଇସାରିଛି। ହରିଭାଇ କୁହନ୍ତି, ଦୋକାନରେ ଅଧିକ ସମୟ କଟି ଯାଇଥାଏ। କେବଳ ଅପରାହ୍ନ ସମୟରେ ଖାଇବା ପାଇଁ ଘରକୁ ଯାଇଥାଏ । ରାତି ୮ଟା ପରେ ଦୋକାନ ବନ୍ଦ ହୁଏ । ପରଦିନ ପାଇଁ ପୁଣି ଦୋକାନରୁ ସଉଦା କିଣିବାକୁ ପଡିଥାଏ । ରାତି ୧୦ ଟା ପରେ ପରିବାର ସହିତ କିଛି ସମୟ କଟେ ଓ ଖାଇବା ପରେ ଶୋଇବାକୁ ଚାଲିଯାଇଥାଏ । ପୂର୍ବରୁ ସହରର ବଡବଜାର ପରେ ଜିଲାପାଳ ଅଫିସ ନିକଟସ୍ଥ ବରଗଛ ତଳେ ଦୋକାନ କରିଥିଲି । ୧୯୭୨ ମସିହାରୁ ୪୭ ବର୍ଷ ହେବ ଠେଲାରେ ଚା ପକୋଡି ବ୍ୟବସାୟ କରୁଛି ବୋଲି ସେ କୁହନ୍ତି।

ଦିନକର କାହାଣୀ

-ଶୁଭାଶିଷ ପାଢ଼ୀ

# ଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱ ଉନ୍ନତୀକରଣ ପାଇଁ ପଦକ୍ଷେପ

## ପ୍ରତ୍ୟୁଷରୁ ଗସ୍ତ କରି ତଦାରଖ କଲେ ୫-ଟି ସଚିବ

**ପୁରୁଣା ଭୁବନେଶ୍ୱର(ଡି.ଏନ୍.ଏ)/ ଭୁବନେଶ୍ୱର,୪।୧୨(ବ୍ୟୁରୋ)**


୫-ଟି ସଚିବ ଭି.କେ ପାଣ୍ଡିଆନ୍ ଉନ୍ନତୀକରଣ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ ପାଣ୍ଡିଆନ୍ ମଙ୍ଗଳବାର ପ୍ରତ୍ୟୁଷରୁ ଲିଙ୍ଗରାଜ ମନ୍ଦିର ଗସ୍ତ କରିଛନ୍ତି। ପ୍ରାୟ ଭୋର ୪ଟା ୩୦ ସମୟରେ ୫-ଟି ସଚିବ ଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱ ଉନ୍ନୟନ, ନୂତନ ନିର୍ମାଣ ସମ୍ପର୍କିତ କାର୍ଯ୍ୟର ସମୀକ୍ଷା କରିଥିବା ଜଣାପଡିଛି। ପାଣ୍ଡିଆନ୍ଙ୍କ ସହ ପୂର୍ତ୍ତ ସଚିବ ତଥା କମିଶନର କ୍ରିଷ୍ଣନକୁମାର, ଖୋର୍ଦ୍ଧା ଏଡିଏମ୍ ମନୋଜ କୁମାର ମଲ୍ଲିକ, ଡିସିପି ଅନୁପ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱ ଉନ୍ନୟନ ପୁରୀ ଶ୍ରୀମନ୍ଦିର ଭଳି ପୁରାତନ ସହ ମରାମତି କରାଯିବ। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୮.୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ନିକଟରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଏବଂ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ପକ୍ଷରୁ ସ୍ଥାନୀୟ ଅଞ୍ଚଳରେ ଥିବା ଏକ ମାର୍କେଟ କମ୍ପ୍ଲେକ୍ସ ଭଙ୍ଗା ଯାଇଥିଲା। ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ମନ୍ଦିର ସମ୍ପର୍କିତ ବିଭିନ୍ନ ସମସ୍ୟା ସମ୍ପର୍କରେ ୫-ଟି ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପୂର୍ବରୁ ମାର୍କେଟ କମ୍ପ୍ଲେକ୍ସ ବଣ୍ଟନରେ ଅନିୟମିତତା, ବିନ୍ଦୁ ସାଗର ଓ ଏହାର ଆଖପାଖ ଅଞ୍ଚଳରେ ଟ୍ରାଫିକ୍ ସମସ୍ୟା ସମାଧାନ ନେଇ ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା।

## ନୂତନ ମୋଟର ଯାନ ନିୟମ

# କଳାହାଣ୍ଡି ଯାଇ ନାହାନ୍ତି, ଜରିମାନା ଆସିଛି ହଜାରେ

ନବରଙ୍ଗପୁର,୪।୧୨(ବି.ପ୍ର.)-ନୂତନ ମୋଟର ଯାନ ନିୟମ ଆସିବା ପରେ ଗାଡିମାଲିକଙ୍କ ଅଜାଣତରେ ଫାଇନ ଦେବାକୁ ମେସେଜ ଆସୁଛି । ଲୋକମାନେ ଗାଡି ନେଇ ଯାଇ ନ ଥିବା ସ୍ଥାନରୁ ଜରିମାନା ଦେବା ପାଇଁ ଆସୁଛି। ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଅଧୀନ ବି. କଣ୍ଟାସାରୁ ଗାଁର ପୁରନ ପୂଜାରୀଙ୍କ କ୍ଷେତ୍ରରେ ଏପରି ଏକ ଘଟଣା ଘଟିଛି। ପୁରନଙ୍କ ଏକ ଟିଭିଏସ ଏକ୍ସଲ ମୋଟର ସାଇକେଲ ( ନଂ. ଓଡି୨୪ ବି୭୯୪୫) ରହିଛି । ସେ ଜଣେ ଚାଷୀ । ୨ ତାରିଖରେ ତାଙ୍କ ମୋବାଇଲକୁ ସନ୍ଧ୍ୟା ୭ଟା ୪୬ରେ ଏକ ମେସେଜ ଆସିଥିଲା । ମୋଟର ସାଇକେଲ ନଂ.ଓଡି୨୪ବି୭୯୪୫ରେ ଚାଲାଣ ନମ୍ବର ଓଆର ୩୬୧୮୯୧୧୨୦୨୧୯୨୭୦ ରେ ୧ ହଜାର ଟଙ୍କା ଫାଇନ କଟାଯାଇଛି । ଏହି ଚାଲାଣରେ କଳାହାଣ୍ଡି ଟ୍ରାଫିକ ପୋଲିସ ବୋଲି ଉଲ୍ଲେଖ ରହିଥିଲା। ଏହା ଦେଖି ପୁରନ ଚକିତ ହୋଇଯାଇଥିଲେ। ଏନେଇ ସେ କହିଛନ୍ତି ଯେ କଳାହାଣ୍ଡି ସେ କେବେ ଯାଇ ନାହାନ୍ତି । ଏଭଳିକି ସେ କଳାହାଣ୍ଡି ଜିଲାର କୌଣସି ଗାଁକୁ କେବେ ଯାଇ ନାହାଁନ୍ତି । ଉକ୍ତ ଦିନ ପୁରନ ମକା କ୍ଷେତରେ ପାଣି ମଡାଉଥିଲେ । କଳାହାଣ୍ଡି ନଯାଇ କିଭଳି ଟ୍ରାଫିକ ନିୟମ ଭାଙ୍ଗିଛନ୍ତି ବୋଲି ମେସେଜ ଆସିଲା ବୋଲି ସେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ସରକାରଙ୍କ ଏଭଳି ଟ୍ରାଫିକ ନିୟମ ଓ ଗାଡିମୋଟର ଯାଞ୍ଚ ଉପରେ ଅନେକ ସନ୍ଦେହ ରହିଛି ବୋଲି ପୁରନ କହିଛନ୍ତି।

## ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ସଞ୍ଜୀବ


ଅମିତ୍


ସରୋଜ


ଜୟନ୍ତ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଇହ ଜନ୍ମରେ ଯେତେଦୂର ସାଧନ କରାଯାଇଥାଏ, ତାହା ପରଜନ୍ମରେ ସଂସ୍କାର ଭାବରେ ପରିଣତ ହୋଇ ଉନ୍ନତିର ମାର୍ଗ ଉନ୍ମୁକ୍ତ କରିଦିଏ।
-ଗୀତା



## ସଂକ୍ଷେପରେ

### ଛାତ୍ରବୃତ୍ତି ଆବେଦନ ପତ୍ର ଗ୍ରହଣ କରାଯାଉନି

**ଅମରପାଲି, ୪।୧୨ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଲପଦର କେନ୍ଦୁପତ୍ର ରେଞ୍ଜରେ କେନ୍ଦୁପତ୍ର ତୋଳାଳି ଓ ବନ୍ଧାଇ ଶ୍ରମିକ କଲ୍ୟାଣ ଟ୍ରଷ୍ଟ ଛାତ୍ରବୃତ୍ତି ସହାୟତା ଆବେଦନ ପତ୍ର ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ରେଢ଼ାଖୋଲ ବନଖଣ୍ଡ ଅଧିନ ବହଲପଦର କେନ୍ଦୁପତ୍ର ରେଞ୍ଜ ବଡବର୍ଡାକଟା ଗ୍ରାମର ସୁଦାମ ଗାଇଗରିଆ ଜଣେ କେନ୍ଦୁପତ୍ର ତୋଳାଳି। ଯେତେବେଳେ ତୋଳାଳିମାନଙ୍କର ପ୍ରାପ୍ୟ ବ୍ୟାଙ୍କ ଖାତାରେ ପ୍ରଦାନ କରାଗଲା ସେହି ସମୟରେ ତାଙ୍କ ବାପା କିମ୍ବା ମା'ଙ୍କ ନାମରେ ବ୍ୟାଙ୍କ ଖାତା ନଥିଲା। ସେହି ସମୟରେ ମୁନସି ସୁଦାମଙ୍କ ନାମରେ ତୋଳାଳି କାର୍ଡ କରିଦେଇଥିଲେ। ସେହି ଦିନଠାରୁ ସେ ଫଡିରେ କେନ୍ଦୁପତ୍ର ବିକ୍ରି କରିଆସୁଛନ୍ତି। ଛାତ୍ର ବୃତ୍ତି ଯୋଜନାରେ ଆରମ୍ଭ ବର୍ଷରେ ଆବେଦନ କରି ସୁଦାମ ଓ ତାଙ୍କ କଲେଜ ପଢୁଆ ଭାଇ ସୁବଳ ଗାଇଗରିଆ ସହାୟତା ମଧ ପାଇସାରିଛନ୍ତି। କିନ୍ତୁ ଗତବର୍ଷ ଏହି ଯୋଜନାରେ ତାଙ୍କ ଭାଇର ଆବେଦନ ଫର୍ମଗ୍ରହଣ କରାଗଲା ନାହିଁ। ତା ପରବର୍ତ୍ତୀ ବର୍ଷ ଏହି କାର୍ଡକୁ ସୁଦାମଙ୍କ ବାପା କିମ୍ବା ମାଙ୍କ ନାମରେ ପରିବର୍ତ୍ତନ କରିବାକୁ ତତ୍କାଳୀନ ବହଲପଦର ରେଞ୍ଜର କହିଥିଲେ। କିନ୍ତୁ ଏହି ବର୍ଷ ପରିବର୍ତ୍ତନ କରିବାକୁ କହିବାରୁ ମୁନସୀ ଓ ଫରେଷ୍ଟର ମନା କରିଥିଲେ। ଫଳରେ ଚଳିତ ବର୍ଷ ମଧ ଏହି ସହାୟତା ପାଇବା ପାଇଁ ଅଭିଯୋଗକାରୀଙ୍କ ଭାଇ ବଞ୍ଚିତ ହେବେ। ଏ ନେଇ ସେ ରେଢ଼ାଖୋଲ ବନଖଣ୍ଡ ଅଧିକାରୀ, ସୁବର୍ଣ୍ଣପୁର ଜିଲାପାଳ, ଓଡିଶା ରାଜ୍ୟ ମୁଖ୍ୟ ବନସଂରକ୍ଷକ ଓ ଜଙ୍ଗଲ ଏବଂ ପରିବେଶ ବିଭାଗୀୟ ମନ୍ତ୍ରୀଙ୍କୁ ମଧ ଅଭିଯୋଗ କରିଛନ୍ତି। ଏନେଇ ବହଲପଦର ରେଞ୍ଜ ଅଧିକାରୀ ଅନୁପ ଖେସଙ୍କୁ ପଚାରିବାରୁ ସେ କହିଲେ ଯେ, ଏହି ଯୋଜନାରେ ତୋଳାଳି କିମ୍ବା ସେମାନଙ୍କ ପୁଅଝିଅ ସାମିଲ ହୋଇପାରିବେ। ମାତ୍ର ତୋଳାଳିଙ୍କ ଭାଇ ସାମିଲ ହୋଇପାରିବେ ନାହିଁ।

**ରେଢ଼ାଖୋଲ କେନ୍ଦୁପତ୍ର ଡିଭିଜନ ବହଲପଦର ରେଞ୍ଜ**

### ନାବାଳିକା ଅପହରଣ ଘଟଣାରେ ଅଭିଯୁକ୍ତ ଅଟକ

**ସଜନାଗଡ଼,୪।୧୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ଥାନା ଅଞ୍ଚଳର ଜଣେ ନାବାଳିକାକୁ ଅପହରଣ କରି ନିଆଯାଇଥିବା ନେଇ ତାଙ୍କ ବାପା ଗତ ୨ ତାରିଖରେ ପୋଲିସରେ ଅଭିଯୋଗ କରିଛନ୍ତି। ଏନେଇ ନୀଳଗିରି ଥାନାରେ ପୋକ୍ସୋ ଆକ୍ଟ ଅନୁଯାୟୀ ଏକ ମାମଲା (ନଂ. ୩୦୮/୧୯) ରୁଜୁ କରି ତଦନ୍ତ କରିବା ପରେ ପୋଲିସ ସିଆଡ଼ିମାଳ ପଞ୍ଚାୟତ ଅଞ୍ଚଳର ଜଣେ ଅଭିଯୁକ୍ତକୁ ଅଟକ ରଖି ତଦନ୍ତ ଜାରି ରଖିଥିବା ନୀଳଗିରି ଥାନା ସବ୍ ଇନ୍ସପେକ୍ଟର ବାସୁଦେବ ଜୟସିଂହ ସୂଚନା ଦେଇଛନ୍ତି।

■ ସୁବର୍ଣ୍ଣପୁର ରିଂରୋଡ

# ଅବଧି ସରିଲାଣି, ନିର୍ମାଣ କାମ ସରୁନି

**ସୋନପୁର,୪।୧୨(ନି.ପ୍ର.)**

ସୁବର୍ଣ୍ଣପୁର ସହରର ତିନିପାର୍ଶ୍ୱକୁ ଘେରି ରହିଛି ମହାନଦୀ ଓ ତେଲନଦୀ। ବର୍ଷା ଋତୁରେ ଏହି ସହରକୁ ବନ୍ୟାଦାଉରୁ ରକ୍ଷା କରିବା ପାଇଁ ନଦୀବନ୍ଧ ତଥା ରିଂରୋଡ ନିର୍ମାଣ ସକାଶେ ମହାରାଜା ବୀରମିତ୍ରୋଦୟ ସଙ୍କଳ୍ପ ନେଇଥିଲେ। ଏଥିପାଇଁ ସେହି ସମୟରେ ପାଣ୍ଠିର ବ୍ୟବସ୍ଥା କରିଥିଲେ। ଉଭୟ ନଦୀରେ ପଥର ବନ୍ଧ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ମାତ୍ର ତାହା ସମ୍ପୂର୍ଣ୍ଣ ହୋଇ ପାରି ନଥିଲା । ସହରର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଓ ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ରିଂରୋଡ ନିର୍ମାଣ ପାଇଁ ବିଧିବଦ୍ଧ ନିଷ୍ପତ୍ତି ନେଇଥିଲେ। ସ୍ଥାନୀୟ ବିଧାୟକ ତଥା ବର୍ତ୍ତମାନର ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଉଦ୍ୟମକ୍ରମେ ୨୦୧୧ମସିହାରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା। ମଝିରେ ସରକାରୀ ଅନୁଦାନ ନ ଥିବାରୁ ୩ ବର୍ଷ କାମ ବନ୍ଦ ଥିଲା। ଏବେ ଆବଶ୍ୟକ ଟଙ୍କା ଥାଇ ମଧ କାମ ହୋଇପାରୁନି। ସହରର ଲାଇଫ ଲାଇନ୍ କୁହାଯାଉଥିବା ଏହି କାର୍ଯ୍ୟର ମନ୍ଥରତାକୁ ନେଇ ବୁଦ୍ଧିଜୀବୀ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ରିଂ ରୋଡର ମହାନଦୀ ବ୍ରିଜ୍‌ରୁ ୧୫୦୦ ମିଟର ରାସ୍ତା ପିଚୁ ପାଇଁ ୩ କୋଟି ୩ ଲକ୍ଷ ୯୭ ହଜାର ଟଙ୍କାର ଟେଣ୍ଡର ହୋଇଛି। ୨୦୧୮ ଡିସେମ୍ବର ୨୪ ତାରିଖରେ ଠିକାଦାର ପୂର୍ତ୍ତ ବିଭାଗ ସହିତ ଚୁକ୍ତିନାମା କରିଛନ୍ତି। ୨୦୧୯ ନଭେମ୍ବର ୨୩ତାରିଖରେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା କଥା। କିନ୍ତୁ ପିଚୁ କାମ ତ ଦୂର ମାଟି ସମତଳରେ ହିଁ କାମ ଅଟକିଛି। ସେହିପରି ୫ କୋଟି ୯୧ଲକ୍ଷ ୭୧ ହଜାର ଟଙ୍କା ବ୍ୟୟରେ ତେଲନଦୀ ବ୍ରିଜ୍‌ରୁ ବଡବଜାର ପର୍ଯ୍ୟନ୍ତ ୨୪୦୦ମିଟର ରାସ୍ତା ପିଚୁ, ରିଟେନିଂ ୱାଲ ଓ ୨ଟି ପୋଲ ନିର୍ମାଣ ହେବ। ଟେଣ୍ଡର ପ୍ରକ୍ରିୟା ପରେ ଠିକାଦାର ୨୦୧୯ ଫେବୃୟାରୀ ୬ ତାରିଖରେ ଚୁକ୍ତିନାମା କରିଛନ୍ତି । ଜୁନ୍ ୫ତାରିଖ ସୁଦ୍ଧା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା କଥା। କିନ୍ତୁ ପିଚୁ କାମ ଆଦୌ ଆରମ୍ଭ ହୋଇନି। କାମ ମନ୍ଥର ଗତିରେ ଚାଲିଛି। ପ୍ରାକ୍ତନ ଜିଲାପାଳ ମଧୁସୂଦନ ମିଶ୍ର ଗତ ଜୁନ୍ ମାସ ୨୩ ତାରିଖରେ କାର୍ଯ୍ୟର ସମୀକ୍ଷା କରି ସମ୍ପୃକ୍ତ ଠିକାଦାରଙ୍କୁ କୈଫିୟତ ମାଗିବାକୁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଆବଶ୍ୟକ ପଡିଲେ ଇଏମଡି ବ୍ୟାଜ୍ୟାପ୍ତି ସହ ପୁନଃ ଟେଣ୍ଡର ଆହ୍ୱାନ ପାଇଁ ପଦକ୍ଷେପ ନେବାକୁ କହିଥିଲେ। ମାତ୍ର ସେମିତି କିଛି ବି ହେଲାନି। ଠିକାଦାର ସେମାନଙ୍କ ମର୍ଜିରେ କାମ କରୁଛନ୍ତି। ଅନ୍ୟପକ୍ଷେ ରିଂ ରୋଡର ମିସିଂ ଲିଙ୍କ କୁମ୍ଭାରପଡାରୁ ଦଶମତି ଘାଟ ୩୧୩ ମିଟର ଲମ୍ବ ରାସ୍ତା ପୋର୍ଟାଲ ଫ୍ରେମ୍ ବ୍ରିଜ୍ ହେବ। ନଦୀପାର୍ଶ୍ୱରେ କଂକ୍ରିଟ୍ ରିଟେନିଂ ୱାଲ ନିର୍ମାଣ କରାଯିବ। ଏଥିପାଇଁ ୪୫ କୋଟି ୮୦ ଲକ୍ଷ ଟଙ୍କାର ଟେଣ୍ଡର ହୋଇଛି। ଏଆରଏସଏସ ଇନ୍‌ଫ୍ରାଷ୍ଟ୍ରକ୍‌ଚର ପ୍ରାଇଭେଟ ଲିମିଟେଡ ନଭେମ୍ବର ମାସ ଦ୍ୱିତୀୟ ସପ୍ତାହରୁ ଟେଣ୍ଡର ପାଇଲାଣି। ହେଲେ ଏହି ଠିକା ସଂସ୍ଥା କାର୍ଯ୍ୟ କରିବା ପାଇଁ ପୂର୍ତ୍ତ ବିଭାଗ ସହିତ ବର୍ତ୍ତମାନ ପର୍ଯ୍ୟନ୍ତ ଚୁକ୍ତିନାମା କରିନି। ଏଭଳି ସ୍ଥିତିରେ ଏହି ପ୍ରକଳ୍ପ କାର୍ଯ୍ୟ ଆହୁରି ବିଳମ୍ବିତ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ. ଅସିତ କୁମାର ବଡପଣ୍ଡା କୁହନ୍ତି ନିର୍ଦ୍ଧାରିତ ସମୟରେ ଠିକାଦାର କାମ ସମ୍ପୂର୍ଣ୍ଣ କରି ନାହାନ୍ତି। ଶିଘ୍ର କାମ ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଛୁ। ଅଧିକ ବିଳମ୍ବ ହେଲେ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ମହାନଦୀ ବ୍ରିଜ୍‌ରୁ ଘୋଡାଘାଟପଡା ରିଂ ରୋଡ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି ।

**ପୋର୍ଟାଲ ଫ୍ରେମ୍ ବ୍ରିଜ୍ ପାଇଁ ଠିକାସଂସ୍ଥା ଚୁକ୍ତିନାମା କରିନି**

# କୃଷି କାର୍ଯ୍ୟରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ସୋନପୁର,୪।୧୨(ନି.ପ୍ର.)**

ଭାରତର ଅର୍ଥନୀତି ମୁଖ୍ୟତଃ କୃଷି ଉପରେ ନିର୍ଭର କରିଥାଏ। ଦେଶର ୮୦ ପ୍ରତିଶତ ମହିଳା କୃଷି ଏବଂ ଆନୁସଙ୍ଗିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥାନ୍ତି। ଏହି କୃଷିଜୀବୀ ମହିଳାମାନଙ୍କୁ ମାନ୍ୟତା ଓ ସମ୍ମାନ ଦେବା ଉଦ୍ଦେଶ୍ୟରେ ସୋନପୁର କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ କୃଷିଜୀବୀ ମହିଳା ଦିବସ ବୁଧବାର ପାଳିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ମହିଳା ଚାଷୀମାନେ ନିଜର ଦକ୍ଷତା ବୃଦ୍ଧି କରି ସଶକ୍ତଭାରତ ଗଠନରେ ସହଯୋଗ କରିବାକୁ କହିଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ ଆନ୍ତ୍ରେରିଆ କେର୍କେଟା ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ମହିଳାମାନେ କୃଷି ଏବଂ ଆନୁସଙ୍ଗିକ କୃଷି କାର୍ଯ୍ୟକୁ ଆପଣେଇବା ପାଇଁ ପରାମର୍ଶ ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ଜୀବନଜିତ୍ ସେନ ଚାଷ କାର୍ଯ୍ୟରେ ମହିଳା ମାନଙ୍କର ବହୁମୁଖି ଭୂମିକା ଉପରେ ଆଲୋଚନା କରିଥିଲେ। ବୀରମହାରାଜପୁରର ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ବିଦ୍ୟାଦର ଦାସ, ଡିପିସି ମିଶନ ଶକ୍ତି କାର୍ତ୍ତିକ ଚନ୍ଦ୍ର ନାୟକ, ଡିପିଡି ଆତ୍ମା ତୁଷାର ରଞ୍ଜନ ମିଶ୍ର, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଲୁସି ପ୍ରିୟଦର୍ଶନୀ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଗୀତାଞ୍ଜଳି ପ୍ରଧାନ, ସୁରଜ୍ୟୋତି ପ୍ରଧାନ ଓ ସୁପ୍ରଭା ସେଠୀ ଦିବସ ପାଳନ ସମ୍ପର୍କରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟକ୍ରମ ସହାୟକ ଲୋପାମୁଦ୍ରା ରାୟ ପରିଚାଳନା କରିଥିଲେ।




କୃଷିଜୀବୀ ମହିଳା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ।



ବକୁଲ ମହୋତ୍ସବ ପାଇଁ ଆୟୋଜିତ ପ୍ରସ୍ତୁତି ବୈଠକରେ ଉପସ୍ଥିତ ସଦସ୍ୟମାନେ।

## ବକୁଲ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

**ଉଲୁଣ୍ଡା, ୪।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲାଇ ପଞ୍ଚାୟତର ଶ୍ରୀଚନ୍ଦ୍ରମଣୀ ଦାସ ସାମାଧି ପୀଠ ବାଘପାଲିଠାରେ ବକୁଲ ମହୋତ୍ସବ ଆସନ୍ତା ୨୦ତାରିଖରୁ ଆରମ୍ଭ ହେବ। ଏହାକୁ ଦୃଷ୍ଟିରେ ରଖି ସମାଧି ପୀଠ ପରିଚାଳନା କମିଟି ସଭାପତି ରାଜ ଗୋପାଳ ପାଢୀଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଚଳିତ ବର୍ଷ ମହୋତ୍ସବକୁ କିପରି ଶାନ୍ତିଶୃଙ୍ଖଳାର ସହିତ କରାଯିବ ଏବଂ ଅଧିକ ଅକର୍ଷଣୀୟ କରାଯିବ ସେନେଇ ଆଲୋଚନା କରାଯାଇଥିଲା। ପରେ ସମ୍ପାଦକ ବିଗତ ବର୍ଷର ଆୟବ୍ୟୟର ବିବରଣୀ ପାଠ କରିଥିଲେ। ଏହି ବୈଠକରେ ପୂର୍ବତନ ଜିଲା ପରିଷଦ ସଭ୍ୟ ଉତ୍ତର କୁମାର ପାତ୍ର, ନରସିଂହ ପଧାନ, ଜାନକୀରାମ ଦେହେରୀ, ରମ୍ଭା ପଧାନ, ଲୁପି ମହାକୁର ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶିବ ମହାକୁର, ବୁଧୁଲାଲ ଦେହେରୀ, ସମାରୁ ବଗର୍ତ୍ତୀ, ବୃନ୍ଦାବନ ବାରିକ, ଭିକାରୀ ମାଝୀ, ଅକ୍ଷୟ ଦନାୟକ, ଅଚ୍ୟୁତ ପଧାନ, ସତ ବଗର୍ତ୍ତୀ, କୃପାସିନ୍ଧୁ ଥାଟୀ ପ୍ରମୁଖ ଉପସ୍ଥିତ ଥିଲେ।

## ଫେରାର ଅଭିଯୁକ୍ତ କର୍ଣ୍ଣାଟକରୁ ଗିରଫ

**ଆରଡ଼ି, ୪।୧୨ (ଡି.ଏନ.ଏ.)**

ଭଦ୍ରକ ଜିଲା ଧୂଷୁରୀ ଥାନା ଓ ଆରଡ଼ି ଫାଣ୍ଡି ଅନ୍ତର୍ଗତ ବାଙ୍କମୁହାଁ ଗ୍ରାମର ଅଭିଯୁକ୍ତ ସନ୍ତୋଷ କୁମାର ମାଝୀ(୩୬)ଙ୍କୁ କର୍ଣ୍ଣାଟକର ଆନ୍ନାକୁଲମରୁ ପୋଲିସ ଗିରଫ କରିଛି। ବୁଧବାର ତାଙ୍କୁ କୋର୍ଟ ଚାଲାଣ ପରେ ଜିଲା ଉପକାରାଗାରକୁ ପଠାଇ ଦିଆଯାଇଛି। ଉଲ୍ଲେଖନୀୟ ଯେ, ସ୍ଥାନୀୟ ଅଞ୍ଚଳର ଜଣେ ଯୁବତୀ ଗତ ଜୁନ ୧୩ ତାରିଖରେ ବେକରେ ରଶି ଦେଇ ଆତ୍ମହତ୍ୟା କରିଥିଲେ। ସେ ସୁଇସାଇଡ୍ ନୋଟ୍‌ରେ ସନ୍ତୋଷ ତାଙ୍କୁ ବଳାତ୍କାର କରିଥିବା ଓ ମୃତ୍ୟୁ ପାଇଁ ଦାୟୀ ବୋଲି ଲେଖିଥିବା କୁହାଯାଇଥିଲା। ପୋଲିସ ସୁଇସାଇଡ୍ ନୋଟକୁ ଜବତ କରି ତଦନ୍ତ ଚଳାଇଥିଲା। ତାଙ୍କ ଭଉଣୀ ମୃତ୍ୟୁ ପାଇଁ ସନ୍ତୋଷ ଦାୟୀ ବୋଲି ମୃତା ଯୁବତୀଙ୍କ ଭାଇ ଧୂଷୁରୀ ଥାନାରେ ଏତଲା ଦେବା ପରେ ଏକ ମାମଲା(ନଂ.୧୨/୧୯ ) ରୁଜୁ ହୋଇଥିଲା। ସେବେଠାରୁ ଗିରଫ ଭୟରେ ସନ୍ତୋଷ ଫେରାର ଥିଲେ ବୋଲି ପୋଲିସ ସୂଚନା ଦେଇଛି।

# ପାଣି ପଞ୍ଚାୟତ ସଚେତନତା ଶିବିର

**ସୋନପୁର,୪।୧୨(ନି.ପ୍ର.)**

ସୁବର୍ଣ୍ଣପୁର ଉଠା ଜଳସେଚନ ବିଭାଗ ପକ୍ଷରୁ ଚାଷୀମାନଙ୍କୁ ନେଇ ଏକ ପାଣି ପଞ୍ଚାୟତ ସଚେତନତା ଶିବିର ବିନିକା ବ୍ଲକ କର୍ତ୍ତଙ୍ଗ ଗ୍ରାମର କୃଷକ ସଂଘ କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମହାଦେବପାଲି ପଞ୍ଚାୟତର ପଣ୍ଡକିଟାଲ, ଘୋଡାଧାର, ସଂସାମୁରା, କର୍ତ୍ତଙ୍ଗ, ଗରିଆପାଲି, ସକମା, ସେଲେଡି, ଘଣ୍ଟପାଲି ଓ ମହାଦେବପାଲି ଗ୍ରାମର ପ୍ରାୟ ୫୦ଟି ପାଣି ପଞ୍ଚାୟତର ଶତାଧିକ ଚାଷୀ ଯୋଗ ଦେଇଥିଲେ। ଉଠା ଜଳସେଚନ ପ୍ରକଳ୍ପର ରକ୍ଷଣାବେକ୍ଷଣ, ଜଳ ପରିଚାଳନା, ପ୍ରକଳ୍ପର ପୁନରୁଦ୍ଧାର, ପାଇପ ଲାଇନ ବଢାଇବା, ନୂତନ ଚାଷ ପ୍ରଣାଳୀ, ଜଳ ବଣ୍ଟନ, କୃଷି ବିଭାଗର ବିଭିନ୍ନ ଯୋଜନା, ଗଭୀର ନଳକୂପ ଜନିତ ସମସ୍ୟାର ସମାଧାନ, ମୃତ୍ତିକା ପରୀକ୍ଷା, ଫାର୍ମ ପଣ୍ଡ ଯୋଜନା, ଛତୁ ଚାଷ, ମାଛ ଚାଷ, ସମନ୍ୱିତ କୃଷି ଆଦି ସମ୍ପର୍କରେ ବିଭାଗୀୟ ବିଶେଷଜ୍ଞ ମାନେ ଶିବିରରେ ଚାଷୀଙ୍କୁ ବୁଝାଇଥିଲେ। ବିଦ୍ୟୁତ ବିଭାଗର ଯନ୍ତ୍ରୀ ଇଂ. ସତ୍ୟଜିତ ମହାନ୍ତି ଯୋଗଦେଇ ବିଦ୍ୟୁତ୍ ସମସ୍ୟାର ସହଜ ସମାଧାନ ସମ୍ପର୍କରେ କହିଥିଲେ। ଏହି ଶିବିରରେ କୃଷି ଅଧିକାରୀ ଲୋଚନ ଚନ୍ଦ୍ର ମାଝି, ସୁକଦେବ ପୋଢ, ସହକାରୀ ଯନ୍ତ୍ରୀ ଇଂ ଶିରୀଶ ଚନ୍ଦ୍ର ମୁଣ୍ଡା, ସହକାରୀ ଯନ୍ତ୍ରୀ ଇଂ. ଅନିଲ କୁମାର, ଇଂ ସୁରଜ ମେହେର, ଇଂ ଲିନା ଲଗ୍ନା ଦୀପା, ଇଂ ବିକାଶ ପ୍ରତାପ ରାୟ, ଇଂ ବିଭୂତି ଭୂଷଣ ସାହୁ ଓ ଇଂ. ଦିଲ୍ଲିପ କର ଯୋଗ ଦେଇଥିଲେ। ଶିବିରକୁ ଉଠା ଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀ ଇଂ. ଅଜୟ କୁମାର ମହାକୁଡ ସଂଯୋଜନା କରିଥିଲେ ।




ଶିବିରରେ ମଞ୍ଚାସୀନ ଅତିଥି ବୃନ୍ଦ ।




ନିଶା ନିବାରଣ ସଚେତନତା ଶିବିରରେ ମଞ୍ଚାସୀନ ଅଧିକାରୀ ।

# ନିଶା ଯୁବଗୋଷ୍ଠୀଙ୍କୁ ବିପଥଗାମୀ କରୁଛି

**ଅମରପାଲି, ୪।୧୨ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ ଆନୁକୂଲ୍ୟରେ ସ୍ଥାନୀୟ ମହାବିଦ୍ୟାଳୟରେ ଏକ ନିଶା ନିବାରଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ମୂରଲୀଧର ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଉପଖଣ୍ଡୀୟ ଚିକିତ୍ସାଳୟର ଅଧିକାରୀ ଡା. ସଞ୍ଜୟ କୁମାର ମହାପାତ୍ର, ଡା. ପ୍ରକାଶ ମହାନ୍ତି, ପିଏଚଇଓ ହରିବୋଲ ଭୋଇ, ସ୍ୱାସ୍ଥ୍ୟ ନିରୀକ୍ଷକ ନିରଞ୍ଜନ ମିଶ୍ର, ବିଏମପି ମହେନ୍ଦ୍ର ମିଶ୍ର ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ନିଶା ନିବାରଣ କରିବା ପାଇଁ ସଚେତନ କରିଥିଲେ। ଅଧ୍ୟାପକ ସତ୍ୟନାରାୟଣ ଦାଶ, ଯାମିନୀ ଦାଶ ନିଶାସେବନର କୁଫଳ ସମ୍ପର୍କରେ ମତ ପ୍ରଦାନ କରିଥିଲେ ।

# ଧାନକିଣା ସ୍ଥିତି ସୁଧୁରୁନି

**ବଲାଙ୍ଗୀର ଅଫିସ, ୪।୧୨**

ବଲାଙ୍ଗୀର ଜିଲାରେ ଧାନକିଣା ସ୍ଥିତି ସୁଧୁରିନାହିଁ। ପ୍ରଥମରୁ ଟୋକନ ଅବ୍ୟବସ୍ଥାକୁ ନେଇ ଚାଷୀ ହରଡ଼ଘଣାରେ ପଡିଛନ୍ତି । ଏଯାବତ୍ ଏଥିରୁ ନିସ୍ତାର ପାଇ ନ ଥିବା ଚାଷୀ ଏବେ ମଣ୍ଡି ବା ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ)ରେ ଧାନ ବିକ୍ରୟ ପାଇଁ ଆଣିଥିଲେ ମଧ ଏହା ବିକ୍ରି ହୋଇପାରୁ ନ ଥିବାରୁ ଚିନ୍ତାରେ ପଡିଛି । ବଲାଙ୍ଗୀର ଆରଏମ୍‌ସି ଅନ୍ତର୍ଗତ ଝାଙ୍କରପାଲି ପ୍ୟାକ୍ସରେ ଗତ ୬ ଦିନ ହେଲା ଚାଷୀମାନେ ବିକ୍ରୟ କରିବାକୁ ଆଣିଥିବା ଧାନ କିଣାଯାଇନାହିଁ। ଫଳରେ ଚାଷୀମାନେ ହରଡଘଣାରେ ପଡିଛନ୍ତି। ଝାଙ୍କରପାଲି ପ୍ୟାକ୍ସରେ ବୁଧବାର ୭୫୦ ବସ୍ତା ଧାନ ଗଚ୍ଛିତ ରହିଥିବା ଜଣାପଡିଛି। ୧୦ ଜଣ ଚାଷୀଙ୍କ ଏହି ସବୁ ଧାନ ଗତ ଶୁକ୍ରବାରଠାରୁ ପ୍ୟାକ୍ସରେ ପଡିଛି । ଶୁକ୍ରବାର ଏହି ପ୍ୟାକ୍ସରେ ଧାନ କିଣାଯିବା ତାରିଖ ଧାର୍ଯ୍ୟ ରହିଥିଲା। ଟୋକନ ପାଇଥିବା ୧୦ ଜଣ ଚାଷୀ ପ୍ୟାକ୍ସକୁ ଧାନ ଆଣିଥିଲେ। ମାତ୍ର ଆରଏମ୍‌ସି ତରଫରୁ କୌଣସି ଅଧିକାରୀ ନ ଆସିବାରୁ ଧାନକିଣା ଯାଇପାରି ନ ଥିଲା। ଶନିବାର ମଧ କେହି ଅଧିକାରୀ ଆସିନଥିଲେ। ଫଳରେ ଚାଷୀଙ୍କ ଧାନକୁ ପ୍ୟାକ୍ସ ଗୋଦାମରେ ରଖାଯାଇଥିଲା। ଗତ ୬ ଦିନ ହେଲା ଗୋଦାମରେ ଧାନ ରହିଥିଲେ ମଧ ଏହାକୁ କିଣାଯାଇନାହିଁ। ଚାଷୀମାନେ ପ୍ରତିଦିନ ପ୍ୟାକ୍ସକୁ ଆସି ନିରାଶ ହୋଇ ଫେରୁଛନ୍ତି । କୁଟୁମଡୋଲା ଗ୍ରାମର ଚାଷୀ ବୀରଭଦ୍ର ନାଏକ ବିକ୍ରୟ ପାଇଁ ୭୦ କିଇଣ୍ଟାଲ ଧାନ ଆଣି ରଖିଛନ୍ତି। ସେ କହିଛନ୍ତି ଯେ, ଗତ ୬ ଦିନ ହେଲା ତାଙ୍କର ଧାନ କିଣା ହୋଇନାହିଁ । ପ୍ରତିଦିନ ପ୍ୟାକ୍ସକୁ ଆସି ସନ୍ଧ୍ୟା ପର୍ଯ୍ୟନ୍ତ ରହି ଫେରୁଛନ୍ତି। ଏହି କାରଣରୁ ତାଙ୍କର ଅନ୍ୟାନ୍ୟ କାମ ଅଟକି ରହିଛି। ବାନ୍ଧନଘୋରର ଚାଷୀ ଡାକ୍ତର ବିଶ୍ୱାଳ ୩୯ କୁଇଣ୍ଟାଲ ଧାନ ବିକ୍ରି ପାଇଁ ଆଣିଛନ୍ତି। ସେ କହିଛନ୍ତି ଯେ, ପ୍ରତିଦିନ ଆରଏମ୍‌ସି ଅଧିକାରୀମାନେ ଆସିବେ ବୋଲି କହୁଥିଲେ ବି ୬ ଦିନ ହେଲା ଆସିନାହାନ୍ତି। ବଲାଙ୍ଗୀରରୁ ମାତ୍ର ୧୨କିଲୋମିଟର ଦୂର ଝାଙ୍କରପାଲି ପ୍ୟାକ୍ସକୁ ଆରଏମ୍‌ସି ଅଧିକାରୀମାନେ ଯାଇପାରୁ ନ ଥିବାରୁ ଧାନକିଣା ହେଉ ନ ଥିବାବେଳେ ଅନ୍ୟ ଦୂର ସ୍ଥାନର ଅବସ୍ଥା କ'ଣ ଥିବ ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି। କୁଟୁମଡୋଲାର ଚାଷୀ ବିନାୟକ ପ୍ରସାଦ ସିଂଦେଓ ପ୍ୟାକ୍ସରେ ଧାନକିଣା ଆରମ୍ଭ ହୋଇ ନ ଥିବାରୁ ବିକ୍ରି ପାଇଁ ସେ ଧାନ ଆଣିପାରୁ ନ ଥିବା କହିଛନ୍ତି। ଅଧିକାରୀମାନେ ମନମୁଖୀ କାମ କରୁଥିବା ଅଭିଯୋଗ କରିଛନ୍ତି । ଏ ନେଇ ପ୍ୟାକ୍ସରେ ଉପସ୍ଥିତ ଥିବା ଡାଟା ଏଣ୍ଟ୍ରି ଅପରେଟର୍ସ (ଡିଇଓ) ଫରୋଜ ବିଶ୍ୱାଳଙ୍କୁ ପଚରାଯିବାରୁ ଆରଏମ୍‌ସି ଅଫିସରୁ କେହି ଆସି ନ ଥିବାରୁ ଧାନ କିଣା ହେଉନଥିଲା ବୋଲି କହିଥିଲେ। ତେବେ ବୁଧବାର ଜଣେ କ୍ୱାଲିଟି ଅଫିସର ଆସିଛନ୍ତି। ସେ ଧାନର ଟେଷ୍ଟିଂ କଲାପରେ ଧାନ କିଣାଯିବ ବୋଲି କହିଛନ୍ତି। ବୁଧବାର ସ୍ୱାସ୍ଥ୍ୟ ସଚିବ ତଥା ଜିଲା ନୋଡାଲ କମିଶନର ଡା ପ୍ରମୋଦ କୁମାର ମେହେର୍ଦ୍ଦା ବଲାଙ୍ଗୀର ଜିଲା ଗସ୍ତରେ ଆସି ଝାଙ୍କରପାଲି ଆଶ୍ରମ ବିଦ୍ୟାଳୟ, ଅଙ୍ଗନୱାଡି ପରିଦର୍ଶନ କରିଥିଲେ। ତେବେ ଏହି ଆଶ୍ରମ ବିଦ୍ୟାଳୟକୁ ଲାଗି କରି ଥିବା ପ୍ୟାକ୍ସକୁ ତାଙ୍କ ଦୃଷ୍ଟି ପଡି ନ ଥିଲା। ଫଳରେ ଚାଷୀଙ୍କ ଦୁର୍ଦ୍ଦଶା ଦେଖିପାରି ନ ଥିଲେ । ଏହାକୁ ନେଇ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।



ଝାଙ୍କରପାଲି ପ୍ୟାକ୍ସରେ ଧାନ ବିକ୍ରି କରିବାକୁ ଆସିଥିବା ଚାଷୀମାନେ।

- ■ ଝାଙ୍କରପାଲି ପ୍ୟାକ୍ସରେ ୬ ଦିନ ହେଲା ପଡିଛି ୭୫୦ ବସ୍ତା ଧାନ
- ■ ଆରଏମ୍‌ସି ଅଧିକାରୀଙ୍କ ଦେଖାନାହିଁ, ଚାଷୀ ହନ୍ତସନ୍ତ
- ■ ନୋଡାଲ କମିଶନରଙ୍କ ଦୃଷ୍ଟି ପଡ଼ିଲାନି



ଯାହାର ଲୋଭ, ମାନ ଓ ଅପମାନ ନ ଥାଏ, ସିଏ ସମ୍ପଦ ଓ ବିପଦକୁ ସମାନ ମଣେ, ତାଙ୍କୁ ଭକ୍ତ କୁହାଯାଏ।
-ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ



### ନୀଳ କଣ୍ଠେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ

ବରଗଡ଼ ଅଫିସ୍,୪।୧୨- ବରଗଡ଼ ବ୍ଲକ ଅନ୍ତର୍ଗତ ଖୁ. ତୁରଙ୍ଗା ଗ୍ରାମରେ ନବନିର୍ମିତ ଶ୍ରୀ ନୀଳ କଣ୍ଠେଶ୍ୱର ବାବାଙ୍କ ଭବ୍ୟ ମନ୍ଦିରର ପ୍ରତିଷ୍ଠା ଉତ୍ସବ ବୁଧବାର ସମାରୋହରେ ଆରମ୍ଭ ହୋଇଛି । ଏହି ଅବସରରେ କଳସ ଯାତ୍ରା ହୋଇଥିଲା । ଗ୍ରାମର ଶତାଧିକ ମହିଳା,ପୁରୁଷ ସ୍ଥାନୀୟ ପୂର୍ଣ୍ଣବନ୍ଧରୁ ପୂର୍ଣ୍ଣ କଳସ ଧରି ଗ୍ରାମ ପରିକ୍ରମା ସହିତ ମନ୍ଦିର ସମ୍ମୁଖ ପୂଜାସ୍ଥଳୀକୁ ପହଞ୍ଚିଥିଲେ । ଉକ୍ତ ପ୍ରତିଷ୍ଠା ଉତ୍ସବରେ ଦୈତାରୀ ସାହୁ, ନୀଳାଞ୍ଚଳ ସାହୁ,ଲଳିତ ସାହୁ, ଯାଦବ ସାହୁ, ହେମନ୍ତ ସାହୁ ସପତ୍ନୀକ କର୍ତ୍ତାକାର୍ଯ୍ୟ ସମ୍ପାଦନ କରୁଛନ୍ତି । ସେହିପରି ପଣ୍ଡିତ ବୈଷ୍ଣବ ଷଡ଼ଙ୍ଗୀ ଯଜ୍ଞକାର୍ଯ୍ୟ ନିର୍ବାହ କରୁଛନ୍ତି। ଦୀପ୍ତି ସିଂଙ୍କ ଦ୍ୱାରା ପ୍ରବଚନ ଅନୁଷ୍ଠିତ ହୋଇଥିବାବେଳେ ମହିଳାଙ୍କ ଦ୍ୱାରା ହରିନାମ ସଂକୀର୍ତ୍ତନ୍ୟ ଅନୁଷ୍ଠିତ ହୋଇଥିଲା। ଗ୍ରାମବାସୀ ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମ ପରିଚାଳନା କରୁଥିବାବେଳେ ଆସନ୍ତା ୬ତାରିଖ ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ ହେବ।

■ ରବିଋତୁ ପାଇଁ କୃଷି କୌଶଳ ନିର୍ଦ୍ଧାରଣ କମିଟି ବୈଠକ

# ଏଥର ଅଣଧାନ ଫସଲକୁ ଅଧିକ ଗୁରୁତ୍ୱ

**ବରଗଡ଼ ଅଫିସ୍,୪।୧୨**

ବରଗଡ଼ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ରବିଋତୁ ପାଇଁ କୃଷି କୌଶଳ ନିର୍ଦ୍ଧାରଣ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଚଳିତ ରବିଚାଷ ଉପରେ ଆଲୋଚନା ହୋଇଥିଲା। ଚଳିତ ରବିଋତୁରେ ଫସଲ ପର୍ଯ୍ୟାୟ ପରିବର୍ତ୍ତନ କରି ଧାନଚାଷ ବଦଳରେ ଚିନାବାଦାମ, ମୁଗ, ବିରି, ସୂର୍ଯ୍ୟମୁଖୀ, ରାଶି, ମଟର ଝୁଡ଼ଙ୍ଗ, ପନିପରିବା ଆଦି ଅଣଧାନ ଫସଲ ଚାଷ କରିବା ପାଇଁ ଜିଲାପାଳ ବିଶେଷ ଗୁରୁତ୍ୱ ଦେଇଥିଲେ । ତଦନୁସାରେ ଜାତୀୟ ଖାଦ୍ୟ ନିରାପତ୍ତା ଯୋଜନାରେ ୩୨୦୦ ହେକ୍ଟର ଜମିରେ ମୁଗଚାଷ, ୨୦୦ ହେକ୍ଟର ଜମିରେ ବିରିଚାଷ, ୩୦୦ ହେକ୍ଟର ଜମିରେ ଝୁଡ଼ଙ୍ଗ ଚାଷ, ୧୨୫ ହେକ୍ଟର ଜମିରେ ଚିନାବାଦାମ, ୫୦ ହେକ୍ଟର ଜମିରେ ସୂର୍ଯ୍ୟମୁଖୀ, ୫୦



କୃଷି କୌଶଳ ନିର୍ଦ୍ଧାରଣ କମିଟି ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀବୃନ୍ଦ ।

ହେକ୍ଟର ଜମିରେ ରାଶି ପ୍ରଦର୍ଶନ କ୍ଷେତ୍ର କରାଯିବା ପାଇଁ ସ୍ଥିରୀକୃତ ହୋଇଥିଲା। ଏହାଛଡ଼ା ବିଶ୍ୱବ୍ୟାଙ୍କ ସହାୟତାରେ ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ଗୁଡ଼ିକରେ ୫୦୦ ହେକ୍ଟର ଚିନାବାଦାମ, ୨୦୦ ହେକ୍ଟର ରାଶି, ୧୦୦ ହେକ୍ଟର ସୂର୍ଯ୍ୟମୁଖୀ ପ୍ରଦର୍ଶନ କ୍ଷେତ୍ର କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା । ସେହିପରି କୃଷି ବୈଷୟିକ ପରିଚାଳନା ସଂସ୍ଥା(ଆତ୍ମା) ମାଧ୍ୟମରେ ୬୫୦ ହେକ୍ଟର ଜମିରେ ସୋରିଷ, ୨୦୦ ହେକ୍ଟର ଜମିରେ ମଟର ଚଣା, ୨୪ ହେକ୍ଟର ଜମିରେ ମିଠା ମକା, ୫୩ ହେକ୍ଟର ଜମିରେ ମୁଗଚାଷର ପ୍ରଦର୍ଶନ କ୍ଷେତ୍ର କରାଯିବା ପାଇଁ ସ୍ଥିରୀକୃତ ହୋଇଥିଲା । ତେବେ ଚଳିତ ରବିଋତୁରେ ଉତ୍ପାଦିତ ମୁଗ, ବିରି, ଚିନାବାଦାମ, ସୂଯର୍ଯ୍ୟମୁଖୀ ସରକାରଙ୍କ ଦ୍ୱାରା ମଣ୍ଡି ଖୋଲାଯାଇ ମାର୍କଫେଡ୍ ଜରିଆରେ ସରକାରୀ ସହାୟକ ମୂଲ୍ୟରେ ବିକ୍ରି ପାଇଁ ନିଷ୍ପତ୍ତି ନିଆଯାଇଥିବା ଜିଲା ମୁଖ୍ୟ କୃଷି ଅଧିକାରୀ ଦୀନବନ୍ଧୁ ଗାନ୍ଧୀ କହିଥିଲେ। ମୁଖ୍ୟ ଜିଲା କୃଷି ଅଧିକାରୀ ଗାନ୍ଧୀ ରବିଋତୁରେ ବିଭିନ୍ନ ଫସଲ ପାଇଁ ଧାର୍ଯ୍ୟ ଲକ୍ଷ୍ୟ ଏବଂ ଉକ୍ତ ଲକ୍ଷ୍ୟ ପୂରଣ ପାଇଁ ଆବଶ୍ୟକ ଜଳସେଚନର ସୁବିଧା, ବିହନ, ସାର, ଅଣୁସାର, ପୋକମରା ଔଷଧ, କୃଷି ଯନ୍ତ୍ରପାତି ଆଦି ଯୋଗାଣ ବିସ୍ତୃତ ସୂଚନା ଦେଇଥିଲେ । ଚଳିତ ରବିଋତୁରେ ୬୩ହଜାର ୧୧୫ ହେକ୍ଟର ଜମିରେ ଧାନ, ୨୦ହଜାର ୪୪୫ ହେକ୍ଟର ଜମିରେ ଡାଲିଜାତୀୟ ଫସଲ, ୧୦ହଜାର ୮୩୫ ହେକ୍ଟର ଜମିରେ ତୈଳବୀଜ ଫସଲ, ୩୦ହଜାର ୩୪୩ ହେକ୍ଟର ଜମିରେ ପନିପରିବା, ୪୭୪୫ହେକ୍ଟର ଜମିରେ ମସଲାଜାତୀୟ ଫସଲ ତଥା ସମୁଦାୟ ୧ଲକ୍ଷ ୩୦ହଜାର ୫୫୪ ହେକ୍ଟର ଜମିରେ ରବିଚାଷ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ସେ କହିଥିଲେ। ସେହିପରି ରାଜ୍ୟ ସରକାରଙ୍କ ବିନା ଅନୁମତିରେ ହାଇବ୍ରିଡ଼, ରିସର୍ଚ୍ଚ ଧାନ ବିକ୍ରି କରୁଥିବା ଡିଲର, ନକଲି ପୋକମରା ଔଷଧ ବିକ୍ରେତାଙ୍କ ଉପରେ ଚଢ଼ାଉ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ଗତବର୍ଷ ୪ଜଣ ନକଲି ଔଷଧ ବିକ୍ରେତା ଏବଂ କମ୍ପାନୀ ନାମରେ ବରଗଡ଼ ସବଜଜ୍ କୋର୍ଟରେ ମାମଲା ରୁଜୁ କରାଯାଇଛି ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀ ଗାନ୍ଧୀ ସୂଚନା ଦେଇଥିଲେ। ଉକ୍ତ ବୈଠକରେ କୃଷି, ସମବାୟ, ଜଳସେଚନ ଆଦି ବିଭାଗର ଅଧିକାରୀ, କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ ।



## ଗଞ୍ଜେଇ ବୋଝେଇ ଗାଡ଼ି ଜବତ

**ବରଗଡ଼ ଅଫିସ୍,୪।୧୨**

ବରଗଡ଼-ବଲାଙ୍ଗୀର ରାସ୍ତାର ସରସରା ଛକ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ସ୍ଥାନୀୟ ସଦର ଥାନା ପୋଲିସ ଏକ ଗଞ୍ଜେଇ ବୋଝେଇ ଗାଡ଼ି(ନଂ-ଏମପି ୩୨ଜି ୯୪୨୪)କୁ ଜବତ କରିଛି । ସେଥିରେ ବୋଝେଇ ହୋଇ ରହିଥିବା ୮୦କି.ଗ୍ରା ଗଞ୍ଜେଇକୁ ମଧ୍ୟ ଜବତ କରାଯାଇଛି । ତେବେ ଗାଡ଼ି ଚାଳକ ଫେରାର୍ ହୋଇଯାଇଛନ୍ତି। ପ୍ରକାଶ ଯେ, ଉପରୋକ୍ତ ଗଞ୍ଜେଇ ବୋଝେଇ ଗାଡ଼ି ବରପାଲିରୁ ବରଗଡ଼ ପଟକୁ ଆସୁଥିବାବେଳେ ବିପରୀତ ଦିଗରୁ ଯାଉଥିବା ଓଡ଼ି୧୫ ୮୮୮୭ ଟ୍ରକ୍ ସହିତ ଧକ୍କା ହେବା ପରେ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଖସି ପଡ଼ିଥିଲା । ସେହିପରି ଟ୍ରକଟି ମଧ୍ୟ ରାସ୍ତାକଡ଼ ବିଲ ଭିତରକୁ ପଶି ଯାଇଥିଲା । ଖବର ପାଇ ପୋଲିସ ସେଠାକୁ ପହଞ୍ଚିବା ପରେ ଗଞ୍ଜେଇ ବୋଝେଇ ଗାଡ଼ିର ଚାଳକ ଫେରାର୍ ହୋଇଯାଇଥିଲେ। ପୋଲିସ ଗାଡ଼ିକୁ ଜବତ କରିଥିଲା ।

■ ୧୦ଥର ଆବେଦନ କରି ନିରାଶ

# ଭତାରୁ ବଂଚିତ୍ ବୁରୁଧ୍ ଦମ୍ପତି

**ଗଣ୍ଡତୁରୁମ, ୪।୧୨ (ଡି.ଏନ.ଏ.)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ମହୁଲପାଲି ଗାଁର ଘନ ଦେହେରୀ(୯୦) । ସେ ଭତାର ଲାଗି ପାଖାପାଖି ୧୦ ଥର ଆବେଦନ କରି ନିରାଶ ହେଇଥିବାର ଅଭିଯୋଗ କରିଛନ୍।

ସୂଚନା ହିସାବେ ମହୁଲପାଲି ଗାଁର ଘନ ଦେହେରୀଙ୍କର ପରିବାର କହେଲେ ମାଏକିନା ସାଲିଣି, ୩ ପୁଓ ଆର ଗୁଟେ ଝିଁକେ ନେଇ ସଁସାର। ଘନ ଝନେ ନିହାତି ଗରିବ ଆର ଭୂମିହୀନ ଆଏ। ସେ ୧୯୬୯ ସାଲେ ହେଇଥିବାର ବଡ଼ଭାରି ମରୁଡିରେ ପେଟପାଟନାର ଲାଗି କୁଟୁମବସିଆ ଏହେଦ୍‌କାର ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଂଚଳର କୁଣ୍ଡାମହୁଲରୁ ବରଗଡ଼ ଜିଲା ମହୁଲପାଲିକେ ପଲେଇ ଆସିଥିଲେ। ମହୁଲପାଲିରେ ଘନ ପରହର ଗୁତି ଖଟି ନିଜର କୁଟୁମ ପାଲିଥିଲେ। ପିଲାଛୁଆ ବଡ଼ ହେଲା ଉତାରୁ ସମ୍‌କୁ ଦୁଖ୍‌ସୁଖ କରି ବିହାଘରା କରିସାରିଛନ୍। ଏହେଦେ ସଭେ ନିଜର ନିଜର କୁଟୁମ ଧରି ଅଲଗେ ରହୁଛନ୍। ଏହେଦେ ଜୀବନ୍‌ର ଶେଷ ମୁଡ଼ସାନେ ଥିବାର ଇ ବୁରୁଧ୍ ଦମ୍ପତି ବଡ଼ା ଦୁଖେ ଚଲୁଛନ୍। ଘନ ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା ଯୋଜନାରେ ୩୫ କେ.ଜି. ଚାଉଲ ପାଉଛନ୍। ଯେନ୍‌ଟା ଦମ୍ପତିଙ୍କୁ ମାସେ ଚଲବାର ଲାଗି ଠିକ୍ ହେଉଛେ। ହେଲେ ତେଲ ନୁନ୍ କରବାକେ, ଦିହିପା



ବୁରୁଧ୍ ଘନ ଦେହେରୀ।

ଖରାପ ହେଲେ ଉଷୋକଷା କରବାକେ ହାତେ ଅଦ୍‌ଲେ ନାଁଇନ। ବୁଢ଼ାବୁଢ଼ି ଭତାର ଲାଗି ପାଖାପାଖି ୧୦ ଥର ଆବେଦନ କରିଛେଁ। ଇଥିରଲାଗି ଥାନୀଅ ସରପଁଚ୍‌ନୁ ବିଡିଓ ଆର ବିଧାୟିକାଙ୍କୁଁ ବି ଗୁହାରି କରି ନିରାଶ ହେଇଥିବାର ଘନ କହିଛନ୍। ସେନ୍‌ତା ସରକାର ଆମକୁ ଦୁଇ ବୁଢ଼ାବୁଢ଼ିକୁ ଭତା ଟିକେ ଦେବାର ବେବସ୍‌ତା କଲେ ଆମର ଦୁଖ୍ ଘୁଁଚ୍‌ତା, ଟିକେ ଭଲ୍‌ସେ ଚଲିପାରତୁଁ ବଲି ଘନଙ୍କର ମାଏକିନା ସାଲିଣି କହିଛନ୍। ଜିଲା ଆର ବ୍ଲକ ପରଶାସନ ଇ ବୁରୁଧ୍ ଦମ୍ପତି ଉପରେ ଦୁରୁଷ୍‌ଟି ଦେଇ ଯେତେ ଜଲଦି ହେବା ଭତା ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍।

# ଜିଲାସ୍ତରୀୟ ଯୁବ ଉତ୍ସବ ଉଦ୍‌ଯାପିତ

**ବରଗଡ଼ ଅଫିସ୍,୪।୧୨**

ବରଗଡ଼ ସୌଖୀନ ରଙ୍ଗମଞ୍ଚରେ ଚାଲିଥିବା ଜିଲାସ୍ତରୀୟ ଯୁବ ଉତ୍ସବ ଉଦ୍‌ଯାପିତ ହୋଇଛି । ଉକ୍ତ ଉତ୍ସବର ପଲ୍ଲୀଗୀତରେ ବରପାଲି ଏନଏସି ଏବଂ ଡ୍ରାମାରେ ବରଗଡ଼ ମ୍ୟୁନିସିପାଲିଟି ଶ୍ରେଷ୍ଠ ସ୍ଥାନ ଅଧିକାର କରିଛି । ସେହିପରି ପଲ୍ଲୀନାଚରେ ଅତାବିରା ଏନଏସି ପ୍ରଥମ, ପଦ୍ମପୁର ଏନଏସି ଦ୍ୱିତୀୟ ଓ ବରପାଲି ଏନଏସି ତୃତୀୟ ହୋଇଛି । ଏକକ ପ୍ରତିଯୋଗିତାର କ୍ଲାସିକାଲ ଭୋକାଲ୍‌ରେ ପଦ୍ମପୁର ଏନଏସିର ଆଦ୍ୟାଶକ୍ତି ତ୍ରିପାଠୀ ପ୍ରଥମ, ଅତାବିରା ବ୍ଲକର ଗୋପାଳ ବାଗ ଦ୍ୱିତୀୟ ଏବଂ ସୋହେଲା ବ୍ଲକର ସାବିତ୍ରୀ ଭୋଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଇନଷ୍ଟ୍ରୁମେଣ୍ଟାଲ ମ୍ୟୁଜିକ(ଲାଇଟ୍)ରେ ଅତାବିରା ବ୍ଲକର ଗୋପାଳ ବାଗ ପ୍ରଥମ, ହାର୍ମୋନିୟମ(ଲାଇଟ୍)ରେ ବରଗଡ଼ ମ୍ୟୁନିସିପାଲିଟିର ଦୀପମ ମିଶ୍ର କୃତିତ୍ୱ ଅର୍ଜନ କରିଛନ୍ତି । ଇନଷ୍ଟ୍ରୁମେଣ୍ଟାଲ କ୍ଲାସିକାଲର ତବଲାରେ ଅତାବିରା ବ୍ଲକର ଲୋକେଶ୍ୱର ନାୟକ, ଅତାବିରା ଏନଏସିର ଲଳିତ ରଏ, ବରଗଡ଼ ମ୍ୟୁନିସିପାଲିଟିର ନବକୁମାର ଦାଶ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି । କ୍ଲାସିକାଲ ଡ୍ୟାନ୍ସରେ ଅତାବିରା ଏନଏସିର ପ୍ରିୟଙ୍କା ସୁନା(ଓଡ଼ିଶୀ), ଅତାବିରା ବ୍ଲକର ଶିବଶଙ୍କର ମେହେର(କଥକ), ପଦ୍ମପୁର ଏନଏସିର ଦୁର୍ଗାଶିସ୍ ପଟ୍ଟନାୟକ କୃତିତ୍ୱ ଅର୍ଜନ କରି ପୁରସ୍କୃତ ହୋଇଥିଲେ । ବରିଷ୍ଠ କଳାକାର ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ମୋତିଲାଲ ଦୋରା, ରଣଜିତ ନାଗ, ଅଶୋକ ବେହେରା ପ୍ରମୁଖ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ଜିଲା କ୍ରୀଡ଼ା ଅଧିକାରୀ ତୁଷାରକାନ୍ତି ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କ୍ରୀଡ଼ା ଶିକ୍ଷକ ମନସୀ ପାତ୍ର, ଭାଗିରଥୀ ମହାରଣା, ସୁନିଲ ଶତପଥୀ, ଆଦିକନ୍ଦ ସ୍ୱାଇଁ, ବିଜୁ ଯୁବ ବାହିନୀର କୋ ଅର୍ଡ଼ିନେଟର ମୁନା ନାୟକ, ଶିବୁ ଦାଶ ଏବଂ ନେହେରୁ ଯୁବକେନ୍ଦ୍ରର ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ।



ଯୁବ ଉତ୍ସବର ଉଦ୍‌ଯାପନୀ ସମାରୋହରେ ପୁରସ୍କାର ବିତରଣ କରାଯାଉଛି ।

# ବୀମା ଅଫିସର ତାଲା ଖୋଲିଲେ ଚାଷୀ



ବୀମା ଅଫିସରେ ମାରିଥିବା ତାଲା ଚାଷୀ ପ୍ରତିନିଧିମାନେ ଖୋଲୁଛନ୍ତି ।

**ବରଗଡ଼ ଅଫିସ୍,୪।୧୨**

ବରଗଡ଼ ଜିଲାରେ ପ୍ରଧାନମନ୍ତ୍ରୀ ଫସଲବୀମା କ୍ଷତିପୂରଣ ପ୍ରଦାନରେ ବୀମା କମ୍ପାନୀର ଟାଳଟୁଳ ନୀତି ପ୍ରତିବାଦରେ ଜିଲା ଚାଷୀ ସଂଗଠନ ସମନ୍ୱୟ ସମିତିର ଚାଷୀ ପ୍ରତିନିଧିମାନେ ସ୍ଥାନୀୟ ଓରିଏଣ୍ଟାଲ ଏବଂ ନ୍ୟାଶନାଲ ଇନସ୍ୟୁରାନ୍ସ କମ୍ପାନୀ(ଏନଆଇସି) କାର୍ଯ୍ୟାଳୟରେ ତାଲା ମାରିଥିଲେ । ଫଳରେ ଦୀର୍ଘ ୨ମାସ ହେବ ଉକ୍ତ ବୀମା କାର୍ଯ୍ୟାଳୟ ଅଚଳ ହୋଇ ପଡ଼ିଥିଲା । ତେବେ ବୁଧବାର ଜିଲାପାଳଙ୍କ ଅଫିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ତ୍ରିପାକ୍ଷିକ ବୈଠକରେ ବୀମା କର୍ତ୍ତୃପକ୍ଷ ଚଳିତ ମାସ ଶେଷ ସୁଦ୍ଧା ଚାଷୀଙ୍କ ଦାବି ଉପରେ ବିହିତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ଚାଷୀ ପ୍ରତିନିଧିମାନେ ପୋଲିସ ଉପସ୍ଥିତିରେ ବୀମା ଅଫିସରେ ମାରିଥିବା ତାଲା ଖୋଲିଥିଲେ । ତେବେ ଆସନ୍ତା ଜାନୁୟାରୀ ପ୍ରଥମ ସପ୍ତାହ ସୁଦ୍ଧା ଦାବି ପୂରଣ ନ ହେଲେ ଚାଷୀ ସମନ୍ୱୟ ସମିତି ପୁଣି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି । ଏହି ତ୍ରିପାକ୍ଷିକ ବୈଠକରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ସମେତ ବୀମା କମ୍ପାନୀର ପ୍ରତିନିଧି, ଚାଷୀ ସମନ୍ୱୟ ସମିତିର ସଭାପତି ଜୟକୃଷ୍ଣ ସାହୁ, ସମ୍ପାଦକ କିଶୋର ଦେବତା, ପଞ୍ଚାନନ ଦଳପତି ପ୍ରମୁଖ ଉପସ୍ଥିତ ଥିଲେ। ଚାଷୀ ସମନ୍ୱୟ ସମିତିର ସଭାପତି ସାହୁ ଏବଂ ସମିତିର ଅନ୍ୟ ପ୍ରତିନିଧିମାନେ ବୀମା ଅଫିସକୁ ଯାଇ ତାଲା ଖୋଲିଥିଲେ ।

■ ଅଭିଯୁକ୍ତଙ୍କୁ ଗିରଫ କରୁନି ପୋଲିସ,

# ଏସ୍‌ପିଙ୍କୁ ଫେରାଦ ହେଲେ ମହିଳା

**ବରଗଡ଼ ଅଫିସ୍,୪।୧୨**

ବରଗଡ଼ ସଦର ଥାନା ଅନ୍ତର୍ଗତ ମାଲିପାଲି ଗ୍ରାମରେ ଚୋରାମଦ କାରବାରକୁ ବିରୋଧ କରିବାକୁ ଜଣେ ଗ୍ରାମବାସୀଙ୍କୁ ମଦ ବେପାରୀଙ୍କ ଆକ୍ରମଣ ଘଟଣାର ଅଭିଯୁକ୍ତଙ୍କୁ ପୋଲିସ ଏ ପର୍ଯ୍ୟନ୍ତ ଗିରଫ କରି ପାରି ନାହିଁ । ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଅଭିଯୁକ୍ତଙ୍କୁ ଗିରଫ କରିବା ଦାବି ନେଇ ବୁଧବାର ଗ୍ରାମର ମହିଳାମାନେ ବରଗଡ଼ ଏସ୍‌ପି ପଦ୍ମିନୀ ସାହୁଙ୍କୁ ଫେରାଦ ହୋଇଥିଲେ । ଏସ୍‌ପି ସାହୁଙ୍କୁ ମହିଳାମାନେ ଏକ ସ୍ମାରକପତ୍ର ପ୍ରଦାନ ସହିତ ଉକ୍ତ ଘଟଣାର ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ଦିଗରେ ପଦକ୍ଷେପ ନେବା ପାଇଁ ନିବେଦନ କରିଛନ୍ତି। ପ୍ରକାଶ ଯେ, ମାଲିପାଲି ଗ୍ରାମବାସୀ ଗ୍ରାମକୁ ମଦମୁକ୍ତ କରିବାର ସଂକଳ୍ପ ନେଇ ମଦ ବିରୋଧୀ ଅଭିଯାନ ଚଳାଇ ଆସିଛନ୍ତି। ଏହାସତ୍ତ୍ୱେ ଗ୍ରାମର ୨ଜଣ ମଦ ବିକ୍ରି କରୁଥିବା ଅଭିଯୋଗ ହୋଇଛି । ତାହା ଜାଣିବା ପରେ ଗ୍ରାମର ସନାତନ ଲୁହା ମଦ କାରବାର ବନ୍ଦ କରିବାକୁ କହିଥିଲେ। ମାତ୍ର ଏଥିରେ ଉତକ୍ଷିପ୍ତ ହୋଇ ଗ୍ରାମର ରାଜେନ୍ଦ୍ର ବେହେରା ତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି।



ବରଗଡ଼ ଏସପିଙ୍କୁ ଫେରାଦ ହୋଇଥିବା ମହିଳାମାନେ ।

■ ବିକାଶରେ ଇଲେକ୍ଟ୍ରା-୨୦୧୯ ଉଦ୍‌ଯାପିତ

# ସବୁ ସଫଳତାର ଶ୍ରେୟ କର୍ମଚାରୀ

**ବରଗଡ଼ ଅଫିସ୍,୪।୧୨**

ବରଗଡ଼ର ବିକାଶ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଶନର ବାର୍ଷିକୋତ୍ସବ ଇଲେକ୍ଟ୍ରା-୨୦୧୯ ମଙ୍ଗଳବାର ଉଦ୍‌ଯାପିତ ହୋଇଛି । ଉଦ୍‌ଯାପନୀ ସମାରୋହରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ମୁଖ୍ୟଅତିଥି ଏବଂ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ବିକାଶ ମଲ୍ଟି ସ୍ପେଶିଆଲିଟି ହସପିଟାଲର କ୍ଲିନିକାଲ ଲାବୋରୋଟୋରୀ ଏବଂ ବିକାଶ ଟେକ୍ନିକାଲ କ୍ୟାମ୍ପସର ବ୍ୟାୟାମଶାଳା ବିକାଶ ପାୱାର ପ୍ଲାଣ୍ଟକୁ ଉଦ୍‌ଘାଟନ କରିଥିଲେ। ବିକାଶ ଗ୍ରୁପର ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ ପରିଚୟ ପ୍ରଦାନ କରିଥିଲେ। ବିକାଶ ଫାଷ୍ଟ ଷ୍ଟେପ୍‌ର ଅଧ୍ୟକ୍ଷା ପୁଷ୍ପଲତା ମହାପାତ୍ର, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମୁରାରୀ ପ୍ରସାଦ ସାହୁ, ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ବାର୍ଷିକ ବିବରଣୀ ପାଠ କରିଥିଲେ। ବିକାଶ ଗ୍ରୁପର ଚେୟାରମ୍ୟାନ ଡି.ମୁରଲୀକ୍ରୀଷ୍ଣା ସମସ୍ତ କର୍ମଚାରୀଙ୍କ ଏକତା, ଦଳଗତ କାର୍ଯ୍ୟ, ନିଃସ୍ୱାର୍ଥପର କର୍ମ ହିଁ ବିକାଶ ସଫଳତାର ମୂଳମନ୍ତ୍ର ବୋଲି କହିଥିଲେ। ସେହିପରି ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥି ବିକାଶ ଶିକ୍ଷାନୁଷ୍ଠାନ ସମୂହ ସମେତ ବିକାଶ ମଲ୍ଟି ସ୍ପେଶିଆଲିଟି ହସପିଟାଲର ସେବାକୁ ପ୍ରଶଂସା କରିଥିଲେ। ଅନୁଷ୍ଠାନର ଡାଇରେକ୍ଟର(ଆଡମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ ବିକାଶ ଫାଷ୍ଟଷ୍ଟେପର ୪ଟି ସଦନ ଗଙ୍ଗା, ଯମୁନା, ମହାନଦୀ ଓ ଗୋଦାବରୀ ମଧ୍ୟରୁ ମହାନଦୀ ସଦନକୁ ଶ୍ରେଷ୍ଠ ସଦନଭାବେ ପୁରସ୍କୃତ କରିଥିଲେ। ସେହିପରି ଅନ୍ୟ କୃତୀ ଛାତ୍ରୀଛାତ୍ରଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ଚିତ୍ତରଞ୍ଜନ ପତି(ସିନିୟର ସେକେଣ୍ଡାରୀ ଚିତ୍ତରଞ୍ଜନ ପତି ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବିକାଶ ଭବାନୀପାଟଣା କ୍ୟାମ୍ପସର ମ୍ୟାନେଜିଂ ଟ୍ରଷ୍ଟି ଡି. ଶ୍ୟାମ, ଡାଇରେକ୍ଟର ଡି. ରାମ କୁମାର, ଡାଇରେକ୍ଟର ବିଜୟା ଶ୍ୟାମଳା, ବିକାଶ ଗ୍ରୁପ ଅଫ୍ ସିବିଏସଇ ସ୍କୁଲର ଡିନ୍ ପିତାମ୍ବର ଦାସ, ବିକାଶ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଅଧ୍ୟକ୍ଷ ଅଜୟ ମହାପାତ୍ର, ବିକାଶ ସ୍କୁଲ ଅଫ ବିଜିନେସ୍ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ଡଃ କ୍ଷୀରୋଦ ପ୍ରଧାନ, ସିମେଣ୍ଟନଗର ଇଂଲିସ ମିଡ଼ିୟମ ସ୍କୁଲର ଅଧ୍ୟକ୍ଷ ସନାତନ ମହାପାତ୍ର, ବିକାଶ ଗ୍ରୁପର ଲିଗାଲ ଆଡଭାଇଜର ପି.କେ ଦାଶ, ଜି. ରାମକ୍ରୀଷ୍ଣା, ବିଜୟ ଚନ୍ଦ୍ର ପାଢ଼ୀ, ସଞ୍ଜୀବ କୁମାର ବାବୁ, ଡା. ହିମାଂଶୁ ଶେଖର ମିଶ୍ର, ଡା. ସି.ଏଚ୍ ରବିକୁମାର, ଏଡମିନିଷ୍ଟ୍ରେଟିଭ ମ୍ୟାନେଜର ବିବେକ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବାବେଳେ ବିକାଶ ଗ୍ରୁପର ଡାଇରେକ୍ଟର ଡଃ ସମରେନ୍ଦ୍ରନାଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।





ମୁଖ୍ୟଅତିଥି ଜଣେ କୃତୀଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।



ମନୁଷ୍ୟ ଖିଅର ହୋଇସାରିବା ପରେ, ତୈଳ ଲଗାଇବା ପରେ, ସ୍ତ୍ରୀ ସହବାସ କଲାପରେ ଓ ଶବଦାହ କରିବା ପରେ ସେ ଚାଣ୍ଡାଳ ହୋଇଯାଏ। ସ୍ନାନ ପରେ ସେ ଦୋଷ ଦୂର ହୁଏ।
- ଚାଣକ୍ୟ



## ସଂକ୍ଷେପରେ

### ଲୁଟେରା ପୁଣି ଲୁଟିଲେ ଆଉ ଏକ ବାଇକ୍

ବୌଦ୍ଧ,୪।୧୨(ସ୍ୱ.ପ୍ର.): ବୌଦ୍ଧ ସହର ବାଇକ୍ ଚୋରଙ୍କ ପାଇଁ ଅମରାବତି ପାଲଟିଛି। ସହରରେ ବାଇକ ଚୋର ପୋଲିସ କର୍ମଚାରୀଙ୍କୁ ଚମକ ଦେଖାଇ ଗୋଟିଏ ପରେ ଗୋଟିଏ ବାଇକ ଚୋରି କରିବାରେ ଲାଗିଛନ୍ତି। ଦୀର୍ଘ ଦୁଇ ମାସ ଭିତରେ ବୌଦ୍ଧ ସହରରୁ ୨୦ରୁ ଊର୍ଦ୍ଧ୍ୱ ବାଇକ୍ ଚୋରି ହୋଇସାରିଥିବାବେଳେ ଆଜି ପର୍ଯ୍ୟନ୍ତ ଗୋଟିଏ ମଧ ଚୋରି ବାଇକ୍ ଉଦ୍ଧାର ହୋଇପାରିନାହିଁ। ଚୋରମାନେ ଜନଗହଳିପୂର୍ଣ୍ଣ ସ୍ଥାନରୁ ଗାଡି ଚୋରି କରି ଅନାୟାସରେ ଫେରାର ହେବାରେ ସଫଳ ହେଉଛନ୍ତି। ବୁଧବାର ବୌଦ୍ଧ ଖଲିଆବଗିଚାର ଅଶୋକ ଘିବେଲା ତାଙ୍କ ବାଇକ୍ (ଓଡି-୨୭-୩୭୫୪)କୁ କଚେରି ପଡିଆ ଭିତରେ ରଖି ପୁସ୍ତକ ମେଳା ଦେଖିବାକୁ ଭିତରକୁ ଯାଇଥିଲେ। ଫେରିବା ବେଳକୁ ବାଇକ୍ ନ ଥିବା ଦେଖି ଖୋଜାଖୋଜି କରିଥିଲେ।

# ମିଲର ଆସୁନାହାନ୍ତି, ଶୀତରେ ଥରୁଛନ୍ତି ଚାଷୀ

କନ୍ଧମାଳ,୪।୧୨(ଡି.ଏନ.ଏ.)

ବୌଦ୍ଧ ଜିଲା କନ୍ଧମାଳ ବ୍ଲକର ପଲଶାଗୋରା ମାର୍କେଟୟାର୍ଡରେ ବୁଧବାର ଧାନ ଉଠାଣ ହୋଇନାହିଁ। ରୁଣ୍ଡିମହୁଲ ଓ ଲୋକାପଡା ପ୍ୟାକ୍ସ ଦ୍ୱାରା ପରିଚାଳିତ ଏହି ମାର୍କେଟୟାର୍ଡରେ ଦୁଇ ଦିନ ହେବ ଚାଷୀ ଧାନ ଧରି ଶୀତ ରାତିରେ ଜଗି ରହିଛନ୍ତି। ମଙ୍ଗଳବାର ଯେଉଁ ଚାଷୀ ଟୋକନ ପାଇ ଧାନ ବିକିବାକୁ ଆଣିଥିଲେ ସେମାନଙ୍କ ମଧ୍ୟରୁ ଧର୍ମେନ୍ଦ୍ର ପଣ୍ଡା, ବେଣୁଧର ପଣ୍ଡା ଓ ସୁଧୀର କୁମାର ସାହୁଙ୍କ ଧାନ ଉଠି ପାରିନାହିଁ। କୁଇଣ୍ଟାଲ ପିଛା ୩ କେଜି କଟନୀ ପରେ ମଧ ବୁଧବାର ଧାନ ବିକ୍ରି ପାଇଁ ଆସିଥିବା ଚାଷୀ ଶୀତ ରାତିରେ ମଣ୍ଡିରେ ଧାନକୁ ଜଗି ରହିଛନ୍ତି। ନରସିଂହ ଗୁରୁ, ପ୍ରହଲ୍ଲାଦ ସାହୁ, ପୂର୍ଣ୍ଣାନନ୍ଦ ସାହୁ, କାହ୍ନୁ ଚରଣ ସେଠୀ ପ୍ରମୁଖ ୧୭ ଜଣ ଚାଷୀଙ୍କ ଧାନ ମିଲର ଉଠାଇ ନାହାନ୍ତି। ସିମିଳିପଦର ପ୍ୟାକ୍ସ ଦ୍ୱାରା ପରିଚାଳିତ ମଣ୍ଡି ମଧ ମଙ୍ଗଳବାର କ୍ରୟ ଦିବସର ଧାନ ପଡି ରହିଛି। ଏହି ମଣ୍ଡିକୁ ୧୪ ଜଣ ଚାଷୀ ଟୋକନ ପାଇ ଧାନ ବିକିବା ପାଇଁ ଆଣିଥିଲେ । ଏଠାରେ ମଧ୍ୟ ୬ ଜଣ ଚାଷୀଙ୍କ ଧାନ ଉଠି ପାରିନାହିଁ। ଧାନ କ୍ରୟ ଆରମ୍ଭରୁ ସମସ୍ତ ପ୍ୟାକ୍ସରେ ଟୋକନ ଦେବାରେ ବ୍ୟାପକ ଅନିୟମିତତା ହୋଇଥିଲା। କ୍ରୟ ଦିବସରେ ଚାଷୀ ମେସେଜ ପାଇଥିବାବେଳେ ଧାନ ବିକ୍ରୟ ପାଇଁ ମଣ୍ଡି ଖୋଲି ନ ଥିଲା। ବଞ୍ଚିତ ଚାଷୀଙ୍କୁ ଆଗାମୀ ୨/୪ ଦିନ ଭିତରେ ପୁଣି ଧାନ ଦେବା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ହେଲେ କନ୍ଧମାଳ ଅଞ୍ଚଳର ପଲଶଗୋରା, ସିମିଳିଦପର, ରୁଣ୍ଡିମହୁଲ ପ୍ୟାକ୍ସ ଦ୍ୱାରା ପରିଚାଳିତ ମଣ୍ଡିରେ ଚାଷିଙ୍କ ଧାନ ପଡିଛି। ରୁଣ୍ଡିମହୁଲ ମଣ୍ଡିରେ ମଙ୍ଗଳବାର କ୍ରୟ ଦିବସର ୯ ଜଣ ଚାଷୀଙ୍କ ମଧ୍ୟରୁ ୪ ଜଣ ଚାଷୀଙ୍କ ଧାନ ଉଠିଥିଲା। ଚାଷୀ ଥବୀର ପ୍ରଧାନ, ମଧୁସୂଦନ ବାରିକଙ୍କ ଧାନ ଉଠିପାରି ନ ଥିବାରୁ ସେମାନେ ମଣ୍ଡିରେ ଜଗି ରହିଛନ୍ତି। ବୁଧବାର କ୍ରୟ ଦିବସର ୧୧ ଜଣ ଚାଷୀ ଧାନ ଧରି ମିଲରଙ୍କୁ ଅପେକ୍ଷା କରିଥିଲେ। ହେଲେ କୌଣସି ମିଲର ଏହି ମଣ୍ଡିକୁ ଗାଡି ପଠାଇ ନ ଥିଲେ। ଅପରପକ୍ଷରେ କିଛି ମଣ୍ଡିରେ ଚାଷୀ ମିଲରଙ୍କ ଅତିରିକ୍ତ କୁଇଣ୍ଟାଲ ପିଛା ୩ କେଜି କଟନୀଛଟନୀରେ ସହମତ ହୋଇଛନ୍ତି। ତଥାପି ମିଲରଙ୍କ ଗାଡିର ଦେଖା ଦର୍ଶନ ନାହିଁ। ଏ ନେଇ କୃଷକ ସଙ୍ଗଠକ ଆଦିତ୍ୟ ପ୍ରଧାନ କହିଛନ୍ତି ଯେ, ବାଧ୍ୟତାମୂଳକ ଭାବରେ ଚାଷୀଙ୍କଠାରୁ କୁଇଣ୍ଟାଲ ପିଛା ୩ କେଜି ଧାନ କାଟି ରଖିବା ସରକାରଙ୍କ ୫-ଟିକୁ ଉପହାସ କରୁଛି। ମାନ ଅନୁଯାୟୀ ଧାନ ପରୀକ୍ଷା ନ କରି ବିଭାଗ କ୍ରୟ କରୁଛି। ବହୁତ ମଣ୍ଡିକୁ ମିଲର ଆସି ନାହାନ୍ତି। ଅପରପକ୍ଷରେ ଜିଲା ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ପ୍ରଧାନ କହିଛନ୍ତି ଯେ, ବାଧ୍ୟତାମୂଳକ କଟନୀ ଛଟନୀ ନେଇ କୌଣସି ନିୟମ ନାହିଁ। ଅଭିଯୋଗ ମିଳିନାହିଁ। ଆସନ୍ତା ସପ୍ତାହ ଭିତରେ ଧାନ କ୍ରୟକୁ ନେଇ ଲାଗି ରହିଥିବା ଅବ୍ୟବସ୍ଥା ବ୍ୟବସ୍ଥିତ ହୋଇଯିବ।

## ପଞ୍ଚରା ଚୂଡାଖାଇ ଯାତ୍ରା ପାଇଁ ମାହେଶ୍ୱରୀଙ୍କୁ ବରଣ, ପୂଜାର୍ଚ୍ଚନା

ବୌଦ୍ଧ,୪।୧୨(ସ୍ୱ.ପ୍ର.)

ବୌଦ୍ଧ ଗଡଜାତ ପଞ୍ଚରା ଅଞ୍ଚଳର ଐତିହାସିକ ଚୂଡାଖାଇ ଯାତ୍ରା ପାଇଁ ପାରମ୍ପରିକ ପୂଜା ପଦ୍ଧତିରେ ମା’ ମାହେଶ୍ୱରୀଙ୍କୁ ବରଣ ନେଇ ପୂଜାବିଧି କରାଯାଇଛି। ମାର୍ଗଶିର ମାସ ଶେଷ ଗୁରୁବାରରେ ଆୟୋଜିତ ହେଉଥିବା ଏହି ପାରମ୍ପରିକ ପର୍ବ ପାଇଁ ମାହେଶ୍ୱରୀଙ୍କ ପୀଠ ରକ୍ଷିବନ୍ଧରୁ ଗୁଣ୍ଡାବରଣ କରିବା ପାଇଁ ବରଣଭାର ସହିତ ଢୋଲ ମହୁରୀ ଆଦି ପାରମ୍ପରିକ ବାଦ୍ୟ ସହ ପଞ୍ଚରା ଅଞ୍ଚଳର ଷାଣ୍ଢପାଲି, ମନୁପାଲି, ଖଲିଆପାଲି ଦେଇ ତାଳପଦରଠାରେ ପହଞ୍ଚିଥିଲା। ପରମ୍ପରା ଅନୁଯାୟୀ ଗ୍ରାମର ପଧାନ ଘରୁ ଭୋଗଥାଳ ନେଇ ନିଆଁ ବେରିଆ ଅଣାଯିବା ପରେ ଯାତ୍ରା ଡଙ୍ଗରକୁ ଯାଇ ମା’ ମାହେଶ୍ୱରୀଙ୍କୁ ବରଣ କରିଥିଲେ।



ବୌଦ୍ଧ ପଞ୍ଚାୟତ କଲେଜରେ ଗୁରୁବାର ଜିଲାପାଳ ଲଲାଟେନ୍ଦୁ ମିଶ୍ର ରକ୍ତଦାନ କରୁଛନ୍ତି।

## ତୃତୀୟ ଗଡଜାତ ମହୋତ୍ସବ ପାଇଁ ଶୁଭଖୁଣ୍ଟି ସ୍ଥାପନ

ବୌଦ୍ଧ,୪।୧୨(ସ୍ୱ.ପ୍ର.)

ବୌଦ୍ଧ ଜିଲା ବୀରନରସିଂହପୁର ହାଇସ୍କୁଲ ପଡିଆଠାରେ ତୃତୀୟ ଗଡଜାତ ମହୋତ୍ସବ ପାଇଁ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ମହୋତ୍ସବ କମିଟିର ସଦସ୍ୟମାନଙ୍କ ଉପସ୍ଥିତିରେ ମହୋତ୍ସବ କମିଟିର ସଭାପତି ତଥା ହରଭଙ୍ଗା ବ୍ଲକ ଅଧକ୍ଷ ବିଶ୍ୱଜିତ ମିଶ୍ରଙ୍କ ଦ୍ୱାରା ଏହି ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। କମିଟିର ସଂପାଦକ ଦେବାଶିଷ ମହାକୁଡ, ନରେନ୍ଦ୍ର ସାହୁ, ପୂର୍ଣ୍ଣଚନ୍ଦ୍ର ଗାଇଗୌରିଆ, ଜୟ କିଶୋର ମିଶ୍ର ଓ କମିଟିର ଅନ୍ୟାନ୍ୟ ସଦସ୍ୟଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା ପରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା।

## ବୌଦ୍ଧର ପ୍ରସିଦ୍ଧ ଆଧାତ୍ମିକ ଧନୁଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ବୌଦ୍ଧ,୪।୧୨(ସ୍ୱ.ପ୍ର.)

ବୌଦ୍ଧ ସହରରେ ପ୍ରସିଦ୍ଧ ଆଧାତ୍ମିକ ଧନୁଯାତ୍ରା ଓ କଂସବଧ ନାଟ୍ୟ ଉତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ମଦନମୋହନ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ମଦନମୋହନ ନାଟ୍ୟ କଳାପରିଷଦର ସଭାପତି ବିଶ୍ୱରଂଜନ ସାହୁ ଏଥିରେ ଅଧକ୍ଷତା କରିଥିଲେ। ଆସନ୍ତା ୧୦ ତାରିଖଠାରୁ ଆରମ୍ଭ ହେବାକୁ ଥିବା ପ୍ରସିଦ୍ଧ ଆଧାତ୍ମିକ ଧନୁଯାତ୍ରା ଓ କଂସବଧ ନାଟ୍ୟ ଉତ୍ସବ ଆୟୋଜନ ପାଇଁ ବିଭିନ୍ନ ବିଷୟ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଚଳିତବର୍ଷ ଯାତ୍ରାକୁ ଓଡ଼ିଶା ପ୍ରସିଦ୍ଧ ଆଧାତ୍ମିକ ଧନୁଯାତ୍ରାର ମାନ୍ୟତା ଦିଆଯାଇଥିବାରୁ ଏହାକୁ ମହାସମାରୋହରେ ପାଳନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ଯାତ୍ରା ୭ ଦିନ ଧରି ପାରମ୍ପରିକ ଯାତ୍ରା ନାଟ୍ୟ ଶୈଳୀରେ ପରିବେଶଣ କରାଯିବ। ଧନୁସଂକ୍ରାନ୍ତିରେ ଉଦ୍‌ଯାପିତ ହେବ। ପ୍ରତ୍ୟେକ ଦିନ କଂସମହାରାଜଙ୍କ ଦରବାର ସହିତ ନିର୍ବାକ୍ ନୃତ୍ୟନାଟିକା ଓ କୁନି କୁନି ପିଲାଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯିବ। ଶେଷ ଦିବସରେ କଂସ ମହାରାଜ ଓ କୃଷ୍ଣ ବଳାରାମଙ୍କ ସହର ପରିକ୍ରମା କାର୍ଯ୍ୟକ୍ରମ ରହିଛି।

# ପ୍ରକୃତିର ଉପାସନା ଚୁରାଖାଇ ଯାତ୍‌ରା

ଗୁଡ଼ଭେଲିପଦର, ୪।୧୨(ଡି.ଏନ୍.ଏ.)

ବୌଦ୍ଧ ଜିଲା କନ୍ଧମାଳ ବ୍ଲକର ଦହ୍ୟା, କାଦୋପଦର, ମନୁପାଲି, ମହେଶ୍ୱରପିଣ୍ଡା, ରକ୍ଷିବନ୍ଧ, ତାଳପଦର ଲେଖେଁ ପାଖାପାଖି ୧୦ ଖଁଡ଼ ଗାଁକେ ନେଇ ପଁଚ୍‌ରା ଅଂଚଲ ଗଠିତ୍। ଇ ଅଂଚଲର ଗୁଟେ ଫାଲେ ମହାନଦୀ ରହିଥିଲାବେଲେ ଉନିଆ ଦୁଇଫାଲେ ବାଘନଦୀ ଆର ମେହେରୁଣୀ ନଦୀ ରହିଛେ। ତିନ୍‌ଟା ନଦୀ ଘେରାର ମଝିଥି ରହିଥିବାର ସରସା ଜଂଗଲ ଜମି ଅଂଚଲଟା ହେଉଛେ ପଁଚ୍‌ରା। ୫ଟା କଁଧ୍ ଜମିଦାରୀକେ ନେଇ ଇ ଅଂଚଲ ଗଠିତ୍ ହେଇଥିବାର ପୁରାତନ ଲୋକ୍ କହେସନ୍। ସେନ୍‌ତା ଇତିହାସ ଅନ୍‌ସାରେ ପଁଚ୍‌ରା ଅଂଚଲ ପୁରାତନ କାଲୁ ବୌଦ୍ଧ ରାଏଜର ଅଧୀନରେ ଥିଲା। ବୌଦ୍ଧର ଭଞ୍ଜ ରାଜା ବିଶ୍ୱମ୍ଭର ଦେବଙ୍କର ରାଜୁତି ସମିଆରେ ବୌଦ୍ଧ ରାଜକୁମାରୀ ସୁବର୍ଣ୍ଣପୁର ଚୌହାନ ବଉଁଶର ରାଜାକୁଁ ବିହା ହେଇଥିଲେ। ବିହାବେଲେ କାଠିପାନି, ସେଁଦୁର ଟିକା ହିସାବେ ଇ ସରସା ଜଂଗଲ ଜମି ପଁଚ୍‌ରା ଅଂଚଲକେ ସୁବର୍ଣ୍ଣପୁର ରଜାକୁଁ ଉପହାର ଦେଇଥିଲେ। ପଁଚ୍‌ରା ଅଂଚଲରେ ପୁରାତନ କାଲୁ ଅନେକ ଜାନିଯାତ୍‌ରା ପାଲିତ ହେଇ ଆସୁଛେ। ସେ ଭିତ୍‌ରୁ ଚୁରାଖାଇ ଯାତ୍‌ରା ଅଲଗ୍ ଆଏ। ଇ ଯାତ୍‌ରାଟା ମଗ୍‌ଶୀର ଶେଷ ଗୁରୁବାରନୁ ଆରମ୍ ହେଇ ଅଷ୍ଟମଙ୍ଗଳା ତକ୍ ପାଲିନ ହେସି। ଅଂଚଲର ମୂଳ ଅଧିବାସୀ କଁଧ୍ ସମାଜର ଦେଖ୍‌ରେଖ୍ ଇ ଯାତ୍‌ରା ପୁରାତନ କାଲୁ ଆୟୋଜନ ହେଇଆସୁଛେ। ପଁଚ୍‌ରା ଅଂଚଲର ଲୋକମାନେ ମା’ମାହେଶ୍ୱରୀ ଦେବୀକଁର ପୂଜା କରବାର ସଂଗେ ଯାତ୍‌ର ଜଂଗଲକେ ଯାଏସନ। ଇ ଯାତ୍‌ରାକେ ଅଂଚଲର କୁଲଦେବୀ ମା’ମାହେଶ୍ୱରୀକଁର ବିହା ଯାତ୍‌ରା ବଲି କୁହାଯାଏସି। ଇ ସମିଆରେ ଇଠାନେ ନୂଆଁଚୁରା, ଝଁଟା ବି ନୂଆଁ ଲଗାଯାଏସି। ଇ ବଛର ବି ଜାକ୍‌ଜମକରେ ଆଏବାର ୫ ତାରିଖରୁ ଯାତ୍‌ରା ଆରମ୍ ହେବା ବଲି କମିଟି ତରଫୁ କୁହାଯାଇଛେ।



ଡଂଗର ଉପରେ ଥିବାର ମାହେଶ୍ୱରୀକଁର ପୀଠ।

## ୧୦୮ ଏକର ଗଞ୍ଜେଇ ଚାଷ ନଷ୍ଟ

ମନମୁଣ୍ଡା, ୪।୧୨ (ଡି.ଏନ.ଏ.)

ବୌଦ୍ଧ ଜିଲା ମନମୁଣ୍ଡା ପୋଲିସ ବୁଧବାର ୧୦୮ ଏକର ଜମିରେ ହୋଇଥିବା ଗଞ୍ଜେଇ ଚାଷ ନଷ୍ଟ କରିଛି । ଏହି ଥାନା ବିଲାସପୁର ପଞ୍ଚାୟତ ଥାଙ୍ଗିପାଲି ଗ୍ରାମ୍ୟ ଜଙ୍ଗଲ (ପତିତ ଓ ଗୋଚର) ଜମିରେ ଏହି ଗଞ୍ଜେଇ ଚାଷ ହୋଇଥିଲା। ଏସ୍‌ପି ଭି. ରଘୁନାଥ କୌଣସି ସୂତ୍ରରୁ ଏ ନେଇ ସୂଚନା ପାଇବା ପରେ ତୁରନ୍ତ ନଷ୍ଟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଡିଏସପି ବିପିନ ବିହାରୀ ବେହେରାଙ୍କ ନେତୃତ୍ୱରେ ମନମୁଣ୍ଡା ଆଇଆଇସି ଗୋପୀନାଥ ପ୍ରଧାନ ପୋଲିସ ବଳ ସହ ଉକ୍ତ ଅଞ୍ଚଳରେ ଚଢାଉ କରିଥିଲେ। ଗଞ୍ଜେଇ ଗଛ ସବ ଶ୍ରମିକମାନଙ୍କ ଦ୍ୱାରା ମେସିନ ସାହାଯ୍ୟରେ କଟାଯାଇ ପୋଡା ଯାଇଥିଲା । ପ୍ରାୟ ୨ଲକ୍ଷ ୧୫ ହଜାର ୭ଶହଟି ଗଛ କଟାଯାଇଥିଲା, ଯାହାର ଅନୁମାନିକ ମୂଲ୍ୟ ପ୍ରାୟ ୨୨ କୋଟି ଟଙ୍କା ହେବ ବୋଲି ଆଇଆଇସି ପ୍ରଧାନ କହିଛନ୍ତି । ଏହି ଅଭିଯାନରେ ମନମୁଣ୍ଡା ଆରଆଇ ସୁରେନ୍ଦ୍ର କୁମାର ସାହୁ ଏବଂ ମନମୁଣ୍ଡା ବନ ବିଭାଗ ସହଯୋଗ କରିଥିଲା।

## ସଚେତନତା କାର୍ଯ୍ୟକ୍ରମ

ଜହ୍ନାପଙ୍କ, ୪।୧୨ (ଡି.ଏନ.ଏ.)

ବୌଦ୍ଧ ବ୍ଲକ ମୁଣ୍ଡାପଡା ପଞ୍ଚାୟତ ଅଫିସରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ବିଦ୍ୟାଧର ସ୍ୱାଇଁ ଅଧକ୍ଷତା କରିଥିଲେ। ଲିଡ୍ ବ୍ୟାଙ୍କ ମ୍ୟାନେଜର ରବୀନ୍ଦ୍ର ସେଠୀ, ସଞ୍ଜୟ ସେଠୀ, କ୍ଷେତ୍ର ପରିଚାଳକ ବୁଟୁପାଲି ଶାଖାର ରମେଶ କର୍ଣ୍ଣ, ଲିଡ୍ ବ୍ୟାଙ୍କ ଏଫଏଲସି ବୃନ୍ଦାବନ ଦାସ ଯୋଗ ଦେଇଥିଲେ। ସଞ୍ଚୟର ଆବଶ୍ୟକତା, ଘରୋଇ ସଂସ୍ଥାଠାରୁ ଋଣ ନ କରିବା, ବିଭିନ୍ନ ଜୀବନ ବୀମା ସମ୍ପର୍କରେ ବୁଝାଇବା ସହିତ ଭାରତୀୟ ଷ୍ଟେଟ ବ୍ୟାଙ୍କରୁ ଋଣ ନେଇ ଏହାକୁ ବ୍ୟବସାୟରେ ଲଗାଇବା ସହିତ ନିଜ ନିଜର ଏଟିଏମ କାର୍ଡକୁ ସୁରକ୍ଷିତ ରଖିବା ସମ୍ପର୍କରେ ବୁଝାଇଥିଲେ।

## ଖଟଖଟିଆରେ ପଞ୍ଚାୟତସ୍ତରୀୟ ଏସ୍‌ଏଚ୍‌ଜି ସଂଘ ଗଠିତ

ମନମୁଣ୍ଡା, ୪।୧୨ (ଡି.ଏନ.ଏ)

ବୌଦ୍ଧ ଜିଲା କନ୍ଧମାଳ ବ୍ଲକ ଖଟଖଟିଆ ପଞ୍ଚାୟତସ୍ତରୀୟ ସ୍ୱୟଂ ସହାୟକ ଗୋଷ୍ଠୀ ସଂଘ ବୁଧବାର ଗଠନ କରାଯାଇଛି । ଓଡିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନରେ ଥିବା ଓଡିଶା ଜୀବିକା ମିଶନ (ଓଏଲ୍‌ଏମ୍) ଆନୁକୂଲ୍ୟରେ ଏହା କରାଯାଇଛି । ଖୋର୍ଦ୍ଧା ବେଗୁନିଆ ବ୍ଲକର ୨ ଜଣ ବରିଷ୍ଠ ସିଆରପି ସୁଲୋଚନା ବେହେରା ଏବଂ କଳ୍ପନା ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନକ୍ରମେ ଏହି ସଭାରେ ଖଟଖଟିଆ ପଞ୍ଚାୟତ ଅନ୍ତର୍ଗତ ସମସ୍ତ ଏସଏଚଜି ସଭ୍ୟା ପ୍ରାୟ ୨୦୦ଜଣ ଯୋଗ ଦେଇଥିଲେ । ଗ୍ରାମାଞ୍ଚଳରେ ବାସ କରୁଥିବା ଅଭାବୀ, ନିଃସହାୟ, ଭିନ୍ନକ୍ଷମମାନଙ୍କୁ ସ୍ୱୟଂ ସହାୟକ ଦଳରେ ସାମିଲ କରିବା, ପଞ୍ଚାୟତସ୍ତରୀୟ ସଂଘ ମାଧମରେ ଆର୍ଥିକ ସହାୟତା ଯୋଗାଇଦେବା, ଗ୍ରାମାଞ୍ଚଳରୁ ଦାରିଦ୍ର୍ୟ ଦୂରୀକରଣ କରିବା, ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଇତ୍ୟାଦି ଏହି ପଞ୍ଚାୟତ ସ୍ତରୀୟ ସଂଘ ଗଠନର ମୂଳଲକ୍ଷ୍ୟ ଓ ଉଦ୍ଦେଶ୍ୟ ବୋଲି ବେହେରା ଓ ସାହୁ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ସଭାନେତ୍ରୀ ଭାବେ ଜାନକି ମହାନନ୍ଦିଆ, ଉପସଭାନେତ୍ରୀ କବିତା କର୍ମୀ, ସମ୍ପାଦିକା ରଶ୍ମିତା ଷାଣ୍ଢ, ଯୁଗ୍ମ ସମ୍ପାଦିକା ମମତା ଦଣ୍ଡକି, କୋଷାଧକ୍ଷା ଭାବେ ସନ୍ଧ୍ୟାରାଣୀ ମହାନ୍ତିଙ୍କୁ ଚୟନ କରାଯାଇଛି। ଏହାସହ ୬ଜଣ କାର୍ଯ୍ୟକାରୀ କମିଟି ସଦସ୍ୟାଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରା ଯାଇଛି।


## କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

### ଘୋଷଣା

File No. 328 / SLA /Dated: 02.10.2019

**No. V-78:-** ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୯ର ଅଧିନିୟମ ୭ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳ, କେନ୍ଦୁଝରଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ମୌଜା- ଜଗନ୍ନାଥପୁର, ଥାନା- ନଂ.୬୧, ତହସିଲ- ବଡ଼ବିଲ, ଜିଲ୍ଲା- କେନ୍ଦୁଝରରେ ନିମ୍ନସୂଚିତ ‘କ’ ତଫସିଲ ଜମି ଏହି ଆଇନ ୨୦୧୩ର ଧାରା ୨(୧) ପ୍ରକାରେ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଦୈତାରୀ- ବାଂଶପାଣି ଦୋହରୀକରଣ ନିର୍ମାଣ ନିମନ୍ତେ ଏ.୦.୦୮୦ ଏକର ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (Right to Fair Compensation and Transparency in Land Acquisition, Rehabilitation & Resettlement Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୩୯/R&DM ତା୨୩।୦୪।୨୦୧୮ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା- ଜଗନ୍ନାଥପୁର, ଥାନା- ନଂ୬୧, ତହସିଲ- ବଡ଼ବିଲ, ଜିଲ୍ଲା- କେନ୍ଦୁଝରରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ, ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ।

ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ ଜିଲ୍ଲା ୱେବ୍‌ସାଇଟ୍ www.keonjhar.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ www.odisha.gov.in/revenueରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଅଧିକାରୀ, ବାଂଶପାଣି-ଦୈତାରୀ-ଟମକା-ଜଖପୁରା, କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ-କ
ଜିଲ୍ଲା- କେନ୍ଦୁଝର (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ) ତହସିଲ- ବଡ଼ବିଲ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| | | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | | ଏଥିସହିତ ସଂଲଗ୍ନ |

ତଫସିଲ-ଖ
ଜିଲ୍ଲା- କେନ୍ଦୁଝର (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ) ତହସିଲ- ବଡ଼ବିଲ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅନୁସୂଚିତ ଜମି ଅଧିଗ୍ରହଣ: (ମୌଜା- ଜଗନ୍ନାଥପୁର, ଥାନା- ନଂ.୬୧, ତହସିଲ- ବଡ଼ବିଲ, ଜିଲ୍ଲା- କେନ୍ଦୁଝର)

| କ୍ର.ନଂ. | ଖାତା ନଂ. | ପ୍ଲଟ୍ ନଂ. | ମୋଟ ରକବା | ଅର୍ଜନ ରକବା | ଖାତା ରୟତଙ୍କ ନାମ |
|---|---|---|---|---|---|
| ୧ | | | | | |
| | | ମୋଟ | | ୦.୦୮୦ | |

24045/14/0015/1920 ସ୍ୱା./- ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଦୈତାରୀ-ବାଂଶପାଣି ରେଳପଥ, କେନ୍ଦୁଝର



सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
cmpdi A Mini Ratna Company
CENTRAL MINE PLANNING & DESIGN INSTITUTE LIMITED
(A Subsidiary of Coal India Limited)
Regional Institute - VII, Near Gandhi Park, Samantapuri, PO : RRL, Bhubaneswar - 751013 (Odisha)

### e-TENDER NOTICE

Offers are invited for CMPDI, RI -VII, Samantapuri, Near Gandhi Park, Bhubaneswar through e-Tendering **(ON-LINE BIDDING)** only : **(1) Tender Notice No. CMPDI/RI-VII/BBSR/CIVIL/e-T/2019/ E-403161 Dt. 25.11.2019. Name of work :** Annual Maintenance Contract for housekeeping works at CMPDI Colony, Bhubaneswar. **Work value :** ₹ 9,12,751/-. **(2) Tender Notice No. CMPDI/RI-VII/ BBSR/CIVIL/e-T/2019/E-403157 Dt. 25.11.2019. Name of work :** Annual Maintenance Contract for housekeeping works at CMPDI Office Building, Bhubaneswar. **Work value :** ₹ 11,75,758/-. **Sale Period : 05.12.2019 to 20.12.2019 (For Sl. No. 1 & 2).** The details of the tenders are available on following website **www. cmpdi.co.in, www.eprocure.gov.in** and **https://coalindia tenders.nic.in**. Important Note to all prospective bidders : For On-line Bidding, the bidders should possess Class II/III Digital Signature Certificate (DSC) and enroll themselves at **https:// coalindiatenders.nic.in.** For any query, contact HOD (Civil), CMPDI, RI-VII, Bhubaneswar Mobile 9438881023, 9438881014 & Fax No. 0674 - 2394357.

**HOD (Civil)**



ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LTD.
A GOVT. OF ODISHA UNDERTAKING
Office Of The Deputy General Manager (Electrical)
EHT (O&M) Division, Chatrapur, At-Puti-Gopalpur, Chatrapur, Dist-Ganjam (Odisha),Pincode-761020 CIN:U40102OR2004SGC007553

### ସୂଚନା

ଶ୍ରୀ ବାଲ୍ମୀକି ମହାରଣା, ହେଲପର
ଟି.ଏଲ୍.ସବ.ଡିଭିଜନ, ଗଞ୍ଜାମ

ଉକ୍ତ ବିଜ୍ଞାପନ ମାଧ୍ୟମରେ ତୁମକୁ ଜଣାଇ ଦିଆଯାଉଅଛି ଯେ ଗତ ତା.୧୩.୦୨.୨୦୦୬ ରିଖ ଠାରୁ ବିନା ଛୁଟି ଦରଖାସ୍ତ ଏବଂ ବିନା ଅନୁମତି ରେ କାର୍ଯ୍ୟ ରୁ ଅନୁପସ୍ଥିତ ଥିବାରୁ ଇତିମଧ୍ୟରେ କାର୍ଯ୍ୟାଳୟ ତରଫରୁ ବହୁବାର ତଲବ ସତ୍ୱେ ତୁମେ କୌଣସି ଉତ୍ତର ଦେଲ ନାହିଁ, ତୁମ ଘର ଠିକଣାରେ ଯାଇଥିବା ଚିଠି ଗୁଡ଼ିକ ଫେରସ୍ତ ଆସୁଅଛି ।

ଗତ ତା.୧୯.୦୯.୨୦୦୭ ରେ ବିଶ୍ୱସ୍ତ ସୂତ୍ରରୁ ଏହି କାର୍ଯ୍ୟାଳୟ ଅବଗତ ହୋଇଅଛି ଯେ ତୁମେ ତୁମ ଗ୍ରାମର ଘର ବିକ୍ରୟ କରି କେଉଁଆଡେ ଚାଲି ଯାଇଅଛ । ଏହା ପରେ ଗତ ତା.୨୯.୧୦.୨୦୦୭ ରିଖରେ ପ୍ରକାଶିତ ଦୈନିକ ଓଡ଼ିଆ ଖବର କାଗଜ ‘ସମ୍ବାଦ’ ଓ ‘ଅନୁପମ ଭାରତ’ ମାଧ୍ୟମରେ ଅନୁପସ୍ଥିତ ସମ୍ବନ୍ଧରେ ଅବଗତ କରାଗଲା ତଥାପି ତୁମେ କାର୍ଯ୍ୟରେ ଯୋଗ ଦେଲ ନାହିଁ । ଏ ସମସ୍ତ ପ୍ରକ୍ରିୟା ପରେ ଗତ ତା.୦୫.୦୮.୨୦୧୯ ରିଖ ରେ ତୁମ ଘର ଠିକଣାରେ ଯାଇଥିବା ଚିଠି ଫେରସ୍ତ ଆସିଅଛି ।

ଏଣୁ ତୁମେ ଏହି ବିଜ୍ଞପ୍ତି ପ୍ରକାଶ ପାଇବା ଦିନ ଠାରୁ ପନ୍ଦର ଦିନ ଭିତରେ ଯଦି ତୁମ କାର୍ଯ୍ୟରେ ଯୋଗ ଦେଉ ନାହଁ, ତାହା ହେଲେ ଧରି ନିଆହେବ ଯେ, ତୁମର ଏହି ଅନୁଷ୍ଠାନରେ ଚାକିରି କରିବା ଇଚ୍ଛା ନାହିଁ ଓ ତଦଅନୁଯାୟୀ ପରବର୍ତ୍ତୀ ତୁମ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

*Dy.General Manager*



## OFFICE OF THE NOTIFIED AREA COUNCIL, GOPALPUR

QUOTATION CALL NOTICE

**No. 1444** **Date: 04.12.19**

Sealed Quotations are invited from the intending suppliers/ authorized dealers/manufacturers/ Art Agency with registration/ for supply, fitting and installation of water fountains across bridge of children Park. The quotationer having update GST and PAN Clearance. The list of required items etc. along with terms and conditions of the quotation can be seen from the office of NAC Gopalpur during office hour from 10.00 AM to 5.00 PM (Excluding Govt. Holiday). The quotation will be received on or before 11.12.19 upto 1.00 PM by Registered Post/Speed Post only and the same will be opened on 11.12.19 at 4.00 PM in presence of the quotationers or their authorized representatives. The quotationers have to deposit 4,000/- (Non refundable) towards bid cost. The authority reserves the right to cancel any/ all the quotations without assigning any reason thereof.

**Sd./- Executive Officer, NAC Gopalpur**



**No. 985** ROURKELA SMART CITY LTD. **Date: 03.12.2019**

## REQUEST FOR PROPOSAL FOR

**No. C-366:-** Smart Road Phase-II Comprising Upgradation of 28Nos. of roads including Construction of Footpath, Cycle Track, Road Side Drain, Junction improvement, Underground ducting, Shifting of Utilities, Landscaping work, Street furniture and Street lighting in ABD area of Rourkela Smart City Limited Bid Id No. RSCL/825/2019, Dated 14.11.2019.

With reference to the above mentioned Bid-ID published vide on date: 14.11.2019 www.tendersodisha.gov.in, www. rmc.nic.in by Rourkela Smart City Limited. The bidders are requested to visit the website portal www.tendersodisha. gov.in for view of Pre-bid reply and Addendum.

13080/11/0011/1920 *Sd./- CEO, RSCL*



ପାୱାର୍ ଗ୍ରୀଡ୍ କର୍ପୋରେଶନ୍ ଅଫ୍ ଇଣ୍ଡିଆ ଲିମିଟେଡ୍
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଇଷ୍ଟର୍ନ ରିଜିଓନାଲ ଟେଲିକମ୍ କଣ୍ଟ୍ରୋଲ ସେଣ୍ଟର, ୧ମ ମହଲା
ସିଏଫ୍-୧୭, ଆକ୍ସନ୍ ଏରିଆ-୧ସି, ନ୍ୟୁ ଟାଉନ, ରାଜାରହାଟ, କୋଲକାତା-୭୦୦୧୫୬
ଟେଲି. ନଂ.୦୩୩-୨୩୨୪୨୮୪୦/୫୦, ଏକ୍ସଟେନ୍‌ସନ୍: ୧୦୧୫/୧୦୧୭
CIN: L40101DL1989GOI038121
ପାୱରଗ୍ରିଡ POWERGRID

**ଆଗ୍ରହର ଅଭିବ୍ୟକ୍ତି ଆହ୍ୱାନକାରୀ ବିଜ୍ଞପ୍ତି** ତାରିଖ: ୦୫।୧୨।୨୦୧୯

ଇଆରଟିସିସି ଅଧୀନରେ ପଶ୍ଚିମବଙ୍ଗ, ସିକିମ୍, ଓଡ଼ିଶା, ଝାଡ଼ଖଣ୍ଡ, ବିହାର ଓ ଉତ୍ତର ପୂର୍ବାଞ୍ଚଳର ବିଭିନ୍ନ ସହର/ସ୍ଥାନଗୁଡ଼ିକରେ ଡାର୍କ ଫାଇବର୍ ଲିଙ୍କ୍ ସୂତ୍ରରେ ନେବା ପାଇଁ ଏଜେନ୍ସିଗୁଡ଼ିକର ତାଲିକାଭୁକ୍ତୀକରଣ ଲାଗି ଆଗ୍ରହର ଅଭିବ୍ୟକ୍ତି (ଇଓଆଇ) ଆମନ୍ତ୍ରଣ କରାଯାଉଛି। ଆଗ୍ରହୀ ପାର୍ଟିମାନେ ତା୦୬।୦୧।୨୦୨୦ରିଖ (ଇଓଆଇ ଜାରିରୁ ଏକମାସ) ପର୍ଯ୍ୟନ୍ତ ଇ-ପୋର୍ଟାଲ୍ **http://etender.powergrid.in** କିମ୍ବା ୱେବ୍‌ସାଇଟ୍ **www.powergridindia.com**ରୁ ଯୋଗ୍ୟତା ମାନଦଣ୍ଡ ସମେତ ଇଓଆଇ କାଗଜପତ୍ର ଡାଉନ୍‌ଲୋଡ୍ କରିପାରିବେ। ବିଡ୍ ସହିତ ଅନ୍ୟାନ୍ୟ କାଗଜପତ୍ର ହାର୍ଡ କପି ଆକାରରେ ଜଉମୁଦିଆ ଲଫାପାରେ **କୋଲକାତା କାର୍ଯ୍ୟାଳୟ** / ଇ-ପୋର୍ଟାଲ୍ ମାଧ୍ୟମରେ ଅନ୍‌ଲାଇନ୍‌ରେ ତା୦୬।୦୧।୨୦୨୦ରିଖ ପୂର୍ବାହ୍ନ **୧୧.୦୦** ଘଟିକା ପୂର୍ବରୁ ଦାଖଲ କରାଯିବା ଆବଶ୍ୟକ ଏବଂ ଏହା ତା୦୬।୦୧।୨୦୨୦ରିଖ **୧୧.୩୦** ଘଟିକାରେ ଖୋଲାଯିବ।

ଡିଜିଏମ୍ (ଟେଲି-କଣ୍ଟ୍ରାକ୍ଟସ୍)

PG/ER/Tndr./19/arunsign

ପାୱାରଗ୍ରୀଡ୍- ଆପଣଙ୍କ ସମସ୍ତ “ପଏଣ୍ଟ-ଟୁ-ପଏଣ୍ଟ ଲିଜ୍‌ଡ ଲାଇନ୍, ଏମ୍‌ପିଏଲ୍‌ଏସ୍ ଭିପିଏନ୍ ଓ ଇଣ୍ଟରନେଟ୍ ଆବଶ୍ୟକତା” ପାଇଁ
telecom-marketing@powergrid.co.inରେ ଯୋଗାଯୋଗ କରନ୍ତୁ



## ତହସିଲ କାର୍ଯ୍ୟାଳୟ, ବଅଁରପାଳ

ବିଜ୍ଞପ୍ତି ସଂଖ୍ୟା: ୪୮୯୭ ତାରିଖ: ୨୯।୧୧।୨୦୧୯

### ଲଘୁ ଖଣିଜ ସକାଶେ ଲିଜ୍ ଇସ୍ତାହାର

**No. F-77:-** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଅନୁଗୋଳ ଜିଲ୍ଲା ଅଧୀନସ୍ଥ ବଅଁରପାଳ ତହସିଲ ଅନ୍ତର୍ଗତ ୨ଗୋଟି ଲଘୁ ଖଣିଜ ଦ୍ରବ୍ୟ (ପଥର)ର ଉତ୍ସକୁ ଲିଜ୍ ଆକାରରେ ବନ୍ଦୋବସ୍ତ କରିବା ପାଇଁ ଦରଖାସ୍ତ ଗ୍ରହଣ କରାଯାଉଅଛି। ଦରଖାସ୍ତ ଗ୍ରହଣର ଶେଷ ତାରିଖ ୧୫।୦୧।୨୦୨୦ ଅପରାହ୍ନ ୧ଘଟିକା ପର୍ଯ୍ୟନ୍ତ। ସୈରାତ ଉତ୍ସଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ ତଥା ଦରଖାସ୍ତ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଛୁଟିଦିନ ବ୍ୟତୀତ ଅନ୍ୟଦିନମାନଙ୍କରେ ତହସିଲ କାର୍ଯ୍ୟାଳୟ, ବଅଁରପାଳରେ ଏବଂ ଅନୁଗୁଳ ଜିଲ୍ଲା ୱେବ୍‌ସାଇଟ୍ (www.angul.nic.in)ରେ ଉପଲବ୍ଧ ହୋଇପାରିବ।

ସ୍ୱା./- ତହସିଲଦାର
ବଅଁରପାଳ

24078/11/0002/1920



**STEEL AUTHORITY OF INDIA LIMITED**
**Rourkela Steel Plant**
Rourkela - 769 011, Odisha, India

No: PL-CRM/2294 Date : 21/11/2019

| To | Present Address | Permanent Address |
|---|---|---|
| Shri Harvinder Singh | Qrs.No.D/182, | At : Bhaklan |
| Pl.No. 928905 | Sector-8, | Po : Kotla Noudh Singh |
| Designation: Operator | Rourkela-769009 | PS : Hariana |
| Department: CRM | | Dist : Hoshiarpur, Punjab |

NOTICE

It is notified for your information that the Chargesheet bearing No. PL-CRM/1922, dated 21/09/2019 was issued to you under Clause 28(v) of the Certified Standing Orders of the Company which is reproduced below.

"Habitual absence from duty without leave"

The above charge is based on the following allegations:

You remained absent from duty without prior sanction of leave for a period of 77 days in different spells on the following days:

| Month & Year | Details of days absented | No. of days |
|---|---|---|
| July, 2019 | 01 to 31 | 31 |
| August, 2019 | 01 to 31 | 31 |
| September, 2019 | 01 to 15(up to 15/09/2019) | 15 |
| | Total days | 77 |

The above amounts to an act of misconduct in accordance with the Company's Standing Orders Clause 28(v) applicable to you.

The above Chargesheet was sent to your present and permanent addresses (as available in your service records). However, the chargesheet sent to your present and permanent addresses have returned back undelivered by the Postal Authorities with remarks "Addressee not available within 7 days & Address incomplete RTS" respectively. Hence this notice.

You are hereby called upon to submit your written explanation within 10 days from the date of publication of this notice. Any explanation that you make shall be taken into consideration before taking further action. However, if no explanation is received from you within the stipulated period or in case you deny the allegation set out in the above chargesheet, you are advised to appear before Mr.Somadutta Tripathy, Dy.Manager (PI) OD along with witnesses/documents, if any at 2nd Floor, Administration Building, Rourkela Steel Plant, Rourkela on 17/12/2019 at 10.30 AM who will enquire into the charge brought against you. You may bring a co-worker along with you to assist you in the enquiry if you so desire. If you fail to appear before the Enquiry Committee on the date, time and place mentioned above, the enquiry shall proceed without any further reference to you.

For Steel Authority of India Limited
Rourkela Steel Plant, Rourkela
AGM, CRM (Operation)

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in

*There's a little bit of SAIL in everybody's life*

### ଟ୍ରାଫିକ୍ ନିୟମ କଡ଼ାକଡ଼ି କଲା ଟାଉନ୍ ପୋଲିସ
# ୨ ଦିନରେ ୨୯ ହଜାର ଜରିମାନା

**ଭବାନୀପାଟଣା,୪।୧୨ (ଡି.ଏନ.ଏ.)**

ଭବାନୀପାଟଣାରେ ପୁଣି ଥରେ କଡାକଡି ହେଲା ଟ୍ରାଫିକ ଆଇନ। ଦୀର୍ଘ ୩ ମାସ ପରେ ଗତ ୧ ତାରିଖ ଟାଉନ୍ ଥାନା ପକ୍ଷରୁ ଘୋଡାଘାଟ ଛକ, ଜୁନାଗଡ ଚେକ୍‌ଗେଟ ଓ କଲେଜ ଛକଠାରେ ଯାଞ୍ଚ କରାଯାଇଥିଲା। ୨୦ ଜଣ ଟ୍ରାଫିକ ନିୟମ ଉଲ୍ଲଘଂନକାରୀଙ୍କଠାରୁ ୨୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ସେହିପରି ଗତ ୨ ତାରିଖରେ ସହରର ବିଭିନ୍ନ ଛକରେ ଟାଉନ୍ ଥାନା ପୋଲିସ ପକ୍ଷରୁ ଟ୍ରାଫିକ ନିୟମ ଉଲ୍ଲଘଂନକାରୀଙ୍କୁ ଧରପଗଡ କରି ୯ ଜଣଙ୍କଠାରୁ ୯ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ନିୟମିତ ବ୍ୟବଧାନରେ ଟ୍ରାଫିକ୍ ନିୟମ ଉଲ୍ଲଘଂନକାରୀଙ୍କୁ ଯାଞ୍ଚ କରାଯିବ ଏବଂ ଆଇନ ଅନୁଯାୟୀ ଉଲ୍ଲଘଂନକାରୀଙ୍କଠାରୁ ଜରିମାନା ଆଦାୟ କରାଯିବ ବୋଲି ଟାଉନ୍ ଥାନା ଆଇଆଇସି ବାସୁଦେବ ଛତ୍ରିଆ ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ ପରିବହନ ଆଇନ ଲାଗୁ ହେବା ପରେ କିଛି ଦିନ ଧରି କଳାହାଣ୍ଡିର ବିଭିନ୍ନ ଅଞ୍ଚଳ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ପୋଲିସ ଯାଞ୍ଚ ପ୍ରକ୍ରିୟା କଡାକଡି କରିଥିଲା। ରାଜ୍ୟ ସରକାର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଚାଳକମାନେ ସେମାନଙ୍କ ପ୍ରମାଣପତ୍ର ଓ ବିଭିନ୍ନ କାଗଜପତ୍ର ପ୍ରସ୍ତୁତ କରିବା ନିମନ୍ତେ ନିୟମକୁ କୋହଳ କରି ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ କୋହଳ କରିଥିଲେ। କୋହଳ ସମୟସୀମା ଶେଷ ହେବା ପରେ ଡିସେମ୍ବର ପହିଲାରୁ ପୁଣି ପରିବହନ ଆଇନ୍ କଡାକଡି କରାଯାଇଛି। ବିଭିନ୍ନ ଜିଲାର ଆଞ୍ଚଳିକ ପରିବହନ ଅଫିସରେ ବିଭିନ୍ନ ପ୍ରମାଣପତ୍ର ପାଇଁ ଲକ୍ଷାଧିକ ଆବେଦନ ପଡି ରହିଥିବାରୁ ରାଜ୍ୟ ସରକାର ପୁଣି ଆଉ ୩ ମାସ ସମୟ ଦେଇଛନ୍ତି। କିନ୍ତୁ ହେଲମେଟ୍ ନ ପିନ୍ଧି ଗାଡି ଚଳାଇବା, ଗାଡିରେ ସିଟ୍ ବେଲ୍ଟ ନ ବାନ୍ଧିବା, ଅତ୍ୟଧିକ ବେଗରେ ଗାଡି ଚଳାଇବା, ମଦ୍ୟପାନ କରି ଗାଡି ଚଳାଇବା, ବାଇକ୍‌ରେ ୩ ଜଣ ବସିବା ଆଦି ୧୦ଟି ଟ୍ରାଫିକ ନିୟମ ଯାଞ୍ଚ କରାଯିବ ବୋଲି କୁହାଯାଇଛି।



ଅତିଥିମାନେ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି ।

# ନୀଲେନ୍ଦ୍ରୀ ମେମୋରିଆଲ ଫୁଟ୍‌ବଲ ଲିଗ୍

**ଜୁନାଗଡ଼,୪।୧୨(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡସ୍ଥିତ ସରକାରୀ ହାଇସ୍କୁଲ ଫୁଟବଲ ପଡିଆରେ ନିଲେନ୍ଦ୍ରି ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଟୁର୍ନାମେଣ୍ଟରେ ୬ଟି ଟିମ୍ ଭାଗ ନେଇଛନ୍ତି। ଅରେବେଡ଼ା ଓ ବ୍ରାହ୍ମଣୀଗୁଡ଼ା ମଧ୍ୟରେ କ୍ୱାର୍ଟରଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ଅରେବେଡା ଦଳ ପେନାଲ୍‌ଟିସୁଟରେ ୨ଟି ଗୋଲ୍‌ରେ ଜିତି ସେମିଫାଇନାଲ୍‌କୁ ଉତ୍ତିର୍ଣ୍ଣ ହୋଇଥିଲା। ମୁଖ୍ୟଅତିଥି ଭାବେ ପ୍ରଥମ ଖେଳରେ ଜୁନାଗଡ଼ ହାଇସ୍କୁଲ ପ୍ରଧାନଶିକ୍ଷକ ତପିମଣି ଜାନୀ, ଦ୍ୱିତୀୟ ଓ ତୃତୀୟ ଖେଳରେ ରଜନୀକାନ୍ତ ବୈଠାରୁ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାନନ ଧ.ମାଝି, ଜୟନ୍ତ କୁମାର ଜେନା ଉପସ୍ଥିତ ଥିଲେ। ନିର୍ମଳ ଦଣ୍ଡସେନା, ତାପସ କୁମାର ଦାସ, ସୁରେଶ ନିଆଲ, ନବିନ ବଗର୍ତ୍ତି ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟ ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ସମ୍ପାଦକ ବିପିନ ଦୁରିଆ, ଗୁଣସାଗର ଧ.ମାଝି ସଙ୍ଗଠକ ଭାବେ କାର୍ଯ୍ୟ ତୁଲାଉଛନ୍ତି। ଦୁର୍ଗା ପ୍ରସାଦ ସିଂ, ଅନୀଲ ପଣ୍ଡା, ସୁଦର୍ସନ ସିଂ, ବୁଲୁ ଲହଜଲ, ସରୋଜ ଧ.ମାଝି, ଶ୍ରୀକାନ୍ତ ମୁନୀ, ଭାଗବତ ଧ.ମାଝି ପ୍ରମୁଖ ସହଯୋଗ କରୁଛନ୍ତି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖା' ଠାକୁର ଖିରି**
**ବାପା ଯାଇଛି ଲଳିତଗିରି ।**

ଭକ୍ତି ରୂପକ ଧନ ହିଁ ପ୍ରକୃତ ଧନ। ଆନ୍ତରିକ ଭକ୍ତିଭାବ ତଥା ଆରାଧନା ବିନା କରାଯାଉଥିବା ପୂଜା ମୂଲ୍ୟହୀନ ହୋଇଥାଏ। ଉପରଠାଉରିଆ ପୂଜା ବା ପ୍ରାର୍ଥନାରେ ଠାକୁର ସନ୍ତୁଷ୍ଟ ହୋଇ ନ ଥାନ୍ତି। ତେଣୁ ଲାଭ କିଛି ମିଳି ନ ଥାଏ। ଦିଅଁ ପୂଜାରେ ମନ ନ ଥିବା ଅଥଚ ଜାଣିଶୁଣି ନିମଗ୍ନ ରହୁଥିବା ବ୍ୟକ୍ତିର ଲୋକଦେଖାଣିଆ ଭକ୍ତିଭାବ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖୁଁ ଖୁଁ କେତେ କାଶୁଛି ବୁଢ଼ା**
**ପାକୁଆ ପାଟିରେ ଖାଉଛି ଚୁଡ଼ା**
**ଦହି ସଙ୍ଗେ ନାହିଁ ଭେଟ**
**ଗୁଡ଼ ଉଖୁଡ଼ାକୁ କିଏ ପଚାରେ**
**ମିଛକୁ ଘୂରାଏ ପେଟ ।**

ବୟସ ଅତ୍ୟଧିକ ହୋଇଗଲେ ପାଟି ସୁଆଦ ଖାଦ୍ୟ ଖାଇବା ପାଇଁ ଅନେକେ ମନ ବଳାଇଥାନ୍ତି। ବୃଦ୍ଧ ବୟସରେ ବି ଖାଇବା ପାଇଁ ଲୋଭ ଏବଂ ଅଭିନୟ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# କୃଷି ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ଭବାନୀପାଟଣା,୪।୧୨(ଡି.ଏନ.ଏ.)**



ବାର୍ଷିକ କ୍ରୀଡ଼ା ଅବସରରେ ଛାତ୍ରୀଛାତ୍ରମାନେ ମାର୍ଚ୍ଚପାଷ୍ଟ କରୁଛନ୍ତି।

ଓଡ଼ିଶା କୃଷି ଏବଂ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ କଳାହାଣ୍ଡି କୃଷି ମହାବିଦ୍ୟାଳୟ ଛାତ୍ର ସଂସଦ ବାର୍ଷିକ କ୍ରୀଡା ଉତ୍ସବ ମହାବିଦ୍ୟାଳୟର ଖେଳ ପଡିଆରେ ଏକ ଚିତ୍ତାକର୍ଷକ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି। କଳାହାଣ୍ଡି କୃଷି ମହାବିଦ୍ୟାଳୟ ଆସୋସିଏଟ୍ ଡିନ୍ ଡ. ଶାନ୍ତନୁ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କ୍ରୀଡା ଉତ୍ସବର ଉଦ୍‌ଘାଟନୀରେ ଅନ୍ୟତମ ଅତିଥି ଭାବେ ଲଳିତ କାନୁନଗୋ ଯୋଗଦେଇଥିବା ବେଳେ ଅପରାହ୍ନର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲା ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. ଅଜିତ୍ କୁମାର ବାବୁ ଯୋଗଦେଇ ବିଭିନ୍ନ ବିଭାଗରେ କୃତୀ କ୍ରୀଡାବିତ୍‌ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମଧ୍ୟ ମହାବିଦ୍ୟାଳୟ ଆସୋସିଏଟ୍ ଡିନ୍ ଇଂ. ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଏହି ପ୍ରତିଯୋଗିତା ପ୍ରାରମ୍ଭରେ ବିଶିଷ୍ଟ କ୍ରୀଡାବିତ୍‌ମାନଙ୍କ ଦ୍ୱାରା ଏକ ମଶାଲ ଶୋଭାଯାତ୍ରାର ଆୟୋଜନ କରାଯାଇ କ୍ରୀଡା ମଶାଲକୁ କ୍ରୀଡା ପତାକା ଥିବା ସ୍ତମ୍ଭ ନିକଟରେ ପହଞ୍ଚିବା ପରେ କ୍ରୀଡା ପତାକାକୁ ଆନୁଷ୍ଠାନିକ ଭାବେ ଅତିଥିମାନେ ଉତ୍ତୋଳନ କରିଥିଲେ। ପରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଆଥେଲେଟିକ୍ ଆସୋସିଏଶନ୍ ପ୍ରେସିଡେଣ୍ଟ ସୁଜିତ୍ କୁମାର ଚଇନି, ଭାଇସ୍ ପ୍ରେସିଡେଣ୍ଟ ପଲ୍ଲବୀ ସାହୁ, ସେକ୍ରେଟେରୀ ସ୍ୱରାଜ କୁମାର ସାହୁ ଓ ଏସିଷ୍ଟାଣ୍ଟ ସେକ୍ରେଟେରୀ ଅସିତ୍ ଶୁଭ୍ରଜିତ୍ ଓ ଅନ୍ୟାନ୍ୟମାନେ ଉପସ୍ଥିତ ରହି କ୍ରୀଡା ପରିଚାଳନା କରିଥିଲେ। ଏହି ଅବସରରେ କୃଷି ମହାବିଦ୍ୟାଳୟ ଆଥେଲେଟିକ୍ ଭାଇସ୍ ପ୍ରେସିଡେଣ୍ଟ ଡ. ବିଶ୍ୱଜିତ୍ ସିହ୍ନା, ଡ୍ରାମାଟିକ୍ ଭାଇସ୍ ପ୍ରେସିଡେଣ୍ଟ ଡ. ନିରାକାର ରଣସିଂହ, ଲିଟେଲାରି ଭାଇସ୍ ପ୍ରେସିଡେଣ୍ଟ ଡ. ଶିମିଳି ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି କ୍ରୀଡା ପ୍ରତିଯୋଗିତାରେ ଛାତ୍ରୀ ଏବଂ ଛାତ୍ର ବିଭାଗରେ ଚାମ୍ପିୟନ୍ ହୋଇଥିବା ପ୍ରତିଯୋଗୀଙ୍କ ନାମ ମହାବିଦ୍ୟାଳୟର ଆସନ୍ତା ବାର୍ଷିକ ଉତ୍ସବରେ ଘୋଷଣା କରାଯିବା ସହ ସେମାନଙ୍କୁ ପୁରସ୍କୃତ କରାଯିବ।

**ବିଜ୍ଞାପନ ସଂଖ୍ୟା: ୯୯୯୪ — ପଞ୍ଚାୟତ ସମିତି କାର୍ଯ୍ୟାଳୟ, ତିଳେଇବଣି, ଦେବଗଡ଼ — ତା ୦୪।୧୨।୨୦୧୯**

ଏତଦ୍ୱାରା ପଞ୍ଚାୟତ ସମିତି ତିଳେଇବଣି ଅନ୍ତର୍ଗତ ସମସ୍ତ ଗ୍ରାମପଞ୍ଚାୟତର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(MGNREGA) ଏବଂ ଜାତୀୟ ସାମାଜିକ ସୁରକ୍ଷା (NSAP) ଅନ୍ତର୍ଗତ ୨୦୧୯-୨୦ ଆର୍ଥିକ ବର୍ଷର (୦୧।୦୪।୨୦୧୯ରୁ ୩୦।୦୯।୨୦୧୯) ସାମାଜିକ ସମୀକ୍ଷା ନିମ୍ନ ସାରଣୀ ଅନୁସାରେ ଅନୁଷ୍ଠିତ ହେବ।

ତେଣୁ ଉକ୍ତ ସାମାଜିକ ସମୀକ୍ଷା ଗ୍ରାମସଭାରେ ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣ, ଭିନ୍ନକ୍ଷମ, ବୃଦ୍ଧ, ବୃଦ୍ଧା, ବିଧବା ଏବଂ ଉକ୍ତ ଯୋଜନାରେ କାର୍ଯ୍ୟ କରିଥିବା ସମସ୍ତ ଜବ୍‌କାର୍ଡଧାରୀ ତଥା ସର୍ବସାଧାରଣମାନଙ୍କୁ ନିର୍ଦ୍ଧାରିତ ତାରିଖ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ପ୍ରକଳ୍ପଗୁଡ଼ିକର ଉପାଦେୟତା ଏବଂ ଗୁଣବତ୍ତା ନିମନ୍ତେ ଉଦ୍ଦିଷ୍ଟ ସାମାଜିକ ସମୀକ୍ଷା ଓ ମଷ୍ଟରରୋଲ ଯାଞ୍ଚ କରାଇବାରେ ସହଯୋଗ କରିବାକୁ ଅନୁରୋଧ।

ଏଥିରେ ସହାୟକ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ/ GPTA, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ତଥା ପଞ୍ଚାୟତ ସମିତିର ଅନ୍ୟ ଅଧିକାରୀ ଉପସ୍ଥିତ ରହିବେ। ଏଥିରେ ଉକ୍ତ ଗ୍ରାମ ଶାସନ ଅନ୍ତର୍ଗତ ସମସ୍ତ ସଭ୍ୟ/ସଭ୍ୟା, ସ୍ୱୟଂ ସହାୟକ ଗୋଷ୍ଠୀ/ସ୍ୱେଚ୍ଛାସେବୀ ଅନୁଷ୍ଠାନ/ପଞ୍ଚାୟତ ପ୍ରତିନିଧି ଏବଂ ଉପରୋକ୍ତ ଯୋଜନାରେ ସମ୍ପୃକ୍ତ ଥିବା ବିଭିନ୍ନ କାର୍ଯ୍ୟନିର୍ବାହୀ ସଂସ୍ଥାର ଅଧିକାରୀ ଉପସ୍ଥିତ ରହିବେ।

| କ୍ର. ନଂ. | ଗ୍ରାମ ପଞ୍ଚାୟତ ଗୁଡ଼ିକର ନାମ | ସାମାଜିକ ସମୀକ୍ଷା ସମୟ | ଗ୍ରାମ ସଭା ତାରିଖ | ବିଷୟ | ସ୍ଥାନ | ଯୋଗ ଦେବାକୁ ଥିବା ଅଧିକାରୀ | ବ୍ଲକ୍ ସ୍ତରୀୟ ଜନ ଶୁଣାଣି |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୦୧ | ପାରପୋଷି, ଦୁଧିଆନାଳି, ଢୋଲପଡ଼ା, ଛେପିଲିପାଲି, ଡିମିରିକୁଦା, ତିଳେଇବଣି, ସଡ଼ୋ, ଝାରମୁଣ୍ଡା | ୧୬।୧୨। ୨୦୧୯ରୁ ୧୯।୧୨। ୨୦୧୯ | ୨୬।୧୨। ୨୦୧୯ | NSAP | ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ | ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ, କମ୍ପ୍ୟୁଟର ପ୍ରୋଗ୍ରାମର ଅଧିକାରୀ, ସହକାରୀ ଶାସକ ଯନ୍ତ୍ରୀ, ମନରେଗା ସହାୟକ ଅଧିକାରୀ, ଅତିରିକ୍ତ କମ୍ପ୍ୟୁଟର ପ୍ରୋଗ୍ରାମର ଅଧିକାରୀ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ, ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ମେଟ | |
| | | ୨୦।୧୨। ୨୦୧୯ରୁ ୨୬।୧୨। ୨୦୧୯ | | MGN-REGA | | | |
| ୦୨ | ଲଇମୁରା, ବଡ଼ଛାପଲ, କେନ୍ଦେଇକୁରି, ଗଣ୍ଡମ, ସୁଗୁଡ଼ା, ତାଳକୁଣ୍ଡି | ୦୩।୦୧। ୨୦୨୦ରୁ ୦୬।୦୧। ୨୦୨୦ | ୧୩।୦୧। ୨୦୨୦ | NSAP | ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ | | ୧୨। ୦୨। ୨୦୨୦ |
| | | ୦୭।୦୧। ୨୦୨୦ରୁ ୧୩।୦୧। ୨୦୨୦ | | MGN-REGA | | | |
| ୦୩ | ପାଲକୁଦର, ଝରାଗୋଗୁଆ, ବଣିଆକିଲିଣ୍ଡା, କଲଣ୍ଡା, ଟାଇଁସର, କଂସର | ୨୧।୦୧। ୨୦୨୦ରୁ ୨୪।୦୧। ୨୦୨୦ | ୩୧।୦୧। ୨୦୨୦ | NSAP | ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ | | |
| | | ୨୫।୦୧। ୨୦୨୦ରୁ ୩୧।୦୧। ୨୦୨୦ | | MGN-REGA | | | |

ସ୍ୱା./- ଗୋଷ୍ଠୀ ଉନ୍ନୟନ ତଥା କାର୍ଯ୍ୟକ୍ରମ ଅଧିକାରୀ, ତିଳେଇବଣି

**ବିଜ୍ଞାପନ ସଂଖ୍ୟା: ୬୩୮୫ — ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବାରକୋଟ — ତା ୦୩।୧୨।୨୦୧୯**

ଏତଦ୍ୱାରା ପଞ୍ଚାୟତ ସମିତି, ବାରକୋଟ ଅନ୍ତର୍ଗତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଏବଂ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ବର୍ଷ ୨୦୧୯-୨୦ ପ୍ରଥମ ପର୍ଯ୍ୟାୟ "ତା୦୧।୦୪।୨୦୧୯ଠାରୁ ତା୩୦।୦୯।୨୦୧୯" ପର୍ଯ୍ୟନ୍ତର ସାମାଜିକ ସମୀକ୍ଷା ନିମ୍ନ ସାରଣୀ ଅନୁସାରେ ଅନୁଷ୍ଠିତ ହେବ। ଏଥିରେ ଶତପ୍ରତିଶତ ମଷ୍ଟରରୋଲ ଓ କାର୍ଯ୍ୟପତ୍ର ଯାଞ୍ଚ ହେବା ସହିତ ଇନ୍ଦିରା ଗାନ୍ଧୀ ଜାତୀୟ ଭତ୍ତା ଯୋଜନାର ଶତ ପ୍ରତିଶତ ଭତ୍ତା ଖାତା ଯାଞ୍ଚ ହେବ। ତେଣୁ ଉକ୍ତ ସାମାଜିକ ଗ୍ରାମସଭାରେ ପଞ୍ଚାୟତ ସମିତିର ସମସ୍ତ ଜନସାଧାରଣ ଅର୍ଦ୍ଧକୁଶଳୀ ତଥା ଅଣକୁଶଳୀ ଶ୍ରମିକ, ସ୍ୱେଚ୍ଛାସେବୀ ସଙ୍ଗଠନର ପ୍ରତିନିଧି, ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟା ତଥା ଶାରୀରିକ ଭିନ୍ନକ୍ଷମ, ବୃଦ୍ଧ, ବୃଦ୍ଧା, ବିଧବା ସଦସ୍ୟ ବୃନ୍ଦ ଏବଂ ଗ୍ରାମପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟା, ଗ୍ରାମପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ/ଜିପିଟିଏ ଏବଂ ଉପରୋକ୍ତ ଯୋଜନାରେ ସମ୍ପୃକ୍ତ ଥିବା ବିଭିନ୍ନ କାର୍ଯ୍ୟନିର୍ବାହୀ ସଂସ୍ଥାର ଅଧିକାରୀ ଉପସ୍ଥିତ ରହିବେ।

**ସାମାଜିକ ସମୀକ୍ଷା କାର୍ଯ୍ୟସୂଚୀ**

| ପର୍ଯ୍ୟାୟ | ଗ୍ରା.ପ.ର ନାମ | ଜାତୀୟ ସାମାଜିକ ସୁରକ୍ଷା | | ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା | | ସାମାଜିକ ସମୀକ୍ଷା ଗ୍ରାମସଭା ତାରିଖ, ସମୟ | ବ୍ଲକ ପର୍ଯ୍ୟବେକ୍ଷକ |
|---|---|---|---|---|---|---|---|
| | | ଆରମ୍ଭ ତାରିଖ | ଶେଷ ତାରିଖ | ଆରମ୍ଭ ତାରିଖ | ଶେଷ ତାରିଖ | | |
| ୧ମ | ବଳମ, ବସାଇଲ, ବଲଣ୍ଡା, ଦଣ୍ଡାସିଙ୍ଗା, ଗୁରୁସଙ୍ଗ, ଡଂରା, ମଧ୍ୟପୁର, କାଦୋପଡ଼ା | ୧୬।୧୨। ୨୦୧୯ | ୧୯।୧୨। ୨୦୧୯ | ୨୦।୧୨। ୨୦୧୯ | ୨୬।୧୨। ୨୦୧୯ | ୨୬।୧୨।୨୦୧୯ | A.B.D.O, A.E, B.P.M, G.P.E.O, B.S.S.O, A.P.O, W.E.O, P.A |
| ୨ୟ | ଦନ୍ତାରି ବାହାଳ, କଣ୍ଡଳ, ସଂହଶାଳ, କଲା, ସରୁଆଳି, କାଳିଆପାଳ, ଗୋଳାବନ୍ଧ, ଝରାକଣ୍ଡଳ | ୦୩।୦୧।୨୦୨୦ | ୦୬।୦୧।୨୦୨୦ | ୦୭।୦୧।୨୦୨୦ | ୧୩।୦୧।୨୦୨୦ | ୧୩।୦୧।୨୦୨୦ | A.B.D.O, A.E, B.P.M, G.P.E.O, W.E.O, A.P.O, P.A, B.S.S.O |
| ୩ୟ | କଣ୍ଡାପାଲି, ରମ୍ଭେଇ, କାଉଁଶି ବାହାଳ, ବମ୍ପରଡ଼ା, ସଇତା, ବିଜୟ ନଗର, ରାଇତାବାହାଳ, କେଲଡ଼ା | ୨୧।୦୧।୨୦୨୦ | ୨୪।୦୧।୨୦୨୦ | ୨୫।୦୧।୨୦୨୦ | ୩୧।୦୧।୨୦୨୦ | ୩୧।୦୧।୨୦୨୦ | G.P.E.O, B.P.M, A.E, P.A, A.P.O, W.E.O, B.S.S.O, A.B.D.O |

ବ୍ଲକସ୍ତରୀୟ ଜନଶୁଣାଣି ତା୧୨।୦୨।୨୦୨୦ ସମୟ:- ୧୦.୩୦ମିରେ ବ୍ଲକ ଅଫିସ୍ ପ୍ରାଙ୍ଗଣରେ ଅନୁଷ୍ଠିତ ହେବ।

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବାରକୋଟ

CLASSIFIED DISPLAY

ALL EDITION - B/W (Everyday)

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE

ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ସବୁ ଯୋଜନା ଅଧୀନରେ ସବୁ ବ୍ୟାଙ୍କରୁ କମ୍ କିମ୍ବା ଖରାପ CIBIL ସ୍କୋର୍‌ଧାରୀଙ୍କୁ ମଧ୍ୟ ରଣ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ବ୍ୟବସାୟ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
୨% ସୁଧ - ୪୦% ରିହାତିରେ
୨୪ ଘଣ୍ଟା ମଧ୍ୟରେ ଘରେ ବସି ପାଆନ୍ତୁ
ସତ୍ୟମ୍ ଫାଇନାନ୍ସ
9953125459
9667227985
Sec-102, Sukh Complex, Noida (Delhi)

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକ୍କୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
9911473748
Add :- 41/14, Sec-1 Pushp Vihar, Delhi

KUBER FINANCE
All Odisha
★ Mudra Loan
★ Cash Credit Loan
★ Vehicle Loan
★ Agriculture Loan
★ Personal Loan
★ Business Loan
★ Mortgage Loan
★ Housing Loan
All types of Loan@ 1% Interest 50% Subsidy Fund Received in 24 Hours
7599779418, 9599068151
B-34/A Block, Vijay Enclave, Burari, New Delhi

MAHESHWARI FINANCE
ବିନା ଗ୍ୟାରେଣ୍ଟିରେ ମହିଳା/ପୁରୁଷ (ଦୋକାନୀ) ୫ ଲକ୍ଷରୁ ୨୫ ଲକ୍ଷ ଲୋନ ୨% ସୁଧ ୫୦% ରିହାତି ମାର୍କଶିଟ୍ ଓ ପ୍ରପର୍ଟି ଲୋନ।
E-mail - maheshwarifinance111@gmail.com
Ph - 9716825082
9716001694

BUSINESS

GTL Telecom Co.
ଦ୍ୱାରା ଖାଲି ଜମି, ଛାତ, କ୍ଷେତରେ ଡିଜିଟାଲ ଟାୱାର ଲଗାନ୍ତୁ
ଅଗ୍ରିମ - 60,00000/-
ଭଡ଼ା - 25,000/-
ଅନ୍ୟାନ୍ୟ ସୁବିଧା (ମାସିକ 15000/-)
ମେଡିକାଲ + ବୀମା ଫ୍ରି
9450647834
7027273944
Network Vision, ITC Industrial Area, Navi Mumbai, Maharashtra.

ASTROLOGY

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଳେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋଡାଧନ, କୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋଡାଧନ, ସଟ୍ଟା, କୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକ୍କୁଡ଼ା ପାଳନ ଓ ଗୃହ ଋଣ । ସମସ୍ତ ପ୍ରକାର LOAN BARSA FINANCE ଯୋଗାଇ ଦେଉଛି । ସୁଧ=1%
MOB - 9853098838
7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକ୍କୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail :- namonamoonlinem.p@gmail.com
9911321841
Add :- 41/14, Sec-1 Pushp Vihar, Delhi

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1988ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

ଖର୍ଚ୍ଚ ଋଣରୁ କଟିବ
BALA JI FINANCE
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
063986-75974
ADDRESS: T-51, GAUTAMPURI, DELHI

NATIONAL FINANCE
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
9473568261

COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଗତକାଲି ଏକ ଅଚଳ ଚେକ୍। ଆସନ୍ତାକାଲି ପ୍ରୋମିସରି ନୋଟ୍। ଆଜି ହିଁ ନଗଦ ଧନ, ଏହାକୁ ବ୍ୟବହାର କର।
- ହିଟ୍‌ଲର

## ସଂକ୍ଷେପରେ



### ରାସ୍ତା ଶୋଚନୀୟ, ଧାନ ବୋଝେଇ ଟ୍ରକ୍ ଓଲଟିଲା

**ଜୁନାଗଡ଼, ୪।୧୨ (ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଜାରିଙ୍ଗ ରେଲୱେ ଓଭରବ୍ରିଜ ତଳ ରାସ୍ତା ଶୋଚନୀୟ ଯୋଗୁ ବୁଧବାର ଅପରାହ୍ନରେ ଏକ ଧାନ ବୋଝେଇ ଟ୍ରକ ଭାରସମ୍ୟା ହରାଇ ଓଲଟି ପଡିଥିଲା। ଫଳରେ ଟ୍ରକରେ ବସିଥିବା ଚାଳକ ଓ କର୍ମଚାରୀ ଅଳ୍ପକେ ବର୍ତ୍ତିଯାଇଥିଲେ। ଏହି ଟ୍ରକ ନିକଟସ୍ଥ କେନ୍ଦୁପାଟି ମଣ୍ଡିରୁ ଧାନ ବୋଝେଇ କରି କେସିଙ୍ଗା ଅଭିମୁଖେ ଯାଉଥିଲା। ଜାରିଙ୍ଗ ରେଲୱେ ଓଭରବ୍ରିଜ ତଳ ରାସ୍ତାରେ ଖାଲଖମା ଭର୍ତ୍ତି ଯୋଗୁ ଟ୍ରକଟି ଭାରସମ୍ୟ ହରାଇ ରାସ୍ତା କଡକୁ ଓଲଟିପଡିଥିଲା। ଉକ୍ତ ରାସ୍ତା ପିଡବ୍ଲୁଡି ବିଭାଗ ଅଧୀନରେ ରହିଥିଲେ ମଧ ଏଥିପ୍ରତି ଦୃଷ୍ଟି ନ ଦେବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଶୀତ କାକରରେ ପଡ଼ି ରହିଛନ୍ତି ଚାଷୀ

# ୩୫୨୭ ଚାଷୀଙ୍କଠାରୁ ୨୩୪୬୦୪.୪୬ କୁଇଣ୍ଟାଲ ଧାନ କିଣା

## ■ କୁଇଣ୍ଟାଲ ପିଛା ୫ରୁ ୮ କେଜି କଟନି ଅଭିଯୋଗ

**ଭବାନୀପାଟଣା,୪।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲାରେ ଧାନ ସଂଗ୍ରହ କମିଟି ବୈଠକରେ ଧାର୍ଯ୍ୟ ନଭେମ୍ବର ୧ ତାରିଖରେ ଧାନ ସଂଗ୍ରହ ଆରମ୍ଭ ହେବା କଥା । କିନ୍ତୁ ବିଭିନ୍ନ କାରଣ ଯୋଗୁ ୨୦ ଦିନ ବିଳମ୍ବରେ ତଥା ନଭେମ୍ବର ୨୦ ତାରିଖରୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ୭୪ଟି ପ୍ୟାକ୍ସରେ ଜିଲାରେ ଡିସେମ୍ବର ୧ ତାରିଖ ସୁଦ୍ଧା ୩୫୨୭ ଜଣ ଚାଷୀଙ୍କଠାରୁ ୨୩୪୬୦୪.୪୬ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିବା ଜିଲା ଯୋଗାଣ ବିଭାଗ ଅଧିକାରୀ ଶିବ ପ୍ରସାଦ ଦୋରା ପ୍ରକାଶ କରିଛନ୍ତି ।

ଚଳିତବର୍ଷ କଳାହାଣ୍ଡି ଜିଲାରେ ୭୪ଟି ପ୍ରାଥମିକ କୃଷି ସେବା ସମବାୟ ସମିତି, ୨୩ଟି ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଏବଂ ୯୪ଟି ମିନି ଧାନ କ୍ରୟ କେନ୍ଦ୍ର ଜରିଆରେ ଚାଷୀଙ୍କଠାରୁ ଧାନ ସଂଗ୍ରହ କରିବା ନିମନ୍ତେ ବ୍ୟବସ୍ଥା କରାଯାଇଛି। ଚଳିତ ଖରିଫ ଋତୁରେ ୭୧ ମିଲର ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହେବା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ମଙ୍ଗଳବାର ସୁଦ୍ଧା ଜିଲାରେ ୨୩୭୯୧ ଚାଷୀଙ୍କୁ ଧାନ ସଂଗ୍ରହ ନିମନ୍ତେ ଅଗ୍ରୀମ ଟୋକନ ଦିଆଯାଇଛି।



ଏକ ମଣ୍ଡିରେ ଧାନ ରହିଛି।

ମଙ୍ଗଳବାର ସୁଦ୍ଧା ଜିଲାରେ ୭୨ ହଜାରୁ ଊର୍ଦ୍ଧ୍ୱ ଚାଷୀ ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ କାଗଜପତ୍ର ଯାଞ୍ଚ କରିବା ପରେ ବର୍ତ୍ତମାନ ସୁଦ୍ଧା ୬୮୯୩ ଚାଷୀ ଧାନ କ୍ରୟ ପାଇଁ ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୬୪୩୫୬ ଜଣ ଛାଷୀଙ୍କୁ ବିଭିନ୍ନ ମଣ୍ଡିରେ ଧାନ କ୍ରୟ କରିବା ପାଇଁ ଟାଗଅଫ୍ କରାଯାଇଛି। ମଙ୍ଗଳବାର ସୁଦ୍ଧା ଜିଲାରେ ୩୫୨୭ ଜଣ ଚାଷୀଙ୍କଠାରୁ ୨୩୪୬୦୪.୪୬ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି ବୋଲି ଜିଲା ଯୋଗାଣ ଅଧିକାରୀ ଶିବରାମ ଦୋରାଙ୍କ ସୂତ୍ରରୁ ପ୍ରକାଶ। ଗତବର୍ଷ ପରି ଚଳିତବର୍ଷ ମଧ ବିଭିନ୍ନ ମଣ୍ଡିରେ ଦଲାଲ ରାଜ୍ ଚାଲିଛି। ପ୍ରଶାସନର ବାରମ୍ବାଦ ଦାଗିଦ ସତ୍ତ୍ୱେ ଏବଂ ସ୍କ୍ୱାଡ ଦ୍ୱାରା ଚଢ଼ାଉ ଜାରି ରହିଥିଲେ ହେଁ ମଣ୍ଡିଗୁଡିକରେ ଦଲାଲଙ୍କର ରାଜୁତି ଚାଲିଛି। ଅପରପକ୍ଷେ ଧାନର ଏଫଏକ୍ୟୁମାନକୁ ନେଇ ମିଲର୍ସମାନେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ବେଳେ କୁଇଣ୍ଟାଲ ପିଛା ୫ ରୁ ୮ କେଜି ଯାଏଁ କଟନି ଚାଲିଥିବା ଅଭିଯୋଗ ହେଉଛି । ଯଦିଓ ଚଳିତବର୍ଷ ପ୍ରତ୍ୟେକ ମଣ୍ଡିରେ ଏନାଲାଇଜର ମେଶିନ ରଖାଯାଇଛି ଏବଂ ଚାଷୀଙ୍କ ଧାନ ମାନ ପରୀକ୍ଷା କରାଯାଉଛି । ଏହା ସତ୍ତ୍ୱେ ମିଲରମାନେ ନିଜ ମନ ମୁତାବକ କୁଇଣ୍ଟାଲ ପିଛା ୫ ରୁ ୮ କେଜି ଧାନ କଟନି କରୁଥିବା ଦେଖିବାକୁ ମିଳୁଛି । ଏପରିକି ଏନାଲାଜିର ମେଶିନରେ ଧାନର ମାନ ଠିକ୍ ଥିବା ଜଣାପଡିବା ସତ୍ତ୍ୱେ ଧାନ କଟନି ଚାଲିଛି। ଧାନ କିଣା ସଂସ୍ଥାମାନେ ଅଛନ୍ତି ସେମାନେ ଏକ ସ୍ୱୟଂ ଶାସିତ ସଂସ୍ଥା ହୋଇଥିଲେ ମଧ ସେମାନେ ମଧ ମିଲରଙ୍କ ହାତରେ ତାଙ୍କର ସବୁ ବ୍ୟବସ୍ଥାକୁ ଟେକି ଦେଇଛନ୍ତି। ଏସବୁ ଘଟଣା ରାଜ୍ୟ ସରକାରଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀ, ଜିଲା ପ୍ରଶାସନ ଓ ଲୋକ ପ୍ରତିନିଧି ସମସ୍ତେ ଜାଣିଥିଲେ ମଧ ବର୍ଷ ବର୍ଷରୁ ଏହା ଚାଲି ଆସୁଛି ବୋଲି ଚାଷୀମାନେ ଖୋଲାଖୋଲି ଭାବେ ଅଭିଯୋଗ କରିଛନ୍ତି । ପ୍ରଥମେ ସରକାର ଓ ମିଲର୍ସଙ୍କ ମଧ୍ୟରେ ବିବାଦ ଲାଗିବା ଯୋଗୁ ୨୦ ଦିନ ମଣ୍ଡି ବିଳମ୍ବ ହୋଇଥିଲା । ଯେଉଁଥି ପାଇଁ ଜିଲାର ଶହ ଶହ ଚାଷୀ ଧାନର ଅଭାବୀ ବିକ୍ରିର ଶିକାର ହୋଇଥିଲେ। ଏ ସମ୍ପର୍କରେ ଜିଲା ଯୋଗାଣ ବିଭାଗ ଅଧିକାରୀ ଶିବରାମ ଦୋରାଙ୍କୁ ପଚାରିବାରୁ ସେ ପ୍ରକାଶ କରିଥିଲେ ଯେ, ଚଳିତବର୍ଷ ଧାନ ସଂଗ୍ରହ ନିର୍ଦ୍ଧାରିତ ତାରିଖଠାରୁ ୨୦ ଦିନ ବିଳମ୍ବ ହୋଇଛି । ଅନ୍ୟପଟେ ଅଦିନିଆ ବର୍ଷା ଓ ପ୍ରତିକୂଳ ପାଗ ଯୋଗୁ ଚାଷୀମାନେ ଧାନ ଅମଳରେ ମଧ ବାଧା ସୃଷ୍ଟି ହୋଇଥିଲା। ଯେଉଁ ପରିମାଣରେ ଧାନ ମଣ୍ଡିକୁ ଆସିବା କଥା ତାହା ଆସିପାରିନାହିଁ। ଅନ୍ୟପଟେ ଚାଷୀମାନେ ଧାନକୁ ଶୁଖାଇ ଏବଂ ଓଡାଇବା ସହିତ ଏଫଏକ୍ୟୁ ମାନର ଧାନ ପ୍ରସ୍ତୁତ କରି ମଣ୍ଡିକୁ ଆଣିବା ପାଇଁ ପ୍ରଶାସନ ପକ୍ଷରୁ ବାରମ୍ବାର ଚାଷୀମାନଙ୍କୁ ଅନୁରୋଧ କରାଯାଇଛି । କିନ୍ତୁ ଚାଷୀମାନେ ତରବର ହୋଇ ସିଧା ଖଳାରୁ ଧାନ ମଣ୍ଡିକୁ ଆଣୁଛନ୍ତି । ଫଳରେ ଧାନରେ ଅଧିକ ପରିମାଣରେ ଆର୍ଦ୍ରତା, ଅଗାଡି ଓ ଅନ୍ୟାନ୍ୟ ବର୍ଜବସ୍ତୁ ରହୁଛି। ଏଣୁ ଚାଷୀମାନେ ନିଜର ଧାନକୁ ଏଫଏକ୍ୟୁମାନର ପ୍ରସ୍ତୁତ କରି ମଣ୍ଡିକୁ ଆଣି ସରକାରଙ୍କ ଏଫଏକ୍ୟୁମାନର ଧାର୍ଯ୍ୟ ମୂଲ୍ୟ ପାଇପାରିବେ। ଅନ୍ୟପଟେ ପୂର୍ବ ବର୍ଷ ଅପେକ୍ଷା କାଁଭାଁ କେଉଁ ମଣ୍ଡିରେ କଟନି ହେଉଛି ବୋଲି ଆମକୁ ଅଭିଯୋଗ ଆସୁଛି। କିନ୍ତୁ ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ନିଆଯାଉଛି। କଳାହାଣ୍ଡି ଜିଲାପାଳ ଡା. ଗାଭିଲ ପରାଗ ହର୍ଷଦଙ୍କ ନିର୍ଦ୍ଦେଶରେ ପୂର୍ବବର୍ଷ ଅପେକ୍ଷା ଚଳିତବର୍ଷ କଳାହାଣ୍ଡି ଜିଲାରେ ଧାନ ମଣ୍ଡିରେ ଦଲାଲ ଓ ତୃତୀୟ ପକ୍ଷ ପ୍ରାଦୁର୍ଭାବ କମ୍ ରହିଛି। ଚାଷୀମାନେ କିପରି ଧାନର ଉଚିତ୍ ମୂଲ୍ୟ ପାଇବେ ସେଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ତରରେ ସ୍କ୍ୱାଡମାନ ଗଠନ କରିବା ସହିତ ନିଜେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଭବାନୀପାଟଣା ଓ ଧର୍ମଗଡ ଉପଜିଲାପାଳ ଏବଂ ଜିଲା ଯୋଗାଣ ବିଭାଗ ଅଧିକାରୀ ଦୋରା ବିଭିନ୍ନ ମଣ୍ଡିକୁ ଯାଇ ତଦାରଖ କରୁଥିବା ଦେଖିବାକୁ ମିଳୁଛି ।

### ଭବାନୀପାଟଣାରେ ସେକ୍ସ ରାକେଟ୍ : ୪ ଦେହଜୀବୀ ଉଦ୍ଧାର, ୩ ଯୁବକ ଅଟକ

**ଭବାନୀପାଟଣା,୪।୧୨(ଡି.ଏନ.ଏ.)**

ଭବାନୀପାଟଣା ଟାଉନ ଥାନା ପୋଲିସ ଗତ ୩ ତାରିଖରେ ସ୍ଥାନୀୟ ନକଟିଗୁଡାରେ ଏସପିଙ୍କ ନିର୍ଦ୍ଦେଶକ୍ରମେ ଏକ ଘରେ ଚଢାଉ କରି ସେକ୍ସ ରାକେଟ୍ କାର୍ଯ୍ୟରେ ସମ୍ପୃକ୍ତ ୪ ଜଣ ଦେହଜୀବିଙ୍କୁ ଉଦ୍ଧାର କରାଯିବା ସହିତ ୩ ଯୁବକକୁ ଅଟକ କରାଯାଇ ଯାଞ୍ଚ ଚାଲିଛି। ଭବାନୀପାଟଣାର ନକ୍ଟିଗୁଡା ମହିନ୍ଦ୍ରା ସୋରୁମ୍ ପଛପଟେ ଏକ ଘରେ ସେକ୍ସ ରାକେଟ୍ ଚାଲୁଥିବା ଖବର ପାଇ କଳାହାଣ୍ଡି ଏସ୍‌ପି ବାତୁଲା ଗଙ୍ଗାଧରଙ୍କ ନିର୍ଦ୍ଦେଶରେ ଗତ ୩ ତାରିଖ ରାତି ୯.୩୦ ମି.ରେ ଟାଉନ୍ ଥାନା ପୋଲିସ ଚଢାଉ କରିଥିଲା। ଚଢାଉ ବେଳେ ଘଟଣାସ୍ଥଳରୁ ୪ ଦେହଜୀବୀଙ୍କୁ ଉଦ୍ଧାର କରାଯାଇ ୩ ଗ୍ରାହକଙ୍କୁ ଅଟକ ରଖି ପଚରାଉଚରା କରାଯାଇଥିଲା। ଦେହଜୀବୀମାନେ ରାଉରକେଲା, ଝାରସୁଗୁଡା, ଭୁବନେଶ୍ୱର ଓ ସୁନ୍ଦରଗଡର ଗୋନ୍ଦିଆର ବୋଲି ଜଣାପଡିଛି। ଭବାନୀପାଟଣା ସହରରେ କିଛି ଅସାମାଜିକ ଯୁବକ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଝିଅଙ୍କୁ ଚାଲାଣ କରି ଭବାନୀପାଟଣାରେ ସେକ୍ସ ରାକେଟ୍ ଚଳାଉଥିବା ନେଇ ବିଭିନ୍ନ ସୂତ୍ରରୁ ଖବର ମିଳବା ପରେ କଳାହାଣ୍ଡି ପୋଲିସ କିଛିଦିନ ହେଲା ତୀକ୍ଷ୍ଣ ନଜର ରଖିଥିଲା। ବିଶେଷ ସୂତ୍ରରୁ ଖବର ମିଳିବା ପରେ ଏସ୍‌ପିଙ୍କ ନିର୍ଦ୍ଦେଶରେ ଟାଉନ୍ ଥାନା ପୋଲିସ ଚଢାଉ କରିଥିଲେ।



ତାଲିମ ଶିବିରରେ ଯୋଗଦେଇଥିବା ତାଲିମଦାତାମାନେ ।

# ଶିଳ୍ପୋଦ୍ୟୋଗୀ ବିକାଶ ତାଲିମ ଶିବିର

**କେସିଙ୍ଗା, ୪।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ପଞ୍ଚାୟତ ସମିତି ସଭା ଗୃହରେ ବେକାରୀ ଯୁବତୀଯୁବକମାନଙ୍କୁ ନେଇ ଶିଳ୍ପୋଦ୍ୟୋଗୀ ବିକାଶ ପ୍ରତିଷ୍ଠାନ ଓଡିଶା ସରକାରଙ୍କ ପକ୍ଷରୁ ଏକ ତାଲିମ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏହି ତାଲିମ ଶିବିରରେ ବେକାର ଯୁବତୀ, ଯୁବକମାନେ କିପରି କ୍ଷୁଦ୍ର ଶିଳ୍ପାନୁଷ୍ଠାନ ଦ୍ୱାରା ଅଗ୍ରଗତି କରି ବେକାରୀ ଦୂରିକରଣ କରି ପାରିବେ ସେ ବିଷୟରେ ବିଶଦ ଭାବରେ ତାଲିମ ପ୍ରଦାନ କରାଯାଇଥିଲା । ଏହି ଶିବିରରେ ପ୍ରାଣୀ ବିଭାଗ, ମତ୍ସ୍ୟ ବିଭାଗ, ଉଦ୍ୟାନ ବିଭାଗ, ଶିଳ୍ପାଞ୍ଚଳ ବିଭାଗ, ଜଙ୍ଗଲ ବିଭାଗ ପ୍ରମୁଖ ବିଭାଗର କର୍ମଚାରୀମାନେ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଏହି ତାଲିମ ଶିବିର ୧୨ ଦିନ ଧରି ଚାଲିବ । ସମସ୍ତ ଯୁବତୀ, ଯୁବକମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯିବ । ତାଲିମପ୍ରାପ୍ତ ବେକାରୀ ଯୁବତୀ ଯୁବକମାନେ ସ୍ୱାବଲମ୍ବି ହେବା ପାଇଁ ବିଭିନ୍ନ ବ୍ୟବସାୟୀକ ବ୍ୟାଙ୍କରୁ ଋଣ ଆବେଦନ କରି ନିଜେ କିପରି କ୍ଷୁଦ୍ରଶିଳ୍ପାଞ୍ଚଳ ନିର୍ମାଣ କରିବେ ସେ ଉପରେ ତାଲିମ ଦେବାର କାର୍ଯ୍ୟକ୍ରମ ରହିଛି । ଏହି ଶିବିରରେ ଭୁବନେଶ୍ୱରରୁ ଆସିଥିବା ଶିଳ୍ପୋଦ୍ୟୋଗୀ ବିକାଶ ପ୍ରତିଷ୍ଠାନ ପ୍ରୋଗ୍ରାମ ଅଫିସର ଜିଏନ ଭୋଳ, କଳାହାଣ୍ଡି ଜିଲା ସିଡିଆଇସିର ସହ ପରିଚାଳକ ଦୀପକ କୁମାର ଅଗ୍ରୱାଲ, କେସିଙ୍ଗାସ୍ଥିତ ବାଣିଜ୍ୟ ଏବଂ ଶିଳ୍ପ ଚେମ୍ବର ସଭାପତି ଅନୀଲ ଜୈନ, ହିମାଂଶୁ ଶେଖର ପ୍ରଧାନ ପ୍ରମୁଖ ଏହି ଶିବିରରେ ଯୋଗଦେଇଥିଲେ। କେସିଙ୍ଗା ବ୍ଲକର ବିଭିନ୍ନ ବ୍ଲକରୁ ଶତାଧିକ ଯୁବତୀ, ଯୁବକ, ମହିଳାମାନେ ଯୋଗଦେଇଥିଲେ ।

ଜୁନାଗଡରେ ବିଜେଡିର କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ

# ପୂର୍ବତନ ଏନ୍‌ଏସି ଅଧକ୍ଷ ସୁଧାଂଶୁ ବରାଡଙ୍କ ବିଜେଡିରେ ଯୋଗଦାନ

**ଜୁନାଗଡ,୪।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହର ସଂସ୍କୃତି ଭବନଠାରେ ବୁଧବାର ବିଜେଡିର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଜୁନାଗଡ ବ୍ଲକ ବିଜେଡି ସଭାପତି ପ୍ରମୋଦ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଅତିଥି ଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ତଥା କଳାହାଣ୍ଡି ଜିଲା ପ୍ରଭାରୀ ନବ କିଶୋର ଦାସ, ରାଜ୍ୟ ଶକ୍ତି, ଶିଳ୍ପ, ଏମ୍‌ଏସଏମଇ ତଥା ଗୃହରାଷ୍ଟ୍ର ମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟ ଶଙ୍କର ମିଶ୍ର, ପୂର୍ବତନ ଜୁନାଗଡ ବିଧାୟକ ଗୋବର୍ଦ୍ଧନ ଦାଶ, ପୂର୍ବତନ ଭବାନୀପାଟଣା ବିଧାୟକ ଅନାମ ନାଏକ, ଜିଲା ସଭାନେତ୍ରୀ କଲ୍ୟାଣୀ ନାଏକ, ପୂର୍ବତନ ପୌରାଧକ୍ଷ ଆଦିତ୍ୟ ପ୍ରସାଦ ନନ୍ଦ, ପୂର୍ବତନ ଏନ୍‌ଏସି ଅଧକ୍ଷ ମହେଶ ସାହୁ, ଅଧକ୍ଷା ବିଜୟ ଲକ୍ଷ୍ମୀକାନ୍ଦପାନ, ଜିଲା ସାଧାରଣ ସମ୍ପାଦକ ଭବାନୀଶଙ୍କର ନିଆଲ, ଛାତ୍ର ସଭାପତି ଅବିନାଶ ଠାକୁର, ଜୁନାଗଡ ବ୍ଲକ ସରପଞ୍ଚ ସଂଘ ସଭାପତି ଅଜୟ ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିଗାମ୍ବର ନାଏକ, ଚିତ୍ତରଞ୍ଜନ ମଣ୍ଡଳ, ବିଶ୍ୱନାଥ କର, ପୀତାମ୍ବର ରଣା, ଭବାନୀପାଟଣା ବ୍ଲକଉପାଧ୍ୟକ୍ଷ ସଚ୍ଚିଦାନନ୍ଦ ମହାକୁଡ ପ୍ରମୁଖ ଯୋଗଦେଇଥିଲେ । ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଓ ଏହାଦ୍ୱାରା ସାଧାରଣ ଲୋକେ କିପରି ଉପକୃତ ହୋଇଛନ୍ତି ତାହା ଉପରେ ଅତିଥିମାନେ ଉଦ୍‌ବୋଧନ ଦେଇଥିଲେ। ଅନ୍ୟପକ୍ଷରେ ବୁଧବାର ଭବାନୀପାଟଣାରେ ଏଆଇସିସି ସାଧାରଣ ସମ୍ପାଦକ ଅନୀଲ ଚୌଧୁରୀଙ୍କ ଉପସ୍ଥିତିରେ କଂଗ୍ରେସର ଏକ ବୈଠକ ହୋଇଥିବା ବେଳେ ଏପଟେ ଜୁନାଗଡରେ ଅନୁଷ୍ଠିତ ବିଜେଡିର ମିଶ୍ରଣ ପର୍ବରେ ସ୍ଥାନୀୟ ଅନେକ କଂଗ୍ରେସ କର୍ମୀ ବିଜେଡିରେ ଯୋଗଦେଇଥିଲେ। ଏଥିରେ ପୂର୍ବରୁ କଂଗ୍ରେସ ଛାଡିଥିବା ପୂର୍ବତନ ଜୁନାଗଡ ଏନ୍‌ଏସି ଅଧକ୍ଷ ସୁଧାଂଶୁ ଶେଖର ବରାଡ, ପୂର୍ବତନ ଏନ୍‌ଏସି ଅଧକ୍ଷା ମମତା ବରାଡ, ଅବସରପ୍ରାପ୍ତ ସେନା କର୍ମଚାରୀ ଦୁଷ୍ମନ୍ତ ବାଗ, ଅଶୋକ ନାଏକ, ଦେବୀ ପ୍ରସାଦ ମୁଣ୍ଡ, ମହାଦେବ ନାଏକ, ଭାଗିରଥି ଦାସ, ପଦ୍ମଲୋଚନ ମାଝି ପ୍ରମୁଖ ଆନୁଷ୍ଠାନିକ ଭାବରେ ବିଜେଡିରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜୁନାଗଡ ନିର୍ବାଚନ ମଣ୍ଡଳୀର ଶତାଧିକ ବିଜେଡି କର୍ମକର୍ତ୍ତା ଯୋଗଦେଇଥିଲେ। ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ପ୍ରବୋଧ କୁମାର ରଥ ସଭା ପରିଚାଳନା କରିଥିଲେ। ଜୁନାଗଡ ବ୍ଲକ ବିଜେଡି ସଭାନେତ୍ରୀ ମନିଷା ସାହୁ ଧନ୍ୟବାଦ ଦେଇଥିଲେ।



ବିଜେଡିରେ ଯୋଗଦେଇଥିବା ଜୁନାଗଡ ପୂର୍ବତନ ଏନଏସି ଅଧକ୍ଷ ସୁଧାଂଶୁ ବରାଡଙ୍କ ସହ ଅନ୍ୟମାନେ।



କୁମ୍ଭକାର ସମ୍ପ୍ରଦାୟଙ୍କ ଦ୍ୱାରା ପୂଜାକାର୍ଯ୍ୟ ଚାଲିଛି।

# କଲମପୁର ବ୍ଲକ ଅଞ୍ଚଳରେ କୁରାଳ ପଞ୍ଚମୀ ଉତ୍ସବ ସମ୍ପନ୍ନ

**କଲମପୁର,୪।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କଲମପୁର ବ୍ଲକ ଅଞ୍ଚଳରେ କୁମ୍ଭାର ସମ୍ପ୍ରଦାୟର କୁରାଳ ପଞ୍ଚମୀ ପୂଜା ସମ୍ପନ୍ନ ହୋଇଯାଇଛି । କଲମପୁର ବ୍ଲକର ଧନପୁର, ଭାଟିଗାଁ, ହରିହରପୁର, ଭଇଁରି, ଭୋରୁଆମୁଡା, ହାରାମାଲ ପ୍ରଭୃତି ସ୍ଥାନରେ କୁରାଳ ପଞ୍ଚମୀ ପୂଜା ପାଞ୍ଚ ଦିନ ଧରି ଧୁମଧାମ ସହ ପାଳିତ କରାଯାଇଥିଲା। କୁରାଳ ପଞ୍ଚମୀ ପୂଜା ଅବସରରେ ଗ୍ରାମର ମହିଳାମାନେ ଅଧିବାସ ଦିନ ସ୍ଥାନୀୟ ପୋଖରୀ ବା ନଦୀ ଘାଟରୁ ଗ୍ରାମ୍ୟ ପରିକ୍ରମା ସହ ଦଳପୂର୍ଣ୍ଣ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ପରେ ଇଷ୍ଟ ଦେବଦେବୀ ତଥା ଆଦିପିତା ରୁଦ୍ର ପାଲ ଏବଂ ଆଦିମାତା ରତ୍ନେଶ୍ୱରୀ, କୁରାଲୀଙ୍କୁ ଧୂପ, ଦୀପ, ଚନ୍ଦନ ଫୁଲ ମାଳରେ ବନ୍ଦାପନା କରି ପାରମ୍ପରିକ ରୀତିନୀତିରେ ଚକକୁ ପୂଜାର୍ଚ୍ଚନା କରାଯାଇ ଥିଲା । କୁରାଳ ପଞ୍ଚମୀ ଉତ୍ସବ ଯୋଗୁ ଗାଁସବୁ ଚଳଚଞ୍ଚଳ ହୋଇଥିଲା । ଦର୍ଶକମାନଙ୍କୁ ଆକୃଷ୍ଟ କରିବା ପାଇଁ କୁରାଳ କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ନୃତ୍ୟ ପ୍ରତିଯୋଗୀତା, ବିରବାଦ୍ୟ ଘୁମୁରା ନାଟକ କରାଯାଇଛି । କୁରାଳ ସମାଜ ବା କୁରାଳ କମିଟି ସମ୍ପୂର୍ଣ୍ଣ ସହଯୋଗକ୍ରମେ କୁରାଳ ପଞ୍ଚମୀ ସମ୍ପନ୍ନ ହୋଇଯାଇଛି ।

ବାପ୍ କର୍କଟରେ, ଝି’ ରକ୍ତଶିକୁଲି ରୋଗ୍‌ରେ ପୀଡ଼ିତ

# ମାଏକିନାର ଉପରେ ପରିବାର ବୋଝ୍

**କର୍ଲାମୁଣ୍ଡା, ୪।୧୨ (ଡି.ଏନ.ଏ.)**

ଉଭଏ କେନ୍ଦ୍ର ଆର ରାଏଜ୍ ସରକାର ଦାଦନ୍ ସମସିଆ ଉପରେ ଲଗାମ୍ କସବାକେ ଅନେକ ଯୋଜନା କାମ୍‌କାରୀ କରୁଛନ୍। ହେଲେ ଇ ଯୋଜନାକେ କାମ୍‌କାରୀ କରୁଥିବାର ଅଧିକାରୀ, କରମ୍‌ଚାରୀ, ଥାନୀଅ ନେତାକର ଆଁତରିକତା ଅଭାବୁ ଅନେକ ହକ୍‌ଦାର ଶ୍ରମିକ ଯୋଜନାର ଲାଭ ପାଏବାରୁ ବଁଚିତ୍ ହେଉଛନ୍। ଏନ୍‌ତାଥି ସେମାନେ ଉପେ ଶୂଇନ୍ ହେଇ ଦାଦନ୍ ଖଟିଯାଉଛନ୍। ଅନେକ ଶ୍ରମିକ ଦାଦନ ଯାଇ ଅଦରବା ହେଇ ଘରକେ ଫିରୁଛନ୍। ଏନ୍‌ତା ଗୁଟେ ଉଦାହରନ୍‌ଦେଖିବାକେ ମିଳିଛେ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ବୋରପଦର ପଁଚେତ୍ ଖଲିଆପାଲି ଗାଁରେ। ସୂଚନା ହିସାବେ ଖଲିଆପାଲି ଗାଁର ଧନେଶ୍ୱର ମହାନନ୍ଦ(୩୩)। ପରିବାର କହେଲେ ମାଏକିନା ନୀଲେନ୍ଦ୍ରି(୩୩), ପୁଓ ଟୁନା(୧୦) ଆର ଝି’ ପୂଜା(୭)କେ ନେଇ ତାକର ସଁସାର। ପରିବାରଟା ନିହାତି ଗରିବ, ଧନେଶ୍ୱର ଦୁଖ୍‌ସୁଖ କରି ପରିବାର ଚଲେଇ ନେଉଥିଲେ। ହେଲେ ଝି’ ପୂଜା ଜନମ୍ ହେବାର ୩ ବଛର ଉତାରୁ ଜନାପଡ଼ଲା ଯେ ତାକର ରକ୍ତଶିକୁଲି ରୋଗ୍ ରହିଛେ। ତାହାକୁ ୨ ମାସେ ଥରେ ରକତ୍ ଦେବାକେ ପଡୁଛେ। ସେଥିରଲାଗି ସବୁଥର ଦୁଇ ହଜାର ଟଁକା ଦରକାର ପଡ଼ଲା। ଶେଷେ ଧନେଶ୍ୱର ଝି’ର ଚିକିଛା ଲାଗି ଟଁକା ଠୁଲାବାକେ ୨୦୧୭ ସାଲେ ଗୁଜୁରାଟକେ ଦାଦନ ଖଟିଯାଇଥିଲେ। ହେଲେ ସେଠାନେ କିଛିଦିନ କାମ୍ କଲାଉତାରୁ ମଲଦୁଆରରେ ଦରଜ୍ ଅନୁଭବ କରିଥିଲେ। ସେଠାନେ ଡାକ୍ତରକୁଁ ଦେଖେଇ ପରୀକ୍ଷା କଲାରୁ ତାକର ମଲଦୁଆରରେ କ୍ୟାନସର ହେଇଥିବାର ଜନାପଡ଼ିଥିଲା। ସେଠାନୁ ସେ ଗାଁକେ ଫିରିଆସି ଜମିବାଡ଼ି ବିକି, ଧାରଉଧାର କରି ଲକ୍ଷାଧିକ୍ ଟଁକା ଖରଚ୍‌ରେ ୨୭।୩।୨୦୧୮ରେ ବିଷମ କଟକ ଡାକ୍ତରଖାନାରେ ଅପରେଶନ ହେଇଥିଲେ। ଡାକ୍ତର ଅପରେଶନ କରି ତାକର ପେଟେ ଗୁଟେ ପାଇପ୍ ଖଁଜି ଝାଡ଼ା ଯିବାର ବେବସ୍‌ତା କରିଛନ୍। ଏହେଦେ ସେ ଚିକିଛାରେ ସବୁ ବିକିଭାଂଗି ସରବ୍‌ସୁଆଁତ୍ ହେଇ ଯାଇଛନ୍। ଏହେଦେ ତାହାକୁ ଝି’ର ଚିକିଛା ଆର କୁଟୁମପୁଷବାର ଚିନ୍‌ତା ଖାଇଯାଉଛେ। ଏନ୍‌ତାଥି ତାକର ମାଏକିନା ନୀଲେନ୍ଦ୍ରି ଲୁକ୍‌କର ଚିର୍‌ହାଫଟା ଲୁଗା ସିଲେଇ କରି ପରିବାର ଚଲଉଥିବାର ଧନେଶ୍ୱର କହିଛନ୍। ଇଆଡ଼େ ଧନେଶ୍ୱରକଁର ବିଜୁ ସ୍ୱାସ୍ଥ୍ୟ ବୀମା କାର୍ଡ ନାଇଥିବାର ଲାଗି ତାକର ଚିକିଛା ବି ମାହାଲିଆ ନାଇଁ ହେଇପାରବାର। ଜିଲା ପରଶାସନ ଇ ଦୁଖି ପରିବାର ଉପରେ ଦୁରୁଷ୍‌ଟି ଦେଇ ବିଜୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମିଲ କରବାକେ ବୁଧିଜୀବୀ ମହଲରେ ଦାବି ହେଉଛେ।



ନିଜର ପରିବାର ସଂଗେ ଧନେଶ୍ୱର ମହାନନ୍ଦ।

–ପ୍ରଦୀପ କୁମାର ସାହୁ

ପୀଡିତାଙ୍କୁ ନ୍ୟାୟ୍ ପାଇଁ ସବୁଠି ପ୍ରତିବାଦର ସ୍ୱର

# ଏବିଭିପି ପକ୍ଷରୁ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ

**ଭବାନୀପାଟଣା,୪।୧୨ (ଡି.ଏନ.ଏ.)**

ହାଇଦ୍ରାବାଦରେ ୨୬ ବର୍ଷୀୟା ମହିଳା ଡାକ୍ତରଙ୍କୁ ଗଣବଳାତ୍କାର ଓ ହତ୍ୟା ଘଟଣା ଏବଂ ପୁରୀ ପୋଲିସ କ୍ୱାର୍ଟର୍ସରେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର ପ୍ରସଙ୍ଗକୁ ନେଇ ସବୁଠି ପ୍ରତିବାଦର ସ୍ୱର ଉଠିଛି। ଗତ ୩ ତାରିଖରେ ଭବାନୀପାଟଣାଠାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଭବାନୀପାଟଣା ଶାଖା ପକ୍ଷରୁ ଏହି ଘଟଣାକୁ ନିନ୍ଦା କରାଯାଇଛି। ଏହା ସହିତ ଦୋଷୀଙ୍କୁ ଫାଶୀଦଣ୍ଡ ଦେବା ପାଇଁ ଏକ ସ୍ମାରକପତ୍ର କଳାହାଣ୍ଡି ଏସ୍‌ପିଙ୍କୁ ପ୍ରଦାନ କରାଯାଇଛି। ଏବିଭିପ ଭବାନୀପାଟଣା ଶାଖା ପକ୍ଷରୁ ସ୍ଥାନୀୟ କଲେଜ ଛକରୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ସହିତ କଳାହାଣ୍ଡି ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ କରି ଏହି ଘଟଣାର ଦୋଷୀମାନଙ୍କୁ ତୁରନ୍ତ ଫାଶୀ ଦଣ୍ଡ ଦେବା ପାଇଁ ଦାବି କରିଥିଲେ। ଏବିଭିପିର ଏକ ପ୍ରତିନିଧି ମଣ୍ଡଳି ଆରକ୍ଷୀ ଅଧୀକ୍ଷକ ବାତୁଲା ଗଙ୍ଗାଧରଙ୍କୁ ସାକ୍ଷାତ କରି ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ହାଇଦ୍ରାବାଦରେ ଭେଟେନେରି ଡାକ୍ତର ପ୍ରିୟଙ୍କା ରେଡ୍ଡିଙ୍କୁ ଯେଉଁମାନେ ବଳାତ୍କାର କରିବା ପରେ ହତ୍ୟା କରିଛନ୍ତି, ସେମାନଙ୍କୁ ତୁରନ୍ତ ଫାଶୀ ଦଣ୍ଡରେ ଦଣ୍ଡିତ କରିବା ସହ ଗତ ୨ ତାରିଖରେ ପୁରୀ ସହରରେ ଜଣେ ନାବାଳିକାକୁ ଚାରି ଜଣ ପୋଲିସ କର୍ମଚାରୀ ଯୋରଜବରଦସ୍ତି ବଳାତ୍କାର କରିବା ଘଟଣାର ସମ୍ପୃକ୍ତ ଦୋଷୀ ଏବଂ କଳାହାଣ୍ଡି ଜାରିଂଠାରେ ଘଟିଥିବା ଗଣବଳାତ୍କାର ଘଟଣା ଓ ରାଇରଙ୍ଗପୁରର ନିରିହା ଅଧ୍ୟାପିକାଙ୍କୁ ବଳାତ୍କାର ମାମଲାର ଦୋଷୀମାନଙ୍କୁ ତୁରନ୍ତ ଫାଷ୍ଟଟ୍ରେକ୍ କୋର୍ଟ୍‌ରେ ବିଚାର କରାଯାଇ ଫାଶିଦଣ୍ଡରେ ଦଣ୍ଡିତ କରିବା ପାଇଁ ଦାବି କରାଯାଇଥିଲା। ପରିଷଦ ନଗର ସମ୍ପାଦକ ଅମିୟଜ୍ୟୋତି ଜେନା, ସହସମ୍ପାଦିକା ଅଙ୍କିତା ପଲାଇ, ମୋନାଲି ମହାଖୁଡ, ମଧୁସ୍ମିତା ସାହୁ, ଅଭିଷେକ୍ ନାଏକ, ଶଙ୍କର ପ୍ରଧାନ, ପୁରୁଷୋତ୍ତମ ବିଶି, ପ୍ରକାଶ ଯାଦବ୍, ଓମ୍‌କାର ଦୀପ୍, ପ୍ରତ୍ୟୁଷ କୁମାର ସାହୁ ଓ ଅଶୋକ ସିଂହଙ୍କ ନେତୃତ୍ୱରେ ଶତାଧିକ ଛାତ୍ରୀଛାତ୍ରମାନେ ଏହି ବିକ୍ଷୋଭ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।




ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏବିଭିପିର ବିକ୍ଷୋଭ ।



ଅନ୍ୟର ମଙ୍ଗଳ କରୁଥିବା ଲୋକ ପ୍ରକୃତରେ ନିଜର ମଙ୍ଗଳ କରେ।
- କନ୍‌ଫୁସିୟସ

**ସଂକ୍ଷେପରେ**

## ଛାତ୍ରବୃତ୍ତି ଆବେଦନ ପତ୍ର ଗ୍ରହଣ କରାଯାଉନି

**ଅମରପାଲି, ୪।୧୨ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଳପଦର କେନ୍ଦୁପତ୍ର ରେଞ୍ଜରେ କେନ୍ଦୁପତ୍ର ତୋଳାଳି ଓ ବନ୍ଧାଇ ଶ୍ରମିକ କଲ୍ୟାଣ ଟ୍ରଷ୍ଟ ଛାତ୍ରବୃତ୍ତି ସହାୟତା ଆବେଦନ ପତ୍ର ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ରେଢ଼ାଖୋଲ ବନଖଣ୍ଡ ଅଧିନ ବହଳପଦର କେନ୍ଦୁପତ୍ର ରେଞ୍ଜ ବଡବର୍ଡାକଟା ଗ୍ରାମର ସୁଦାମ ଗାଇଗରିଆ ଜଣେ କେନ୍ଦୁପତ୍ର ତୋଳାଳି। ଯେତେବେଳେ ତୋଳାଳିମାନଙ୍କର ପ୍ରାପ୍ୟ ବ୍ୟାଙ୍କ ଖାତାରେ ପ୍ରଦାନ କରାଗଲା ସେହି ସମୟରେ ତାଙ୍କ ବାପା କିମ୍ବା ମା'ଙ୍କ ନାମରେ ବ୍ୟାଙ୍କ ଖାତା ନଥିଲା। ସେହି ସମୟରେ ମୁନସି ସୁଦାମଙ୍କ ନାମରେ ତୋଳାଳି କାର୍ଡ କରିଦେଇଥିଲେ। ସେହି ଦିନଠାରୁ ସେ ଫଡିରେ କେନ୍ଦୁପତ୍ର ବିକ୍ରି କରିଆସୁଛନ୍ତି। ଛାତ୍ର ବୃତ୍ତି ଯୋଜନାରେ ଆରମ୍ଭ ବର୍ଷରେ ଆବେଦନ କରି ସୁଦାମ ଓ ତାଙ୍କ କଲେଜ ପଢୁଆ ଭାଇ ସୁବଳ ଗାଇଗରିଆ ସହାୟତା ମଧ ପାଇସାରିଛନ୍ତି। କିନ୍ତୁ ଗତବର୍ଷ ଏହି ଯୋଜନାରେ ତାଙ୍କ ଭାଇର ଆବେଦନ ଫର୍ମଗ୍ରହଣ କରାଗଲା ନାହିଁ। ତା ପରବର୍ତ୍ତୀ ବର୍ଷ ଏହି କାର୍ଡକୁ ସୁଦାମଙ୍କ ବାପା କିମ୍ବା ମାଙ୍କ ନାମରେ ପରିବର୍ତ୍ତନ କରିବାକୁ ତତ୍କାଳୀନ ବହଳପଦର ରେଞ୍ଜର କହିଥିଲେ। କିନ୍ତୁ ଏହି ବର୍ଷ ପରିବର୍ତ୍ତନ କରିବାକୁ କହିବାରୁ ମୁନସୀ ଓ ଫରେଷ୍ଟର ମନା କରିଥିଲେ। ଫଳରେ ଚଳିତ ବର୍ଷ ମଧ ଏହି ସହାୟତା ପାଇବା ପାଇଁ ଅଭିଯୋଗକାରୀଙ୍କ ଭାଇ ବଞ୍ଚିତ ହେବେ। ଏ ନେଇ ସେ ରେଢ଼ାଖୋଲ ବନଖଣ୍ଡ ଅଧିକାରୀ, ସୁବର୍ଣ୍ଣପୁର ଜିଲାପାଳ, ଓଡିଶା ରାଜ୍ୟ ମୁଖ୍ୟ ବନସଂରକ୍ଷକ ଓ ଜଙ୍ଗଲ ଏବଂ ପରିବେଶ ବିଭାଗୀୟ ମନ୍ତ୍ରୀଙ୍କୁ ମଧ ଅଭିଯୋଗ କରିଛନ୍ତି। ଏନେଇ ବହଳପଦର ରେଞ୍ଜ ଅଧିକାରୀ ଅନୁପ ଖେସଙ୍କୁ ପଚାରିବାରୁ ସେ କହିଲେ ଯେ, ଏହି ଯୋଜନାରେ ତୋଳାଳି କିମ୍ବା ସେମାନଙ୍କ ପୁଅଝିଅ ସାମିଲ ହୋଇପାରିବେ। ମାତ୍ର ତୋଳାଳିଙ୍କ ଭାଇ ସାମିଲ ହୋଇପାରିବେ ନାହିଁ।

**ରେଢ଼ାଖୋଲ କେନ୍ଦୁପତ୍ର ଡିଭିଜନ ବହଳପଦର ରେଞ୍ଜ**

## ଅଙ୍ଗନୱାଡି ସହାୟିକା ବହିଷ୍କୃତ

**ଧାମନଗର ୪।୧୨(ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ବ୍ଲକ କାଶିମପୁର(୧) ଅଙ୍ଗନୱାଡି କେନ୍ଦ୍ରର ସହାୟିକା ବିମଳା ଦାସଙ୍କୁ ନକଲି ସାର୍ଟିଫିକେଟ ଦେଇ ଚାକିରି ଆବେଦନ କରିଥିବାରୁ ବହିଷ୍କୃତ କରାଯାଇଛି। ଏଥିସହ ଏ ନେଇ ସିଡିପିଓଙ୍କ ଅଭିଯୋଗ କ୍ରମେ ଧାମନଗର ଥାନାରେ ଏକ ମାମଲା(ନଂ.୨୬୪/୧୯) ରୁଜୁ ହୋଇଛି। ସିଡିପିଓ ନମିତା ଦାସଙ୍କ ସୂଚନା ଅନୁଯାୟୀ, ଉକ୍ତ କେନ୍ଦ୍ରରେ ଅବସ୍ଥାପିତ ଅଙ୍ଗନୱାଡି କର୍ମୀଙ୍କର ସୁପରଭାଇଜର ପଦବୀକୁ ପଦୋନ୍ନତି ହେବା ପରେ ଉକ୍ତ ପଦବୀ ଖାଲି ପଡ଼ିଥିଲା। ବିଜ୍ଞାପନ ଜରିଆରେ ଖାଲି ପଦବୀ ପାଇଁ କେତେଜଣ ଆବେଦନକାରୀ ଦରଖାସ୍ତ କରିଥିଲେ। ଦରଖାସ୍ତ ଯାଞ୍ଚ ପରେ ଆବେଦନକାରୀଙ୍କ ଗ୍ରାମକୁ ତଲବ ପାଇଁ ସୂଚନା ଦିଆଯାଇଥିଲା। କେନ୍ଦ୍ରର ସହାୟିକା ଦାସ ମଧ କର୍ମୀ ପଦବୀ ଲାଗି ଦରଖାସ୍ତ କରିଥିଲେ। ସେ ମାଟ୍ରିକ ପାସ୍ କରିଥିବା ଏକ ନକଲି ସାର୍ଟିଫିକେଟ ଦେଇଥିଲେ। ଯାଞ୍ଚ ସମୟରେ ସହାୟିକାଙ୍କ ସାର୍ଟିଫିକେଟ ନକଲି ବୋଲି ସନ୍ଦେହ ହେବା ସହିତ ଅଭିଯୋଗ ପରେ ତାଙ୍କ ସାର୍ଟିଫିକେଟକୁ ଯାଞ୍ଚ ପାଇଁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେ ଦୁଇଥର ବୋର୍ଡକୁ ଯାଇ ସାର୍ଟିଫିକେଟ ନକଲି ବୋଲି ରିପୋର୍ଟ ବାହାର କରିଥିଲେ। ଏହାପରେ ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବିମଳାଙ୍କୁ ସହାୟିକା ପଦବୀରୁ ବହିଷ୍କୃତ କରାଯାଇଛି।

## ନାବାଳିକା ଅପହରଣ ଘଟଣାରେ ଅଭିଯୁକ୍ତ ଅଟକ

**ସଜନାଗଡ଼,୪।୧୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ଥାନା ଅଞ୍ଚଳର ଜଣେ ନାବାଳିକାକୁ ଅପହରଣ କରି ନିଆଯାଇଥିବା ନେଇ ତାଙ୍କ ବାପା ଗତ ୨ ତାରିଖରେ ପୋଲିସରେ ଅଭିଯୋଗ କରିଛନ୍ତି। ଏନେଇ ନୀଳଗିରି ଥାନାରେ ପୋକ୍ସୋ ଆକ୍ଟ ଅନୁଯାୟୀ ଏକ ମାମଲା (ନଂ. ୩୦୮/୧୯) ରୁଜୁ କରି ତଦନ୍ତ କରିବା ପରେ ପୋଲିସ ସିଆଡ଼ିମାଳ ପଞ୍ଚାୟତ ଅଞ୍ଚଳର ଜଣେ ଅଭିଯୁକ୍ତକୁ ଅଟକ ରଖି ତଦନ୍ତ ଜାରି ରଖିଥିବା ନୀଳଗିରି ଥାନା ସବ୍ ଇନ୍ସପେକ୍ଟର ବାସୁଦେବ ଜୟସିଂହ ସୂଚନା ଦେଇଛନ୍ତି।

# ଧାନକିଣା ସ୍ଥିତି ସୁଧୁରୁନି

**ବଲାଙ୍ଗୀର ଅଫିସ, ୪।୧୨**



ଝାଙ୍କରପାଲି ପ୍ୟାକ୍ସରେ ଧାନ ବିକ୍ରି କରିବାକୁ ଆସିଥିବା ଚାଷୀମାନେ।

ବଲାଙ୍ଗୀର ଜିଲାରେ ଧାନକିଣା ସ୍ଥିତି ସୁଧୁରିନାହିଁ। ପ୍ରଥମରୁ ଟୋକନ ଅବ୍ୟବସ୍ଥାକୁ ନେଇ ଚାଷୀ ହରଡ଼ଘଣାରେ ପଡିଛନ୍ତି। ଏଯାବତ୍ ଏଥିରୁ ନିସ୍ତାର ପାଇ ନ ଥିବା ଚାଷୀ ଏବେ ମଣ୍ଡି ବା ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ)ରେ ଧାନ ବିକ୍ରୟ ପାଇଁ ଆଣିଥିଲେ ମଧ ଏହା ବିକ୍ରି ହୋଇପାରୁ ନ ଥିବାରୁ ଚିନ୍ତାରେ ପଡିଛି। ବଲାଙ୍ଗୀର ଆରଏମ୍‌ସି ଅନ୍ତର୍ଗତ ଝାଙ୍କରପାଲି ପ୍ୟାକ୍ସରେ ଗତ ୬ ଦିନ ହେଲା ଚାଷୀମାନେ ବିକ୍ରୟ କରିବାକୁ ଆଣିଥିବା ଧାନ କିଣାଯାଇନାହିଁ। ଫଳରେ ଚାଷୀମାନେ ହରଡଘଣାରେ ପଡିଛନ୍ତି। ଝାଙ୍କରପାଲି ପ୍ୟାକ୍ସରେ ବୁଧବାର ୭୫୦ ବସ୍ତା ଧାନ ଗଛିତ ରହିଥିବା ଜଣାପଡିଛି। ୧୦ ଜଣ ଚାଷୀଙ୍କ ଏହି ସବୁ ଧାନ ଗତ ଶୁକ୍ରବାରଠାରୁ ପ୍ୟାକ୍ସରେ ପଡିଛି। ଶୁକ୍ରବାର ଏହି ପ୍ୟାକ୍ସରେ ଧାନ କିଣାଯିବା ତାରିଖ ଧାର୍ଯ୍ୟ ରହିଥିଲା। ଟୋକନ ପାଇଥିବା ୧୦ ଜଣ ଚାଷୀ ପ୍ୟାକ୍ସକୁ ଧାନ ଆଣିଥିଲେ। ମାତ୍ର ଆରଏମ୍‌ସି ତରଫରୁ କୌଣସି ଅଧିକାରୀ ନ ଆସିବାରୁ ଧାନକିଣା ଯାଇପାରି ନ ଥିଲା। ଶନିବାର ମଧ କେହି ଅଧିକାରୀ ଆସିନଥିଲେ। ଫଳରେ ଚାଷୀଙ୍କ ଧାନକୁ ପ୍ୟାକ୍ସ ଗୋଦାମରେ ରଖାଯାଇଥିଲା। ଗତ ୬ ଦିନ ହେଲା ଗୋଦାମରେ ଧାନ ରହିଥିଲେ ମଧ ଏହାକୁ କିଣାଯାଇନାହିଁ। ଚାଷୀମାନେ ପ୍ରତିଦିନ ପ୍ୟାକ୍ସକୁ ଆସି ନିରାଶ ହୋଇ ଫେରୁଛନ୍ତି। କୁଟୁମଡୋଲା ଗ୍ରାମର ଚାଷୀ ବୀରଭଦ୍ର ନାଏକ ବିକ୍ରୟ ପାଇଁ ୭୦ କିଇଣ୍ଟାଲ ଧାନ ଆଣି ରଖିଛନ୍ତି। ସେ କହିଛନ୍ତି ଯେ, ଗତ ୬ ଦିନ ହେଲା ତାଙ୍କର ଧାନ କିଣା ହୋଇନାହିଁ। ପ୍ରତିଦିନ ପ୍ୟାକ୍ସକୁ ଆସି ସନ୍ଧ୍ୟା ପର୍ଯ୍ୟନ୍ତ ରହି ଫେରୁଛନ୍ତି। ଏହି କାରଣରୁ ତାଙ୍କର ଅନ୍ୟାନ୍ୟ କାମ ଅଟକି ରହିଛି। ବାନ୍ଧନଘୋରର ଚାଷୀ ଡାକ୍ତର ବିଶ୍ୱାଳ ୩୯ କୁଇଣ୍ଟାଲ ଧାନ ବିକ୍ରି ପାଇଁ ଆଣିଛନ୍ତି। ସେ କହିଛନ୍ତି ଯେ, ପ୍ରତିଦିନ ଆରଏମ୍‌ସି ଅଧିକାରୀମାନେ ଆସିବେ ବୋଲି କହୁଥିଲେ ବି ୬ ଦିନ ହେଲା ଆସିନାହାନ୍ତି। ବଲାଙ୍ଗୀରରୁ ମାତ୍ର ୧୨କିଲୋମିଟର ଦୂର ଝାଙ୍କରପାଲି ପ୍ୟାକ୍ସକୁ ଆରଏମ୍‌ସି ଅଧିକାରୀମାନେ ଯାଇପାରୁ ନ ଥିବାରୁ ଧାନକିଣା ହେଉ ନ ଥିବାବେଳେ ଅନ୍ୟ ଦୂର ସ୍ଥାନର ଅବସ୍ଥା କ'ଣ ଥିବ ବୋଲି ଚାଷୀମାନେ ପ୍ରାନ କରିଛନ୍ତି। କୁଟୁମଡୋଲାର ଚାଷୀ ବିନାୟକ ପ୍ରସାଦ ସିଂଦେଓ ପ୍ୟାକ୍ସରେ ଧାନକିଣା ଆରମ୍ଭ ହୋଇ ନ ଥିବାରୁ ବିକ୍ରି ପାଇଁ ସେ ଧାନ ଆଣିପାରୁ ନ ଥିବା କହିଛନ୍ତି। ଅଧିକାରୀମାନେ ମନମୁଖୀ କାମ କରୁଥିବା ଅଭିଯୋଗ କରିଛନ୍ତି। ଏ ନେଇ ପ୍ୟାକ୍ସରେ ଉପସ୍ଥିତ ଥିବା ଡାଟା ଏଣ୍ଟ୍ରି ଅପରେଟର୍ସ (ଡିଇଓ) ଫରୋଜ ବିଶ୍ୱାଳଙ୍କୁ ପଚରାଯିବାରୁ ଆରଏମ୍‌ସି ଅଫିସରୁ କେହି ଆସି ନ ଥିବାରୁ ଧାନ କିଣା ହେଉନଥିଲା ବୋଲି କହିଥିଲେ। ତେବେ ବୁଧବାର ଜଣେ କ୍ୱାଲିଟି ଅଫିସର ଆସିଛନ୍ତି। ସେ ଧାନର ଟେଷ୍ଟିଂ କଲାପରେ ଧାନ କିଣାଯିବ ବୋଲି କହିଛନ୍ତି। ବୁଧବାର ସ୍ୱାସ୍ଥ୍ୟ ସଚିବ ତଥା ଜିଲା ନୋଡାଲ କମିଶନର ଡା ପ୍ରମୋଦ କୁମାର ମେହେର୍ଦ୍ଦା ବଲାଙ୍ଗୀର ଜିଲା ଗସ୍ତରେ ଆସି ଝାଙ୍କରପାଲି ଆଶ୍ରମ ବିଦ୍ୟାଳୟ, ଅଙ୍ଗନୱାଡି ପରିଦର୍ଶନ କରିଥିଲେ। ତେବେ ଏହି ଆଶ୍ରମ ବିଦ୍ୟାଳୟକୁ ଲାଗି କରି ଥିବା ପ୍ୟାକ୍ସକୁ ତାଙ୍କ ଦୃଷ୍ଟି ପଡି ନ ଥିଲା। ଫଳରେ ଚାଷୀଙ୍କ ଦୁର୍ଦ୍ଦଶା ଦେଖିପାରି ନ ଥିଲେ। ଏହାକୁ ନେଇ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

- ଝାଙ୍କରପାଲି ପ୍ୟାକ୍ସରେ ୬ ଦିନ ହେଲା ପଡିଛି ୭୫୦ ବସ୍ତା ଧାନ
- ଆରଏମ୍‌ସି ଅଧିକାରୀଙ୍କ ଦେଖାନାହିଁ, ଚାଷୀ ହନ୍ତସନ୍ତ
- ନୋଡାଲ କମିଶନରଙ୍କ ଦୃଷ୍ଟି ପଡ଼ିଲାନି

# କୃଷି କାର୍ଯ୍ୟରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ସୋନପୁର,୪।୧୨(ନି.ପ୍ର.)**

ଭାରତର ଅର୍ଥନୀତି ମୁଖ୍ୟତଃ କୃଷି ଉପରେ ନିର୍ଭର କରିଥାଏ। ଦେଶର ୮୦ ପ୍ରତିଶତ ମହିଳା କୃଷି ଏବଂ ଆନୁସଙ୍ଗିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥାନ୍ତି। ଏହି କୃଷିଜୀବୀ ମହିଳାମାନଙ୍କୁ ମାନ୍ୟତା ଓ ସମ୍ମାନ ଦେବା ଉଦ୍ଦେଶ୍ୟରେ ସୋନପୁର କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ କୃଷିଜୀବୀ ମହିଳା ଦିବସ ବୁଧବାର ପାଳିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ମହିଳା ଚାଷୀମାନେ ନିଜର ଦକ୍ଷତା ବୃଦ୍ଧି କରି ସଶକ୍ତଭାରତ ଗଠନରେ ସହଯୋଗ କରିବାକୁ କହିଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ ଆସ୍ତେରିଆ କେର୍କେଟା ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ମହିଳାମାନେ କୃଷି ଏବଂ ଆନୁସଙ୍ଗିକ କୃଷି କାର୍ଯ୍ୟକୁ ଆପଣେଇବା ପାଇଁ ପରାମର୍ଶ ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ଜୀବନଜିତ୍ ସେନ ଚାଷ କାର୍ଯ୍ୟରେ ମହିଳା ମାନଙ୍କର ବହୁମୁଖି ଭୂମିକା ଉପରେ ଆଲୋଚନା କରିଥିଲେ। ବୀରମହାରାଜପୁରର ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ବିଦ୍ୟାଦର ଦାସ, ଡିପିସି ମିଶନ ଶକ୍ତି କାର୍ତ୍ତିକ ଚନ୍ଦ୍ର ନାୟକ, ଡିପିଡି ଆତ୍ମା ତୁଷାର ରଞ୍ଜନ ମିଶ୍ର, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଲୁସି ପ୍ରିୟଦର୍ଶନୀ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଗୀତାଞ୍ଜଳି ପ୍ରଧାନ, ସୁରଜ୍ୟୋତି ପ୍ରଧାନ ଓ ସୁପ୍ରଭା ସେଠୀ ଦିବସ ପାଳନ ସମ୍ପର୍କରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟକ୍ରମ ସହାୟକ ଲୋପାମୁଦ୍ରା ରାୟ ପରିଚାଳନା କରିଥିଲେ।




କୃଷିଜୀବୀ ମହିଳା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ।

# ବିଭିନ୍ନ ସ୍ଥାନ ପରିଦର୍ଶନ କଲେ ସ୍ୱାସ୍ଥ୍ୟ ସଚିବ



ପାଟଣାଗଡଠାରେ ସ୍ୱାସ୍ଥ୍ୟ ସଚିବ ଓ ଜିଲାପାଳ ଆହାର କେନ୍ଦ୍ରରେ ଖାଉଛନ୍ତି।

**ବଲାଙ୍ଗୀର ଅଫିସ/ପାଟଣାଗଡ, ୪।୧୨(ଡି.ଏନ୍.ଏ.)**

ବଲାଙ୍ଗୀର ଗସ୍ତରେ ଆସିଥିବା ସ୍ୱାସ୍ଥ୍ୟ ସଚିବ ତଥା ଜିଲାର ନୋଡାଲ କମିଶନର ଡା ପ୍ରମୋଦ କୁମାର ମେହେର୍ଦ୍ଦା ବୁଧବାର ଜିଲାର ବିଭିନ୍ନ ସ୍ଥାନ ପରିଦର୍ଶନ କରି ଏକାଧିକ ଯୋଜନାର ସମୀକ୍ଷା କରିଥିଲେ। ପ୍ରଥମେ ପଥରଚେପାସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରି ସେଠାରେ ଶିକ୍ଷା କାର୍ଯ୍ୟକ୍ରମର ତଦାରଖ ସହ ସ୍କୁଲର ଟଏଲେଟ୍, ଲ୍ୟାବ ପରିଦର୍ଶନ କରିଥିଲେ। ବାଳିକାଙ୍କ ଟଏଲେଟ୍ ଠିକ୍‌ଠାକ୍ ନଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ସ୍କୁଲ କୋଠାଟି ଅତି କମ୍ ଦିନରେ ଦୟନୀୟ ହୋଇଯାଇଥିବାରୁ ଆରଡି ବିଭାଗର କାର୍ଯ୍ୟକୁ ନେଇ ପ୍ରଶ୍ନ କରିଥିଲେ। ଏହି ସ୍କୁଲ ଅଧ୍ୟକ୍ଷ କ୍ଷମାନିଧି ଝାଙ୍କର ସ୍କୁଲର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ଶିକ୍ଷାଦାନକୁ ନେଇ ସଚିବ ସନ୍ତୋଷ ପ୍ରକାଶ କରିଥିଲେ। ସେଠାରୁ ଝାଙ୍କରପାଲି ଅଙ୍ଗନୱାଡି ସେଣ୍ଟରରେ ମମତା ଯୋଜନା ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ଏହାପରେ ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେଠାରେ ବ୍ଲିଚିଂ ପାଉଡର ପକାଯାଇଥିବା ଦେଖି ସବୁଦିନ ପକାଯାଏ ନାଁ ସେ ଆଜି ଆସିଛନ୍ତି ବୋଲି ପକାଯାଇଛି ବୋଲି ପ୍ରଧାନଶିକ୍ଷକଙ୍କୁ ପ୍ରଶ୍ନ କରିଥିଲେ। ଏହାପରେ ଗେଡାବାଞ୍ଜି ଅଙ୍ଗନୱାଡି ସେଣ୍ଟର, ଚୁଡାପାଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ହଷ୍ଟେଲ, ଚୁଡାପାଲି ସିଏଚ୍‌ସି, ସୁନାମୁଦି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଏହାପରେ ପାଟଣାଗଡ ଅଭିମୁଖେ ଯାଇଥିଲେ। ସେଠାରୁ ବେଲପଡା ଯାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରମାନଙ୍କ ଅନିୟମିତତା ଉପରେ ପ୍ରଶ୍ନ କରିଥିଲେ ଓ ସିଡିଏମଓଙ୍କୁ ତାଗିଦ କରିଥିଲେ। ପାଟଣାଗଡ ଆହାର କେନ୍ଦ୍ରରେ ସଚିବ ମେହେର୍ଦ୍ଦା, ଜିଲାପାଳ ଡାକୁଆ ଖାଦ୍ୟ ଖାଇଥିଲେ। ସ୍ୱାସ୍ଥ୍ୟ ସଚିବ ଡ. ମେହେର୍ଦ୍ଦାଙ୍କ ସହ ବଲାଙ୍ଗୀର ଜିଲାପାଳ ଡାକୁଆ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଡ. ମହେଶ୍ୱର ସ୍ୱାଇଁ, ସିଡିଏମ୍‌ଓ ତଥା ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା ଦୈତାରୀ ସାହୁ, ଉପଜିଲ୍ଲାପାଳ ପାଟଣାଗଡ ସୋମନାଥ ପଧାନ, ପାଟଣାଗଡ ବିଡିଓ ନୀଳମାଧବ ସୁନା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଫେରାର ଅଭିଯୁକ୍ତ କର୍ଣ୍ଣାଟକରୁ ଗିରଫ

**ଆରଡ଼ି, ୪।୧୨ (ଡି.ଏନ.ଏ.)**

ଭଦ୍ରକ ଜିଲା ଧୂଷୁରୀ ଥାନା ଓ ଆରଡ଼ି ଫାଣ୍ଡି ଅନ୍ତର୍ଗତ ବାଙ୍କମୁହାଁ ଗ୍ରାମର ଅଭିଯୁକ୍ତ ସନ୍ତୋଷ କୁମାର ମାଝୀ(୩୬)ଙ୍କୁ କର୍ଣ୍ଣାଟକର ଆନ୍ନାକୁଲମରୁ ପୋଲିସ ଗିରଫ କରିଛି। ବୁଧବାର ତାଙ୍କୁ କୋର୍ଟ ଚାଲାଣ ପରେ ଜିଲା ଉପକାରାଗାରକୁ ପଠାଇ ଦିଆଯାଇଛି। ଉଲ୍ଲେଖନୀୟ ଯେ, ସ୍ଥାନୀୟ ଅଞ୍ଚଳର ଜଣେ ଯୁବତୀ ଗତ ଜୁନ ୧୩ ତାରିଖରେ ବେକରେ ରଶି ଦେଇ ଆତ୍ମହତ୍ୟା କରିଥିଲେ। ସେ ସୁଇସାଇଡ୍ ନୋଟ୍‌ରେ ସନ୍ତୋଷ ତାଙ୍କୁ ବଳାତ୍କାର କରିଥିବା ଓ ମୃତ୍ୟୁ ପାଇଁ ଦାୟୀ ବୋଲି ଲେଖିଥିବା କୁହାଯାଇଥିଲା। ପୋଲିସ ସୁଇସାଇଡ୍ ନୋଟକୁ ଜବତ କରି ତଦନ୍ତ ଚଳାଇଥିଲା। ତାଙ୍କ ଭଉଣୀ ମୃତ୍ୟୁ ପାଇଁ ସନ୍ତୋଷ ଦାୟୀ ବୋଲି ମୃତା ଯୁବତୀଙ୍କ ଭାଇ ଧୂଷୁରୀ ଥାନାରେ ଏତଲା ଦେବା ପରେ ଏକ ମାମଲା(ନଂ.୧୨/୧୯ ) ରୁଜୁ ହୋଇଥିଲା। ସେବେଠାରୁ ଗିରଫ ଭୟରେ ସନ୍ତୋଷ ଫେରାର ଥିଲେ ବୋଲି ପୋଲିସ ସୂଚନା ଦେଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

**■ ପରିବାର ଲୁକ୍‌କର ଅଭିଯୋଗ**

# ପିଇଓ ଦେଇଛନ୍ ଭୁଲ ରିପୋର୍ଟ

**ଲୋଇସିଂହା, ୪।୧୨ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଗୁର୍ଜିଭଟା ଗାଁର ୯୦ ପ୍ରତିଶତ ଦିବ୍ୟାଙ୍ଗ ବିଭୀଷଣ ତରିଆ(୩୫)। ଦିବ୍ୟାଙ୍ଗ ଭତାକେ ଛାଡ଼ିଦେଲେ ବାକି ସବୁ ପରକାର ସରକାରୀ ଯୋଜନାରୁ ସେ ବଁଚିତ୍ ହେଇ ରହିଛନ୍। ଇ ବାବ୍‌ଦେ ଗଲା ନଭେମ୍ବର ୨୫ ତାରିଖ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ 'ସରକାରୀ ଯୋଜନାରୁ ବଁଚିତ୍ ଦିବ୍ୟାଙ୍ଗ ବିଭୀଷଣ' ଶୀର୍ଷକରେ ଖବର ବାହାରିଥିଲା। ଖବର ବାହାରଲାରୁ ପିଇଓ ଓକିଲ ଜୁଏଡ଼ ବିଭୀଷଣକଁର ଘରକେ ଯାଇ ଘଟନାର ତଦଁତ୍ କରି ଜିଲାପାଳକୁଁ ଗୁଟେ ରିପୋର୍ଟ ଦେଇଛନ୍। ସୂଚନା ହିସାବେ, ଯୋଗୀସର୍ଡ଼ା ପଁଚେତ୍ ଅଧୀନ ଗୁର୍ଜିଭଟା ଗାଁର ମା' ବେଦମତୀ ତରିଆ, ସ୍ୱର୍ଗତ ବାପା ମୁଖୀରାମ ତରିଆକଁର ୩ ପୁଅରୁ ବିଭୀଷଣ ତରିଆ (୩୫) ହେଉଛନ୍ ସବାସାନ। ପରିବାର କହେଲେ ମାଏକିନା ସରସ୍ୱତୀ ଆର ଝି' ଆଦ୍ୟାଶାକୁଁ ନେଇ ତାକର ସଁସାର। ବିଭୀଷନ ଝନେ ମୁକ, ବଧିର। ତାକର ପାସେ ୯୦ ପରତିଶତ ଦିବ୍ୟାଙ୍ଗ ପରମାନପତର ବି ରହିଛେ। ଭତାକେ ଛାଡ଼ିଦେଲେ ବାକି କେହେନ୍‌ସି ପରକାର ସରକାରୀ ଯୋଜନାରେ ସେ ଆଏଜ୍‌ତକ ସାମିଲ ହେଇ ନାଇଁପାରି। ତାକଁର ପରିବାର ଲୁକ୍‌କର ଅଭିଯୋଗକେ ଆଧାର କରି ଧରିତ୍ରୀରେ ଖବର ବାହାରିଥିଲା। ସେ ଖବରକେ ସାମାଜିକ କରମୀ ଦୀପା ବାରିକ ମୁଖ୍ୟମନ୍ତ୍ରୀ, ବଲାଙ୍ଗୀର ଜିଲାପାଳକୁଁ ଟୁଇଟ କରିଥିଲେ। ଇତାର ପରେ ପିଇଓ ଓକିଲ ଜୁଏଡ ବିଭୀଷଣକଁର ଘରକେ ଘଟନାର ତଦଁତ୍ ଲାଗି ଯାଇଥିଲେ। ବରଷା ଦିନେ ବିଭୀଷଣକଁର ଭାଂଗିଯାଇଥିବାର ଘରର ଫଟୋ ନେବାର ସଂଗେ ଦିବ୍ୟାଙ୍ଗ ପରମାନପତରର ଗୁଟେ ନକଲ ନେଇଥିଲେ। ବିଭିଷଣର ଘର ଭାଂଗ୍‌ଲା ଦିନୁ କୁଟୁମବସିଆ ଆମର ଘରେ ଆଶ୍‌ରେ ନେଇଛନ୍ ବଲି ଜଳ ତରିଆ କହିଛନ୍। ହେଲେ ପିଇଓ ଜିଲା ପରଶାସନକେ ଦେଇଥିବାର ରିପୋର୍ଟରେ ସବୁ ଉଲଟାପୁଲଟା ଲେଖିଥିବାର ଜାନଲାରୁ ସେ ଦୁଖିମନା ହେଇଛନ୍। ସେ କହିଛନ୍ ଯେ, ବିଭୀଷଣ ଖାଲି ଭତ୍ତା ୩ ଶହ ଟଁକା ମିଲୁଛେ। ଯେହେତୁ ସେ ଝନେ ଦିବ୍ୟାଙ୍ଗ ସେଥିଲାଗି ସେ ସରକାରକଁର ଆବାସ, ଖାଏଦ୍ ସୁରକ୍ଷା ଯୋଜନାରେ ସାମିଲ ହେବାର କଥା। ହେଲେ ଦୁଖର କଥା ଆଏଜ୍‌ତକ ସେ ଇ ସବୁ ସରକାରୀ ଯୋଜନାରୁ ବଁଚିତ୍ ହେଇ ରହିଛେ। ସେ ଚାଷବାସ କରୁଛେ, ହେଲେ କାଳିଆ ଯୋଜନାରେ ବି ତାହାକେ ଗୁରୁତ୍ ନାଇଁ ଦିଆଯାଇ। ଇ ବାବ୍‌ଦେ ଥାନୀଅ ସରପଁଚ୍‌କୁଁ ସେ କହିଥିଲେ। ସରପଁଚ୍ ବିଡିଓକୁଁ ଭେଟି ସବୁ କଥା କହେବାକେ ପରାମଶ ଦେଇଥିବାର ବିଭୀଷଣକଁର ବଡ଼ ଭାଇ କହିଛନ୍। ଇ ବାବ୍‌ଦେ ପିଇଓ ଓକିଲ ଜୁଏଡ଼କୁଁ ପଚରାଲାରୁ ବିଡିଓକଁର ନିରଦେଶରେ ମୁଇଁ ଘଟନାର ତଦଁତ କରି ରିପୋର୍ଟ ଦେଇଛେଁ ବଲି ସେ କହିଥିଲେ। ସେନ୍‌ତା ଇ ବାବ୍‌ଦେ ବିଡିଓକୁଁ ପଚରାଲାରୁ ପିଇଓ ବିଭୀଷଣକଁର ପକାଘର ଅଛେ ବଲି ରିପୋର୍ଟ ଦେଇଛନ୍ ବଲି ସେ କହିଛନ୍।


ଦୀପା ବାରିକ @CharubalaB · 5d
@CMO_Odisha @CollectorBgr @SSEPD2 #ବଲାଙ୍ଗିର ଜିଲ୍ଲା #ଲୁଇସିଂହା ବ୍ଲକ #ଗୁର୍ଜିଭଟା ଗ୍ରାମର #ବିଭିଷଣ ତରିଆ 90% ଭିନ୍ନକ୍ଷମ ଅଟନ୍ତି,#ରାସନ କାର୍ଡ ଓ #ଆବାସ ଯୋଜନାରୁ ବଞ୍ଚିତ, ଦୟାକରି ତାଙ୍କୁ #ଆବାସ ଯୋଜନାରେ ଘରଟିଏ ଓ #ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରିବା ପାଇଁ @rajaaswain କୁ ଅନୁରୋଧ
ସରକାରୀ ଯୋଜନାରୁ ବଁଚିତ୍ ଦିବ୍ୟାଙ୍ଗ ବିଭୀଷଣ
1 2
Collector Balangir @CollectorBgr · 1d
Bibhisan Taria of Gurjibhata.
1. His name is not in the PWL.
2. He has a pucca house as reported by PEO.
3. He will get ration from this time. He has been covered under SFSS.

ଜିଲାପାଳଙ୍କର ଟୁଇଟ୍ ଫଟୋ।

- ୯୦ ପରତିଶତ ଭିନ୍ନକ୍ଷମ ବିଭୀଷଣ
- ଆବାସ, ଖାଏଦ୍ ସୁରକ୍ଷା ଯୋଜନାରୁ ବଁଚିତ
- କୁଟୁମବସିଆ ବଡ଼ଭାଇ ଘରେ ଆଶ୍‌ରେ ନେଇଛନ୍

# ଅବଧି ସରିଲାଣି, ନିର୍ମାଣ କାମ ସରୁନି

**ସୋନପୁର,୪।୧୨(ନି.ପ୍ର.)**

**ସୁବର୍ଣ୍ଣପୁର ରିଂରୋଡ**

ସୁବର୍ଣ୍ଣପୁର ସହରର ତିନିପାର୍ଶ୍ୱକୁ ଘେରି ରହିଛି ମହାନଦୀ ଓ ତେଲନଦୀ। ବର୍ଷା ଋତୁରେ ଏହି ସହରକୁ ବନ୍ୟାଦାଉରୁ ରକ୍ଷା କରିବା ପାଇଁ ନଦୀବନ୍ଧ ତଥା ରିଂରୋଡ ନିର୍ମାଣ ସକାଶେ ମହାରାଜା ବୀରମିତ୍ରୋଦୟ ସଙ୍କଳ୍ପ ନେଇଥିଲେ। ଏଥିପାଇଁ ସେହି ସମୟରେ ପାଣ୍ଠିର ବ୍ୟବସ୍ଥା କରିଥିଲେ। ଉଭୟ ନଦୀରେ ପଥର ବନ୍ଧ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ମାତ୍ର ତାହା ସମ୍ପୂର୍ଣ୍ଣ ହୋଇ ପାରି ନଥିଲା। ସହରର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଓ ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ରିଂରୋଡ ନିର୍ମାଣ ପାଇଁ ବିଧିବଦ୍ଧ ନିଷ୍ପତ୍ତି ନେଇଥିଲେ। ସ୍ଥାନୀୟ ବିଧାୟକ ତଥା ବର୍ତ୍ତମାନର ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଉଦ୍ୟମକ୍ରମେ ୨୦୧୧ମସିହାରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା। ମଝିରେ ସରକାରୀ ଅନୁଦାନ ନ ଥିବାରୁ ୩ ବର୍ଷ କାମ ବନ୍ଦ ଥିଲା। ଏବେ ଆବଶ୍ୟକ ଟଙ୍କା ଥାଇ ମଧ କାମ ହୋଇପାରୁନି। ସହରର ଲାଇଫ ଲାଇନ୍ କୁହାଯାଉଥିବା ଏହି କାର୍ଯ୍ୟର ମନ୍ଥରତାକୁ ନେଇ ବୁଦ୍ଧିଜୀବୀ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ରିଂ ରୋଡର ମହାନଦୀ ବ୍ରିଜ୍‌ରୁ ୧୫୦୦ ମିଟର ରାସ୍ତା ପିଚୁ ପାଇଁ ୩ କୋଟି ୩ ଲକ୍ଷ ୯୭ ହଜାର ଟଙ୍କାର ଟେଣ୍ଡର ହୋଇଛି। ୨୦୧୮ ଡିସେମ୍ବର ୨୪ ତାରିଖରେ ଠିକାଦାର ପୂର୍ତ୍ତ ବିଭାଗ ସହିତ ଚୁକ୍ତିନାମା କରିଛନ୍ତି। ୨୦୧୯ ନଭେମ୍ବର ୨୩ତାରିଖରେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା କଥା। କିନ୍ତୁ ପିଚୁ କାମ ତ ଦୂର ମାଟି ସମତଳରେ ହିଁ କାମ ଅଟକିଛି। ସେହିପରି ୫ କୋଟି ୯୧ଲକ୍ଷ ୭୧ ହଜାର ଟଙ୍କା ବ୍ୟୟରେ ତେଲନଦୀ ବ୍ରିଜ୍‌ରୁ ବଡବଜାର ପର୍ଯ୍ୟନ୍ତ ୨୪୦୦ମିଟର ରାସ୍ତା ପିଚୁ, ରିଟେନିଂ ୱାଲ ଓ ୨ଟି ପୋଲ ନିର୍ମାଣ ହେବ। ଟେଣ୍ଡର ପ୍ରକ୍ରିୟା ପରେ ଠିକାଦାର ୨୦୧୯ ଫେବୃୟାରୀ ୬ ତାରିଖରେ ଚୁକ୍ତିନାମା କରିଛନ୍ତି। ଜୁନ୍ ୫ତାରିଖ ସୁଦ୍ଧା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା କଥା। କିନ୍ତୁ ପିଚୁ କାମ ଆଦୌ ଆରମ୍ଭ ହୋଇନି। କାମ ମନ୍ଥର ଗତିରେ ଚାଲିଛି। ପ୍ରାକ୍ତନ ଜିଲାପାଳ ମଧୁସୂଦନ ମିଶ୍ର ଗତ ଜୁନ୍ ମାସ ୨୩ ତାରିଖରେ କାର୍ଯ୍ୟର ସମୀକ୍ଷା କରି ସମ୍ପୃକ୍ତ ଠିକାଦାରଙ୍କୁ କୈଫିୟତ ମାଗିବାକୁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଆବଶ୍ୟକ ପଡିଲେ ଇଏମଡି ବ୍ୟାଜ୍ୟାପ୍ତି ସହ ପୁନଃ ଟେଣ୍ଡର ଆହ୍ୱାନ ପାଇଁ ପଦକ୍ଷେପ ନେବାକୁ କହିଥିଲେ। ମାତ୍ର ସେମିତି କିଛି ବି ହେଲାନି। ଠିକାଦାର ସେମାନଙ୍କ ମର୍ଜିରେ କାମ କରୁଛନ୍ତି। ଅନ୍ୟପକ୍ଷେ ରିଂ ରୋଡର ମିସିଂ ଲିଙ୍କ କୁମ୍ଭାରପଡାରୁ ଦଶମତି ଘାଟ ୩୯୩ ମିଟର ଲମ୍ବ ରାସ୍ତା ପୋର୍ଟାଲ ଫ୍ରେମ୍ ବ୍ରିଜ୍ ହେବ। ନଦୀପାର୍ଶ୍ୱରେ କଂକ୍ରିଟ୍ ରିଟେନିଂ ୱାଲ ନିର୍ମାଣ କରାଯିବ। ଏଥିପାଇଁ ୪୫ କୋଟି ୮୦ ଲକ୍ଷ ଟଙ୍କାର ଟେଣ୍ଡର ହୋଇଛି।



ମହାନଦୀ ବ୍ରିଜ୍‌ରୁ ଘୋଡାଘାଟପଡା ରିଂ ରୋଡ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି।

**ପୋର୍ଟାଲ ଫ୍ରେମ୍ ବ୍ରିଜ୍ ପାଇଁ ଠିକାସଂସ୍ଥା ଚୁକ୍ତିନାମା କରିନି**

ଏଆରଏସଏସ ଇନ୍‌ଫ୍ରାଷ୍ଟ୍ରକ୍‌ଚର ପ୍ରାଇଭେଟ ଲିମିଟେଡ ନଭେମ୍ବର ମାସ ଦ୍ୱିତୀୟ ସପ୍ତାହରୁ ଟେଣ୍ଡର ପାଇଲାଣି। ହେଲେ ଏହି ଠିକା ସଂସ୍ଥା କାର୍ଯ୍ୟ କରିବା ପାଇଁ ପୂର୍ତ୍ତ ବିଭାଗ ସହିତ ବର୍ତ୍ତମାନ ପର୍ଯ୍ୟନ୍ତ ଚୁକ୍ତିନାମା କରିନି। ଏଭଳି ସ୍ଥିତିରେ ଏହି ପ୍ରକଳ୍ପ କାର୍ଯ୍ୟ ଆହୁରି ବିଳମ୍ବିତ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ. ଅସିତ କୁମାର ବଡପଣ୍ଡା କୁହନ୍ତି ନିର୍ଦ୍ଧାରିତ ସମୟରେ ଠିକାଦାର କାମ ସମ୍ପୂର୍ଣ୍ଣ କରି ନାହାନ୍ତି। ଶିଘ୍ର କାମ ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଛୁ। ଅଧିକ ବିଳମ୍ବ ହେଲେ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

DHARITRI
ସମ୍ବଲପୁର, ଗୁରୁବାର, ୫ ଡିସେମ୍ବର ୨୦୧୯



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ସଂକ୍ଷେପରେ

■ ଜାଲ୍ ସାର୍ଟିଫିକେଟ୍

### ଚାକିରିରୁ ତଡ଼ା ଖାଇଲେ ୫ ଶିକ୍ଷକ

**ବଲାଙ୍ଗୀର ଅଫିସ, ୪।୧୨**
ଜାଲ ସାର୍ଟିଫିକେଟ୍ ଦେଇ ବଲାଙ୍ଗୀର ଜିଲାର ବିଭିନ୍ନ ସ୍କୁଲରେ ଚାକିରି କରୁଥିବା ୫ ଜଣ ଶିକ୍ଷକଙ୍କୁ ବିଦା କରାଯାଇଛି । ଏହି ଶିକ୍ଷକମାନେ ଜାଲ ସାର୍ଟିଫିକେଟ୍ ଦେଇ ଚାକିରି କରୁଥିବା ଯାଞ୍ଚବେଳେ ଜଣାପଡିଥିଲା । ଏହାପରେ ଜିଲାପାଳ ଅରିନ୍ଦମ ଡାକୁଆଙ୍କ ନିର୍ଦ୍ଦେଶକ୍ରମେ ସେହି ୫ ଶିକ୍ଷକଙ୍କୁ ଚାକିରିରୁ ବିଦା କରାଯାଇଛି। ଏହି ଶିକ୍ଷକମାନେ ହେଲେ ବଲାଙ୍ଗୀର ବ୍ଲକ ବଘାପାଲି ସରକାରୀ ଏନ୍‌ୟୁପି ସ୍କୁଲର ଶିକ୍ଷୟିତ୍ରୀ ସଂଘମିତ୍ରା ପରିଡା, ଦେଓଗାଁ ବ୍ଲକ୍ ବାଙ୍କିଆମୁଣ୍ଡା ଏନ୍‌ୟୁପି ସ୍କୁଲ ଶିକ୍ଷୟିତ୍ରୀ ମିତାଲି ସିଂ, ଗୁଡଭେଲା ବ୍ଲକ୍ ଟିକ୍ରିପଡା ଏନ୍‌ୟୁପି ସ୍କୁଲର ଶିକ୍ଷୟିତ୍ରୀ ମଧୁମିତା ରାଉତ୍, ଖପ୍ରାଖୋଲ ବ୍ଲକ ବରତିଆ ଏନ୍‌ୟୁପି ସ୍କୁଲ ଶିକ୍ଷକ ମୃତ୍ୟୁଞ୍ଜୟ ମହାପାତ୍ର ଓ ମୁରିବାହାଲ ବ୍ଲକ୍ ଅଣ୍ଡାଲଦର୍ହ ଏନ୍‌ୟୁପି ସ୍କୁଲ ଶିକ୍ଷକ ରଞ୍ଜିତ କୁମାର ପ୍ରଧାନ । ଏହି ଶିକ୍ଷକମାନେ କର୍ଣ୍ଣାଟକ ୟୁନିଭର୍ସିଟିର ଜାଲ ଡିଗ୍ରୀ, ବିଏଡ୍ ସାର୍ଟିଫିକେଟ ତଥା ମାର୍କସିଟ୍ ଦେଇ କନିଷ୍ଠ ଶିକ୍ଷକଭାବେ କାର୍ଯ୍ୟ କରୁଥିଲେ । ନିଯୁକ୍ତି ସମୟରେ ଏମାନେ ଧରାପଡି ନ ଥିଲେ । ଏବେ ଯାଞ୍ଚ ପରେ ଏମାନଙ୍କ ସାର୍ଟିଫିକେଟ୍ ଜାଲ ବୋଲି ଜଣାପଡିଥିଲା । ପୂର୍ବରୁ ଗତ ୧୯ ତାରିଖ ଜାଲ ସାର୍ଟିଫିକେଟ୍ କାରଣରୁ ୧୦ ଜଣ ଶିକ୍ଷକଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି। ଏ ନେଇ ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କାଙ୍କୁ ପଚାରିବାରୁ ସାର୍ଟିଫିକେଟ୍ ଯାଞ୍ଚ କାର୍ଯ୍ୟ ଜାରି ରହିବ ଓ ଆଗକୁ ଏଭଳି ଘଟଣା ସାମ୍ନାକୁ ଆସିଲେ ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

### ନିଶା ଯୁବଗୋଷ୍ଠୀଙ୍କୁ ବିପଥଗାମୀ କରୁଛି

**ଅମରପାଲି, ୪।୧୨ (ଡି.ଏନ.ଏ)**
ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ ଆନୁକୂଲ୍ୟରେ ସ୍ଥାନୀୟ ମହାବିଦ୍ୟାଳୟରେ ଏକ ନିଶା ନିବାରଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ମୂରଲୀଧର ହୋତାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ଉପଖଣ୍ଡୀୟ ଚିକିତ୍ସାଳୟର ଅଧିକାରୀ ଡା. ସଞ୍ଜୟ କୁମାର ମହାପାତ୍ର, ଡା. ପ୍ରକାଶ ମହାନ୍ତି, ପିଏଚଇଓ ହରିବୋଲ ଭୋଇ, ସ୍ୱାସ୍ଥ୍ୟ ନିରୀକ୍ଷକ ନିରଞ୍ଜନ ମିଶ୍ର, ବିଏମପି ମହେନ୍ଦ୍ର ମିଶ୍ର ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ନିଶା ନିବାରଣ କରିବା ପାଇଁ ସଚେତନ କରିଥିଲେ। ଅଧାପକ ସତ୍ୟନାରାୟଣ ଦାଶ, ଯାମିନୀ ଦାଶ ନିଶାସେବନର କୁଫଳ ସମ୍ପର୍କରେ ମତ ପ୍ରଦାନ କରିଥିଲେ । ଫଟୋ ଯାଇଛି ।

# ମିଲରଙ୍କ ମର୍ଜିରେ ଚାଲିଛି ମଣ୍ଡି

■ଜରି ପ୍ୟାକେଟରେ ଆସିଥିବା ଧାନ ନେବାକୁ ମନାକଲେ
■ଶୀତ କାକରରେ ମଣ୍ଡିରେ ଧାନ ଜଗିଛନ୍ତି ଚାଷୀ

**ଗୁଡଭେଲା,୪।୧୨(ଡି.ଏନ.ଏ.)**
ସରକାର ଚାଷୀଙ୍କଠାରୁ ସିଧାସଳଖ ଧାନ କିଣିବା ପାଇଁ ଯୋଜନା କରିଛନ୍ତି। ହେଲେ ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକରେ ଥିବା ମଣ୍ଡିଗୁଡିକ ମିଲର୍ସଙ୍କ ଭରସାରେ ମଣ୍ଡି ଚାଲିଥିବା ଅଭିଯୋଗ ହୋଇଛି । ବୁଧବାର ଏହି ବ୍ଲକ ଅନ୍ତର୍ଗତ ନୂଆପଡା ପ୍ରାଥମିକ ସମବାୟ ସମିତି ମଣ୍ଡିକୁ ୧୮ଜଣ ଚାଷୀଙ୍କ ପ୍ରାୟ ୨୭ଶହ ପ୍ୟାକେଟ ଧାନ ଆସିଥିଲା। ହେଲେ ଚାଷୀମାନଙ୍କୁ ବିଭିନ୍ନ ଆଳ ଦେଖାଇ ମିଲର ହଇରାଣ କରୁଥିବା ଅଭିଯୋଗ ହେଉଛି । ତପ ସାହୁ ନାମକ ଜଣେ ଚାଷୀ କହିଛନ୍ତି ଯେ, ଆମେ ଜରି ବସ୍ତାରେ ଧାନ ଆଣିଥିବାରୁ ଗଜନନ ରାଇସ ମିଲ ପ୍ରତିନିଧି ପିଣ୍ଟୁ ଶର୍ମା ଉକ୍ତ ଧାନ ନେବା ପାଇଁ ମନା କରି ଦେଇଛନ୍ତି। ଆଉ କେତେକ ଚାଷୀଙ୍କ କହିବା କଥା ହେଲା ବିଭିନ୍ନ ଆଳ ଦେଖାଇ ମିଲର ୩ରୁ ୫ କେଜି ପର୍ଯ୍ୟନ୍ତ କଟନି ଛଟନି କରିବାକୁ କହିବାରୁ ଆଜି ମଣ୍ଡିରୁ ଧାନ ଉଠିପାରିଲା ନାହିଁ । ଏଣୁ ଶୀତ କାକରରେ ଏବେ ଚାଷୀ ଦିନ ରାତି ନିଜ କଷ୍ଟ ଉପାର୍ଜିତ ଧାନକୁ ଜଗି ବସିଛି। ଅନ୍ୟ କେତେକ ଚାଷୀ ବାଧ ହୋଇ କମ୍ ଦରରେ ଖୋଲା ବଜାରରେ ଧାନ ବିକ୍ରି କରୁଥିବା ଦେଖିବାକୁ ମିଳୁଛି ।

ଚଳିତ ବର୍ଷ ୧୫ତାରିଖରୁ ବଲାଙ୍ଗୀର ଜିଲାରେ ଧାନ ମଣ୍ଡି ଖୋଲିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଥିଲା। ପ୍ରାଥମିକ ସମବାୟ ସମିତି ମାଧମରେ ଗୁଡଭେଲା ବ୍ଲକର ଆଠଟି ସ୍ଥାନରେ ମଣ୍ଡି ଖୋଲିବା ପାଇଁ ଧାର୍ଯ୍ୟ କରାଯାଇଛି । ଏହି ପରିପେକ୍ଷୀରେ ନୂଆଁପଡା ପ୍ରାଥମିକ ସମବାୟ ସମିତି ପକ୍ଷରୁ ୨୭ ତାରିଖରୁ ମଣ୍ଡି ଆରମ୍ଭ ହୋଇଛି। ୩୩୨ ଜଣ ଚାଷୀଙ୍କୁ ଟୋକନ ମିଳିଥିଲେ ମଧ ୩ତାରିଖ ସୁଦ୍ଧା ୨୧ଜଣ ଚାଷୀଙ୍କଠାରୁ ପ୍ରାୟ ୧୦୬୩ କୁଇଣ୍ଟାଲ ୭୫ କେଜି ଧାନ କ୍ରୟ ହୋଇଛି । ଏନେଇ ପ୍ୟାକ୍ସ ସମ୍ପାଦକ ତଥା ଧାନ କ୍ରୟ ଦାୟିତ୍ୱରେ ଥିବା ଅଧିକାରୀ ଗକୁଲା ପ୍ରଧାନଙ୍କୁ ପଚାରିବାକୁ କହିଛନ୍ତି ଯେ, ଗଜାନନ ରାଇସ୍ ମିଲ୍ ମାଲିକ ଜରି ପ୍ୟାକେଟ ଥିବା ଦର୍ଶାଇ ଧାନ ଉଠାଇବାକୁ ମନା କରିଦେଇଥିଲେ । ଏଣୁ ଗୁରୁବାର ଧାନ ଉଠାଯିବ ବୋଲି କହିଛନ୍ତି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ଅଭିରାମ ପ୍ରଧାନଙ୍କୁ ପଚାରିବାରୁ ମିଲର ଏପରି କରିପାରିବେ ନାହିଁ । ଏ ସମ୍ପର୍କରେ ଗଜାନନ ରାଇସର ପ୍ରତିନିଧି ପିଣ୍ଟୁ ଶର୍ମାଙ୍କୁ ପଚାରିବାରୁ କହିଛନ୍ତି ଯେ, ଗାଇଡ ଲାଇନରେ ଜରି ପ୍ୟାକେଟ ମନା ଥିବାରୁ ଧାନ ଉଠାଇଲୁ ନାହିଁ । ଏ ଦିଗରେ ଜିଲା ପ୍ରଶାସନ ଦୃଷ୍ଟିଦେବାକୁଚାଷୀ ମହଲରେ ଦାବି ହେଉଛି ।



ନୂଆପଡା ମଣ୍ଡିକୁ ଚାଷୀମାନେ ଜରି ପ୍ୟାକେଟରେ ଆଣିଥିବା ଧାନ।

## ୩ ମାସ ନ ଯାଉଣୁ କଂକ୍ରିଟ ରାସ୍ତାରେ ଫାଟ

**ଲୋଇସିଂହା, ୪।୧୨(ଡି.ଏନ.ଏ.)**
ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ)-ବୁର୍ଡା ରାସ୍ତାର କଂକ୍ରିଟକରଣର ୩ମାସ ନଯାଉଣୁ ଫାଟ ଦେଖାଦେଇଛି। ଫଳରେ ରାସ୍ତାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନ ଉଠିଛି। ନିମ୍ନମାନର କାମ ଯୋଗୁ ଏପରି ହୋଇଥିବା ଅଭିଯୋଗ ହୋଇଛି। ସୂଚନାମତେ,ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ବୁର୍ଡାରୁ ଆଗଲପୁର ବ୍ଲକ ନଅଗାଁ(ଖ)କୁ ରାସ୍ତା ସଂଯୋଗୀକରଣ ରହିଛି । ଉକ୍ତ ୩କିମି ମାଟି ରାସ୍ତା ଶୋଚନୀୟ ହୋଇପଡିଛି। ଉକ୍ତ ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ସାମିଲ କରି ଉନ୍ନତୀକରଣ ସକାଶେ ଅଞ୍ଚଳବାସୀ ଦୀର୍ଘଦିନରୁ ଜିଲା ପ୍ରଶାସନ ଓ ଜନ ପ୍ରତିନିଧିଙ୍କ ନିକଟରେ ଦାବି କରି ଆସୁଛନ୍ତି। ହେଲେ ଅବସ୍ଥାରେ ସୁଧାର ଆସୁନାହିଁ। ଏହିକ୍ରମରେ ୩ ମାସ ତଳେ ଆଗଲପୁର ବ୍ଲକ ନଅଗାଁ(ଖ)ପଞ୍ଚାୟତ ତରଫରୁ ନଅଗାଁ(ଖ)-ବୁର୍ଡା ରାସ୍ତା କଂକ୍ରିଟକରଣ କାମ ହାତକୁ ନିଆଯାଇଥିଲା। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପାଣ୍ଠିରୁ ୨୦୧୮-୧୯ ଆର୍ଥିକ ବର୍ଷ ୧୦ଲକ୍ଷ ବ୍ୟୟ ଅଟକଳରେ ରାସ୍ତା ଓ ପୋଲ ମରାମତି କରାଯାଇଛି। ମରାମତି ପରେ କିଛିକାଂଶରେ ସମସ୍ୟା ଦୂର ହୋଇ ପାରିବ ବୋଲି ଅଞ୍ଚଳବାସୀ ଆଶା କରିଥିଲେ । ଉକ୍ତ ୩ କିମି ରାସ୍ତାର ଶୋଚନୀୟତାକୁ ଦୃଷ୍ଟିରେ ରଖି ଉନ୍ନତ କାମ ଆଶା କରିଥିଲେ ଜନସାଧାରଣ। ହେଲେ ନିମ୍ନମାନର କାମ ଯୋଗୁ ଅଳ୍ପଦିନରେ ରାସ୍ତାରେ ଫାଟକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ନଅଗାଁ(ଖ) ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟବ୍ରତ କହ୍ନେରଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇ ଥିଲେ ସୁଦ୍ଧା ପ୍ରତିକ୍ରିୟା ମିଳି ପାରିନାହିଁ।



ରାସ୍ତାରେ ସୃଷ୍ଟି ହୋଇଥିବା ଫାଟ।

## ହରିଶଙ୍କର ଝରଣା ସଫେଇ କଲେ ସରକାରୀ କର୍ମଚାରୀ

**ଖପ୍ରାଖୋଲ, ୪।୧୨(ଡି.ଏନ.ଏ.)**
ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ତଥା ଆଧ୍ୟାତ୍ମିକ କ୍ଷେତ୍ର ହରିଶଙ୍କର। ଦୁଇଦିନ ତଳେ ପାଟଣାଗଡ ଉପଜିଲାପାଳ ସ୍ୱଚ୍ଛତାକୁ ଗୁରୁତ୍ୱ ଦେବା ସହ ସ୍ୱୟଂ ସହାୟକ ଦଳ ମହିଳାଙ୍କୁ ସଫେଇ ପାଇଁ ସାମିଲ କରିଛନ୍ତି। ହେଲେ ଝରଣା ଏବଂ ପାରିପାର୍ଶ୍ୱିକ ସ୍ଥାନରେ ପଲିଥିନ ଓ ମଇଳା ରହିଥିବାରୁ ଏହାକୁ ସଫେଇ ପାଇଁ ବାହାରିଥିଲେ ବ୍ଲକ ସରକାରୀ କର୍ମଚାରୀ । ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଣୀ ସୁନାଙ୍କ ନେତୃତ୍ୱରେ ୫୦ରୁ ଉର୍ଦ୍ଧ୍ୱ କର୍ମଚାରୀ ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସେଲାପଥର ଉପରୁ କ୍ଷୁଦ୍ର ଜଳସେଚନ ପୋଖରୀ ଯାଏଁ ସଫେଇ କରିଥିଲେ। କାର୍ଯ୍ୟକ୍ରମରେ ଜିପିଇଓ ସୁଶାନ୍ତ ପାଣି, ସିଡିପିଓ ପ୍ରମିଳା ମହାନ୍ତି, ସୁପରଭାଇଜର ପଙ୍କଜିନି ମିଶ୍ର, ଅଞ୍ଜଳି ମିଶ୍ର, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ସରିତା କୁଜୁରୁଙ୍କ ସମେତ ବ୍ଲକର କର୍ମଚାରୀ ସାମିଲ ହୋଇଥିଲେ ।



ବ୍ଲକ ଅଫିସ କର୍ମଚାରୀମାନେ ସଫେଇ କାର୍ଯ୍ୟରେ ଲାଗିଛନ୍ତି।

## ଗୁରୁତର ଆହତ ଶ୍ରମିକ ଗାଏବ ଅଭିଯୋଗ

**ବଲାଙ୍ଗୀର ଅଫିସ, ୪।୧୨:** ବଲାଙ୍ଗୀର ସଦର ଥାନାରେ ବୁଧବାର ଏକ ବିଚିତ୍ର ଘଟଣାକୁ ନେଇ ଅଭିଯୋଗ ଦାଖଲ ହୋଇଛି। ଅଭିଯୋଗରେ ଜଣେ ବାହାର ରାଜ୍ୟର ଯୁବ ଶ୍ରମିକ ଗୁରୁତର ଅବସ୍ଥାରେ ଭୀମଭୋଇ ମେଡିକାଲ କଲେଜ ହସପିଟାଲରୁ ବୁର୍ଲା ଭୀମସାର ହସପିଟାଲକୁ ସ୍ଥାନାନ୍ତର ହୋଇଥିଲେ ମଧ ସେ ସେଠାରେ ପହଞ୍ଚି ନାହାନ୍ତି। ତାଙ୍କର କୌଣସି ପତ୍ତା ମିଳୁ ନ ଥିବା ଏତଲାରେ ଉଲ୍ଲେଖ କରାଯାଇଛି। ଅଭିଯୋଗ ପାଇବା ପରେ ସଦର ଥାନାରେ ଏକ ଷ୍ଟେଶନ୍ ଡାଇରୀ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିବା ଥାନା ଅଧିକାରୀ ତୋଫାନ୍ ବାଗ କହିଛନ୍ତି। ମାଧିଆପାଲି ଗ୍ରାମର ବିହାରୀଲାଲ ମିଶ୍ର ଅଭିଯୋଗ କରିଛନ୍ତି ଯେ, ଗତ ନଭେମ୍ବର ୨୩ ତାରିଖ ଦିନ ବଲାଙ୍ଗୀର ସହର ଉପକଣ୍ଠ ମାଧିଆପାଲି ବାଇପାସ୍ ରାସ୍ତା କଡ ତାଙ୍କ କ୍ଷେତ ନିକଟ ଓଫିସିଏସ୍‌ଲ ଟାୱାରରୁ ଜଣେ ଯୁବ ଶ୍ରମିକ ଖସି ପଡିଥିଲେ। ଉକ୍ତ ଯୁବକଙ୍କ ନାମ ଲୁନା ଲାମ ଓ ସେ ପଶ୍ଚିମବଙ୍ଗର ଶ୍ରମିକ ଥିଲେ। ତାଙ୍କ ପାଟି, କାନରୁ ରକ୍ତ ବାହାରୁଥିଲା।କେତେକ ଶ୍ରମିକ ଡିଜିଏମ୍ ଓ ଏସଡିଓଙ୍କ ସହ ଯୁକ୍ତିତର୍କ କରୁଥିଲେ। ସେଠାରୁ ଏସଡିଓ ସମ୍ପୃକ୍ତ ଆହତ ଯୁବକଙ୍କୁ ଭୀମଭୋଇ ମେଡିକାଲ କଲେଜ ନେଇଥିଲେ। ଗୁରୁତର ଅବସ୍ଥା ଥିବାରୁ ସମ୍ପୃକ୍ତ ଶ୍ରମିକଙ୍କୁ ବୁର୍ଲା ସ୍ଥାନାନ୍ତରଣ କରିବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲା ଦର୍ଶାଯାଇଛି। ତେବେ ସେହି ଶ୍ରମିକ ଜଣକ ବୁର୍ଲା ମେଡିକାଲକୁ ପହଞ୍ଚି ନ ଥିବା ଅଭିଯୋଗକାରୀ ମିଶ୍ର ଦର୍ଶାଇ ଏ ନେଇ ତଦନ୍ତ କରିବାକୁ ଜଣାଇଛନ୍ତି। ଏ ନେଇ ଅଧିକ ତଦନ୍ତ କରାଗଲେ ଅନେକ ଘଟଣା ଲୋକଲୋଚନକୁ ଆସିବ ବୋଲି କହିଛନ୍ତି।



ଜରାସିଂହା ବୁଢ଼ିଆଇ ମନ୍ଦିର ପ୍ରାଙ୍ଗଣରେ ପାଟଖଣ୍ଡା ମହୋତ୍ସବର ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

■ ପାଟଖଣ୍ଡା ମହୋତ୍ସବ ପାଇଁ ପ୍ରସ୍ତୁତି

## ରାବଣ ଦରବାର ମୁଖ୍ୟ ଆକର୍ଷଣ

**ଗଠିତ ହେଲା ନୂତନ କମିଟି**

**ଦେଓଗାଁ, ୪।୧୨(ଡି.ଏନ.ଏ.)**
ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହା ମିନିଷ୍ଟାଡିୟମରେ ଆସନ୍ତା ଜାନୁୟାରୀ ମାସ ତୃତୀୟ ସପ୍ତାହରେ ସ୍ଥାନୀୟ ବିଏନଏଏ ସଂଘ ସହଯୋଗରେ ୧୦ମ ପାଟଖଣ୍ଡା ମହୋତ୍ସବ ଆୟୋଜନ ହେବ। ଏଥିପାଇଁ ବୁଧବାର ସନ୍ଧ୍ୟାରେ କମିଟି ଚୟନ ତଥା ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେରଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ସର୍ବସମ୍ମତିକ୍ରମେ ମହୋତ୍ସବ କମିଟି ସଭାପତିଭାବେ ଲକ୍ଷ୍ମଣ ମେହେର, ଉପସଭାପତି ଉମାଶଙ୍କର ସିଂ, ସମ୍ପାଦକ କୈଳାସ କର୍ତ୍ତି, କୋଷାଧକ୍ଷଭାବେ ଓଁକାର ମେହେର ମନୋନୀତ ହୋଇଥିଲେ। ନରସିଂହ ଦଣ୍ଡସେନା, ଦୁର୍ଗା ପ୍ରସାଦ ସିଂଦେଓ, ମୂରଳୀଧର ମେହେର, କରୁଣାକର ମେହେର, ପ୍ରଦୀପ୍ତ ପୁଟେଲ, ନିରଞ୍ଜନ ପୁଟେଲ, ପ୍ରମୋଦ ସିଂ ନିନା, ବୃନ୍ଦାବନ ଭୋଇ, କାର୍ତ୍ତିକ ମେହେର, ବିଜୟ ଦଣ୍ଡସେନା, ରାଜକିଶୋର ସେଠ ପ୍ରମୁଖଙ୍କୁ ନେଇ ୨୨ ଜଣିଆ ପରିଚାଳନା କମିଟି ଗଠନ କରାଯାଇଥିଲା। ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଡ.ଘାସିରାମ ମିଶ୍ର ଓ ଦୟାନିଧି ମେହେରଙ୍କୁ ଉପଦେଷ୍ଟା କମିଟିରେ ରଖାଯାଇଛି। ଚଳିତବର୍ଷ ଦିନବେଳା ସ୍ଥାନୀୟ ମହିଳା ଓ ପୁରୁଷ କଳାକାରଙ୍କୁ ନେଇ ଝୋଟି, ପିଠା, ହଳିଆ ଗୀତ ଓ ପରଭା ନୃତ୍ୟ ପ୍ରତିଯୋଗୀତା ଅନୁଷ୍ଠିତ ହେବ। ଏହି ଅବସରରେ କଳା ସାହିତ୍ୟ ଓ ସଂସ୍କୃତିରେ ଜରାସିଂହା ଜମିଦାରୀ ଅଞ୍ଚଳର ବଲାଙ୍ଗୀର ଓ ଓଡିଶାକୁ ଅବଦାନ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହେବ ବୋଲି ସିଦ୍ଧାନ୍ତ ଗ୍ରହଣ କରାଯାଇଛି । ମହୋତ୍ସବ ଅବସରରେ ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାରେ ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ହାତକୁ ନେଉଥିବା ୮ଟି ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯିବ । ଏଥିସହ ରବିନ୍ଦ୍ର କୁମାର ସାହୁ ଓ ସାଥୀଙ୍କ ଦ୍ୱାରା ପ୍ରତ୍ୟେକ ଦିନ ରାବଣ ଦରବାର ଅନୁଷ୍ଠିତ ହେବ ।

## ଆମ୍ବେଡ଼କର ଫେଲୋଶିପ୍ ପାଇଁ ଭୁବନେଶ୍ୱର, କପିଳ ମନୋନୀତ

**ଖପ୍ରାଖୋଲ, ୪।୧୨(ଡି.ଏନ.ଏ.)**
ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋରର ଭୁବନେଶ୍ୱର ବାରିକ ଓ କପିଳ ସୁନା ବାବାସାହେବ ଆମ୍ବେଦକର ଜାତୀୟ ଫେଲୋଶିପ୍ ସମ୍ମାନ-୨୦୧୯ ପାଇଁ ମନୋନୀତ ହୋଇଛନ୍ତି। ସୂଚନା ଅନୁସାରେ ଭାରତୀୟ ଦଳିତ ସାହିତ୍ୟ ଏକାଡେମୀ ତରଫରୁ ବିଭିନ୍ନ କ୍ଷେତ୍ରରେ ପାରିଦର୍ଶିତା ଲାଭ କରିଥିବା ବ୍ୟକ୍ତିଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଉଛି। ଚଳିତ ବର୍ଷ ଦିଲୀଠାରେ ହେବାକୁ ଥିବା ଭାରତୀୟ ଦଳିତ ସାହିତ୍ୟ ଏକାଡେମୀର ୩୫ତମ ଜାତୀୟ ସମ୍ମିଳନୀ ଆସନ୍ତା ୮ ଓ ୯ ତାରିଖରେ ଉଭୟଙ୍କୁ ସମ୍ମାନୀତ କରାଯିବ । ଏଥିପାଇଁ ଉଭୟଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ପ୍ରଦାନ କରାଯାଉଛି। ଭୁବନେଶ୍ୱର ବାରିକ ଗତ ୧୦ବର୍ଷ ହେଲା ଗଣମାଧ୍ୟମ ସହ ଜଡିତ ରହି କାମ କରି ଆସୁଛନ୍ତି।

## ୨୦ରେ ଉପଖଣ୍ଡସ୍ତରୀୟ ଲୋକ ମହୋତ୍ସବ



ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଅତିଥିମାନେ।

**ଟିଟିଲାଗଡ଼, ୪।୧୨(ଡି.ଏନ.ଏ.)**
ବଲାଙ୍ଗୀର ଜିଲା ଟିଟିଲାଗଡ ଉପଖଣ୍ଡସ୍ତରୀୟ ଲୋକମହୋତ୍ସବ ଘଣ୍ଟାସୁନୀ ଲୋକଉତ୍ସବ ପାଳନ ନେଇ ପ୍ରସ୍ତୁତି ବୈଠକ ବୁଧବାର ସନ୍ଧ୍ୟାରେ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଲୋକମହୋତ୍ସବ କମିଟି ସଭାପତି ଉପଜିଲାପାଳ ସୁଧାକର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପୌର ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା, ଟିଟିଲାଗଡ ବିଡିଓ ମୋତିଲାଲ ସୁଲିଆ, ତହସିଲଦାର ସ୍ୱଦୀପ ଟପୋ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଉତ୍ସବ ପାଳନ ନେଇ ସର୍ବସମ୍ମତି କ୍ରମେ ବିଭିନ୍ନ କମିଟି, ସବ୍‌କମିଟି ଗଠନ ନେଇ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ। ଆସନ୍ତା ୨୦ରେ ସ୍ଥାନୀୟ ସରକାରୀ ବାଳକ ହାଇସ୍କୁଲ ପଡିଆରେ ଉତ୍ସବ ଆୟୋଜିତ ହେବ। ଆସନ୍ତା ୧୦ରେ ଉପଖଣ୍ଡ ଅନ୍ତର୍ଗତ ମୁରିବାହାଲ, ସଇଁତଲା, ତୁରେକେଲା, ବଙ୍ଗୋମୁଣ୍ଡା ତଥା ଟିଟିଲାଗଡ ବ୍ଲକସ୍ତରୀୟ ଲୋକଉତ୍ସବ ଆୟୋଜିତ ହୋଇ ମନୋନୀତ ଦଳ ଉପଖଣ୍ଡସ୍ତରୀୟ ମହୋତ୍ସବର ଦିବା କାର୍ଯ୍ୟକ୍ରମରେ ନିଜ କଳା ପ୍ରଦର୍ଶନ କରିବେ। ସନ୍ଧ୍ୟାରେ ପ୍ରଦର୍ଶନୀ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ ମନ୍ତ୍ରୀ ଟୁକୁନୀ ସାହୁଙ୍କ ପ୍ରତିନିଧି ଅରୁଣ ମିଶ୍ର, ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ସୁଜାତାରାଣୀ ମିଶ୍ର, ବଙ୍ଗୋମୁଣ୍ଡା ବିଡିଓ ଡି. ବେହେରା, ତୁରେକେଲା ବିଡିଓ ପ୍ରଭାତ ସାହୁ, ଟିଟିଲାଗଡ ଏବିଡିଓ ମହେନ୍ଦ୍ର ପ୍ରଧାନୀ, ଅବକାରୀ ଅଧିକାରୀ ଜୀବର୍ଦ୍ଧନ ରଣା, ଟିଟିଲାଗଡ ବାର ଆସୋସିଏଶନ ସଭାପତି କୃଷ୍ଣଚନ୍ଦ୍ର ସାହୁ, ବରିଷ୍ଠ ନାଗରିକ କମିଟି ସଭାପତି ଅଶ୍ୱିନୀ ମହାନ୍ତି, ଓମଭେଲି ସ୍କୁଲ ଅଧକ୍ଷ ବଦ୍ରିନାଥ ମିଶ୍ର, ବ୍ୟବସାୟୀ ସଂଘ ସମ୍ପାଦକ ରାଜେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ସବକୁ ଉତ୍ସାହର ସହିତ ପାଳନ ପାଇଁ ଉପଜିଲାପାଳ ନାୟକ ସଭିଙ୍କ ସହଯୋଗ କାମନା କରିଥିଲେ।

■ ଜିଲାସ୍ତରୀୟ ଅଧିକାରୀଙ୍କ ସହ ନରସିଂହଙ୍କ ଆଲୋଚନା

## ପିଇବା ପାଣି ଯୋଗାଣ ଅବ୍ୟବସ୍ଥାକୁ ନେଇ ଉଦ୍‌ବେଗ

**ବଲାଙ୍ଗୀର ଅଫିସ, ୪।୧୨**
ବଲାଙ୍ଗୀର ସହରରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଅଗ୍ରଗତି ନେଇ ବିଧାୟକ ନରସିଂହ ମିଶ୍ର ବୁଧବାର ଡିଆରଡିଏ ଅଫିସରେ ଜିଲାସ୍ତରୀୟ ଅଧିକାରୀଙ୍କ ସହ ସମୀକ୍ଷା ଆଲୋଚନା କରିଥିଲେ । ଏହି ବୈଠକରେ ଜିଲାପାଳ ଅରିନ୍ଦମ ଡାକୁଆ, ଏସପି ସନ୍ଦୀପ ମାଡକର, ଉପଜିଲାପାଳ ସଞ୍ଜୟ ମିଶ୍ର, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ନଳିନୀକାନ୍ତ ଦାସ, ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀ, ଜିଲା ଟ୍ରାନ୍ସପୋର୍ଟ ମ୍ୟାନେଜର, କ୍ଷୁଦ୍ର ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଉପସ୍ଥିତ ଥିଲେ। ବିଭାଗୀୟ ଅଧିକାରୀମାନେ ସେମାନଙ୍କ ବିଭାଗରେ ଚାଲିଥିବା ପ୍ରକଳ୍ପଗୁଡିକର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ବିଧାୟକ ମିଶ୍ରଙ୍କୁ ସୂଚନା ଦେଇଥିଲେ । ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟରେ ବିଧାୟକ ମିଶ୍ର ଅସନ୍ତୋଷ ବ୍ୟକ୍ତ କରିଥିଲେ । ଦୁଇବର୍ଷ ପୂର୍ବେ ଜନସ୍ୱାସ୍ଥ୍ୟ ବିଭାଗର ମୁଖ୍ୟଯନ୍ତ୍ରୀ ବଲାଙ୍ଗୀରର ୨୧ଟି ୱାର୍ଡକୁ ୨୧ଟି ଟ୍ୟାଙ୍କର ଯୋଗେ ପିଇବା ପାଣି ଯୋଗାଇବା ବ୍ୟବସ୍ଥା କରିବାକୁ କହିଥିଲେ। ମାତ୍ର ଏଯାଏଁ ଏହା କାର୍ଯ୍ୟକାରୀ ହୋଇନାହିଁ। ଏନେଇ ନିର୍ବାହୀ ଯନ୍ତ୍ରୀ କିଛି ବି ସୂଚନା ଦେଇପାରି ନ ଥିଲେ। ସହରର ସମସ୍ତ ୱାର୍ଡର ଲୋକଙ୍କୁ ଜିଲା ପ୍ରଶାସନ ଏବଂ ଜନସ୍ୱାସ୍ଥ୍ୟ ବିଭାଗ ପାଣି ଯୋଗାଣ କରନ୍ତୁ ବୋଲି ସେ ନିର୍ଦ୍ଦେଶ ଦେଇଥିଲେ। କରଙ୍ଗାକଟା ଆଡିରେ ଏବଂ ପୃଥ୍ୱୀରାଜ ହାଇସ୍କୁଲ ଷ୍ଟାଡିୟମ ପାଚେରି ପାଇଁ ଅସୁବିଧା ହେଉଥିବା ଜବରଦଖଲ ଉଚ୍ଛେଦ ସମ୍ପର୍କରେ ବୁଝିଥିଲେ। ବର୍ଷା ଯୋଗୁଁ ଧୋଇ ହୋଇଥିବା ରାସ୍ତାଘାଟର ମରାମତି ଶୀଘ୍ର କରିବାକୁ କହିଥିଲେ। ଆଉ କିଛି ରାସ୍ତା ଯାହା ମ୍ୟୁନିସିପାଲିଟି ଅଧିନରେ ଅଛି ତାହା ପୂର୍ତ୍ତ ବିଭାଗକୁ ନେବା ପାଇଁ ପ୍ରକ୍ରିୟା ଆରମ୍ଭ କରିବାକୁ କହିଥିଲେ । ବଲାଙ୍ଗୀର ସଂଲଗ୍ନ ଜାତୀୟ ରାଜପଥ ଅଗଷ୍ଟ ମାସ ବର୍ଷା ଯୋଗୁଁ ଖରାପ ହୋଇଯାଇଛି। ଏହାର ଶୀଘ୍ର ମରାମତି କରିବାକୁ ମିଶ୍ର ଉପସ୍ଥିତ ଥିବା ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସହରରେ ଟ୍ରାଫିକ ସମସ୍ୟା ଉତ୍କଟ ହେଉଥିବାରୁ ତଥା ଉଠା ଦୋକାନୀ, ପରିବା ବିକାଳୀଙ୍କ ପାଇଁ ଆଉ ଗୋଟିଏ ଡେଲିମାର୍କେଟ ବ୍ୟବସ୍ଥା ସାପ୍ତାହିକ ହାଟଠାରେ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଡେଲି ମାର୍କେଟ ସଂଲଗ୍ନ ଶାରଦେଶ୍ୱରୀ ଆୟୁର୍ବେଦିକ ଡାକ୍ତରଖାନା ଏବଂ ରାଣୀବନ୍ଧ ମଧ୍ୟରେ ଖାଲି ଜାଗାକୁ ଦୈନିକ ବଜାର ତଥା ଟ୍ରାଫିକ ପାଇଁ ବ୍ୟବହାର କରିବା ପାଇଁ ବୈଠକରେ ସ୍ଥିରୀକୃତ ହୋଇଥିଲା । ବୈଠକରେ ଉପସ୍ଥିତ ଥିବା ଜିଲା ପରିବହନ ଅଧିକାରୀ ଟାଉନ ପ୍ଲାନିଂର ବିନା ଅନୁମତିରେ ସରକାରୀ ବସ୍‌ଷ୍ଟାଣ୍ଡଠାରେ ବ୍ୟବସାୟିକ ଦୋକାନ ଗୃହ ନିର୍ମାଣ କରାଇଥିବାରୁ ବିଧାୟକ ମିଶ୍ର କ୍ଷୋଭ ପ୍ରକାଶ କରିଥିଲେ। ଅର୍ଦ୍ଧନିର୍ମିତ ସୁପର ମାର୍କେଟକୁ ପୁଣି ପୁନଃନିର୍ମାଣ କରାଇବା ତଥା ଦେବୋତ୍ତର ସମ୍ବନ୍ଧୀୟ ସମସ୍ୟା ଏବଂ ଅଧିନରେ ଥିବା ଦୋକାନ ଗୃହଗୁଡିକର ବ୍ୟବସ୍ଥା ସମ୍ପର୍କରେ ଆଗାମୀ ସପ୍ତାହରେ ଏକ ବୈଠକ କରିବାକୁ ବିଧାୟକ ମିଶ୍ର ଉପଜିଲାପାଳ ସଞ୍ଜୟ ମିଶ୍ରଙ୍କୁ କହିଥିଲେ। କଚେରୀ ଛକରେ ଥିବା ଫଳ ଦୋକାନୀମାନଙ୍କ ପାଇଁ ଉପଜିଲାପାଳଙ୍କ ସରକାରୀ ବାସଭବନ ପଛ ପଟେ ଥିବା ଖାଲି ଜାଗାରେ ଭେଣ୍ଡିଂ ଜୋନ କରିବାକୁ ନିଷ୍ପତ୍ତି ହେବା ସହ ସେ ଜାଗାରେ ଫଳ ଦୋକାନୀମାନଙ୍କୁ ବ୍ୟବସ୍ଥିତ ନ କରିବା ପର୍ଯ୍ୟନ୍ତ ସେଠାରୁ ଉଚ୍ଛେଦ ନ କରିବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।



ବିଧାୟକ ନରସିଂହ ମିଶ୍ର ଡିଆରଡିଏ ସମ୍ମିଳନୀ କକ୍ଷରେ ଉନ୍ନୟନ କାମର ସମୀକ୍ଷା କରୁଛନ୍ତି ।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୫ ଡିସେମ୍ବର, ୨୦୧୯



ଧନ ସଂଗ୍ରହ କରିବାର ପ୍ରତିଯୋଗିତା ଜୀବନର ଧର୍ମ ହେବା ଉଚିତ ନୁହେଁ। ସମସ୍ତଙ୍କ ମଙ୍ଗଳ ପାଇଁ ସହଯୋଗ ହେଉଛି ଜୀବନର ଧର୍ମ।
- ଜବାହରଲାଲ ନେହେରୁ



**ସଂକ୍ଷେପରେ**



## କୁମ୍ଭକାର ସମ୍ପ୍ରଦାୟର କୁରାଳ ପୂଜା

**ଖଡିଆଳ, ୪।୧୨ (ଡି.ଏନ.ଏ.)**-ନୂଆପଡା ଜିଲା ଖଡିଆଳ ବ୍ଲକ ମାଣ୍ଡୋସିଲ ଗ୍ରାମରେ କୁମ୍ଭକାର ସମ୍ପ୍ରଦାୟର କୁରାଳ ପୂଜା ଧୁମଧାମରେ ପାଳିତ ହୋଇଯାଇଛି। ଏହି ପୂଜା ୩ ଦିନ ଧରି ଚାଲିଥିବା ବେଳେ ପ୍ରତିବର୍ଷଭଳି ଏ ବର୍ଷ ମଧ ମାର୍ଗଶୀର ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ପୂଜାର୍ଚ୍ଚନା ହୋଇଥିଲା। ଏହି ସମ୍ପ୍ରଦାୟର ଲୋକମାନେ ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ର ସହିତ କୁମ୍ଭକାରଙ୍କ କୌଳିକ ବୃତ୍ତି ମାଟିପାତ୍ର ତିଆରି ଚକ୍ର ସହିତ ତୁଳନା କରାଯାଇଛି । ଏଣୁ ଭଗବାନ ବିଷ୍ଣୁଙ୍କୁ ପୂଜା କଲେ କୁମ୍ଭକାରଙ୍କ କୌଳିକ ବୃତ୍ତିର ବିକାଶ ହେବା ସହିତ ବିଶ୍ୱବାସୀଙ୍କ କଲ୍ୟାଣ ହୋଇଥାଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ପୂଜାକୁ କୁମ୍ଭକାର ସମ୍ପ୍ରଦାୟ ଲୋକମାନେ ଧୁମଧାମର ସହିତ ପୂଜା କରିଥିଲେ । ଆକର୍ଷଣୀୟ ତୋରଣ ସାଙ୍ଗକୁ ରଙ୍ଗୀନ ଆଲୋକ ମାଳାରେ ମାଣ୍ଡୋସିଲ ଗାଁ ଝଲସି ଉଠୁଥିଲା। ଭଗବାନ ବିଷ୍ଣୁ ଓ ମହାଲକ୍ଷ୍ମୀଙ୍କ ଆକର୍ଷଣୀୟ ମୃଣ୍ମୟୀ ମୂର୍ତ୍ତି ସହ ଭଗବନା ବିଷ୍ଣୁଙ୍କୁ ମାନସିକ ସନ୍ତାନ ରୁଦ୍ରପାଳ ଓ ରତ୍ନେଶ୍ୱରୀ ଦେବୀଙ୍କୁ ଶୋଡ଼ଷ ଉପଚାରରେ ହୋମଯଜ୍ଞ ସହ ମନ୍ତ୍ରପାଠରେ ପୂଜାର୍ଚ୍ଚନା କରାଯାଇଛି। ପ୍ରତିଦିନ ସକାଳେ ଗୋପାଳ ଭୋଗ, ମଧ୍ୟାହ୍ନରେ ଅନ୍ନଭୋଗ ଓ ସନ୍ଧ୍ୟାରେ ଆଳତୀ ହେବା ସହିତ କୁରାଳ ପୁରାଣ ପାଠ କରାଯାଉଛି। ସେହିଭଳି ରାତିରେ ଦର୍ଶକମାନଙ୍କ ମନୋରଞ୍ଜନ ପାଇଁ ଘୁମୁରା ନୃତ୍ୟ, ଦଣ୍ଡନୃତ୍ୟ ବିଭିନ୍ନ ନାଟକ ଓ ପ୍ରବଚନ ଭଳି ସାଂସ୍କୃତିକ କାର୍ଯ୍ୟମାନ କରାଯାଇଛି। କୁରାଳ ପୂଜାକୁ ରାଧେଶ୍ୟାମ ରଣା ଆୟୋଜକ କରିଥିବା ବେଳେ ପୂଜକ ବିଦ୍ୟାଧର ମହାପାତ୍ର, କର୍ତ୍ତା ଭାବେ ଜଗଦିଶ ରଣା ଓ ଧର୍ମ୍ମରପିନି ରଣା ତୁଲାଇଥିବା ବେଳେ ହେରମ୍ବରାଜ ରଣା, ତିଲୋତ୍ତମ ରଣା ଏବଂ ଗ୍ରାମବାସୀ ସହଯୋଗ କରିଥିଲେ ।

## ଜମିବାଡ଼ି ବିବାଦରୁ ଗଣ୍ଡଗୋଳ: ଉଭୟ ପକ୍ଷରୁ ୪ ଗିରଫ

**ବାମରା, ୪।୧୨ (ଡି.ଏନ.ଏ.)**- ସମ୍ବଲପୁର ଜିଲା ବାମରା ବ୍ଲକ୍ ଗୋବିନ୍ଦପୁର ଥାନା ଗଡପୋଷ ଫାଣ୍ଡି ଅନ୍ତର୍ଗତ ବାରିହା ଗଡପୋଷ ଗାଁରେ ଏକ ଜମି ବିବାଦକୁ ନେଇ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଛି। ଉଭୟ ପକ୍ଷର ଏତଲାକୁ ଭିତ୍ତିକରି ପୋଲିସ ୨ଟି ପୃଥକ ମାମଲାରେ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୋଗ ଅନୁସାରେ ବାରିହା ଗଡପୋଷ ଗାଁରେ ଏକ ଚାଷ ଜମିକୁ ନେଇ ଦୁଇ ଜଣ ବ୍ୟକ୍ତି ନିଜ ନିଜ ମାଲିକାନା ଦାବି କରି ଆସୁଛନ୍ତି। ଏହାକୁ ନେଇ ଆଗରୁ ମଧ ଉଭୟ ପରିବାର ମଧ୍ୟରେ ଗଣ୍ଡଗୋଳିଆ ପରିସ୍ଥିତି ଉପୁଜିଥିଲା। ଏଣୁ ଉକ୍ତ ଜମିରେ ୧୪୪ ଧାରା ଜାରି କରାଯାଇଛି। ସେହିପରି ସମସ୍ତ ଅଭିଯୁକ୍ତଙ୍କ ନାଁରେ ୧୦୭ ଦଫାରେ ମାମଲା ମଧ ରହିଛି। ହେଲେ ମଙ୍ଗଳବାର ପୁଣି ଉଭୟ ପରିବାର ଜମି ବିବାଦକୁ ନେଇ ମାଡପିଟ ହୋଇଥିଲେ।

କୁରୁମପୁରୀ ମଣ୍ଡିରେ ଅଚଳାବସ୍ଥା, ଚାଷୀ ହୀନସ୍ତା

# ୧୨ ହଜାର ଧାନବସ୍ତା ପଡ଼ିଛି

**ନୂଆପଡ଼ା ଅଫିସ, ୪।୧୨**

ମଣ୍ଡି ଆରମ୍ଭରୁ ଅବ୍ୟବସ୍ଥା ଆରମ୍ଭ ହେଲାଣି । ଜିଲା ସଦର ମହକୁମାଠାରୁ ମାତ୍ର ୧୦ କି.ମି. ଦୂର କୁରୁମପୁରୀ ଧାନମଣ୍ଡିରେ ହଜାର ହଜାର ବସ୍ତା ଧାନ ପଡିଛି । ପ୍ରତିଦିନ ମଣ୍ଡିକୁ ୧୫ ଶହ କୁଇଣ୍ଟାଲ ଧାନ ଆସୁଥିବାବେଳେ ଟାର୍ଗେଟ ରହିଛି ମାତ୍ର ୫ ଶହ କୁଇଣ୍ଟାଲ । ୭ ଦିନ ମଧ୍ୟରେ ମାତ୍ର ୫୪୦ କୁଇଣ୍ଟାଲ ଧାନ ଉଠିଥିବାବେଳେ ୧୨ ହଜାର ବସ୍ତା ଧାନ ପଡିରହିଛି। ଚାଷୀ ଅସନ୍ତୋଷ ବଢି ଚାଲିଛି । ଚବଶ ଘଣ୍ଟା ମଧ୍ୟରେ ଧାନ ନ ଉଠିଲେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

ପ୍ରକାଶ ଯେ, ରାଜ୍ୟ ସରକାର ଅନଲାଇନ ବ୍ୟବସ୍ଥାରେ ଚାଷୀଙ୍କୁ ଧାନ ବିକ୍ରି ପାଇଁ ଟୋକନର ବ୍ୟବସ୍ଥା କରିଛନ୍ତି। ଜିଲାର ୨୬ଟି ପ୍ୟାକ୍ସରେ ୬୧ଟି ମଣ୍ଡିରେ ଧାନକିଣା ଚାଲିଛି। ସେଥିମଧ୍ୟରୁ କୁରୁମପୁରୀ ଗୋଟିଏ। ଏଠାରେ ଲଖନା ପ୍ୟାକ୍ସ ଜରିଆରେ ଧାନ କିଣାଯାଉଛି। ଏଠାରେ ରିପୋର୍ଟ ନେବାରେ ପ୍ରତିଦିନ ଅର୍ଥାତ୍ ଆଜିକୁ ୭ ଦିନ ହେବ ୧୫ଶହ କୁଇଣ୍ଟାଲ ଲେଖାଏଁ ଚାଷୀ ଧାନ ଆଣୁଛନ୍ତି। ହେଲେ ମଣ୍ଡିରୁ ମାତ୍ର ୫ଶହ କୁଇଣ୍ଟାଲ ଧାନ କିଣାଯିବାକୁ ଟାର୍ଗେଟ ରହିଛି। ତେଣୁ କରି ପ୍ରତିଦିନ ପ୍ରାୟ ହଜାରେ କୁଇଣ୍ଟାଲ ଧାନ ପଡି ରହୁଛି। ଚାଷୀମାନେ ଧାନରଖି ଶୀତକାକରରେ ମଣ୍ଡିରେ ରାତି ଉଜାଗର ରହୁଥିବା ଚାଷୀ ମୋହନଲାଲ ସାହୁ ପ୍ରକାଶ କରିଛନ୍ତି। ଏହିଭଳି ଚାଷୀ ଛୋଟୁରାମ ସାହୁ କହନ୍ତି ୫୦ କୁଇଣ୍ଟାଲ ଧାନ ଆଣି ୪ ଦିନ ହେବ ଜଗି ରହିଛନ୍ତି । ଏପରିକି ମଣ୍ଡିରୁ କୁଇଣ୍ଟାଲ ପିଛା ୨/୫ କିଗ୍ରା ଧାନ କଟନୀ ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଏହାକୁ ନେଇ ଧିରେ ଧିରେ ଚାଷୀ ଅସନ୍ତୋଷ ବଢିବାରେ ଲାଗିଛି। ଏଭଳି ସ୍ଥିତି କୌଣସି ବର୍ଷ ହେଉ ନ ଥିଲା । ଏଣି କି ଚାଷୀଙ୍କ ଉପରେ ଶୋଷଣକୁ ବରଦାସ୍ତ କରାଯିବ ନାହିଁ ବୋଲି କହିଛନ୍ତି । ଅନ୍ୟପକ୍ଷେ ସମବାୟ ଉପନିବନ୍ଧକ ଭିକାରୀ ଚରଣ ସେଠଙ୍କୁ ପଚାରିବାରେ ଚାଷୀମାନେ ପ୍ରତିଦିନର ଟାର୍ଗେଟ ବୃଦ୍ଧି ସକାଶେ ଦାବି କରୁଛନ୍ତି । ସେ ନିଜେ ଏହାକୁ ଦେଖି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି ।



କୁରୁମପୁରୀ ମଣ୍ଡିରେ ଧାନଗଦା ହୋଇଥିବା ବେଳେ ଏକ ଟ୍ରକ୍‌ରେ କିଛି ଧାନ ଉଠୁଛି ।

- ୭ ଦିନରେ ଉଠିଛି ୫୪୦ କୁଇଣ୍ଟାଲ
- ରାସ୍ତାକୁ ଓହ୍ଲାଇବାକୁ ଚାଷୀଙ୍କ ଚେତାବନୀ

# ପୀଡ଼ିତାଙ୍କୁ ନ୍ୟାୟ ପାଇଁ କ୍ୟାଣ୍ଡେଲ ଶୋଭାଯାତ୍ରା

**ନୂଆପଡା ଅଫିସ,୪।୧୨**

ହାଇଦ୍ରାବାଦରେ ୨୬ ବର୍ଷୀୟା ମହିଳା ପ୍ରାଣୀ ଚିକିତ୍ସକଙ୍କୁ ଗଣବଳାତ୍କାର ଓ ହତ୍ୟା ପ୍ରସଙ୍ଗକୁ ନେଇ ସାରା ଦେଶରେ ପ୍ରତିବାଦର ସ୍ୱର ଉଠିଥିବାବେଳେ ବିଶେଷ କରି ମହିଳାମାନେ ରାସ୍ତାକୁ ଓହ୍ଲାଇଛନ୍ତି। ନୂଆପଡା ଜିଲା ସଦର ମହକୁମାରେ ମଙ୍ଗଳବାର ସନ୍ଧ୍ୟାରେ ମହିଳା ସଙ୍ଗଠନମାନେ କ୍ୟାଣ୍ଡେଲ ଯାତ୍ରା କରି ମୌନ ପ୍ରତିବାଦ କରିବା ସହ ସମବେଦନା ଜଣାଇଛନ୍ତି। ସନ୍ଧ୍ୟାରେ କଦମର ନିର୍ଦ୍ଦେଶିକା, ୱାନ ଷ୍ଟପ ସେଣ୍ଟରର ତପସ୍ୱିନୀ ପଣ୍ଡା, ପ୍ରତିଭା ହୋତାଙ୍କ ନେତୃତ୍ୱରେ ମହିଳା କର୍ମୀମାନେ ସ୍ଥାନୀୟ ଗାୟତ୍ରୀ ମନ୍ଦିରରୁ ଶୋଭାଯାତ୍ରାରେ ବାହାରିଥିଲେ। କର୍ମୀମାନେ ଶେଷରେ ଏକତା ଛକ ନିକଟରେ ପହଞ୍ଚି ସେଠାରେ ନୀରବ ପ୍ରାର୍ଥନା କରିଥିଲେ। ଏଥିରେ ସ୍କିଲ ଡେଭଲପମେଣ୍ଟ ସେଣ୍ଟର, ୱାନ ଷ୍ଟପ ସେଣ୍ଟରରୁ ଯୁବତୀ, ମହିଳାମାନେ ସାମିଲ ଥିଲେ । ଏହା ଉପରେ ସରକାର ଠୋସ ପଦକ୍ଷେପ ନେବା ସହ ସ୍ୱତନ୍ତ୍ର ନିତି ନିର୍ଦ୍ଧାରଣ କରିବାକୁ ଦାବି କରିଛନ୍ତି ।




କ୍ୟାଣ୍ଡେଲ ଶୋଭାଯାତ୍ରାରେ ସାମିଲ ମହିଳାମାନେ।



ଭିନ୍ନକ୍ଷମ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

ବିଜୁ ପଟ୍ଟନାୟକ ସ୍ୱତନ୍ତ୍ର ସ୍କୁଲରେ ଭିନ୍ନକ୍ଷମ ଦିବସ

# ସଚେତନତା ସଭା, ବିଭିନ୍ନ ପ୍ରତିଯୋଗିତା

**ଭବାନୀପାଟଣା,୪।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଆଇନ୍‌ସେବା ପ୍ରାଧିକରଣ ଆନୁକୂଲ୍ୟରେ ଭବାନୀପାଟଣାସ୍ଥିତ ବିଜୁ ପଟ୍ଟନାୟକ ସ୍ୱତନ୍ତ୍ର ସ୍କୁଲ ପରିସରରେ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ସଭା ସହିତ ନୃତ୍ୟ ଓ ଚିତ୍ରାଙ୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଫ୍ୟାମିଲି ଜଜ୍ ସୁଶାନ୍ତ ପଟେଲ, ଜିଲା ଆଇନ ସେବା ପ୍ରାଧିକାରଣ ସଚିବ ସ୍ୱିଟି ସାମନ୍ତରାୟ, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରଦ୍ଧାଞ୍ଜଳି ରାୟ, କନିଷ୍ଠ ସିଭିଲ ଜଜ୍ ତଥା ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ ଅନୁଶିଳା ରାଏ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଦୀପକ କୁମାର ସାଠୁଆ, ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅନୁରାଗ ଦେହୁରୀ, ନିତ୍ୟାନନ୍ଦ ଚୌବେ, ବିଜୁ ପଟ୍ଟନାୟକ ସ୍ୱତନ୍ତ୍ର ସ୍କୁଲ ଅଧକ୍ଷା ଜୁଲି ଦାସ ଓ ସମ୍ପାଦକ ଅମିତ୍ ପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମମାନଙ୍କ ପାଇଁ ଆଇନରେ ଥିବା ବିଭିନ୍ନ ସୁବିଧା ସୁଯୋଗ ଓ ଆଇନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଉପଲକ୍ଷେ ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ନୃତ୍ୟ ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ଛାତ୍ରଙ୍କୁ ମାଡ଼ମାରି ଆହତ କରିଥିବା ଛାତ୍ର ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ଭବାନୀପାଟଣା,୪।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ସିନ୍ଧିକୁଲିଆରି ନୋଡାଲ ହାଇସ୍କୁଲର ପ୍ରଶାସନିକ ଅବହେଳା ଯୋଗୁ ସ୍କୁଲର ପରିବେଶ ନଷ୍ଟ ହେବା ସହିତ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଛୋଟଛୋଟ କଥାକୁ ନେଇ ମାଡପିଟ୍ ହେଉଛି। କିନ୍ତୁ ଏଥିପ୍ରତି ସ୍କୁଲ ପ୍ରଧାନ ଶିକ୍ଷକ ଓ ଅନ୍ୟ ଶିକ୍ଷକମାନେ ଗୁରୁତ୍ୱ ଦେଉ ନ ଥିବା ଜଣାପଡିଛି। ଉକ୍ତ ସ୍କୁଲର ଜଣେ ଚତୁର୍ଥ ଶ୍ରେଣୀ ଛାତ୍ର ରାଜେଶ ସାହୁ (୯)ଙ୍କୁ ଉକ୍ତ ସ୍କୁଲର ଜଣେ ଛାତ୍ର ମାଡମାରି ଗୁରୁତର ଆହତ କରିଥିଲେ ମଧ ସ୍କୁଲ କର୍ତ୍ତୃପକ୍ଷ ଗୁରୁତ୍ୱ ନ ଦେବା ଯୋଗୁ ଉକ୍ତ ଛାତ୍ରର ବାପା ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ଜିଲାପାଳ, ଏସ୍‌ପି ଏବଂ ଶିକ୍ଷାମନ୍ତ୍ରୀଙ୍କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ସୂଚନା ଯେ, ସିନ୍ଧିକୁଲିଆରି ଗ୍ରାମର କୁଶ ସାହୁଙ୍କ ପୁଅ ରାଜେଶ ଉକ୍ତ ସ୍କୁଲର ଚତୁର୍ଥ ଶ୍ରେଣୀରେ ପାଠ ପଢୁଛନ୍ତି। ଗତ ୨୯ ତାରିଖରେ ଉକ୍ତ ସ୍କୁଲର କେତେକ ପିଲା ସାମାନ୍ୟ ଘଟଣାକୁ ନେଇ ରାଜେଶଙ୍କୁ ମାଡ ମାରିଥିଲେ। ରାଜେଶଙ୍କ ମୁଣ୍ଡ ଓ ଆଖିପତା ଫାଟିଯାଇ ଗୁରୁତର ଆହତ ହୋଇଥିଲା। ଏ ନେଇ ରାଜେଶଙ୍କ ବାପା ଉକ୍ତ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କୁ ସମ୍ପୃକ୍ତ ଛାତ୍ରମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ସ୍କୁଲରେ ଏପରି ବିଶୃଙ୍ଖଳା ବନ୍ଦ କରିବା ପାଇଁ ଦାବି କରିଥିଲେ। କିନ୍ତୁ ଏଥିପ୍ରତି ସ୍କୁଲ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଇ ନ ଥିଲେ। ବାଧହୋଇ ରାଜେଶଙ୍କ ବାପା କୁଶ ସାହୁ ମଙ୍ଗଳବାର ଭବାନୀପାଟଣା ଆସି ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ, ଜିଲାପାଳ, ଏସ୍‌ପି ଏବଂ ଶିକ୍ଷାମନ୍ତ୍ରୀଙ୍କୁ ପଠାଇଥିବା ଜଣାଯାଏ।

# ବୋଡେନ ପୋଲିସ ଦ୍ୱାରା ୨୮ ଦାଦନ ଶ୍ରମିକ ଉଦ୍ଧାର

- ଦାଦନ ସର୍ଦ୍ଦାର ଫେରାର

**ବୋଡେନ,୪।୧୨ (ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡିଆଳ ଥାନା ଅନ୍ତର୍ଗତ ବରପଦର ଗାଁର ୨୮ ଦାଦନ ଶ୍ରମିକ ଶ୍ରମିକଙ୍କୁ ବୋଡେନ ପୋଲିସ ଉଦ୍ଧାର କରିଛି। ପରେ ଦାଦନମାନଙ୍କୁ ବୋଡେନ ଥାନାକୁ ଅଣାଯାଇଥିଲା। ଶ୍ରମ ଅଧିକାରୀ ପହଞ୍ଚି ତଦନ୍ତ କରିବା ପରେ ଦାଦନମାନଙ୍କୁ ସେମାନଙ୍କ ଘରକୁ ପଠାଯିବ ବୋଲି ବୋଡେନ ଥାନା ଆଇଆଇସି ସରୋଜ ମଲ୍ଲିକ ପ୍ରକାଶ କରିଥିଲେ। ଏ ନେଇ ବୋଡେନ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

ବୋଡେନ ଥାନା ଅନ୍ତର୍ଗତ ଆମ୍ବଗୁଡା ଗାଁର କାଜୁବଗିଚା ପଡାର ଜଣଙ୍କ ଘରେ ଦାଦନମାନଙ୍କୁ ରଖାଯାଇଥିଲା। ବୋଡେନ ପୋଲିସ କୌଣସି ସୂତ୍ରରୁ ଖବର ପାଇ ଚଢାଉ କରିଥିଲେ। ଚଢାଉ ସମୟରେ ସମ୍ପୃକ୍ତ ଦାଦନ ସର୍ଦ୍ଦାର ଫେରାର ହୋଇଯାଇଥିଲେ। ବରପଦର ଗାଁର ଉଦ୍ଧାର ଦାଦନମାନେ ହେଲେ ଭୁପତି ବାଗ (୫୦), ହେମ ବାଗ (୩୫), ଡୋରାସିଂ ବାଗ (୪୦), ଯଶୋଦା ବାଗ (୩୦), କୁବେର ପତି ବାଗ (୩୦), କମଳା ବାଗ (୨୮), ଲକ୍ଷବଛ ସୁନା (୨୦), ରିନି ସୁନା (୧୯ ), ଗଙ୍ଗାଧର ନିଆଲ (୧୮), ଗନ୍ଦର୍ବ ନିଆଲ (୫୦), ଯଶୋଦା ନିଆଲ (୪୦), ଆଶିସ କପୁର ନିଆଲ (୨୬ ), ସ୍ୱାର୍ଣ୍ଣଲତା ନିଆଲ (୨୪), କାମଦେବ ନିଆଲ (୨୫), ଜୋତି ନାଏକ (୨୩)। ଶିଶୁମାନେ ହେଲେ ଜଗମହନ ବାଗ (୧୩), ସାବେତ୍ରୀ ବାଗ (୮), ଝାକର ବାଗ (୫), ରାହୁଲ ବାଗ (୩), ନିରୁବାଗ (୧୧), ତୁସାର ବାଗ (୯), କିରନ ବାଗ (୭), ନିଳକଣ୍ଠ ନିଆଲ (୧୪), ନିଳକଣି ନିଆଲ (୧୧), ଦିବ୍ୟଶ୍ରୀ ନିଆଲ (୩), ଆଶିସ ନିଆଲ (୧), ଦେବରାଜ ନିଆଲ (୪), ମିରା ନିଆଲ (୨)।

ନୂଆପାଡା ଜିଲାରେ ଦିନକୁ ଦିନ ଦାଦନ ଚାଲାଣ ବଢିବାରେ ଲାଗିଛି । ଏପରିକି ଗତ ବର୍ଷ ବୋଡେନ ବ୍ଲକର ହଜାର ହଜାର ଦାଦନ ଶ୍ରମିକ ହାଇଦ୍ରାବାଦକୁ ଇଟା ଗଢିବାକୁ ଯାଇଥିଲେ। ସେଠାରେ ଦାଦନମାନେ ବିଭିନ୍ନ ନିର୍ଯାତନାର ଶିକାର ହୋଇଥିଲେ ମଧ୍ୟ ଦାଦନ ଚାଲାଣ ନ କମି ବଢି ଚାଲିଛି। ସରକାର ତଥା ଜିଲା ପ୍ରଶାସନ ଅବହେଳା ଯୋଗୁ ଏହା ବୃଦ୍ଧି ପାଉଛି ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ଦାଦନମାନେ ମୋଟା ଅଙ୍କ ପାଇବା ଆଶାରେ ଅନ୍ୟ ରାଜ୍ୟକୁ ଖଟିବାକୁ ଯାଉଛନ୍ତି । ଦାଦନ ଉପରେ ରାଜ୍ୟ ସରକାର ଯେତେ ଅଙ୍କୁଶ ଲଗାଇଲେ ମଧ୍ୟ ସବୁ ଫେଲ୍ ମାରୁଛି।



ଉଦ୍ଧାର ଦାଦନ ଶ୍ରମିକମାନେ ।

# ସାତ୍‌ସପନ ହେଇଛେ ବିଜଲିବତୀ ଉକିଆ

**ପର୍ଲା, ୪।୧୨ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଦଣ୍ଡପାଟ ଅଂଚଲ ଧଅଁରପୁର ପଁଚେତ୍ କର୍ଲାପଡ଼ା ଗାଁରେ ବିପିଏଲ୍ ବିଦ୍ୟୁତ୍ ସଂଯୋଗ ପର୍‌ହସନ ପାଲଟିଛେ। ଗଲା ୩ ବଛର ତଲେ ଗାଁରେ ବିପିଏଲ ପରିବାରମାନକୁ ବିଦ୍ୟୁତ୍ ସଂଯୋଗ ଦେବାକେ କାମ୍ ମୂଳ ହେଇଥିଲା। ସେଥିରଲାଗି ଗାଁରେ ଗୁଟେ ଟ୍ରାନ୍ସଫର୍ମର ବସାଯାଇଥିଲା। ପଛେ ଖୁଁଟ୍ ଗାଡି ତାର ଟନା ଯିବାର ସଂଗେ ହିତାଧିକାରୀମାନକର ଘରମାନକୁ ମିଟର, ବୋର୍ଡ ବସାଯାଇଥିଲା। ହେଲେ ଆଏଜ୍‌କେ ୩ ବଛର ବିତିଯାଇଥିଲେ ବି ହିତାଧିକାରୀମାନେ ବିଦ୍ୟୁତ୍ ସଂଯୋଗ ପାଏବାରୁ ବଁଚିତ୍ ହେଇ ରହିଛନ୍। ଇ ଘଟନାକେ ନେଇ ଗାଁରେ ବିପିଏଲ୍ ହିତାଧିକାରୀଙ୍କର ଭିତରେ ଅସନ୍‌ତୋଷ ଭାବ୍ ଦେଖିବାକେ ମିଲିଛେ। ସୂଚନା ଅନ୍‌ସାରେ ଛତିଶଗଡ଼ ସିମାନାରେ ପାହାଡ଼ ତଲେ ଥିବାର କର୍ଲାପଡ଼ା ଗାଁରେ ପାଖାପାଖି ୧ଶହରୁ ଅଧିକା ବିପିଏଲ୍ ପରିବାର ବାସ୍ କରୁଛନ୍। ଗାଁରେ ବିଦ୍ୟୁତ୍ ସଂଯୋଗ ନାଇଁଥିବାରଲାଗି ଗାଁବାସୀ ବହୁତ ହଇରାନ ହରକତ ହେଉଛନ୍। ଏନ୍‌ତାଥି ୩ ବଛର ତଲେ ରାଏଜ୍ ସରକାର ଗ୍ରାମୀଣ ବିଦ୍ୟୁତ୍ ଯୋଜନାରେ ଗାଁବାସୀକୁ ବିଦ୍ୟୁତ୍ ସଂଯୋଗ ଯୁଗେଇ ଦେବାକେ କାମ୍ ମୂଳ କରିଥିଲେ। ଇଥିରେ ଗାଁବାସୀ ଖୁସ୍ ହେଇଯାଇଥିଲେ। ହେଲେ ଦୁଖର କଥା ସବୁ କାମ୍ ସଏଲା ଉତାରୁ ବି ବିଦ୍ୟୁତ୍ ସଂଯୋଗ ନାଇଁ ମିଲିପାରବାର ବଲି ଗାଁର ବିଦ୍ୟାଧର ମାଝି, ଗୋରାଙ୍ଗ ମାଝି, ଲୟାଧର ମାଝି, ପ୍ରେମଲାଲ ମାଝି ପରମୁଖ କହିଛନ୍। ଇ ଘଟନାକେ ନେଇ ଗାଁବାସୀ ଭିନେ ଭିନେ ସମିଆରେ ଥାନୀଅ ସରପଁଚ୍, ରାଜନେତା, ବିଦ୍ୟୁତ ବିଭାଗର ଯନ୍ତ୍ରୀକୁଁ ଗୁହାରି କରି ନିରାଶ ହେଇଥିବାର ଅଭିଯୋଗ କରିଛନ୍। ହେଲେ ଠିକା କମ୍ପାନୀର କେତେ କରମ୍‌ଚାରୀକର କହେବାର ହେଲା ଧଅଁରପୁର ପଁଚେତ୍‌ର ଅନେକ ଗାଁରେ କାମ୍ ଚାଲିଛେ। ସେଥିରଲାଗି ବିଦ୍ୟୁତ୍ ସଂଯୋଗ ନାଇଁ ଦିଆଯିବାର ବଲି ସେମାନେ କହିଛନ୍। ଇ ବାବ୍‌ଦେ ଧର୍ମଗଡ଼ ବିଦ୍ୟୁତ୍ ବିଭାଗ ଅଧିକାରୀ ଭଗବାନ ସାହୁକୁଁ ପଚରାଲାରୁ ଇଥିରଲାଗି ଗୁଟେ ଟିମ୍ ରହିଛନ୍। ସେମାନେ କାମ୍ ସରିଛେ ବଲି ରିପୋର୍ଟ ଦେବେ ଆର ସଏଲା କାମ୍‌କେ ବିଦ୍ୟୁତ୍ ବିଭାଗର ଜିମା ଦେଲା ଉତାରୁ ବିଦ୍ୟୁତ୍ ସଂଯୋଗ ଦିଆଯିବା ବଲି ସେ କହିଥିଲେ।



ଗ୍ରାମୀଣ ବିଦ୍ୟୁତ୍ ଯୋଜନାରେ ଗାଁରେ ବସିଥିବାର ଟ୍ରାନ୍ସଫର୍ମର।

- ଗାଁରେ ୧ଶହ ବିପିଏଲ୍ ପରିବାର ରହୁଛନ୍
- ୩ ବଛର ହେଲା ଗାଁରେ ଟ୍ରାନ୍ସଫର୍ମର ବସିଛେ
- ଘରମାନକେ ମିଟର, ବୋର୍ଡ ଲାଗିସାରିଛେ
- ବିଭାଗୀୟ ଅଧିକାରୀ ଗୁହାରି କରି ନିରାଶ ଗାଁବାସୀ

# ସ୍କୁଲ ପାଚେରିରେ ଐତିହ୍ୟ, ପରମ୍ପରା ଝଲସୁଛି

**କୋମନା,୪।୧୨ (ଡି.ଏନ.ଏ.)**

**କୋମନା ଜିତାମିତ୍ର ହାଇସ୍କୁଲ**

ବିଦ୍ୟାଳୟଗୁଡିକରେ କୋଠରୀ ଭିତରେ ବିଭିନ୍ନ ଶିକ୍ଷଣୀୟ ସ୍ଲୋଗାନ, ନୀତିବାଣୀ ଲେଖା ହୋଇଥିବା ଦେଖାଯାଇଥାଏ । ହେଲେ ଜିଲାର ଏମିତି ଏକ ସର୍ବପୁରାତନ ବିଦ୍ୟାଳୟ ଜିତାମିତ୍ର ହାଇସ୍କୁଲରେ ଯେଉଁଠିକାର ଦୀର୍ଘତମ ପାଚେରୀରେ କୋମନା ଏବଂ ଜିଲାର ବିଭିନ୍ନ ଐତିହ୍ୟ ଓ ପରମ୍ପରାକୁ ଚିତ୍ରକରଙ୍କ କାରୁକାର୍ଯ୍ୟପୂର୍ଣ୍ଣ ତୂଳୀରେ ସ୍ଥାନ ଦିଆଯାଇଛି । ତାହା ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷଣୀୟ ହୋଇଥିବାବେଳେ ପର୍ଯ୍ୟଟକଙ୍କ ପାଇଁ ମୁଖ୍ୟ ଆକର୍ଷଣ ହୋଇଛି ।

ଜିଲାର ପୁରାତନ ବିଦ୍ୟାଳୟ ତାଲିକାରେ ସର୍ବାଗ୍ରେ ରହିଥିବା ଜିତାମିତ୍ର ହାଇସ୍କୁଲ ବହୁ ସମୟରେ ଚର୍ଚ୍ଚାରେ ରହିଆସୁଥିବାବେଳେ ବର୍ତ୍ତମାନ ଏଥିରେ ଆଉ ଏକ ଫର୍ଦ୍ଦ ଯୋଡି ଦେଇଛନ୍ତି ସ୍କୁଲ କର୍ତ୍ତୃପକ୍ଷ। ପ୍ରଧାନ ଶିକ୍ଷକ ଏବଂ ସମସ୍ତ କର୍ମଚାରୀଙ୍କ ଅକୁଣ୍ଠିତ ପ୍ରୟାସରେ ଏହା ହୋଇ ପାରିଛି । ଜିଲାର ଉଦୀୟମାନ ଚିତ୍ରକର ପ୍ରଦ୍ୟୁମ୍ନ ସରାଫଙ୍କ ନିରଳସ ପ୍ରୟାସରେ କୋମନାଗଡର ଫଟୋ ଚିତ୍ର ସହ ସୁନାବେଡା ଅଭୟାରଣ୍ୟବାସୀଙ୍କ ଜୀବନଜିବିକା, ସଂସ୍କୃତି, ଖରଳଧସ, ବେନୁଆଁଧସ ଭଳି ଜଳ ପ୍ରପାତ, ପ୍ରସିଦ୍ଧ ଯୋଗେଶ୍ୱର ମନ୍ଦିର, ସ୍କୁଲ ଛାତ୍ରଙ୍କ ପାଇଁ ଗଣିତ ସୂତ୍ର ଆଦି ସୂକ୍ଷ୍ମ କାରୁକାର୍ଯ୍ୟରେ ଖଞ୍ଜାଯାଇଛି। ଜାତୀୟ ରାଜପଥ ୩୫୩ କଡରେ ଥିବା ସ୍କୁଲ ପାଚେରୀ ଦେଖିବାକୁ ନିତୀ ଭିଡ ଜମୁଛି । ଏମିତିକି ବସର ଯାତ୍ରୀମାନେ ଅଟକି ଏହାକୁ ଦେଖୁଛନ୍ତି । କୋମନା ବ୍ଲକକୁ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସୁଥିବା ଛାତ୍ରୀଛାତ୍ର ଏଠାକୁ ଆସି ମନୋରମ ଦୃଶ୍ୟକୁ ମନଭରି ଦେଖିଯାଉଥିବା ଦେଖାଯାଉଛି। ସ୍କୁଲ ପ୍ରଧାନଶିକ୍ଷକ କୁଳମଣୀ ନିଆଲ ଏବଂ ଅନ୍ୟମାନଙ୍କ ଅକ୍ଳାନ୍ତ ପରିଶ୍ରମକୁ ସମସ୍ତେ ପ୍ରଶଂସା କରିଛନ୍ତି। ସୂଚନାଯୋଗ୍ୟ ଯେ, ସ୍କୁଲ ପକ୍ଷରୁ ନିଜସ୍ୱ ପାଣ୍ଠି ବିନିଯୋଗ କରି ଏହା କରାଯାଇଛି। ଏହା ଉପରେ ଜିଲା ଶିକ୍ଷା ବିଭାଗ ଦୃଷ୍ଟି ଦେବା ସହ ଏଭଳି ଅନ୍ୟାନ୍ୟ ସ୍କୁଲରେ ମଧ୍ୟ କରାଗଲେ ଠିକ ହୁଅନ୍ତା ବୋଲି ଶିକ୍ଷାବିତମାନେ ମତ ରଖିଛନ୍ତି।



ସ୍କୁଲ ପାଚେରିରେ ଅଙ୍କାଯାଇଥିବା ଚିତ୍ରକଳାକୁ ଛାତ୍ରମାନେ ଦେଖୁଛନ୍ତି ।



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।
- ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ



### ଦିବ୍ୟାଙ୍ଗ ଆଦିବାସୀ ଯୁବକ ରବି ଶବରଙ୍କୁ ଷ୍ଟେଟ ଆୱାର୍ଡ

**ନୂଆପଡା ଅଫିସ,୪।୧୨**
ନୂଆପଡା ଜିଲା ସୁନାବେଡା ଅଭୟାରଣ୍ୟ ଅନ୍ତର୍ଗତ ମାରାଗୁଡା ଭଳି ଦୁର୍ଗମ ଅଞ୍ଚଳର ରବି ଶବର ନାମକ ଜଣେ ଆଦିବାସୀ ଦିବ୍ୟାଙ୍ଗ ଯୁବକଙ୍କୁ ମୁଖ୍ୟମନ୍ତ୍ରୀ ଏକ ବିଶେଷ କାର୍ଯ୍ୟକ୍ରମରେ ସମ୍ମାନିତ କରିଛନ୍ତି। ଯୁବକ ଜଣକ ସ୍ଥାନୀୟ ବିଜୁ ପଟ୍ଟନାୟକ ମାନସିକ ଅନଗ୍ରସର ସ୍ୱତନ୍ତ୍ର ବିଦ୍ୟାଳୟରେ ପାଠ ପଢିଥିଲେ। ଦିବ୍ୟାଙ୍ଗ(ପକ୍ଷାଘାତ) ରବି ବଡ ହେବା ପରେ ଏଠାରେ ଆଟେଣ୍ଡାଣ୍ଟ ଭାବେ କାର୍ଯ୍ୟରତ ରହିଛନ୍ତି । ବିଭିନ୍ନ ରୋଜଗାର ଭିତିକ ମହମବତୀ, ଚକ ତିଆରି ଭଳି କାମ କରି ଉପାର୍ଜନ କରିପାରୁଥିବା ବେଳେ ବଗିଚା କାମ ମଧ୍ୟ ସୁନ୍ଦର ଭାବେ କରିପାରୁଛନ୍ତି। ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସରେ ରାଜଧାନୀ ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀ ରବିଙ୍କୁ ରାଜ୍ୟ ସମ୍ମାନ ସହ ୨୫ ହଜାର ଟଙ୍କାର ଚେକ ପ୍ରଦାନ କରିଛନ୍ତି । ଏହି ସମ୍ମାନ ମିଳିବା ପରେ ବିଦ୍ୟାଳୟ ଅଧ୍ୟକ୍ଷା ରାଜେଶ୍ୱରୀ ସାମନ୍ତ, ସମସ୍ତ କର୍ମଚାରୀମାନେ ଶୁଭେଚ୍ଛା ଜଣାଇଛନ୍ତି ।

## ଆରମ୍ଭ ହେଲା ମାଣ୍ଡିଆ ମଣ୍ଡି

# ପ୍ରଥମ ଦିନରେ ୫୦ କୁଇଣ୍ଟାଲ ସଂଗ୍ରହ

**ନୂଆପଡା ଅଫିସ,୪।୧୨**

ସରକାରଙ୍କ କୃଷି ବିଭାଗ ପକ୍ଷରୁ ଚାଲିଥିବା ମିଲେଟ ମିଶନ ଜରିଆରେ ଜିଲାରେ ଏ ବର୍ଷର ପ୍ରଥମ ଥର ପାଇଁ ମାଣ୍ଡିଆ ମଣ୍ଡି ଆରମ୍ଭ ହୋଇଛି। ବୁଧବାର ଏହି ଜିଲା କୋମନା ବ୍ଲକ ମିଛାପାଲି ଗାଁରେ ଜିଲା କୃଷି ବିଭାଗ ଏହାକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଛି। ଏଥିରେ ଜିଲାପାଳ ମଧୁସ୍ମିତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମକୁ ସ୍କିମ ଅଧିକାରୀ ହିମାଂଶୁ କୁମାର ମହାପାତ୍ର ପରିଚାଳନା କରିଥିବାବେଳେ ଜିଲାପାଳ ସାହୁ ମୁଖ୍ୟଅତିଥି, ମୁଖ୍ୟ ଜିଲା କୃଷି ଅଧିକାରୀ ଜାହିଦ ମହମ୍ମଦ ବିଶେଷ ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବାହ୍ନ ୧୦ଟାରେ ପୂଜାର୍ଚ୍ଚନା ପରେ ଆନୁଷ୍ଠାନିକ ଭାବେ ଆରମ୍ଭ କରାଯାଇଥିଲା। ପ୍ରଥମ ଦିନରେ ସୁନାବେଡା, ସୋସେଙ୍ଗ, ମିଛାପାଲି, ଝଗ୍ରାହୀ ଗାଁର ଚାଷୀମାନେ ମାଣ୍ଡିଆ ଆଣି ବିକ୍ରି କରିଥିଲେ। ଏହାକୁ ଟିଡିସିସି ନାମକ



ମାଣ୍ଡିଆ ମଣ୍ଡି ଉଦ୍‌ଘାଟନ ଅବସରରେ ଚାଷୀଙ୍କ ଗହଣରେ ଅଧିକାରୀମାନେ।

ଏକ ସଂସ୍ଥା କିଣିଥିବାବେଳେ ସ୍ଥାନୀୟ ଭେଲା ପ୍ୟାକ୍ସ ପକ୍ଷରୁ ସବୁ ବ୍ୟବସ୍ଥା କରାଯାଇଥିଲା। ଏହାକୁ ଅହିଂସା କ୍ଲବ, ଏସଭିଏ ଏବଂ ମା' ଲକ୍ଷ୍ମୀ ମହିଳା ସ୍ୱଂୟ ସହାୟକ ଦଳ ସହାୟତା କରୁଛନ୍ତି। ସୂଚନାଯୋଗ୍ୟ ଯେ, ଏହିବର୍ଷ ଜିଲାରୁ ୨ ହଜାର କୁଇଣ୍ଟାଲ ମାଣ୍ଡିଆ ସଂଗ୍ରହ ଲକ୍ଷ୍ୟ ରଖାଯାଇଛି। ସପ୍ତାହର ପ୍ରତି ବୁଧବାର କୋମନା ଏବଂ ନୂଆପଡା ବ୍ଲକରେ ଯଥା ମିଛାପାଲି, ମୁଣ୍ଡାପଲା, ଦର୍ଲିମୁଣ୍ଡା ଏବଂ ଖରିଆରରୋଡ ମଣ୍ଡିରେ ମଣ୍ଡି ଖୋଲାଯିବାକୁ ଥିବାବେଳେ ରବିବାର ଖଡିଆଳ ଆରଏମସି, ବୋଡେନ, ଖଇର, ସିନାପାଲି, ନିଲଜୀରେ ମଣ୍ଡି ଖୋଲାଯିବ ବୋଲି ମୁଖ୍ୟ ଜିଲା କୃଷି ଅଧିକାରୀ ସୂଚନା ଦେଇଛନ୍ତି। ଏହି ମଣ୍ଡି ଖୋଲିବା ପରେ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଆଶ୍ୱସ୍ତି ପ୍ରକାଶ କରିଛନ୍ତି ।




ମାଓବାଦୀମାନେ ମାରିଥିବା ପୋଷ୍ଟର।

# ପିଏଲ୍‌ଜିଏସ୍ ସପ୍ତାହରେ ବୋଡ଼େନରେ ମାଓବାଦୀ ପୋଷ୍ଟର

**ନୂଆପଡା ଅଫିସ/ବୋଡେନ, ୪।୧୨(ଡି.ଏନ.ଏ.)**

୨ ତାରିଖଠାରୁ ଆସନ୍ତା ୮ତାରିଖ ପର୍ଯ୍ୟନ୍ତ ମାଓବାଦୀମାନେ ପିପୁଲ୍ସ ଲିବରେସନ ଗ୍ରୁପ (ପିଏଲଜିଏ)ପ୍ରତିଷ୍ଠା ସପ୍ତାହ ପାଳନ କରୁଥିବା ବେଳେ ପୋଷ୍ଟର ମାରି ମାଓବାଦୀମାନେ ନିଜର ଉପସ୍ଥିତି ଜାହିର କରିଛନ୍ତି। ନୂଆପଡ଼ା ଜିଲା ବୋଡେନ ଥାନା ଅନ୍ତର୍ଗତ ପାତାଳଗଙ୍ଗା ରାସ୍ତାରେ ମା' ଦୁଆରସନି ଦେବୀ ପୀଠ ନିକଟରେ ବୁଧବାର ପୋଷ୍ଟର ମାରି ବିଭିନ୍ନ ସରକାରୀ କାର୍ଯ୍ୟକ୍ରମକୁ ବିରୋଧ କରିଛନ୍ତି। ବୁଧବାର ସକାଳେ ପଥଚାରୀମାନେ କିଛି ହିନ୍ଦୀ ଏବଂ ଓଡିଆ ଭାଷା ଲେଖାଥିବା ପୋଷ୍ଟର ଦେଖିବାକୁ ପାଇଥିଲେ। ଏଥିରେ ବ୍ରାହ୍ମଣବାଦ, ଫାସିବାଦ ଏବଂ ସନ୍ତ୍ରାନ୍ତବାଦକୁ ବିରୋଧ କରାଯାଇଥିବା ବେଳେ ନବଜନବାଦୀ କ୍ରାନ୍ତି ଆଣିବାକୁ ଆହ୍ୱାନ କରାଯାଇଛି। ନାରୀମାନଙ୍କ ପ୍ରତି ହେଉଥିବା ଅତ୍ୟାଚାରର ବିରୋଧ କରିଛନ୍ତି। ଏଥିରେ ମୈନପୁର ଡିଭିଜନାଲ କମିଟି ସିପିଆଇ ମାଓବାଦୀ ବୋଲି ଉଲ୍ଲେଖ ରହିଥିଲା। ଖବର ପାଇ ବୋଡେନରୁ ସିଆରପିଏଫ ଟିମ ଯାଇ ସମ୍ପୃକ୍ତ ଅଞ୍ଚଳକୁ ଘେରାବନ୍ଦୀ କରି ପୋଷ୍ଟରଗୁଡିକୁ ଜବତ କରିଥିଲେ। ଏହାକୁ ନେଇ ଛାନଭିନ ଚାଲିଥିବା ପୋଲିସ ସୂତ୍ରରୁ ପ୍ରକାଶ। ସୂଚନାଯୋଗ୍ୟ ଯେ, କେବଳ ଏହି ଜାଗାରେ ମାଓବାଦୀମାନେ ବିଭିନ୍ନ ସମୟରେ ପୋଷ୍ଟର, ଟିଫିନ ବୋମା ଛାଡୁଥିବା ଦେଖାଯାଇଛି। ଏଠାରୁ କିଛି ଦୂରରେ ବୋଡେନ ଏବଂ ଖଡୁପାଣି ସିଆରପିଏଫ କ୍ୟାମ୍ପ ରହିଛି। ଏହା ପୋଲିସ ପାଇଁ ଏକ ଚ୍ୟାଲେଞ୍ଜ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ସିନାପାଲିରେ 'ମୋ ଗାଁରେ ତହସିଲ' କାର୍ଯ୍ୟକ୍ରମ

# ହାତପାଆନ୍ତାରେ ମିଳିବ ରାଜସ୍ୱ ସେବା



ରାଜସ୍ୱ ମେଳାରେ ଜନସାଧାରଣ।

**ସିନାପାଲି/ବରଗାଁ,୪।୧୨(ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକ୍ ଅନ୍ତର୍ଗତ ବରଗାଁଠାରେ ସିନାପାଲି ତହସିଲ ଆନୁକୂଲ୍ୟରେ 'ମୋ ଗାଁରେ ତହସିଲ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିନାପାଲି ଅତିରିକ୍ତ ତହସିଲଦାର ଲକ୍ଷ୍ମଣ ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଏଡିଏମ୍ ସୀତାରାମ ପଟେଲ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିବା ବେଳେ ସିନାପାଲି ତହସିଲଦାର କପିଳ ଦେବ ସାହୁ, ଡିଇଜିଏମ୍ ବୀରେନ୍ଦ୍ର କୁମାର ଦଣ୍ଡସେନା, ବରଗାଁ ସରପଞ୍ଚ ଭୁବନ ବଗର୍ତ୍ତୀ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଭିନ୍ନ ରାଜସ୍ୱ ସେବା, ରାଜସ୍ୱ ଅନଲାଇନ୍ ବ୍ୟବସ୍ଥା, ରାଜସ୍ୱ ଆଦାୟ (ଇ-ପାଉତି), ରାଜସ୍ୱ ବିବିଧ ପ୍ରମାଣପତ୍ର ପ୍ରଦାନ, ପଟ୍ଟା ବଣ୍ଟନ, ରାଜସ୍ୱ ଅଭିଯୋଗ ଗ୍ରହଣ କରାଯିବା ସହ ରାଜସ୍ୱ ସଚେତନତା କରାଯାଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ୧୫୪ ଜଣ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ, ୩୦୦ ଜଣଙ୍କୁ ବିଭିନ୍ନ ରାଜସ୍ୱ ପ୍ରମାଣପତ୍ର ବଣ୍ଟନ, ୪୧ ଜଣଙ୍କ ଇ-ପାଉତି ଗ୍ରହଣ, ୧୨୨ ଜଣଙ୍କ ରାଜସ୍ୱ ଅଭିଯୋଗ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରାୟ ପାଞ୍ଚ ଶହରୁ ଉର୍ଦ୍ଧ୍ୱ ଜନସମାଗମ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଲୋକେ ନିଜ ଗାଁରେ ରାଜସ୍ୱ ବିଭାଗୀୟ ସୁବିଧା ସୁଯୋଗ ପାଇପାରିବେ। ଏବେ ଆଉ ରାଜସ୍ୱ କିମ୍ବା ତହସିଲ କାର୍ଯ୍ୟାଳୟକୁ ଯାଇ ଲୋକଙ୍କୁ ଠିଆ ହେବାକୁ ପଡିବ ନାହିଁ । ପ୍ରଶାସନର ଏଭଳି ପଦକ୍ଷେପକୁ ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରାଯାଇଛି । ହିତାଧିକାରୀ ଖଜଣା ପୈଠ ସହ ବିବିଧ ପ୍ରମାଣପତ୍ର ଗାଁରେ ଅଳ୍ପ ସମୟ ମଧ୍ୟରେ ପାଇପାରିବେ। ଏହି କାର୍ଯ୍ୟକ୍ରମରେ ସିନାପାଲି ତହସିଲ ଅନ୍ତର୍ଗତ ଉମାକାନ୍ତ ଭଟ୍ଟ, ଗଙ୍ଗାଧର ଜଗତ, ସୁଧିର କୁମାର ବାରିକ, ଦେବରାଜ ତ୍ରିପାଠୀ, ଉମେଶ ଚନ୍ଦ୍ର ମେହେର, ରନ କୁମାର ସାହୁ ପ୍ରମୁଖ ରାଜସ୍ୱ ନିରୀକ୍ଷକମାନେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେଭେନ୍ୟୁ ସୁପରଭାଇଜର ଲକ୍ଷ୍ମୀନାରାୟଣ ମେହେର, ନାଜିର ଋଷି ମାଝି, ରେକର୍ଡ କିପର ଉଦ୍ଧବ ଶବର, ରନ ଶବର, ଡିଇଓ ଅନନ୍ତ ମାଝି, ଗୋଦାବରୀଶ ନାଏକ, ବରଗାଁ ଇଓ ବଳରାମ ତାଣ୍ଡିଙ୍କ ସମେତ ସିନାପାଲି ଅନ୍ତର୍ଗତ ସମସ୍ତ ଜନସେବା କେନ୍ଦ୍ର କର୍ମକର୍ତ୍ତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ମହିଳାଙ୍କଠାରୁ ୯୦ ହଜାର ଲୁଟ୍

**ବାରିପଦା ଅଫିସ,୪।୧୨:** ବାରିପଦା ସହରର ଭଞ୍ଜପୁର ଅଞ୍ଚଳରୁ ବୁଧବାର ଜଣେ ମହିଳାଙ୍କଠାରୁ ଲୁଟ ହୋଇଥିବା ଅଭିଯୋଗ ହୋଇଛି । ମହିଳା ଜଣକ ହେଲେ ଯମୁନାଦେଇପୁରର ବିଳାସ ମହାନ୍ତ। ଭଞ୍ଜପୁରସ୍ଥିତ ବ୍ୟାଙ୍କରୁ ସେ ଦିନ ୨ ଟା ବେଳେ ୯୦ ହଜାର ଟଙ୍କା ଉଠାଇ ଘରକୁ ଚାଲି ଚାଲି ଫେରୁଥିବା ବେଳେ ୨ ଜଣ ଯୁବକ ଏକ ବାଇକ୍‌ରେ ଆସି ତାଙ୍କଠାରୁ ଟଙ୍କା ବ୍ୟାଗ ଛଡ଼ାଇ ନେଇଥିଲେ। ମହିଳା ଜଣକ ସାହାଯ୍ୟ ପାଇଁ ଚିତ୍କାର କରିବା ପରେ ସ୍ଥାନୀୟ ଲୋକେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ବ୍ୟାଙ୍କର ସିସିଟିଭି କ୍ୟାମେରାକୁ ଯାଞ୍ଚ କରି ତଦନ୍ତ ଆରମ୍ଭ କରିଛି। ଏନେଇ ଥାନାରେ ଏକ ମାମଲା ( ନଂ.୩୮୧/୧୯ ) ରୁଜୁ ହୋଇଛି।


**କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ**

**ଘୋଷଣା**

File No. 328 / SLA /Dated: 02.10.2019

**No. V-78:-** ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୯ର ଅଧିନିୟମ ୭ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳ, କେନ୍ଦୁଝରଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ମୌଜା- ଜଗନ୍ନାଥପୁର, ଥାନା- ନଂ.୬୧, ତହସିଲ- ବଡ଼ବିଲ, ଜିଲ୍ଲା- କେନ୍ଦୁଝରରେ ନିମ୍ନସୂଚିତ 'କ' ତଫସିଲ ଜମି ଏହି ଆଇନ ୨୦୧୩ର ଧାରା ୨(୧) ପ୍ରକାରେ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଦୈତାରୀ-ବାଂଶପାଣି ଦୋହରୀକରଣ ନିର୍ମାଣ ନିମନ୍ତେ ଏ.୦.୦୮୦ ଏକର ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (Right to Fair Compensation and Transparency in Land Acquisition, Rehabilitation & Resettlement Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୩୯/R&DM ତା୨୩।୦୪।୨୦୧୮ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା- ଜଗନ୍ନାଥପୁର, ଥାନା- ନଂ୬୧, ତହସିଲ- ବଡ଼ବିଲ, ଜିଲ୍ଲା- କେନ୍ଦୁଝରରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ, ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ।

ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.keonjhar.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ www.odisha.gov.in/revenueରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଅଧିକାରୀ, ବାଂଶପାଣି-ଦୈତାରୀ-ଟମକା-ଜଖପୁରା, କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)
ଜିଲ୍ଲା- କେନ୍ଦୁଝର — ତହସିଲ- ବଡ଼ବିଲ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| | | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | | ଏଥିସହିତ ସଂଲଗ୍ନ |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)
ଜିଲ୍ଲା- କେନ୍ଦୁଝର — ତହସିଲ- ବଡ଼ବିଲ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅନୁସୂଚିତ ଜମି ଅଧିଗ୍ରହଣ: (ମୌଜା- ଜଗନ୍ନାଥପୁର, ଥାନା- ନଂ.୬୧, ତହସିଲ- ବଡ଼ବିଲ, ଜିଲ୍ଲା- କେନ୍ଦୁଝର)

| କ୍ର.ନଂ. | ଖାତା ନଂ. | ପ୍ଲଟ୍ ନଂ. | ମୋଟ ରକବା | ଅର୍ଜନ ରକବା | ଖାତା ରୟତଙ୍କ ନାମ |
|---|---|---|---|---|---|
| ୧ | | | | | |
| | | ମୋଟ | | ୦.୦୮୦ | |

24045/14/0015/1920 — ସ୍ୱା./- ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଦୈତାରୀ-ବାଂଶପାଣି ରେଳପଥ, କେନ୍ଦୁଝର



सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
**cmpdi** A Mini Ratna Company
**CENTRAL MINE PLANNING & DESIGN INSTITUTE LIMITED**
(A Subsidiary of Coal India Limited)
Regional Institute - VII, Near Gandhi Park,
Samantapuri, PO : RRL, Bhubaneswar - 751013 (Odisha)

**e-TENDER NOTICE**

Offers are invited for CMPDI, RI -VII, Samantapuri, Near Gandhi Park, Bhubaneswar through e-Tendering **(ON-LINE BIDDING)** only : **(1) Tender Notice No. CMPDI/RI-VII/BBSR/CIVIL/e-T/2019/ E-403161 Dt. 25.11.2019. Name of work :** Annual Maintenance Contract for housekeeping works at CMPDI Colony, Bhubaneswar. **Work value :** ₹ 9,12,751/-. **(2) Tender Notice No. CMPDI/RI-VII/ BBSR/CIVIL/e-T/2019/E-403157 Dt. 25.11.2019. Name of work** : Annual Maintenance Contract for housekeeping works at CMPDI Office Building, Bhubaneswar. **Work value :** ₹ 11,75,758/-. **Sale Period : 05.12.2019 to 20.12.2019 (For Sl. No. 1 & 2).** The details of the tenders are available on following website **www. cmpdi.co.in, www.eprocure.gov.in** and **https://coalindia tenders.nic.in**. Important Note to all prospective bidders : For On-line Bidding, the bidders should possess Class II/III Digital Signature Certificate (DSC) and enroll themselves at **https:// coalindiatenders.nic.in.** For any query, contact HOD (Civil), CMPDI, RI-VII, Bhubaneswar Mobile 9438881023, 9438881014 & Fax No. 0674 - 2394357.

**HOD (Civil)**



ପାୱାର୍ ଗ୍ରୀଡ୍ କର୍ପୋରେଶନ୍ ଅଫ୍ ଇଣ୍ଡିଆ ଲିମିଟେଡ୍
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଇଷ୍ଟର୍ନ ରିଜିଓନାଲ ଟେଲିକମ୍ କଣ୍ଟ୍ରୋଲ ସେଣ୍ଟର, ୧ମ ମହଲା
ସିଏଫ୍-୧୭, ଆକ୍ସନ୍ ଏରିଆ-୧ସି, ନ୍ୟୁ ଟାଉନ୍, ରାଜାରହାଟ, କୋଲକାତା-୭୦୦୧୫୬
ଟେଲି. ନଂ.୦୩୩-୨୩୨୪୨୮୪୦/୫୦, ଏକ୍ସଟେନ୍ସନ୍: ୧୦୧୫/୧୦୧୭
CIN: L40101DL1989GOI038121
ପାୱାରଗ୍ରିଡ POWERGRID

**ଆଗ୍ରହର ଅଭିବ୍ୟକ୍ତି ଆହ୍ୱାନକାରୀ ବିଜ୍ଞପ୍ତି** ତାରିଖ: ୦୫।୧୨।୨୦୧୯

ଇଆର୍‌ଟିସିସି ଅଧୀନରେ ପଶ୍ଚିମବଙ୍ଗ, ସିକିମ୍, ଓଡ଼ିଶା, ଝାଡ଼ଖଣ୍ଡ, ବିହାର ଓ ଉତ୍ତର ପୂର୍ବାଞ୍ଚଳର ବିଭିନ୍ନ ସହର/ସ୍ଥାନଗୁଡ଼ିକରେ **ଡାର୍କ ଫାଇବର୍ ଲିଜ୍ ସୂତ୍ରରେ ନେବା ପାଇଁ ଏଜେନ୍ସିଗୁଡ଼ିକର ତାଲିକାଭୁକ୍ତୀକରଣ** ଲାଗି ଆଗ୍ରହର ଅଭିବ୍ୟକ୍ତି (ଇଓଆଇ) ଆମନ୍ତ୍ରଣ କରାଯାଉଛି। ଆଗ୍ରହୀ ପାର୍ଟିମାନେ ତା୦୬।୦୧।୨୦୨୦ରିଖ (ଇଓଆଇ ଜାରିରୁ ଏକମାସ) ପର୍ଯ୍ୟନ୍ତ ଇ-ପୋର୍ଟାଲ୍ **http://etender.powergrid.in** କିମ୍ବା ୱେବ୍‌ସାଇଟ୍ **www.powergridindia.com**ରୁ ଯୋଗ୍ୟତା ମାନଦଣ୍ଡ ସମେତ ଇଓଆଇ କାଗଜପତ୍ର ଡାଉନ୍‌ଲୋଡ୍ କରିପାରିବେ। ବିଡ୍ ସହିତ ଅନ୍ୟାନ୍ୟ କାଗଜପତ୍ର ହାର୍ଡ କପି ଆକାରରେ ଜଉମୁଦଦିଆ ଲଫାପାରେ କୋଲକାତା କାର୍ଯ୍ୟାଳୟ / ଇ-ପୋର୍ଟାଲ୍ ମାଧ୍ୟମରେ ଅନ୍‌ଲାଇନ୍‌ରେ ତା୦୬।୦୧।୨୦୨୦ରିଖ ପୂର୍ବାହ୍ନ ୧୧.୦୦ ଘଟିକା ପୂର୍ବରୁ ଦାଖଲ କରାଯିବା ଆବଶ୍ୟକ ଏବଂ ଏହା ତା୦୬।୦୧।୨୦୨୦ରିଖ ୧୧.୩୦ ଘଟିକାରେ ଖୋଲାଯିବ।

ଡିଜିଏମ୍ (ଟେଲି-କଣ୍ଟ୍ରାକ୍ଟସ୍)

PG/ER/Tndr./19/arunsign

ପାୱାରଗ୍ରୀଡ୍- ଆପଣଙ୍କ ସମସ୍ତ "ଏଣ୍ଡ-ଟୁ-ଏଣ୍ଡ ଲିଜ୍‌ଡ ଲାଇନ୍, ଏମ୍‌ପିଏଲ୍‌ଏସ୍ ଭିପିଏନ୍ ଓ ଇଣ୍ଟରନେଟ୍ ଆବଶ୍ୟକତା" ପାଇଁ telecom-marketing@powergrid.co.inରେ ଯୋଗାଯୋଗ କରନ୍ତୁ



**ତହସିଲ କାର୍ଯ୍ୟାଳୟ, ବଣ୍ଠାଁରପାଳ**

ବିଜ୍ଞପ୍ତି ସଂଖ୍ୟା: ୪୮୯୭ — ତାରିଖ: ୨୯।୧୧।୨୦୧୯

**ଲଘୁ ଖଣିଜ ସକାଶେ ଲିଜ୍ ଇସ୍ତାହାର**

**No. F-77:-** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଅନୁଗୋଳ ଜିଲ୍ଲା ଅଧୀନସ୍ଥ ବଣ୍ଠାଁରପାଳ ତହସିଲ ଅନ୍ତର୍ଗତ ୨ଗୋଟି ଲଘୁ ଖଣିଜ ଦ୍ରବ୍ୟ (ପଥର)ର ଉତ୍ସକୁ ଲିଜ୍ ଆକାରରେ ବନ୍ଦୋବସ୍ତ କରିବା ପାଇଁ ଦରଖାସ୍ତ ଗ୍ରହଣ କରାଯାଉଅଛି। ଦରଖାସ୍ତ ଗ୍ରହଣର ଶେଷ ତାରିଖ ୧୫।୦୧।୨୦୨୦ ଅପରାହ୍ନ ୧ଘଟିକା ପର୍ଯ୍ୟନ୍ତ। ସୈରାତ ଉତ୍ସଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ ତଥା ଦରଖାସ୍ତ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଛୁଟିଦିନ ବ୍ୟତୀତ ଅନ୍ୟଦିନମାନଙ୍କରେ ତହସିଲ କାର୍ଯ୍ୟାଳୟ, ବଣ୍ଠାଁରପାଳରେ ଏବଂ ଅନୁଗୁଳ ଜିଲ୍ଲା ୱେବ୍‌ସାଇଟ୍ (www.angul.nic.in)ରେ ଉପଲବ୍ଧ ହୋଇପାରିବ।

ସ୍ୱା./- ତହସିଲଦାର
ବଣ୍ଠାଁରପାଳ

24078/11/0002/1920



ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LTD.**
A GOVT. OF ODISHA UNDERTAKING
OPTCL Lifeline of Orissa
Office Of The Deputy General Manager (Electrical)
EHT (O&M) Division, Chatrapur, At-Puti-Gopalpur, Chatrapur,
Dist-Ganjam (Odisha),Pincode-761020 CIN:U40102OR2004SGC007553

**ସୂଚନା**

ଶ୍ରୀ ବାଲ୍ମୀକି ମହାରଣା, ହେଲ୍‌ପର
ଟି.ଏଲ୍.ସବ.ଡିଭିଜନ୍, ଗଞ୍ଜାମ

ଉକ୍ତ ବିଜ୍ଞାପନ ମାଧ୍ୟମରେ ତୁମକୁ ଜଣାଇ ଦିଆଯାଉଅଛି ଯେ ଗତ ତା.୧୩.୦୨.୨୦୦୬ ରିଖ ଠାରୁ ବିନା ଛୁଟି ଦରଖାସ୍ତ ଏବଂ ବିନା ଅନୁମତି ରେ କାର୍ଯ୍ୟ ରୁ ଅନୁପସ୍ଥିତ ଥିବାରୁ ଇତିମଧ୍ୟରେ କାର୍ଯ୍ୟାଳୟ ତରଫରୁ ବହୁବାର ତଲବ ସତ୍ତ୍ୱେ ତୁମେ କୌଣସି ଉତ୍ତର ଦେଲ ନାହିଁ, ତୁମ ଘର ଠିକଣାରେ ଯାଇଥିବା ଚିଠି ଗୁଡ଼ିକ ଫେରସ୍ତ ଆସୁଅଛି ।

ଗତ ତା.୧୯.୦୯.୨୦୦୭ ରେ ବିଶ୍ୱସ୍ତ ସୂତ୍ରରୁ ଏହି କାର୍ଯ୍ୟାଳୟ ଅବଗତ ହୋଇଅଛି ଯେ ତୁମେ ତୁମ ଗ୍ରାମର ଘର ବିକ୍ରୟ କରି କେଉଁଆଡେ ଚାଲି ଯାଇଅଛ । ଏହା ପରେ ଗତ ତା.୨୯.୧୦.୨୦୦୭ ରିଖରେ ପ୍ରକାଶିତ ଦୈନିକ ଓଡ଼ିଆ ଖବର କାଗଜ 'ସମ୍ବାଦ' ଓ 'ଅନୁପମ ଭାରତ' ମାଧ୍ୟମରେ ଅନୁପସ୍ଥିତ ସମ୍ବନ୍ଧରେ ଅବଗତ କରାଗଲା ତଥାପି ତୁମେ କାର୍ଯ୍ୟରେ ଯୋଗ ଦେଲ ନାହିଁ । ଏ ସମସ୍ତ ପ୍ରକ୍ରିୟା ପରେ ଗତ ତା.୦୫.୦୮.୨୦୧୯ ରିଖ ରେ ତୁମ ଘର ଠିକଣାରେ ଯାଇଥିବା ଚିଠି ଫେରସ୍ତ ଆସିଅଛି ।

ଏଣୁ ତୁମେ ଏହି ବିଜ୍ଞପ୍ତି ପ୍ରକାଶ ପାଇବା ଦିନ ଠାରୁ ପନ୍ଦର ଦିନ ଭିତରେ ଯଦି ତୁମ କାର୍ଯ୍ୟରେ ଯୋଗ ଦେଉ ନାହଁ, ତାହା ହେଲେ ଧରି ନିଆହେବ ଯେ, ତୁମର ଏହି ଅନୁଷ୍ଠାନରେ ଚାକିରି କରିବା ଇଚ୍ଛା ନାହିଁ ଓ ତଦଅନୁଯାୟୀ ପରବର୍ତ୍ତୀ ତୁମ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

*Dy.General Manager*



**OFFICE OF THE NOTIFIED AREA COUNCIL, GOPALPUR**

**QUOTATION CALL NOTICE**

**No. 1444** — **Date: 04.12.19**

Sealed Quotations are invited from the intending suppliers/ authorized dealers/manufacturers/ Art Agency with registration/ for supply, fitting and installation of water fountains across bridge of children Park. The quotationer having update GST and PAN Clearance. The list of required items etc. along with terms and conditions of the quotation can be seen from the office of NAC Gopalpur during office hour from 10.00 AM to 5.00 PM (Excluding Govt. Holiday). The quotation will be received on or before 11.12.19 upto 1.00 PM by Registered Post/Speed Post only and the same will be opened on 11.12.19 at 4.00 PM in presence of the quotationers or their authorized representatives. The quotationers have to deposit 4,000/- (Non refundable) towards bid cost. The authority reserves the right to cancel any/ all the quotations without assigning any reason thereof.

**Sd./- Executive Officer, NAC Gopalpur**



**STEEL AUTHORITY OF INDIA LIMITED**
**Rourkela Steel Plant**
Rourkela - 769 011, Odisha, India

No: PL-CRM/2294 — Date : 21/11/2019

| To | Present Address | Permanent Address |
|---|---|---|
| Shri Harvinder Singh | Qrs.No.D/182, | At : Bhaklan |
| Pl.No. 928905 | Sector-8, | Po : Kotla Noudh Singh |
| Designation: Operator | Rourkela-769009 | PS : Hariana |
| Department: CRM | | Dist : Hoshiarpur, Punjab |

**NOTICE**

It is notified for your information that the Chargesheet bearing No. PL-CRM/1922, dated 21/09/2019 was issued to you under Clause 28(v) of the Certified Standing Orders of the Company which is reproduced below.

"Habitual absence from duty without leave"

The above charge is based on the following allegations:

You remained absent from duty without prior sanction of leave for a period of 77 days in different spells on the following days:

| Month & Year | Details of days absented | No. of days |
|---|---|---|
| July, 2019 | 01 to 31 | 31 |
| August, 2019 | 01 to 31 | 31 |
| September, 2019 | 01 to 15(up to 15/09/2019) | 15 |
| | Total days | 77 |

The above amounts to an act of misconduct in accordance with the Company's Standing Orders Clause 28(v) applicable to you.

The above Chargesheet was sent to your present and permanent addresses (as available in your service records). However, the chargesheet sent to your present and permanent addresses have returned back undelivered by the Postal Authorities with remarks "Addressee not available within 7 days & Address incomplete RTS" respectively. Hence this notice.

You are hereby called upon to submit your written explanation within 10 days from the date of publication of this notice. Any explanation that you make shall be taken into consideration before taking further action. However, if no explanation is received from you within the stipulated period or in case you deny the allegation set out in the above chargesheet, you are advised to appear before Mr.Somadutta Tripathy, Dy.Manager (PI) OD along with witnesses/documents, if any at 2nd Floor, Administration Building, Rourkela Steel Plant, Rourkela on 17/12/2019 at 10.30 AM who will enquire into the charge brought against you. You may bring a co-worker along with you to assist you in the enquiry if you so desire. If you fail to appear before the Enquiry Committee on the date, time and place mentioned above, the enquiry shall proceed without any further reference to you.

For Steel Authority of India Limited
Rourkela Steel Plant, Rourkela
AGM, CRM (Operation)

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in

There's a little bit of SAIL in everybody's life



**No. 985** — ROURKELA SMART CITY LTD. — **Date: 03.12.2019**

**REQUEST FOR PROPOSAL FOR**

**No. C-366:-** Smart Road Phase-II Comprising Upgradation of 28Nos. of roads including Construction of Footpath, Cycle Track, Road Side Drain, Junction improvement, Underground ducting, Shifting of Utilities, Landscaping work, Street furniture and Street lighting in ABD area of Rourkela Smart City Limited Bid Id No. RSCL/825/2019, Dated 14.11.2019.

With reference to the above mentioned Bid-ID published vide on date: 14.11.2019 www.tendersodisha.gov.in, www.rmc.nic.in by Rourkela Smart City Limited. The bidders are requested to visit the website portal www.tendersodisha.gov.in for view of Pre-bid reply and Addendum.

13080/11/0011/1920 — *Sd./- CEO, RSCL*



ଅଳ୍ପ ବୟସରେ ଯଦି ଜଣେ ଉଦୀୟମାନ ଯୁବକ ମରିଗଲା, ତେବେ ଜାଣିବ ଯେ ସେ ଈଶ୍ୱରଙ୍କର ଅତି ପ୍ରିୟ ଥିଲା ଓ ଈଶ୍ୱରଙ୍କ ଡାକରାରେ ଚାଲିଗଲା।

- ମେନାଣ୍ଡର



## ସଂକ୍ଷେପରେ

### ମେଗା ଲିଫ୍ଟ ପଏଣ୍ଟରୁ ଚୋରି, ୭ ଗିରଫ

କୋଲାବିରା, ୪।୧୨(ଡି.ଏନ.ଏ.): ଝାରସୁଗୁଡା ଜିଲା କୋଲାବିରା ଥାନା ଅନ୍ତର୍ଗତ ପରମାଣପୁର ନିକଟରେ ପ୍ରବାହିତ ତେଲେନ ନଦୀକୂଳରେ ସ୍ଥାପିତ ମେଗା ଲିଫ୍ଟ ପଏଣ୍ଟରୁ ବହୁମୂଲ୍ୟ ଯନ୍ତ୍ରାଂଶ ଚୋରି ହୋଇଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏହି ମାମଲାରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେଇ ଚୋରିରେ ସମ୍ପୃକ୍ତ ୭ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ସମ୍ବଲପୁର ଜିଲା ଠେଲକୁଲି ଥାନା ଅନ୍ତର୍ଗତ ଘିଚାମୁରା ଗ୍ରାମର ଆକାଶ ପରୁଆ(୨୨), ରାଜେନ୍ଦ୍ର ଓରାମ(୨୦), ଡୁଲୁ କିସାନ(୨୫), ଅଜୟ ପଧାନ(୨୪), ରଞ୍ଜନ କିସାନ(୨୫), ଗୋବିନ୍ଦ କିସାନ(୪୨)ଏବଂ ଭାବଗ୍ରାହୀ ପଟେଲ(୪୦)। ସୂଚନା ମତେ ୧ତାରିଖ ରାତିରେ ଲିଫ୍ଟ ପଏଣ୍ଟରୁ ଅନେକଗୁଡିଏ ବ୍ୟାଟେରି ସମେତ ଅନେକ ଯନ୍ତ୍ରାଂଶ ଚୋରି ହୋଇଥିଲା । ଏ ନେଇ କୋଲାବିରା ଥାନାରେ ୨ ତାରିଖ ଅଭିଯୋଗ ହେବା ପରେ ଥାନା ଅଧିକାରୀ ସୁକୁମାର ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା। ବିଭିନ୍ନ ସୂତ୍ରକୁ ଭିତ୍ତି କରି ପୋଲିସ ଚୋରିରେ ସଂପୃକ୍ତ ୭ଜଣଙ୍କୁ ଧରିଥିଲା। ଏ ନେଇ ଥାନାରେ ଦଫା ୪୫୭, ୩୮୦, ୩୪ରେ ଏକ ମାମଲା (ନଂ. ୧୫୬/୧୯) ରୁଜୁ ହୋଇଛି।

### ଅବକାରୀ ଚଢାଉ, ୨ ଗିରଫ

ଝାରସୁଗୁଡା ଅଫିସ, ୪।୧୨
ଝାରସୁଗୁଡା ଜିଲା ଲଇକେରା ବଜାରରେ ଅବକାରୀ ବିଭାଗ ପକ୍ଷରୁ ବସନ୍ତ ବେହେରାଙ୍କ ପାନ ଦୋକାନ ଓ ରଞ୍ଜନ ସାହୁଙ୍କ ଜଳଖିଆ ଦୋକାନରେ ଚଢାଉ କରାଯାଇଥିଲା । ଉଭୟଙ୍କ ଦୋକାନରୁ ପ୍ରାୟ ୮ଲିଟର ବିଦେଶୀ ମଦ ବାହାରିଥିଲା। ଏଥିପାଇଁ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଚଢାଉରେ ଇନ୍ସପେକ୍ଟର ନରୋତ୍ତମ ମିଶ୍ର, ଓଆଇସି ଯାଜ୍ଞସେନୀ ପ୍ରଧାନ, ଏଏସଆଇ ନିରଞ୍ଜନ ସାହୁ, ଆଦିତ୍ୟ ଛୁରିଆ, ମୁକେଶ ପଟେଲ, ସୁଶୀଲ ମିର୍ଦ୍ଧା ସାମିଲ ଥିଲେ ।

### ବସନ୍ତ ମହୋତ୍ସବ ପ୍ରସ୍ତୁତି ବୈଠକ

ଲଇକେରା, ୪।୧୨ (ଡି.ଏନ.ଏ.)
ଝାରସୁଗୁଡା ଜିଲା ଲଇକେରା ବ୍ଲକ ସାହାସପୁରଠାରେ ଜାନୁଆରୀ ୩୦ ତାରିଖରୁ ଫେବୃଆରୀ ୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଦ୍ୱିତୀୟ ବସନ୍ତ ମହୋତ୍ସବ ପାଇଁ ବୁଧବାର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାତ୍ରାକୁ କିପରି ସରସ ସୁନ୍ଦର ଓ ସୁରୁଖୁରୁରେ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯାଇଥିଲା । ବୈଠକରେ ୟୁଥ କ୍ଲବ ସଭାପତି ଚିରଞ୍ଜୀବୀ ଅଗ୍ରୱାଲ, ସମ୍ପାଦକ ନିମାଇଁ ଚରଣ ପଟେଲ, କୋଷାଧକ୍ଷ ଅମିତ ପଟେଲଙ୍କ ସହ ମାର୍ଗଦର୍ଶକ ଆଜାଦ ପଟେଲ, ନିର୍ମଳ ପଟେଲ, ଲେଲିନ ପଟେଲ, ଶ୍ରୀମନ୍ତ ନାଏକ, ଟିକେଶ୍ୱର ପୃଷେଟ, ଜିତୁରାମ ପଟେଲ, ସପନ ପସାୟତ, ମନୋଜ ଉନସନା, ରଞ୍ଜନ ପଟେଲ, ମହେନ୍ଦ୍ର ମୁଣ୍ଡା, ସୁରଜ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

### ସମ୍ପନ୍ନ ହେଲା ରେଙ୍ଗାଲବେଢା କୁରାଳ ପୂଜା

ଲଇକେରା, ୪।୧୨(ଡି.ଏନ.ଏ.) : ଝାରସୁଗୁଡା ଜିଲା ଲଇକେରା ନିକଟ ରେଙ୍ଗାଲବେଢା ଗ୍ରାମରେ କୁମ୍ଭକାର ସମାଜ ପକ୍ଷରୁ ଚାଲିଥିବା କୁରାଳ ପୂଜା ବୁଧବାର ପୂର୍ଣ୍ଣାହୂତି ସହ ସମ୍ପନ୍ନ ହୋଇଛି। ରବିବାର କଳସ ଶୋଭାଯାତ୍ରା ସହ ପୂଜା ଆରମ୍ଭ ହୋଇଥିଲା। ଏହି ପୂଜାରେ କୁମ୍ଭକାରର ଚକ୍ର ପୂଜା ସହିତ କୁରାଳ ପୁରାଣ ପାଠ କରାଯାଇଥିଲା। ମଙ୍ଗଳବାର ତୃତୀୟ ଦିବସରେ ପୂଜା, ପୁରାଣ ପାଠ କରାଯାଇଥିଲା। ପୀତାମ୍ବର ରଣା ଓ ପୂର୍ଣ୍ଣମୀ ରଣା ମୁଖ୍ୟ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଦ୍ୱାରିକା ପ୍ରସାଦ ପୁରୋହିତ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। କୃଷ୍ଣଗୁରୁ ଭଜନ ଅନୁଷ୍ଠିତ ହୋଇଥିଲା।

### ପ୍ୟାଣ୍ଟ ପକେଟରେ ଫାଟିଲା ମୋବାଇଲ ଫୋନ: ଯୁବକ ଗୁରୁତର

**କେନ୍ଦ୍ରାପଡା ଅଫିସ, ୪।୧୨:** ପ୍ୟାଣ୍ଟ ପକେଟରେ ଥିବା ମୋବାଇଲ ଫୋନ ହଠାତ୍ ଫାଟିଯିବାରୁ ଇନ୍ଦ୍ରମଣି ସେଠୀ ନାମକ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ଘର କେନ୍ଦ୍ରାପଡା ଜିଲା ଆଳି ବ୍ଲକ ଅଧୀନ ମହାଦେଈପୁର ଗ୍ରାମରେ। ପ୍ରକାଶ ଯେ, ଅପରାହ୍ନ ୨ଟାରେ ଇନ୍ଦ୍ରମଣି କେନ୍ଦ୍ରାପଡା ସହରରୁ ନିଜ ଘରକୁ ବାଇକ୍‌ରେ ଫେରୁଥିଲେ। ତେବେ ସହରର ଗରାପୁରସ୍ଥ ଭିଜିଲାନ୍ସ ଅଫିସ ନିକଟରେ ତାଙ୍କ ପକେଟରେ ଥିବା ମୋବାଇଲ କୌଣସି କାରଣରୁ ହଠାତ୍ ଫାଟି ଯାଇଥିଲା। ଫଳରେ ସେ ଗାଡି ସହ ତଳେ ପଡି ଯାଇଥିଲେ। ମୋବାଇଲ ଫାଟିଯିବାରୁ ତାଙ୍କ ଜଙ୍ଘରେ ଏକ କ୍ଷତ ସୃଷ୍ଟି ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ସେ ଚିକିତ୍ସିତ ହୋଇ ଘରକୁ ଫେରି ଯାଇଛନ୍ତି।

# ପାନୀୟ ଜଳ ସରକାରୀ ଘର ତିଆରିରେ ବ୍ୟବହୃତ

## ■ ବାରଣ କରିବା ସହ ବିରକ୍ତି ପ୍ରକାଶ କଲେ ବିଡିଓ

**କୋଲାବିରା, ୪।୧୨(ଡି.ଏନ.ଏ.)**

କୋଲାବିରା ବସ୍ତିର ଲୋକେ ପାନୀୟଜଳ ପାଇଁ ସବୁ ସମୟରେ ସମସ୍ୟାର ସମ୍ମୁଖୀନ ହୋଇଆସୁଛନ୍ତି। ଖାସ କରି ଓଭରହେଡ ଟାଙ୍କିର ପାଣି ସିଧା ବିଛାଯାଇଥିବା ପାଇପରେ କୁମ୍ଭାରପଡା ପର୍ଯ୍ୟନ୍ତ ଯାଉଥିବାବେଳେ ଜମିଦାରପଡା, ତେଲେଙ୍ଗାପଡା, ଘସିଆପଡା ଏବଂ ଜରିଜନପଡାକୁ ଜଳ ଯୋଗାଣ ହୋଇପାରୁନାହିଁ। ଏସଂକ୍ରାନ୍ତେ କୋଲାବିରା ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିରରେ ମଧ୍ୟ ଅଭିଯୋଗ କରାଯାଇଛି। ହେଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଉକ୍ତ ପଡାକୁ ନିରବଛିନ୍ନ ଭାବରେ ପାନୀୟ ଜଳ ଯୋଗାଣ ହୋଇପାରିନାହିଁ। ମାତ୍ର ପାନୀୟ ଜଳକୁ ସରକାରୀ କ୍ୱାର୍ଟର୍ସ ନିର୍ମାଣରେ ବ୍ୟବହାର କରାଯାଇ ଲୋକଙ୍କୁ ପାନୀୟ ଜଳରୁ ବଞ୍ଚିତ କରିବା ପରି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କୋଲାବିରା ବ୍ଲକରେ। ତେବେ ଏ କାର୍ଯ୍ୟ କରୁଛନ୍ତି ଖୋଦ ସ୍ଥାନୀୟ ସରପଞ୍ଚଙ୍କ ସ୍ୱାମୀ ସାନନ୍ଦ ମହାପାତ୍ର। ଅଭିଯୋଗ ମତେ କୋଲାବିରା ବ୍ଲକ ସାମନାରେ ୧୦ଲକ୍ଷ ଟଙ୍କା ବିନିମୟରେ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେଉଛି। ଉକ୍ତ ନିର୍ମାଣ ସ୍ଥଳିର ସନ୍ନିକଟ ଏକ ଷ୍ଟାଣ୍ଡ ପୋଷ୍ଟ ରହିଛି ହରିଜନ ପଡାର ଉପରପଡାରେ ବସବାସ କରିଥିବା ଲୋକଙ୍କ ପାନୀୟ ଜଳର ଚାହିଦା ପୂରଣ ନିମନ୍ତେ। ମାତ୍ର ଏପର୍ଯ୍ୟନ୍ତ ସେହି ଷ୍ଟାଣ୍ଡ ପୋଷ୍ଟରୁ ବାହରୁଥିବା ପାଣିରୁ ନିର୍ମାଣକାର୍ଯ୍ୟ କରାଯାଉଛି। ଫଳରେ ପାନୀୟ ଜଳପାଇଁ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି ହରିଜନ ପଡାର ଲୋକେ। ଏନେଇ ସେମାନେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜଣେଇ ସାରିଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଗତ ସପ୍ତାହରେ ଉକ୍ତ ମାର୍କେଟ କମ୍ପ୍ଲେକ୍ସର ଛାତ ପଡିସାରିଛି ଏବଂ ଏହି ଛାତ ଉପରେ ପାଣି ଦେବାପାଇଁ ଉକ୍ତ ଷ୍ଟାଣ୍ଡପୋଷ୍ଟରୁ ପାଇପ ଲଗେଇ ପାଣି ଚଢାଯାଉଛି ଛାତ ଉପରୁ। ଆଜି ଏହି କ୍ରମରେ ସରପଞ୍ଚଙ୍କ ସ୍ୱାମୀ ସାନନ୍ଦ ମହାପାତ୍ର ସକାଳୁ ପାଇପ ଲଗେଇ ଛାତ ଉପରୁ ପାଣି ଚଢଉଥିଲେ। ଏହି ସମୟରେ ହରିଜନ ପଡାର ସୁନିଲ ଭଞ୍ଜ ଏକଥାକୁ ବିରୋଧ କରିଥିଲେ। ଆଗେ ପିଇବା ପାଇଁ ପଡାର ଲୋକେ ପାଣି ନେଇ ସାରିବା ପରେ ଛାତ ଉପରୁ ପାଣି ନେବାକୁ କହିବାରୁ ସାନନ୍ଦ ମହାପାତ୍ର ରୋକଠୋକ ମନା କରିବା ସହ ଆଗେ ଛାତ ଉପରକୁ ପାଣି ଚଢାଯିବ ପରେ ଦେଖାଯିବ କହିବାରୁ ସୁନିଲ ଟେପରି ପାଇପକୁ ଫିଟେଇଦେଇଥିଲେ। ଏକଥାକୁ ନେଇ ସାନନ୍ଦ ଏବଂ ସୁନିଲ ମଧ୍ୟରେ କଟାକଟାକଟି ହୋଇଥିଲା । ଏତିକିରେ ଖୋଦ ସରପଞ୍ଚ କୁମୁଦିନୀ ମହାପାତ୍ର ଘଟଣାସ୍ଥଳକୁ ପହଞ୍ଚିଥିଲ ଏବଂ ପୋଲିସକୁ ଫୋନ କରିଥିଲେ। ସେପଟେ ଘଟଣା ବିଷୟରେ ଖବର ପାଇଁ କୋଲାବିରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ସଏ ମଧ୍ୟ ଘଟଣା ସ୍ଥଳକୁ ପହଞ୍ଚି ଘଟଣା ବିଷୟରେ ଜାଣିବା ପରେ ବିରକ୍ତି ପ୍ରକାଶ କରିବା ସହ ପାନୀୟ ଜଳ ଯୋଗାଣ ପାଇଁ ଉର୍ଦ୍ଦିଷ୍ଟ ଷ୍ଟାଣ୍ଡପୋଷ୍ଟରୁ ପାଣି ନେଇ ସରକାରୀ କୋଠା ନିର୍ମାଣରେ ବ୍ୟବହାର କରିବା ବେନିୟମ ବୋଲି କହିବା ସହିତ ସେଠାରୁ ନେବାକୁ ଶକ୍ତ ଭାବରେ ବାରଣ କରିଥିଲେ। ଯଥାଶୀଘ୍ର ଜରିଜନ ପଡାକୁ ଆଉ ଏକ ପାଣି ପଏଣ୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ।



ତିଆରି ହୋଇଥିବା ମାର୍କେଟ କମ୍ପ୍ଲେକ୍ସ।



ସମଲେଶ୍ୱରୀ ମନ୍ଦିରର ରତ୍ନମୁଦ କାର୍ଯ୍ୟକ୍ରମରେ ଶ୍ରଦ୍ଧାଳୁମାନେ।

## ସମଲେଶ୍ୱରୀ ମନ୍ଦିରର ରତ୍ନମୁଦ ଉତ୍ସବ

**ଲଇକେରା, ୪।୧୨(ଡି.ଏନ.ଏ.)**

ଝାରସୁଗୁଡା ଜିଲା ଲଇକେରା ଅଞ୍ଚଳର ଆରାଧ୍ୟ ଦେବୀ ମା' ସମଲେଶ୍ୱରୀଙ୍କ ଭବ୍ୟମନ୍ଦିରର ରତ୍ନମୁଦ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଛି । ଏହି ଅବସରରେ ସକାଳେ ସାହାଡା ବୃକ୍ଷ ବରଣ ସହିତ ଦେବୀଙ୍କ ପଞ୍ଚୋପଚାର ପୂଜା ଏବଂ ହୋମଯଜ୍ଞ ହୋଇଥିଲା । ଗାଁ ମୁଖିଆ ଟଙ୍କଧର ନାଏକଙ୍କ ପୁଅ ସତ୍ୟପ୍ରକାଶ ନାଏକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ମୁଖ୍ୟ ପୂଜକ ଭାବେ ପଣ୍ଡିତ ବିଜୟ କୁମାର ମିଶ୍ର ପୂଜାର୍ଚ୍ଚନା କରିଥିବାବେଳେ ବନମାଳୀ ମିଶ୍ର ଏବଂ କୃଷ୍ଣଚନ୍ଦ୍ର ମିଶ୍ର ଏଥିରେ ସହଯୋଗ କରିଥିଲେ । ୪୨ଫୁଟ ଉଚ୍ଚତା ବିଶିଷ୍ଟ ମନ୍ଦିର ଶିଖରକୁ ଶ୍ରଦ୍ଧାଳୁ ଯାଇ ଧାନ, ଟଙ୍କା, ସ୍ୱର୍ଣ୍ଣ, ରୌପ୍ୟ ଅଳଙ୍କାର ଦେଇ ମା'ଙ୍କ ଆଶୀର୍ବାଦ ନେଇଥିଲେ । ପଣ୍ଡିତଙ୍କ ବେଦ ମନ୍ତ୍ର ସାଙ୍ଗକୁ ପବିତ୍ର ହୋମାଗ୍ନିରେ ଘୃତାହୁତି, ହରିବୋଲ ହୁଳହୁଳିରେ ପରିବେଶ ଭକ୍ତିମୟ ହୋଇଥିଲା । ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ରତ୍ନମୁଦ ଉତ୍ସବର ନେତୃତ୍ୱ ନେଇଥିଲେ।

## ଝାରସୁଗୁଡ଼ାରେ ଇଣ୍ଟିଗ୍ରେଟେଡ୍ ପାଠ୍ୟକ୍ରମ ଶୁଭାରମ୍ଭ

### ଯୁକ୍ତ ୨ ବିଜ୍ଞାନ ସହ ଇଞ୍ଜିନିୟରିଂ, ମେଡିକାଲ ପାଠ ପଢ଼ାଯିବ

**ସମ୍ବଲପୁର, ୪।୧୨(ବ୍ୟୁରୋ)**

ଯୁକ୍ତ ୨ ବିଜ୍ଞାନ ସହ ଇଞ୍ଜିନିୟରିଂ ଓ ମେଡିକାଲ ପାଠ୍ୟକ୍ରମ ଝାରସୁଗୁଡ଼ାଠାରେ ଶୁଭାରମ୍ଭ ହୋଇଛି । ବୈଦିକ ଇଣ୍ଟରନ୍ୟାଶନାଲ ସ୍କୁଲ ପକ୍ଷରୁ ଏହି ଇଣ୍ଟିଗ୍ରେଟେଡ୍ ପାଠ୍ୟକ୍ରମରେ ଝାରସୁଗୁଡା ସହର ସମେତ ବେଲପାହାଡ, ବ୍ରଜରାଜନଗର, ସୁନ୍ଦରଗଡ ଛାତ୍ରୀଛାତ୍ରମାନେ ଉଚ୍ଚମାନର ଶିକ୍ଷା ସୁବିଧାରେ ପାଇପାରିବେ । ବିରାଟ ଶିକ୍ଷାନୁଷ୍ଠାନ ଲର୍ଣ୍ଣିଂ ପାଟନର୍ ରହିଛି । ଝାରସୁଗୁଡା ସରବାହାଲ ଆନନ୍ଦ ୱାର୍ଲ୍ଡଠାରେ ସିଟି ଅଫିସ ରହିଛି । ସେହିପରି ସୁନାରୀମୁଣ୍ଡା ସିଟି କ୍ୟାମ୍ପରେ ଛାତ୍ରୀଛାତ୍ରମାନଙ୍କୁ ଇଣ୍ଟିଗ୍ରେଟେଡ୍ ଶିକ୍ଷା ପ୍ରଦାନ କରାଯିବ । ଝାରସୁଗୁଡାସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତାମାନେ ଏହି ସୂଚନା ଦେଇଛନ୍ତି । ସେମାନେ ଆହୁରି କହିଥିଲେ ଯେ, ବେଲପାହାଡ, ବ୍ରଜରାଜନଗର, ଝାରସୁଗୁଡା, ସୁନ୍ଦରଗଡ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାନୁଷ୍ଠାନ ପକ୍ଷରୁ ବସ୍ ସେବା ମଧ ଯୋଗାଇ ଦିଆଯିବ। ରାଜ୍ୟ ତଥା ରାଜ୍ୟ ବାହାରୁ ଅଭିଜ୍ଞ ଅଧ୍ୟାପିକା, ଅଧ୍ୟାପକମାନେ ଶିକ୍ଷାଦାନ କରିବେ। ଫଳରେ ପଶ୍ଚିମ ଓଡିଶାର ଛାତ୍ରୀଛାତ୍ରମାନେ କୋଟା ଢ଼ାଞ୍ଚାରେ ଯୁକ୍ତ ୨ ବିଜ୍ଞାନ, ଇଞ୍ଜିନିୟରିଂ ଓ ମେଡିକାଲ ପାଠ୍ୟକ୍ରମ ପଢ଼ି ପାରିବେ। ଏହାକୁ ଦୃଷ୍ଟିରେରଖି ବିରାଟ ଶିକ୍ଷାନୁଷ୍ଠାନ ଓ ବୈଦିକ ଇଣ୍ଟରନ୍ୟାଶନାଲ ସ୍କୁଲ ମିଳିତ ଆନୁକୂଲ୍ୟରେ ଇଣ୍ଟିଗ୍ରେଟେଡ୍ ପାଠ୍ୟକ୍ରମର ପରିକଳ୍ପନା କରାଯାଇଛି । ଖବରଦାତା ସମ୍ମିଳନୀରେ ବିରାଟ ଅଧ୍ୟକ୍ଷ ରାହୁଲ ରାଜ, ବୈଦିକ ଇଣ୍ଟରନ୍ୟାଶନାଲ ସ୍କୁଲ ଅଧ୍ୟକ୍ଷ ଆନନ୍ଦ ଅଗ୍ରୱାଲ ଓ ଜ୍ୟୋତିରଞ୍ଜନ ଆଚାର୍ଯ୍ୟ ଉପସ୍ଥିତ ରହି ପାଠ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ ।

## ଦକ୍ଷତା ବିକାଶକୁ ପ୍ରୋତ୍ସାହନ

### ସ୍ୱର୍ଣ୍ଣ ପଦକ ପାଇଁ ୧୦ ଲକ୍ଷ ଟଙ୍କାର ପୁରସ୍କାର

**ଭୁବନେଶ୍ୱର,୪।୧୨(ବ୍ୟୁରୋ)**

ରାଜ୍ୟରେ ଦକ୍ଷତା ବିକାଶକୁ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟ ସରକାର ବିଜୁ ପଟ୍ଟନାୟକ ଦକ୍ଷତା ପ୍ରୋତ୍ସାହନ ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି। ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ (ଓଏସ୍‌ଡିଏ) କାର୍ଯ୍ୟନିର୍ବାହୀ କମିଟି ଏହି ପ୍ରସ୍ତାବକୁ ଅନୁମୋଦନ କରିଛି। ଏଥିରେ ଦକ୍ଷତା ବିକାଶ ତାଲିମ ନେଉଥିବା ଯୁବତୀଯୁବକ, ପ୍ରଶିକ୍ଷକ ଏବଂ ଏ ଦିଗରେ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷ ଓ ସଂସ୍ଥାମାନଙ୍କୁ ଦକ୍ଷତା ବିକାଶ ସମ୍ମାନରେ ପୁରସ୍କୃତ କରାଯିବ। ଏହି ଯୋଜନାରେ ପୁରସ୍କାରକୁ ୩ ଭାଗରେ ବିଭକ୍ତ କରାଯାଇଛି ଯଥା– ଦକ୍ଷତା ପୁରସ୍କାର, ଗୁରୁ ସମ୍ମାନ ଏବଂ ବିଜୁ ପଟ୍ଟନାୟକଙ୍କ ନାଁରେ ସେଣ୍ଟର ଅଫ୍ ଏକ୍ସିଲେନ୍ସ।

ଓଏସ୍‌ଡିଏ ଏହି ପୁରସ୍କାର ରାଶି ପ୍ରଦାନ ପାଇଁ ୧୦ କୋଟି ଟଙ୍କାର କର୍ପସ ଫଣ୍ଡ ଗଠନ କରିବ। ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ଉତ୍କର୍ଷ ଲାଭ କରିଥିବା ଛାତ୍ରୀଛାତ୍ର ଏବଂ ଯୁବତୀଯୁବକଙ୍କୁ ଦକ୍ଷତା ବିକାଶ ପୁରସ୍କାର ପ୍ରଦାନ କରାଯିବ। ସେହିପରି ଜାତୀୟ ଏବଂ ଆନ୍ତର୍ଜାତିକ ସ୍ତରରେ କୃତିତ୍ୱ ଅର୍ଜନ କରିଥିବା ପ୍ରଶିକ୍ଷକଙ୍କୁ ଗୁରୁ ସମ୍ମାନ ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅନୁଷ୍ଠାନଗୁଡିକୁ ବିଜୁ ପଟ୍ଟନାୟକ ସେଣ୍ଟର ଅଫ୍ ଏକ୍ସିଲେନ୍ସ ପୁରସ୍କାର ପ୍ରଦାନ କରାଯିବ। ଯଦି କୌଣସି ପ୍ରତିଯୋଗୀ ଅନ୍ତର୍ଜାତୀୟ ଦକ୍ଷତା ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ପାଇଥିବେ, ସେମାନଙ୍କୁ ୧୦ ଲକ୍ଷ ଟଙ୍କା ଏବଂ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଥିବା ପ୍ରତିଯୋଗୀଙ୍କୁ ଯଥାକ୍ରମେ ୫ ଲକ୍ଷ ଓ ୨ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରାଯିବ।

## ଲଘୁ ଖଣିଜ ଚୋରି ରୋକିବାକୁ ଆସିବ ନୂଆ ନିୟମ

**ଭୁବନେଶ୍ୱର,୪।୧୨ (ବ୍ୟୁରୋ)**

କେବଳ ବଡ଼ ବଡ଼ ଖଣି ନୁହେଁ, ଲଘୁ ଖଣିଜ ପଦାର୍ଥ ଚୋରି ମଧ ରାଜ୍ୟରେ ଅତିମାତ୍ରାରେ ବୃଦ୍ଧି ପାଉଛି। ଏହାକୁ ନେଇ ଅନେକ ସମୟରେ ବିରୋଧୀ ଦଳ ସଦସ୍ୟମାନେ ବିଧାନଭାରେ ଉଦ୍‌ବେଗ ପ୍ରକାଶ କରିଆସୁଛନ୍ତି। ରାଜ୍ୟ ସରକାର ଏହି ଖଣିଜ ପଦାର୍ଥକୁ ଅତି ହାଲୁକା ଭାବେ ନେଉଥିବାରୁ ବହୁ କୋଟି ଟଙ୍କାର ରାଜସ୍ୱ କ୍ଷତି ହେଉଛି। ଚୋରି ରୋକିବା ପାଇଁ ରାଜ୍ୟ ସରକାର ଖୁବ୍‌ଶୀଘ୍ର ଓଡ଼ିଶା ଲଘୁ ଖଣିଜ ଚୋରି ଓ ଚୋରାଚାଲାଣ ରୁଲ୍-୨୦୧୯ (ଓଏମ୍‌ଏମ୍‌ପିଟିସି) ଆଣିବାକୁ ଯାଉଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏ ନେଇ ଚିଠା(ଡ୍ରାଫ୍ଟ) ରୁଲ୍ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ଚିଠା ରୁଲ୍‌ରେ ଚୋରି ରୋକିବାକୁ ତହସିଲ ସ୍ତରରେ ଏନ୍‌ଫୋର୍ସମେଣ୍ଟ ସେଲ୍ କାର୍ଯ୍ୟକାରୀ ହେବ। ଜିଲାପାଳଙ୍କ ତତ୍ତ୍ୱାବଧାନରେ ଏହି ଏନ୍‌ଫୋର୍ସମେଣ୍ଟ କାର୍ଯ୍ୟ କରିବ। ବୃହତ୍ ଖଣିଜ ପଦାର୍ଥ ଭଳି ରାଜ୍ୟର ସମସ୍ତ ଲଘୁ ଖଣିଜ ପଦାର୍ଥ ପାଇଁ ପ୍ରତ୍ୟକ ଜିଲା ଅନୁଯାୟୀ ଯୋଜନା ପ୍ରସ୍ତୁତ ହେବ। ଏ ନେଇ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଲଘୁ ଖଣିଜ ପାଇଁ ଖଣି ନିର୍ଦ୍ଦେଶାଳୟ ଭଳି ଏକ ଲଘୁ ଖଣିଜ ନିର୍ଦ୍ଦେଶାଳୟ ଗଠନ କରାଯିବ। ସଚିବାଳୟରେ ଏହି ଖଣି ନିର୍ଦ୍ଦେଶାଳୟ କାର୍ଯ୍ୟ କରିବ। ଲଘୁ ଖଣିଜ ପଦାର୍ଥ ଚୋରି ରୋକିବା ପାଇଁ ୧୦ ଜଣ ଖଣି ଅଧିକାରୀଙ୍କୁ ନିଯୁକ୍ତି ଦିଆଯିବ। ସେମାନେ ୩୦ଟି ଜିଲା ଦାୟିତ୍ୱରେ ରହିବେ। ଅବସର ନେଇଥିବା ଖଣି ଅଧିକାରୀମାନଙ୍କୁ ପୁନଃ ନିଯୁକ୍ତି ଦିଆଯିବ। ସେମାନେ ନିୟମିତ ଜିଲା ପରିଦର୍ଶନ କରି ଲଘୁ ଖଣିଜ ପଦାର୍ଥ ଉପରେ ନଜର ରଖିବେ। ଲଘୁ ଖଣିଜ ପଦାର୍ଥ ତାଲିକାରେ ୩୧ଟି ଖଣିଜ ପଦାର୍ଥ ରହିଛି। ତେବେ ଓଡ଼ିଶାରେ ବାଲି, ମାଟି, ମୋରମ ଭଳି ୧୦ ପ୍ରକାରର ଲଘୁ ଖଣିଜ ପଦାର୍ଥ ଉପଲବ୍ଧ ହେଉଛି। ଖଣିଜ ପଦାର୍ଥ ଲିଜ୍ ନେବାକୁ ସରକାରୀ ଉଦ୍ୟୋଗଗୁଡିକୁ କୁହାଯାଇଛି। ଏହାଦ୍ୱାରା ଜନସାଧାରଣଙ୍କୁ ଲଘୁ ଖଣିଜ ପଦାର୍ଥ ସହଜରେ ମିଳି ପାରିବ। ନିକଟରେ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀଙ୍କ ଅଧକ୍ଷତାରେ ଏ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଲଘୁ ଖଣିଜ ପଦାର୍ଥ ଚୋରିକୁ ଯେପରି ସମ୍ପୂର୍ଣ୍ଣ ପ୍ରତିହତ କରାଯାଇପାରିବ ସେ ନେଇ ନୂତନ ନିୟମରେ ବ୍ୟବସ୍ଥା କରିବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି।

## ପୀଡ଼ିତାଙ୍କୁ ନ୍ୟାୟ ପାଇଁ କ୍ୟାଣ୍ଡେଲ ଶୋଭାଯାତ୍ରା

**ବେଲପାହାଡ଼, ୪।୧୨(ଡି.ଏନ.ଏ.)**

ହାଇଦ୍ରାବାଦରେ ମହିଳା ପ୍ରାଣୀ ଡ଼ାକ୍ତରଙ୍କୁ ଗଣ ବଳାତ୍କାର ପରେ ଜାଳି ମାରି ଦିଆଯିବା ଘଟଣାକୁ ନେଇ ଦେଶବ୍ୟାପୀ ପ୍ରତିବାଦ ହେଉଛି। ଏହିକ୍ରମରେ ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳରେ ପ୍ରତିବାଦର ସ୍ୱର ଉଠିଛି। ମଙ୍ଗଳବାର ଅପରାହ୍ନରେ ବେଲପାହାଡ଼ ମହାତ୍ମାଗାନ୍ଧୀ ସ୍ମୃତିସଦନଠାରୁ ଏକ ଶୋଭାଯାତ୍ରା ବାହାରିଥିଲା । ଏଥିରେ ଶତାଧିକ ମହିଳା ଓ ପୁରୁଷ ଯୋଗ ଦେଇଥିଲେ । ବୁଧବାର ଅପରାହ୍ନରେ ବିଭିନ୍ନ ସଙ୍ଗଠନ ମିଳିତଭାବେ ଗୁମାଡ଼େରାରେ ଏକ ଶୋଭାଯାତ୍ରା ବାହାର କରିଛନ୍ତି। ଆୟୋଜିତ ଶୋଭାଯାତ୍ରାରେ ପ୍ରାୟ ଦୁଇ ଶହରୁ ଉର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ । ସେମାନେ ହାତରେ ବ୍ୟାନର ଓ କ୍ୟାଣ୍ଡଲ ଧରି ଗୁମାଡ଼େରା ମୁଖ୍ୟ ବଜାର ଦେଇ ଟିଆର୍‌ଏଲ ଟାଉନଶିପ ପରିକ୍ରମା କରିଥିଲେ। ଆମେ ନ୍ୟାୟ ଚାହୁଁ, ସମସ୍ତ ବଳାତ୍କାରୀଙ୍କୁ ଫାଶି ଦଣ୍ଡ ମିଳୁ ବୋଲି ସେମାନେ ସ୍ଲୋଗାନ ଦେଇଥିଲେ।



ବେଲପାହାଡ଼ ଗୁମାଡ଼େରାରେ ମହିଳାମାନେ ଶୋଭାଯାତ୍ରାରେ ବଳାତ୍କାରୀ ପୀଡ଼ିତାଙ୍କ ପ୍ରତି ନ୍ୟାୟ ଓ ମହିଳାମାନଙ୍କ ସୁରକ୍ଷା ଦାବି କରୁଛନ୍ତି।

**କୋଲାବିରା,୪।୧୨(ଡି.ଏନ.ଏ.)**

ହାଇଦ୍ରାବାଦରେ ବଳାତ୍କାର ଓ ହତ୍ୟାର ଶିକାର ହୋଇଥିବା ମହିଳା ଡାକ୍ତରାଣୀଙ୍କ ଉଦ୍ଦେଶ୍ୟରେ ମଙ୍ଗଳବାର ପୂର୍ବାହ୍ନରେ କୋଲାବିରା ସମଲେଶ୍ୱରୀ ସାହିତ୍ୟ ସଂସଦ ପକ୍ଷରୁ ସଭାପତି ଶୌଭାଚନ୍ଦ୍ର ନାଏକଙ୍କ ନେତୃତ୍ୱରେ କୋଲାବିରା କରୁଣାକରମାର୍ଗ ସ୍ଥିତ ଗାୟତ୍ରୀ ମନ୍ଦିର ପ୍ରାଙ୍ଗଣରେ କ୍ୟାଣ୍ଡେଲ ସଭାର ଆୟୋଜନ କରାଯାଇଥିଲା। ଏଥିରେ କ୍ୟାଣ୍ଡେଲ ଜାଳି ମୃତ ଡାକ୍ତରାଣୀଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରକଟ କରାଯାଇଥିଲା। ଦେଶରେ ବାରମ୍ବାର ଏଭଳି ଘଟଣା ଘଟିବା ନେଇ ସଭାପତି ନାଏକ ଉଦ୍‌ବେଗ ପ୍ରକାଶ କରିବା ସହ ଦୋଷୀକୁ କଠୋର ଦଣ୍ଡ ଦେବାକୁ ଦାବି କରିଥିଲେ। ଏଥିରେ ଜମିଦାର ବୀରଅମରେନ୍ଦ୍ର ପ୍ରତାପ ସିଂ, ମାନଭଞ୍ଜନ ସିଂ, ଶିକ୍ଷକ ଲଳିନ୍ଦ୍ର ଗୋଖରା, ଅଶୋକ କୁମାର ମହାପାତ୍ର, ଅଭିମନ୍ୟୁ ପଟେଲ, ପଣ୍ଡିତ ତ୍ରୈଲୋକ୍ୟନାଥ ମହାପାତ୍ର, ୱାଡସଭ୍ୟ ଶଙ୍କର ପାତ୍ର, ରିତେଶ କୁମାର ପଟେଲ, ରିଙ୍କୁ ସାହୁ, ହରିବଂଶ ପଧାନ, ବିରଞ୍ଚି କୁମାର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।



ବ୍ରଜରାଜନଗର ଲମଡିବାହାଲ ସ୍ଥିତ ଇବ୍ ପିଟ ନାରୀ କଲ୍ୟାଣ ସମିତି ପୀଡିତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ବାହାରିଥିବା କ୍ୟାଣ୍ଡେଲ ଶୋଭାଯାତ୍ରା।

**ବ୍ରଜରାଜନଗର, ୪।୧୨ (ଡି.ଏନ.ଏ.)**

ବ୍ରଜରାଜନଗର ଲମଡିବାହାଲ ସ୍ଥିତ ଇବ୍ ପିଟ ନାରୀ କଲ୍ୟାଣ ସମିତି ହାଇଦ୍ରାବାଦର ଡାକ୍ତରାଣୀଙ୍କୁ ବଳାତ୍କାର ପରେ ହତ୍ୟା ଓ ପୁରୀ ନାବାଳିକା ବଳାତ୍କାରୀକୁ ଫାଶି ଦେବାକୁ ଦାବି କରିଛି। ବୁଧବାର ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରି ସେମାନେ ଏହାର ପ୍ରତିବାଦ କରିବା ସହ ପିଡିତାଙ୍କୁ ନ୍ୟାୟ ଦେବାକୁ ଦାବି କରିଛନ୍ତି। ଶୋଭାଯାତ୍ରା ଇବପିଟରୁ ବାହାରି ଲମଡିବାହାଲ ପେଟ୍ରୋଲ ପମ୍ପ ଦେଇ ମୁଖ୍ୟବଜାର ଦେଇ ଫେରିଥିଲେ। ଶୋଭାଯାତ୍ରାରେ ମହିଳାମାନଙ୍କ ସହିତ ଛାତ୍ରି ଓ କୁନି ପିଲାମାନେ ସାମିଲ ହୋଇଥିଲେ । ନାରୀମାନଙ୍କୁ ସୁରକ୍ଷା ଦେବାକୁ ଶୋଭାଯାତ୍ରା କାଳରେ ସ୍ଲୋଗାନ ଦିଆଯାଇଥିଲା। ଶୋଭାଯାତ୍ରାରେ ମୀରା ସିଂ, ଭଗବତୀ ରଣା, ଦିବ୍ୟା ସିଂ, ଇନ୍ଦୁ ସିଂ ପ୍ରମୁଖ ସାମିଲ ହୋଇଥିଲେ ।



ଯାହାର ଲୋଭ, ମାନ ଓ ଅପମାନ ନ ଥାଏ, ସିଏ ସମ୍ପଦ ଓ ବିପଦକୁ ସମାନ ମଣେ, ତାଙ୍କୁ ଭକ୍ତ କୁହାଯାଏ।
-ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### କେନାଲକୁ ଖସି ଯୁବକ ମୃତ

ଲହୁଣୀପଡା, ୪।୧୨ (ଡି.ଏନ.ଏ)- ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ କୁରାଡ଼ି ନାଳରେ ସାଇକେଲରୁ ଖସି ପଡି ଜଣେ ଯୁବକଙ୍କର ମୃତ୍ୟୁ ହୋଇଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ମଙ୍ଗଳବାର ସନ୍ଧ୍ୟାର ଫକୀର ମୁଣ୍ଡା ଗ୍ରାମର ଧରମଦାସ ଓରାମ (୪୬) ଭୋଜି କରି ସାଇକେଲ ଯୋଗେ ଘରକୁ ଫେରୁଥିଲେ। ତେବେ ଅସାବଧାନତା ବଶତଃ ଯୋଗୁ ସେ କୁରାଡ଼ି ନାଳର ଫକୀରମୁଣ୍ଡା ନିକଟରେ ଯାଇଥିବା କେନାଲରେ ତଳକୁ ଖସି ପଡିଥିଲେ। ତେବେ ମଙ୍ଗଳବାର ଏ ବିଷୟରେ କେହି ଜାଣିବାକୁ ପାଇ ନ ଥିଲେ। ବୁଧବାର ସକାଳେ ସେଠାରେ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ କେ.ବଲାଙ୍ଗ ଥାନା ଅଧିକାରୀ ଦିପ୍ତିକାନ୍ତ ପ୍ରଧାନ ପହଞ୍ଚି କେନାଲରୁ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଲହୁଣୀପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲେ । ଏଥିନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ସୁନ୍ଦରଗଡ ଜଗନ୍ନାଥ ମନ୍ଦିରର ୨ଟି ହୁଣ୍ଡି ଚୋରି

ସୁନ୍ଦରଗଡ଼, ୪।୧୨ (ଡି.ଏନ୍.ଏ) ସ୍ଥାନୀୟ ରାଜବାଟି ଜଗନ୍ନାଥ ମନ୍ଦିରରେ ଥିବା ୨ଟି ହୁଣ୍ଡିକୁ ଗତ ରାତିରେ ଦୁର୍ବୃତ୍ତମାନେ ଚୋରି କରିନେଇଥିବା ଅଭିଯୋଗ ହୋଇଛି। ଏସମ୍ପର୍କରେ ମନ୍ଦିର ପରିଚାଳନା ଟ୍ରଷ୍ଟ ପକ୍ଷରୁ ଅବନୀକାନ୍ତ ପୁରୋହିତ ଟାଉନ ଥାନାରେ ରିପୋର୍ଟ ପ୍ରଦାନ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ୨ଟି ହୁଣ୍ଡିରେ ପ୍ରାୟ ୧୫ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଥିବା ଅଭିଯୋଗ ହୋଇଛି।

# ଡାଳ କାଟିବାକୁ ଅନୁମତି ଆଣି ଗଛ କଟା

- ରାଉରକେଲା ସରକାରୀ ଡାକ୍ତରଖାନା ପରିସରରେ ଗଛକଟା
- କଂଗ୍ରେସ ପ୍ରତିନିଧି ମଣ୍ଡଳୀଙ୍କ କଡା ପ୍ରତିବାଦ, ୪ ଗିରଫ

**ରାଉରକେଲା ଅଫିସ, ୪।୧୨**



ଆର୍‌ଜିଏଚ୍‌ରେ ଗଛକଟା ନେଇ ବିବାଦ ପରେ ପୋଲିସ ପହଞ୍ଚି ଆଲୋଚନା କରୁଛି।

ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍) ପରିସରରୁ ଅବାଧ ଗଛ କଟା ନେଇ ଉତ୍‌କ୍ଷିପ୍ତ ହୋଇଛନ୍ତି କଂଗ୍ରେସ ନେତୃମଣ୍ଡଳୀ। ବିନା କାରଣରେ ସରକାରୀ ଡାକ୍ତରଖାନାରୁ ଗଛ କଟା କାମ ଜାରି ରହିଥିବାରୁ ଦଳ କ୍ଷୋଭ ପ୍ରକାଶ କରିଛି। ଏନେଇ ଗତ ଦୁଇ ଦିନ ପୂର୍ବେ କଂଗ୍ରେସ ନେତା ଜର୍ଜ ତିର୍କୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ମେଡିକାଲ ଅଧକ୍ଷ ଦିନବନ୍ଧୁ ପଣ୍ଡାଙ୍କୁ ସାକ୍ଷାତକରି ଆପତ୍ତି ଉଠାଇଥିଲା। ସେ କୌଣସି ସନ୍ତୋଷଜନକ ଉତ୍ତର ନ ଦେବାରୁ ଫେରି ଆସିଥିଲେ ଦଳର କର୍ମକର୍ତ୍ତା। ବୁଧବାର ନିର୍ଦ୍ଦେଶକ ନିହାରରଞ୍ଜନ ନାୟକ କାର୍ଯ୍ୟାଳୟରେ ଥିବା ଜାଣି କଂଗ୍ରେସ ନେତା ଜର୍ଜ ତିର୍କୀ ଓ ପ୍ରତିନିଧି ମଣ୍ଡଳୀ ଡାକ୍ତରଖାନାରେ ପହଞ୍ଚି ଏନେଇ ପ୍ରଶ୍ନ କରିଥିଲେ। କାହିଁକି ବିନା କାରଣରେ ଗଛ କଟା ଯାଉଛି ଜାଣିବାକୁ ଆଗ୍ରହ ପ୍ରକାଶ କରିଥିଲେ। ତେବେ ଗଛ ନୁହେଁ, ଡାଳ କଟାଯାଉଛି ବୋଲି ଡାଇରେକ୍ଟର (ନିର୍ଦ୍ଦେଶକ) କହିବାରୁ ଏହାକୁ ପ୍ରତିନିଧି ମଣ୍ଡଳୀ ବିରୋଧ କରି ଘଟଣାସ୍ଥଳ ପରିଦର୍ଶନ କରିବାକୁ ତାଙ୍କୁ ଦାବି କରିଥିଲେ। ବାଧ୍ୟ ବାଧକତାରେ ଡାଇରେକ୍ଟର ନାୟକ ଘଟଣାସ୍ଥଳକୁ ଯାଇ ପହଞ୍ଚିବା ବେଳକୁ ୪ ଜଣ ଅଜଣା ବ୍ୟକ୍ତି ଏକ ବିରାଟକାୟ ଗଛ କାଟୁଥିବା ଦେଖାଯାଇଥିଲା। ଏହାକୁ ଦେଖି ଡାଇରେକ୍ଟର ନିରବ ରହିଥିଲେ। ଏପରି ଅବସ୍ଥାରେ କଂଗ୍ରେସ ନେତୃମଣ୍ଡଳୀ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିବା ସହ ଏହି ଗଛ କାହା ନିର୍ଦ୍ଦେଶରେ କଟାଯାଇଛି ବୋଲି ପ୍ରଶ୍ନ କରିଥିଲେ। ଜଙ୍ଗଲ ବିଭାଗରୁ ଡାଳ କାଟିବାକୁ ଅନୁମତି ଆଣି ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ମୂଲ୍ୟବାନ ଗଛ କାହା ଇଙ୍ଗିତରେ କଟା ଯାଉଛି ବୋଲି ଡାଇରେକ୍ଟରଙ୍କୁ ପ୍ରଶ୍ନ କରାଯାଇ ଥିଲା। ଏଥିରେ ସେ ହଡବଡେଇ ଯିବା ସହ ଘଟଣାସ୍ଥଳରୁ ଚାଲି ଯିବାକୁ ଉଚିତ ମଣିଥିଲେ। ତେବେ କଂଗ୍ରେସ ପ୍ରତିନିଧି ମଣ୍ଡଳୀ ଜଙ୍ଗଲ ବିଭାଗକୁ ଖବର ଦେବା ସହ ୪ ଜଣଙ୍କୁ ପୋଲିସ ହାତରେ ଧରାଇ ଦେଇଥିଲେ। ଗଛକଟା ନେଇ ବିବାଦ ପରେ ପୋଲିସ ପହଞ୍ଚି ଆଲୋଚନା କରିଥିଲା। ୧୧କେଭି ବିଜୁଳି ତାର ସଂସ୍ପର୍ଶରେ ଆସୁଥିବା ଗଛ ଶାଖା କଟାଯିବା ନେଇ ବନ ବିଭାଗ ଅନୁମତି ଅଣାଯାଇଛି। ଏଣୁ କେବଳ ଡାଳ କଟାଯାଇଛି ବୋଲି ଡାଇରେକ୍ଟରଙ୍କ ସଫେଇକୁ କଂଗ୍ରେସ ଦଳ ଦୃଢ ସମାଲୋଚନା କରିଛି। ଡାକ୍ତରଖାନା ସ୍ଥଳରେ ଆଦୌ ୧୧କେଭି ବିଦ୍ୟୁତ ନ ଥିବାବେଳେ କେଉଁ ପରିସ୍ଥିତିରେ ଅନୁମତି ଅଣାଯାଇ ଗଛ କଟାଯାଇଛି ସେନେଇ ତଦନ୍ତ ଦାବି କରାଯାଇଛି। ଯଦି ଅଜଣା ଦୁର୍ବୃତ୍ତ ଡାକ୍ତରଖାନା ପରିସରରୁ ଗଛ କାଟିଲେ ତେବେ କର୍ତ୍ତୃପକ୍ଷ ଏତଲା ନ କରି କାହିଁକି ଚୁପ ବସିଛନ୍ତି ପଚାରା ଯିବାରୁ ଡାଇରେକ୍ଟର କହିଥିଲେ, ଅନୁଧ୍ୟାନ ପରେ ଏନେଇ ଏତଲା ଦିଆଯିବ। ଦଳର ନେତା ଜର୍ଜ ତିର୍କୀ ଓ ବୀରେନ ସେନାପତି ଅଭିଯୋଗ କରି କହିଛନ୍ତି ଯେ, ଗଛ କଟା ପଛରେ ଶାସକ ଦଳର ଜଣେ ବରିଷ୍ଠ ନେତାଙ୍କ ସମ୍ପୃକ୍ତି ରହିଛି। ଏହା ତଦନ୍ତ କରା ନ ଗଲେ ଦଳ କଠୋର ପଦକ୍ଷେପ ନେବାକୁ ପଛାଇବ ନାହିଁ।

# ବିଜୁ ଏକ୍ସପ୍ରେସ ୱେରେ ଓଲଟିଲା କାର୍

## ଆହତଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଲେ ପରିବହନ ଅଧିକାରୀ

**ସୁନ୍ଦରଗଡ, ୪।୧୨ (ଡି.ଏନ୍.ଏ)**

ରାଉରକେଲା – ସମ୍ବଲପୁର ବିଜୁ ଏକ୍ସପେସ୍ର ୱେର ସୁନ୍ଦରଗଡର ବଡଗାଁର ଟିକିଲିପଡା ନିକଟରେ ବୁଧବାର ଏକ କାର ଭାରସାମ୍ୟ ହରାଇ ରାସ୍ତା ତଳକୁ ଓଲଟି ପଡିଥିଲା। ଏହି ସମୟରେ ସେହି ରାସ୍ତାରେ ଯାଉଥିବା ସୁନ୍ଦରଗଡ ଅତିରିକ୍ତ ଜିଲା ପରିବହନ ଅଧିକାରୀ ସୁସ୍ମିତା ବେହେରା ଓ ମୋଟର ଯାନ ନିରୀକ୍ଷକ (ଏମଭିଆଇ) ରାମଦାସ ଟୁଡୁ ଦୁର୍ଘଟଣାସ୍ଥଳରେ ପହଞ୍ଚ ଦୁର୍ଘଟଣାଗ୍ରସ୍ତ କାର ଭିତରୁ ୩ଜଣ ଆହତଙ୍କୁ ଉଦ୍ଧାର କରି ନିଜ ଗାଡିରେ ସଙ୍ଗେ ସଙ୍ଗେ ଚିକିତ୍ସା ପାଇଁ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲେ। ଓଆର୦୨ ଏୱାଇ ୩୯୬୮ନଂ. କାର ରାଉରକେଲାରୁ ସମ୍ବଲପୁର ଅଭିମୁଖେ ଯାଉଥିଲା। କାର୍ ଦ୍ରୁତ ଗତିରେ ଥିବାବେଳେ ସମ୍ମୁଖରେ ହଠାତ୍ ଏକ ଗାଡି ଚାଲି ଆସିବାରୁ କାର ଚାଳକ ବ୍ରେକ ମାରିବାରୁ ରାସ୍ତା ପାର୍ଶ୍ୱରେ ଓଲଟି ପଡିଥିଲା । ଫଳରେ ଏଥିରେ ଥିବା ୨ଜଣ ମହିଳା ଓ ଜଣେ ପୁରୁଷ ଆହତ ହୋଇଥିଲେ ।

# ଯାନ୍ତ୍ରିକ ତ୍ରୁଟି ଯୋଗୁ ୨ ଘଣ୍ଟା ଅଟକି ରହିଲା ଟ୍ରେନ

**ରାଉରକେଲା ଅଫିସ, ୪। ୧୨**

ହାଓଡ଼ା –ଅହମ୍ମଦାବାଦ ଏକ୍ସପ୍ରେସରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ବୁଧବାର ସକାଳ ସାଢେ ୬ଟାରୁ ସାଢେ ୮ଟା ପର୍ଯ୍ୟନ୍ତ ରାଉରକେଲା ରେଳ ଷ୍ଟେଶନରେ ଅଟକି ରହିଥିଲା। ଟ୍ରେନ ବଗି ସଂଯୋଗ କରୁଥିବା ସ୍ପ୍ରିଙ୍ଗ ଭାଙ୍ଗିଯିବାରୁ ଏଭଳି ପରିସ୍ଥିତି ଉପୁଜିଥିଲା। ୩ ନଂ ପ୍ଲାଟଫର୍ମରୁ ଟ୍ରେନକୁ ୪ନଂକୁ ସ୍ଥାନାନ୍ତର ପରେ ଏହାର ମରାମତି କରାଯାଇ ଥିଲା। ଦୀର୍ଘ ଦୁଇ ଘଣ୍ଟା କାଳ ଗାଡି ଅଟକି ରହିବାରୁ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା।



ହାଓଡ଼ା –ଅହମ୍ମଦାବାଦ ଏକ୍ସପ୍ରେସରେ ଯାନ୍ତ୍ରିକ ତ୍ରୁଟି ଯୋଗ ରାଉରକେଲାରେ ଅଟକି ରହିଛି।

# ମହିଳା ସଶକ୍ତୀକରଣ ନେଇ ଆର୍‌ଏସ୍‌ସିର ଅଭିନବ ପରିକଳ୍ପନା

**ରାଉରକେଲା ଅଫିସ, ୪। ୧୨**

ଆସନ୍ତା ୫ରେ ଷ୍ଟଲରେ ମିଳିବ ମହିଳା ଏସଏଚଜିଙ୍କ ଦ୍ୱାରା ପ୍ରସ୍ତୁତ ଭଳିକି ଭଳି ସାମଗ୍ରୀ। ଏଥିରେ ୪୫ଟି ମହିଳା ଗୋଷ୍ଠୀ ସାମିଲ ହେବେ। ରାଉରକେଲା ମହାନଗର ନିଗମ ପକ୍ଷରୁ ଏନେଇ ଏକ ଅଭିନବ ପରିକଳ୍ପନା କରାଯାଇ କୋଏଲନଗର ଠାରେ ଶକ୍ତି ବଜାର ଖୋଲା ଯାଇଛି। ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ବିକ୍ରିବଟା ନେଇ ଏଭଳି ବଜାର ଖୋଲା ଯାଇଛି। ଆସନ୍ତା ୫ ପୂର୍ବାହ୍ନ ୧୧ଟାରେ ଏହାର ଶୁଭାରମ୍ଭ କରାଯିବ। ଏହି ଶକ୍ତି ବଜାରରେ ୪୫ଟି ଷ୍ଟଲ ଖୋଲା ଯାଇଛି। ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ଟେରାକୋଟା, ହସ୍ତଶିଳ୍ପ ସାମଗ୍ରୀ, ମସଲା, ବଡି, ପାମ୍ପଡ, ଆଚାର, ଫିନାଇଲ, ଝାଡୁ, ବିଭିନ୍ନ କିସମର ଖେଳନା, କପଡା ବ୍ୟାଙ୍ଗ ଓ ସ୍ୱାଦିଷ୍ଟ ଖାଦ୍ୟ ସାମଗ୍ରୀ ଉପଲବ୍ଧ ହେବ। ଏହି ବଜାର ପ୍ରତିଦିନ ସକାଳ ୧୦ଟାରୁ ନେଇ ରାତି ୧୦ଟା ପର୍ଯ୍ୟନ୍ତ ଖୋଲା ରହିବ। ସାଧାରଣତଃ ବିଭିନ୍ନ ଯାନିଯାତ୍ରା କିମ୍ବା ମେଳା ମହୋତ୍ସବରେ ମହିଳା ଗୋଷ୍ଠୀ ନିଜ ପ୍ରସ୍ତୁତ ସାମଗ୍ରୀ ବିକ୍ରିବଟା କରିବାକୁ ସୁଯୋଗ ପାଇଥାନ୍ତି। କିନ୍ତୁ ଶକ୍ତି ବଜାର କାର୍ଯ୍ୟକ୍ଷମ ହେବା ପରେ ଏଠାରେ ନିୟମିତ ସାମଗ୍ରୀ ବିକ୍ରି ଲାଗି ସୁବିଧା ସୃଷ୍ଟି ହେବ। ଗ୍ରାହକ ନିଜ ସୁବିଧା ମତେ ଯେକୌଣସି ସମୟରେ ଏଠାରୁ ସାମଗ୍ରୀ କ୍ରୟ କରି ପାରିବେ ବୋଲି ଆରଏମସି ପକ୍ଷରୁ କୁହାଯାଇଛି।





କୋଏଲନଗର ଠାରେ ଶକ୍ତି ବଜାର ଖୋଲା ଯାଇଛି।

# ମକୁନ୍ଦପୁର ଗ୍ରାମରେ କୁରାଳ ସୁରସେନ ଚକ୍ରପୂଜା



ପୂଜା ଉପଲକ୍ଷେ ସମୀର ରାଉତରାୟଙ୍କ ଭଜନ ପରିବେଷଣ କୁରାଳ ଚକ୍ରପୂଜାରେ ସମାଜର ଇଷ୍ଟ ଦେବୀଦେବତାଙ୍କ ବିଗ୍ରହ।

**ବଡ଼ଗାଁ, ୪।୧୨ (ଡି.ଏନ.ଏ)**

ବଡଗାଁ ବ୍ଲକ ଅନ୍ତର୍ଗତ ମକୁନ୍ଦପୁର ଗ୍ରାମରେ ଗତ ୩୦ ତାରିଖଠାରୁ ଆରମ୍ଭ ହୋଇଥିବା କୁରାଳ ସମାଜର ସୁରସେନ ଚକ୍ରପୂଜା ମଙ୍ଗଳବାର ସମାପନ ହୋଇଛି। ଆଞ୍ଚଳିକ କୁରାଳ ସମାଜ ପାମରା ଗାଦି ପରିଚାଳନା କମିଟି ଆନୁକୂଲ୍ୟରେ ଆୟୋଜିତ ଉକ୍ତ ପୂଜା କାର୍ଯ୍ୟକ୍ରମରେ ଆରଧ୍ୟ ଦେବୀଦେବତାଙ୍କ ବିଗ୍ରହ ପୂଜା ମଣ୍ଡପରେ ସ୍ଥାପନ କରି ଭକ୍ତିମୟ ପରିବେଶରେ ପୂଜକ ବୀରେନ୍ଦ୍ର ପୁରୋହିତଙ୍କ ଦ୍ୱାରା ପୂଜା କାର୍ଯ୍ୟ ହୋଇଥିଲା। ବିଷ୍ଣୁଙ୍କ ପ୍ରଦତ୍ତ ଇଷ୍ଟ ସୁରସେନ ଚକ୍ର ଏବଂ ରୁଦ୍ରପାଳ, ମାତା ରନ୍ତେଶ୍ୱରୀଙ୍କ ବିଗ୍ରହ ସ୍ଥାପନ କରାଯାଇଥିଲା । ଯଜମାନ ଦମ୍ପତୀ ଚନ୍ଦ୍ରିକା ରଣା ଓ ଚନ୍ଦ୍ରଶେଖର ରଣା କର୍ତ୍ତା ଦାୟୀତ୍ୱ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମରେ ୧୭ଟି ଗ୍ରାମର ଜାତି ସମାଜ (କୁମ୍ଭାର) ଯୋଗଦେଇଥିଲେ। ପ୍ରଥମ ଦିବସରେ ପାଲା ଗାୟିକା ନବୀନା ଓ ସାଥି ପାଲା ଓ ଦ୍ୱିତୀୟ ରଜନୀରେ ବାଇବାର ଗ୍ରାମର ସମୀର ରାଉତରାୟ, ତୁଲାଡଗା ଗ୍ରାମର ଅଶୋକ ରାଜ୍ ଭଜନ ପରିବେଷଣ କରିଥିଲେ। କୁରାଳ ଚକ୍ର ପୂଜା କମିଟିର ସଭାପତି ପରମେଶ୍ୱର ରଣା,ପାମରା ଗାଦି କମିଟି ସଭାପତି ହଳଧର ରଣା, ସମ୍ପାଦକ ସୁରେନ୍ଦ୍ର ଦାନୀ, ଉପଦେଷ୍ଟା ବୈକୁଣ୍ଠ ବେହେରା, ଯୁଗ୍ମ ସମ୍ପାଦକ କିଶୋର ରଣା ପ୍ରମୁଖ କର୍ମକର୍ତ୍ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟ ପରିଚାଳିତ ହୋଇଥିଲା। ମଙ୍ଗଳବାର ପୂର୍ଣ୍ଣାହୁତି ଦିବସରେ ସୁନ୍ଦରଗଡ ଜିଲା କୁରାଳ ସମାଜ ପରିଚାଳନା କମିଟି ସଭାପତି ରବିନ୍ଦ୍ର ରଣା, ସମ୍ପାଦକ ଦୁର୍ଗାମାଧବ ରଣା ଓ ସଭ୍ୟମାନେ ଯୋଗଦେଇଥିଲେ ।

# ବାଲିଶଙ୍କରା କୁରାଳ ସମାଜର ସୁରସେନ ଚକ୍ରପୂଜା ସମାପନ

**ବାଲିଶଙ୍କରା, ୪।୧୨ (ଡି.ଏନ.ଏ)**

ବାଲିଶଙ୍କରା ସରବାହାଲ ପଡାରେ କୁରାଳ ସମାଜ ତରଫରୁ ସୁରସେନ ଚକ୍ର ପୂଜା ୧ରୁ ଆରମ୍ଭ ହୋଇ ଦୀର୍ଘ ୩ଦିନ ଧରି ପୂଜା ଚାଲିବା ପରେ ବୁଧବାର ହୋମ ଯଜ୍ଞ କରି ପୂର୍ଣ୍ଣାହୁତି ଦେଇ ସମାପନ କରିଥିଲେ । ପ୍ରଥମ ଦିବସରେ କୁରାଳ ସମାଜର ମହିଳାମାନଙ୍କ ଦ୍ୱାରା ନିକଟତମ ପୋଖରୀରୁ କଳସ ଧାରଣ କରି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ । କର୍ତ୍ତାରୂପେ ଶ୍ୟାମଘନ ଦାନୀ ସହଧର୍ମିଣୀ ଶକୁନ୍ତଳା ଦାନୀ ତୁଲାଇଥିବା ବେଳେ ପୂଜକ ଭାବେ ଟଙ୍କଧର ପଣ୍ଡା ନିଭାଇଥିଲେ । ସହାୟତାର ହାତ ବଢ଼ାଇଥିଲେ ବାଲିଶଙ୍କରା କୁରାଳ ସମାଜର ଅର୍ଜୁନ ରଣା, ଶତ୍ରୁଘନ ରଣା, ଗୋକୁଳାନନ୍ଦ ଦାନୀ, ନିରଞ୍ଜନ ରଣା, କେଶବ ଚନ୍ଦ୍ର ରଣା ଓ ସମସ୍ତ ଗ୍ରାମବାସୀ ।



ସରବାହାଲ ପଡାରେ କୁରାଳ ସମାଜ ତରଫରୁ ସୁରସେନ ଚକ୍ର ପୂଜା।

## ସର୍ଗିପାଲିଠାରେ ମା' ଅନ୍ନପୂର୍ଣ୍ଣା ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟ

# କିଞ୍ଜିରକେଲା ଚାମ୍ପିୟନ, ରାଏବଗା ରନର୍ସଅପ୍

**ଲେଫ୍ରିପଡା,୪।୧୨(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ସର୍ଗିପାଲିଠାରେ ମା' ଅନ୍ନପୂର୍ଣ୍ଣା ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଟୁର୍ନାମେଣ୍ଟରେ ଜୟ କିଷାନ କ୍ଲବ୍ ରାଏବଗା, ରାମକୃଷ୍ଣ କ୍ଲବ୍ କରମଡିହି, ବି.କେ କ୍ଲବ୍ ଫୁଲଧୂଡି, ମା ସମଲେଶ୍ୱରୀ କ୍ଲବ ସର୍ଗିପାଲି ଏବଂ କିଞ୍ଜିରକେଲା ଫୁଟବଲ ଦଳ ଅଂଶ ଗ୍ରହଣ କରିଥିଲେ। ଏହାର ଫାଇନାଲ ଖେଳ କିଞ୍ଜିରକେଲା ଫୁଟ୍‌ବଲ ଦଳ ଏବଂ ଜୟ କିଷାନ କ୍ଲବ୍ ରାଏବଗା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କିଞ୍ଜିରକେଲା ଫୁଟ୍‌ବଲ ଦଳ ଚାମ୍ପିୟନ ଏବଂ ଜୟ କିଷାନ କ୍ଲବ ରାଏବଗା ରନର୍ସ ଅପ୍ ହୋଇଥିଲେ। ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ସର୍ଗିପାଲି ସରପଞ୍ଚ ବୀରକିଶୋର ସିଂ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଚାମ୍ପିୟନ ଏବଂ ରନର୍ସ ଅପ୍ ଦଳକୁ ଅନ୍ନପୂର୍ଣ୍ଣା ଟ୍ରଫି ଏବଂ ପୁରସ୍କାର ପ୍ରଦାନ କରିଥିଲେ। ଶ୍ରେଷ୍ଠ ଗୋଲ କିପର ଭାବେ ରାଏବଗା ଜୟ କିଷାନ୍ କ୍ଲବ୍‌ର ରାଜେଶ କିଷାନ, ଶ୍ରେଷ୍ଠ ଡିଫେଣ୍ଡର ଭାବେ କିଞ୍ଜିରକେଲା ଫୁଟ୍‌ବଲ ଦଳର ନବୀନ ଓରାମ ଏବଂ ଶ୍ରେଷ୍ଠ ଖେଳାଳି ଭାବେ ସୁଶିଲ ପ୍ରଧାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସୁଶାନ୍ତ ଷଣ୍ଡ, ନିତ୍ୟାନନ୍ଦ ମେହେର, ଭବାନୀ କିଷାନ ଏବଂ ପ୍ରଦୀପ ମାଝି ରେଫରୀ ଭାବେ ଖେଳ ପରିଚାଳନା କରିଥିଲେ।



ମା' ଅନ୍ନପୂର୍ଣ୍ଣା ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟର ଉଦ୍‌ଯାପନୀରେ ଅତିଥିଙ୍କ ସହ ଖେଳାଳି।

# ପାଇଖାନା ଛାଡି ଶୌଚାଳୟ ଯାଉଛନ୍ତି ଆର୍‌ଏସ୍‌ପି କର୍ମଚାରୀ

**ରାଉରକେଲା ଅଫିସ, ୪।୧୨**

ଗତ ୩ ମାସ ହେବ ନିଜ ଘର ପାଇଖାନା ବ୍ୟବହାର କରି ପାରୁ ନାହାଁନ୍ତି। ବ୍ୟବହାର କରି ପାରୁ ନାହାଁନ୍ତି ଫର୍ଟିଲାଇଜର ଟାଉନସିପ ଇ ବ୍ଲକର କେତେକ ପରିବାର। ଆର୍‌ଏସ୍‌ପି କର୍ମଚାରୀ କ୍ୱାର୍ଟର୍ସ ବାସିନ୍ଦା ଗଲା ୩ ମାସ ହେବ ନିଜ ଘର ପାଇଖାନା ବ୍ୟବହାର କରି ନ ପାରି ଶୌଚ ହେବାକୁ ଶୌଚାଳୟ ଯାଉଛନ୍ତି। ଏଣେ ଘରର ପାଇଖାନାରେ ଆବର୍ଜନା ପାଣି ଭାସୁଛି। ପଛ କବାଟ ଖୋଲି ବାହାରକୁ ବାହାରି ହେଉନି। ଇ ୧୭ କ୍ୱାର୍ଟର୍ସ ଠାରୁ ନେଇ ୨୮ ଘର ଯାଏ ସବୁଠି ସମାନ ଅବସ୍ଥା ରହିଥିବା ଅଭିଯୋଗ ହୋଇଛି। ଅନେକ ସମୟରେ ପାଇଖାନା ପାଣି ଘର ଭିତର ବେଡ ରୁମକୁ ଚାଲି ଆସୁଛି। ଦୁର୍ଗନ୍ଧରେ ଶୋଇ ହେଉନି। ଗତ ୩ ମାସ ହେବ ପରିବାର ଅଶାନ୍ତିରେ ରହୁଛନ୍ତି। ଶାନ୍ତିରେ ଖାଇ ପିଇ ହେଉନି। ବାରମ୍ବାର ପାଖ ମେଂଟେନାନ୍ସ ଅଫିସରେ ଅଭିଯୋଗ ସତ୍ତ୍ୱେ କିଛି ଫଳ ମିଳୁନି। ବୁଧବାର କେତେଜଣ ମହିଳା ବିଭାଗୀୟ କାର୍ଯ୍ୟାଳୟରେ ପହଞ୍ଚି ନିଜ ଦୁଃଖ ଜଣାଇ ଥିଲେ ହେଁ ସମସ୍ୟାର ସମାଧାନ ହୋଇ ପାରିନି। ଏଭଳି ଅବସ୍ଥାରେ ଘରର ପୁଅମାନେ ସାଙ୍ଗସାଥି କିମ୍ବା ଶୌଚାଳୟ ଉପରେ ନିର୍ଭର କରୁଥିବା ବେଳେ ମହିଳାମାନେ ପଡୋଶୀ ଘରେ ଯାଇ ଶୌଚ ହେଉଛନ୍ତି। ଘରେ ବାସ କରୁଥିବା ରୋଗିଣା ମହିଳାଙ୍କ ପାଇଁ ପ୍ରଦୂଷିତ ପରିବେଶ ଘାତକ ସାବ୍ୟସ୍ତ ହେବାକୁ ବସିଲାଣି। ସଂକ୍ରମଣ ଭୟରେ କ୍ୱାର୍ଟର୍ସ ବାସିନ୍ଦା ଆଶା ଆଶଙ୍କାରେ ରହିଛନ୍ତି। ଅଭିଯୋଗ ନେଇ ବରିଷ୍ଠ ଅଧିକାରୀଙ୍କ ଭୟ ଥିବାରୁ କର୍ମଚାରୀ ମୁହଁ ଖୋଲୁ ନାହାଁନ୍ତି। ଘଟଣା ସମ୍ପର୍କରେ ଆର୍‌ଏସ୍‌ପି ସୂଚନା ବିଭାଗର ଜଣେ ଅଧିକାରୀ ଅର୍ଚ୍ଚନା ସତପଥିଙ୍କୁ ପଚାରାଯିବାରୁ ସେ କହିଥିଲେ, ଏନେଇ ଆମ ପାଖରେ ଖବର ନାହିଁ। ଯଦି ଏଭଳି କିଛି ହୋଇଥାଏ ତେବେ ଆଶ୍ୟକୀୟ ପଦକ୍ଷେପ ନିଆଯିବ।



ଆର୍‌ଏସ୍‌ପି କର୍ମଚାରୀ କ୍ୱାର୍ଟର୍ସ ପଛପଟରେ ଆବର୍ଜନା ପାଣି।